
# ଉତ୍କଳ ପ୍ରସଙ୍ଗ



ଦଶହରା ବିଶେଷାଙ୍କ


INDIA AFRICA


विकास राज्य
1984
NCE OF STATE MINISTERS OF RURA
September, 1984
VIGYAN BHAV

# ଉତ୍କଳ ପ୍ରସଙ୍ଗ

ଆଶ୍ୱିନ/କାର୍ତ୍ତିକ ୧୯୦୬ ଶକାବ୍ଦ ୪୨ ଖଣ୍ଡ ୨/୩ ସଂଖ୍ୟା ସେପ୍ଟେମ୍ବର/ଅକ୍ଟୋବର, ୧୯୮୪

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରଥଗୁରୁ

ସହ ସମ୍ପାଦକ: ସହରକ୍ଷ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ସୁରେନ୍ଦ୍ର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ସଜ୍ଜା ଶିଳ୍ପୀ

ଶ୍ରୀ ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଉତ୍କଳ ପ୍ରସଙ୍ଗ


## ସୂଚୀପତ୍ର


| | | |
|---|---|---|
| ଓଡ଼ିଆ ଚଳଚ୍ଚିତ୍ର | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଗଣତନ୍ତ୍ର ରାଷ୍ଟ୍ରରେ ପୁଲିସର କର୍ତ୍ତବ୍ୟ | ଶ୍ରୀ ଶ୍ୟାମ ସୁନ୍ଦର ପାଢ଼ୀ | ୪ |
| ପାରିପାର୍ଶ୍ୱିକ ସଚେତନତା | ଶ୍ରୀ ସାତକଡ଼ି ହୋତା | ୭ |
| ମାତୃ ବିଭୂତି | ଶ୍ରୀ ଚନ୍ଦ୍ରଶେଖର ରଥ | ୧୧ |
| ରାମାୟଣରେ ଶକ୍ତିବାଦ | ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର | ୧୩ |
| ଓଡ଼ିଶାରେ ଯୋଗିନୀ ଉପାସନା | ଶ୍ରୀ ଗଣେଶ ପ୍ରସାଦ ପରିଜା | ୧୫ |
| ସପ୍ତଶତୀ ଚଣ୍ଡି : ଏକ ତାତ୍ତ୍ୱିକ ସମୀକ୍ଷା | ପଣ୍ଡିତ ରମାକାନ୍ତ କର | ୨୧ |
| ଆମ ଐତିହ୍ୟରେ ଶାମୁକା | ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି | ୨୫ |
| ପ୍ରଧାନମନ୍ତ୍ରୀଙ୍କ ବିଂଶସୂତ୍ରୀ ଓ ସମବାୟ | ଶ୍ରୀ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ | ୨୭ |
| ଆରକ୍ଷ ଶକ୍ତିରୂପିଣୀ | ଶ୍ରୀ ସୁରେନ୍ଦ୍ର କୁମାର ଭୂୟାଁ | ୩୧ |
| ଦୁର୍ଗା ପୂଜା | ଶ୍ରୀ ପଙ୍କଜ ସାହୁ | ୩୫ |
| ଓଡ଼ିଶାରେ ନାରୀଶିକ୍ଷା | ଶ୍ରୀ ନୃସିଂହ ପ୍ରସାଦ ଦେବ | ୪୩ |
| ଦୁଇଟି ଅମର ଆତ୍ମାର ସ୍ମୃତି ତର୍ପଣ | ଶ୍ରୀ ରଘୁନାଥ ପାତ୍ର | ୪୫ |
| ଓଡ଼ିଆ ଚଳଚ୍ଚିତ୍ରରେ ପଚାଶ ବର୍ଷ | ଶ୍ରୀ ରଣଧୀର ଦାସ | ୫୧ |
| ପ୍ରକୃତ ଜ୍ଞାନ | ଅଞ୍ଜଳି ଦାଶ | ୫୭ |
| ଓଡ଼ିଶାର ସଂସ୍କୃତି ଓ ସାହିତ୍ୟକୁ କଳାହାଣ୍ଡିର ଦାନ | ଶ୍ରୀ ମହେନ୍ଦ୍ର ମିଶ୍ର | ୫୯ |
| ଜଳରେ ଗୃଷ | ଶ୍ରୀ ରହାସ ରାୟ | ୬୪ |
| ପଞ୍ଚାୟତିରାଜ ଓ ବିଂଶସୂତ୍ରୀ | ଶ୍ରୀ ଜଗନ୍ନାଥ ଷଡ଼ଙ୍ଗୀ | ୬୭ |
| ମାଛ ଯାଆଁଳ : ସମସ୍ୟା ଓ ସମାଧାନ | ଶ୍ରୀ ହରିଶଙ୍କର ବଡ଼ପଣ୍ଡା | ୭୩ |
| ପର୍ଯ୍ୟଟକଙ୍କ ନନ୍ଦନବନ : ନୃସିଂହ ନାଥ | ଶ୍ରୀ ବିରଞ୍ଚି ମିଶ୍ର | ୭୭ |
| ଓଳାସୁଣୀର ଅରକ୍ଷିତ ଦାସ | ଶ୍ରୀ ଉଦ୍ଧବ ଚରଣ ନାୟକ | ୭୯ |
| ସେମାନେ ପୁଣି ଟେଲିଭିଜନ ଦେଖିବେ | ଶ୍ରୀ ସଂଜୟ କୁମାର ପ୍ରଧାନ | ୮୩ |
| ପ୍ରଗତି ପ୍ରସଙ୍ଗ | | ୮୫ |




ମଧ୍ୟେ ସୁଧାବ୍ଧି ମଣିମଣ୍ଡପ ରତ୍ନବେଦୀ
ସିଂହାସନୋ ପରିଗତାଂ ପରିପୀତବର୍ଣ୍ଣାଂ ।
ପୀତାମ୍ବରାଂ କନକଭୂଷଣମାଲ୍ୟଶୋଭାଂ
ଦେବୀଂ ସ୍ମରାମି ଧୃତମୁଦ୍ଗର ବୈରିଜିହ୍ୱାଂ ॥

14



ରଘୁପତି ରାଘବ ରାଜାରାମ .....





# ଓଡ଼ିଆ ଚଳଚ୍ଚିତ୍ର

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ପ୍ରଗତିର ରଥଚକ୍ର ଗଡ଼ି ଚାଲିବା ବେଳେ ପରଂପରାକୁ ସ୍ମରଣ କରିବା ବାଞ୍ଛନୀୟ । ଓଡ଼ିଆ ଚଳଚ୍ଚିତ୍ରର ବିଗତ ୫୦ ବର୍ଷର ଇତିହାସରେ ମୋହନ ଗୋସ୍ୱାମୀ ପ୍ରଥମେ ଓଡ଼ିଆ ଚଳଚ୍ଚିତ୍ରକୁ ଓଡ଼ିଶାର ଜନସାଧାରଣଙ୍କ ଆଗରେ ପରିଚିତ କରାଇଥିଲେ ଏବଂ ଜଣେ ପ୍ରଧାନ ଦିଗ୍‌ଗଜ ରୂପେ ନିଜର ସମସ୍ତ ଶକ୍ତି ସେଥିପାଇଁ ନିୟୋଜିତ କରିଥିଲେ । ଆଜି ଆମେ ସମସ୍ତେ ସେହି ମହାନ ଆତ୍ମା ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

୧୯୩୧ ମସିହାରେ ଭାରତବର୍ଷରେ ପ୍ରଥମେ ନିର୍ବାକ ଚଳଚ୍ଚିତ୍ର ଆରମ୍ଭ ହୋଇଥିଲା । ଏହାର ମାତ୍ର ତିନିବର୍ଷ ମଧ୍ୟରେ ଓଡ଼ିଶାର ବିଶିଷ୍ଟ କଳାପ୍ରେମୀ ଶ୍ରୀ ମୋହନ ଗୋସ୍ୱାମୀ ତାଙ୍କର ସମସ୍ତ ଅର୍ଥ ଓ ଶକ୍ତି ନିୟୋଜିତ କରି "ସୀତା ବିବାହ" ଓଡ଼ିଆ ଚଳଚ୍ଚିତ୍ର ଆରମ୍ଭ କରିଥିଲେ । ଭାରତବର୍ଷରେ ଏ କ୍ଷେତ୍ରରେ ଯେଉଁ ଦିଗ୍‌ଗଜମାନେ ସେମାନଙ୍କର କୃତିତ୍ୱ ଦେଖାଇ ଯାଇଛନ୍ତି, ସେମାନଙ୍କ ମଧ୍ୟରେ ଅନ୍ୟତମ ଭାବରେ ସେ ଆଜି ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି ଏବଂ ଓଡ଼ିଆ ଜାତିର ଗର୍ବ ଓ ଗୌରବକୁ ପ୍ରସ୍ଥାପନ କରିଛନ୍ତି । ସେ ଦୃଷ୍ଟିରୁ ଓଡ଼ିଶାର ଚଳଚ୍ଚିତ୍ର ଜଗତରେ ସେ ଆମ୍ଭମାନଙ୍କର ପ୍ରାତଃ ସ୍ମରଣୀୟ । "ସୀତା ବିବାହ" ଚଳଚ୍ଚିତ୍ର କେବଳ ଓଡ଼ିଆ ଚଳଚ୍ଚିତ୍ର ଇତିହାସ ନୁହେଁ, ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଇତିହାସରେ ପ୍ରକୃତ ମାଇଲ ସ୍ତମ୍ଭ ହୋଇ ରହିଛି । ଏହି ଚଳଚ୍ଚିତ୍ର ଓଡ଼ିଆ ଚଳଚ୍ଚିତ୍ରର ଅଙ୍କୁରୋଦ୍‌ଗମ ରୂପେ ଆତ୍ମ ପ୍ରକାଶ କରିଥିଲା । ତେଣୁ ଇତିହାସରେ ଏହି ଚଳଚ୍ଚିତ୍ର ସହ ପ୍ରଯୋଜକ ମୋହନ କୁମାର ଗୋସ୍ୱାମୀଙ୍କ ନାମ ଚିରକାଳ ଲାଗି ଅକ୍ଷୟ ହୋଇ ରହିବ ।

ଓଡ଼ିଆ ଚଳଚ୍ଚିତ୍ର ହିନ୍ଦି ଚଳଚ୍ଚିତ୍ର ବା ଦକ୍ଷିଣଭାରତର ଚଳଚ୍ଚିତ୍ର ଗୁଡ଼ିକ ପରି ଲାଭଦାୟକ ନୁହେଁ । ତେଣୁ ଏ କ୍ଷେତ୍ରରେ କେବଳ କଳାର ପ୍ରାଣତା ପାଇଁ କୌଣସି ଲାଭାଂଶକୁ ଅପେକ୍ଷା ନ କରି ଯେଉଁମାନେ ନିଜର ସମସ୍ତ ଅର୍ଥ ଶକ୍ତି ନିୟୋଜିତ କରୁଛନ୍ତି, ସେମାନେ ଆମର ଧନ୍ୟବାଦାର୍ହ । କାରଣ ସେମାନଙ୍କର ପ୍ରଚେଷ୍ଟା ବିନା କଳା କ୍ଷେତ୍ରରେ ଏ ଦିଗଟି ଆଦୌ ଉନ୍ନତିମନ୍ତ ହୋଇପାରି ନ ଥାନ୍ତା । ଚଳଚ୍ଚିତ୍ର କ୍ଷେତ୍ରରେ ଯେଉଁମାନେ ଅଗ୍ରଣୀ ଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଓଡ଼ିଆ ଚଳଚ୍ଚିତ୍ରକୁ ଭାରତୀୟ ଚଳଚ୍ଚିତ୍ର ଜଗତରେ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ । ସଂସ୍କୃତ ଚଳଚ୍ଚିତ୍ର "ଆଦି ଶଙ୍କରାଚାର୍ଯ୍ୟ"କୁ ଛାଡ଼ିଦେଲେ ଓଡ଼ିଆ ଚଳଚ୍ଚିତ୍ର "ମାୟାମିରିଗ" ଆଜି ଭାରତବର୍ଷରେ ଏକ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ପ୍ରତିପାଦିତ ହୋଇଛି ଏବଂ ଓଡ଼ିଆ ଚଳଚ୍ଚିତ୍ର "ନୀରବ ଝଡ଼" ଭାରତର ପ୍ରାଦେଶିକ ଚଳଚ୍ଚିତ୍ରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଚଳଚ୍ଚିତ୍ର କ୍ଷେତ୍ରରେ ଭାରତରେ ଓଡ଼ିଶାକୁ ଏକ ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ପଡ଼ିବ ଏବଂ ସେଥିପାଇଁ ଓଡ଼ିଆରେ ବହୁ ଚଳଚ୍ଚିତ୍ର ନିର୍ମାଣ ହେବା ଦରକାର ।

ବିଗତ ଦୁଇଦଶନ୍ଧି ପୂର୍ବେ ଓଡ଼ିଶାର ଆଞ୍ଚଳିକ ଚଳଚ୍ଚିତ୍ର ଶିଳ୍ପର ବିକାଶ ଘଟାଇବା ଏକ ସ୍ୱପ୍ନ ସଦୃଶ ଅନୁଭୂତ ହୋଇଥିଲା । କିନ୍ତୁ ଆଜି ଓଡ଼ିଆ ଚଳଚ୍ଚିତ୍ରର ମାନ ସର୍ବ ଭାରତୀୟ ସ୍ତରରେ ବିଶେଷ ଖ୍ୟାତି ଲାଭ କରି ପାରିବା ସଙ୍ଗେ ସଙ୍ଗେ ଓଡ଼ିଆ ଚଳଚ୍ଚିତ୍ରର କଳା ନୈପୁଣ୍ୟ ଓ ଶିଳ୍ପସ୍ୱାତନ୍ତ୍ର୍ୟ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ନିକଟରେ ଉଚ୍ଚକୋଟୀର ବୋଲି ବିବେଚିତ ହୋଇଛି ।

ଚଳଚ୍ଚିତ୍ରକୁ ରାଜ୍ୟ ସରକାର ଏକ ଶିଳ୍ପରୂପେ ଘୋଷଣା କରିଛନ୍ତି । ସମଗ୍ର ଭାରତବର୍ଷରେ ଓଡ଼ିଶା ପ୍ରଥମେ ଚଳଚ୍ଚିତ୍ରକୁ ଶିଳ୍ପ ବୋଲି ଘୋଷଣା କରିଛି । ଶିଳ୍ପ ରୂପେ ଘୋଷଣା କରିବା ପରେ ଚଳଚ୍ଚିତ୍ରକୁ ଯେଉଁସବୁ ସାହାଯ୍ୟ ମିଳିବା ଆବଶ୍ୟକ ଓଡ଼ିଶା ସରକାର ତାହା କରୁଛନ୍ତି । ମାତ୍ର କୋଡ଼ିଏ ଭାଗ ସମ୍ବଳ ବିନିଯୋଗ କରି ଯେଉଁମାନେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆଗେଇ ଆସୁଛନ୍ତି, ସେମାନଙ୍କୁ ଅବଶିଷ୍ଟ ଅଶିଭାଗ ବ୍ୟାଙ୍କ୍



**ଚଳଚ୍ଚିତ୍ର ଶିଳ୍ପୀ ଶ୍ରୀ ଶ୍ରୀରାମ ପଣ୍ଡାଙ୍କୁ ପୁରସ୍କାର ପ୍ରଦାନ**

ଭଗିଆରେ ଏବଂ ସବ୍‌ସିଡି ଆକାରରେ ଦିଆଯାଉଛି । ଏପରିକି, ପାଞ୍ଚଲକ୍ଷ ଟଙ୍କା ସାହାଯ୍ୟ ଦିଆଯିବା ପାଇଁ ବ୍ୟବସ୍ଥା ହୋଇଛି ଏବଂ ସଫ୍ଟ ଲୋନ୍ ପାଇଁ ପଦକ୍ଷେପ ନିଆଯାଇଛି ।

ଚଳଚିତ୍ର ନିର୍ମାଣ ସହିତ ଏହାର ପ୍ରଦର୍ଶନର ସୁବିଧା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେଥିପାଇଁ ବହୁ ସଂଖ୍ୟାରେ ପ୍ରେକ୍ଷାଳୟ ନିର୍ମାଣ କରାଯିବା ଆବଶ୍ୟକ । ପ୍ରେକ୍ଷାଳୟଗୁଡ଼ିକ ଯଦି କେତେକ ବଡ଼ ବଡ଼ ସହରରେ ନିବଦ୍ଧ ହୋଇ ରହିବ, ତା ହେଲେ ଅଧିକ ଲୋକ ଚଳଚିତ୍ର ଦେଖି ପାରିବେ ନାହିଁ । ସେଥିପାଇଁ ଗ୍ରାମାଞ୍ଚଳରେ ଯେପରି ଅଧିକରୁ ଅଧିକ ପ୍ରେକ୍ଷାଳୟ ନିର୍ମାଣ କରାଯାଇ ପାରିବ ସେ ଉଦ୍ଦେଶ୍ୟରେ ସମସ୍ତ ପ୍ରକାର ସାହାଯ୍ୟ ବ୍ୟାଙ୍କରୁ ଏବଂ ରାଜ୍ୟ-ସରକାରଙ୍କ ପକ୍ଷରୁ ଦିଆଯାଉଛି । ୧୯୭୯ ମସିହା ଶେଷସୁଦ୍ଧା ଓଡ଼ିଶାରେ ମାତ୍ର ୧୧୭ଟି ପ୍ରେକ୍ଷାଳୟ ନିର୍ମିତ ହୋଇଥିଲା । ଏହା ପରଠାରୁ ୩ ବର୍ଷ ମଧ୍ୟରେ ୭୧ଟି ନୂତନ ପ୍ରେକ୍ଷାଳୟ ନିର୍ମାଣ କରାଯାଇଛି ଏବଂ ଆଗାମୀ ବର୍ଷେ ଦୁଇବର୍ଷ ମଧ୍ୟରେ ଏହା ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଏ । ବିଶେଷ କରି ଗ୍ରାମାଞ୍ଚଳ ଓ ନଗରାଞ୍ଚଳରେ ସ୍ୱଳ୍ପ ବ୍ୟୟରେ ଚଳଚିତ୍ର ପ୍ରେକ୍ଷାଳୟ ନିର୍ମାଣ ପାଇଁ ବେସରକାରୀ ଶିଳ୍ପୋଦ୍ୟୋଗୀମାନଙ୍କୁ ରାଜ୍ୟ ସରକାର ଆର୍ଥିକ ସାହାଯ୍ୟ ଓ ଗ୍ୟାରେଣ୍ଟି ଦେଇ ଆସୁଛନ୍ତି ।

**ଚଳଚ୍ଚିତ୍ର ଶିଳ୍ପୀ ଶ୍ରୀ ଉତ୍ତମ ମହାନ୍ତିଙ୍କୁ ପୁରସ୍କାର ପ୍ରଦାନ**





ଓଡ଼ିଶାରେ ଗୋଟିଏ ଅତ୍ୟାଧୁନିକ ଚଳଚ୍ଚିତ୍ର ଷ୍ଟୁଡ଼ିଓ ଓ ଲାବୋରେଟୋରୀ ପ୍ରତିଷ୍ଠା କରିବା ବିଷୟ ଦୀର୍ଘଦିନ ଧରି ସ୍ୱପ୍ନ-ତୁଲ୍ୟ ପ୍ରତୀୟମାନ ହେଉଥିଲା । ସୁଖର କଥା, ଭୁବନେଶ୍ୱର ନିକଟରେ ପ୍ରାକୃତିକ ଦୃଶ୍ୟସମ୍ଭାର ପରିବେଷ୍ଟିତ ଐତିହାସିକ ପୁଣ୍ୟଭୂମି ଉପରେ ପଚିଶ ଏକର ଜମିରେ ମନୋରମ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା କରାଯିବା ଫଳରେ ଆମର ସ୍ୱପ୍ନ ବାସ୍ତବ ରୂପ ନେଇଛି । ଏହି ଷ୍ଟୁଡ଼ିଓଟିର ନିର୍ମାଣ କାର୍ଯ୍ୟ ମାତ୍ର ଦେଢ଼ ବର୍ଷ ସମୟ ମଧ୍ୟରେ ଶେଷ ହୋଇଛି । ବାହାର ରାଜ୍ୟର ବହୁ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଆସି ଏହି ଷ୍ଟୁଡ଼ିଓର ଉଚ୍ଚ ପ୍ରସଂଶା କରିଛନ୍ତି । ରଙ୍ଗୀନ ଚଳଚ୍ଚିତ୍ର ନିର୍ମାଣ ପାଇଁ ଏହି ଷ୍ଟୁଡ଼ିଓରେ ଯାହା ଆବଶ୍ୟକ, ତାର ମଧ୍ୟ ବ୍ୟବସ୍ଥା କରାଯାଉଛି । ଏହି ଷ୍ଟୁଡ଼ିଓଟି ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଏବଂ ଏଠାରେ ଶୀତତାପ ନିୟନ୍ତ୍ରିତ ଷ୍ଟେରୋ-ଫୋନିକ୍ ରେକର୍ଡ଼ିଂ ବ୍ୟବସ୍ଥା ସହ ଶୁଟିଂ ପ୍ରଡ଼କ୍‌ସନ ଫ୍ଲୋର ଓ ଚିତ୍ର ଉତ୍ତୋଳନ ପାଇଁ ଅନ୍ୟାନ୍ୟ ବହୁ ସୁବିଧା ସୁଯୋଗ ରହିଛି, ଯାହାକି ପଡ଼ୋଶୀ ରାଜ୍ୟଗୁଡ଼ିକରେ ମିଳୁଥିବା ସୁବିଧା ସୁଯୋଗ ଅପେକ୍ଷା ଅନେକ ଗୁଣରେ ଅଧିକ ।

ନିକଟରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ପଚାଶ ବର୍ଷ କିଛି କମ୍ ସମୟ ନୁହେଁ କିନ୍ତୁ ଆଜିର ଦୁନିଆରେ ପଚାଶ ବର୍ଷ ମଧ୍ୟ ଅଳ୍ପ ସମୟ । ଆଉ ଦଶ ବର୍ଷ ପରେ ଯେତେବେଳେ ହୀରକ ଜୁବୁଲି ଉତ୍ସବ ପାଳନ କରାଯିବ, ଆମେ ସେତେବେଳେ ଗର୍ବରେ ମଥା ଟେକି କହି ପାରିବା ଯେ ଓଡ଼ିଆ ଚଳଚ୍ଚିତ୍ର ଭାରତ-ବର୍ଷରେ ତା'ର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି ।

[ *ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣରୁ ]

ମୁଖ୍ୟ ସଂପାଦକ





ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ

# ଗଣତନ୍ତ୍ର ରାଷ୍ଟ୍ରରେ ପୋଲିସର କାର୍ଯ୍ୟ

ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ

ଗଣତନ୍ତ୍ର ଓ ସ୍ୱାଧୀନତା ଏ ଦୁଇଟି ଏତେ ବେଶୀ ସଂପୃକ୍ତ ଯେ, ଗୋଟିକୁ ବାଦ୍ ଦେଲେ ଅନ୍ୟଟି ନିରର୍ଥକ ମନେ ହୁଏ । ସେହିପରି ଗଣତନ୍ତ୍ର ରାଷ୍ଟ୍ରର ଶାସନ ବ୍ୟବସ୍ଥାରେ ପୋଲିସ ସଂସ୍ଥାର ଆବଶ୍ୟକତା ଓ ଉପଯୋଗିତା ଏତେ ବେଶୀ ପରସ୍ପର ନିର୍ଭରଶୀଳ ଯେ, ସେଥିରୁ ଗୋଟିକୁ ବାଦ ଦେଲେ ଅନ୍ୟଟି ପରିପୂର୍ଣ୍ଣ ହୋଇ ପାରିବ ନାହିଁ । କାରଣ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ପୁଲିସର ଭୂମିକା କେବଳ ଗତାନୁଗତିକ ପୁଲିସ ଆଇନ ଅନୁଯାୟୀ ସୀମିତ ଭାବିବା ଠିକ୍ ନୁହେଁ, ବରଂ ଗଣତନ୍ତ୍ର ରାଷ୍ଟ୍ରରେ ସୁସ୍ଥ ସାମାଜିକ ଜୀବନର ବିକାଶ ଓ ପ୍ରତିଷ୍ଠା ଦିଗରେ ପୁଲିସ ସଂସ୍ଥାର ଦାୟିତ୍ୱ ଖୁବ୍ ବେଶୀ ଅନୁଭୂତ ହୁଏ । ଅଥଚ ଅପର ପକ୍ଷରେ ଏକଛତ୍ରାଧିପତ୍ୟ ଶାସନ ବ୍ୟବସ୍ଥାରେ ପୁଲିସ ସଂସ୍ଥା ଜନକଲ୍ୟାଣ ଓ ନିରାପତ୍ତା ପାଇଁ ଯେତେ ବେଶୀ ଦାୟୀ ନ ହୁଏ, ସେତେବେଳେ ସବୁ ରାଷ୍ଟ୍ରୀୟ କ୍ଷମତା ଓ ପ୍ରତିପତ୍ତି ଜାହିର କରିବା ଦିଗରେ ଉନ୍ମୁଖ ହୁଏ ।

ସୁତରାଂ ଗଣତନ୍ତ୍ର ରାଷ୍ଟ୍ରରେ ପୋଲିସ ଯଥା ସମ୍ଭବ ମୁକ୍ତ, ନିରପେକ୍ଷ ସଙ୍ଗଠନ ଭାବେ ସମାଜର ଶାନ୍ତି ଓ ନିରାପତ୍ତା ପାଇଁ ଦାୟୀ ବୋଲି ମନେ କରାଯାଏ । ଆତ୍ମବିକାଶ ଓ ଆତ୍ମନିୟନ୍ତ୍ରଣ ଦିଗରେ ସ୍ୱତନ୍ତ୍ର ଭାବେ ତାଲିମ ପ୍ରାପ୍ତ, ଶୃଙ୍ଖଳିତ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିବା ପାଇଁ ପୋଲିସ ପ୍ରତିଶ୍ରୁତିବଦ୍ଧ । ଏହା ଅବଶ୍ୟ ଆମ ପକ୍ଷରେ ଗ୍ରହଣ କରିବା ସହଜ ନୁହେଁ । କାରଣ ପୋଲିସ ପ୍ରତି ଆମର ମନୋଭୂମି ଜାତୀୟ ଅବଚେତନ ଇଲାକାରେ ଜମାଟ ବାନ୍ଧିଥିବା ସେହି ଅନ୍ଧକାର ଯୁଗର ଅର୍ଥାତ୍ ଶହ ଶହ ବର୍ଷ ଧରି ପରାଧୀନତା ଓ ସାମ୍ରାଜ୍ୟ ବାଦୀ ସନ୍ତ୍ରାସବାଦୀ ଶୋଷଣ ଓ ଅତ୍ୟାଚାରର କବଳିତ କୁ ସଂସ୍କାରଗୁଡ଼ିକରୁ ଏବେ ସୁଦ୍ଧା ସଂପୂର୍ଣ୍ଣ ମୁକ୍ତ ହୋଇ ନାହିଁ । ସେଥିପାଇଁ ଆମକୁ ଆଜି ସ୍ୱାଧୀନତାର ଚିରନ୍ତନ ଆଦର୍ଶ ଓ ମୂଲ୍ୟବୋଧ ସଂକ୍ରାନ୍ତରେ ଅଧିକରୁ ଅଧିକ ସଚେତନ ହେବାକୁ ପଡ଼ିବ ଏବଂ ପୋଲିସ ଯେ ଗଣଚେତନାର ପ୍ରବାହ ଭିତରେ ଏକ ଗତିଶୀଳ ଶକ୍ତି, ଯାହା ସମଗ୍ର ସମାଜର ଭାରସାମ୍ୟ ରକ୍ଷା ଦିଗରେ ଏକ କବଚ ରୂପି କାର୍ଯ୍ୟ କରିବା ଉଚିତ୍—ଏ ବିଷୟଟିକୁ ସ୍ୱୀକୃତି ଦେବାକୁ ପଡ଼ିବ ।

ତେଣୁ ମନେରଖିବାକୁ ହେବ, ପୋଲିସ ଯେ କେବଳ ସରକାରୀ ବଳପ୍ରୟୋଗ ପାଇଁ ସଙ୍ଗଠିତ ଶକ୍ତି, ଏକଥା ଗଣତନ୍ତ୍ର ରାଷ୍ଟ୍ରରେ ଆଦୌ ସଙ୍ଗତ କି ବାଞ୍ଛନୀୟ ମଧ୍ୟ ନୁହେଁ । କାରଣ ଗଣତନ୍ତ୍ରରେ "ବହୁଜନ ସୁଖାୟ, ବହୁଜନ ହିତାୟ" ଆଦର୍ଶଟିକୁ କାର୍ଯ୍ୟକାରୀ କରିବାପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ । ସଂଯତଭାବରେ ମତ ପ୍ରକାଶ କରିବା, ଆପତ୍ତି ଅଭିଯୋଗ କରିଆରେ ଉପଯୁକ୍ତ ଫୋରମରେ ପ୍ରତିକାର ଦାବି କରିବା ହେଉଛି ଗଣତନ୍ତ୍ର ଶାସନର ବିଶେଷତ୍ୱ । ସର୍ବପ୍ରଥମେ ପରସ୍ପର ସମ୍ବେଦନଶୀଳ ଓ ସହଯୋଗାତ୍ମକ ମନୋଭାବ ପ୍ରକାଶ କରିବା ହେଉଛି ଗଣତନ୍ତ୍ର ଆଦର୍ଶର ଏକ କାର୍ଯ୍ୟକାରୀ ଧାରା । ଏଥିରେ ପୁଲିସ ସଂସ୍ଥାକୁ ଏହାର ସମସ୍ତ ପ୍ରକାର ବ୍ୟତିକ୍ରମ ଯୋଗୁଁ ବିଦ୍ୱେଷ, ହିଂସା, ଉତ୍ତେଜନା ଓ ଯଦୃଚ୍ଛାଚାରିତାର ପ୍ରତିରୋଧ କରିବା ପାଇଁ ଆହ୍ୱାନ ଆସିଥାଏ । ସେଥିପାଇଁ ହୁଏତ ସାମୟିକ ଅସଙ୍ଗତ ଓ ଅସନ୍ତୋଷର ବଶବର୍ତ୍ତୀ ହୋଇ କେତେକ ପୋଲିସ ବିରୋଧ ମନସ୍ତତ୍ତ୍ୱ ଗଠନ କରନ୍ତି । କିନ୍ତୁ ଏହା ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ସ୍ୱାଧୀନତା ସଂପର୍କିତ ମୂଲ୍ୟବୋଧର ଅବମୂଲ୍ୟାୟନ କରେ ଏବଂ ସ୍ୱେଚ୍ଛାଚାରକୁ ପ୍ରଶ୍ରୟ ଦେଇ ସାମାଜିକ ଶାନ୍ତି ଓ ନିରାପତ୍ତାକୁ ବିପନ୍ନ କରିବାକୁ ଇନ୍ଧନ ଯୋଗାଏ ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ପୋଲିସ ସଂସ୍ଥା ଗଣତନ୍ତ୍ର ଶାସନର ଏକ ବଳିଷ୍ଠ ଆୟୁଧ ଓ ଅପରିହାର୍ଯ୍ୟ ଆବଶ୍ୟକତା ଭାବେ ଅନୁଭୂତ, କାରଣ ପରିବର୍ତ୍ତିତ ପରିସ୍ଥିତିରେ ପୋଲିସ କହିଲେ ଗୋଟାଏ ଶୃଙ୍ଖଳିତ, ସଙ୍ଗଠିତ, ସୁସ୍ଥ ଓ ମାର୍ଜିତ ପ୍ରତିରୋଧ ଶକ୍ତି ବୋଲି ବୁଝିବା ଉଚିତ୍ । କିନ୍ତୁ ଏକଛତ୍ରବାଦୀ ଶାସନ ବ୍ୟବସ୍ଥାରେ ପୋଲିସ ଗୋଟିଏ ହିଂସ୍ର, ଉନ୍ମାଦ ଅତ୍ୟାଚାରୀ ଶକ୍ତି ଭାବେ ଭୟ ଓ ଘୃଣାର କାରଣ ହୋଇ ଦେଖାଦିଏ । ଆମ ଚତୁଃପାର୍ଶ୍ୱ ରାଷ୍ଟ୍ରମାନଙ୍କରେ (ଚୀନ, ପାକିସ୍ଥାନ, ବଙ୍ଗଳାଦେଶ) ଏଭଳି ପ୍ରତିକ୍ରିୟାର ଉଦାହରଣ ବିରଳ ନୁହେଁ ।

ସୌଭାଗ୍ୟକୁ ଆମ ଦେଶ ଗଣତନ୍ତ୍ର ବ୍ୟବସ୍ଥାକୁ ଦୀର୍ଘ ୩୭ ବର୍ଷ ରାଷ୍ଟ୍ରୀୟ ଜୀବନର ମାର୍ଗ ଭାବେ ଗ୍ରହଣ କରି

ଆସିଛି ଓ ସେହି ବ୍ୟବସ୍ଥାର ସୁରକ୍ଷା ଓ ସଫଳ ପ୍ରୟୋଗ ପାଇଁ ପୋଲିସ ସଂସ୍ଥାକୁ ସୁଦୃଢ଼, ସୁସଂଗଠିତ, ସୁସଜ୍ଜିତ ଓ ପୁନର୍ଗଠନ କରିବା ପାଇଁ ସରକାରଙ୍କ ତରଫରୁ ଉଦ୍ୟମ ହେଉଛି, କିନ୍ତୁ ତାହା ଯେତେ ବ୍ୟାପକ ଓ କ୍ଷିପ୍ର ହେବ, ସେତେ ବେଶୀ ଗଣତନ୍ତ୍ରର ସଫଳତା ଓ ମର୍ଯ୍ୟାଦା ମିଳିବ । ଆନନ୍ଦର କଥା ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶର ବିଭିନ୍ନ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶେଷ କରି ସାଂପ୍ରଦାୟିକ ଦଙ୍ଗା-ଗୋଳ, ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୃଷ୍ଟି ହୋଇଥିବା ନାନା ଅପ୍ରତ୍ୟାଶିତ ଓ ଅଭାବନୀୟ ଜାତୀୟ ସଙ୍କଟ ବେଳେ ପୋଲିସ ସଂସ୍ଥାକୁ ଯେଉଁଳି ସଂଯତ ଭାବେ କାର୍ଯ୍ୟାନୁଷ୍ଠାନ ପାଇଁ ପରିଶୃଙ୍ଖଳିତ କରୁଛନ୍ତି ସେଥିରେ ପୋଲିସ ବାହିନୀ ଯେଉଁଳି ଏକନିଷ୍ଠ ଆନ୍ତରିକତା ପ୍ରକାଶ କରି ଦେଶର, ଅଖଣ୍ଡତା, ସାମାଜିକ ନିରାପତ୍ତା ଓ ମାନବିକ ସମସ୍ୟାବଳୀର ସମାଧାନରେ ସହଯୋଗ କରିଛନ୍ତି, ତାହାମଧ୍ୟ ଉଲ୍ଲେଖଯୋଗ୍ୟ ଓ ସନ୍ତୋଷଜନକ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏଣୁ ଗଣତନ୍ତ୍ର ରାଷ୍ଟ୍ରରେ ପୁଲିସ ସଂସ୍ଥାକୁ କେବଳ ଗୋଟିଏ ଅପରାଧ ନିବାରଣକାରୀ ଅସ୍ତ୍ର ଭାବରେ ଗ୍ରହଣ କରାଯିବ, ତା ନୁହେଁ, ବରଂ ଗଣତନ୍ତ୍ରର ଅସଲ ଉଦ୍ଦେଶ୍ୟ ସହିତ ସଂପୃକ୍ତ ରହି, ସ୍ୱାଧୀନତା ଓ ଶାନ୍ତିପାଇଁ ବ୍ୟାପକ ଦୃଷ୍ଟିରୁ ନିଜର କର୍ତ୍ତବ୍ୟ ସଂପାଦନରେ ଅଗ୍ରଣୀ ହେବାକୁ ପଡ଼ିବ । ଯେପରି ଜଣେ ଇଞ୍ଜିନିୟର, ବୈଜ୍ଞାନିକ, ଆଇନଜ୍ଞ, ପ୍ରଶାସକ, ଶିକ୍ଷାବିତ୍ ନିଜ ନିଜର ବୃତ୍ତିରେ ସମଗ୍ର ଜୀବନବୋଧ ସହିତ ଜଡ଼ିତ ରହିଛନ୍ତି, ସେହିପରି ପୋଲିସ ଏକ ସଂସ୍କୃତି ଓ ଚେତନାର ଅନୁବର୍ତ୍ତୀ ଉପାସକ ଭାବେ ଦେଶର ସେବା ପାଇଁ ସଂକଳ୍ପ-ବଦ୍ଧ ହେବା ଉଚିତ୍ । ଆଜି ଦେଶ ବିଭିନ୍ନ କାରଣରୁ ଗୋଟିଏ ଅନିଶ୍ଚିତ ପରିସ୍ଥିତି ଭିତରକୁ ଯେତେବେଳେ ଠେଲି ହୋଇପଡ଼ିବାକୁ ବସିଛି, ସେତେବେଳେ ପୋଲିସ୍ ବାହିନୀ ସବୁ କ୍ଷେତ୍ରରେ ଯେ କୌଣସି ଅବସ୍ଥାରେ ଆଥାନ୍ତୁ ନାହିଁକି, ସତର୍କ ରହିବା ଉଚିତ୍—ଯେପରି ବହୁକଷ୍ଟ ଅର୍ଜିତ ସ୍ୱାଧୀନତା ବିପନ୍ନ ନ ହୁଏ କି ବିକୃତ ନହୁଏ । ଖାଲି ସେତିକି ନୁହେଁ, ସମାଜର ନାନା ସହଜାତ ଦୁଃଖ ଦୁର୍ଗତି ନିରାକାରଣ ଦିଗରେ ପୋଲିସର ଯେଉଁ ମାନବିକ ଦାୟିତ୍ୱ ନିହିତ, ତାକୁ କେବେବି କୌଣସି ସରକାର ଏଡ଼େଇ ଦେଇ ପାରିବେ ନାହିଁ । ତେଣୁ ପୋଲିସ ସଂସ୍ଥାକୁ ଯେତେ ବେଶୀ ପରିମାର୍ଜିତ ଓ ପରିପୁଷ୍ଟ କରିବା କଥା ଓ କରାଯାଇ ପାରିବ, ସେତେ ବେଶୀ ରାଜନୈତିକ ସ୍ଥିରତା ଓ ସାମାଜିକ ଅଗ୍ରଗତିକୁ ବଜାୟ ରଖାଯାଇ ପାରିବ ଏବଂ ଶାନ୍ତି ଶୃଙ୍ଖଳାର ବାତାବରଣକୁ ଅନୁଭବ କରାଯାଇ ପାରିବ ।

ପୁଲିସ ଡାଇରେକ୍ଟର ଜେନେରାଲ,
ଓଡ଼ିଶା, କଟକ ।



କଟକର ପ୍ରସିଦ୍ଧ ଚାନ୍ଦି ମେଢ଼



ମାଗଣା ଭେଟି!
ଗ୍ଲୁକନ-ଡି ର ତତ୍‌କ୍ଷଣିକ
ଶକ୍ତି ସାଥିରେ ଗୋଟିଏ
Glucon-D
ଆକର୍ଷକ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚ
ନିତିଦିନିଆ ତତ୍‌କ୍ଷଣାତ ଶକ୍ତି ଦେଉଥିବା ଆପଣଙ୍କ ପ୍ରିୟ ପାନୀୟ ସମରସ କରିବା ପାଇଁ ଏହି ଚକଚକିଆ ଷ୍ଟେନ୍‌ଲେସ ଷ୍ଟୀଲ ଚାମଚଟି ୪୦୦ ଗ୍ରାମ୍ ଗ୍ଲୁକନ-ଡି ପ୍ୟାକ ସହିତ—ମାଗଣା।
ସତେଜତା, ଶୀତଳତା ଆଉ ଶକ୍ତି-ପ୍ରଦାୟକ ଗ୍ଲୁକନ-ଡି—ଭିଟାମିନ ଡି, କ୍ୟାଲସିୟମ ଆଉ ଫସ୍‌ଫରସ୍ ଭଳି ଗୁଣରେ ଗୁଣଶାଳୀ। ଯେ କୌଣସି ପାନୀୟରେ ଗୋଳେଇ ସମରସ କରନ୍ତୁ—ଫଳରସ, ଦୁଧ, ଚାହା, କଫି, ପାଣି। କେବଳ ସାଧା ବି ନେଇପାରିବେ—ହେଲେ ପ୍ରତ୍ୟେକଥର ବ୍ୟବହାର କରନ୍ତୁ ଗ୍ଲୁକନ-ଡି'ର ବିଶେଷ ଭେଟି ଚାମଚ!
Glucon-D
Glucose-D
FREE
Stainless steel spoon
INGREDIENTS
Glucon-D
Glucon-D Instant Energy for the Family
୪୦୦ ଗ୍ରାମ୍'ର ପ୍ୟାକ ଉପରେ ଏହି ଭେଟି ବିବରଣ ଦେଖନ୍ତୁ
ତତ୍‌କ୍ଷଣାତ ଶକ୍ତି ଯୋଗାଏ—ଗ୍ଲୁକନ-ଡି
ସୀମିତ ଷ୍ଟକ କେବଳ ବଡ଼ ବଡ଼ ସହରରେ।
ଉତ୍ତମ ସ୍ୱାସ୍ଥ୍ୟର ଉତ୍ସ ଗ୍ଲାକ୍ସୋ

# ପାରିପାର୍ଶ୍ୱିକ ସଚେତନତା

ଶ୍ରୀ ସାତକଡ଼ି ହୋତା

ପାରିପାର୍ଶ୍ୱିକ ପରିଛନ୍ନତା ଉପରେ ଆମର ସୁସ୍ଥ ସାମାଜିକ ଜୀବନ ଏବଂ ନିରାମୟ ଜୀବନ ନିର୍ଭରଶୀଳ । ଆମେ ଯେଉଁ ପରିବେଶରେ କାର୍ଯ୍ୟ କରୁ ଓ ଆତଯାତ ହେଉଁ ତାହା ଯଦି ନିର୍ମଳ ନ ରହେ ଏବଂ ସେଠାରେ ଯଦି ଆଲୋକ ଓ ବାୟୁ ସ୍ୱଚ୍ଛନ୍ଦରେ ପ୍ରବାହିତ ହୋଇ ନ ପାରନ୍ତି ତାହେଲେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ । ଅସ୍ୱାସ୍ଥ୍ୟକର ଏବଂ ଅପରିଷ୍କାର ପରିବେଶ କାର୍ଯ୍ୟ ପାଇଁ ଅନୁକୂଳ ନୁହେଁ । ମନକୁ ସଚେତନ ଓ ଶାନ୍ତ ରଖିବାରେ ଏହା ସାହାଯ୍ୟ କରିପାରେ ନାହିଁ । ମଣିଷ ଯେତେ ଯେତେ ଆଧୁନିକ ହେଉଛି ପ୍ରକୃତି ସହିତ ତାର ସଂପର୍କ ସେହି ପରିମାଣରେ ବିଚ୍ଛିନ୍ନ ହୋଇ ଯାଉଛି । ପ୍ରକୃତି ସମଗ୍ର ପରିବେଶକୁ ନେଇ ଗଠିତ । ଗ୍ରହ ନକ୍ଷତ୍ରଠାରୁ ଆରମ୍ଭ କରି ପାଣି, ପବନ, ଆଲୋକ, ପଶୁପକ୍ଷୀ, ପ୍ରାଣୀ ଉଦ୍ଭିଦ ଓ ଜଡ଼ ଜଗତ ଏହାର ଅନ୍ତର୍ଗତ । ଏହି ବିଶ୍ୱ ବ୍ରହ୍ମାଣ୍ଡ ଗୋଟିଏ ସ୍ୱୟଂସଂପୂର୍ଣ୍ଣ ପରିବେଶ ଭିତରେ ଆତଯାତ ହେଉଛି । ଏହି ସ୍ୱୟଂସଂପୂର୍ଣ୍ଣ ପରିବେଶଟି ସର୍ବଦା କ୍ରିୟାଶୀଳ ଏବଂ ଏହାର ନିଜସ୍ୱ ସ୍ୱୟଂକ୍ରୀୟ ସୃଜନୀ ଓ ସଂଶୋଧନ ଶକ୍ତି ରହିଅଛି, ଯାହା କି ସୃଷ୍ଟି କରିବାକୁ ଯେପରି ସମର୍ଥ ତାକୁ ରକ୍ଷା କରିବାରେ ମଧ୍ୟ ସେହିପରି ସମର୍ଥ । ପୁଣି ଯଦି କୌଣସି କାରଣରୁ ଏହି ପ୍ରକ୍ରିୟା ବାଧା ପ୍ରାପ୍ତ ହୁଏ ତାହେଲେ ସ୍ୱୟଂ ସଂପୂର୍ଣ୍ଣ ପରିବେଶ ନିଜର ସ୍ୱୟଂକ୍ରୀୟ ଶକ୍ତି ଦ୍ୱାରା ତାହାର ସଂଶୋଧନ କରିଥାଏ । ତେଣୁ ଲକ୍ଷ ଲକ୍ଷ ବର୍ଷ ଧରି ମଣିଷ ଓ ପ୍ରାଣୀମାନେ ଏହି ପୃଥିବୀରେ ବସବାସ କରିବାରେ ବାଧା ଉପୁଜି ନାହିଁ ବରଂ ପୃଥିବୀ ସର୍ଜନାର ମୂଳଭୂମି ହୋଇ ରହିଛି ।

କିନ୍ତୁ କ୍ରମଶଃ ପ୍ରକୃତିର ଏହି ସ୍ୱୟଂସଂପୂର୍ଣ୍ଣ ଅବସ୍ଥାଟି ବିପନ୍ନ ହୋଇଛି । ତେଣୁ ଏଥିରେ କୌଣସି ଅସମତୁଲ ଅବସ୍ଥା ବା ତ୍ରୁଟିକୁ ସଂଶୋଧନ କରିବାର ଯେଉଁ ସ୍ୱୟଂକ୍ରୀୟ ପ୍ରକ୍ରିୟାଟି ଅଛି ତାହା ସଠିକ ଭାବରେ କାର୍ଯ୍ୟ କରୁନାହିଁ । ପ୍ରକୃତି କହିଲେ କେବଳ ଗଛବୃଛକୁ ବୁଝାଏ ନାହିଁ । ସମଗ୍ର ଈଶ୍ୱରସୃଷ୍ଟ ପୃଥିବୀ ହିଁ ପ୍ରକୃତି । ପୃଥିବୀ ପୃଷ୍ଠରେ ପ୍ରକୃତିର ବିକାଶ ଏକାଦିନକେ ହୋଇନାହିଁ । ଏଥିପାଇଁ ଲକ୍ଷ ଲକ୍ଷ ବର୍ଷର ବିବର୍ତ୍ତନ କାର୍ଯ୍ୟ କରିଛି । ପ୍ରାଣୀ ଜଗତର ସୁଖ ଓ ସମୃଦ୍ଧି ନିମନ୍ତେ ପ୍ରକୃତି ନିଜକୁ ନିୟୋଜିତ କରେ କିନ୍ତୁ ଯଦି ପ୍ରାଣୀମାନେ ପ୍ରକୃତିକୁ ନଷ୍ଟ କରିବାର କାରଣ ହୁଅନ୍ତି ତା ହେଲେ ପ୍ରାଣୀମାନେ ତଦ୍ଦ୍ୱାରା ନିଜର ସର୍ବନାଶକୁ ମଧ୍ୟ ଡାକି ଆଣନ୍ତି । ପ୍ରାଣୀ ଜଗତର ରାଜା ହେଉଛି ମଣିଷ । କାରଣ ମଣିଷର ବିବେକ, ବିଚାରଶକ୍ତି ଓ ବୁଦ୍ଧି ଅଛି ଯାହାକି ଅନ୍ୟମାନଙ୍କର ନାହିଁ । ମଣିଷ ହାତରେ ଭଗବାନ ପ୍ରକୃତିର ସମସ୍ତ ଐଶ୍ୱର୍ଯ୍ୟକୁ ଅର୍ପଣ କରି ତାକୁ ଏକ ଗୁରୁ ଦାୟିତ୍ୱ ଦେଇଛନ୍ତି । ସେହି ଦାୟିତ୍ୱଟି ହେଉଛି ସେ କେବଳ ନିଜର ସୁରକ୍ଷା ପାଇଁ ସଚେତନ ନ ହୋଇ ସମଗ୍ର ପ୍ରକୃତି ଓ ଏପରିବେଶର ସୁରକ୍ଷା ସକାଶେ ସଚେତନ ଓ ତତ୍ପର ରହିବ ଏବଂ ସୃଷ୍ଟିର ବିକାଶକୁ ବିଘ୍ନିତ ନ କରି ତାକୁ ସୁହାଇବା ଭଳି କାର୍ଯ୍ୟ କରିବ । କିନ୍ତୁ କାଳକ୍ରମେ ମଣିଷ ତାର ସାମାଜିକ ଭୂମିକା ଏବଂ ଦାୟିତ୍ୱ ଭୁଲିଯିବାରୁ ଏବଂ ନିଜର ସୁରକ୍ଷା ନିମନ୍ତେ ଅତ୍ୟାଧିକ ସଚେତନ ହେବାରୁ ସ୍ୱାର୍ଥପର ହୋଇ ପଡ଼ିଲା ଏବଂ ସେହି ସ୍ୱାର୍ଥ ରକ୍ଷା ନିମନ୍ତେ ଅନ୍ୟମାନଙ୍କର ସ୍ୱାର୍ଥକୁ ନିର୍ବିଚାରରେ ହ୍ରାସ ବା ଧ୍ୱଂସ କରି ନିଜକୁ ଭୋକ୍ତା ଭାବରେ ପ୍ରତିଷ୍ଠିତ କଲା । ମଣିଷ ଓ ପ୍ରକୃତି ମଧ୍ୟରେ ଖାଦକ ଓ ଖାଦ୍ୟର ସଂପର୍କ ସ୍ଥାପିତ ହେବାରୁ ପ୍ରକୃତି ସ୍ୱାର୍ଥାନ୍ୱେଷୀ ମଣିଷର କବଳରେ ପଡ଼ି ନିଜର ଐଶ୍ୱର୍ଯ୍ୟ ହରାଇବାକୁ ଲାଗିଲା ଏବଂ ପ୍ରକୃତି ଭିତରେ ସମଗ୍ର ଜଗତର ଅଭିବୃଦ୍ଧି ନିମନ୍ତେ ଯେଉଁ ସ୍ୱୟଂକ୍ରୀୟ ସଂଶୋଧନୀ ଶକ୍ତିଟି ଥିଲା ତାହା ନଷ୍ଟ ହେବାକୁ ଲାଗିଲା ।

## କାହିଁ ଟସ ଭୂମି ?

ଏହି କାରଣରୁ ଆଜି ମଣିଷର ଭାଗ୍ୟ ବିପର୍ଯ୍ୟୟ ଘଟିଛି ଏବଂ ତାର ଭବିଷ୍ୟତ କୁହେଳିକାଛନ୍ନ ହୋଇ ଉଠିଛି । ମଣିଷ ଯେ ପ୍ରକୃତିଠାରୁ ବିଚ୍ଛିନ୍ନ ନୁହେଁ ଏବଂ ପ୍ରାଣୀ ଜଗତର ଅଂଶ ବିଶେଷ ଏହା ବୁଝି କାର୍ଯ୍ୟ କରିବାର ସମୟ ଆସିଛି । ଗତ ସୁଦ୍ଧା ଶତ ମଧ୍ୟରେ ମଣିଷ ନିଜର ପାର୍ଥିବ ସୁଖ ଓ ସମୃଦ୍ଧି ପାଇଁ ଯେପରି ନୃଶଂସ ଭାବରେ ପ୍ରକୃତି ଓ ପ୍ରାଣୀ ଜଗତର ଅନିଷ୍ଟ ସାଧନ କରିଛି ତାହା ତାକୁ ଭସ୍ମାସୁରରେ ପରିଣତ କରିବାକୁ ବସିଲଣି । ଭସ୍ମାସୁର ଶିବଙ୍କ ବଳରେ ବଳିୟାନ ହୋଇ ଶେଷରେ ତାଙ୍କରି ମଥା ଉପରେ ହାତ ରଖି ତାଙ୍କୁ ଭସ୍ମ କରିବାକୁ ସଂକଳ୍ପ କରି ଶେଷରେ ଯେପରି ନିଜେ ଧ୍ୱଂସ ହେଲା, ତାହା ଖାଲି ପୁରାଣର ଏକ ମନଗଢ଼ା କାହାଣୀ ନୁହେଁ–ତାହା ସମସ୍ତଙ୍କୁ ପ୍ରତୀକ ଭାବରେ ଯୁଗ ଯୁଗ ଧରି ଶିକ୍ଷା ଦେବା ନିମନ୍ତେ ଅଭିପ୍ରେତ । ମଣିଷ ଯଦି

ନିଜକୁ ରକ୍ଷା କରି ସୁଖୀ ହେବାକୁ ଚାହେଁ ତା ହେଲେ ସେ ଭସ୍ମାସୁରର ଭୂମିକା ଗ୍ରହଣ ନ କରି ସୃଷ୍ଟିର ସହାୟକ ହେବାଭଳି ଏକ ସର୍ଜନାତ୍ମକ ଭୂମିକା ଗ୍ରହଣ କରୁ । ଏହି ପରିପ୍ରେକ୍ଷୀରେ ଏହି ପ୍ରବନ୍ଧର ଅବତାରଣା ।

ପରିବେଶ ଏବଂ ପାରିପାର୍ଶ୍ୱିକ ଅବସ୍ଥା ସବୁବେଳେ ମଣିଷକୁ କାର୍ଯ୍ୟ କରିବାରେ ଶକ୍ତି ଏବଂ ତାର ବିଶ୍ରାମ ଓ ନିରାମୟ ଜୀବନ-ଯାପନ ପାଇଁ ଉପାଦାନ ଯୋଗାଇ ଆସିଛି । କିନ୍ତୁ ସ୍ୱାର୍ଥାନ୍ଧ ମଣିଷ ତାର ଉତ୍ସକୁ ଧ୍ୱଂସ କରିବାକୁ ବସିଛି । ଅରଣ୍ୟ ଛାରଖାର ହୋଇ ଗଲଣି, ପଶୁପକ୍ଷୀ ଓ ପ୍ରାଣୀ ଜଗତ ମଧ୍ୟ ନଷ୍ଟ ହୋଇ ଆସିଲଣି, ନଦୀ, ନାଳ, ହ୍ରଦ ଓ ପୁଷ୍କରିଣୀ ଓ ସମୁଦ୍ରର ଜଳ ଦୂଷିତ ହୋଇଗଲାଣି, ସୂର୍ଯ୍ୟାଲୋକ ଓ ବାୟୁ ମଧ୍ୟ ଆଉ ନିର୍ମଳ ହୋଇ ରହିନାହିଁ । ମଣିଷ ସଭ୍ୟ ହେବାକୁ ଯାଇ ଅଧିକ ନୃଶଂସ , ବର୍ବର, ସ୍ୱାର୍ଥପର ଓ ପରଶ୍ରୀକାତର ହୋଇଛି । ଫଳରେ ଗୋଟିକ ପରେ ବିଶ୍ୱଯୁଦ୍ଧ ବା ଆଞ୍ଚଳିକ ଯୁଦ୍ଧ ଲାଗି ରହିଛି । ଆଜି ବି ଯଦି ସେ ସତର୍କ ନ ହୁଏ ଏବଂ ଦକ୍ଷେ ଚିନ୍ତା ନ କରେ ତାହେଲେ ଭସ୍ମାସୁର ପରି ନାଶ ହୋଇଯିବ ।

## ପ୍ରକୃତିର ସୁରକ୍ଷା

ପୂର୍ବରୁ କହିଛି ଯେ ପ୍ରକୃତି ଏକ ସ୍ୱୟଂସଂପୂର୍ଣ୍ଣ ପରିବେଶର ସମଷ୍ଟି । ତେଣୁ ପ୍ରକୃତି ସୁରକ୍ଷିତ ନ ରହିଲେ ମଣିଷ ମଧ୍ୟ ସୁସ୍ଥ ଏବଂ ସୁରକ୍ଷିତ ରହିବ ନାହିଁ । ମଣିଷର ନିରାମୟ ଓ ସମୃଦ୍ଧ ଜୀବନ ଏକ ସମତୁଲ ପ୍ରାକୃତିକ ପରିବେଶ ଉପରେ ନିର୍ଭର କରେ । ମଣିଷ ବଞ୍ଚିବ । ଅନ୍ୟ ପ୍ରାଣୀମାନେ ବି ବଞ୍ଚିବେ । ଉଦ୍ଭିଦ ଓ ଜୀବ ଜଗତ ମଧ୍ୟ ବଞ୍ଚିବ । ଏହି ବଞ୍ଚିବାଟି ସାମଗ୍ରିକ ଭାବରେ ହେବ ଏବଂ ଗୋଟିକୁ ଛାଡ଼ି ଆଉ ଗୋଟିଏ ତିଷ୍ଠିବା ପାଇଁ ଚେଷ୍ଟା କରିବ ନାହିଁ । ଅରଣ୍ୟ ରହିବ । ଗଛବୃକ୍ଷ, ଫୁଲ ଫଳ ରହିବ । ନଦୀ ନାଳ ହ୍ରଦ ଓ ସମୁଦ୍ର ରହିବ । କ୍ଷେତ ଖମାର ବି ରହିବ । ପଶୁ ପକ୍ଷୀ ବି ରହିବେ । ପ୍ରକୃତିର ସ୍ୱୟଂ-ସଂପୂର୍ଣ୍ଣ ସୃଜନଶୀଳ ଶକ୍ତିର ଭାରସାମ୍ୟ ନଷ୍ଟ କରା ନ ଗଲେ ତା' ଭିତରେ ଯେଉଁ ସଂଶୋଧନୀ ଏବଂ କ୍ରୀୟାଶୀଳ ଶକ୍ତି କାର୍ଯ୍ୟ କରେ ତାହା ଅକ୍ଷୁର୍ଣ୍ଣ ରହିବ । ଏହି ଶକ୍ତି ପରିବେଶର ସ୍ୱଚ୍ଛନ୍ଦତାକୁ ରକ୍ଷା କରିବ ଏବଂ ଯେଉଁ ଶକ୍ତି ଏଥିରେ ବିଘ୍ନ ସୃଷ୍ଟି କରିବ ତାର ବିନାଶ କରିବ ।

କିନ୍ତୁ ପରିତାପର ବିଷୟ ଏହି ଯେ ପ୍ରାକୃତିର ଏହି ସଂଶୋଧନୀ ଏବଂ ସୃଜନୀଶକ୍ତିକୁ ମଣିଷ ନଷ୍ଟ କରିବାକୁ ବସିଛି । ସେ ବାଡ଼ି ବଗିଚାକୁ ବି ସବୁଜିମାହୀନ କରି ସାରିଲଣି । ଦୂର ପର୍ବତ ଆଉ ଆକର୍ଷଣ କରୁନି ଆଖିକୁ । କୁମ୍ଭାଟୁଆ, କାଠଖୁମ୍ପା ଚଢ଼େଇ ବା କୋଇଲି ଦେଖିବାକୁ ମିଳୁ ନାହାନ୍ତି ସର୍ବତ୍ର । ଗଭୀର ଅରଣ୍ୟରେ ବି ଅଜଗର ବା ବାଘଟିଏ ଦୁଷ୍ପ୍ରାପ୍ୟ ହୋଇ ଉଠିଲଣି । ନଦୀ ପାଣିରେ କଳକାରଖାନାର ଦୂଷିତ ପାଣି ମିଶିବା ଦ୍ୱାରା ବା ପୁଷ୍କରିଣୀରେ ମଳମୂତ୍ର ତ୍ୟାଗ କରିବା ଦ୍ୱାରା ତାହା ଦୂଷିତ ହୋଇ ନାନାଦି ରୋଗ ସୃଷ୍ଟି କରିବାର କାରଣ ହେଉଛି । ସମୁଦ୍ରର ଜଳକୁ ବି ଦୂଷିତ କରି ଦିଆଗଲଣି । ଆମ ଚତୁଃପାର୍ଶ୍ୱରେ ଯେଉଁ ବାୟୁ ମଣ୍ଡଳ ଅଛି ତାହା ଶିଳ୍ପାୟନ ଯୋଗୁଁ ଦୂଷିତ । ସଭ୍ୟତାର ଦୌଡ଼ ପିଟି ଯେଉଁ ମୋଟର ଗାଡ଼ି ବା ରେଳଗାଡ଼ି ଧୂଆଁ ଛାଡ଼ି ଯାଉଛି ବା କଳକାରଖାନାର ଧୂଆଁ ଉପରକୁ ଉଠୁଛି ତାହା ଯେ ଶୁଦ୍ଧ ବାୟୁ ମଣ୍ଡଳକୁ ବିଷାକ୍ତ କରିବାର କାରଣ ହେଉଛି ଏହା ସମସ୍ତେ ଜାଣିବା ଆବଶ୍ୟକ । ସେଥିରେ ସାଧାରଣ ବ୍ୟକ୍ତିର ଅବଦାନ ଅତି ସୀମାବଦ୍ଧ ହୋଇଥିବା ସ୍ଥଳେ ନିଜ ଘରି ପାଖର ପରିବେଶଟିକୁ ଶୁଦ୍ଧ ଓ ନିର୍ମଳ ରଖିବାର ଦାୟିତ୍ୱ ଆମ୍ଭ-ମାନଙ୍କର । କିନ୍ତୁ ଦୁଃଖର ବିଷୟ ଏହି ଯେ ଏହି ଦାୟିତ୍ୱବୋଧ ଆମ୍ଭମାନଙ୍କ ମଧ୍ୟରେ ନ ଥିବାରୁ ଏବଂ ନାଗରିକମାନଙ୍କର ସଚେତନ କ୍ରୀୟାଶୀଳତା ଅଭାବରୁ ଆମର ସୀମିତ ପରିବେଶଟି ମଧ୍ୟ ନଷ୍ଟ ହେବାକୁ ବସିଲଣି । ଅରଣ୍ୟ ନଷ୍ଟ ହୋଇ ଯିବାରୁ କେବଳ ବର୍ଷା କମିଯାଉ ନାହିଁ ଏହା ମୃତ୍ତିକା କ୍ଷୟ ଓ ବନ୍ୟାର କାରଣ ହେଉଛି ପ୍ରତିବର୍ଷ ମରୁଭୂମି ବଢିବାରେ ଲାଗିଛି ଏବଂ ଅରଣ୍ୟ ସଂପଦର ସୁରକ୍ଷା ଓ ବିକାଶ ନ କଲେ ସଭ୍ୟତା ମଧ୍ୟ ବିପନ୍ନ ହେବ ।

ପାରିପାର୍ଶ୍ୱିକ ସଚେତନତାବୋଧ ଅତ୍ୟନ୍ତ ପ୍ରୟୋଜନ । ପାରିପାର୍ଶ୍ୱିକ ସଚେତନତା ସୃଷ୍ଟି କରିବା ଦ୍ୱାରା ନାଗରିକମାନଙ୍କର କ୍ରିୟା କଳାପରେ ଆତ୍ମ ସଂଶୋଧନ ଶକ୍ତି ମଧ୍ୟ ଜାଗ୍ରତ ହେବ ଏବଂ କାହାର ଉପଦେଶ ବା ନିର୍ଦ୍ଦେଶକୁ ଅପେକ୍ଷା ନ କରି ନାଗରିକମାନେ ବ୍ୟକ୍ତିଗତ ତଥା ସାମୁହିକ ଭାବରେ ନିଜର ପାରିବେଶିକ ନିର୍ମଳତା ପ୍ରତି ଧ୍ୟାନ ଦେବେ ।

## ଘରଟି ସଜାଡ଼ି ରଖ

ପ୍ରଥମରେ ଆମ ନିଜ ନିଜର ବାସଗୃହ ବିଷୟରେ ଆଲୋଚନା କରାଯାଉ । ବାସଗୃହଟି ପ୍ରତି ଆମର ମମତା ଅନେକ ଏବଂ ଏହା ଆମର ସଂସ୍କୃତି ଗତ । ଗୃହାରମ୍ଭ ଓ ଗୃହ ପ୍ରବେଶ ଆରମ୍ଭରେ ପୂଜା କରାଯାଇ ଇଷ୍ଟଦେବ ଏବଂ ଈଶ୍ୱରଙ୍କର ଆଶୀର୍ବାଦ କାମନା କରାଯାଏ । ପୁଣି ସକଳ ସୁଖ ଦୁଃଖର ମୂକସାକ୍ଷୀ ଏହି ବାସ-ଗୃହ । ଏହି ବାସଗୃହ ପୁରୁଷ ପରେ ପୁରୁଷର କ୍ରିୟା ବା ଅକ୍ରିୟାର ମୂକସାକ୍ଷୀ । ଏଥି ସକାଶେ ବାସଗୃହ ମନ୍ଦିର ସଦୃଶ । ମନ୍ଦିରରେ ବିଗ୍ରହ ପୂଜା ପାଆନ୍ତି । ବାସଗୃହ ମଣିଷର ଆରାଧନା ଓ ଉଦ୍ୟମ କ୍ଷେତ୍ର । ତେଣୁ ବାସଗୃହ ଏବଂ ଚତୁଃପାର୍ଶ୍ୱର ପାରିପାର୍ଶ୍ୱିକ ଅବସ୍ଥା ନିର୍ମଳ ରହିବା ବାଂଛନୀୟ । ଏବେ ହିସାବ କରି ଦେଖାଯାଇଛି ଯେ ପ୍ରତିଦିନ ପ୍ରତିଘରୁ ଯେଉଁ ପରିମାଣରେ ଛିଣ୍ଡା କାଗଜ, ପରିବା ଚୋପା, ପାଉଁଶ ଓ ଅନ୍ୟାନ୍ୟ ଉଚ୍ଛିଷ୍ଟ ବା ନଷ୍ଟ ଦ୍ରବ୍ୟ ବାହାରକୁ ଫୋପାଡ଼ି ଦିଆଯାଏ ତାହା ଗୋଟିଏ ସ୍ଥାନରେ ଯଦି ପ୍ରତିଦିନ ଠୁଳ କରାଯାଏ, କଟକପରି ସହରର ସବୁ ଆବର୍ଜନା ବର୍ଷକ ମଧ୍ୟରେ ଗୋଟିଏ ଛୋଟ ପାହାଡ଼ ଆକାର ଧାରଣ କରିବ । ଏହି ଆବର୍ଜନାର ନିଷ୍କାସନ ମ୍ୟୁନିସପାଲିଟିର ଦାୟିତ୍ୱ ହୋଇ ପାରେ, କିନ୍ତୁ ସେହି ଦାୟିତ୍ୱ ନାଗରିକମାନଙ୍କୁ ମଧ୍ୟ ବହନ କରିବାକୁ ହେବ । ସହର ବା ଗ୍ରାମ ହେଉ ନିଜ ଘରର ଆବର୍ଜନାକୁ ନିୟମିତ ଭାବରେ ପରିଷ୍କାର କରି ଗୋଟିଏ ସ୍ଥାନରେ ରଖିଲେ ମ୍ୟୁନିସପାଲିଟି ତାହା ପରିଷ୍କାର କରିବେ ଏବଂ ଗ୍ରାମର ମଇଳା ଖତରେ ପରିଣତ କରାଯାଇ ପାରେ । ପୂର୍ବ କାଳରେ ଘରର ଲିପା ପୋଛା ଗୃହିଣୀମାନେ କରୁଥିଲେ । ଏବେ ଚାକରମାନେ କରନ୍ତି । ଚାକର ନ ଆସିଲେ କାମ ବନ୍ଦ । ଏହିକାମଟି ନିଜର ଭାବି ସମସ୍ତେ ଗୃହର ନିର୍ମଳତା ରକ୍ଷା କରିବାର ଦାୟିତ୍ୱ ବହନ କରିବା ଉଚିତ୍ । ଘର ଭିତରେ ଅନାବଶ୍ୟକ ଆସବାବପତ୍ର, ଅବ୍ୟବହୃତ ପୁରୁଣା ଜିନିଷ ଠୁଳ ନ କରିବା ସର୍ବାଦୌ ଆବଶ୍ୟକ । ଏହା କଲେ ଘର ଭିତରେ ଚଳ ପ୍ରଚଳ

ପାଇଁ ଅଧିକ ସ୍ଥାନ ମିଳିବ, ଘରକୁ ଭଲ ଭାବରେ ପରିଷ୍କାର କରାଯାଇ ପାରିବ ଏବଂ ଘର ଭିତରେ ବାୟୁ ଓ ଆଲୋକ ଚଳ ପ୍ରଚଳରେ ବାଧା ରହିବ ନାହିଁ । ଏହା କରିବା ଦ୍ୱାରା ପ୍ରକୃତିର ସଂଶୋଧନୀ ଶକ୍ତିଟି କ୍ରିୟାଶୀଳ ହୋଇ ଘର ଭିତରୁ ମଶା, ମାଛି, ପୋକ ଓ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରିବ । ସେହିପରି ମଳମୂତ୍ର ନିଷ୍କାସନ, ଲୁଗା ଓ ବାସନ କୁସନ ସଫା କରିବା ପ୍ରଭୃତି କାମ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱାସ୍ଥ୍ୟରକ୍ଷା ପଦ୍ଧତି ଅନୁସାରେ କରିବା ଦରକାର । ସ୍ୟାନିଟାରୀ ପାଇଖାନାର ବହୁଳ ପ୍ରଚଳନ ସର୍ବାଦୌ ପ୍ରୟୋଜନ । ଏହା ଦ୍ୱାରା ପୋଖରୀ, ନଦୀର ଜଳ ଶୁଦ୍ଧ ରହି ପାରିବ । ଘର ଚାରିପାଖରେ ଥିବା ଜମିର ସୁବିନିଯୋଗ କରିବା ଉଚିତ୍ ଏବଂ ଫୁଲ ଓ ଫଳ ଗଛ ବ୍ୟତୀତ ପର୍ଯ୍ୟାପ୍ତ ସ୍ଥାନ ଥିଲେ ଛାୟାଦାନ କରୁଥିବା ଗଛ ମଧ୍ୟ ଲଗାଯାଇ ପାରେ । ଆମ ସଂସ୍କୃତିରେ ଗଛର ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି । ଭୂମି, ଜଳ, ବାୟୁ, ଆଲୋକର ମଧ୍ୟ ରହିଛି । ସମସ୍ତେ ସେଥିପ୍ରତି ସଜାଗ ରହିବା ଦ୍ୱାରା ଏହି କାର୍ଯ୍ୟଟି ସାଧିତ ହୋଇ ପାରିବ ।

## ଅଫିସ ଏକ ମନ୍ଦିର

ଏହା ପରେ ଅଫିସ ବିଷୟ ବିଚାରକୁ ନିଆଯାଉ । ଗୃହ ଯେପରି ଗାର୍ହସ୍ଥ୍ୟ ଧର୍ମ ପାଳନ କରିବାର କେନ୍ଦ୍ରସ୍ଥଳ ଅଫିସ ସେହିପରି କାର୍ଯ୍ୟରତ ମଣିଷର ଲୀଳାଭୂମି । ଅଫିସ ମଧ୍ୟ ଗୋଟିଏ ମନ୍ଦିର । ଆମ ସଂସ୍କୃତି ଓ ପରମ୍ପରାରେ କର୍ତ୍ତବ୍ୟ ଓ କାର୍ଯ୍ୟର ମର୍ଯ୍ୟାଦା ସର୍ବଦା ପ୍ରଶଂସିତ । ଯେଉଁଠାରେ ଭଲ କାର୍ଯ୍ୟ ହୁଏ ସେଠାରେ ଈଶ୍ୱର ପ୍ରକଟ ହୁଅନ୍ତି ବୋଲି ଶାସ୍ତ୍ର କହିଛି । କିନ୍ତୁ ଅଫିସଗୁଡ଼ିକୁ ଦେଖିଲେ ମନରେ ଅବସାଦ ଓ ନୈରାଶ୍ୟ ହୁଏ । କାର୍ଯ୍ୟ କରିବାର ଏହା କେନ୍ଦ୍ରସ୍ଥଳ ହୋଇଥିଲେ ମଧ୍ୟ ଏଥିରେ ପ୍ରେରଣା ପାଇବା ଭଳି କୌଣସି ଉପାଦାନ ନଥାଏ । ଅଫିସ କହିଲେ ଅନେକ ବୁଝନ୍ତି ଏହା ଏକ ଜୀର୍ଣ୍ଣ ପୁରାତନ ଅରକ୍ଷିତ ଆସବାବ ପତ୍ର ଓ ଫାଇଲ ପରିପୂର୍ଣ୍ଣ ସ୍ଥାନ । ଏଠାରେ ଇଚ୍ଛାନୁସାରେ ପାନପିକ, ଛିଣ୍ଡା କାଗଜ, କାଳି ବା ଅନ୍ୟ କିଛି ପରିତ୍ୟକ୍ତ ବସ୍ତୁ ପକାଯାଇ ପାରେ । ଏହାର ପରିଷ୍କାର ପରିଚ୍ଛନ୍ନତା ଲାଗି ସଫାଇବାଲା ଥିଲେ ମଧ୍ୟ ଅଫିସର ସୌନ୍ଦର୍ଯ୍ୟ, ସୁରକ୍ଷା ଏବଂ ପାରିପାର୍ଶ୍ୱିକ ସ୍ୱଚ୍ଛନ୍ଦତା ଯେପରି କାହାରି ଦାୟିତ୍ୱ ନୁହେଁ । ଭଙ୍ଗା ଚେୟାର, ଟେବୁଲ, ଅଳନ୍ଧୁ ଓ ଧୂଳି ଭିତରେ ପଡ଼ିରହେ, ଶହ ଶହ ପରିତ୍ୟକ୍ତ ଅବ୍ୟବହୃତ ଫାଇଲ ଧୂଳିରେ ପୋତି ହୋଇ ରହେ, କାନ୍ଥ ଓ ଛାତରେ ବୁଢ଼ିଆଣୀ ଜାଲ ଇତ୍ୟାଦି । ସର୍ଜ୍ଜନାତ୍ମକ କୌଣସି କାର୍ଯ୍ୟ ନିମନ୍ତେ ଏହା ଯେ ଅନୁକୂଳ ପରିବେଶ ନୁହେଁ ସେ କଥା ବୁଝାଇବାକୁ ହେବନାହିଁ । ଗୋଟିଏ ଅଫିସରେ କାମ କରୁଥିବା ଲୋକମାନଙ୍କର ଦକ୍ଷତା ଏବଂ କର୍ମ ନିପୁଣତା ସହିତ ଉତ୍ପାଦିକା ଶକ୍ତି ହ୍ରାସ ପାଇବାର ଦେଖି ସେଥିରେ ପରିଚାଳନା କର୍ତ୍ତୃପକ୍ଷ ଉଦ୍‌ବିଗ୍ନ ହୋଇ ତାହାର କାରଣ ନିର୍ଦ୍ଧାରଣ କରିବାକୁ ଯାଇ ଏହା ହୃଦୟଙ୍ଗମ କଲେ ଯେ ଅଫିସ ଭିତରେ କାମ କରିବାର ପ୍ରବୃତ୍ତିକୁ ଉତ୍ସାହ ଦେବା ଭଳି ପରିବେଶର ଘୋର ଅଭାବ ଏବଂ ତାହାହିଁ ଦକ୍ଷତା ଓ ଉତ୍ପାଦିକା ଶକ୍ତି ହ୍ରାସ ପାଇବାର ପ୍ରଧାନ କାରଣ । କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତ ଅନୁସାରେ ସମସ୍ତ ଅଫିସରୁ ପୁରୁଣା ଫାଇଲ ଓ ପରିତ୍ୟକ୍ତ ଏବଂ ଅତିରିକ୍ତ ଆସବାବ ପତ୍ର ବାହାର କରି ଦିଆଯାଇ ଚକ୍ଷୁ ଏବଂ ମନକୁ ଉତ୍‌ଫୁଲ୍ଲ କଲାଭଳି ରଙ୍ଗ କରି ନୂତନ ଏବଂ ଯେତିକି ଆବଶ୍ୟକ ସେତିକି ଆସବାବପତ୍ର ଯୋଗାଇ ଦେଇ ପର୍ଯ୍ୟାପ୍ତ ବାୟୁ ଓ ଆଲୋକ ଚଳାଚଳ ନିମନ୍ତେ ବନ୍ଦ ଥିବା ଝରକା ଓ ଦରଜା ଖୋଲିବା ଦ୍ୱାରା ଏବଂ ଅଫିସ ବାହାରେ ଫୁଲ ବଗିଚା ଓ ଲନ୍ ରଖି ପରିବେଶକୁ ସୁନ୍ଦର କରିବା ଦ୍ୱାରା ଅଳ୍ପ ସମୟ ମଧ୍ୟରେ ଅନୁକୂଳ ପରିବେଶ ସୃଷ୍ଟି କରାଗଲା । ପ୍ରତି କର୍ମଚାରୀର ଉତ୍ପାଦିକା ଶକ୍ତି ଯେ ପ୍ରାୟ ପ୍ରତିଶତ ତିରିଶରୁ ଚାଳିଶ ଭାଗ ବୃଦ୍ଧି ପାଇଲା କେବଳ ସେତିକି ନୁହେଁ ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ମଧ୍ୟ ପରିଲକ୍ଷିତ ହେଲା । ସେହିପରି ଏକ କାରଖାନାରେ କାର୍ଯ୍ୟ-ଦକ୍ଷତା ବୃଦ୍ଧି ପାଉ ନ ଥିବାର କାରଣ ଖୋଜି ଶେଷରେ ଏହା ନିର୍ଣ୍ଣୟ କରାଗଲା ଯେ, ଅନ୍ଧାରୁଆ ପରିବେଶ ଓ ପର୍ଯ୍ୟାପ୍ତ ଆଲୋକ ଓ ବାୟୁର ଅଭାବ ହିଁ ଦକ୍ଷତା ହ୍ରାସର ପ୍ରଧାନ କାରଣ ଏବଂ ଏହି ତ୍ରୁଟି ସଂଶୋଧନ କରିବା ପରେ କର୍ମଚାରୀମାନଙ୍କର କାର୍ଯ୍ୟ ଦକ୍ଷତାରେ ଆଶାନୁରୂପ ଉନ୍ନତି ଘଟିଲା ।

## ନିର୍ମଳତାର ମହାର୍ଘ୍ୟ ସ୍ୱର୍ଶ

ଅଫିସ ହେଉ ବା ଘର ହେଉ, ମନ୍ଦିର ହେଉ ବା ପାର୍କ ହେଉ, ବଜାର ହେଉ ବା ପ୍ରମୋଦ କେନ୍ଦ୍ର ହେଉ ସବୁଠାରେ ପାରିପାର୍ଶ୍ୱିକ ନିର୍ମଳତା ରହିବା ପ୍ରୟୋଜନ । ରାସ୍ତାର ସଦ୍‌ବ୍ୟବହାର ନ କଲେ ନିଜେ ହିଁ ଭୋଗିବାକୁ ପଡ଼େ । ସର୍ବସାଧାରଣ ବ୍ୟବହାର କରୁଥିବା ସ୍ଥାନ ଯଥା :– ହସ୍‌ପିଟାଲ, ବଜାର, ପ୍ରମୋଦ କେନ୍ଦ୍ର, ପୁଷ୍କରିଣୀ, ବା ନଦୀ, ହ୍ରଦ, ଓ ସମୁଦ୍ର, ପାର୍କ ବା ମଇଦାନର ରକ୍ଷଣାବେକ୍ଷଣ ଦାୟିତ୍ୱ ଜଣକର ନୁହେଁ ସମସ୍ତଙ୍କର । ରାସ୍ତା ଉପରେ ଉଚ୍ଛିଷ୍ଟ ଢାଳିଲେ ବା ଛିଣ୍ଡା କାଗଜ, ଅଇଁଠା ପତ୍ର ପକେଇଲେ ତାହା ପରିବେଶକୁ ଅସୁନ୍ଦର କରିବ । ହସ୍‌ପିଟାଲ, ଅଫିସ, ମନ୍ଦିର ପ୍ରଭୃତି ବିଭିନ୍ନ ସ୍ଥାନରେ ଯଥେଚ୍ଛା ଚିନାବାଦାମ, ଫଳ ଚୋପା, ସିଗାରେଟ ଖଣ୍ଡ, କାଗଜ, ପରିତ୍ୟକ୍ତ ଫୁଲ ଫଳ ପକାଇବା ଦ୍ୱାରା ସେହିସ୍ଥାନ ଯେ ନିର୍ମଳ ରହେ ନାହିଁ କେବଳ ତାହା ନୁହେଁ ଏହା ସେହି ସ୍ଥାନର ମହତ୍ତ୍ୱକୁ ନଷ୍ଟ କରେ । ସର୍ବସାଧାରଣ ବ୍ୟବହାର କରୁଥିବା ସ୍ଥାନ ଯେତେ ନିର୍ମଳ ରହିବ ସେତେ ଭଲ । ରେଳଗାଡ଼ି ବା ବସରେ ଯାତ୍ରା କଲାବେଳେ ଏଥିପ୍ରତି ଅଧିକ ସଚେତନ ହେବା ଆବଶ୍ୟକ ।

ବିଭିନ୍ନ କାର୍ଯ୍ୟପାଇଁ କର୍ମଚାରୀ ଅଛନ୍ତି । କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କର ଅବହେଳା ଯୋଗୁଁ ଓ କର୍ତ୍ତୃପକ୍ଷଙ୍କ ଉଦାସୀନତା ଫଳରେ ପାରିପାର୍ଶ୍ୱିକ ନିର୍ମଳତା ରକ୍ଷା ତ କରାଯାଇ ପାରୁନାହିଁ । ରେଳଗାଡ଼ିରେ ପାଣି, ପଂଖା ଦାୟିତ୍ୱରେ ଥିବା ଲୋକଟି କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ବା ଅଫିସରେ ଥିବା ପରିଶ୍ରାଗାର ବା ଶୌଚାଳୟ ପରିଷ୍କାର ହେଉ ନ ଥିବାରୁ ସମସ୍ତଙ୍କୁ ଦୁର୍ଭୋଗ ଭୋଗ କରିବାକୁ ହୋଇଥାଏ । କିନ୍ତୁ ସାଧାରଣ କାର୍ଯ୍ୟଟି ପ୍ରତି ନିଷ୍ଠା ନ ଥିବାରୁ ତାହା କରିବା କେହି ନିଜର କର୍ତ୍ତବ୍ୟ ବୋଲି ମନେ କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଦୁଇଟି ଦାୟିତ୍ୱ ରହିଛି । ଗୋଟିଏ ନିଜପ୍ରତି, ନିଜର ପରିବାର ପ୍ରତି ଏବଂ ଅନ୍ୟଟି ଅନ୍ୟମାନଙ୍କ ପ୍ରତି । ଏହି ଅନ୍ୟମାନେ ହେଲେ ଜନସାଧାରଣ ବା ସମାଜ । ସାମାଜିକ ଦାୟିତ୍ୱ ପାଳନ ନ କଲେ ସମାଜ କ୍ଷତିଗ୍ରସ୍ତ ହୁଏ । ସମାଜ ଏହାଦ୍ୱାରା

ଦୁର୍ବଳ ହୋଇଯାଏ ଏବଂ ସମାଜ ନାଗରିକମାନଙ୍କୁ ଆଶାନୁରୂପ ସୁରକ୍ଷା ଓ ସହାୟତା ଦେଇ ପାରେ ନାହିଁ । ସମାଜ ଗୋଟିଏ ବହୁ ପ୍ରାଚୀନ ଅନୁଷ୍ଠାନ ଏବଂ ଏହାର ସୁପରିଚାଳନା ଓ ପୋଷକତା ଉପରେ ଜନସାଧାରଣ କେବଳ ନୁହନ୍ତି ଅନ୍ୟାନ୍ୟ ଅନୁଷ୍ଠାନମାନେ ମଧ୍ୟ ନିର୍ଭର କରନ୍ତି । ସମାଜ ଦୁର୍ବଳ ହେଲେ ଅନ୍ୟାନ୍ୟ ଅନୁଷ୍ଠାନମାନେ ମଧ୍ୟ ଦୁର୍ବଳ ହୋଇ ଯାଆନ୍ତି ଏବଂ ବ୍ୟକ୍ତିକୁ ସେଇଁ ଆନୁଷ୍ଠାନିକ ସମର୍ଥନ ମିଳିବା କଥା ତାହା ମିଳେ ନାହିଁ । ତେଣୁ ସମାଜ ବା ଅନୁଷ୍ଠାନକୁ ଦୋଷ ନ ଦେଇ ତାକୁ ଦୃଢ଼ ଓ ବଳଶାଳୀ କରିବାକୁ ହେବ । ସାମାଜିକ ଜୀବନରେ ସକ୍ରିୟ ଭୂମିକା ଗ୍ରହଣ କଲେ ବ୍ୟକ୍ତିର ଦାୟିତ୍ୱ ଓ ଅଧିକାର ବୋଧ ମଧ୍ୟରେ ଭାରସାମ୍ୟ ରହିବ ଏବଂ ତଦ୍ୱାରା ସେ ନିଜ ବ୍ୟକ୍ତିତ୍ୱର ବିକାଶ ତଥା ସମାଜର ଅଭିବୃଦ୍ଧିରେ ଏକ ସୃଜନଶୀଳ ଭୂମିକା ଗ୍ରହଣ କରିପାରିବ ।

ଆମ ପରିବେଶ ଆମ ଦାୟିତ୍ୱରେ ପାରିପାର୍ଶ୍ୱିକ ସଚେତନତା ବାହ୍ୟବସ୍ତୁ ନୁହେଁ । ଏହା ଆମର ଅନ୍ତର୍ନିହିତ ସଚେତନତା । ଏହି ସଚେତନତାକୁ କର୍ତ୍ତବ୍ୟ ବୋଧ, ଉଦ୍ୟମଶୀଳତା ଏବଂ ଶୃଙ୍ଖଳାବୋଧ ଦ୍ୱାରା ପରିଚାଳିତ କଲେ ପ୍ରତ୍ୟେକ ବ୍ୟକ୍ତି ଏକ ନିଷ୍କ୍ରୀୟ ବା ସକ୍ରିୟ ବିରୋଧାତ୍ମକ ଭୂମିକା ଗ୍ରହଣ ନ କରି ପରିବେଶକୁ ସୁହାଉଥିବା ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ସୁଧାରୁଥିବା ସର୍ଜନାତ୍ମକ ଭୂମିକା ଗ୍ରହଣ କରି ପାରିବ । ଆମର ଚାରିପାଖରେ ନିର୍ମଳ ଓ ଅନୁକୂଳ ସ୍ୱୟଂ ସମ୍ପୂର୍ଣ୍ଣ ପରିବେଶଟିକୁ ରକ୍ଷା କରିବାର ଦାୟିତ୍ୱ ଆମ ନିଜର । କାରଣ ଏହାର ଧ୍ୱଂସ ଆମ ନିଜର ଧ୍ୱଂସକୁ ଡାକି ଆଣିବ ମାତ୍ର । ଆଜିର ସର୍ବାପେକ୍ଷା ବଡ଼ ଆବଶ୍ୟକତା ପ୍ରାକୃତିକ ପାରିପାର୍ଶ୍ୱିକ ଅବସ୍ଥାର ସୁରକ୍ଷା ଏବଂ ତାର ଉନ୍ନତି ସାଧନ । କାରଣ ମଣିଷ ପରିବେଶଠାରୁ ଓ ପ୍ରକୃତିଠାରୁ ବିଚ୍ଛିନ୍ନ ହୋଇ ତିଷ୍ଠି ପାରିବ ନାହିଁ । ସହାବସ୍ଥାନ ହିଁ ସମୃଦ୍ଧିର ମୂଳମନ୍ତ୍ର ।

ସ୍ୱତନ୍ତ୍ର ଶାସନ ସଚିବ,ବାଣିଜ୍ୟ ଓ ପରିବହନ ବିଭାଗ
ରାଜ୍ୟ ସଚିବାଳୟ, ଭୁବନେଶ୍ୱର

କଟକ ମାଳୀସାହିର
ଶିବପାର୍ବତୀ ମୂର୍ତ୍ତି



# ମାତୃବିଭୂତି

ଶ୍ରୀ ଚନ୍ଦ୍ରଶେଖର ରଥ

ପରମ ଯୋଗୀ ନହେଲେ ବିଶ୍ୱରୂପା ଆଦ୍ୟାଶକ୍ତିଙ୍କର ଅଖଣ୍ଡୈକ ସତ୍ତା ଜଳସ୍ଥଳ ଆକାଶରେ ସର୍ବତ୍ର ଅନୁଭବ କରିବା ସମ୍ଭବନୁହେଁ । ସେ ସ୍ୱୟଂ କୃପାପରବଶ ହୋଇ ତାଙ୍କର ବିଭୂତି ନିର୍ଦ୍ଦେଶ ନକଲେ ସାମାନ୍ୟ ଚେତନାରେ ତାଙ୍କୁ ଧାରଣା କରିବା ମଧ୍ୟ ସମ୍ଭବନୁହେଁ । ବିହ୍ୱଳ ଅଭିଭୂତ ଅବସ୍ଥାରେ ଶରଣାଗତ ଭକ୍ତ ପ୍ରାଣରେ ଦିବ୍ୟ ବାଣୀ ଧ୍ୱନିତହୁଏ । ......

"ମୋର ଅନନ୍ତ କୋଟି ରୂପ ତୋର ବୋଧଗମ୍ୟନୁହେଁ । ଅରୂପା ଆଦ୍ୟାଶକ୍ତି, ମୁଁ ରୂପ ପରିଗ୍ରହ କରେନାହିଁ । ତଥାପି ଜାଣିରଖ, ମୁଁ ମାହେଶ୍ୱରୀ । ଏ ଅନନ୍ତ ଆକାଶର ନୀଳିମା ମୁଁ । ପରମ ବ୍ୟୋମର ନୀରବତା ମୁଁ । ମୁଁ ହିଁ ଆଦ୍ୟ ପ୍ରଣବର ସ୍ପନ୍ଦନ । ଗତି ଏବଂ ସ୍ଥିତି ଉଭୟକୁ ଧାରଣ କରିଥିବା ବ୍ୟାପ୍ତି ମୁଁ । ଏ ଜ୍ୟୋତିଷ୍କମଣ୍ଡଳମାନଙ୍କୁ ମୁଁ ହିଁ କକ୍ଷପ୍ରଦାନକରେ । ଆକାଶମାନଙ୍କ ଭିତରେ ମୁଁ ଅନ୍ତରୀକ୍ଷ । ଅହୋରାତ୍ରମାନଙ୍କ ମଧ୍ୟରେ ମୁଁ ଆଦ୍ୟା ନିଶୀଥିନୀ । କାଳମାନଙ୍କ ଭିତରେ ମୁଁ ଉଷା । ନକ୍ଷତ୍ରପୁଞ୍ଜମାନଙ୍କ ଭିତରେ ମୁଁ ନିହାରୀକା । ମୁଁ ସୃଷ୍ଟିର ପ୍ରଥମ କମ୍ପନ । ହିରଣ୍ୟଗର୍ଭଙ୍କର ତପସ୍ୟା ମୁଁ । କାମନା ମୁଁ । ମୁଁ ହିଁ ଧୃତି, ମୁଁ ଧାତ୍ରୀ, ମୁଁ ଧରିତ୍ରୀ । ମୋର ଶ୍ୱାସପତନ ହିଁ ବିଶ୍ୱର ଛନ୍ଦ । ସୃଷ୍ଟି, ସ୍ଥିତି, ଲୟ ମୋର ଭ୍ରୂଭଙ୍ଗ । ଅସଂଖ୍ୟ ଶିଶୁସୂର୍ଯ୍ୟଗୁଡ଼ିକୁ ମୁଁ ଅଞ୍ଜଳିରେ ଧାରଣକରେ, ପରିପାଳନକରେ । ସେମାନଙ୍କୁ ସଂଜୀବିତକରି ଶୃଜନକରେ । ପ୍ରଥମା ପ୍ରାଣଶକ୍ତି ମୁଁ । ଚେତନା ମୁଁ । ଜନୟିତ୍ରୀ ମୁଁ । ପାଳୟିତ୍ରୀ, କର୍ତ୍ତ୍ରୀ,ନିହନ୍ତ୍ରୀ ମୁଁ । ମୁଁ ହିଁ ବିଶ୍ୱସୃଷ୍ଟିର ବିତ୍ତଧାରା । ମୁଁ ଜ୍ୟୋତି । ମୁଁ ପ୍ରଗତି । ମୁଁ ଜଡ଼ର ଜଡ଼ତା, ଚେତନର ଚେତନା, ସ୍ଥାବରର ସ୍ଥିତି ଏବଂ ଜଙ୍ଗମର ଗତି । ମାଧ୍ୟାକର୍ଷଣଶକ୍ତି ମୁଁ । ବିକର୍ଷଣ, ପ୍ରକ୍ଷେପଣ ଶକ୍ତି ମୁଁ । ମୁଁ ଧର୍ମ ନିର୍ଣ୍ଣୟ କରେ । କକ୍ଷ ପ୍ରଦାନକରେ । ମୁଁ ଅନିର୍ବଚନୀୟା । ମୁଁ ପରମା ଧ୍ୟାନମଗ୍ନା, ତପଶ୍ଚାରିଣୀ ଜଗଦ୍ଧାତ୍ରୀ । ମୁଁ ମାହେଶ୍ୱରୀ । ଦେବତାଙ୍କଭିତରେ ମୁଁ ସବିତା । ମାନବୀଙ୍କ ଭିତରେ ସାବିତ୍ରୀ । ନାରୀଙ୍କଭିତରେ ଜନନୀ, ପଶୁଙ୍କଭିତରେ ସୁରଭି । ମୁଁ ଶ୍ରୁତି । ମୁଁ ଭକ୍ତି । ମୁଁ ବ୍ୟାପିନୀ ବୈଷ୍ଣବୀ !!

"ମୁଁ କୋପିନୀ କାଳରାତ୍ରୀ । ମୁଁ ମହାକାଳୀ । ମୁଁ ପ୍ରଚଣ୍ଡା ମହାଶକ୍ତି । ମୋର ବିକିର୍ଣ୍ଣ କେଶରାଶି ମୃତ୍ୟୁ । ମୋର ଚକ୍ଷୁଯୁଗଳ ପ୍ରଳୟର ସୂର୍ଯ୍ୟ । ମୋର ଶ୍ୱାସରେ ବାତ୍ୟା । ସ୍ତନିତଗର୍ଭ ଆନତ କୃଷ୍ଣା ପୟସ୍ୱିନୀ ମୋର ସ୍ତନଯୁଗଳ । ଲେଲିହାନ ବିଦ୍ୟୁତ୍ ମୋର କେୟୂର । ସହସ୍ର ଉଲ୍କାମାଳ ମୋର ମେଖଳା । ଘନଘୋର ରାତ୍ର ମୋର ବର୍ଣ୍ଣ । ମେଦିନୀକୁ ବିଦୀର୍ଣ୍ଣ କରୁଥିବା ଭୂକମ୍ପ ମୋର ପଦପାତ । ବାତ୍ୟା-ମଥିତ ସମୁଦ୍ରର ଫେନଶିଖା ମୁଁ । ଗିରିଗର୍ଭ ଦଗ୍ଧକରି ଆକାଶକୁ ଲମ୍ଫଦାନ କରୁଥିବା ଅଗ୍ନିଧାରା ମୁଁ । ତଟ ଉଲ୍ଲଂଘନ କରିଥିବା, ବ୍ୟାକୁଳା, ଆକୁଳାୟିତା ପ୍ରଖରା ତଟିନୀ ମୁଁ । ସମୁଦ୍ରରେ ମୁଁ ବଡ଼ବା । ଅରଣ୍ୟରେ ଲେଲଜିହ୍ୱା ଦାବାଗ୍ନି । ମୁଁ ନିରଙ୍କୁଶା, ପ୍ରବଳ-ମର୍ଦ୍ଦିନୀ, ସିଂହ-ଶାସିନୀ । ମୁଁ ପ୍ରଳୟଙ୍କରୀ । ମୁଁ ଭୟଙ୍କରୀ । ମୁଁ ନିଖିଳ ବିଶ୍ୱର ପ୍ରଣାଶିକା । ମୁଁ ବିଶ୍ୱମ୍ଭରୀ । ମୁଁ ଘୋରା । ମୁଁ ପ୍ରଖରା । ମୁଁ ତାପିନୀ । ତିଥିମାନଙ୍କ ଭିତରେ ଅମାବାସ୍ୟା ମୁଁ । କାଳମାନଙ୍କ ଭିତରେ ସଂଧ୍ୟା ମୁଁ । ମୁଁ ହିଁ ପବନରେ ବାତ୍ୟା, ଜଳରେ ବନ୍ୟା, ବହ୍ନିରେ ଜ୍ୱାଳା । ଆଲୋକମାନଙ୍କ ଭିତରେ ମୁଁ ଦାମିନୀ । ଦେବତାଙ୍କ ଭିତରେ ଶ୍ୟାମା । ମୁଁ ଦିଗମ୍ବରୀ । ମୁଁ ହିଁ ଅଘଟନ-ଘଟନ-ପଟିୟସୀ । ମୋର ପ୍ରଶ୍ୱାସରେ ଖଣ୍ଡ-ବିଶ୍ୱ ପ୍ରଧାବିତ ହୁଅନ୍ତି, ନିର୍ବାପିତ ହୁଅନ୍ତି । ଅବଳୀଳାକ୍ରମେ ପର୍ବତ-ମାଳା ଚୂର୍ଣ୍ଣୀଭୂତ ହୁଅନ୍ତି । ନାରୀଙ୍କଭିତରେ ମୁଁ ପ୍ରମଥିନୀ କାମିନୀ । ମୁଁ କ୍ଷୁଧା । ମୁଁ ଭୀତି । ମୁଁ ପ୍ରଚଣ୍ଡା । ମୁଁ ଦୀପ୍ତି । ମୁଁ ସାଧକର ଦୃଢ଼ତା, ସାଧନାର ତୀବ୍ରତା, ସିଦ୍ଧିର ଦୁର୍ଗମା । ମୁଁ ପ୍ରତିପକ୍ଷ-ସଂହାରିଣୀ, ପ୍ରମତ୍ତା, ଉନ୍ମତ୍ତା ରଣରଙ୍ଗିଣୀ । ବଜ୍ରମୋର ଡମ୍ବରୁ । ବିଦ୍ୟୁତ୍ ମୋର ତ୍ରିଶୂଳ । ସୂର୍ଯ୍ୟମୋର ତ୍ରାସ ଚନ୍ଦ୍ରମା ମୋର ଖଡ୍ଗ । ମୁଁ ତିମିର ବିଧ୍ୱଂସିନୀ ଭୟଙ୍କରୀ ଶଙ୍କରୀ । ମୋର ମୁଦ୍ରା ବରଦା । ମୁଁ ପ୍ରଣତାର୍ତ୍ତିହାରିଣୀ । ମୁଁ ହିଁ ପଙ୍ଗୁକୁ ଗିରିଲଂଘନ କରାଏ । ମୂକକୁ ବାଗ୍ମୀ କରାଏ । ବୀଜକୋଷ ଭିତରେ ନବଗର୍ଭିଣୀ ଅଭିପ୍ସା ମୁଁ । ଭୂମି ବିଦାରଣକରି ଅଙ୍କୁରକୁ ପ୍ରକାଶକରେ ମୁଁ । ତୃଣଖଣ୍ଡକୁ ପ୍ରଖର ପ୍ରବାହରେ ସମୁଦ୍ର ସଂଗମ କରାଏ ମୁଁ । ମୁଁ ଅଦମ୍ୟା ବିଶ୍ୱଶକ୍ତି । ମୁଁ ମହାକାଳୀ । ବ୍ୟାଘ୍ରାମ୍ବରିଣୀ, କରାଳିନୀ ମୁଁ । ମୁଁ ହିଁ ଚିର ଜାଗ୍ରତା ଉଦ୍ଦିଷ୍ଟା ପୁରୁଷା" !!

"ସୁଷମାମୟୀ ଆଶିଷମୟୀ, ମହାଲକ୍ଷ୍ମୀ ମୁଁ । ଶରତଚନ୍ଦ୍ର ମୋର ଲଲାଟରେ ଚନ୍ଦନବିନ୍ଦୁ । ପ୍ରଶାନ୍ତ ସମୁଦ୍ର ମୋର ନୀଳାମ୍ବର

ଶୀତଳ ତାରକା ବିନ୍ଦୁଗୁଡ଼ିକ ମୋର ରତ୍ନାଭରଣ । ମୁଁ ବନାନୀର ଶ୍ୟାମଳିମା । ତଟିନୀର କଲ୍ଲୋଳ, ପୁଷ୍ପର ସୌରଭ, ବର୍ଣ୍ଣର ଶୋଭା, ରୂପର ମାଧୁରୀ, ଭ୍ରମରର ଗୁଞ୍ଜନ । ପବନରେ ମୁଁ ମଳୟ । ବୃକ୍ଷରେ ଚନ୍ଦନ; ସଂଗୀତରେ ମୂର୍ଚ୍ଛନା । ମୁଁ ସ୍ମିତମୟୀ, ଛନ୍ଦମୟୀ, ଶୋଭାମୟୀ । ମୁଁ ସବିତାବରଣୀ । ଅସ୍ତରାଗ ମୋର ବର୍ଣ୍ଣ । ତପିୟୁଷ ମୋର ଦୃଷ୍ଟି । ଅମୃତମୋର ସ୍ପର୍ଶ । ମୁଁ ହିଁ ମଧୁବିଦ୍ୟା । ପବନରେ ମଧୁସଂଗ୍ରହକରେ ମୁଁ । ସିନ୍ଧୁମାନଙ୍କୁ ମଧୁକ୍ଷରଣ କରାଏ ମୁଁ । ମୋର ସ୍ପର୍ଶରେ ଜଳସ୍ଥଳ ଆକାଶ ମଧୁମୟ ହୁଅନ୍ତି । ସୂର୍ଯ୍ୟ ହୁଅନ୍ତି ମଧୁମାନ୍ । ମୁଁ କାମନାର କଟାକ୍ଷ । ମୁଁ ରତି । ମୁଁ ପ୍ରୀତି । ମୁଁ ଅନୁରାଗ । ମୁଁ ମମତା । ମୁଁ ସ୍ନିଗ୍ଧା । ନୂତନ ପଲ୍ଲବର ମୃଦୁଳତା ମୁଁ । ଶାଖା ଉପଶାଖାର ସବୁଜଛନ୍ଦ ମୁଁ । ଉଦ୍‌ଭିଦର ଫଳ-ଗୌରବ ମୁଁ । ମୁଁ ଶାକମ୍ଭରୀ, ଅନ୍ନମୟୀ, ପ୍ରାଣମୟୀ, ସୌଭାଗ୍ୟମୟୀ । ଋତୁମାନଙ୍କ ମଧ୍ୟରେ ମୁଁ ଶରତ୍ । କାଳମାନଙ୍କ ମଧ୍ୟରେ ରାକାରଜନୀ, ତଟିନୀଙ୍କ ମଧ୍ୟରେ ମୁଁ ଗଙ୍ଗୋତ୍ରୀ । ଦେବୀଙ୍କ ମଧ୍ୟରେ ମୁଁ କମଳା । ନାରୀଙ୍କ ମଧ୍ୟରେ ମନୋରମା । ମୁଁ ଶୋଭା । ମୁଁ ସୁମତି । ମୁଁ ବୁଦ୍ଧି । ବିଦଗ୍ଧା ଧରାବକ୍ଷରେ ପ୍ରଥମ ଧାରାପାତ ମୁଁ । ବୃକ୍ଷ ମହୀରୁହର ପ୍ରଥମ ନବାଙ୍କୁର ମୁଁ । କର୍କଶ ଶିଳାଖଣ୍ଡ ଉପରେ ଶୈବାଳର ସ୍ନିଗ୍ଧତା ମୁଁ । ସାଧନାର ଆଶା ମୁଁ; ଆଶ୍ୱାସନା ମୁଁ । ସିଦ୍ଧିର ଐଶ୍ୱର୍ଯ୍ୟ ମୁଁ । ସାଧକର ପ୍ରେମ ମୁଁ । ବିଶ୍ୱାସ ମୁଁ । ମୁଁ ହିଁ କୃପା । ମୁଁ ଦୟା । ମୁଁ ବାତ୍ସଲ୍ୟ । ମୁଁ କରୁଣା । କମନୀୟତା ମୁଁ । ନମନୀୟତା ମୁଁ । ମାନନୀୟତା ମୁଁ । ମୁଁ ବିମଳା, ବିକଚ ପଦ୍ମାସନା, ପଦ୍ମଗନ୍ଧା, ମୁଁ ଆନନ୍ଦମୟୀ । ଶାନ୍ତିମୟୀ, କାନ୍ତିମୟୀ । ମୁଁ ଶ୍ରଦ୍ଧା ମୁଁ ସର୍ବାର୍ଥ-ସାଧିକା । ମୁଁ ଗୌରୀ । ମୁଁ, ନାରାୟଣୀ । ମୁଁ ଘନରସମୟୀ, ହ୍ଲାଦନୀ, ପାବନୀ ବ୍ରହ୍ମାନନ୍ଦମୟୀ; ଐଶ୍ୱର୍ଯ୍ୟମୟୀ କନକବର୍ଣ୍ଣା ମହାଲକ୍ଷ୍ମୀ । ମୁଁ ଧନଦାୟିନୀ, ଯଶଦାୟିନୀ । ଆୟୁଦାୟନୀ, ଶୁଭ୍ରହାସିନୀ, ଶିବାନୀ । ମୋତେ ଚିହ୍ନି ରହିଥିବୁ । ଆକାଶରେ ଇନ୍ଦ୍ରଧନୁ ଉଦୟହେଲେ ତାହା ଯେ ମୋର କବରୀରେ ମୁକ୍ତାମାଳ । କାବ୍ୟତାରା ମୋର ସୀମନ୍ତମଣି । କୋକିଳର ପଞ୍ଚମ ମୋର ସ୍ୱର । ସ୍ୱର୍ଣ୍ଣାଭ ମେଘମାଳା ମୋର ଉତ୍ତରୀ । ଫୁଲରେ ରଂଗ କେଦାରରେ ଶସ୍ୟଭାର, ନାରୀର ମମତା, ପୁରୁଷର ଧୈର୍ଯ୍ୟ, ତନୁରେ ତନିମା, ପ୍ରାଣରେ ପ୍ରେମ, ମନରେ ସରସତା ମୋର ଆଶୀଷ । ମୁଁ ଗଭୀର ଆଶ୍ୱାସମୟୀ, ବିଶ୍ୱାସମୟୀ, ସୁଷମାମୟୀ ଲକ୍ଷ୍ମୀ ।

"ସୂକ୍ଷ୍ମରୂପା, ଜ୍ଞାନରୂପା, ବିଜ୍ଞାନରୂପା, ମୁଁ ମହାସରସ୍ୱତୀ ! ବିଶ୍ୱଛନ୍ଦରେ ଏକ୍ୟତାନ ମୁଁ । ଘନୀଭୂତ ଝଂକାର ମୁଁ । ଗଭୀରତା ବସ୍ତୁଗର୍ଭରେ ଭାଗବତୀ ଇଚ୍ଛା ମୁଁ । ସମଗ୍ର ଜଗତର ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟାଶକ୍ତି ମୁଁ । ମୁଁ ହିଁ ଅଣୁ ପରମାଣୁର ସଂଯୋଜନା କରେ, ସଂସ୍କଳନକରେ । ଗଛରେ ପତ୍ର, ପତ୍ରରେ ଶିରା, ଶିରାରେ ଗ୍ରନ୍ଥି ଏବଂ ଗ୍ରନ୍ଥିରେ ରସବିନ୍ଦୁକୁ ମୁଁ ସଂଘଟିତ କରାଏ । ପବନର ପ୍ରତ୍ୟେକ ତନ୍ତୁ ସ୍ରୋତକୁ ନିୟନ୍ତ୍ରିତକରେ ମୁଁ । ତାକୁ ମୁଁ ହିଁ ବାତ୍ୟା ଝଂଜା ବା ମଳୟର ରୂପ ପ୍ରଦାନକରେ । ପ୍ରତି ମୁହୂର୍ତ୍ତରେ ଗ୍ରହ ଜ୍ୟୋତିଷ୍କର ଘୂର୍ଣ୍ଣନ ମୁଁ ନିୟନ୍ତ୍ରଣକରେ । ପ୍ରତି ବସନ୍ତର ଆଗମନରେ ପ୍ରତ୍ୟେକ ଲତାଗୁଳ୍ମରେ ନବ ନବ ଉନ୍ମେଷର ଶିହରଣ ମୁଁ ଜାଗ୍ରତକରେ । କିଶଳୟର ଉଦ୍‌ଗମହେଲେ ରଂଗ ଭରିଦିଏ । ଶିରା ଉପଶିରା ଗଠନକରେ ମୁଁ । ମଧୁଚକ୍ରର ପ୍ରତ୍ୟେକ କୋଷ ନିର୍ମାଣ କରେ ମୁଁ । ନିର୍ଝରର ପ୍ରତ୍ୟେକ ଜଳକଣା ଗର୍ଭରେ ଆଦ୍ରତା ଉର୍ଣ୍ଣନାଭର ପ୍ରତ୍ୟେକ ତନ୍ତୁରେ ସୂକ୍ଷ୍ମତା ଆଣିଦଏ ମୁଁ । ଶରୀରର ଚଳନା, ଆବେଗରେ ସଂଚାର, ମନର ଚିନ୍ତନ ମୁଁ ନିରୀକ୍ଷଣକରେ । ଭ୍ରୂଣହେବା ଦିନଠାରୁ ଶରୀରର ପତନ ପର୍ଯ୍ୟନ୍ତ ଜାଗ୍ରତ ସ୍ୱପ୍ନ ସୁଷୁପ୍ତର ପ୍ରତ୍ୟେକ କର୍ମ ମୁଁ ସଂଘଟିତ କରେ । ପୁରୁଷାନୁକ୍ରମେ ଅନନ୍ତ ଯୁଗ ଅବଧି ଏ ସମଗ୍ର ବିଶ୍ୱରେ ପ୍ରତ୍ୟେକ ରେଣୁର କ୍ରିୟା ପଶ୍ଚାତ୍‌ରେ ଅନ୍ତର୍ହିତା ଶକ୍ତି ମୁଁ । ମୁଁ ଶୁଭ୍ରା । ମୁଁ ଅକାୟା ଅସ୍ନାବରା । ମୁଁ ଅବ୍ରଣା । ମୁଁ ଶୁଦ୍ଧା, ଅପାପବିଦ୍ଧା । ଶବ୍ଦମାନଙ୍କ ଭିତରେ ମୁଁ ଝଂକାର । କାଳମାନଙ୍କ ଭିତରେ ମୁଁ ବିଳିତା । ବସ୍ତୁ ଭିତରେ ମୁଁ କଣିକା । ନାରୀର ଜୀବକୋଷ ମୁଁ । ପୁରୁଷର ଶୁକ୍ରକୀଟ ମୁଁ । ମୁଁ ହିଁ ଉପାଦାନରୂପା, ଉତ୍ସରୂପା, ଚିର କ୍ରିୟାଶୀଳ ଚିର ପ୍ରବହମାନା ଶକ୍ତି । ମୁଁ କଳ୍ପନାର ତନ୍ତୁ । କବିର ଦୃଷ୍ଟି । କାବ୍ୟର ଆତ୍ମା । ଭାଷାର ବ୍ୟଞ୍ଜନା । ମୁଁ ପ୍ରତିଭା । ମୁଁ ବାକ୍ । ମୁଁ ଅର୍ଥ । ମୁଁ ମନ୍ତ୍ରରୂପା, ବୀଜରୂପା ଶାଶ୍ୱତୀ । ମୁଁ ପ୍ରବାହ । ମୁଁ ଧାରା । ମୁଁ ଊର୍ମି । ମୁଁ ବୋଧି । ମୁଁ ବୁଦ୍ଧି । ମୁଁ ପ୍ରଜ୍ଞା । ସାଧକର ଅଖଣ୍ଡ ଅଭିପ୍ସା ମୁଁ । ସାଧନାର ସୂକ୍ଷ୍ମତମ ପ୍ରଗତି ମୁଁ । ସିଦ୍ଧିର ପ୍ରତ୍ୟେକ ବିଭବ ମୁଁ । ମୁଁ ହିଁ ତାକୁ ଈଶ୍ୱରାଭିମୁଖୀ କରାଏ । ଚୈତ୍ୟ ପୁରୁଷଙ୍କୁ ଜାଗ୍ରତ କରାଏ । ଅବିଦ୍ୟାରୁ ବିଦ୍ୟାକୁ; ତିମିରରୁ ଆଲୋକକୁ, ମୃତ୍ୟୁରୁ ଅମୃତକୁ ମୁଁ ଚାଳିତ କରେ । ମୁଁ ଜ୍ୟୋତିର୍ମୟୀ ବିଭାସମୟୀ ବେଦରୂପା ମହା-ସରସ୍ୱତୀ ।"

ପରମା ଶକ୍ତିଙ୍କର ଅପାର ବିଭୂତି; ଅକଳନୀୟ ବିଭବ । ଅପ୍ରକଟ, ରୂପ-ଗୁଣ-ଶୂନ୍ୟ ତାଙ୍କର ଉତ୍ତମ ରହସ୍ୟ ଜ୍ଞାତବ୍ୟ ନୁହେଁ । କରୁଣା-ପ୍ରବଣା ସ୍ୱେଚ୍ଛାରେ ଯେତିକି ପ୍ରକାଶିତ ହୁଅନ୍ତି, ସେତିକିରେ ମାନବ ଚେତନା କୃତାର୍ଥ ।

ସେକ୍ରେଟରୀ
ଓଡ଼ିଶ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା,
ଭୁବନେଶ୍ୱର ।

• ଓଡ଼ିଶାରେ ଏଭଳି ଏକ ବାତାବରଣ ସୃଷ୍ଟି କରିବାକୁ ପଡ଼ିବ ଯାହା ଫଳରେ ଅତି ଅଳ୍ପ କାଳ ଭିତରେ ଓଡ଼ିଶା ଏକ ବିରାଟ ଶିଳ୍ପାଭିମୁଖୀ ରାଜ୍ୟରେ ପରିଣତ ହେବ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ରାମାୟଣରେ ଶକ୍ତିବାଦ

ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର

ଶକ୍ତିବାଦର ଉନ୍ମେଷ ବହୁ ପ୍ରାଚୀନ । ପ୍ରାଗ୍ ବୈଦିକ ଯୁଗର ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତା ମଧ୍ୟରେ ଶକ୍ତିବାଦର ନିଦର୍ଶନ ଦେଖିବାକୁ ମିଳେ । ଐତିହାସିକ ଜେ : ଏନ୍ : ବାନାର୍ଜୀ ଏଠାରୁ ମିଳିଥିବା କେତେଗୁଡ଼ିଏ ଚକ୍ର ଓ ଯନ୍ତ୍ରକୁ ଦେଖି ତାହାକୁ ସେ ଯୁଗର ଶକ୍ତିଉପାସନାର ନିଦର୍ଶନ ରୂପେ ଅନୁମାନ କରିଛନ୍ତି । (୧)

ପ୍ରାଗ୍ ବୈଦିକ ଯୁଗ ଭଳି ବୈଦିକ ସାହିତ୍ୟରେ ଶକ୍ତି ଉପାସନାର ନିଦର୍ଶନ ମଧ୍ୟ ଦେଖିବାକୁ ମିଳେ । (୨) ଋଗ୍‌ବେଦର ୧୩ ସୂକ୍ତରେ ବାକ୍‌ଦେବୀଙ୍କର ଯେଉଁ ବର୍ଣ୍ଣନା ରହିଛି ତାହାକୁ ବୈଦିକ ଯୁଗରେ ଶାକ୍ତ ଧର୍ମର ଭିତ୍ତିଭୂମି ରୂପେ ଗ୍ରହଣ କରାଯାଇପାରେ । (୩) ଏପରିକି ସୋମଙ୍କ ବର୍ଣ୍ଣନା ପ୍ରସଙ୍ଗରେ ଋଗ୍‌ବେଦରେ ସପ୍ତମାତୃକାଙ୍କର ବର୍ଣ୍ଣନା ଦେଖିବାକୁ ମିଳେ । (୪) ଏଥିରେ ସପ୍ତମାତୃକାଙ୍କ ସନ୍ଧାନ ଅସଷ୍ଟ ହେଲେ ମଧ୍ୟ ବୈଦିକ ଯୁଗରେ ଶକ୍ତି ଉପାସନାର ଆଭାସ ସୁସ୍ପଷ୍ଟ । ବୈଦିକ ସାହିତ୍ୟରେ ରାତ୍ରୀ ସୂକ୍ତରେ ବର୍ଣ୍ଣିତ ରାତ୍ରୀ ଦେବୀଙ୍କୁ କେତେକ ଆଲୋଚକ କାଳୀ ରୂପେ କଳ୍ପନା କରିବାକୁ ପଶ୍ଚାତପଦ ହୋଇ ନାହାନ୍ତି । (୫) କିନ୍ତୁ ବୈଦିକ ସାହିତ୍ୟର ସରସ୍ୱତୀ, ରାତ୍ରୀ ଓ ଶ୍ରୀ ପରବର୍ତ୍ତୀ ସମୟରେ ଯଥାକ୍ରମେ ମହାସରସ୍ୱତୀ, ମହାକାଳୀ ଓ ମହାଲକ୍ଷ୍ମୀ ରୂପେ ପ୍ରତିଭାତ ହୋଇଛନ୍ତି ।

କ୍ରମଶ ଶକ୍ତିବାଦ ଉପନିଷଦ, ସ୍ମୃତି, ଆଗମ, ତନ୍ତ୍ର ଆଦି ସାହିତ୍ୟ ମଧ୍ୟ ଦେଇ ପ୍ରସାର ଲାଭ କରିଛି । ଏପରିକି ବାଲ୍ମୀକି ମହର୍ଷିକୃତ ରାମାୟଣ ଗ୍ରନ୍ଥରେ ଏହି ଶକ୍ତିବାଦର ସୂଚନା ମିଳେ ।

ବାଲ୍ମୀକି ରାମାୟଣରେ ଶକ୍ତିବାଦ ସଂପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ସେଥିରେ ଥିବା ବେଦବତୀ ଉପାଖ୍ୟାନ (୬) କୁ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଏଥିରେ ବର୍ଣ୍ଣିତ ଅଛି ଯେ ପରମ ବଳଶାଳୀ ରାବଣ ଦିନେ ହିମାଳୟରେ ଭ୍ରମଣ କରିବା ସମୟରେ ବନ ମଧ୍ୟରେ ପ୍ରବେଶ କଲେ । ସେହି ବନ ମଧ୍ୟରେ ଜଣେ ତନ୍ୱୀରୂପସୀ ମୃଗ ଚର୍ମ ପରିହିତା, ତପସ୍ୟାରତ, ମହାବ୍ରତଧାରିଣୀ କନ୍ୟାକୁ ଦର୍ଶନ କରି କାମପୀଡ଼ାରେ ଜର୍ଜରିତ ହୋଇ ତାଙ୍କୁ ତପସ୍ୟାରୁ ନିବୃତ୍ତ ହେବାପାଇଁ ଉପଦେଶ ଦେଲେ ଓ ତାଙ୍କର ପରିଚୟ ପାଇବା ପାଇଁ ଜିଜ୍ଞାସା କଲେ । ସେହି ତନ୍ୱୀ ରୂପସୀ ବ୍ରତଧାରିଣୀ ନିଜକୁ ବ୍ରହ୍ମର୍ଷି କୁଶଧ୍ୱଜଙ୍କ କନ୍ୟା ବେଦବତୀ ବୋଲି କହିଲେ । କେବଳ ସେତିକି ନୁହେଁ ପିତା କୁଶଧ୍ୱଜ ସୁରେଶ୍ୱର ବିଷ୍ଣୁଙ୍କୁ ନିଜର ଜାମାତା ରୂପେ ପାଇବା ପାଇଁ ଆଗ୍ରହୀ ଥିଲେ । ତେଣୁ ଅନେକ ଦେବତା, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ନାଗମାନେ ବେଦବତୀଙ୍କୁ ବିବାହ କରିବା ପାଇଁ କୁଶଧ୍ୱଜଙ୍କୁ ପ୍ରବର୍ତ୍ତାଉଥିଲେ ମଧ୍ୟ କୁଶଧ୍ୱଜ ସେଥିରେ ରାଜି ହୋଇନଥିଲେ । ଫଳରେ ଏଥିରେ କ୍ରୋଧାନ୍ଧ ହୋଇ ବଳଦର୍ପିତ ଦୈତ୍ୟେନ୍ଦ୍ରଦମ୍ଭୁ ବ୍ରହ୍ମର୍ଷି କୁଶଧ୍ୱଜଙ୍କୁ ରାତ୍ର କାଳରେ ହତ୍ୟା କରିଥିଲେ । ଏହାପରେ ବେଦବତୀଙ୍କ ମାତା କୁଶଧ୍ୱଜଙ୍କ ଶବକୁ କୋଳରେ ଧରି ଅଗ୍ନିରେ ଆତ୍ମୋତ୍ସର୍ଗ କରିଥିଲେ । ପିତାଙ୍କ ଅଭିଳାଷ ପୂରଣ ପାଇଁ ବେଦବତୀ ତପସ୍ୟାରତ ଥିବା କଥା ଲଙ୍କପତି ରାବଣଙ୍କୁ କହିଥିଲେ ।

କାମବାଣରେ ଜର୍ଜରିତ ରାବଣ ଏ ସମସ୍ତ ଶ୍ରବଣ କରିବା ପରେ ବିମାନରୁ ଓହ୍ଲାଇ ନିଜର ଗର୍ବ ଓ ଗୌରବ ବର୍ଣ୍ଣନା କରିଥିଲେ । ଶେଷରେ ବେଦବତୀ ରାଜି ନହେବାରୁ ରାବଣ ତାଙ୍କର କେଶଧାରଣ କରିଥିଲେ । ବେଦବତୀ କ୍ରୋଧରେ ନିଜର କେଶ ମଧ୍ୟ କାଟି ଦେଇଥିଲେ । ଶେଷରେ ବେଦବତୀ କ୍ରୋଧରେ ପ୍ରଜ୍ୱଳିତ ହୋଇ ରାବଣଙ୍କୁ କହିଥିଲେ "ହେ ଅନାର୍ଯ୍ୟ ! ତୁ ମୋର ଅଙ୍ଗସ୍ପର୍ଶ କରି ଏ ବନ ମଧ୍ୟରେ ମୋତେ ଅପମାନିତ କରିଅଛୁ । ଅତଏବ ତୋତେ ବଧ କରିବା ନିମନ୍ତେ ମୁଁ ପୁଣି ଉତ୍ପନ୍ନ ହେବି । କାରଣ ପାପୀ ପୁରୁଷକୁ ମାରିବା ପାଇଁ ସ୍ତ୍ରୀ ଲୋକ ସମାନ ନୁହେ ? ଆଉ ମୁଁ ଯଦି ତୋତେ ଶାପ ଦିଏ ତେବେ ମୋର ତପସ୍ୟାରେ ହାନିହେବ । ମୁଁ ଯଦି କୌଣସି ସୁକୃତ କରିଥାଏ, ଦାନ ଦେଇଥାଏ, ହୋମ କରିଥାଏ ତେବେ ମୁଁ କୌଣସି ଧର୍ମାତ୍ମାଙ୍କ ଘରେ ଅଯୋନିଜା ହୋଇ ଜନ୍ମ ହେବି ।" ଏହା କହି ସେ ଅଗ୍ନିରେ ଝାସ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ଜନକ ମହର୍ଷିଙ୍କ ଘରେ କନ୍ୟାରୂପେ ଉତ୍ପନ୍ନ ହୋଇଥିଲେ । ଏପରିକି ରାବଣ ନିଜେ ମଧ୍ୟ ବେଦବତୀ ଦ୍ୱାରା ଅଭିଶାପ ଲାଭ କରିବା

କଥା ଲଙ୍କାକାଣ୍ଡରେ ସ୍ୱୀକାର କରିଛି । ୭ ତେଣୁ ବାଲ୍ମୀକି ରାମାୟଣରେ ବେଦବତୀ ସୀତାରୂପେ ଆବିର୍ଭୂତା ହୋଇଥିବା କଥା ବର୍ଣ୍ଣିତ ହୋଇଛି ।

କିନ୍ତୁ ଏହି ରାମାୟଣରେ ହନୁମାନ ରାବଣଙ୍କୁ ଉପଦେଶ ଦେଲାବେଳେ କହିଛି ଯେ, "ସୀତା ପଞ୍ଚଶୀର୍ଷା ସର୍ପିଣୀପରି ତୁମ୍ଭ ଗୃହରେ ରହିଛନ୍ତି । ଅସୁରମାନଙ୍କ ସହିତ ଦେବତାମାନେ ମଧ୍ୟ ନିଜ ପରାକ୍ରମ ଦ୍ୱାରା ବିଷ ସଂସୃଷ୍ଟ ଅନ୍ନକୁ ଭକ୍ଷଣ କରି ଜୀର୍ଣ୍ଣକରି ନପାରିଲା ଭଳି ସୀତାଙ୍କୁ ଜୀର୍ଣ୍ଣ କରି ପାରିବ ନାହିଁ । (୮) ଶେଷରେ ହନୁମାନ ପୁନର୍ବାର ରାବଣକୁ କହିଛନ୍ତି 'ଯାହାଙ୍କୁ ସୀତା' ବୋଲି ତୁମ୍ଭେ ଜାଣ ଏବଂ ଯେ ତୁମ୍ଭ ଗୃହରେ ଏବେ ରହିଛନ୍ତି, ତାହାଙ୍କୁ ସମଗ୍ର ଲଙ୍କାର ବିନାଶକାରିଣୀ କାଳରାତ୍ରୀ ବୋଲି ଜାଣ । ସୁତରାଂ ସୀତାଙ୍କ ମୂର୍ତ୍ତିଧାରଣ କରିଥିବା କାଳପାଶକୁ ନିଜ କାନ୍ଧରେ ଲଗାଇବା ଆବଶ୍ୟକ ନାହିଁ, ନିଜ ବିଷୟରେ ଯାହା ହିତକର ତାହାହିଁ ଚିନ୍ତାକର । ତୁମେ ଦେଖିବ, ସମସ୍ତ ଅଟ୍ଟାଳିକା ଏବଂ ରାଜବର୍ତ୍ମ ସହିତ ଏହି ଲଙ୍କା ନଗରୀ ସୀତାଙ୍କ ତେଜରେ ଦଗ୍ଧ ଏବଂ ରାମଙ୍କ କୋପରେ ପ୍ରଦୀପ୍ତ ହୋଇ ଭସ୍ମୀଭୂତ ହୋଇଯିବ । (୯)

ମୋଟ ଉପରେ ଏଥିରୁ ପ୍ରତିପାଦିତ ହେଉଛି ଯେ ବେଦବତୀ ଓ କାଳରାତ୍ରୀ ହେଉଛନ୍ତି ସାକ୍ଷାତ୍ ଜଗଦମ୍ବା; ଯେ କି ରାବଣ ମୃତ୍ୟୁର କାରଣ । ଅର୍ଥାତ୍ ସୀତାଙ୍କୁ ରାକ୍ଷସ ବଂଶର ଧ୍ୱଂସ କାରିଣୀ ରୂପେ ବର୍ଣ୍ଣନା କରାଯାଇଛି । ଏଠାରେ 'ସୀତାଙ୍କୁ' ମହିଷାସୁରର ବିନାଶ କାରିଣୀ 'ଦୁର୍ଗା'ଙ୍କ ସହିତ ସମ୍ବନ୍ଧାନ୍ୱିତ କରାଯାଇପାରେ ।

କିନ୍ତୁ 'ଯୋଗବାଶିଷ୍ଠ ରାମାୟଣ'କୁ ଅଧ୍ୟୟନ କଲେ ସେଥିରେ ନାରୀରୂପୀ କାଳରାତ୍ରୀର ବର୍ଣ୍ଣନା ଦେଖିବାକୁ ମିଳେ ଯାହାକୁ ରାମଚନ୍ଦ୍ର କାଳ ରୂପେ ବର୍ଣ୍ଣନା କରିଛନ୍ତି । (୧୦) 'ଅଧ୍ୟାତ୍ମ ରାମାୟଣ'ରେ ସୀତାଙ୍କୁ ଯୋଗମାୟା ଲକ୍ଷ୍ମୀ, ସୃଷ୍ଟି ପାଳନକାରିଣୀ, ସଂହାରକାରିଣୀ ବିଷ୍ଣୁମାୟାରୂପେ ବର୍ଣ୍ଣନା କରାଯାଇଛି । (୧୧)

ବିଭିନ୍ନ ରାମାୟଣରେ ଏଭଳି ବିଭିନ୍ନରୂପେ ସୀତାଙ୍କୁ ବର୍ଣ୍ଣନା କରାଯିବା ସଙ୍ଗେ ସଙ୍ଗେ ସୀତା ଯେ ଶକ୍ତିରୂପା ଏହା ବର୍ଣ୍ଣନା କରାଯାଇଅଛି ।

ବାଲ୍ମୀକି ରାମାୟଣରେ ବାଳକାଣ୍ଡରେ ବର୍ଣ୍ଣିତ ଅଛି ଯେ, ଯେତେବେଳେ ରାମଚନ୍ଦ୍ର ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ସଙ୍ଗେ ଆସୁଥିଲେ ସେତେବେଳେ ବିଶ୍ୱାମିତ୍ର ତାଙ୍କୁ 'ଅତିବଳା' ଓ 'ବଳା' ନାମକ ଦୁଇଟି ବିଦ୍ୟା ପ୍ରଦାନ କରିଥିଲେ । ଏହି ବିଦ୍ୟା ଦୁଇଟି ଥିଲା ସର୍ବ ବିଦ୍ୟାର ଜନନୀ । ଏହି ବିଦ୍ୟା ଦୁଇଟି ହେଉଛନ୍ତି ବ୍ରହ୍ମାଙ୍କର କନ୍ୟା । ଏହାକୁ ସିଦ୍ଧି କରିବା ଦ୍ୱାରା ରାମଚନ୍ଦ୍ରଙ୍କ ତେଜ , ବଳ ଓ କାନ୍ତି ପ୍ରଭୃତି ବୃଦ୍ଧି ପାଇଥିଲା । ପୁନଶ୍ଚ ବାଳକାଣ୍ଡରେ ଉଲ୍ଲେଖ ଅଛି, ରାମଚନ୍ଦ୍ର ଦକ୍ଷ ପ୍ରଜାପତିଙ୍କର କନ୍ୟା ଜୟା ଓ ସୁପ୍ରଭାଙ୍କ ଅନୁଗ୍ରହରେ ପ୍ରଚଣ୍ଡ ବଳଶାଳୀ ହେବା ସଙ୍ଗେ ସଙ୍ଗେ ମହାସ୍ତ୍ର ସମୂହର ଅଧିକାରୀ ହୋଇ ପାରିଥିଲେ । (୧୨) ଦେବୀଙ୍କର ଚଉଷଠୀ ଯୋଗିନୀଙ୍କ ମଧ୍ୟରେ ଜୟା ଓ ସୁପ୍ରଭାଙ୍କର ନାମୋଲ୍ଲେଖ ଦେଖିବାକୁ ମିଳେ ।

କିନ୍ତୁ ରାମଚନ୍ଦ୍ର ରାବଣବଧ ଓ ସୀତାଙ୍କ ଉଦ୍ଧାର ନିମନ୍ତେ ଦୁର୍ଗାପୂଜା କରିଥିବା ବିଷୟ ବାଲ୍ମୀକି ରାମାୟଣରେ ପରିଦୃଷ୍ଟ ହୁଏ ନାହିଁ । ଏହି ବର୍ଣ୍ଣନା ଦେବୀ ଭାଗବତ, କାଳିକା ପୁରାଣ, ଏବଂ କୃତ୍ତିବାସ ରାମାୟଣରେ ଦେଖିବାକୁ ମିଳେ ।

ଏଥିରୁ ପ୍ରତିପାଦିତ ହେଉଛି ଯେ, ଶକ୍ତିବାଦ ପ୍ରାଗ୍‌ବୈଦିକ ଯୁଗରେ ଥିଲେ ମଧ୍ୟ ରାମାୟଣ ସମୟକୁ ଏହା ନିର୍ଦ୍ଦିଷ୍ଟ ରୂପ ଧାରଣ କରିନଥିଲା । କିନ୍ତୁ ଶକ୍ତିବାଦର ପ୍ରଭାବ ରାମାୟଣରେ ସୁସ୍ପଷ୍ଟ ନ ହେଲେ ମଧ୍ୟ ଅସ୍ପଷ୍ଟ ନୁହେଁ ଏହା ସ୍ୱୀକାର୍ଯ୍ୟ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର–୭୬୦୦୦୭ (ଗଞ୍ଜାମ)

(୧) ଡେଭଲପ୍‌ମେଣ୍ଟ ଅଫ୍ ହିନ୍ଦୁ ଇକ୍‌ନୋଗ୍ରାଫି– ଜେ. ଏନ୍. ବାନାର୍ଜି; ପୃ. ୮୮

(୨) ନିର୍ମାଲ୍ୟ–ଆଶ୍ୱିନ କାର୍ତ୍ତିକ ୧୯୮୨, ପୃ. ୯–୧୪

(୩) ଋଗ୍‌ବେଦ ସଂହିତା ମଣ୍ଡଳ ୧ ସୂକ୍ତ ୧୩ ମନ୍ତ୍ର ୯ ।

(୪) ତତ୍ରୈବ ମଣ୍ଡଳ ୯ ସୂକ୍ତ ୧୦୨ ମନ୍ତ୍ର ୪ ।

(୫) ଶ୍ରୀ ବୁଦ୍ଧୋ–ସ୍ୱାମୀ ପ୍ରଜ୍ଞାନନ୍ଦ (ଅବତରଣିକା, ସ୍ୱାମୀ ଅଭେଦାନନ୍ଦ) ପୃ. ୪୦-୪୧

(୬) ଶ୍ରୀମଦ୍ ବାଲ୍ମୀକି ରାମାୟଣ—ଉତ୍ତରକାଣ୍ଡ, ସମ୍ପାଦନା ଓ ଅନୁବାଦ, ପଣ୍ଡିତ ଲିଙ୍ଗରାଜ ମିଶ୍ର (୧୯୬୭) ୧୭ ସର୍ଗ ।

(୭) ଶ୍ରୀମଦ୍ ବାଲ୍ମୀକି ରାମାୟଣ– ଲଙ୍କାକାଣ୍ଡ, ଅ. ୬୬ ।

(୮) ତତ୍ରୈବ ସୁନ୍ଦରାକାଣ୍ଡ, ୫ମ ସର୍ଗ, ଶ୍ଳୋକ–୨୩-୨୪ ।

(୯) ତତ୍ରୈବ ସୁନ୍ଦରାକାଣ୍ଡ, ୫୧ ସର୍ଗ, ଶ୍ଳୋକ–୩୪-୩୫ ।

"ଯାଂ ସୀତେତ୍ୟଭିଜାନାସି ଯେୟଂ ତିଷ୍ଠତି ତେ ଗୃହେ
କାଳରାତ୍ରୀତି ତାଂ ବିଦ୍ଧି ସର୍ବଲଙ୍କାବିନାଶିନୀମ୍ ॥ (୩୪)
ତଦଳଂ କାଳପାଶେନ ସୀତା ବିଗ୍ରହ ରୂପିଣା
ସ୍ୱୟଂ ସ୍କନ୍ଧାବସକ୍ତେନ କ୍ଷେମମାତ୍ମନି ଚିନ୍ତ୍ୟତାମ୍ ॥ (୩୫)
ସୀତୟା ତେଜସା ଦଗ୍ଧାଂ ରାମକୋପ ପ୍ରଦୀପିତାମ୍
ଦହ୍ୟମାନମିମାଂ ପଶ୍ୟ ପୁରୀଂ ସାଟ୍ଟ ପ୍ରତୋଳିକାମ୍ ।(୩୬)

(୧୨) ଶ୍ରୀମଦ୍ ବାଲ୍ମୀକି ରାମାୟଣ—ଆଦ୍ୟକାଣ୍ଡ, ୨୧ ଅଧ୍ୟାୟ

# ଓଡ଼ିଶାରେ ଯୋଗିନୀ ଉପାସନା

ଶ୍ରୀ ଗଣେଶ ପ୍ରସାଦ ପରିଜା

କେଉଁ ଆଦିମକାଳରୁ ଶକ୍ତି ମାହାତ୍ମ୍ୟ ଅନୁଭବକରି ମଣିଷ ଦେବୀ ବା ଶକ୍ତି ଉପାସନା କରି ଆସିଛି । ଦୁଃଖ ଶୋକ ଜଗତରୁ ତ୍ରାଣ ପାଇବାପାଇଁ ମଣିଷ ବହୁ ଉଦ୍ୟମ କରିଥାଏ । ପ୍ରାକ୍-ବୈଦିକ ଯୁଗରେ ବହୁ ବଳୟ ଭୂଷିତ ଯୋଗାରୂଢ଼ ପଶୁପତିଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଯୁଗେ ଯୁଗେ ନାରୀ ଶକ୍ତିରୂପେ ଅବତୀର୍ଣ୍ଣ ହୋଇଛି । ଯୋଗାରୂଢ଼ ଶିବଙ୍କର ଶକ୍ତି ମହାଶକ୍ତି ପାର୍ବତୀ । ଆର୍ଯ୍ୟକନ୍ୟା ସତୀ ପତିନିନ୍ଦା ସହିନପାରି ଅଗ୍ନି କୁଣ୍ଡରେ ନିଜକୁ ସମର୍ପଣ କରିଥିଲେ । ପରବର୍ତ୍ତୀ କାଳରେ ସେହି ସତୀ ପର୍ବତରାଜ ହିମାଳୟ ଘରେ ପାର୍ବତୀ ନାମରେ ଅବତୀର୍ଣ୍ଣ ହେଲେ । ଯୋଗୀର ଶକ୍ତି ଯୋଗିନୀ । ଯେଉଁ ଯୋଗିନୀ ଜୀବକୁ ଏ ସଂସାରର ଦୁଃଖ ଯନ୍ତ୍ରଣାରୁ ରକ୍ଷାକରିବାପାଇଁ ଶକ୍ତିରୂପେ ଦେହରେ ଅଧିଷ୍ଠିତା ସେ ହେଉଛନ୍ତି ଯୋଗିନୀ । ଯୋଗୀମାନେ ଅନୁଭବ କରିଛନ୍ତି କୁଣ୍ଡଳିନୀ ଶକ୍ତି ଗୁହ୍ୟଦ୍ୱାରରେ ସୁଷୁମ୍ନାକୁ ଆବୋରି ଶୋଇରହିଛି । ସେହି ସୁଷୁମ୍ନାକୁ ବୌଦ୍ଧ ତଥା ବଜ୍ରଯାନୀମାନେ ଡୋମ୍ବୀ, ଶୁଣ୍ଡିନୀ, ଚିଣ୍ଡାଡି ପ୍ରଭୃତି ନାମ ଦେଇଛନ୍ତି । କାହିଁକିନା ଇଡ଼ା ପିଙ୍ଗଳା, ସୁଷୁମ୍ନା ମଧ୍ୟରୁ ଶେଷନାଡ଼ିଟିକୁ ସହଜରେ ଛୁଇଁହୁଏ ନାହିଁ । ଯୋଗୀମାନେ ଅନୁଭବ କରିଛନ୍ତି ଏଦେହରେ ଷଡ଼ଚକ୍ରଅଛି । ଏହି ଷଡ଼ଚକ୍ରକୁ ଭେଦକରି ଶୂନ୍ୟ ମହାଶୂନ୍ୟକୁ ଗଲେ ଏଜୀବ ପରମ ସହିତ ମିଳିତହୋଇ ମହାସୁଖ ପାଇଥାଏ । ଯୋଗ ଓ ତନ୍ତ୍ର ମତରେ ଶରୀରର ସମସ୍ତ ଚକ୍ରର ଉପର ଚକ୍ରକୁ ଶୂନ୍ୟଚକ୍ର କହନ୍ତି । ହିନ୍ଦୁମାନଙ୍କ ମତରେ ଏହି ଚକ୍ରର ନାମ ସହସ୍ରାର । ବୌଦ୍ଧମାନେ ଏହାକୁ ଚଉଷଠି ଦଳ କମଳ କହନ୍ତି । ଏହି ୬୪ ଦଳ କମଳରେ ଯୋଗୀର ମହାଶକ୍ତି ଯୋଗିନୀ ଚଉଷଠି ରୂପରେ ବିରାଜମାନ । ଏହି ଚଉଷଠିଙ୍କୁ ସାଧନାଦ୍ୱାରା ନିଜରକରି ପାରିଲେ ସମସ୍ତ କିଛି ହୋଇ ପାରିବ, ତେଣୁ ବୌଦ୍ଧ ବଜ୍ରଯାନ ଯୁଗରୁ ଯୋଗିନୀ ସାଧନା ସାଧକଙ୍କର ପରମଧ୍ୟେୟ ହୋଇ ଆସିଛି । ସାଧକମାନେ ସାଧନାରେ ଯୋଗିନୀମାନଙ୍କୁ ସଂତୁଷ୍ଟ କରିବାପାଇଁ ଯୋଗିନୀ ସାଧନା କରିଥାନ୍ତି । ତନ୍ତ୍ର-ସାଧନା ସାଧାରଣତଃ ଗୁପ୍ତରେ କରାଯାଏ । ତେଣୁ ଯୋଗିନୀ ପୀଠଗୁଡ଼ିକ ନଗରଠାରୁ ଟିକିଏ ଦୂରରେ ହୋଇଥିବାର ଦେଖାଯାଏ ।

ଓଡ଼ିଶାରେ ଏପର୍ଯ୍ୟନ୍ତ ଦୁଇଟି ଯୋଗିନୀ ପୀଠର ସନ୍ଧାନ ମିଳିଛି । ଗୋଟିଏ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଓ ଅନ୍ୟଟି ବଲାଙ୍ଗିର ଜିଲ୍ଲାର ରାଣୀପୁର ଝରିଆଲରେ । ରାଣୀପୁର ଝରିଆଲ ଯୋଗିନୀ ପୀଠଟି ଯେ ଶୈବପୀଠ ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ । କାହିଁକି ନା ନଟରାଜ ଶିବଙ୍କୁ ଯୋଗିନୀ କ୍ଷେତ୍ରର ମଧ୍ୟସ୍ଥଳରେ ଦେଖିବାକୁ ମିଳେ । କେବଳ ସେତିକି ନୁହେଁ ; ସେହି ପୀଠରେ ପରମଶୈବ ଗଗନଶୈବଗୁରୁ ତାଙ୍କର ଆସ୍ଥାନ ସ୍ଥାପନ କରିଥିଲେ । ଏଣୁ ଏହି ପୀଠଟି ଗୋଲକାର ଭାବେ ନିର୍ମିତ ହୋଇଛି ଓ ଚଉଷଠି ଯୋଗିନୀ ନୃତ୍ୟଭଙ୍ଗୀରେ ଅବସ୍ଥାନ କରିଛନ୍ତି । ମଧ୍ୟସ୍ଥଳରେ ରହିଛନ୍ତି ନଟରାଜ ଶିବ । ନୃତ୍ୟ ଭଙ୍ଗୀରେ ରହିବାର ମୁଖ୍ୟ କାରଣ ହେଉଛି ଏଦେହରେ ଶକ୍ତି-ମହାଶକ୍ତି ନିତ୍ୟ ଖେଳା କରି ଚାଲିଛନ୍ତି । ଜୀବର ସୁପ୍ତ ଅବସ୍ଥାରେ ମଧ୍ୟ ଏହି ଶକ୍ତିମାନେ ଜାଗ୍ରତ । ଚଣ୍ଡାଳିନୀଶକ୍ତି ଗୁହ୍ୟଦ୍ୱାରରେ ସୁପ୍ତ । ତାକୁ ଜାଗ୍ରତ କରିବାକୁ ଯୋଗର ଆବଶ୍ୟକ ପଡ଼େ । ସେ ଜାଗ୍ରତହୋଇ ସମସ୍ତ ଚକ୍ର ସ୍ପର୍ଶକରି ଏଦେହର ଶୀର୍ଷଚକ୍ରରେ କ୍ରୀଡ଼ାକଲେ ମାନବ ଜ୍ଞାନର ଚରମ ସୀମାରେ ପହଞ୍ଚିଥାଏ । ଯୋଗ ସମୟରେ ଚଣ୍ଡାଳୀଶକ୍ତି ନୃତ୍ୟ ଭଙ୍ଗୀରେ ଚକ୍ରର ବିଭିନ୍ନ ଅଙ୍ଗ ତଥା ଚକ୍ର ଗୁଡ଼ିକୁ ସ୍ପର୍ଶକରି ଚାଲିଥାଏ । ତେଣୁ ଯୋଗିନୀମାନେ ନୃତ୍ୟଭଙ୍ଗୀରେ ଦଣ୍ଡାୟମାନ ।

ରାଣୀପୁର ଝରିଆଲରେ ବର୍ତ୍ତମାନ ଚଉଷଠି ଯୋଗିନୀ ନାହାନ୍ତି । ଯୋଗିନୀମାନେ ଗଠିତ ହୋଇଥିବା ପଥରଗୁଡ଼ିକ ସେଭଳି ଦୃଢ଼ ନହୋଇ ଥିବାରୁ କାଳକ୍ରମେ ମୂର୍ତ୍ତିଗୁଡ଼ିକ ମିଳାଇ ଗଲାଣି । ତଥାପି ୪୮ଟି ମୂର୍ତ୍ତି ରହିଥିବା ଦେଖାଯାଏ । କେତେକ ଯୋଗିନୀ ଦକ୍ଷିଣକରରେ ଖଡ୍ଗ ଓ ବାମରେ ନରକୋରଟିର ପାନ ପାତ୍ର ଧାରଣ କରିଛନ୍ତି । ତାଙ୍କ ବକ୍ଷରେ ଲମ୍ବିଛି ନରମୁଣ୍ଡ ମାଳା । ସେମାନେ ସମସ୍ତେ ଉଲଗ୍ନ ହୃଷ୍ଟ । ଏହି ଯୋଗିନୀମାନଙ୍କ ମଧ୍ୟରେ ଦ୍ୱାଦଶ ଯୋଗିନୀ ପଶୁମୁଣ୍ଡା ଥିବାର ଦେଖାଯାଏ । ସେହିଭଳି ଚତୁର୍ଦ୍ଦଶ ଯୋଗିନୀଟି ବୌଦ୍ଧ ଚର୍ଚ୍ଚିକା ଭଳି ଅସ୍ଥି କଙ୍କାଳସାର ଶରୀର । ଶୃଗାଳମୁଖୀ, ସିଂହମୁଖୀ, ବ୍ୟାଘ୍ରମୁଖୀ, ବରାହମୁଖୀ, ଗୋମୁଖୀ, ହସ୍ତିମୁଖୀ, ବେତାଳମୁଖୀ, ମେଷମୁଖୀ, ଘୋଟକମୁଖୀ, ମୃଗମୁଖୀ ଯୋଗିନୀ ଏଠାରେ ଆରାଧିତା ହେଉଥିଲେ । ହୀରାପୁର ଅପେକ୍ଷା ଏହିମୂର୍ତ୍ତିଗୁଡ଼ିକ ଖୁବ୍ ବଡ଼ । ଅନ୍ତତଃ ମୂର୍ତ୍ତିଗୁଡ଼ିକ ଦୁଇଫୁଟ ଉଚ୍ଚ । ଏହି ଚଉଷଠି ଯୋଗିନୀଙ୍କ ମଧ୍ୟଭାଗରେ ତିନିମସ୍ତକ ବିଶିଷ୍ଟ ଶିବ ଦଣ୍ଡାୟମାନ ।

ତାଙ୍କ ହସ୍ତରେ ତ୍ରିଶୂଳ ଡ଼ମ୍ବରୁ ରହିଛି । ତାଙ୍କ ଦକ୍ଷିଣ ଭାଗରେ ଗଣେଶ ଅଛନ୍ତି ଏବଂ ବାମରେ ବୃଷଭ ଉପରେ ବାମପାଦ ରଖି ଶିବ ନୃତ୍ୟଶୀଳ ।

ଓଡ଼ିଶାର ଧର୍ମ ସଂସ୍କୃତିକୁ ଲକ୍ଷ୍ୟକଲେ ମନେହୁଏ ପ୍ରଥମେ ଜୈନ, ତା'ପରେ ବୌଦ୍ଧ ଏବଂ ପରେ ଶୈବ ସଂସ୍କୃତି ଓଡ଼ିଆ-ମାନଙ୍କ ଦ୍ୱାରା ବିଶେଷ ପରିପ୍ରୁଷ୍ଟର ହୋଇଥିଲା । ତେଣୁ ରାଣୀପୁର ଝରିଆଲର ଦକ୍ଷିଣକୁ ଏକ ଶିବ ମନ୍ଦିରରେ ବୁଦ୍ଧଙ୍କର ଏକ ଚିତ୍ର ଖୋଦିତ ହୋଇଥିବା ଦେଖାଯାଏ । ଭଲଭାବରେ ଲକ୍ଷ୍ୟକଲେ ମନେହୁଏ ବୁଦ୍ଧ ଓ ଶିବଙ୍କ ସାମଗ୍ରିକରୂପ ଏକ । ସେହିଭଳି ବୌଦ୍ଧ ସ୍ତୁପର ସଂକ୍ଷିପ୍ତରୂପ ଶିବଲିଙ୍ଗ । ପରବର୍ତ୍ତୀକାଳରେ ପୁରାଣଯୁଗରେ ବେଦର ରୁଦ୍ରଙ୍କ ଗୁଣକୁ ଶିବଙ୍କଠାରେ ଆରୋପ କରିଦିଆଗଲା । ଶୌଦ୍ଧତାନ୍ତ୍ରିକମାନେ ମୂଳବୌଦ୍ଧଧର୍ମରୁ ବିଚ୍ୟୁତହୋଇ ଯେଉଁ ପର୍ଯ୍ୟାୟରେ ଉପଗତହେଲେ ତାହା ଶୈବ ସଂପ୍ରଦାୟଭଳି ମନେହୁଏ । ତେଣୁ ବହୁ ସ୍ଥାନରେ ବୌଦ୍ଧ ଶୈବ ଏକଭଳି ମନେହୁଅନ୍ତି । କିନ୍ତୁ ଏହା ସତ୍ୟ ଯେ ଓଡ଼ିଶାର ବହୁ ଦେବମୂର୍ତ୍ତି ଭାରତୀୟ ଧ୍ୟାନସହିତ ମିଶନ୍ତିନାହିଁ । ଏହାର କାରଣ ଓଡ଼ିଶାର ତନ୍ତ୍ରାଚାର୍ଯ୍ୟ ତଥା ଧର୍ମ ପ୍ରଚାରଙ୍କ ମନରେ ପୂର୍ବବର୍ତ୍ତୀ ଧର୍ମର ଛାୟା ରହି ଯାଇଥିବା ହେତୁ ଭାରତୀୟ ଦେବତାଙ୍କ ଧ୍ୟାନକୁ ସେ ଠିକ୍‌ରୂପେ ନିର୍ଦ୍ଦେଶକରି ପାରିନାହାନ୍ତି ।

ଯୋଗିନୀ ସଂସ୍କୃତି କେବଳ ଯେ ବୌଦ୍ଧ ଏବଂ ହିନ୍ଦୁମାନଙ୍କର ଏହାନୁହେଁ । ଜୈନଗ୍ରନ୍ଥରେ ଚତୁରିଟି ଯୋଗିନୀଙ୍କ ବିଷୟ ଲିପିବଦ୍ଧ ହୋଇଛି । ତନ୍ମଧ୍ୟରେ ବାରାହୀ, ସଗରାତମୁଖୀ, ଗୋମୁଖୀ, ଯାମକୀ, ଗଣେଶଚ୍ଛ, ହଂସିନୀ, ହନୁମୁଖୀ ଆଦି ଯୋଗିନୀଙ୍କ ସଂଧାନମିଳେ । ଯାହାକି, ବୌଦ୍ଧ ଓ ହିନ୍ଦୁମାନଙ୍କ ଯୋଗିନୀଙ୍କ ମଧ୍ୟରେ ରହିଥାନ୍ତି । ହିନ୍ଦୁତନ୍ତ୍ରର ଦଶମହାବିଦ୍ୟାରେ ଥିବା ମାତଙ୍ଗୀଙ୍କ ଧ୍ୟାନ ସହିତ ଯଦିଓ ହୀରାପୁରର ମାତଙ୍ଗୀ ଓ ରାଣୀପୁର ଝରିଆଲର ମାତଙ୍ଗୀଙ୍କ ସ୍ୱରୂପ ମିଳେନାହିଁ ତଥାପି ମାତଙ୍ଗମୁଖୀ ମାତଙ୍ଗୀ ଅଧିକ ଯୁକ୍ତିଯୁକ୍ତ ।

ହୀରାପୁରର ଯୋଗିନୀମାନଙ୍କୁ ହିନ୍ଦୁମାନଙ୍କ ଯୋଗିନୀବୋଲି ଧାରଣା କରାଯାଉଛି । ମାତ୍ର ଏହି ଯୋଗିନୀ ବୌଦ୍ଧତନ୍ତ୍ରର ବଜ୍ରଯାନୀଙ୍କ ସମୟରେ ଉପାସିତ ହେଉଥିବା ଧାରଣା କରିବା ଅଧିକ ଯୁକ୍ତିଯୁକ୍ତବୋଲି କୁହାଯିବ । ଯୋଗୀ ଶିବଙ୍କର ଚଉଷଠି ଯୋଗିନୀ ରାଣୀପୁର ଝରିଆଲରେ ଗଠିତହୋଇ ଉପାସିତା ହେଉଥିଲେ । ହୀରାପୁରର ଚଉଷଠି ଯୋଗିନୀ ଯଦି ଶୈବତନ୍ତ୍ରର ହୋଇଥାନ୍ତେ ତେବେ ରାଣୀପୁର ଝରିଆଲ ସ୍ୱରୂପ ଓ ସଂସ୍କୃତିର ହୋଇଥାନ୍ତେ । ମାତ୍ର ସେହିଭଳି ନଥିବାରୁ ଭିନ୍ନମତ ପୋଷଣ ଅଯୌକ୍ତିକ ନୁହେଁ, ଯୋଗୀର ସ୍ତ୍ରୀଲିଙ୍ଗ ଯୋଗିନୀ । ହିନ୍ଦୁ ତନ୍ତ୍ରରେ ଯୋଗୀ କହିଲେ ଶିବଙ୍କୁ ବୁଝାଏ । ହୀରାପୁରରେ ଶିବ ନଥିବା ଯୋଗୁ ଶୈବତନ୍ତ୍ରର ବା ହିନ୍ଦୁତନ୍ତ୍ରର ଯୋଗିନୀ ବୋଲି କହିବା ଅପେକ୍ଷା ବୌଦ୍ଧତନ୍ତ୍ରର ବୋଲି କହିବା ସହଜ ।

ମାଦଳାପାଞ୍ଜିରୁ ଜଣାଯାଏ କଳିଙ୍ଗର ରାଜା ମଦନମାଧବ-ଦେବ ବୌଦ୍ଧମାନଙ୍କୁ ବାଦେଇ କଳିଙ୍ଗ ଭୂମିରୁ ବିଦାକରିଦେଲେ । ସେମାନେ ଗଲାବେଳେ ତାଙ୍କ ସହିତ ସେମାନଙ୍କ ଗ୍ରନ୍ଥଗୁଡ଼ିକୁ ନେଇଯାଇଥିବା ସମ୍ଭବ । ତେଣୁ ବୌଦ୍ଧମାନଙ୍କର ସେଭଳି କୌଣସି ପ୍ରାମାଣିକ ଶାସ୍ତ୍ର ଏପର୍ଯ୍ୟନ୍ତ ମିଳିନାହିଁ । ମାତ୍ର ସେମାନଙ୍କ ଦେବତା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳନ୍ତି । ସେହି ଦେବତାମାନଙ୍କ ମଧ୍ୟରୁ ଅନେକ ହିନ୍ଦୁମାନଙ୍କର ଉପାସ୍ୟରୂପେ ଆରାଧିତ । ସେହିଦୃଷ୍ଟିରୁ ଚଉଷଠି ଯୋଗିନୀଙ୍କୁ ଲକ୍ଷ୍ୟକଲେ ମନେହୁଏ ଯୋଗିନୀ ପ୍ରଥମେ ବୌଦ୍ଧ-ମାନଙ୍କଦ୍ୱାରା ଆରାଧିତା ହେଉଥିଲେ । ପରେ ହିନ୍ଦୁମାନେ ତାଙ୍କୁ ଉପାସନା କଲେ ।

ସୃଷ୍ଟିର ଉଦ୍‌ଭବ ଯେପରି ଶିବ ଶକ୍ତି ଲିଙ୍ଗ-ଶକ୍ତି ମାଧ୍ୟମରେ ହୁଏ ସେହିଭଳି ଯୋଗି ଓ ଯୋଗିନୀଙ୍କ ଦ୍ୱାରା ସୃଷ୍ଟି-ସ୍ଥିତି-ପ୍ରଳୟର କଳ୍ପନା କରାହୋଇଛି । ହୀରାପୁର ଯୋଗିନୀଙ୍କ ଅବସ୍ଥାନ ରାଣୀପୁର ଝରିଆଲଠାରୁ ପୃଥକ । ରାଣୀପୁର ଝରିଆଲର ମଧ୍ୟଦେଶରେ ଶିବ ଦଣ୍ଡାୟମାନ । କିନ୍ତୁ ହୀରାପୁର ଯୋଗିନୀଙ୍କ ମଧ୍ୟ ଦେଶରେ ଚାରୋଟି ଯୋଗୀ ଓ ଚାରୋଟି ଯୋଗିନୀ ଅବସ୍ଥାନ କରିଛନ୍ତି । ଏହାହିଁ ଖୁବ୍‌ସମ୍ଭବତଃ ବୃହତ୍ତର ପରିକଳ୍ପନା । ନାରୀଶ୍ୱର ମୂର୍ତ୍ତିକୁ ଦେଖିଲେ ଜଣାଯାଏ ଗୋଟିଏ ଶରୀରରେ ପୁରୁଷ ଏବଂ ନାରୀର ପରିକଳ୍ପନା କରାଯାଇଛି । କାରଣ ଏକମାତ୍ର ନାରୀ ସୃଷ୍ଟି କରିପାରେନାହିଁ କିମ୍ବା ଏକମାତ୍ର ପୁରୁଷ ସୃଷ୍ଟି କରିପାରେନାହିଁ । ସୃଷ୍ଟିପାଇଁ ନାରୀ ଓ ପୁରୁଷଙ୍କ ସାହାଯ୍ୟ ଏକାନ୍ତ ଆବଶ୍ୟକ । ହୀରାପୁର ଯୋଗିନୀର ମଧ୍ୟଦେଶରେ ଯେଉଁ ଚାରୋଟିଲେଖାଁ ଯୋଗୀ ଯୋଗିନୀଙ୍କ ପରିକଳ୍ପନା ହୋଇଛି ତାହା ନାରୀଶ୍ୱରର କଳ୍ପନା । ଏହି ଯୋଗୀମାନଙ୍କ ମଧ୍ୟରେ ଗୋଟିଏ ଅଜୈକପାଦ ଭୈରବଙ୍କ ମୂର୍ତ୍ତି ରହିଛି । ଏହି ଯୋଗୀ ଯୋଗିନୀଙ୍କୁ କେନ୍ଦ୍ରକରି ସମୟ ନିରୂପଣପାଇଁ ଘଣ୍ଟାଭଳି ଷାଠିଏଟି ଯୋଗିନୀ ଅବସ୍ଥାନ କରିଛନ୍ତି । ଠିକ୍ ଶିବଲିଙ୍ଗକୁ ଘେରି ଯେଉଁଭଳି ଗୌରୀପଟ ରହିଥାଏ ଷାଠିଏଟି ଯୋଗିନୀଙ୍କ ଚାରିପାଖରେ ଗୋଲାକାରଭାବେ ପଥର ପାଚେରୀ ରହିଛି । ଏହି ପଥର ପାଚେରୀର ପୂର୍ବଦିଗରେ ଯୋଗିନୀମାନଙ୍କ ପାଖକୁ ରାସ୍ତା । ଏହି ରାସ୍ତାର ଆରମ୍ଭରେ ଦ୍ୱାରପାଳକରୂପେ ଦୁଇଟି ଭୟଙ୍କର ମୂର୍ତ୍ତି ଦଣ୍ଡାୟମାନ । ସାଧକ ସାଧନା କରିବା ପାଇଁ ଆସିବାବେଳେ ନିଜେ ସାଧକ ଏହି ପରିଚୟପତ୍ରତାଙ୍କୁ ଦେବାକୁ ହୁଏ । ତତ୍‌ପରେ ଏକପାଦ ଭୈରବ, ଦ୍ୱିପାଦଭୈରବ ଏବଂ ଯୋଗିନୀଗଣ ରହିଛନ୍ତି ।

ହୀରାପୁର ଚଉଷଠି ଯୋଗିନୀ ମନ୍ଦିରର ବହିର୍ଦ୍ଦେଶରେ ନବଦେବୀଙ୍କ ଚିତ୍ର ରହିଛି । ସେମାନେ ପାନପାତ୍ର ଓ ବଜ୍ର ଖଡ୍‌ଗ ଧାରଣ କରିଛନ୍ତି । ବଜ୍ରଖଡ୍‌ଗ ନୃତ୍ୟ ଛନ୍ଦରେ ବଜ୍ର ଠାଣିରେ ଗମନରତା ଶକ୍ତିଙ୍କ ପ୍ରତୀକ । ଏହି ଦେବୀଙ୍କ ବାମ ହସ୍ତରେ ଥିବା ନରକରୋଟିର ପାନପାତ୍ର ଜ୍ଞାନର ପ୍ରତୀକ । ମସ୍ତିଷ୍କରୁ ଜ୍ଞାନ ସଞ୍ଚାରିତ ହୋଇଥାଏ । ତେଣୁ ବୌଦ୍ଧତାନ୍ତ୍ରିକ-ମାନେ ନର କପାଳକୁ ଜ୍ଞାନାର୍ଥରେ ଧାରଣ କରୁଥିଲେ । ଅଜ୍ଞାନକୁ ବିନାଶ କରିବାପାଇଁ ଦେବୀମାନେ ଯେଉଁଭଳି ଜ୍ଞାନର ଖଡ୍‌ଗ ଧାରଣ କରୁଥିଲେ ସେହିଭଳି ସମସ୍ତ ବିକାରକୁ ଦୂରେଇ ନେଇ ଜୀବକୁ ଅମୃତର ସନ୍ଧାନ ଦେବା ପାତ୍ରସ୍ଥିତ ବିଶୁଦ୍ଧ ସୁରାର ତାତ୍‌ପର୍ଯ୍ୟ । ଯୋଗଦ୍ୱାରା ବ୍ୟକ୍ତି ତାର ନବଦ୍ୱାର ରୁଦ୍ଧି ଜୀବପବନକୁ ସୁଷୁମ୍ନାର ମାର୍ଗରେ ଗୁଞ୍ଜିତ କରେ । ଏହି ନବଦ୍ୱାରର ରକ୍ଷାକର୍ତ୍ତ୍ରୀ ହେଉଛନ୍ତି ଯୋଗିନୀ ମନ୍ଦିରର ବହିର୍ଦ୍ଦେଶରେ ଥିବା ନବକାତ୍ୟାୟିନୀ । ତାଙ୍କ ମସ୍ତକ ଉପରେ ଛତ୍ର ଥିବା ଚିତ୍ରରୁ ଜଣାଯାଏ ।

ଏପର୍ଯ୍ୟନ୍ତ ଏହି ଚଉଷଠି ଯୋଗିନୀଙ୍କର ପ୍ରକୃତ ନାମ ମିଳି ନାହିଁ । ବିଭିନ୍ନ ଧର୍ମଶାସ୍ତ୍ରରେ ଥିବା ଚଉଷଠି ଯୋଗିନୀଙ୍କ ନାମକୁ ହୀରାପୁର ଯୋଗିନୀଙ୍କ ଉପରେ ଆରୋପ କଲେ ଭୁଲ୍ ହେବ । କାହିଁକିନା ହିନ୍ଦୁ ଯୋଗିନୀଙ୍କ ଧ୍ୟାନ ସହିତ ଏହି ଯୋଗିନୀଙ୍କ ରୂପ ମିଳନାହିଁ । ଓଡ଼ିଆର ଆଦିକବି ଶାରଳାଦାସ ଚଉଷଠି ଯୋଗିନୀଙ୍କ ନାମ ତାଙ୍କ ଶେଷ ଲେଖା ଚଣ୍ଡୀପୁରାଣରେ ଉଲ୍ଲେଖ କରିଛନ୍ତି । ସେଥିରେ ବିନାୟକୀ ନାମରେ କୌଣସି ଦେବୀ ନାହାନ୍ତି । ଅଥଚ ହୀରାପୁର ଯୋଗିନୀଙ୍କ ମଧ୍ୟରେ ଗଧ ଉପରେ ଅବସ୍ଥାନ କରିଥିବା ହସ୍ତୀ ମସ୍ତକ ବିଶିଷ୍ଟା ଏକ ଯୋଗିନୀ ଦେଖିବାକୁ ମିଳେ । ଶାରଳାଙ୍କ ସମୟକୁ ବୌଦ୍ଧ ସଂସ୍କୃତି ଲିଭି ଲିଭି ଆସିଲାଣି । ତେଣୁ ମୂଳତନ୍ତ୍ର ଯେ ବୌଦ୍ଧ ତାନ୍ତ୍ରିକଙ୍କଠାରୁ ଆସିଛି ତାହା ପ୍ରାୟ ସେ ଉତ୍ତମରୂପେ ହୃଦ୍‌ବୋଧ କରି ପାରିନାହାନ୍ତି । ତଥାପି ଶ୍ରୀ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି ସେ ଉଲ୍ଲେଖ କରି ଯାଇଛନ୍ତି । ପଣ୍ଡିତ ନୀଳମଣି ମିଶ୍ର ଭାରତୀୟ ତନ୍ତ୍ରଶାସ୍ତ୍ର ଗ୍ରନ୍ଥରେ ଶାରଳାଙ୍କ ଚଣ୍ଡୀପୁରାଣର ଚଉଷଠି ଯୋଗିନୀଙ୍କ ନାମର ଅବତାରଣା କରିଛନ୍ତି । ମାତ୍ର ସେହି ନାମ ଗୁଡ଼ିକ ଚଉଷଠି ସଂଖ୍ୟାରୁ ଅଧିକ । କିନ୍ତୁ ଛାପା ଚଣ୍ଡୀପୁରାଣରେ ଯୋଗିନୀଙ୍କ ନାମ ଦିଆଯାଇଛି । ତାହାର ସଂଖ୍ୟା ୬୩ । ବର୍ତ୍ତମାନ ୬୩ଟି ଯୋଗିନୀ ହୀରାପୁର ଠାରେ ଅବସ୍ଥିତା । ଗୋଟିଏ ଯୋଗିନୀଙ୍କ ସ୍ଥାନ ଖାଲି ପଡ଼ିଛି । ଚଣ୍ଡୀପୁରାଣରେ ଉଲ୍ଲେଖ ଅଛି :

ପ୍ରଥମରେ ଛାୟା ଏକ ମାୟା ଯେ ଯୁଗ୍ମକ
ତ୍ରୟେ ନାରାୟଣୀ ବ୍ରହ୍ମାୟଣୀ ଚତୁର୍ଥେକ ॥
ଭୈରବୀ ପଞ୍ଚମେ ଯେ ମାହେଶ୍ୱରୀ ଷଷ୍ଠ
ରୁଦ୍ରାୟଣୀ ସପତମେ ଇନ୍ଦ୍ରାୟଣୀ ଆଠ ॥
ବାସେଳୀ ନବମ ଦେବୀ ତ୍ରିପୁରା ଯେ ଦଶ
ଉଗ୍ରତାରା ଏଗାରଯେ ଚର୍ଚ୍ଚିକା ଦ୍ୱାଦଶ ॥
ତାରେଣୀ ତ୍ରୟୋଦଶ ଅମ୍ବିକା ଚତୁର୍ଦ୍ଦଶ
କୁଠାରୀ ପନ୍ଦର ଭଗବତୀ ଯେ ଷୋଡ଼ଶ ॥
ନୀଳା ସପ୍ତଦଶ କମଳା ଯେ ଅଷ୍ଟାଦଶ
ଶାନ୍ତି ଉନବିଂଶ କାନ୍ତି ବିଂଶ ଯେ ପ୍ରକାଶ
ଘଟକରୀ ଏକବିଂଶ ଚାମୁଣ୍ଡା ଦ୍ୱାବିଂଶ
ଚର୍ଚ୍ଚିକା ତ୍ରୟୋବିଂଶ ମାଧବୀ ଚତୁର୍ବିଂଶ
ଉଚକେଶ୍ୱରୀ ପଚିଶ ଆନନ୍ଦା ଛବିଶ ॥
ସଦାନନ୍ଦା ସପ୍ତବିଂଶ ରୂପା ଅଷ୍ଟବିଂଶ ।
ବାରାହୀ ଯେ ଉନତ୍ରିଂଶ ନାଗରୀ ଯେ ତ୍ରିଂଶ ॥
ଖେଚରୀ ଏକତ୍ରିଂଶ ଭୂଚରୀ ବତିଶ
ବେତାଳୀ ତେତିଶ କାଳିଜ୍ଞରୀ ଚଉତ୍ରିଂଶ
ଶଂଖୀ ପଞ୍ଚତ୍ରିଂଶ ରୁଦ୍ରକାଳୀ ଯେ ଛତିଶ ॥
କାଳରାତ୍ର ଦେବୀ ଅଟେ ଜାଣ ସପ୍ତତ୍ରିଂଶ ॥
କଙ୍କାଳୀ ଅଷ୍ଟତିରିଶ ସଂଖ୍ୟାପରକାଶ ।
କୁରୁସ୍ତର ବାଳୀ ଆଉ ଦୋହିଣୀ ଦ୍ୱାରିଣୀ ॥
ଅଣଚାଳିଶରୁ ଚାଳିଶ ଯାଏ ଗଣି ।
ସୋହାଣୀ ତେୟାଳିଶ ବରାହୀ ଚଉରାଳିଶ ॥

ଯାଙ୍କ ନାମ ଶୁଣିଲେ ନଯାଇ ଯମପାଶ ।
କୋଟବାଇ ଅନ୍ନଛାୟା କୋଟମୁଖୀ ପୂର୍ଣ୍ଣି ॥
ଏମାନଙ୍କର ମହିମା କେହୁପାରେ ଜାଣି ।
ସମ୍ବୃଦ୍ଧା ଉଲ୍‌ଲୁକା ସମାଶୀଳା ମୃତ୍ତାକାଣ ॥
ଦକ୍ଷିଣାଇ ଗୋପାଳୀ ମହିନୀ ପଞ୍ଚାବନ ।
ଜାମଶେଣୀ ଛପନ କପାଳୀ ସତାବନ
ତ୍ରୈଲୋକ୍ୟ ବ୍ୟାପିନୀ ଦେବୀ ଅଟେ ଅଠାବନ
ତ୍ରିଲୋଚନା ନିମାଇଁ ଯେ ଅଣଷାଠି ଷାଠି
ଡାକେଶ୍ୱରୀ କମଳାର ଏକଷଠି ବାଷଠି
ଉଗ୍ରାୟଣୀ ତେଷଠି ରାମାୟଣୀ ଘେନି ॥
ଜାଣ ହୋ ନୃପ ଏମାନେ ଚୌଷଠି ଯୋଗ୍ନୀ

ଏହି ଯୋଗିନୀମାନେ ମହିଷାସୁର ଓ ତାର ସେନାପତିମାନଙ୍କୁ ନିହତ କରିବାକୁ ଦେବୀ ଦୁର୍ଗାଙ୍କ ମଧ୍ୟରୁ ଆତ୍ମ ପ୍ରକାଶ କରିଥିଲେ । ବୌଦ୍ଧ ପର୍ଣ୍ଣଶବରୀ ପରବର୍ତ୍ତୀ-କାଳରେ ଦୁର୍ଗାରୂପେ ଦେଖା ଦେବା ଧାରଣା କରାଯାଏ । ଉଦ୍ରକଠାରେ ପ୍ରାୟ ୩ୟ ୪ର୍ଥ ଶତାବ୍ଦୀରେ ପୂର୍ଣ୍ଣଦେବୀ ଆରାଧିତା ହେଉଥିବା ଶିଳାଲେଖରୁ ଜଣାଯାଏ । ଶାରଳା-ଦାସ ଉଲ୍ଲେଖ କରିଛନ୍ତି ଦୁର୍ଗତିରୁ ଯେଉଁ ଦେବୀ ଉଦ୍ଧାର କରନ୍ତି ସେ ହେଉଛନ୍ତି ଦୁର୍ଗା । ମାତ୍ର ସପ୍ତଶତୀ ଚଣ୍ଡୀରେ ଦୁର୍ଗମ ନାମକ ରାକ୍ଷସକୁ ବଧ କରିବା ହେତୁ ଦେବୀ ଦୁର୍ଗା ନାମରେ ଅଭିହିତା ହୋଇଥିବା ଉଲ୍ଲେଖ ଅଛି । ପାର୍ଜିଟାର ସାହେବ ସପ୍ତଶତୀ ଚଣ୍ଡୀକୁ ୫ମ ୬ଷ୍ଠ ଶତାବ୍ଦୀରେ ରଚିତ ବୋଲି କହିଛନ୍ତି । ତତ୍‌ପୂର୍ବରୁ ବୌଦ୍ଧମାନେ ପର୍ଣ୍ଣଦେବୀଙ୍କ ଉପାସନା କରୁଥିଲେ । ହିନ୍ଦୁତନ୍ତ୍ରରେ ଉଗ୍ରଚଣ୍ଡା ଭଦ୍ରକାଳୀ, ଦୁର୍ଗା, ଉଗ୍ରତାରା, କୌଶିକୀ, କାଳୀ, ଶିବଦୂତୀ, ଚଣ୍ଡୀକା, ଏହି ଅଷ୍ଟ ଦେବୀଙ୍କ ପର୍ଯ୍ୟାୟରେ ଚଉଷଠି ଦେବୀ ଆସିଥିବା ବୁଝାହୋଉଛି । ଏହି ଆଠଦେବୀ ଅଷ୍ଟାଦଳ ପଦ୍ମର ଅଧିଷ୍ଠାତ୍ରୀ । ଏହି ଆଠ ସଂଖ୍ୟକ ପ୍ରତ୍ୟେକ ଦେବୀ ଆଠକରି ହେଲେ ସବୁ ମିଶି ୬୪ ଦେବୀ ହେଉଛନ୍ତି । ଭାରତୀୟ ତନ୍ତ୍ରଶାସ୍ତ୍ରରେ ଚତୁଷଷ୍ଠୀ ଯୋଗିନୀଙ୍କ ନାମ ଦିଆ ଯାଇଛି ;

ବ୍ରହ୍ମାଣୀ ଚଣ୍ଡିକାରୌଦ୍ରୀ ଗୌରୀନ୍ଦ୍ରାଣୀ ତଥୈବଚ
କୌମାରୀ ବୈଷ୍ଣବୀଦୁର୍ଗା ନାରସିଂହି ଚ କାଳିକା
ଚାମୁଣ୍ଡା ଶିବଦୂତୀ ଚ ବାରାହୀ କୌଶିକୀ ତଥା ।
ମାହେଶ୍ୱରୀ ଶାଙ୍କରୀ ଚ ଜୟନ୍ତୀ ସର୍ବମଙ୍ଗଳା
କାଳୀ କପାଳିନୀ ମେଧା ଶିବା ଶାକମ୍ଭରୀ ତଥା
ଭୀମା ଶାନ୍ତା ଭ୍ରାମରୀ ଚ ରୁଦ୍ରାଣୀ ଅମ୍ବିକା ତଥା ॥
କ୍ଷମାଧାତ୍ରୀ ତଥା ସ୍ୱାହା ସ୍ୱଧାପର୍ଣ୍ଣା ମହୋଦରୀ ।
ଘୋରରୂପା ମହାକାଳୀ ଭଦ୍ରକାଳୀ ଭୟଙ୍କରୀ ॥
କ୍ଷେମଙ୍କରୀ ଉଗ୍ରଚଣ୍ଡା ଚଣ୍ଡୋଗ୍ରା ଚଣ୍ଡାନାୟିକା ।
ଚଣ୍ଡା ଚଣ୍ଡାବତୀ ଚଣ୍ଡୀ ମହାମୋହା ପ୍ରିୟଙ୍କରୀ ॥
ବଳବିକେରିଣୀ ଦେବୀ ବଳପ୍ରମଥିନୀ ତଥା ।
ମଦନୋନ୍ମାଥିନୀ ଦେବୀ ସର୍ବଭୂତସ୍ୟ ଦାମନୀ ॥

ଉମା ତାରା ମହାନିଦ୍ରା ବିଜୟା ଚ ଜୟା ତଥା ।
ପୂର୍ବୋକ୍ତା ଶୈଳପୁତ୍ର୍ୟାଦ୍ୟା ନୋଗିନୀଷ୍ଟୋ ଚ ପ୍ରକ୍ରମାତ
ତଭିରେଭିଷ୍ଚ ସହିତା ଚତୁଷଷ୍ଟିଶ୍ଚ ଯୋଗିନୀ
ପୂଜୟେନ୍ନୃପଶ୍ରେଷ୍ଠଃ ସର୍ବକାମାର୍ଥ–ସିଦ୍ଧୟେ ।।

ଏଥି ସହିତ ପୂର୍ବରୁ କଥିତ ହୋଇଥିବା ଉଗ୍ରଚଣ୍ଡୀ, ଭଦ୍ରକାଳୀ, ଦୁର୍ଗା, ଉଗ୍ରତାରା, କୌଶକୀ, କାଳୀ, ଶିବଦୂତୀ ଓ ଚଣ୍ଡିକାଙ୍କୁ ମିଶାଇଲେ କେତେକ ସ୍ଥଳରେ ଏକ ନାମରେ ସଂଖ୍ୟା ଯୁଗ୍ମ ହୋଇଯିବ । ତେଣୁ ଚଉଷଠି ଯୋଗିନୀଙ୍କର ସମସ୍ତ ନାମ ଏଥିରେ ଲେଖା ନାହିଁ । ତାହାଛଡ଼ା ଏହି ଆଠ ଦେବୀଙ୍କ ଠାରୁ ଅର୍ଥାତ୍ ପ୍ରତ୍ୟେକ ମୂର୍ତ୍ତିରୁ ଆଠଟି କରି ଦେବୀ ସମ୍ଭୂତା ହୋଇ ଯେଉଁ ଚଉଷଠି ହେଉଛନ୍ତି ସେହି ଚଉଷଠିଙ୍କ ସହିତ ଉପର ବର୍ଣ୍ଣିତା ଚଉଷଠିଙ୍କ ନାମ ମେଳ ଖାଏ ନାହିଁ । ହିନ୍ଦୁ ତନ୍ତ୍ରାଗ୍ରନ୍ଥ ଧାରଣା କରିଛନ୍ତି ଏହି ଉଗ୍ରଚଣ୍ଡା, ଭଦ୍ରକାଳୀ, ଦୁର୍ଗା, ଉଗ୍ରତାରା, କୌଶିକୀ, କାଳୀ ଶିବଦୂତୀ ଓ ଚଣ୍ଡିକାଙ୍କୁ ଅଷ୍ଟଦଳ ପଦ୍ମ ବିଶିଷ୍ଟ ଚକ୍ରରେ ପୂଜା କରାଯାଏ । ଏହି ଅଷ୍ଟଦଳ ପଦ୍ମର ପ୍ରତ୍ୟେକ ପାଖୁଡ଼ାରେ ଜଣେ ଜଣେ ଶକ୍ତି ଅଧିଷ୍ଠିତା । ସେହି ସମସ୍ତ ଶକ୍ତିଙ୍କ ସଂଖ୍ୟା ଚଉଷଠି ।

## ୧ । ଉଗ୍ରଚଣ୍ଡା (ଅଷ୍ଟଭୁଜା)

କୌଶିକୀ ଶିବଦୂତୀ ଚ ଉମା ହୈମବତୀଶ୍ୱରୀ
ଶାକମ୍ଭରୀ ଚ ଦୁର୍ଗା ଚ ଅଷ୍ଟମୀ ଚ ମହୋଦରୀ

## ୨ । ଭଦ୍ରକାଳୀ-ଷୋଡ଼ଶଭୁଜା

ଜୟନ୍ତୀଂ ମଙ୍ଗଳାଂ କାଳୀଂ ଭଦ୍ରକାଳୀ କପାଳିନୀମ୍ ।
ଦୁର୍ଗାଂ ଶିବାଂ କ୍ଷମାଂ ଧାତ୍ରୀଂ ଦଳେଷ୍ୱେଷୁ ପୂଜୟେତ୍ ।।

## ୩ । ଦୁର୍ଗା ଦ୍ୱିଭୁଜା ବା ଦଶଭୁଜା

ଜୟା ଚ ବିଜୟା ଚୈବ ମାତଙ୍ଗୀ ଲଳିତା ତଥା ।
ନାରାୟଣ୍ୟଥ ସାବିତ୍ରୀ ସ୍ୱାହା ସ୍ୱଧା ତଥାଷ୍ଟମୀ ।।

## ୪ । ଉଗ୍ରତାରା ଚତୁର୍ଭୁଜା

ମହାକାଲ୍ୟଥ ରୁଦ୍ରାଣୀ ଉଗ୍ରା ଭୀମା ତଥୈବଚ ।
ଘୋରା ଚ ଭ୍ରାମରୀ ଚୈବ ମହାରାତ୍ରିଶ୍ଚ ସପ୍ତମୀ ।।

## ୫ । କୌଶିକୀ ଅଷ୍ଟଭୁଜା

ବ୍ରହ୍ମାଣୀ ପ୍ରଥମା ପ୍ରୋକ୍ତା ତତୋ ମାହେଶ୍ୱରୀ ମତା ।
କୌମାରୀ ଚୈବ ବାରାହୀ ବୈଷ୍ଣବୀ ପଞ୍ଚମୀ ମତା ।।
ନାରସିଂହୀ ତଥୈବୈନ୍ଦ୍ରୀ ଶିବଦୂତୀ ତଥାଷ୍ଟମୀ ।
ଏତୋଃ ପୂଜ୍ୟାଃ ମହାଭାଗା ଯୋଗିନ୍ୟଃ କାମଦାୟିନୀ ।।

## ୬ । କାଳୀ ଚତୁର୍ଭୁଜା

ତ୍ରିପୁରା ଭୀଷଣା ଚଣ୍ଡୀ କର୍ତ୍ତୀହସ୍ତୀ ବିଧାୟିନୀ ।
କରାଳା ଶୂଳିନୀ ଚେତି ଅଷ୍ଟୌ ତାଃ ପରିକୀର୍ତ୍ତିତାଃ ।।

## ୭ । ଶିବଦୂତୀ ଚତୁର୍ଭୁଜା

କ୍ଷେମଙ୍କରୀ ଚ ଶାନ୍ତା ଚ ବେଦମାତା ମହୋଦରୀ ।
କରାଳା କାମଦା ଦେବୀ ଭଗସ୍ୟା ଭଗମାଳିନୀ ।।
ଭଗୋଦରୀ ଭଗାରୋହା ଭଗଜିହ୍ୱା ଭଗା ତଥା ।
ଏତା ଦ୍ୱାଦଶ ଯୋଗିନ୍ୟଃ ପୂଜନେ ପରିକୀର୍ତ୍ତିତାଃ ।

## ୮ । ଚଣ୍ଡିକା ମହିଷା ମର୍ଦ୍ଦିନୀ ମହାମାୟା ଦଶଭୁଜା

ଉଗ୍ରଚଣ୍ଡା ପ୍ରଚଣ୍ଡା ଚ ଚଣ୍ଡୋଗ୍ରା ଚଣ୍ଡନାୟିକା ।
ଚଣ୍ଡା ଚଣ୍ଡବତୀ ଚୈବ ଷମୁଣ୍ଡା ଚଣ୍ଡିକା ତଥା

ଓଡ଼ିଆରେ ଚଉଷଠି ଯୋଗିନୀଙ୍କ ଧାରଣା ପ୍ରଥମେ ଶାରଳାଦାସ ତାଙ୍କ ଜାତି ଆଗରେ ଉପସ୍ଥାପିତ କଲେ । ସେତେବେଳକୁ ଓଡ଼ିଶାରେ ବୈଷ୍ଣବଧର୍ମ ପ୍ରବଳ ହେଲଣି । କବିଙ୍କ ଇଷ୍ଟ ଶାରଳା ବୈଷ୍ଣବ ମତରେ ଆରାଧିତା ହୋଇସାରିଲେଣି । ତେଣୁ ବୌଦ୍ଧ ତନ୍ତ୍ର ମତ ଦୁର୍ବଳ ହୋଇ ପଡ଼ିଥିବା ସ୍ୱାଭାବିକ । ନିଜେ ଶାରଳା ଦାସ ଶାରଳା ଠାକୁରାଣୀ "ଶୋଣିତେ ତ୍ରିପୁତି" ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ସେ ପରମା ବୈଷ୍ଣବୀ । କେବଳ ସେତିକି ନୁହେଁ ଓଡ଼ିଶାର ପ୍ରସିଦ୍ଧ ଦେବୀଗଣ ବିରଜା, ବିମଳା, ମଙ୍ଗଳା, ଭଗବତୀ ପ୍ରଭୃତି ବୈଷ୍ଣବ ମତରେ ଆରାଧିତ ହେଉଥିବା ହେତୁ ପ୍ରଥମେ ସେମାନେ କେଉଁ ମତରେ ପ୍ରତିଷ୍ଠିତା ଓ ଆରାଧିତା ହେଲେ ତାହା କହିବା କଷ୍ଟ । ତଥାପି କୋଣାର୍କର ରାମଚଣ୍ଡୀ ବହୁଗିରିର ବାଲିହରିଚଣ୍ଡୀ, ନାରାୟଣୀ ଖୋଲର ନାରାୟଣୀ, ଉଷ୍ଣପୁରର ତାରାଦିଙ୍କ ପାଖରେ ଏବେବି ମାଛ ମାଂସ ନୈବିଦ୍ୟ ଲାଗୁଥିବା ଦୃଷ୍ଟିରୁ ଓଡ଼ିଶାର ସମସ୍ତ ଦେବୀ ତନ୍ତ୍ର ମତରେ ପୂଜା ହେଉଥିଲେ ଓ ପରେ ବୈଷ୍ଣବ ଧର୍ମ ପ୍ରବଳ ହେବାରୁ ପ୍ରସିଦ୍ଧ ଦେବୀଗଣ ବୈଷ୍ଣବ ମତରେ ଆରାଧିତା ହେଉଛନ୍ତି ବୋଲି କୁହାଯିବ ।

ଓଡ଼ିଆରେ ଗୋଟିଏ ଗାଳି ଅଛି 'ଯୋଗଣୀ ଖାଉ' । ଏହି ଯୋଗଣୀ ଯେ ଯୋଗିନୀ ଏଥିରେ ସନ୍ଦେହ ନାହିଁ । ସାଧାରଣତଃ ହଇଜାକୁ ଯୋଗିନୀଙ୍କ ପ୍ରକୋପ ବୋଲି କୁହାଯାଏ । ସେଥିପାଇଁ ହଇଜା ଲାଗିଥିବା ଅଞ୍ଚଳରେ ଯୋଗଣୀ ବା ଯୋଗିନୀମାନଙ୍କ ଉଦ୍ଦେଶ୍ୟରେ ପଣାଦିର ବ୍ୟବସ୍ଥା କରାଯାଏ । ଏହି ବିଷୟକୁ ବିଶ୍ଳେଷଣକଲେ ସ୍ୱତଃ ମନେହୋଇଥାଏ ଯୋଗିନୀଗଣ ତନ୍ତ୍ରର ଇଷ୍ଟ ହୋଇଥିବାରୁ ହଇଜା ସମୟରେ ତାଙ୍କ ପୂଜା କଲେ ଦେବୀଙ୍କ ଅନୁଗ୍ରହରେ ହଇଜା ଭଲହେବ । ମାତ୍ର ଯେତେବେଳେ ବୈଷ୍ଣବମାନେ ଓଡ଼ିଶାର ପୂଜା ଉପାସନାକୁ ଅଧିକାର କରିନେଲେ ସେତେବେଳେ ଯୋଗିନୀ କହିଲେ

ସେହି ଲୋକ ଆତଙ୍କିତ ହଉଥିବାକୁ ବୁଝାଉଛି । ବହୁ ତନ୍ତ୍ର ଦେବୀ ବୈଷ୍ଣବ ପ୍ରଭାବରେ ପଞ୍ଚ 'ମ' କାର ମଦ-ମାଂସ-ମାଛ-ମୈଥୁନ-ମୁଦ୍ରା ତ୍ୟାଗକରି ନିରାମିଷ ନୈବିଦ୍ୟରେ ଉପାସିତ ହେଲେ । ବିଶେଷଭାବେ ଓଡ଼ିଶାରେ ବହୁ ତନ୍ତ୍ରଦେବୀ ଲୋକମାନଙ୍କ ଦ୍ୱାରା ଅନାଦୃତ ହେଲେ । ଉଦାହରଣ ସ୍ୱରୂପ, ପୁରୀଜିଲ୍ଲାର କାକଟପୁର ନିକଟସ୍ଥ ଚୌରାଶିଠାରେ ଥିବା ବାରାହୀ ଠାକୁରାଣୀ ଅଷ୍ଟମ ଶତାବ୍ଦୀରୁ ଉପାସିତ ହେଉଥିଲେ । ବର୍ତ୍ତମାନ ସେହି ପୁରାତନ ଦେଉଳରେ ବାରାହୀ ଅବସ୍ଥାନ କରିଥିଲେ ମଧ୍ୟ ତାଙ୍କ ଦେହରେ କପଡ଼ା ଖଣ୍ଡେ ବି କେହି ଭୁଲରେ ପିନ୍ଧାଉନାହିଁ । ସେହି ନିକଟରେ ଗୋଟିଏ ଲଳିତମାଧବ ଓ ଗୋଟିଏ ଲକ୍ଷ୍ମୀନାରାୟଣମୂର୍ତ୍ତିକୁ ଦେଖିଲେ ସ୍ୱତଃ ମନେ ହୋଇଥାଏ ଏହି ବୈଷ୍ଣବ ପରିକଳ୍ପିତ ଦେବତାଙ୍କ ଯୋଗୁ ତନ୍ତ୍ର ଦେବୀ ବାରାହୀ ଅନାଦୃତ ହୋଇଛନ୍ତି । ବାରାହୀ ମଦ । ଆମିଷ ଭୋଗୀ ଏହା ତାଙ୍କ ଦକ୍ଷିଣ ହସ୍ତରେ ଥିବା ମାଛ ଓ ବାମ ହସ୍ତସ୍ଥିତ ପାନ ପାତ୍ରରୁ ସୂଚିତହୁଏ ।

ରାଣୀପୁର ଝରିଆଲ ଯୋଗିନୀପୀଠର ଆୟତନଠାରୁ ହୀରାପୁର ଯୋଗିନୀପୀଠର ଆୟତନ ଅପେକ୍ଷାକୃତ ଛୋଟ । ରାଣୀପୁର ଝରିଆଲ ଏବଂ ମଧ୍ୟପ୍ରଦେଶର ଭେରାଘାଟ ଯଥାକ୍ରମେ ୫୫ଫୁଟ ଓ ଫୁ ୧୩୦-୨ ଇଞ୍ଚ ହୋଇଥିଲାବେଳେ ହୀରାପୁରର ଯୋଗିନୀପୀଠ ମାତ୍ର ୨୫ ଫୁଟ । ରାଣୀପୁର ଝରିଆଲର ଯୋଗିନୀ ପୀଠ ଭଳି ହୀରାପୁର ଯୋଗିନୀପୀଠ ହୋଇଥିଲେ ମଧ୍ୟ ଗୋଲକାର ମଣ୍ଡପ ମଧ୍ୟରେ ୪ଗୋଟି ପଥର ଖୁଣ୍ଟିରେ ଆଉ ଏକ କ୍ଷୁଦ୍ର ଚତୁଷ୍କୋଣ ମଣ୍ଡପ ରହିଛି । ସେହି ମଣ୍ଡପରେ ତିନିମସ୍ତକ ବିଶିଷ୍ଟ ଅଷ୍ଟଭୁଜ ଶିବ ତାଣ୍ଡବ ଭଙ୍ଗୀରେ ଦଣ୍ଡାୟମାନ ହୋଇଛନ୍ତି । ତାଙ୍କ ନିକଟରେ ଗଣେଶ ଏବଂ ପାର୍ବତୀ ମୂର୍ତ୍ତି ଦେଖିବାକୁ ମିଳେ । ମାତ୍ର ଭେରାଘାଟ ଯୋଗିନୀ ମଣ୍ଡପ ମଧ୍ୟସ୍ଥଳରେ କୌଣସି ମଣ୍ଡପ ନିର୍ମାଣ ହୋଇନାହିଁ । ଅଥଚ ଏହି କ୍ଷେତ୍ରର ଯୋଗିନୀ ସଂଖ୍ୟା ସହିତ ହୀରାପୁର ଯୋଗିନୀ ମଣ୍ଡପ ଭିତର ଓ ବାହାର ମୂର୍ତ୍ତି ସଂଖ୍ୟା ସମାନ ହୋଇଯାନ୍ତି । ହୀରାପୁର ଯୋଗିନୀପୀଠରେ ଥିବା ସମସ୍ତ ମୂର୍ତ୍ତି ଗଣନା କଲେ ୮୧ ସଂଖ୍ୟକ ହେଉଛନ୍ତି ।

ହୀରାପୁର ଯୋଗିନୀପୀଠର ବହିର୍ଦେଶରେ ନବକାତ୍ୟାୟନୀଙ୍କ ମୂର୍ତ୍ତି ରହିଛି । ପ୍ରବେଶ ପଥରେ ଦୁଇଜଣ ଦ୍ୱାରପାଳ ଓ ଦୁଇଜଣ ଦ୍ୱାର ରକ୍ଷକ ରହିଛନ୍ତି । ପୀଠର ମଧ୍ୟ ଦେଶରେ ୪ଗୋଟି ଭୈରବ ମୂର୍ତ୍ତି ଅବସ୍ଥାପିତ । ତେଣୁ ୬୪ ଯୋଗିନୀଙ୍କ ସହିତ ଏମାନଙ୍କୁ ମିଶାଇଲେ ମୂର୍ତ୍ତି ସଂଖ୍ୟା ୮୧ ।

ଯୋଗିନୀ ତନ୍ତ୍ର ନାମରେ ଏକ ତନ୍ତ୍ରଗ୍ରନ୍ଥ ଦୃଷ୍ଟିଗୋଚର ହୁଏ । ଏହି ଗ୍ରନ୍ଥର ଅଷ୍ଟମ ପଟଳରେ ଯୋଗିନୀଙ୍କ ବିଷୟରେ ଯାହା ଉଲ୍ଲେଖ ହୋଇଛି ସେଥିରୁ ଜଣାଯାଏ, ଘୋର ନାମକ ଦୈତ୍ୟକୁ ବଧ କରିବା ପାଇଁ ମହାକାଳୀଙ୍କଠାରୁ ଯୋଗିନୀଗଣ ଉତ୍ପନ୍ନ ହୋଇଥିଲେ । ସଂଖ୍ୟାରେ ସେମାନେ କୋଟି କୋଟି । ମୂଳଗ୍ରନ୍ଥରେ ଉଲ୍ଲେଖ ଅଛି—

ମହାରାବୈର୍ବତୁର୍ଦ୍ଦିକ୍ଷୁ ଯତୋ ଘୋରପରାକ୍ରମୈଃ ।
ରଶ୍ମିବୃନ୍ଦ ସମୁଦ୍ଭୂତା ଯୋଗିନ୍ୟଃ କୋଟି କୋଟିଶଃ ॥ (୮-୬୮)

ଭାରତର ଦୁଇଟି ପ୍ରଦେଶରେ ଯୋଗିନୀ ଉପାସନା କେନ୍ଦ୍ର ପରିଲକ୍ଷିତ ହେଉଥିଲେ ମଧ୍ୟ ଯୋଗିନୀ ତନ୍ତ୍ରରେ ଏହି ପୀଠମାନଙ୍କ ବିଷୟରେ ସେଭଳି କିଛି ଉଲ୍ଲେଖ ହୋଇନାହିଁ । କେବଳ କେତେକ ସ୍ଥାନରେ ଏକାମ୍ର ନାମ ଉଲ୍ଲେଖ ହୋଇଛି । ଏକାମ୍ରରେ ରେବତୀନାମକ ଯୋଗିନୀସହ ଶିବ ରତିକ୍ରୀଡ଼ା କରିଥିବା ଦେଖିବାକୁ ମିଳେ । ଏହି ଗ୍ରନ୍ଥରେ ଉଡ୍ରପୀଠର ବର୍ଣ୍ଣନା ଉଲ୍ଲେଖ ଅଛି । ଯୋଗିନୀତନ୍ତ୍ର ଉତ୍ତରଖଣ୍ଡ ପ୍ରଥମ ପଟଳରେ ଉଲ୍ଲେଖ ଅଛି—ନୌଯାନ ଦ୍ୱାରା ଅଷ୍ଟଷଷ୍ଟିଯୋଜନ ବିସ୍ତାର ବିଶିଷ୍ଟ ଉଡ୍ରପୀଠ । ଏହାର ଆୟାମ (ଦୈର୍ଘ୍ୟ) ବିସ୍ତାରରେ ତିନିଗୁଣ ବେଶୀ । ଶକଟାକାର ଏହିପୀଠ ଚତୁଷ୍କୋଣ, ଚତୁର୍ଦ୍ୱାର ବିଶିଷ୍ଟ, ବାୟୁବିମ୍ବ ଦ୍ୱାରା ଚିହ୍ନିତ । ଏହି ସ୍ଥାନରେ ଦୁଇକୋଟି ତୀର୍ଥ ଯୁକ୍ତ ସିନ୍ଧୁ ଉଦ୍ରକ ପୀଠ—ଆଦିପୀଠ ସୋମେଶ୍ୱର ଲିଙ୍ଗ । ଏହି କ୍ଷେତ୍ରରେ କାମଧେନୁ ଏବଂ ଚକ୍ରେଶ୍ୱରହର ଅବସ୍ଥିତ ଅଛନ୍ତି । ତା'ପରେ ବିରାଟ କ୍ଷେତ୍ର, ତା'ପରେ ଏକାମ୍ର । ଏହାପରେ ଉତ୍ତର ମହାକ୍ଷେତ୍ର ଓ ମାତଙ୍ଗ ଶଙ୍କର । ତଦନ୍ତରେ ମହାପୁଣ୍ୟ କୁଶସ୍ଥଳୀ ଓ ଦଣ୍ଡକବନ ଇତ୍ୟାଦି ।

ବଜ୍ରଯାନୀଙ୍କ ମତରେ ଓଡ଼ିଶା ହେଉଛି ପ୍ରଥମପୀଠ । ଐତିହାସିକଗଣ ନିରୂପଣ କରନ୍ତି ଓଡ଼ିଶାରୁ ବଜ୍ରଯାନ ଉଦ୍ଭବ ହୋଇଥିଲା । ସେମାନେ ତନ୍ତ୍ରୋପାସକ ଥିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ତନ୍ତ୍ରପୀଠମାନ ଗଠିତହୋଇ ପୂଜା ଉପାସନା କରାଯାଉଥିଲା । ତେଣୁ ସମଗ୍ର ଓଡ଼ିଶାରେ ତନ୍ତ୍ରପୀଠମାନ ଦେଖିବାକୁ ମିଳେ । ଯୋଗିନୀପୀଠ ଅପେକ୍ଷା ଓଡ଼ିଶାରେ ମାତୃକାପୀଠ ଅଧିକ । ପରବର୍ତ୍ତୀକାଳରେ ଦଶମହାବିଦ୍ୟା ତନ୍ତ୍ରରେ ବହୁ ପ୍ରଭାବ ବିସ୍ତାର କରିଥିବା ଦେଖାଯାଏ । ମାତ୍ର ତନ୍ତ୍ରପୀଠମାନଙ୍କରେ ଦଶମହାବିଦ୍ୟାଙ୍କର ପୁରାତନ ମୂର୍ତ୍ତି ଦେଖିବାକୁ ମିଳେ ନାହିଁ । ଅଧିକଭାବେ ଦୁର୍ଗା ଓ ଚାମୁଣ୍ଡା ଆରାଧିତା ହେଉଥିବା ଜଣାଯାଏ ।

ଓଡ଼ିଶାରେ ପୂର୍ବେ ଯେଉଁଭଳି ତନ୍ତ୍ର ଦେବତାଙ୍କ ଉପାସନା ହେଉଥିଲା ତାହା ଧୀରେ ଧୀରେ ବୈଷ୍ଣବଧର୍ମ ପ୍ରଭାବରେ ହ୍ରାସ ପାଇଛି । ତେଣୁ ଶକ୍ତି ମହାଶକ୍ତିମାନେ ନିରବରେ ଅବସ୍ଥାନ କରିଛନ୍ତି । ଏ ଜାତି ଯେତେବେଳେ ସେମାନଙ୍କୁ ଚିହ୍ନି ପାରିବ ସେତେବେଳେ ପୂର୍ବଭଳି ସମଗ୍ର ଭାରତ କାହିଁକି ସାରା ପୃଥିବୀରେ ବୀର ଓ ମହାନ୍ ବୋଲି ପରିଗଣିତ ହେବ ।


କ୍ୱାଟର ନଂ ୭୭, ଟାଇପ—୪
ଡ୍ରେଲଟା କଲୋନି
ଭୁବନେଶ୍ୱର—୧୨


—



"ଛୋଟ ଛୋଟ କଥାରେ ହିଁ, ତୁଷ୍ଟ, ତୃପ୍ତ ମୁହିଁ..."

*Hema Malini*

"ମୋ ଅଳଅଳ କନ୍ୟାଠାରୁ ସକାଳୁଆ ଚୁମିଷ୍ଟ ବୋଲ !
ମୋ ପାଦରେ ଝଙ୍କୃତ ନୂପୁର'ର ରୁଣ୍‌ଝୁଣ୍‌ ସ୍ୱନ !
ପ୍ରଭାତ'ର ପହିଲ ଗରମାଗରମ କଫୀ'ର ଚୁମୁକ !
ଆଉ ମୋର ପ୍ରିୟ ଲକ୍ସରେ ସେଇ ପରିତୃପ୍ତିକାରୀ ସ୍ନାନ !"




ଶୁଦ୍ଧ, ସୌମ୍ୟ ଲକ୍ସ–ଚିତ୍ରତାରକାଙ୍କ ସୌନ୍ଦର୍ଯ୍ୟ ସାବୁନ ।

HLL-9717

ହିନ୍ଦୁସ୍ତାନ ଲିଭର ଲିମିଟେଡଙ୍କ ଏକ ଉତ୍କୃଷ୍ଟ ଉତ୍ପାଦନ

# ସପ୍ତଶତୀ ଚଣ୍ଡୀ: ଏକ ତାତ୍ତ୍ୱିକ ସମୀକ୍ଷା

ପଣ୍ଡିତ ରମାକାନ୍ତ କର

ଶାକ୍ତ ସଂସ୍କୃତିର ମୂଳାଧାର ଗ୍ରନ୍ଥ ହିଁ ଶ୍ରୀ ଶ୍ରୀ ସପ୍ତଶତୀ ଚଣ୍ଡୀ । ଏହି ସପ୍ତଶତୀ ଗ୍ରନ୍ଥ ଭଳି ଭକ୍ତି-ରସାତ୍ମକ କାବ୍ୟକୃତିର ଜନପ୍ରିୟତା ମୂଳରେ ରହିଛି ସାମାଜିକ ଚେତନା, ନିଗୂଢ଼ ଶକ୍ତିତତ୍ତ୍ୱ ଓ ସାମାଜିକ ଭାବଧାରା । ଉକ୍ତ ଗ୍ରନ୍ଥଟି ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଓ ଶକ୍ତି ମାଧ୍ୟମରେ ମୁକ୍ତିମାର୍ଗର ଦିଗ୍‌ଦର୍ଶକ । 'କାତ୍ୟାୟନୀ ତନ୍ତ୍ର' ମତରେ ସପ୍ତଶତ ମନ୍ତ୍ର ସ୍ଥାନ ପ୍ରାପ୍ତ କରିଥିବାରୁ ଏହାର ନାମ ସାର୍ଥକ ହୋଇଛି । ଚଣ୍ଡୀଙ୍କର ରୂପ, ଭେଦ, କାର୍ଯ୍ୟ ତଥା ଚରିତ୍ରାଦି ବର୍ଣ୍ଣିତ ହୋଇଥିବାରୁ ଏହା ସପ୍ତଶତୀ ଚଣ୍ଡୀ ନାମରେ ନାମିତ ହୋଇଛି । ଏହି ପୁସ୍ତକଟି ତ୍ରୟୋଦଶ ଅଧ୍ୟାୟ ସମନ୍ୱିତ ତଥା ସପ୍ତବିଂଶ ଆଖ୍ୟାନ ବର୍ଣ୍ଣିତ ଥିବାରୁ ଏହାର ଅନ୍ୟ ନାମ "ସତେଇଶ ଆଖ୍ୟାନ ଚଣ୍ଡୀ" ।

ଏହାର ପ୍ରଥମ ଅଧ୍ୟାୟରେ ୧୦୪, ଦ୍ୱିତୀୟ ଅଧ୍ୟାୟରେ ୬୯, ତୃତୀୟ ଅଧ୍ୟାୟରେ ୪୪, ଚତୁର୍ଥ ଅଧ୍ୟାୟରେ ୪୨, ପଞ୍ଚମ ଅଧ୍ୟାୟରେ ୧୨୯, ଷଷ୍ଠ ଅଧ୍ୟାୟରେ ୨୪, ସପ୍ତମ ଅଧ୍ୟାୟରେ ୨୭, ଅଷ୍ଟମ ଅଧ୍ୟାୟରେ ୬୩, ନବମ ଅଧ୍ୟାୟରେ ୪୧, ଦଶମ ଅଧ୍ୟାୟରେ ୩୨, ଏକାଦଶ ଅଧ୍ୟାୟରେ ୫୫, ଦ୍ୱାଦଶ ଅଧ୍ୟାୟରେ ୪୧ ଓ ତ୍ରୟୋଦଶ ଅଧ୍ୟାୟରେ ୨୯ଟି ସର୍ବମୋଟ ୭୦୦ ମନ୍ତ୍ର ସ୍ଥାନ ପାଇଛି । ଏଥିରେ ଏହି ସପ୍ତଶତ ମନ୍ତ୍ର ସ୍ଥାନ ପାଇଥିବାରୁ ନାମର ସାର୍ଥକତା ପ୍ରତିପାଦିତ ହୋଇଛି । 'ସପ୍ତଶତୀ' ବୋଲି ଖ୍ୟାତି ଲାଭ କରିଛି । ଏଥିରେ ସର୍ବମୋଟ ୫୭୮ଟି ଶ୍ଳୋକ, ୫୭ଟି ଉବାଚ ଓ ୧୦୭ଟି ଅର୍ଦ୍ଧଶ୍ଳୋକ ବା ଖଣ୍ଡଶ୍ଳୋକ ରହିଛି । ଉକ୍ତ ପୁସ୍ତକଟିର ପଠନ ବିଧି ସମ୍ବନ୍ଧରେ ମାର୍କଣ୍ଡେୟ ପୁରାଣାନ୍ତର୍ଗତ "ଶୁକ୍ରଶାପ ବିମୋଚନ" ସ୍ତୋତ୍ରରେ ଉଲ୍ଲେଖ କରାଯାଇଛି—"ଅର୍ଗଳଂ କୀଳକଂ ଚାଦୌ ତତ୍ ପ୍ରାନ୍ତେ କବଚଂ ପଠେତ୍ । ପଠେତ ସପ୍ତଶତୀଂ ପଶ୍ଚାଦ୍ ପଞ୍ଚସୂକ୍ତଂ ତଦନନ୍ତରମ୍ । ଦେବୀ ପଞ୍ଜରଙ୍କ ପ୍ରାନ୍ତେ ହାସ୍ୟ-ଭାଷ୍ୟ-ରହସ୍ୟକମ୍ । ତତ୍‌ପ୍ରାନ୍ତେ ଚ ପଠେତ୍ ସ୍ତୋତ୍ରଂ ଯଃ ସ୍ତୋତ୍ରଂ ଶାପ ମୋଚନମ୍ ।" (ଶୁ. ଶା. ବି/। ୧୮-୧୯) । ପଞ୍ଚସୂକ୍ତ କହିଲେ ବେଦୋକ୍ତ ଭଦ୍ର ମହାକାଳୀ ସୂକ୍ତ, ମହାଲକ୍ଷ୍ମୀ ସୂକ୍ତ (ଶ୍ରୀସୂକ୍ତ), ମହାସରସ୍ୱତୀ ସୂକ୍ତ, ରାତ୍ରିସୂକ୍ତ ଓ ଦେବୀ ସୂକ୍ତ । ରାତ୍ରିସୂକ୍ତଟି ଋକ୍‌ବେଦ ଦଶମମଣ୍ଡଳ ଦଶମ ଅନୁବାଦ ୧୨୭ ସୂକ୍ତ ଅଟେ । ଏହା ସପ୍ତଶତୀ ଚଣ୍ଡୀପାଠର ପ୍ରାରମ୍ଭରୁ ପାଠ କରାଯିବାର ବିଧି ଉଲ୍ଲିଖିତ ଅଛି—

"ରାତ୍ରିସୂକ୍ତଂ ପଠେଦାଦୌ ମଧ୍ୟେ ସପ୍ତଶତୀଂ ସ୍ତବମ୍,
ପ୍ରାନ୍ତେ ତୁ ପଠନୀୟଂ ବୈ ଦେବୀସୂକ୍ତମିତି କ୍ରମଃ ।"

ଦେବ ଜଗତ ଓ ମାନବ ସଂସାର ସୃଷ୍ଟିରେ ପ୍ରକୃତି ଓ ପୁରୁଷ ଉଭୟଙ୍କର ପ୍ରାଧାନ୍ୟ ପରିଦୃଷ୍ଟ ହୁଏ । ଶକ୍ତି ହିଁ ପ୍ରକୃତି । ଦେବ ଜଗତର ସୃଷ୍ଟିରେ ପ୍ରଥମ ଶକ୍ତି ହିଁ ଆଦ୍ୟାଶକ୍ତି ବା ଦୁର୍ଗାଶକ୍ତି । ପୁରୁଷ ହେଉଛନ୍ତି ଆଦି ପୁରୁଷ । ଏହି ଆଦିପୁରୁଷ ( The Supereme Soul ) ଓ ଆଦିଶକ୍ତି ( The Supreme Power ) ଉଭୟଙ୍କର ସହାୟତାରେ ସଂସାରର ସୃଷ୍ଟି, ସ୍ଥିତି ଓ ପ୍ରଳୟ ସମ୍ଭବ ହୋଇଛି । ଏହି ତିନି କ୍ରିୟାକୁ ସଂପାଦନ କରିବା ପାଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଦେବ ଓ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ତ୍ରିଦେବୀ ସତ୍ତ୍ୱ, ରଜ, ତମ ଗୁଣରେ ଆବିର୍ଭୂତ ହୋଇଛନ୍ତି । ଏହି ତାତ୍ତ୍ୱିକ ଉକ୍ତି ଅନୁସାରେ ବ୍ରହ୍ମା-ମହାସ୍ୱତୀ (ସାତ୍ତ୍ୱିକୀ), ବିଷ୍ଣୁ-ମହାଲକ୍ଷ୍ମୀ (ରାଜସୀ) ଓ ମହେଶ୍ୱର-ମହାକାଳୀ (ତାମସୀ) ମୂର୍ତ୍ତି ଭାବରେ ଆବିର୍ଭୂତା ହୋଇ ଅସୁରମାନଙ୍କୁ ନିପାତ କରିଛନ୍ତି । ଏହି ତ୍ରିଗୁଣାତ୍ମିକା ଶକ୍ତି ସମ୍ବନ୍ଧୀୟ ତାତ୍ତ୍ୱିକ ବର୍ଣ୍ଣନା ଉକ୍ତ ଚଣ୍ଡୀ ପୁସ୍ତକରେ ସ୍ଥାନ ପାଇଛି ।

ଉକ୍ତ ପୁସ୍ତକରେ ଶକ୍ତିତତ୍ତ୍ୱ ବ୍ୟତୀତ ବିଭିନ୍ନ ତତ୍ତ୍ୱର ସମନ୍ୱୟ ଘଟିଛି ବୋଲି ଏହି ତାତ୍ତ୍ୱିକ ସମୀକ୍ଷାରୁ ସ୍ପଷ୍ଟ ଅନୁମେୟ । ଦେବୀ ମହାତ୍ମ୍ୟ ଓ ଶକ୍ତି ତତ୍ତ୍ୱ—ଉକ୍ତ ଗ୍ରନ୍ଥରେ ଦେବୀ ମହାତ୍ମ୍ୟ ସଂବନ୍ଧରେ ବିସ୍ତୃତ ବର୍ଣ୍ଣନା ରହିଛି । ପ୍ରଥମ ଅଧ୍ୟାୟରୁ ଶେଷ ଅଧ୍ୟାୟ ପର୍ଯ୍ୟନ୍ତ ବର୍ଣ୍ଣିତ ମଧୁକୈଟଭ ବଧ, ମହିଷାସୁର ବଧ, ଧୂମ୍ରଲୋଚନ ବଧ, ଚଣ୍ଡମୁଣ୍ଡ ବଧ, ରକ୍ତବୀଜ ବଧ, ଶୁମ୍ଭ ନିଶୁମ୍ଭ ବଧ, ଇତ୍ୟାଦି ଅସୁରମାନଙ୍କ ବଧ ପରେ ନାରାୟଣୀ ସ୍ତୁତି, ଦେବୀ ବାକ୍ୟ, ଦେବୀଙ୍କ ବରଦାନ ଓ ଦେବାଦେବୀଙ୍କର ଭୂୟସୀ ପ୍ରଶଂସାଦି ବର୍ଣ୍ଣିତ ହୋଇଛି । ଶ୍ରୀ ଶ୍ରୀ ଚଣ୍ଡୀ ପୁସ୍ତକରେ ପ୍ରତ୍ୟେକ ପଦରେ ଦେବୀ ମହାତ୍ମ୍ୟ ଫୁଟି ଉଠିଛି । ଶକ୍ତିତତ୍ତ୍ୱ ଅନୁସାରେ ଶକ୍ତି ହିଁ ସ୍ୱରବର୍ଣ୍ଣ

ସ୍ୱରୂପା, ପୁରୁଷ ବ୍ୟଞ୍ଜନବର୍ଣ୍ଣ ସ୍ୱରୂପ । ଯେପରି ସ୍ୱର ବର୍ଣ୍ଣର ବିନା ସହାୟତାରେ ବ୍ୟଞ୍ଜନବର୍ଣ୍ଣ ଉଚ୍ଚାରିତ ହୋଇପାରେନା, ସେହିପରି ଶକ୍ତି-ପ୍ରକୃତିର ବିନା ସହାୟତାରେ ପୁରୁଷର ସ୍ଥିତି ଅସମ୍ଭବ । ଏଣୁ ସମସ୍ତ ଶକ୍ତି ମଧ୍ୟରେ ଆଦ୍ୟାଶକ୍ତି ହିଁ ଶ୍ରେଷ୍ଠା ଓ ସାତ୍ତ୍ୱିକୀ । ଏହାଦ୍ୱାରା ସୃଷ୍ଟି ପ୍ରାକୃତିକ ଶକ୍ତି ( Natural Power ) ବା ପଞ୍ଚମହାଭୂତ ଶକ୍ତି । ଏହି ଶକ୍ତି ରାଜସୀ ଏବଂ ଏହି ପଞ୍ଚ ମହାଭୂତ ଶକ୍ତିରୁ ଉତ୍ପନ୍ନ ଶକ୍ତିହିଁ ସାଧାରଣ ଶକ୍ତି ( General Energy ) । ଆଜିକାଲି ଆଧୁନିକ ଯୁଗରେ ବହୁ ପରିମାଣରେ ବ୍ୟବହୃତ ଓ ପ୍ରଶଂସିତ ଶକ୍ତି ହିଁ ସାଧାରଣ ଶକ୍ତି ଓ ଏହା ହିଁ ତାମସୀ । ଏହି ଯୁଗକୁ ସଂହାର ଯୁଗ ( The age of destruction ) କୁହାଯାଇ-ପାରେ । କାରଣ ସଂହାର ଯୁଗର ଅଧିଷ୍ଠାତା ମହେଶ୍ୱର (ଶିବ) ଓ ଅଧିଷ୍ଠାତ୍ରୀ ମହାକାଳୀ । ଏଣୁ ଏ ଯୁଗର ଲୋକମାନଙ୍କର ବହୁ ପରିମାଣରେ ଭକ୍ତି ତଥା ଭୟ ଏହି ଦୁହିଁଙ୍କ ଉପରେ ରହୁଛି । ପୁଣି ମଧ୍ୟ ବିଜ୍ଞାନ ଯୁଗରେ ଏହି ତାମସୀ ଶକ୍ତିର ବହୁଳ ବ୍ୟବହାର ପରିଦୃଷ୍ଟ ହୁଏ । ସାଧାରଣ ଶକ୍ତି କହିଲେ ଗତିଜାଶକ୍ତି ( Kinetic Energy ), ସ୍ଥିତିଜା ଶକ୍ତି (Potential Energy), ବିଦ୍ୟୁତ୍ ଶକ୍ତି (Electric Energy), ଚୁମ୍ବକୀୟ ଶକ୍ତି (Magnetic Energy), ଶବ୍ଦ ଶକ୍ତି (Sound Energy) ଇତ୍ୟାଦିକୁ ବୁଝାଏ । ଏହି ସମସ୍ତ ସାଧାରଣ ଶକ୍ତିକୁ ନିୟନ୍ତ୍ରଣ କରେ ପ୍ରାକୃତିକ ତଥା ପଞ୍ଚମହାଭୂତ ଶକ୍ତି । ପଞ୍ଚମହାଭୂତ ଶକ୍ତିକୁ ନିୟନ୍ତ୍ରିତ କରେ ପରମାତ୍ମଶକ୍ତି ବା ଆଦ୍ୟାଶକ୍ତି । ଆଦ୍ୟାଶକ୍ତିର ପ୍ରଭାବ ବହୁ ଉଚ୍ଚରେ ଥିବାରୁ ଏହାର ଅନୁଭୂତି କଠିନ ଓ ସାଧନା ସାପେକ୍ଷ ।

ଶ୍ରୀ ଶ୍ରୀ ଚଣ୍ଡୀରେ ଥିବା ଦେବୀ ମହାତ୍ମ୍ୟ ତଥା ଶକ୍ତିତତ୍ତ୍ୱକୁ ପଠନ କରିବା ଦ୍ୱାରା ରୋଗ, ଶୋକ, ଦୁଃଖାଦିରୁ ତ୍ରାହି ମିଳେ । ମହାମାରୀ ତଥା ତ୍ରିବିଧ ଉପଦ୍ରବ ବା ଉତ୍ପାତ, ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ରୋଗଗୁଡ଼ିକର ନିରାକରଣ ଏହି ମହାତ୍ମ୍ୟ ମାଧ୍ୟମରେ ହିଁ ସମ୍ଭବ । ଯଥା—

"ଉପସର୍ଗାନ୍ ଅଶେଷାଂସ୍ତୁ ମହାମାରୀ ସମୁଦ୍ଭବାନ୍ ।
ତଥା ତ୍ରିବିଧମୁତ୍ପାତଂ ମହାତ୍ମ୍ୟଂ ଶମୟେନ୍ମମ । (୧୨/୮)

ସଂସାରର ଦୁଃଖ ସାଗରରୁ ମୁକ୍ତିପାଇଁ ତଥା ସୁନ୍ଦରୀ ଓ ମନୋନୁକୂଳା ପତ୍ନୀ ପ୍ରାପ୍ତି ପାଇଁ ଦେବୀ ମହାତ୍ମ୍ୟ ପଠନୀୟ । ଯଥା—"ଭାର୍ଯ୍ୟାଂ ମନୋରମାଂ ଦେହି ମନୋବୃତ୍ତ୍ୟନୁସାରିଣୀଂ/ ତାରିଣୀଂ ଦୁଃଖସଂସାରସାଗରସ୍ୟ କୁଳୋଦ୍ଭବାମ୍ ।" (ଚଣ୍ଡୀ ଅର୍ଗଳ/୨୪) ଏହାର ମନ୍ତ୍ର ହିଁ ବିବିଧ ରୋଗ ବିନାଶକ— "ରୋଗାନ୍ ଶେଷାନପହଂସିତୁଷ୍ଟା.............. (୧୧/୯) । ଏହିଁ ମହାତ୍ମ୍ୟ ମନ୍ତ୍ର ହିଁ ସଂସାରର ମଙ୍ଗଳ ପାଇଁ ଉଦ୍ଦିଷ୍ଟ— "ସର୍ବମଙ୍ଗଳ-ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ ।" (୧୧/୧୦) । ଆରୋଗ୍ୟ ଓ ସୌଭାଗ୍ୟ ପ୍ରାପ୍ତି ପାଇଁ —"ଦେହି ସୌଭାଗ୍ୟ-ମାରୋଗ୍ୟଂ ଦେହି ଦେବି ପରଂ ସୁଖମ୍ ।" (ଅର୍ଗଳ/୧୩), ବିଦ୍ୟା ପାଇଁ—"ବିଦ୍ୟାଃ ସମସ୍ତଃ ସ୍ତବ ଦେବି ଭେଦାଃ......" (୧୧/୬), ମକଦ୍ଦମା, ଜେଲ ଓ ଫାଶିରୁ ଉଦ୍ଧାର ପାଇବା ପାଇଁ —"ଶୂଳେନ ପାହିନୋ ଦେବି.........." (୪/୨୪) । ଦରିଦ୍ରନାଶ ପାଇଁ—"ଦୁର୍ଗେ ସ୍ମୃତା ହରସି.........." (୪/୧୭) ।

ଏହିଭଳି ଦେବୀ ମହାତ୍ମ୍ୟ ଅନ୍ତର୍ଗତ ମନ୍ତ୍ରଗୁଡ଼ିକୁ ଭକ୍ତି ସହକାରେ ନିଷ୍ଠାପର ଭାବରେ ପଠନ କରିବା ଦ୍ୱାରା ମାନବ ସାଂସାରିକ ରୋଗ, ଶୋକ, ପରିତାପ, ବନ୍ଧନ ଓ ବ୍ୟସନାଦିରୁ ବଞ୍ଚିତ ହୁଏ ।

ମନସ୍ତତ୍ତ୍ୱ—ଉକ୍ତ ପୁସ୍ତକଟିକୁ ରଚନା କରିବାରେ ମାର୍କଣ୍ଡମୁନି ସତର୍କତା ଅବଲମ୍ବନ କରି ମନସ୍ତାତ୍ତ୍ୱିକ ଅନୁଭୂତି ପ୍ରୟୋଗ କରିଛନ୍ତି । ପ୍ରଥମରୁ ତାମସିକ ଗୁଣ ବା ଚରିତ୍ର କରି ଦଶମୁଖୀ ମହାକାଳୀ ତାମସୀ ମୂର୍ତ୍ତିଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ତା' ପରେ ରାଜସିକ ଗୁଣକୁ କେନ୍ଦ୍ରକରି ରାଜସୀରୂପା ଦଶଭୂଜା ମହାଲକ୍ଷ୍ମୀଙ୍କର ଗୁଣକୀର୍ତ୍ତନ କରିଛନ୍ତି ଦ୍ୱିତୀୟ ଅଧ୍ୟାୟରୁ ଚତୁର୍ଥ ଅଧ୍ୟାୟ ପର୍ଯ୍ୟନ୍ତ । ଏହାକୁ ମଧ୍ୟମ ଚରିତ କୁହାଯାଏ । ପଞ୍ଚମ ଅଧ୍ୟାୟଠାରୁ ତ୍ରୟୋଦଶ ଅଧ୍ୟାୟ ପର୍ଯ୍ୟନ୍ତ ସାତ୍ତ୍ୱିକତା ପ୍ରତିପାଦନ କରିବାକୁ ଯାଇ ଉତ୍ତର ଚରିତ ରଚନା କରିଛନ୍ତି ଓ ସେଥିରେ ଅଷ୍ଟଭୂଜା ମହାସରସ୍ୱତୀ ସାତ୍ତ୍ୱିକୀ ମୂର୍ତ୍ତି ବର୍ଣ୍ଣନା ସ୍ଥାନ ପାଇଛି । ତାମସିକ ଗୁଣକୁ ପ୍ରଥମ ସ୍ଥାନ ଦେଇ ପ୍ରଥମ ଚରିତ, ରାଜସିକ ଗୁଣକୁ ଦ୍ୱିତୀୟ ସ୍ଥାନ ଦେଇ ମଧ୍ୟମ ଚରିତ ଓ ତାମସିକ ଗୁଣକୁ ତୃତୀୟ ସ୍ଥାନ ଦେଇ ଉତ୍ତମ ଚରିତ, ଏହିଭଳି ତିନୋଟି ଚରିତ ମାଧ୍ୟମରେ ତ୍ରିଗୁଣାତ୍ମିକ ଶକ୍ତିଙ୍କର ସ୍ତୁତିଗାନ କରିଛନ୍ତି । ମନସ୍ତାତ୍ତ୍ୱିକ ଦୃଷ୍ଟିରେ ବିଚାର କଲେ ପ୍ରଥମ ସୋପାନରେ ତାମସ ବ୍ୟକ୍ତି ଉପର ସୋପାନ ରାଜସିକ ପ୍ରକୃତିକୁ ଗମନ କରେ ଓ ପରେ ସାତ୍ତ୍ୱିକତା ବା ସାତ୍ତ୍ୱିକ ଭାବଧାରାର ସଞ୍ଚାର ହୋଇ ମାନବ ଉପରେ ସାତ୍ତ୍ୱିକ ଭାବର ପ୍ରଭାବ ପଡ଼େ ।

ଯୋଗତତ୍ତ୍ୱ—"ଯେନ ମାର୍ଗେଣ ଗନ୍ତବ୍ୟଂ ବ୍ରହ୍ମସ୍ଥାନଂ ନିରାମୟମ୍ ।
ମୁଖେନାଚ୍ଛାଦ୍ୟ ତଦ୍ଦ୍ୱାରଂ ପ୍ରସୁପ୍ତା ପରମେଶ୍ୱରୀ ।"

(ହଂଯୋଗ ପ୍ରଦୀପିକା / ୩ /୧୦୬)

ଅର୍ଥାତ୍ ରୋଗରୁ ଉତ୍ପନ୍ନ ହୋଇଥିବା ଦୁଃଖ ରୂପ ଆମୟ ଯେଉଁଥିରେ ନ ଥାଏ, ଏଭଳି ବ୍ରହ୍ମସ୍ଥାନକୁ ଯେଉଁ ମାର୍ଗରେ ଯିବାପାଇଁ ହୁଏ ଅର୍ଥାତ୍ ଯେଉଁ ମାର୍ଗ ଅନୁସରଣ କଲେ ବ୍ରହ୍ମଜ୍ଞାନ ପ୍ରାପ୍ତ ହୁଏ, ସେହି ସୁଷୁମ୍ନା ମାର୍ଗକୁ ଆଚ୍ଛାଦନ କରି କୁଣ୍ଡଳିନୀ (The Serpentine Power) ପରମେଶ୍ୱରୀ ଶୟନ କରିଥାନ୍ତି । ଯୋଗ ଶାସ୍ତ୍ରରେ ବର୍ଣ୍ଣିତା କୁଣ୍ଡଳିନୀ ଶକ୍ତି ହିଁ ଚଣ୍ଡୀରେ ବର୍ଣ୍ଣିତା ଆଦ୍ୟାଶକ୍ତି । ଯୋଗ ଶାସ୍ତ୍ରରେ କୁଣ୍ଡଳିନୀ ଶକ୍ତିକୁ ଯୋଗମାୟା ବୋଲି କୁହାଯାଇଛି —

"ଧ୍ୟାୟେତ୍ କୁଣ୍ଡଳିନୀଂ ସୂକ୍ଷ୍ମାଂ ଯୋଗମାୟାଂ ପ୍ରକୀର୍ତ୍ତିତାମ୍
ତାମିଷ୍ଟଦେବତାରୂପାଂ ସାର୍ଦ୍ଧତ୍ରି ବଳୟାନ୍ୱିତାମ୍ ।"

(ଯୋଗ ରତ୍ନାକର)

ମୂର୍ତ୍ତିରହସ୍ୟରେ ଦେବୀଙ୍କୁ ମଧ୍ୟ ଯୋଗମାୟା ବା ଯୋଗେଶ୍ୱରୀ ଭାବରେ ବର୍ଣ୍ଣନା କରାଯାଇଛି—"ଆଖ୍ୟାତା ରକ୍ତ ଚାମୁଣ୍ଡା ଦେବୀ ଯୋଗେଶ୍ୱରୀ ତି ଚ ।" (ମୂ.ର /୯) ନିଦ୍ରା ମଧ୍ୟ ଈଶ୍ୱରୀଙ୍କର ଅନ୍ୟ ନାମ । ଏଣୁ ଯୋଗେଶ୍ୱରୀଙ୍କୁ ଯୋଗନିଦ୍ରା କୁହାଯାଏ । ଚଣ୍ଡୀରେ ମଧ୍ୟ ଯୋଗନିଦ୍ରା ଶବ୍ଦର ପ୍ରୟୋଗ କରାଯାଇଛି—"ମହାମାୟା ପ୍ରଭାବେଣ ସଂସାର

ସ୍ଥିତି କାରିଣଃ । ତନ୍ନାତ୍ରଂ ବିସ୍ମୟ କାର୍ଯ୍ୟୋ ଯୋଗନିଦ୍ରା ଜଗତ୍ପତେଃ ।" (ଶ୍ରୀ ଶ୍ରୀ ଚଣ୍ଡୀ /୧/୫୪) । ଏହି ଶକ୍ତି ବା ଯୋଗେଶ୍ୱରୀଙ୍କର ସପ୍ତନାମର ଦୃଷ୍ଟାନ୍ତ ଯୋଗଶାସ୍ତ୍ରରେ ପରିଦୃଷ୍ଟ ହୁଏ—"

"କୁଟିଳାଙ୍ଗୀ କୁଣ୍ଡଳିନୀ ଭୁଜଙ୍ଗୀ ଶକ୍ତିରୀଶ୍ୱରୀ
କୁଣ୍ଡଳ୍ୟରୁନ୍ଧତୀ ଚୈତତ୍ ଶବ୍ଦାଃ ପର୍ଯ୍ୟାୟ ବାଚକାଃ ।

(ହ : ଯୋ : ପ୍ରଦୀପିକା)

ଅର୍ଥାତ୍ କୁଟଳାଙ୍ଗୀ, କୁଣ୍ଡଳିନୀ, ଭୁଜଙ୍ଗୀ, ଶକ୍ତି, ଈଶ୍ୱରୀ, କୁଣ୍ଡଳୀ, ଅରୁନ୍ଧତୀ ଏହି ସପ୍ତନାମ ଯୋଗମାୟା ତଥା ଯୋଗେଶ୍ୱରୀଙ୍କର ।

**ବୈଷ୍ଣବତତ୍ତ୍ୱ**—ବୈଷ୍ଣବତତ୍ତ୍ୱରେ ବିଷ୍ଣୁ ହିଁ ପରମାରାଧ୍ୟ । ଏହି ଚଣ୍ଡିକା ବା ଆଦ୍ୟାଶକ୍ତି ଦୁର୍ଗାଙ୍କର ବୈଷ୍ଣବୀ ହେଉଛନ୍ତି ମହାଲକ୍ଷ୍ମୀ ରାଜସୀ ଶକ୍ତି । ଏହି ଶକ୍ତି ପାଳନକାରି ଶକ୍ତି ( Preservative energy ) ଅଟନ୍ତି । ଏହି ହିଁ ବିଷ୍ଣୁଙ୍କର ମାୟାଶକ୍ତି ଭାବରେ ବିଦିତା । ଏଣୁ କୁହାଯାଇଛି—"ଇତିକୃତ୍ୱା ମତିଂ....ବିଷ୍ଣୁମାୟାଂ ପ୍ରତୁଷ୍ଟୁବୁଃ (୫ / ୭) । ଯୁଦ୍ଧ ସମୟରେ ଏହି ଶକ୍ତି ହିଁ ବିଷ୍ଣୁଙ୍କର ଶକ୍ତି ଭାବରେ ପରିଚିତା—"ବୈଷ୍ଣବୀ ସମରେ......ତମସୁରେଶ୍ୱରମ୍ ।" (୮ / ୪୭) । ଏହି ହିଁ ବିଶ୍ୱର ବୀଜକୁ ପାଳନ କରି ଅନନ୍ତବୀର୍ଯ୍ୟା ଭାବରେ ବର୍ଣ୍ଣିତା—"ତ୍ୱଂ ବୈଷ୍ଣବୀ ଶକ୍ତିରନନ୍ତବୀର୍ଯ୍ୟା ବିଶ୍ୱସ୍ୟ ବୀଜଂ ପରମାସି ମାୟା ।" ବୈଷ୍ଣବମାନଙ୍କର ନିଷ୍କାମ ଭକ୍ତି ମାଧ୍ୟମରେ ମୁକ୍ତିଲାଭ ହିଁ ପରମକାମ୍ୟ, ସ୍ୱୟଂ ଭଗବତୀ ପରମେଶ୍ୱରୀ ହିଁ ମୁକ୍ତିର କାରଣ ବୋଲି କୁହାଯାଇଛି—"ସମ୍ମୋହିତଂ ଦେବୀ ସମସ୍ତମେତତ୍ ତ୍ୱଂ ବୈ ପ୍ରସନ୍ନା ଭୁକ୍ତି-ମୁକ୍ତି-ହେତୁଃ (୧୧ / ୫) । ବିଷ୍ଣୁଙ୍କର ଗରୁଡ଼ ବାହାନ ଭଳି ବୈଷ୍ଣବୀ ମଧ୍ୟ ଗରୁଡ଼ ବାହନୀ ବୋଲି ମଧ୍ୟ ଚଣ୍ଡୀରେ ବର୍ଣ୍ଣିତ ଅଛି —"ତଥୈବ ବୈଷ୍ଣବୀଶକ୍ତିର୍ଗରୁଡ଼ୋପରି ସଂସ୍ଥିତା ଶଙ୍ଖ-ଚକ୍ର-ଗଦା-ଶାର୍ଙ୍ଗ-ଖଡ୍ଗ-ଗଦାସ୍ତାର୍ଭ୍ୟୁପାଯଯୌ । (୮ /୧୮) ଏହିଭଳି ଶ୍ରୀ ଶ୍ରୀ ସପ୍ତଶତୀ ଚଣ୍ଡୀରେ ମଧ୍ୟ ବିଷ୍ଣୁତତ୍ତ୍ୱର ନିଦର୍ଶନ ରହିଛି ।

**ଶୈବତତ୍ତ୍ୱ**—ଶୈବତତ୍ତ୍ୱାନୁସାରେ ଶିବ ହିଁ ପରମାରାଧ୍ୟ । ଶିବଙ୍କର ଶକ୍ତି ଶିବା ଓ ବୃଷଭ ବାହନ ଅଟେ । ଦେବୀ ମଧ୍ୟ ଶିବା ରୂପ ଧାରଣ କରି ବୃଷଭ ଉପରେ ଆରୋହଣ ପୂର୍ବକ ଯୁଦ୍ଧ କରିଥିବାର ପ୍ରମାଣ ଚଣ୍ଡୀରୁ ମିଳେ । ଯଥା—"ମାହେଶ୍ୱରୀ ବୃଷାରୂଢ଼ା ତ୍ରିଶୂଳବରଧାରିଣୀ......" (୮ / ୧୬) ଏହି ମହେଶ୍ୱରଙ୍କର ଶକ୍ତି ମାହେଶ୍ୱରୀ ତ୍ରିଶୂଳ ଧାରଣ କରି ରକ୍ତବୀଜକୁ ବିନାଶ କରିଥିବାର ମଧ୍ୟ ଉଲ୍ଲେଖ କରାଯାଇଛି—"ମାହେଶ୍ୱରୀ ତ୍ରିଶୂଳେନ ରକ୍ତବୀଜଂ ମହାସୁରମ୍" । (୮ / ୪୯) ।

**ଜଗନ୍ନାଥ ତତ୍ତ୍ୱ**—ଜଗନ୍ନାଥ ତତ୍ତ୍ୱାନୁସାରେ ଜଗନ୍ନାଥ ହିଁ ପରଂବ୍ରହ୍ମ ସ୍ୱରୂପ । ଚଣ୍ଡୀରେ ମଧ୍ୟ ଚଣ୍ଡିକା ପରଂବ୍ରହ୍ମ ସ୍ୱରୂପିଣୀ । ଚଣ୍ଡୀରେ ବିଷ୍ଣୁଙ୍କୁ ଜଗନ୍ନାଥ ବୋଲି ପରିକଳ୍ପନା କରାଯାଇଛି । ଯଥା—"ନିର୍ଗମ୍ୟ ଦର୍ଶନେ ତସ୍ଥୌ ବ୍ରହ୍ମଣୋଽବ୍ୟକ୍ତଜନ୍ମନଃ । ଉତ୍ତସ୍ଥୌ ଚ ଜଗନ୍ନାଥସ୍ତୟା ମୁକ୍ତୋ ଜନାର୍ଦ୍ଦନଃ ।" ଶ୍ରୀ ଶ୍ରୀ ଚଣ୍ଡୀରେ ଶ୍ରୀ ଜଗନ୍ନାଥ ହିଁ ସ୍ୱୟଂ ମୁକ୍ତ ଓ ମୁକ୍ତିଦାତା ମଧ୍ୟ ।

**ଜ୍ୟୋତିଷତତ୍ତ୍ୱ**—ଶାକ୍ତ ସଂସ୍କୃତିର ଦଶମହାବିଦ୍ୟାକୁ ନେଇ ଶ୍ରୀ ଶ୍ରୀ ଚଣ୍ଡୀରେ ଜ୍ୟୋତିଷଶାସ୍ତ୍ର ସ୍ୱୀକୃତ ଦଶରାତ୍ରିର ବିଭାଜନ କରାଯାଇଛି । ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟତୃତୀୟା ହେଉଛି ଦାରୁଣ ରାତ୍ରି । ଜ୍ୟେଷ୍ଠ ଶୁକ୍ଳ ଦଶମୀ ହେଉଛି ଦିବ୍ୟରାତ୍ରି । ଜନ୍ମାଷ୍ଟମୀ ବ୍ରତ ବା ଭାଦ୍ର **କୃଷ୍ଣାଷ୍ଟମୀ** ହିଁ ମୋହରାତ୍ରି । ଆଶ୍ୱିନ ଶୁକ୍ଳ ଅଷ୍ଟମୀ ହେଉଛି ମହାରାତ୍ରି । କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ ବା ଶ୍ୟାମାପୂଜା କାଳରାତ୍ରି । ପୌଷ କୃଷ୍ଣାଷ୍ଟମୀ ହେଉଛି ଘୋର ରାତ୍ରି, ମାଘକୃଷ୍ଣ ଚତୁର୍ଦ୍ଦଶୀ ବୀର ରାତ୍ରି, ମାଘ ଶୁକ୍ଳ ଚତୁର୍ଥୀ-ଗଣପତି ରାତ୍ରି । ଚୈତ୍ର କୃଷ୍ଣ ଏକାଦଶୀ-ଅବଳା ରାତ୍ରି ଓ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିକୁ ସିଦ୍ଧରାତ୍ରି ବୋଲି କୁହାଯାଏ । ଏହି ଦଶରାତ୍ରି ମଧ୍ୟରୁ ଶ୍ରୀ ଶ୍ରୀ ଚଣ୍ଡୀରେ ରାତ୍ରି ତ୍ରୟର ପ୍ରାଧାନ୍ୟ ସ୍ୱୀକୃତ ହୋଇଛି । ଏହି ତ୍ରିକାଳ ରାତ୍ରିରେ ଦେବୀଙ୍କୁ ଆରାଧନା କଲେ ସିଦ୍ଧିଲାଭ ହୁଏ । କାଳରାତ୍ରି, ମହାରାତ୍ରି ଓ ମୋହରାତ୍ରି ଯଥାକ୍ରମେ ଯମସ୍ୱରୂପା, ପ୍ରଳୟକାରିଣୀ, ଅଜ୍ଞାନନାଶ କାରିଣୀ ରୂପ ଧାରଣ କରନ୍ତି । ଏଣୁ କୁହାଯାଇଛି—"କାଳରାତ୍ରିର୍ମହାରାତ୍ରି—ମୋହରାତ୍ରିଶ୍ଚ ଦାରୁଣା । ତ୍ୱଂ ଶ୍ରୀ ସ୍ତ୍ୱମୀଶ୍ୱରୀ ତ୍ୱଂ ହ୍ରୀସ୍ତ୍ୱଂ ବୁଦ୍ଧିର୍ବୋଧଲକ୍ଷଣା," (୧/୭୯) ଭୂଗୋଳ ବିଜ୍ଞାନ ବର୍ଣ୍ଣନା ମଧ୍ୟ ଶ୍ରୀ ଚଣ୍ଡୀରେ ରହିଛି—ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଓ ସପ୍ତ ସମୁଦ୍ର ଇତ୍ୟାଦି ଶବ୍ଦର ତଥା ପ୍ରତି ଶବ୍ଦାଦିର ପ୍ରମାଣ ବା ବୈଜ୍ଞାନିକ ତଥ୍ୟ ରହିଛି—"ଅମାୟତାତି ମହତା ପ୍ରତିଶବ୍ଦୋ ମହାନ୍‌ଭୂତ ।" (୨/୩୩) । ଜ୍ୟୋତିଷ ଶାସ୍ତ୍ରରେ ଗ୍ରହପୀଡ଼ାଶାନ୍ତି ଜନିତ ରତ୍ନନିଦାନ ସମ୍ବନ୍ଧୀୟ ଉକ୍ତି ମଧ୍ୟ ଶ୍ରୀ ଶ୍ରୀ ଚଣ୍ଡୀରେ ସ୍ଥାନ ପାଇଛି ।

ଦେବୀ ରତ୍ନ ମଣ୍ଡିତ ବଳୟ ଓ କୁଣ୍ଡଳ-ହାରାଦିରେ ବିଭୂଷିତ ହୋଇ କାମିନୀ ବେଶରେ ଅସୁରମାନଙ୍କୁ ନିପାତ କରିବା ପାଇଁ ଯାତ୍ରା କରିଥିଲେ ବୋଲି ମଧ୍ୟ ଚଣ୍ଡୀରେ ଉଲ୍ଲେଖ ଅଛି । ବଙ୍ଗଳା ଅନୁବାଦ ଚଣ୍ଡୀରେ ଦୃଷ୍ଟାନ୍ତ ରହିଛି—

"ସଜ୍ଜିତା ହେଲେନ୍ ଦେବୀ ରତ୍ନେର ବାଂରରେ ।
ଶୋଭା ପେଲ ଶ୍ରେଷ୍ଠ ମୁକ୍ତା ତା'ର ଦିବ୍ୟହାରେ ।
କଣ୍ଠେ ଶୋଭେ ଇନ୍ଦ୍ରନୀଲ ମହାନୀଳ ମନି
ପଦ୍ମରାଗ ଆଦି ଯତ ରତ୍ନେର୍ ଲବନି ।"

ଶ୍ରୀ ଶ୍ରୀ ଚଣ୍ଡୀରେ ମଧ୍ୟ—

"ହିମବାନ୍ ବାହନଂ ସିଂହରତ୍ନାଦି ବିବିଧାନି ଚ ।
'ଓ' ଶେଷଶ୍ଚ ସର୍ବନାଗେଶୋ ମହାମଣି ବିଭୂଷିତମ୍" (୨/୨୯-୩୦)

ଶ୍ରୀ ଶ୍ରୀ ଚଣ୍ଡୀରେ ମଧ୍ୟ ନବରତ୍ନର ବର୍ଣ୍ଣନା ରହିଛି । ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ହୀରକ, ବିଦ୍ରୁମ, ପଦ୍ମରାଗ, ମରକତ ଓ ନୀଳକାନ୍ତ ଇତ୍ୟାଦି ନବରତ୍ନ ଧାରଣ କଲେ ଶତ୍ରୁ କୌଣସି କ୍ଷତି କରିପାରେ ନାହିଁ । ଏହା ଚିନ୍ତାକରି ଦେବୀ ମଧ୍ୟ ନବରତ୍ନ ବିଭୂଷିତା ହୋଇ ଅଙ୍ଗୁଳିଗୁଡ଼ିକରେ ରତ୍ନଯୁକ୍ତ ମୁଦି ଧାରଣ କରିଥିବାର ପ୍ରମାଣ ରହିଛି—

"ଅଙ୍ଗୁରୀୟକ ରତ୍ନାନି ସମସ୍ତାସ୍ୱଙ୍ଗୁଳୀଷୁ ଚ । ( /୨୭) । ଗିରିରାଜ ହିମାଳୟକୁ ରତ୍ନଭଣ୍ଡାର ବୋଲି କୁହାଯାଏ । ସମସ୍ତ ରତ୍ନ ମଧ୍ୟରେ ଗୋମେଦ ରତ୍ନ ବହୁଗୁଣ

ପ୍ରଦାନ କରେ । ହିମାଳୟ ଓ ସାଗରରେ ଉଚ୍ଚଶ୍ରେଣୀର ରତ୍ନ ବହୁଳ ପରିମାଣରେ ରହିଛି ବୋଲି ପ୍ରାଚୀନ ରତ୍ନବିତ୍ ମାନେ ମତ ଦେଇଛନ୍ତି—"ହିମାଳୟେ ସିନ୍ଧୌ ଚ ଗୋମେଦ ରତ୍ନଂ ସମ୍ଭବମ୍ ।" ଯେତେବେଳେ ଦେବୀ ଯୁଦ୍ଧଯାତ୍ରା କରିଛନ୍ତି, ସେତେବେଳେ ହିମାଳୟ ଦେବୀଙ୍କୁ ନାନାପ୍ରକାର ରତ୍ନଦାନ କରିଥିବାର ପ୍ରମାଣ ରହିଛି—"ହିମବାନ୍ ବାହନଂ ସିଂହଂ ରତ୍ନାନି ବିବିଧାନି ଚ । (୨/୨୯)

ମୂର୍ତ୍ତିତତ୍ତ୍ୱ—ହିନ୍ଦୁଧର୍ମରେ ପିତୁଳା ପୂଜାର ପ୍ରଚଳନ ରହିଛି । ମୂର୍ତ୍ତି(ପିତୁଳା) ତତ୍ତ୍ୱାନୁଯାୟୀ ପୂଜା ଦ୍ୱିବିଧ : ମାନସିକ ଓ ଔପଚାରିକ । ମନରେ ମୂର୍ତ୍ତିକୁ ଧ୍ୟାନକରି ମାନସିକ ପୂଜା କରାଯାଏ । ଔପଚାରିକ ପୂଜା ମଧ୍ୟ ବିବିଧ ପ୍ରକାରର ରହିଛି । ଯଥା—ତିନିଉପଚାର, ପଞ୍ଚଉପଚାର, ସପ୍ତଉପଚାର, ଷୋଡ଼ଶୋପଚାର ଇତ୍ୟାଦି ମାଧ୍ୟମରେ ଔପଚାରିକ ପୂଜା କରାଯାଏ । ଦେବୀଙ୍କୁ ଗନ୍ଧ, ପୁଷ୍ପ, ଧୂପ, ଦୀପାଦି ଷୋଡ଼ଶ ଉପଚାରରେ ପୂଜା କରିବାର ବିଧି ଉଲ୍ଲିଖିତ ଅଛି—"ପଶୁପୁଷ୍ପାର୍ଘ୍ୟଧୂପେଶଚ୍ ପ୍ରଦାନୈର୍ବିସ୍ତରେଣ ଯଃ" (୧୨/୨୦-୨୧) ତ୍ରୟୋଦଶ ଅଧ୍ୟାୟରେ ରାଜା ସୁରଥ ଓ ସମାଧି ଉଭୟେ ଏକ ନଦୀକୂଳରେ ଦୁର୍ଗାଦେବୀଙ୍କର ମୃଣ୍ମୟମୂର୍ତ୍ତି ତିଆରିକରି ପୁଷ୍ପାଦି ଦ୍ୱାରା ପୂଜା କରିଥିବାର ନିଦର୍ଶନ ଶ୍ରୀ ଚଣ୍ଡୀ ଗ୍ରନ୍ଥରେ ପରିଦୃଷ୍ଟ ହୁଏ—"ତୌ ତସ୍ମିନ୍ ପୁଳିନେ ଦେବ୍ୟାଃ......ତନ୍ମନସ୍କୌ ସମାହିତୌ ।" (୧୩/୧୧) ଉକ୍ତ ଦେବୀପୂଜାର ବିଧାନ ଶରତ୍‌କାଳରେ କରାଗଲେ ମହାପୂଜା ବୋଲି ମନେ କରାଯାଏ । ଏଣୁ କୁହାଯାଇଛି—

"ଶରତ୍‌କାଳେ ମହାପୂଜା କ୍ରିୟତେ ଯା ଚ ବାର୍ଷିକୀ ।
ତସ୍ୟାଂ ମମୈତନ୍ମାହାତ୍ମ୍ୟଂ ଶ୍ରୁତ୍ୱା ଭକ୍ତିସମନ୍ୱିତଃ ।" (୧୨/୧୨)


ଏହି ଶାକ୍ତ ସଂସ୍କୃତିର ମୂଳପିଣ୍ଡ ଶକ୍ତିଗ୍ରନ୍ଥ ସପ୍ତଶତୀ ଜଗତକୁ ବିଦ୍ୟା, ଜ୍ଞାନ, ବିଜ୍ଞାନ ସମ୍ବନ୍ଧୀୟ ତତ୍ତ୍ୱଜ୍ଞାନ ପ୍ରଦାନ କରିଥାଏ । ଶକ୍ତି ବିଭିନ୍ନ ହୋଇଥିଲେ ମଧ୍ୟ ଅଭିନ୍ନ । ଶକ୍ତି ଏକ ହୋଇଥିଲେ ମଧ୍ୟ ଗୁଣାଶ୍ରୟରେ ଓ କର୍ମାଶ୍ରୟରେ ବିଶ୍ୱର ଶ୍ରେୟ ନିମିତ୍ତ ସେ ବହୁଧା ମୂର୍ତ୍ତିରେ ପରିଣତ ହୁଅନ୍ତି । ତେଣୁ କୁହାଯାଇଛି—

"କଳାକାଷ୍ଠାଦି ରୂପେଣ ପରିଣାମ ପ୍ରଦାୟିନୀ ।
ବିଶ୍ୱ ସ୍ୟୋପରତୌ ଶକ୍ତେ ନାରାୟଣୀ ନମୋସ୍ତୁତେ ।" (୧୧/୯)

ସେହି ଶକ୍ତି ହିଁ ଗୌରୀ, ସ୍ୱାହା, ସିଦ୍ଧି, ଲକ୍ଷ୍ମୀ, କୃଷ୍ଣା, ରୌଦ୍ରା, ବିଷ୍ଣୁମାୟା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ମାତା, ଭ୍ରାନ୍ତି, ବ୍ୟାପ୍ତି ସ୍ୱରୂପାଦି ଅଟନ୍ତି । ଏହି ମଙ୍ଗଳଦାୟିନୀ ପରମେଶ୍ୱରୀ ଏହି ଶୁଭ ମୁହୂର୍ତ୍ତରେ ଆମ୍ଭମାନଙ୍କୁ ଶକ୍ତି ପ୍ରଦାନ ପୂର୍ବକ ଆମ୍ଭମାନଙ୍କର ତଥା ସଂସାରର ସମସ୍ତଙ୍କର ମଙ୍ଗଳବିଧାନ କରନ୍ତୁ ଏବଂ ଦେଶର ସମସ୍ତ ବିପଦ ବିନାଶ କରି ଶାନ୍ତି ପ୍ରଦାନ କରନ୍ତୁ, ଏହାହିଁ ପ୍ରାର୍ଥନା ।

ଦାଶରଥି ହାଇସ୍କୁଲ,
ଗ୍ରା:/ପୋ:—ଓଳସିଂହ
ଜି:—ପୁରୀ

ଦୁର୍ଗାପୂଜା ରେ
ଚାନ୍ଦିନୀଚୌକରେ
ନିର୍ମିତ ହୋଇଥିବା ତୋରଣ



# ଆମ ପରିବେଶରେ ଶାମୁକା

ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି

କି ବିଚିତ୍ର ଆମର ଏ ପୃଥିବୀ ! କି ଅଦ୍ଭୁତ ଏହାର ରୂପ ବିନ୍ୟାସ ! ଏ ବୈଚିତ୍ର୍ୟ କେବଳ ନଦୀ, ଝରଣା, ବନ, ଉଦ୍ୟାନ, ପାହାଡ଼, ପର୍ବତ ଆଦି ପ୍ରାକୃତିକ ପରିବେଶ ଓ ତତ୍ ମଧ୍ୟସ୍ଥ ବିଭିନ୍ନ ପ୍ରାଣୀମାନଙ୍କ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି । ପ୍ରାଣୀମାନେହିଁ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧିର ମୌଳିକ ଅଂଗ । ଆଉ ଏ ପ୍ରାଣୀଜଗତ ମଧ୍ୟରୁ କେଉଁ ଜାତି ପ୍ରାଣୀ ଦେହରେ କଣ୍ଟା ଅଛିତ, କେଉଁ ଜାତିରେ କିପାଡ଼ ଇତ୍ୟାଦି ଅଥବା ଆଉ କେଉଁ ଜାତିରେ କାତି, ଲୋମ, ପର ଇତ୍ୟାଦି ରହିଛି । କିଏ ପୁଣି ମୁକ୍ତ ଆକାଶରେ ଉଡ଼ିପାରୁଛି ତ, କିଏ ଜଳରେ ସର୍ବଦା ସନ୍ତରଣ କରୁଛି ବା ଆଉ କିଏ ଜଳ ଓ ସ୍ଥଳ ଉଭୟ ସ୍ଥାନରେ ସମୟ ବା ଜୀବନ କଟାଉଛି । ବିଭିନ୍ନ ପର୍ବ (Phylum) ପ୍ରାଣୀ ମଧ୍ୟରୁ ଶାମୁକା ବା ଶମ୍ବୁକ ଜାତି (Molluscs) ପ୍ରାଣୀମାନଙ୍କର ବିଶେଷତ୍ୱ ହେଉଛି କଠିନ ଆବରଣ ତଥା ସମୁଦ୍ର, ପୋଖରୀ ଓ ସ୍ଥଳ ଇତ୍ୟାଦିରେ ଏମାନଙ୍କର ସମାରୋହ । ସଂଖ୍ୟା ଦୃଷ୍ଟିକୋଣରୁ ଏହି ପର୍ବର ସ୍ଥାନ ଜୀବଜଗତରେ ଦ୍ୱିତୀୟ (ମଶା, ବିଛା ଓ ଝିଙ୍କିା ଆଦି ଷଟ୍‌ପଦ ପ୍ରଥମ) । ୧୭ଶ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ୍ ବିଭିନ୍ନ ପ୍ରକାର ଶମ୍ବୁକଜାତୀୟ ପ୍ରାଣୀମାନଙ୍କୁ ପ୍ରଥମେ ବର୍ଣ୍ଣନା କରିଥିଲେ । ପୁରାତନ କାଳ କାହିଁକି ଅଦ୍ୟାବଧି ବିବାହବ୍ରତଠାରୁ ଆରମ୍ଭକରି ଖାଦ୍ୟପର୍ଯ୍ୟନ୍ତ ଏହାର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରାଗୈତିହାସିକ ଯୁଗରୁ ମନୁଷ୍ୟ ଖାଦ୍ୟ ଦୃଷ୍ଟିକୋଣରୁ ଶାମୁକା ବା ଗେଣ୍ଡା ଜାତୀୟ ଜୀବମାନଙ୍କର ଉପାଦେୟତା ହୃଦୟଙ୍ଗମ କରିପାରିଛି । ଆଜି ବି ବିଭିନ୍ନ ଜାତିର ମଧୁରଜଳ ତଥା ସାମୁଦ୍ରିକ ଗେଣ୍ଡା ଶାମୁକାକୁ ମନୁଷ୍ୟ ଖାଦ୍ୟସ୍ୱରୂପ ବ୍ୟବହାର କରୁଛି । ଜାପାନ ଏଭଳି ଜୀବକୁ ଖାଦ୍ୟରୂପେ ଗ୍ରହଣ କରିବାରେ ପୃଥିବୀରେ ପ୍ରଥମ ଓ ଜାପାନୀମାନଙ୍କର ଏଗୁଡ଼ିକ ପ୍ରଧାନ ଖାଦ୍ୟ । ଏତଦ୍‌ବ୍ୟତୀତ କାନାଡ଼ା, ଚୀନ୍, ଓ ଇଟାଲୀରେ ଅକ୍‌ଟୋପସ୍ (Octopus) ଭଳି ଜୀବକୁ ମଧ୍ୟ ଖାଇଥାଆନ୍ତି । କାନାଡ଼ା ଓ ଆଲାସ୍କାରେ ବାସ କରୁଥିବା ଲୋହିତ ଭାରତୀୟମାନେ ଏହି ଅକ୍‌ଟୋପସ୍‌କୁ ବହୁ ଉତ୍ସବରେ ବ୍ୟବହାର କରିଥାଆନ୍ତି । ସେପିଆ (Sepia), ଲୋଲିଗୋ (Loligo) ଆଦି ଅକ୍‌ଟୋପସ୍ ପରିବାରର କେତେକ ଶମ୍ବୁକ ୟୁରୋପର ମାର୍କେଟରେ ଶୁଖିଲାରେ ବିକ୍ରୟ କରାଯାଏ । ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ଅଧିବାସୀ ନଉଟିଲସ୍ (Nautilus) ନାମକ ଚକ୍‌ଚକ୍ କରୁଥିବା ଶମ୍ବୁକଗୁଡ଼ିକୁ ଉପହାରଭଳି ଆଗ୍ରହରେ ଖାଇଥାଆନ୍ତି । ଆମେରିକା ବର୍ଷକୁ ହାରାହାରି ୧୫ଲକ୍ଷ ଡଲରର ବିଭିନ୍ନ ପ୍ରକାର ଶାମୁକା କିଣିଥାଏ । ରୋମ୍‌ର ଅଧିବାସୀମାନେ ଏମାନଙ୍କୁ ଚାଷକରି ଉତ୍ପାଦନ ବୃଦ୍ଧି କରିବାରେ ସଂପୂର୍ଣ୍ଣ ଭାବରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ଆମଦେଶର ଦକ୍ଷିଣଭାରତୀୟ (South Indian) ମାନଙ୍କର ଗେଣ୍ଡା ମଧ୍ୟ ଏକ ପ୍ରଧାନ ଖାଦ୍ୟ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମେୟ ପୃଥିବୀରେ ଗେଣ୍ଡାର ଭୂମିକା କଣ । ବର୍ତ୍ତମାନ ଦେଖାଯାଉ ଓଡ଼ିଶାରେ ଏହାର ସ୍ଥାନ କେଉଁଠି ? ପୂର୍ବକାଳରେ ଟଙ୍କା ପଇସା ବା ମୁଦ୍ରା ଇତ୍ୟାଦିର ପ୍ରଚଳନ ନଥିବା ସମୟରେ କଉଡ଼ି (Cowree) ବିନିମୟରେ ଜିନିଷ ଆଦି କିଣାବିକା କରାଯାଉଥିଲା । ବର୍ତ୍ତମାନ ଅବଶ୍ୟ ଏହାର ପ୍ରଚଳନ ନାହିଁ । ସ୍ମୃତିସ୍ୱରୂପ ବିବାହ, ବ୍ରତ ଆଦି ପବିତ୍ର ଉତ୍ସବଗୁଡ଼ିକରେ ଏହାର ବ୍ୟବହାର ନିଶ୍ଚିତ । ଏପରିକି ଓଡ଼ିଶାରେ ବିଭିନ୍ନ ସ୍ଥାନରେ ମାର୍ଗଶୀର ମାସ ଗୁରୁବାରରେ ହେଉଥିବା ଲକ୍ଷ୍ମୀପୂଜାରେ କଉଡ଼ିକୁ ପୂଜା କରାଯାଇଥାଏ । କେବଳ ଗୃହମାନଙ୍କରେ କାହିଁକି ଦେବାଳୟ, ମନ୍ଦିର ଇତ୍ୟାଦିରେ ଏହାର ସ୍ଥାନ ବହୁ ଉଚ୍ଚରେ ।

ବର୍ତ୍ତମାନ ଏହାର ଆଳଙ୍କାରିକ ବ୍ୟବହାର କଥା ଆଲୋଚନା କରାଯାଉ । ବଡ଼ବଡ଼ ଗେଣ୍ଡା ବା ଶାମୁକାର ଖୋଳକୁ କେତେକ ଅଧିବାସୀ ଖାଦ୍ୟପେୟ ପାତ୍ରରୂପେ ବ୍ୟବହାର କରିଥାନ୍ତି । ଅନ୍ୟକେତେକ ଶାମୁକାର ଖୋଳଗୁଡ଼ିକୁ ଅତି ସୁନ୍ଦରସୁନ୍ଦର ବୋତାମ, ଛୁରୀବେଣ୍ଟ ଓ ଆଲଂକାରିକ କାରୁକାର୍ଯ୍ୟ ଇତ୍ୟାଦି କରିବାରେ ବ୍ୟବହାର କରାଯାଇଥାଏ । ଅନେକଗୁଡ଼ିଏ ଶାମୁକା ବିଭିନ୍ନ ବର୍ଣ୍ଣର ହୋଇଥିବାରୁ ଲୋକମାନେ ତାକୁ ଘର ସଜାଇବାପାଇଁ ପ୍ରୟୋଜନ କରିଥାନ୍ତି । ଅତି ଆଶ୍ଚର୍ଯ୍ୟର କଥା ଖୁବ୍ ମୂଲ୍ୟବାନ୍ ବସ୍ତୁ "ମୁକ୍ତା" (Pearl) ଏହି ଶାମୁକା ନିଜେ

ପ୍ରସ୍ତୁତ କରିଥାଏ । ଅବଶ୍ୟ ସବୁ ଶାମୁକା କରିପାରନ୍ତି ନାହିଁ, ତେଣୁ ଯେଉଁ ଶାମୁକା ମୁକ୍ତା ପ୍ରସ୍ତୁତ କରନ୍ତି ସେମାନେ ମୁକ୍ତା-ଶାମୁକା ( Pearl Oyster ) ପରିବାରର ଅନ୍ତର୍ଭୁକ୍ତ । ଯେତେବେଳେ ଶାମୁକାର ଦେହ ଭିତରକୁ କୌଣସି ବାହ୍ୟବସ୍ତୁ ବା କଣିକା ପଶିଯାଆନ୍ତି, ସେତେବେଳେ ସେହି ବାହ୍ୟ ବସ୍ତୁ ଘିରିପଟେ ସ୍ତରସ୍ତର ହୋଇ ଏକରସ (Fluid) କ୍ଷରଣହେବା ଆରମ୍ଭ ହୋଇଥାଏ । ଅନେକ ବର୍ଷପରେ ଏହି ସ୍ତରଗୁଡ଼ିକ ଟକ୍‌ଟକକରି ମୁକ୍ତାରେ ପରିଣତ ହୋଇଥାଏ । ଜାପାନଦେଶ ଏହି ମୁକ୍ତା ଉତ୍ପାଦନରେ ପୃଥିବୀରେ ପ୍ରଥମ । ବର୍ତ୍ତମାନ ଏ ଦେଶର ଲୋକମାନେ କୃତ୍ରିମ ମୁକ୍ତା ଉତ୍ପାଦନକରି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି । କୃତ୍ରିମ ମୁକ୍ତା ପ୍ରସ୍ତୁତ କରିବାରେ ଜାପାନର ମିକିମୋଟୋଙ୍କର ଅବଦାନ ଯଥେଷ୍ଟ । ଅତୀତରେ ରାଜା ମହାରାଜା ତଥା ମନ୍ଦିର ଇତ୍ୟାଦିରେ ମୁକ୍ତାର ବ୍ୟବହାର ଯେତିକି ପରିମାଣରେ ଥିଲା, ବର୍ତ୍ତମାନ ଚାହିଦା କେଉଁ ପରିମାଣରେ ଭଣାନାହିଁ ।

ସେପିଆ କେତେକ ଶମ୍ବୁକ ଦେହଭିତରେ କାଳିଗ୍ରନ୍ଥି (Ink gland) ନାମକ ଏକ ଗ୍ରନ୍ଥି ଥାଏ । ଏହିଗ୍ରନ୍ଥି ଖୁବ୍ କଳାକଳା ଏକ ରସରେ ପୂର୍ଣ୍ଣ ଓ ଜୀବଗୁଡ଼ିକ ବିପଦ ସମୟରେ ପାଣିଭିତରେ ଏହି ରସକୁ କ୍ଷରଣକରି ଶତ୍ରୁ ମୁଖରୁ ନିଜକୁ ରକ୍ଷାକରିବାରେ ଏହାକୁ ପ୍ରୟୋଗ କରିଥାଆନ୍ତି । ଏହି ରସ ବିଭିନ୍ନ ଚିତ୍ରକର (Artist) ରଂଗ ଭାବରେ ବ୍ୟବହାର କରିଥାଆନ୍ତି । ମ୍ୟୁରେକ୍ସ (Murex) ଓ ନ୍ୟୁସେଲ୍ଲ (Nucella) ନାମକ ଶମ୍ବୁକ ଏକପ୍ରକାର ରଂଗ ବିହୀନ ରସ କ୍ଷରଣ କରିଥାଆନ୍ତି । ଏହିରସ ବାୟୁ ସଂସର୍ଶରେ ଆସିବାମାତ୍ରେ ନୀଳବର୍ଣ୍ଣ ଧାରଣକରେ । ଏହା ମଧ୍ୟ ଛବି କରିବାରେ ଲାଗିଥାଏ ।

କେବଳ ଏତିକିନୁହେଁ ଔଷଧରୂପେ ଏହାର ମୂଲ୍ୟ ମଧ୍ୟ ଉପଲବ୍ଧି କରାଯାଇଛି । ସମୁଦ୍ରକୂଳରେ ଦେଖାଯାଉଥିବା ଖଡ଼ିଭଳି ଜିନିଷଗୁଡ଼ିକ ହେଉଛି ସେପିଆର ଖୋଳ । ଏହାକୁ ମଧ୍ୟ "ସମୁଦ୍ରଖଡ଼ି" ବା "ସମୁଦ୍ରଫେଣ" କୁହାଯାଏ । ଏଗୁଡ଼ିକ ଭାରତୀୟ ସମୁଦ୍ରକୂଳମାନଙ୍କରୁ ମୌସୁମୀବାୟୁ ପ୍ରବାହ ସମୟରେ ସଂଗ୍ରହ କରାଯାଇଥାଏ । ଔଷଧ ପ୍ରସ୍ତୁତି, ପିଞ୍ଜରାରେ ଥିବା ପକ୍ଷୀମାନଙ୍କର ଖାଦ୍ୟ ଓ କୃଷିସାର (Agricultural manure) ଆକାରରେ ଏଗୁଡ଼ିକ ଲାଗିଥାଏ । ଏପରିକି ଏବେବି ଅନେକଲୋକ ସମୁଦ୍ରକୂଳରୁ ଏ ସମୁଦ୍ର ଖଡ଼ିକୁ ସଂଗ୍ରହକରି ବିଭିନ୍ନ କ୍ଷତ ସ୍ଥାନଗୁଡ଼ିକରେ ଲଗାଇବାପାଇଁ ସଂରକ୍ଷଣ କରିଥାନ୍ତି । ଆଶ୍ଚର୍ଯ୍ୟର କଥା ଆଗକାଳରେ ଆଜିକାଲିପରି କତୁରୀ, ଛୁରୀ ଓ କ୍ଷୁର ଆଦି ହତିଆର ନଥିଲା । ଛୁଆ ଜନ୍ମହେବା ସମୟରେ ନାଭି କାଟିବା ନିମନ୍ତେ ମଧୁରଜଳରେ ଦେଖାଯାଉଥିବା ଶାମୁକା (Unio) ଲାଗୁଥିଲା । ଏବେବି ଏହାର ବ୍ୟବହାର ଗାଁ ଗହଳିରେ ରହିଛି । ଆଉ ଜନ୍ମପରେ ଛୁଆକୁ କ୍ଷୀର ଖୁଆଇବା ପାଇଁ ଚାମଚ (Spoon) ପରିବର୍ତ୍ତେ କେତେକ ଶାମୁକାର ଖୋଳକୁ କାମରେ ଲଗାଉଥିଲେ । ବଡ଼ବଡ଼ ଶାମୁକାର ଖୋଳ ପୂର୍ବଭାରତୀୟ ଦ୍ୱୀପପୁଞ୍ଜର ଅଧିବାସୀମାନେ ଛୋଟ ଶିଶୁମାନଙ୍କ ପାଇଁ ଦୋଳି (Cradle) କରିଥାଆନ୍ତି ।

ଯାହାହେଉନା କାହିଁକି, ଶାମୁକା-ମାନଙ୍କର ସଂଖ୍ୟା ଏତେ ଅଧିକ ଯେ ଏହାକୁ ଆବାଳବୃଦ୍ଧବନିତା ସମସ୍ତେ ଦେଖିଥିବେ ନିଶ୍ଚୟ । ଆଉ ଅକ୍‌ଟୋପସ୍ ସମ୍ବନ୍ଧରେ କିମ୍ବଦନ୍ତୀ, ଗପ ବା କବିତା କହିଲେ ନସରେ । ଅଧିକାଂଶ ଲୋକମାନଙ୍କର ମନମଧ୍ୟରେ ଏକ ଭୟଙ୍କର ଜୀବ ହିସାବରେ ଅକ୍‌ଟୋପସ୍ ପ୍ରାୟ ସ୍ଥାନ ପାଇଥିବ । ହେଲେ ବି ମାନବ ସମାଜ ପ୍ରତି ଏମାନଙ୍କର ଅବଦାନ ଯଥେଷ୍ଟ । ଶିଶୁର ଜନ୍ମଠାରୁ ଆରମ୍ଭକରି ଖାଦ୍ୟ ଓ ଔଷଧ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଏହାର ଭୂମିକା ବାସ୍ତବରେ ସ୍ମରଣୀୟ । ପ୍ରାଣୀଜଗତରେ ଏପରି ଉପକାର ଅନ୍ୟ କେଉଁ ଜାତିର ପ୍ରାଣୀଙ୍କଠାରୁ ମିଳିନଥାଏ । ଅତୀତ ଓ ବର୍ତ୍ତମାନକୁ ବିଚାରକଲେ ଏପ୍ରାଣୀର ତୁଳନା କଳ୍ପନାର ବାହାରେ । ଏମାନଙ୍କର ଉପକାର ଯୁଗଯୁଗଧରି ରହିଥିଲା, ରହିଛି ଓ ରହିଥିବ ନିଶ୍ଚୟ, ଏଥିରେ ତିଳେମାତ୍ର ସନ୍ଦେହନାହିଁ । ବାସ୍ତବରେ, ପ୍ରକୃତିର ଏହା କ'ଣ ଏକ ଅବ୍ୟର୍ଥ ଅବଦାନ ନୁହେଁ କି ?


ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୭୫୧,୦୦୪

ଆମ ପାଇଁ କେଉଁ ନକ୍ସା, କେଉଁ ପ୍ଲାନ ଓ କେଉଁ ଯୋଜନା ଧରି, କିପରି ଭାବରେ ଅଳ୍ପ ସମୟ ଭିତରେ ଆମେ ଭାରତର ଅନ୍ୟ ଅଗ୍ରଗାମୀ ଅଞ୍ଚଳ ସହିତ ସମକକ୍ଷ ହୋଇ ପାରିବା, ଏହାହିଁ ହେଉଚି, ଆମ ସମସ୍ତଙ୍କ ଆଗରେ ଏକମାତ୍ର ସମସ୍ୟା ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ରାଜଧାନୀରେ ସ୍ୱାଧୀନତା ଦିବସ









ଝାରସୁଗୁଡାରେ ସ୍ୱାଧୀନତା ଦିବସ






ଟକରେ କୃତ୍ରିମ ଝରଣା ଉଦ୍‌ଘାଟନ [ ARTIFICIAL SPRING AT CUTTACK ]

ଗବେଷଣାଯନ୍ତ୍ରୀ ମାନଙ୍କୁ
ଶ୍ରୀ ପଟେଲ୍‌ଙ୍କ ଉଦ୍‌ବୋଧନ











ଢେଙ୍କାନାଳ ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ
BLOOD DONATION BY ROTARY CLUB

# ବାରିପଦା ରେ ସ୍ୱାଧୀନତା ଦିବସ








NISTER NIRANJAN PATNAIK AT BARIPADA

ମନ୍ତ୍ରୀ ଶ୍ରୀ ହରିହର କରଣ ଭବାନୀପାଟଣାରେ
ଅଗଷ୍ଟ ୧୫, ୧୯୮୪









MINSTER SRI HARIHAR KARAN
AT BHAWANI PATNA
15th AUGUST 1984.

# ପ୍ରଧାନମନ୍ତ୍ରୀଙ୍କ ବିଂଶସୂତ୍ରୀ ଓ ସମବାୟ

ଶ୍ରୀ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ

ଆମର ସାମାଜିକ, ଅର୍ଥନୈତିକ ବିକାଶ ଲାଗି ସମବାୟର ଏକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ରହିଛି । ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଆମ ଦେଶର ସର୍ବାଙ୍ଗୀନ ଉନ୍ନତିକୁ ଆଖି ଆଗରେ ରଖି ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମର ପ୍ରଚଳନ କରିଛନ୍ତି । ଏହାର ସଫଳ ରୂପାୟନ ଦିଗରେ ସମବାୟର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏଥିରେ ସନ୍ଦେହର ଅବକାଶ ନାହିଁ । ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରଚଳନ ଏକ ଜାତୀୟ ବା ରାଷ୍ଟ୍ରୀୟ କାର୍ଯ୍ୟକ୍ରମ । ସାରା ଦେଶର ସମୂହ ବିକାଶ ନିମନ୍ତେ ଏହି ପରିକଳ୍ପନା । ଦେଶବାସୀଙ୍କ ସମୂହ ଉନ୍ନତି ଚିନ୍ତାଧାରା ଏହି କାର୍ଯ୍ୟକ୍ରମ ପଛରେ ରହିଛି । ଏହି କାର୍ଯ୍ୟକ୍ରମ ସହ ସମବାୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେବେ ବିଂଶସୂତ୍ରୀ କାର୍ଯ୍ୟକ୍ରମର କ୍ରମିକ ସୂଚନା ସହ ସମବାୟର ଏଥି ସହିତ ସଂପର୍କ ଓ କର୍ତ୍ତବ୍ୟ ସଂପର୍କରେ ଚୁମ୍ବକ ସୂଚନା ଦେବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ପ୍ରଧାନ ମନ୍ତ୍ରୀଙ୍କର ବିଂଶସୂତ୍ରୀ କାର୍ଯ୍ୟକ୍ରମର ପ୍ରଥମ ଦଫାରେ ରହିଛି-ଜଳସେଚନ ସୁବିଧାର ଅଧିକ ଉନ୍ନତିବିଧାନ, ଶୁଷ୍କ ନିପାଣିଆଁ ଜମିରେ କୃଷିର ବିକାଶ ଲାଗି ବିଭିନ୍ନ ବୈଷୟିକ ଓ ବୈଜ୍ଞାନିକ ପଦ୍ଧତିର ବ୍ୟାପକ ପ୍ରୟୋଗ ସାଧନା—ଏଥିରେ ପ୍ରଥମେ ଜଳସେଚନ କଥା ଉଠୁଛି । ଭୂତଳ ଜଳର ବିନିଯୋଗ ନିମନ୍ତେ ସେଚକୂପ, ନଳକୂପ, ସେଚକୂପରେ ବିଦ୍ୟୁତିକରଣ ବ୍ୟବସ୍ଥା ଆଦି ପ୍ରାଥମିକ କୃଷିଋଣ ସମବାୟ ସମିତି ଓ ପ୍ରାଥମିକ ଭୂ ଉନ୍ନୟନ ବ୍ୟାଙ୍କମାନେ ହାତକୁ ନେଇ ତାହାକୁ କାର୍ଯ୍ୟକାରୀ କରାଉଛନ୍ତି । କେତେକ ଉଠା ଜଳସେଚନ ସମବାୟ ସମିତି ଉଠା ଜଳସେଚନକୁ କାର୍ଯ୍ୟକାରୀ କରି କୃଷି ଉତ୍ପାଦନ ବୃଦ୍ଧିକରିବା ତଥା କୃଷିଜୀବିମାନଙ୍କର ଅର୍ଥନୈତିକ ମାନଦଣ୍ଡର ଅଭିବୃଦ୍ଧି ସାଧନ କରିପାରିଛନ୍ତି । ସୁବିଧା ଥିବା ସ୍ଥାନମାନଙ୍କରେ ଏସବୁର ଅଧିକ ପରିପ୍ରସାର ହୋଇପାରିଲେ ଏହା ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ଦିଗ୍ଦର୍ଶନ ଦେଇ ପାରିବ ।

ନିପାଣିଆଁ ଜମିରେ କୃଷିର ବିକାଶ ବ୍ୟବସ୍ଥା ନିମନ୍ତେ ଯେତେବେଳେ ବୈଷୟିକ ତଥା ବୈଜ୍ଞାନିକ ବ୍ୟବସ୍ଥାମାନ ପ୍ରୟୋଗ ହେଉଛି ସେତେବେଳେ ସମବାୟ କୃଷକ ସଭ୍ୟଙ୍କୁ ଉନ୍ନତ ବିହନ, ରାସାୟନିକ ସାର, କୀଟ ନାଶକ ଔଷଧ, କୃଷି ଉପକରଣ ଆଦି ଋଣ ସୂତ୍ରେ ଯୋଗାଇ ଦେବାକୁ ଆଗଭର ହୋଇ ଆସୁଛି ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦଫାରେ-ଡାଲି ଓ ବନସ୍ପତି ତୈଳବୀଜ ଉତ୍ପାଦନ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି । କୃଷି ଓ କୃଷକଙ୍କର ଉନ୍ନତିକୁ ଲକ୍ଷ୍ୟରଖି ଆମ ଦେଶ ମାଟିରେ ଆଜକୁ ଅଶୀ ବର୍ଷ ତଳେ ସମବାୟ-ମହାଦ୍ରୁମର ବୀଜ ବପନ କରାଯାଇଥିଲା । ଏବେ ମଧ୍ୟ ଏହା ସ୍ୱୀୟ ମୂଳ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ତେଣୁ ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ଋଣ ଦେବା ପାଇଁ ଦେଶର ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କମାନେ ନିଜ ନିଜର ଋଣ ଦାନ ନୀତି ନିର୍ଦ୍ଧାରଣ କରିଛନ୍ତି ଓ ପ୍ରାଥମିକ ସମିତିମାନେ ଏ ଦଫାର ସଫଳ ରୂପାୟନରେ ଅଂଶ ଗ୍ରହଣ କରିବାରେ କୌଣସି ବାଧା ନାହିଁ ।

ଏହି କାର୍ଯ୍ୟକ୍ରମର ତୃତୀୟ ଦଫାରେ 'ସମନ୍ୱିତ ଗ୍ରାମ ଉନ୍ନୟନ ଓ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତିର ବ୍ୟାପକ ସଂପ୍ରସାରଣ ଓ ସୁଦୃଢ଼ୀ କରଣ ସକାଶେ ଲକ୍ଷ୍ୟ ରହିଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ସମବାୟ ସମିତିମାନେ ଅତି ନିଷ୍ଠା ତଥା ଆନ୍ତରିକତାର ସହିତ କୁଳକଣ୍ଠରଙ୍କୁ ଚିହ୍ନଟ ହୋଇ ଋଣ ପାଇବାକୁ ବିବେଚିତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଋଣ ଯୋଗାଇ ଦେଇ ସେମାନଙ୍କର ଅର୍ଥନୈତିକ ଅବସ୍ଥାର ଅଭିବୃଦ୍ଧି ଘଟାଇବା, ସେମାନଙ୍କୁ ଆତ୍ମନିଯୁକ୍ତି ଦେବା ଓ ସମାଜର ଦରିଦ୍ରତମ ପରିବାରଙ୍କୁ ଅର୍ଥନୈତିକ ଥଇଥାନ କରିବାରେ ସହାୟକ ହେଉଛନ୍ତି ।

ପଞ୍ଚମ ଦଫା ଅନୁଯାୟୀ ଚାଷଜମିର ସର୍ବୋଚ୍ଚ ସୀମା ଆଇନକୁ କାର୍ଯ୍ୟକାରୀ କରାଯାଇ ଭୂମିହୀନମାନଙ୍କ ମଧ୍ୟରେ ବଳକା ଜମିର ବଣ୍ଟନ ତଥା ଏଥିରେ ପ୍ରତିବନ୍ଧକ ସୃଷ୍ଟିକରୁଥିବା ସମସ୍ତ ପ୍ରଶାସନିକ ତଥା ଆଇନଗତ ବାଧାବିଘ୍ନକୁ ଦୂରକରି ଜମିଜମା ବନ୍ଦୋବସ୍ତ କାର୍ଯ୍ୟର ସଂପୂର୍ଣ୍ଣ ସଂପାଦନ ।

ଭୂମିହୀନ ଲୋକ ଜଣେ କିଛି ଜମି ପାଇଲା । ସେ ତାକୁ ଚାଷ କରିବ କିପରି? ସେଥିପାଇଁ ସମବାୟ ସମିତି ଅଛି ତାକୁ ସାହାଯ୍ୟ କରିବ । ତାକୁ ସଭ୍ୟ ଶ୍ରେଣୀ ଭୁକ୍ତ କରାଯିବାକୁ ଦିନାସୁଧରେ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଅଂଶଧନ ଋଣ

ଆକାରରେ ମିଳିବ । ଗୃଷ, ବଳଦ ଓ କୃଷି ଉପକରଣ ପାଇଁ ମଧ୍ୟମକାଳୀନ ଋଣ ଦିଆଯିବ । ତା' ଛଡା ଚାଷ ଲଗୁତି ପାଇଁ ସ୍ୱଳ୍ପକାଳୀନ ଋଣ ଜରିଆରେ ଉନ୍ନତ ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ସହ ଚାଷ ଖର୍ଚ୍ଚ ପାଇଁ ନଗଦ ଟଙ୍କା ପାଇ ନିଃସ୍ୱ ଭୂମିହୀନ କୃଷିଜୀବିରେ ପରିଣତ ହୋଇ ସାମାଜିକ ପ୍ରତିଷ୍ଠା ଲାଭ କରିବା ସଙ୍ଗେ ସଙ୍ଗେ ଦାରିଦ୍ର୍ୟ କଷଣ ମୁକ୍ତହେବ । ଏହା କାର୍ଯ୍ୟକାରୀ ହେଉଛି ଯାହାକି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସମବାୟର ଏ ଦଫା ପ୍ରତି ଶ୍ରଦ୍ଧାର୍ଘ୍ୟ ।

ଏହି ମହାନ ରାଷ୍ଟ୍ରୀୟ କାର୍ଯ୍ୟକ୍ରମର ପଞ୍ଚମ ଦଫାରେ କୃଷି କାର୍ଯ୍ୟରେ ନିଯୁକ୍ତ ମୂଲିଆ ଓ କୃଷି ଶ୍ରମିକମାନଙ୍କ ଲାଗି ଗୃହୀତ ସର୍ବନିମ୍ନ ମଜୁରୀ ଆଇନର ସମୀକ୍ଷା ଓ କଡାକଡି ନିଷ୍ପାଦନର ବ୍ୟବସ୍ଥା ରଖାଯାଇଅଛି । ଏହି ଦଫାସହ ସମବାୟର ସାମଗ୍ରିକ ଭାବରେ ପ୍ରତ୍ୟକ୍ଷ ସଂପର୍କ ରହୁନଥିଲେ ମଧ୍ୟ ପରୋକ୍ଷ ସଂପର୍କ ରହିଛି । ଗାଁ ଗହଳିରେ କୃଷି ଉତ୍ପାଦନ ବୃଦ୍ଧିପାଇଁ ଦିଆଯାଉଥିବା ଚାଷ ଋଣଦ୍ୱାରା କୃଷି ଶ୍ରମିକମାନେ ସର୍ବନିମ୍ନ ମଜୁରୀ ପାଇବାରେ ସହାୟକ ହେଉଛନ୍ତି ।

ଷଷ୍ଠଦଫାର କାର୍ଯ୍ୟକ୍ରମ ଅନୁଯାୟୀ ଗୋତି ଶ୍ରମିକମାନଙ୍କୁ ସରକାର ଥଇଥାନ କରୁଛନ୍ତି । ଦୀର୍ଘଦିନର ବନ୍ଧନରୁ ମୁକ୍ତି ପାଇ ଦାସୋଚିତ ଜୀବନକୁ ଅଧିକ ସ୍ୱଚ୍ଛଳ କରି ଗଢି ତୋଳିବା ନିମନ୍ତେ ବିମୁକ୍ତ ଗୋତି ଶ୍ରମିକଙ୍କୁ ସମବାୟ ସମିତିର ସଭ୍ୟ ଶ୍ରେଣୀଭୁକ୍ତ କରି ତାର ଆର୍ଥିକ ଅବସ୍ଥା ର ଉନ୍ନତିରେ ସମବାୟ ସମିତି ନିଶ୍ଚିତ ଭାବେ ସହାୟକ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସପ୍ତମ କାର୍ଯ୍ୟକ୍ରମ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଏକ ପ୍ରଧାନ ଅଂଶ । ଏଥିରେ ଆଦିବାସୀ ଓ ହରିଜନମାନଙ୍କର ସର୍ବବିଧ ଉନ୍ନତି ନିମନ୍ତେ ଗୃହୀତ କାର୍ଯ୍ୟକ୍ରମର ତୁରନ୍ତ ସମ୍ପାଦନ ନିମନ୍ତେ ବ୍ୟବସ୍ଥା ରହିଛି ।

ସମବାୟ ଆନ୍ଦୋଳନ ମାଧ୍ୟମରେ ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଗଣିତ ଅବହେଳିତ, ନିପେଷିତ, ଶୋଷିତ ଓ ଲାଞ୍ଛିତ ଆଦିବାସୀ ଓ ହରିଜନମାନଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ସମବାୟ ବ୍ୟାପକ ଉଦ୍ୟମ କରିଛି । ବ୍ଲକ୍ ସ୍ତରରେ ଲ୍ୟାମ୍ପସ, ବନ ବାଣିଜ୍ୟ ସମିତି, ଖଣି ଶ୍ରମିକ ଉନ୍ନୟନ ସମବାୟ ସମିତି, ରାଜ୍ୟ ସ୍ତରରେ ଆଦିବାସୀ ଉନ୍ନୟନ ସମବାୟ ନିଗମ, ହରିଜନ ପୁନଃ ଅର୍ଥ ବିନିଯୋଗ ସମବାୟ ନିଗମ ଆଦି ବିଭିନ୍ନ ସମବାୟ ସଂସ୍ଥାମାନେ ସେମାନଙ୍କୁ ବିଭିନ୍ନ ଧରଣର ଋଣ ଦେଉଛନ୍ତି । ଋଣର ସଦୁପଯୋଗ ଉପରେ ରିହାତି ମିଳୁଛି । ଆଦିବାସୀମାନଙ୍କୁ ଶୋଷଣମୁକ୍ତ କରାଯିବାକୁ ସେମାନଙ୍କର ବଳକା କୃଷି ଉତ୍ପାଦିତ ଶସ୍ୟ, ବନଜାତ ଦ୍ରବ୍ୟ ସମବାୟ କିଣା ବିକା କରୁଛି । ସେମାନେ ଉଚିତ ମୂଲ୍ୟ ପାଉଛନ୍ତି । ବୋନସ୍ ପାଉଛନ୍ତି । ସୁଲଭ ମୂଲ୍ୟରେ ସେମାନଙ୍କର ଅତ୍ୟାବଶ୍ୟକୀୟ ଜିନିଷମାନ ପାଉଛନ୍ତି । ଜରୁରୀ ଆବଶ୍ୟକତାକୁ ମେଣ୍ଟାଇବାକୁ ସେମାନେ ସାହୁକାରର ଦ୍ୱାରସ୍ଥ ନ ହୋଇ ସମିତିରୁ ତୁରନ୍ତ ଖାଉଟି ଋଣ ବା (କନ୍‌ଜପ୍‌ସନ୍ ଲୋନ୍) ପାଉଛନ୍ତି । ସମିତିମାନେ ବିଭିନ୍ନ ଉନ୍ନୟନ କାର୍ଯ୍ୟମାନ ହାତକୁ ନେଉଥିବାରୁ ସେମାନେ ମୂଲ ମଜୁରୀ ପାଉଛନ୍ତି । ବିଂଶସୂତ୍ରୀ କାର୍ଯ୍ୟକ୍ରମର



ଏହି ଦଫା ପାଇଁ ଏକ ସ୍ୱତନ୍ତ୍ର ପୁସ୍ତକ ଲେଖାଯାଇପାରେ । ଏହା ଉପରେ ଏକାଧିକ କର୍ମଶାଳା ଓ ଆଲୋଚନା ଚକ୍ର [illegible] ଯାଇପାରେ । ସମବାୟର ଏହି ବ୍ୟାପକ କାର୍ଯ୍ୟକ୍ରମ[illegible] ସୂଚନା ଦିଆଗଲା ମାତ୍ର ।

ଅଷ୍ଟମ ଦଫା ହେଲା, ଜଳକଷ୍ଟ ଭୋଗୁଥିବା ସବୁଯାକ ଗ୍ରାମ[illegible] ପାନୀୟ ଜଳ ଯୋଗାଣ । ସମବାୟ ଦ୍ୱାରା ସେଚକୂପ [illegible] ଋଣ ଦିଆଯାଉଛି । ନଗର ଉନ୍ନୟନ ବ୍ୟାଙ୍କ ଓ କେନ୍ଦ୍ର[illegible] କେନ୍ଦ୍ର ସମବାୟ ବ୍ୟାଙ୍କ ପାନୀୟ ଜଳ ନିମନ୍ତେ କୂପ ଖ[illegible] ପାଇଁ ଋଣ ଦେଉଛନ୍ତି । ପାନୀୟ ଜଳ ଯୋଗାଇ ଦେବା[illegible] ସମବାୟ ଅନୁଷ୍ଠାନମାନେ ପଛେଇ ଯାଉ ନଥିବା ସୁଖର କଥା ।

ନବମ ଦଫାରେ ବାସହୀନ ପରିବାରଙ୍କୁ ଘରଡି[illegible] ଯୋଗାଣ, ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସାହାଯ୍ୟ ତ[illegible] ଉପକରଣ ଯୋଗାଣ କାର୍ଯ୍ୟକ୍ରମର ସଂପ୍ରସାରଣ । ଦଶ[illegible] ଦଫାରେ ସହରାଞ୍ଚଳର ବସ୍ତିଗୁଡ଼ିକର ପାରିପାର୍ଶ୍ୱିକ ଅବସ୍ଥା[illegible] ଉନ୍ନତି ବିଧାନ, ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ଗୃ[illegible] ନିର୍ମାଣ କାର୍ଯ୍ୟକ୍ରମର ସୁସଂପାଦନ, ଜମିର ଅତିରିକ୍ତ ଦରବୃ[illegible] ରୋକିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ।

ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସମବାୟ ଗୃହ ନିର୍ମା[illegible] ସମିତି ଓ ଶ୍ରମିକ ଠିକା ସମବାୟ ସମିତିମାନେ ଏଭଳି ଲୋକ[illegible] ମାନଙ୍କର ଗୃହ ନିର୍ମାଣ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣକ[illegible] ପାରିବେ । ପ୍ରଧାନ ମନ୍ତ୍ରୀଙ୍କର ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ[illegible] ଏକାଦଶ ପର୍ଯ୍ୟାୟରେ ବିଦ୍ୟୁତ ଶକ୍ତି ଯୋଗାଣ ସଂକ୍ରାନ୍ତ[illegible] ଚିନ୍ତାଧାରାକୁ ବିଦ୍ୟୁତ ଯୋଗାଣ ସମବାୟ ସମିତିମାନେ[illegible] ନିହିତ ସାହାଯ୍ୟ କରି ପାରିବେ ।

ଦ୍ୱାଦଶ ପର୍ଯ୍ୟାୟ କାର୍ଯ୍ୟକ୍ରମମତେ ନୂତନ ବନ ସୃଷ୍ଟି, ଉଦ୍ୟାନ ତଥା ବାଡ଼ି ବଗିଚା ସ୍ଥାପନ ଏବଂ ଜୈବ ବାଷ୍ପ ତଥା ବିକଳ୍ପ ଶକ୍ତି ଉତ୍ସର ବିକାଶ ସାଧନ ନିମନ୍ତେ ଯେଉଁ କାର୍ଯ୍ୟକ୍ରମ ରହିଛି, ସେଥିରେ ଉଦ୍ୟାନ ତଥା ବାଡ଼ି ବଗିଚାର ଉନ୍ନତି, ଗୋବର ଗ୍ୟାସ ପ୍ଲାଣ୍ଟ ଆଦି ନିମନ୍ତେ ଋଣର ବ୍ୟବସ୍ଥା ରହିଛି । ତାହା ବିଭିନ୍ନ ଯୋଜନା ମାଧ୍ୟମରେ ସମବାୟ ଜରିଆରେ କାର୍ଯ୍ୟକାରୀ ମଧ୍ୟ ହେଉଅଛି ।

ତ୍ରୟୋଦଶ କାର୍ଯ୍ୟକ୍ରମ ଅନୁଯାୟୀ ପରିବାର ନିୟନ୍ତ୍ରଣକୁ ସ୍ୱେଚ୍ଛାମୂଳକ ଭିତ୍ତିରେ ଏକ ଗଣ ଆନ୍ଦୋଳନରେ ପରିଣ[illegible] କରିବାକୁ ଯେଉଁ କାର୍ଯ୍ୟବିଧି ଅନୁସରଣ କରାଯାଉଛି ସେଥିପା[illegible] ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଉପକରଣମାନ[illegible] ସମବାୟ ସମିତି ମାଧ୍ୟମରେ ଜନ ସାଧାରଣଙ୍କୁ ଯୋଗାଇ ଦିଆଯାଇ ଏହାକୁ ଲୋକ ପ୍ରିୟ କରାଯାଇ ପାରିବ ।

ଚତୁର୍ଦ୍ଦଶ କାର୍ଯ୍ୟ ସୂଚୀମତେ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧାର ବ୍ୟାପକ ପ୍ରସାର ଏବଂ କୁଷ୍ଠ, ଯକ୍ଷ୍ମା ଓ ଦୃଷ୍ଟିହୀନତା ନିୟନ୍ତ୍ରଣ । ଆଜିକାଲି କେତେ ସ୍ଥାନରେ ସମବାୟ ଚିକିତ୍ସାଳୟମାନ ପ୍ରତିଷ୍ଠିତ ହେଲଣି । ଚିକିତ୍ସା ବିଦ୍ୟାର ପ୍ରଶିକ୍ଷଣ କ୍ଷେତ୍ରରେ କେତୋଟି ସମବାୟ ଚିକିତ୍ସା ମହାବିଦ୍ୟାଳୟ ମଧ୍ୟ ଗଢି ଉଠିଛି । ଏଣୁ ଏ କ୍ଷେତ୍ରରେ ସମବାୟର ଭୂମିକା ଯେ

ଏକାବେଳକେ ନଗଣ୍ୟ ଏକଥା କହି ହେବ ନାହିଁ ଓ ଏଥିରେ ସମବାୟ ସେତୁବନ୍ଧରେ ଗୁଣ୍ଡୁଚି ମୂଷା ଭଳି କାମ କରୁଛି ।

ଏହି କାର୍ଯ୍ୟକ୍ରମର ପଞ୍ଚଦଶ ପର୍ଯ୍ୟାୟରେ ମହିଳା, ଶିଶୁ (ଗର୍ଭବତୀ, ପ୍ରସୂତି)ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ, ସେମାନଙ୍କର ବିଭିନ୍ନ ମାରାତ୍ମକ ତଥା ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥାକୁ ଲକ୍ଷ୍ୟ ରଖା ଯାଉଛି । ଏ ଉଦ୍ଦେଶ୍ୟରେ ଶିଶୁ ବିକାଶ ଯୋଜନାମାନ କାର୍ଯ୍ୟକାରୀ ହେଉଅଛି । ଏଭଳି ଯୋଜନାମାନଙ୍କୁ ସମବାୟ ସମିତି ଜରିଆରେ କେତେକ ଜିନିଷ ଯୋଗାଇ ଦିଆ ଯାଉଛି ।

ଷୋଡ଼ଶ କାର୍ଯ୍ୟକ୍ରମରେ ସମଗ୍ର ଦେଶରେ ଛ ଠାରୁ ଚଉଦ ବର୍ଷ ବୟସର ବାଳକ ବାଳିକାମାନେ ପ୍ରାଥମିକ ତଥା ନିମ୍ନ ମାଧ୍ୟମିକ ଶିକ୍ଷା ନିଶ୍ଚିତ ଭାବେ ପାଇବେ । ବାଳିକାମାନଙ୍କ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ସାର୍ବଜନୀନ ମୌଳିକ ଶିକ୍ଷା ସଂପ୍ରସାରିତ ହେବ । ଏହାଛଡ଼ା ପ୍ରୌଢ଼ଶିକ୍ଷା ଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସହିତ ଛାତ୍ର ଛାତ୍ରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସଂଶ୍ଳିଷ୍ଟ କରିବାକୁ ଲକ୍ଷ୍ୟ ରହିଛି ।

ଏହି ଦଫାକୁ ସର୍ବାଙ୍ଗ ସୁନ୍ଦର ଭାବେ କାର୍ଯ୍ୟକାରୀ କରିବାକୁ ଯିବା ବେଳେ ସମବାୟ ନିଶ୍ଚିତ ଭାବେ ଏଥିପ୍ରତି ତା'ର କର୍ତ୍ତବ୍ୟ ସାଧନ କରି ପାରିବ । ପାଠ ପଢ଼ିବେ ପିଲାମାନେ । ପାଠ୍ୟୋପକରଣ କଣ ଗାଆଁରେ ମିଳୁଛି? ଆମ ଦେଶର ଅନୁନ୍ନତ ଜିଲ୍ଲାମାନଙ୍କରେ ସାଧାରଣତଃ ସବ୍‌ଡିଭିଜନ ହେଡ଼କ୍ୱାଟର୍ସକୁ ନଗଲେ ଜାତୀୟକରଣ ହୋଇଥିବା ପାଠ୍ୟ ପୁସ୍ତକ ମିଳିବ ନାହିଁ। ଗାଆଁ ଗାଣ୍ଡିଲିରେ କାଗଜ, କଲମ, ଏକ୍‌ସରସାଇଜ ଖାତା ଆଦି ମିଳେନାହିଁ । ଏହା ମୁରବିମାନେ ସୁବିଧାରେ ତଥା ଉଚିତ ମୂଲ୍ୟରେ ପାଇ ପାରନ୍ତି ନାହିଁ । ଅବଶ୍ୟ ଯେଉଁଠାରେ ସ୍କୁଲ କଲେଜରେ ସମବାୟ ଭଣ୍ଡାର ଖୋଲିଛି ସେଠାରେ ଏଭଳି ସମସ୍ୟାର ଆଂଶିକ ସମାଧାନ ହୋଇଛି । କିନ୍ତୁ ତଳଶ୍ରେଣୀ ପାଇଁ ଉଚ୍ଚା ଦରରେ ବହି କିଣାହୁଏ ହାଟରୁ । ନଚେତ ସହରକୁ ଯିବାକୁ ହୁଏ । ବେଳେ ବେଳେ ଦୋକାନୀ ପୁରୁଣା ଅଚଳ ବହି ଗରାଖଙ୍କୁ ଠକିଦିଏ । ଆଜିକାଲି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ହେଡ଼କ୍ୱାଟର୍ସରେ ସମବାୟ ଖାଉଟି ଭଣ୍ଡାର ଖୋଲି କଂଟ୍ରୋଲ ଜିନିଷମାନ ଲୋକଙ୍କୁ ଉଚିତ ମୂଲ୍ୟରେ ଯୋଗାଇ ଦିଆଯାଉଛି । ତା ସାଙ୍ଗକୁ କିଛି କିଛି ପଢ଼ା ବହି ଓ ଅନ୍ୟାନ୍ୟ ପାଠ୍ୟୋପକରଣ ଗଚ୍ଛିତ ରଖିଲେ ଶିକ୍ଷା ଦୀକ୍ଷାର କ୍ଷେତ୍ରରେ ସମବାୟର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ପାରନ୍ତା । କେତେକ ସମବାୟ ଭଣ୍ଡାର ଏଦିଗରେ କାର୍ଯ୍ୟାରମ୍ଭ କରିଛନ୍ତି । ଏହା ଅଭିନନ୍ଦନୀୟ ।

ଏଥର ଏହି ରାଷ୍ଟ୍ରୀୟ ସଂକଳ୍ପର ସପ୍ତଦଶ କାର୍ଯ୍ୟସୂଚୀ ସଂପର୍କରେ ଆସନ୍ତୁ ଆଲୋଚନା କରିବା । ଅଧିକ ଉଚିତ ମୂଲ୍ୟର ଦୋକାନ ତଥା ଦୂର ଦୂରାନ୍ତର ଅଞ୍ଚଳରେ ଚଳମାନ ଖାଉଟି ଭଣ୍ଡାର ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସଂପ୍ରସାରଣ । କଳକାରଖାନାର ଶ୍ରମିକ ଓ ଛାତ୍ରାବାସର ଛାତ୍ର ଛାତ୍ରୀମାନଙ୍କୁ ଗାଉପକା ଖାତା ଓ ପାଠ୍ୟ ପୁସ୍ତକ ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବା ଓ ଏକ ଦୃଢ଼ ଖାଉଟି ସୁରକ୍ଷା ଆନ୍ଦୋଳନର ପ୍ରସାର ଘଟାଇବା । ଏହି ଲକ୍ଷ୍ୟ ପୂରଣ ପାଇଁ କେବଳ ସମବାୟହିଁ ଏକମାତ୍ର ଅବଲମ୍ବନ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ଦିନକୁ ଦିନ ହୁ ହୁ ହୋଇ ବଢ଼ି ଯାଉଛି ! ଅପମିଶ୍ରିତ ଖାଦ୍ୟ ପଦାର୍ଥରେ ଆଜି ଦୋକାନ ବଜାର ଭରି । କଳା ବେପାରୀଙ୍କ ହାତରେ ବଣ୍ଟନ ବ୍ୟବସ୍ଥାର କେତେକାଂଶ ଆଜି ମଧ୍ୟ ନ୍ୟସ୍ତ ହୋଇଛି । ଏସବୁ ସମସ୍ୟାଗୁଡ଼ିକର ସମାଧାନମୂଳକ ଉତ୍ତର ଦେଇ ପାରିବ ସମବାୟ ଖାଉଟି ଭଣ୍ଡାର । ଦେଶର ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଖାଉଟି । ସମବାୟ ଖାଉଟି ଭଣ୍ଡାରର ସାର୍ଥକତା ଓ ଏଭଳି ଘଡ଼ି ସନ୍ଧି ବେଳେ ସେହି ହିଁ ଏକମାତ୍ର ରକ୍ଷା କବଚ ଏକଥା ଦେଶବାସୀଙ୍କୁ ହୃଦୟଙ୍ଗମ କରାଇ ବହୁସଂଖ୍ୟକ ଉଚ୍ଚମାନବିଶିଷ୍ଟ ସମବାୟ ସମିତିମାନ ପ୍ରତିଷ୍ଠା କରାଯିବା ଆବଶ୍ୟକ । ଖଣି ଅଞ୍ଚଳ ଓ ସହରାଞ୍ଚଳରେ ସମବାୟ ଭଣ୍ଡାରମାନ ଏ ଦିଗରେ ଯଥେଷ୍ଟ ଆଗୁଆ ହୋଇଥିବା ସୁଖର କଥା । ଗ୍ରାମାଞ୍ଚଳରେ ବୃହଦାକାର ବହୁମୁଖୀ ସମବାୟ ସମିତି, ସେବା ସମବାୟ ସମିତି, କୃଷକ ସମବାୟ ସମିତି ଖାଉଟି ଭଣ୍ଡାରମାନ ପ୍ରତିଷ୍ଠା କରି ସୁଷମ ବଣ୍ଟନ ବ୍ୟବସ୍ଥାକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରୁଥିବା ସୁଖର କଥା । ସମିତିମାନଙ୍କର ପରିଚାଳନାରେ ଥିବା କର୍ମକର୍ତ୍ତାବୃନ୍ଦଙ୍କର ଆଗ୍ରହ, କର୍ମଚାରୀମାନଙ୍କର ନିଷ୍ଠା ଓ ବ୍ୟବସାୟିକ ଦୂରଦୃଷ୍ଟି ସାଙ୍ଗକୁ ସେବା ମନୋବୃତ୍ତି, ଅର୍ଥଦାୟୀ ବ୍ୟାଙ୍କ ଓ ସରକାରଙ୍କର ଯଥାକ୍ରମେ ଅର୍ଥରଣ ବ୍ୟବସ୍ଥା ଓ ଅନୁଦାନ ବ୍ୟବସ୍ଥା ଏହି ଖାଉଟି ଭଣ୍ଡାରଗୁଡ଼ିକୁ ଦୃଢ଼ରୁ ଦୃଢ଼ତର କରି ପାରିବ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଷ୍ଟାଦଶ ପର୍ଯ୍ୟାୟରେ ରହିଛି, ଉଦାର ପୁଞ୍ଜି ଲଗାଣ ପଦ୍ଧତିର ଅନୁସରଣ ଓ ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ ସଂପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଶିଳ୍ପନୀତିର ଉନ୍ନତି ବିଧାନ । ହସ୍ତଶିଳ୍ପ, ହସ୍ତତନ୍ତ ଓ ଗ୍ରାମ୍ୟ ଶିଳ୍ପର ଉନ୍ନତି ବିଧାନ ନିମନ୍ତେ ସର୍ବବିଧ ସୁବିଧା ଯୋଗାଇ ଦେବା ଏବଂ ସେଗୁଡ଼ିକରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରିବାଲାଗି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ।

ସମବାୟ ଆଜି କେବଳ ଋଣଦାୟୀ ସଂସ୍ଥା ଭାବେ ସୀମିତ ପରିସର ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ । ବିଭିନ୍ନ ହସ୍ତଶିଳ୍ପ ସମବାୟ ସମିତି, ବିଭିନ୍ନ ବୟନ ଶିଳ୍ପ ସମବାୟ ସମିତି, ବିଭିନ୍ନ କ୍ରମଣ ( Processing ) ସମବାୟ ସମିତି, ବିଭିନ୍ନ ଗ୍ରାମ୍ୟ ଶିଳ୍ପ ସମବାୟ ସମିତି, ସମବାୟ ହସ୍ତତନ୍ତ ବୟନ ସମିତି, ସମବାୟ ଚିନିକାରଖାନା, ସମବାୟ ସୂତାକଳ, ସମବାୟ ଝୋଟକଳ ଓ ସମବାୟ ଲୁଗାକଳ ଆଦି କାର୍ଯ୍ୟକାରୀ ହେଉଥିବାରୁ ପ୍ରଧାନ ମନ୍ତ୍ରୀ ଆହ୍ୱାନ ଦେଇ ଦେଶର କ୍ଷୁଦ୍ରଶିଳ୍ପ, ହସ୍ତଶିଳ୍ପ ଓ ଗ୍ରାମ୍ୟ ଶିଳ୍ପଠାରୁ ଭାରୀ ଶିଳ୍ପ ପର୍ଯ୍ୟନ୍ତ ପ୍ରତ୍ୟେକର ଉତ୍ପାଦନ ବୃଦ୍ଧି ତଥା ସେଗୁଡ଼ିକରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରାଯିବାକୁ ଚାହିଁଛନ୍ତି । ସମବାୟ କ୍ଷେତ୍ରରେ କାର୍ଯ୍ୟକରୁଥିବା ଛୋଟ ବଡ଼ ସମସ୍ତ ସମିତି ଶିଳ୍ପ କ୍ଷେତ୍ରରେ ନିଜର କୃତିତ୍ୱକୁ ଅବ୍ୟାହତରଖି ଉତ୍ତରୋତ୍ତର ଉନ୍ନତି କ୍ଷେତ୍ରରେ ଆଗେଇଯିବା ସଙ୍ଗେ ସଙ୍ଗେ ଉତ୍ପାଦନ କ୍ଷେତ୍ରରେ ଗୁଣାତ୍ମକ ତଥା ପରିମାଣାତ୍ମକ ଉନ୍ନତିକରି ଦେଶର ଶିଳ୍ପଜାତ ଦ୍ରବ୍ୟ ବିକାଶ କ୍ଷେତ୍ରରେ ସହାୟକ ହେବା ବିଶେଷ ପ୍ରୟୋଜନ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ଊନବିଂଶ ଧାରାରେ—ତସ୍କର, ମହଜୁଦ୍‌କାରୀ ଓ କରଟିକସ ଫାଙ୍କିବାଜ୍ ଲୋକଙ୍କ ବିରୁଦ୍ଧରେ ଦୃଢ଼ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅବ୍ୟାହତ ରଖାଯିବାକୁ ଏବଂ କଳାଧନ କାରବାରକୁ ରୋକିବାକୁ ବ୍ୟବସ୍ଥା ରଖାଯାଇଛି ।

ବର୍ତ୍ତମାନ ପ୍ରଶ୍ନଉଠୁଛି ଏ ଦଫାସହ ସମବାୟର ସଂପର୍କ ଅବା କ'ଣ ? ଅନୈତିକତା ଦୋଷରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ସମବାୟରେ ପ୍ରବେଶକରି ପାରିବେ ନାହିଁ ବୋଲି ଆଇନଗତ ବ୍ୟବସ୍ଥା ଅଛି । ତେଣୁ ତସ୍କର, କର ଟିକସ ଫାଙ୍କିବାଜ ଲୋକେ ସମବାୟ ସମିତି-ମାନଙ୍କରେ ଯେପରି ପଶିନପାରନ୍ତି ସେଥିପାଇଁ ପ୍ରତ୍ୟେକ ସମବାୟ ସମିତିର ପରିଚାଳନା ପରିଷଦ ସଜାଗ ହେବା ଉଚିତ ।

ଦେଶରେ ମହଜୁଦ୍‌କାରୀମାନେ କୌଣସି କୌଣସି ଜିନିଷକୁ ନିଜ ଗୋଦାମରେ ଅପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍‌ରଖି ବଜାରରେ ଉକ୍ତ ଜିନିଷର କୃତ୍ରିମ ଅଭାବ ସୃଷ୍ଟିକରି ଅତ୍ୟଧିକ ଦରରେ ବିକ୍ରିକରି ଫାଇଦା ଉଠାନ୍ତି । ଏପରି ସ୍ଥଳେ ସମବାୟ ଗୋଦାମରେ ଜିନିଷ ଯଦି ରହିଥାଏ ତେବେ ଜନସାଧାରଣ ଏଭଳି କୃତ୍ରିମ ଅଭାବ ତଥା ଦରବୃଦ୍ଧିରୁ ଖାଉଟି ମାନଙ୍କୁ ବଞ୍ଚାଇ ପାରନ୍ତି ।

ଦେଶରେ ଆଇନ ଯେତେକଡ଼ା ହେଉଛି ଚୋରା ବେପାର ମଧ୍ୟ ସିମିତି ଚାଲିଛି । ବିଦେଶରୁ ବିନା ଶୁଳ୍କରେ ଚୋରା ଭାବେ ଆମ ଦେଶର କଳା ବଜାରୀ ବ୍ୟବସାୟୀମାନେ ଜିନିଷପତ୍ର ଆଣୁଛନ୍ତି । ତେଣୁ କମ୍‌ଦାମରେ ବିଦେଶୀ ଜିନିଷ ଲୋକେ ଚୋରାରେ ପାଉଛନ୍ତି । ଏଥିପାଇଁ କୋଟିକୋଟି ଟଙ୍କାର ଆମଦାନୀ ଶୁଳ୍କ ପାଉଣା ହରାଇବସୁଛି. ଅନେକ ସମୟରେ ଚୋରା ବେପାରୀମାନଙ୍କର ବେଆଇନଭାବେ ବିଦେଶରୁ ଆଣିଥିବା ସମସ୍ତ ଜିନିଷ ବାଜ୍ୟାପ୍ତି କରାଯାଉଛି । ବାଜ୍ୟାପ୍ତ ଜିନିଷଗୁଡ଼ିକୁ କେତେକ କ୍ଷେତ୍ରରେ ପ୍ରକାଶ୍ୟ ନିଲାମ କରାଯାଇ ନିଲାମ ଲବ୍ଧ ଧନ ସରକାରଙ୍କର ଖଜଣାଖାନାରେ ମହଜୁଦ୍ କରାଯାଇଥାଏ ଓ କେତେକ ସ୍ଥଳେ ଉକ୍ତ ବେଆଇନ ପନ୍ଥା ଜରିଆରେ ଦେଶକୁ ଅଣାଯାଉଥିବା ଜିନିଷମାନ ସମବାୟ ସମିତିମାନଙ୍କ ଜରିଆରେ ବିକ୍ରି କରାଯିବାକୁ ବ୍ୟବସ୍ଥା କରାଯାଏ- ଏଭଳି ବେଆଇନଭାବେ ଧରାପଡୁଥିବା ଯାବତୀୟ ଜିନିଷ ସମବାୟ ଭଣ୍ଡାରଗୁଡ଼ିକ ଜରିଆରେ ବିକ୍ରୟ କରାଯିବା ଉଚିତ । କାରଣ ଏହା ପ୍ରକାଶ୍ୟ ନିଲାମ ସୂତ୍ରେ ବ୍ୟବସାୟୀ-ମାନଙ୍କ ହାତକୁଗଲେ ସେମାନେ ଏସବୁ ଜିନିଷ ସହିତ ବହୁ ପରିମାଣର ଏଭଳି ଜିନିଷ କଳାବଜାରରେ ବିକ୍ରି କରିବାରେ ସୁବିଧା ପାଇବେ ଓ ଦେଶର ଆୟରେ ବାଧା ଆସିବ । ସମବାୟ ସମିତିମାନେ ଯେଉଁସବୁ ଜିନିଷ ବିକାକିଣା କରନ୍ତି, ସେସବୁର ସଠିକ ହିସାବ ରହେ । କିନ୍ତୁ ବ୍ୟବସାୟୀମାନେ କରଟିକସ ପାଇଁ ଏକପ୍ରକାର ହିସାବ ତିଆରି କରିଦେଇ ନିଜନିଜର ବ୍ୟବସାୟ ପାଇଁ ସ୍ୱତନ୍ତ୍ର ହିସାବ ରଖନ୍ତି । କିନ୍ତୁ ସମବାୟ ସମିତିମାନେ ବିଭିନ୍ନ ଟିକସ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏସବୁ ନିମନ୍ତେ ସଂପୃକ୍ତ କର୍ତ୍ତୃପକ୍ଷ ସମ୍ବେଦନଶୀଳ ବିଚାରନେବା ଉଚିତ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କାର୍ଯ୍ୟ ଦକ୍ଷତା ବୃଦ୍ଧି, ଉତ୍ପାଦନ କ୍ଷମତାର ବିନିଯୋଗ ଏବଂ ଆଭ୍ୟନ୍ତରୀଣ ସଂପଦ ସୃଷ୍ଟିଦ୍ୱାରା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରାର ଉନ୍ନତି ବିଧାନପାଇଁ ଆହ୍ୱାନ ଦିଆଯାଇଅଛି ।

ସମବାୟ ଅନେକ କ୍ଷେତ୍ରରେ ଉତ୍ପାଦନ ତଥା ଆଭ୍ୟନ୍ତରୀଣ ସଂପଦ ସୃଷ୍ଟିସହ ସଂପୃକ୍ତ । ଏଣୁ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମର ଆହ୍ୱାନକ୍ରମେ ସମବାୟ ସମିତି ଯେଉଁମାନେ କି ଉତ୍ପାଦନ ସହ ସଂପୃକ୍ତ, ସେମାନେ ନିଜର ଦକ୍ଷିଣ ସଂଗଠନ କାର୍ଯ୍ୟ ଦକ୍ଷତାର ଅଭିବୃଦ୍ଧିଦ୍ୱାରା ଦେଶର ଉତ୍ପାଦନ ବୃଦ୍ଧିକରି ଆଭ୍ୟନ୍ତରୀଣ ସଂପଦର ଅଭିବୃଦ୍ଧି ଘଟାଇବାକୁ ପଶ୍ଚାତ୍‌ପଦ ହେବେ ନାହିଁ ।

ଏହି ଜାତୀୟ କାର୍ଯ୍ୟକ୍ରମ ଜରିଆରେ ଦେଶର ସାମଗ୍ରିକ ବିକାଶ ଯୋଜନା ସନ୍ନିବେଶିତ ହୋଇଅଛି । କେବଳ ସମବାୟ ନୁହେଁ ଏ ଦେଶର ପ୍ରତ୍ୟେକ ବିଭାଗ, ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ପ୍ରତ୍ୟେକ ଦେଶବାସୀ ଏହି ଯୋଜନା ସହ ଆନ୍ତରିକ ସହଯୋଗକଲେ ଦେଶ ନିଶ୍ଚିତ-ଭାବେ ସବୁଦିଗରେ ଉନ୍ନତି ଲାଭକରି ବିଶ୍ୱଦରବାରରେ ନିଜର ଆସନକୁ ସମ୍ମାନର ସହିତ ଦୃଢ଼ୀଭୂତ କରିପାରିବ । ଆମେ ସମସ୍ତେ ହାତକୁ ହାତ ମିଳାଇ କାନ୍ଧକୁ କାନ୍ଧମିଳାଇ, ମନକୁ ମନମିଶାଇ ପ୍ରଧାନ ମନ୍ତ୍ରୀଙ୍କର ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନପାଇଁ ଲାଗିପଡ଼ିବା । ଜୟତୁ ସମବାୟ ।

ସମବାୟ ସଂପ୍ରସାରଣ ଅଧିକାରୀ,
ବାଉଁଶପାଳ ବ୍ଲକ୍,
ଜି. କେନ୍ଦୁଝର ।

ଓଡ଼ିଶାର ଯେ କୌଣସି ନ୍ୟାୟୋଚିତ ଦାବୀକୁ
ଗ୍ରହଣ କରି ଓଡ଼ିଶାକୁ ଆଗେଇ ନେବା ପାଇଁ ପଡ଼ିବ ।
ସେ ବିଷୟରେ ଏ ସରକାରଙ୍କର କୌଣସି ଦ୍ୱିଧା ନାହିଁ ।
ନ୍ୟାୟୋଚିତ ଦାବୀ ଆଗରେ କୌଣସି ଆପୋଷ
ସମାଧାନର ପ୍ରଶ୍ନ ଉଠିନାହିଁ ।

— ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



# ଆଗନ୍ତୁ ଶକ୍ତିରୂପିଣୀ

ଶ୍ରୀ ଶୁଭେନ୍ଦୁ କୁମାର ଭୂୟାଁ

ମେଧାଽସି ଦେବୀ ବିଦିତାଖିଳଶାସ୍ତ୍ରସାରା
ଦୁର୍ଗାଽସି ଦୁର୍ଗ ଭବସାଗରନୌରସଙ୍ଗା ।
ଶ୍ରୀଃ କୈଟଭାରିହୃଦୟୈକକୃତାଧିବାସା
ଗୌରୀ ତ୍ୱମେବ ଶଶିମୌଳି କୃତ ପ୍ରତିଷ୍ଠା ।

ହେ ଦେବୀ ତୁମେ ହେଉଛ ଅଖିଳ ଶାସ୍ତ୍ରର ସାରରୂପକ ଜ୍ଞାନ । ଦୁର୍ଗମ ଭବସାଗରର ନୌକା ରୂପେ ତୁମେ ଦୁର୍ଗା ଭାବରେ ଖ୍ୟାତ; ଅଥଚ ଏହି ସଂସାର ତୁମକୁ ସ୍ପର୍ଶ କରିପାରେ ନାହିଁ । ଲକ୍ଷ୍ମୀ ରୂପେ ତୁମେ କୈଟଭ ଦୈତ୍ୟର ଶତ୍ରୁ ବିଷ୍ଣୁଙ୍କର ହୃଦୟରେ ନିବାସ କର । ଗୌରୀରୂପେ ତୁମେ ଚନ୍ଦ୍ରମୌଳିଙ୍କର ଶରୀରରେ ପ୍ରତିଷ୍ଠିତ ହୋଇଛ ।

ଅନନ୍ତ ବିଶ୍ୱର ଆବର୍ତ୍ତନ ମଧ୍ୟରୁ ଅସୀମା ମହାଶକ୍ତି ଉଦ୍ଭାସିତ ହୋଇ ଶାଶ୍ୱତଙ୍କ ଚକ୍ରକୁ କରନ୍ତି ପରିଚାଳିତ । ପ୍ରେମ, ଜ୍ଞାନ, କରୁଣା ଓ ବୈରାଗ୍ୟ– ଏହିସବୁ ଅନ୍ତହୀନ ଗୁଣାବଳୀର ପରିପ୍ରକାଶ କରିଥାଆନ୍ତି ସେ । ଏହି ଅନନ୍ତ ମହାଶକ୍ତି ହିଁ ଭବାନୀ । ସେ ହିଁ ଦୁର୍ଗା, ସେ ହିଁ କାଳୀ, ସେ ହିଁ ପ୍ରେମମୟୀ ରାଧିକା, ସେ ହିଁ ଲକ୍ଷ୍ମୀ, ସରସ୍ୱତୀ ଏବଂ ସେ ହିଁ ଆମ୍ଭମାନଙ୍କର ମା' ଓ ସବୁକିଛିର ସୃଷ୍ଟିକାରିଣୀ ।

ଆଜିର ପରିବେଶରେ ନାହିଁ ଗ୍ରୀଷ୍ମର ପ୍ରାଣାନ୍ତକ ଉତ୍ତାପ, ନାହିଁ ବର୍ଷାର ଉପଦ୍ରବ ହୁଙ୍କାର ଗର୍ଜନ ବା ପ୍ଲାବିତ ବାରିର ଆବିଳତା । ଆକାଶ ଓ ପୁଷ୍କରଣୀ ଶୁଭ୍ର ଓ ସ୍ୱଚ୍ଛ । ପ୍ରକୃତି କୋଳରେ ପୁଷ୍ପ ବିଥିକାର ଉଲ୍ଲାସ । ବୈଦିକଯୁଗର ପରମାର୍ଥୀୟ ଅନୁସନ୍ଧିତ୍ସୁ ଋଷିଗଣଙ୍କ ହୃଦୟକୁ ଉପଭୋଗୀଣ କରିଥିଲା ଏହି ଶରତ୍‌କାଳୀନ ସୁରଭିତ ବାୟୁ, ପୁଷ୍ପଶୋଭିତ ଦିଗ୍‌ବିଦିଗ ଓ ସର୍ବୋପରି ପାର୍ବଣ ଜ୍ୟୋତ୍ସ୍ନାର ରମଣୀୟ ପ୍ରଭବ । ଋତୁମାନଙ୍କର ସର୍ବାଗ୍ରେ ଶରତର କମନୀୟତା ବିଶେଷ ଲକ୍ଷଣୀୟ । ତଳେ ଶ୍ୟାମଳ ଦୁର୍ବାଦଳ ଧରଣୀ, ଉପରେ ନିର୍ମଳ ନଭମଣ୍ଡଳ, ପଦ୍ମପଲାଶ ଶୋଭିତ ପୁଷ୍କରଣୀ ଓ ନେତ୍ର ନିର୍ବାଣ କରୀ ଶାରଦୀୟ ଜ୍ୟୋତ୍ସ୍ନା । ଠିକ୍ ଏହି ସମୟରେ ମୁଗ୍‌ଧା ନବବଧୂ ସନ୍ତର୍ପଣରେ ପ୍ରବେଶ କଲାପରି ଏହି ଶରତ୍‌ଋତୁ ଭାରତବର୍ଷକୁ ଆସିଛି । ହଁ ଠିକ୍ ନବବଧୂ ପରି । ପାଦରେ ତା'ର ରାଜହଂସର ଢଳ ଢଳ ଗତି, ହସ୍ତରେ ଲୀଳାପଦ୍ମ, କଟୀରେ କାଞ୍ଚୀଦାମ ଓ ମଣିମେଖଳା, ତାମ୍ବୁଳ ସେବିତ ମୁଖ, କଜ୍ଜ୍ୱଳ ରଂଜିତ ନୟନ, ଗଳାରେ ମୁକ୍ତାହାର ଓ ବକ୍ଷଦେଶ ପାରିଜାତମାଳା ଓ କୌସ୍ତୁଭମଣିରେ ମଣ୍ଡିତ । ସେହି ନବାଙ୍ଗୀ ଶରତ୍ ବଧୂ ମାତଙ୍ଗୀର ରୁଚିରଗତି ଭଙ୍ଗୀରେ ବିଳାସିନୀ । ସତରେ, ଶରତ୍ ଋତୁରେ ଦେଶମାତୃକାର ଏହି ରୂପକାନ୍ତି କେଡ଼େ ସୁନ୍ଦର । ଏହି ପରିବେଶୀୟ ସଂସ୍ଥିତି ମନରେ ଆଣିଦିଏ ପ୍ରାଚୁର୍ଯ୍ୟ ଏବଂ ହୃଦୟ ଆଶା ଓ ଅଭୀପ୍ସାରେ ହୁଏ ଉଲ୍ଲସିତ । ଏ ଅପରୂପ ସମ୍ଭାରରେ ଆର୍ଯ୍ୟମାନସ ହୋଇଥିଲା ଦିନେ ବିମୁଗ୍ଧ ଓ ଚଳଚଞ୍ଚଳ । ସେଥିପାଇଁ କବିମାନସରେ ଶରତ୍ ପ୍ରଭକଲ୍ୟାଣୀ ନବବଧୂ ।

ମୋଟ ଉପରେ ଶରତ୍ ଋତୁର ଆକର୍ଷଣ ମହାଭାରତୀୟ ଆଧ୍ୟାତ୍ମିକ ଚେତନାକୁ କରିଛି ପ୍ରସିଦ୍ଧି । ଶରତ୍‌ର ରାକା ପୂର୍ଣ୍ଣମୀରେ ଶାରଦୀୟ ରାସୋତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ଦୁର୍ଗାପୂଜା ଅତ୍ୟନ୍ତ ବୈଜ୍ଞାନିକ ସମନ୍ୱିତ ବିଧିବିଧାନରେ ପାଳିତ ହୁଏ । ଶରତ୍ ଋତୁ ବର୍ଷା ପରେ ଆରମ୍ଭ ହୁଏ, ଏଥିପାଇଁ ବର୍ଷାତ୍ୟୟ, ବର୍ଷାନ୍ତ ପ୍ରଭୃତି ଶବ୍ଦ ଶରତ୍ ଋତୁରେ ସମପର୍ଯ୍ୟାୟବାଚକ । "ଶରତ୍" ଶବ୍ଦ ଶୃ ଧାତୁରୁ ନିଷ୍ପନ୍ନ । (ଶୃ=ହିଂସାୟାଂ+ଅଦ୍ । ଶୃ–ଧାତୁ ହିଂସାର୍ଥବାଚୀ; ତେଣୁ ଛେଦନ ଅର୍ଥ ପ୍ରକାଶ କରେ । ସମ୍ଭବତଃ ଏହି ସମୟରେ ଶସ୍ୟ ସଂଗ୍ରହକୁ ଲକ୍ଷକରି ଶସ୍ୟଛେଦନ ଅର୍ଥରେ ଶୃଧାତୁର ପ୍ରୟୋଗ ହୋଇଥିବ । ପୁନଶ୍ଚ ଆଦିମକାଳରେ ଆର୍ଯ୍ୟମାନେ ଠିକ୍ ଏହି ସମୟରେ ହିଁ ସେମାନଙ୍କର ଶିକାର ଅଭିଯାନ ଆରମ୍ଭ କରୁଥିଲେ ।

ଆଦ୍ୟାଶକ୍ତିର ପୂଜାପାର୍ବଣ ଶାରଦୀୟ ପର୍ବମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ସମୟଥିଲା ବସନ୍ତ ଋତୁରେ ମଧ୍ୟ ଆଦ୍ୟାଶକ୍ତିଙ୍କର ପୂଜା ଅନୁଷ୍ଠାନ ବହୁଳଭାବରେ ହେଉଥିଲା; ଏବେ ମଧ୍ୟ କେତେକାଂଶରେ ହେଉଛି । ଏହି ଉତ୍ସବକୁ ମଧୁପାର୍ବଣ ବା ବାସନ୍ତୀ ପୂଜା କୁହାଯାଏ । କିନ୍ତୁ ଗୁଣାତ୍ମକ ଦୃଷ୍ଟି କୋଣରେ ଶାରଦୀୟ ପାର୍ବଣ ମଧୁପାର୍ବଣକୁ ଅତିକ୍ରମ କରିଛି ।

ମହାମାୟାଙ୍କର ବାସନ୍ତିକ ପୂଜା ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦାରେ ଆରମ୍ଭ ହୋଇ ନବମୀରେ ଶେଷ ହୁଏ ଓ

ଶାରଦୀୟ ପୂଜା ଷୋଡ଼ଶ ଦିନାତ୍ମକ । ଏହା ଆଶ୍ୱିନ କୃଷ୍ଣାଷ୍ଟମୀରେ ଆରମ୍ଭ ହୋଇ ଶୁକ୍ଳ ଦଶମୀରେ ଶେଷ ହୁଏ ।

ଦୁର୍ଗାପୂଜାରେ ତିନୋଟି କଳ୍ପ ହୁଏ । କଳ୍ପର ଅର୍ଥ ଦୁର୍ଗାଙ୍କୁ ଲକ୍ଷକରି ସମସ୍ତ ଦୁର୍ଗତି ଦୂର କରିବାପାଇଁ ତୀବ୍ର ଇଚ୍ଛା ବା ସଂକଳ୍ପ । ଏହି ଅଟଳ ସଙ୍କଳ୍ପ ନ ହେଲେ ଦୁର୍ଗା ପୂଜାରେ ସଂକଳ୍ପ ହୋଇ ପାରିବ ନାହିଁ । ଦୁର୍ଗା ପୂଜା ପୂର୍ବସ୍ଥ କୃଷ୍ଣ ନବମୀକୁ ନବମ୍ୟାଦି କଳ୍ପ କୁହାଯାଏ । ଅମାବାସ୍ୟା ଦିନ ଗୋଟିଏ କଳ୍ପ କରାଯାଏ । ଅନେକ ମଧ୍ୟ ଷଷ୍ଠୀ ଦିନରେ ଦୁର୍ଗା ସଙ୍କଳ୍ପ କରନ୍ତି । ଷଷ୍ଠୀ ଶୁକ୍ଳପକ୍ଷରେ ସନ୍ଧ୍ୟା ସମୟରେ ବୋଧନ ଅର୍ଥାତ୍ ବୋଧ+ଅନଟ (ବୋଧ ଶକ୍ତିର ଉନ୍ମେଷ) ଦ୍ୱାରା ଦୁର୍ଗା ପୂଜା ହୁଏ । ପବିତ୍ର ଓ ଶୁଭ୍ରବର୍ଣ୍ଣ ଆମର ସୁଷୁମ୍ନା ନାଡ଼ି ହେଉଛି ଦୁର୍ଗା କ୍ଷେତ୍ର । ସନ୍ଧ୍ୟା ଅର୍ଥ (ସମ୍+ଧ୍ୟା) ଅର୍ଥାତ୍ ସମ୍ୟକ୍ ଧ୍ୟାନ ଦ୍ୱାରା ବୋଧନ କରାଯାଏ । ଧ୍ୟାନ ଅର୍ଥ ସଂଲୀନ ମାନସ । ପୁନଶ୍ଚ ଶାସ୍ତ୍ରରେ ଅଛି, "ଆଦ୍ୟାନ୍ତେ ମହତୀ ପୂଜା ।" ଷଷ୍ଠୀଦିନରେ ଷଷ୍ଠଚକ୍ରରେ ଓ ନବମୀ ଦିନରେ ବିନ୍ଦୁ ରୂପରେ ସବସ୍ତାରଠାରେ କ୍ରିୟାଯୋଗ ସାଧନା ଦ୍ୱାରା ଦୁର୍ଗାବୋଧକୁ ଆତ୍ମ ଉପଲବ୍ଧି କରିବା ହିଁ–ଆଦ୍ୟାନ୍ତେ ମହତୀ ପୂଜା ।

ସପ୍ତମୀରେ ମହାମାୟା ଦୁର୍ଗାଙ୍କୁ ମନୋମୟୀରୂପେ ପୂଜା କରାଯାଏ । ହୃଦୟର ମଧ୍ୟସ୍ଥଳ ଦ୍ୱିଦଳପଦ୍ମରେ ଏହାଙ୍କ ସ୍ଥାନ । ଦ୍ୱିଦଳ ପଦ୍ମର ଦକ୍ଷିଣ ଦଳ ସାତ୍ତ୍ୱିକ ପ୍ରକୃତି ଅରୂପା ଦୁର୍ଗା ଓ ବାମଦଳ ଓ ବିନ୍ଦୁ ଅପରା । ରାଜସିକ ଓ ତାମସିକ ଗୁଣ ଦ୍ୱାରା ବିଜଡ଼ିତ । କାମ, କ୍ରୋଧ, ହିଂସା, ଗର୍ବ ମୋହ ବିକାରଯୁକ୍ତ ଗୁଣଗୁଡ଼ିକୁ ଦୂରୀଭୂତ କରିବାପାଇଁ ମନୋମୟୀ ଦୁର୍ଗାଙ୍କୁ ଆରାଧନା କରାଯାଏ । ଯେପର୍ଯ୍ୟନ୍ତ ଏହି ମନକୁ ବହିଃ ପ୍ରସାରିଣୀ ମନୋମୟୀ ଦୁର୍ଗାଙ୍କୁ ସ୍ଥିରା, ସାତ୍ତ୍ୱିକ, ଶ୍ରେଷ୍ଠ ପ୍ରକୃତି ରୂପା ଦୁର୍ଗାଙ୍କ ସାଙ୍ଗରେ ସଂଲୀନ ନକରାଯାଏ, ସେ ପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ଦୁର୍ଗାପୂଜା କରିବାର ଅବସ୍ଥା ଆସିପାରେ ନାହିଁ । ଇନ୍ଦ୍ରିୟର ସ୍ୱଳକହେଲ ମନ, ମନ ସ୍ଥିର ରଖିବାର ସୂତ୍ର ହେଲା ପ୍ରାଣରୂପୀ ଦୁର୍ଗାଶକ୍ତି । ଏହା ପ୍ରଣିଧାନ ଯୋଗ୍ୟ ଯେ ଆମ ଶରୀରରେ କାମ, କ୍ରୋଧ, ଲୋଭ ଇତ୍ୟାଦି ଗୁଣ ଉଦୟ ହେଲେ ଆମର ଶ୍ୱାସ ବାୟୁ ଦ୍ରୁତ ପ୍ରବାହିତ ହୁଏ । ଏହି ଶ୍ୱାସ ବାୟୁକୁ ଶାନ୍ତ ସମାହିତ ନାସାଭ୍ୟନ୍ତରଣଗ୍ରହିଣୀ କରିପାରିଲେ ମନୋମୟୀ ଦୁର୍ଗା ଚଞ୍ଚଳ ଶାନ୍ତ ହୋଇ ଯାଆନ୍ତି ।

ଅଷ୍ଟମୀ କ୍ଷେତ୍ରରେ ଦୁର୍ଗା ବୁଦ୍ଧରୂପେ ପୂଜିତା । ସଦ୍‌ଗୁରୁଙ୍କ ସାହଚର୍ଯ୍ୟ ଦ୍ୱାରା ଶ୍ୱାସବାୟୁକୁ କୂଟସ୍ଥସ୍ଥିତ ଦକ୍ଷିଣ ଦଳ ପଦ୍ମ ଉପରେ, ସ୍ଥିର ପ୍ରକୃତିରୂପା ଦୁର୍ଗାଙ୍କଠାରେ ଦୃଷ୍ଟି ସ୍ଥିରରଖି ସାଧନା କଲେ ସାଧକର ମନ ଦ୍ରୁତ ଶାନ୍ତ ହୋଇ ସେଠାରେ ବୁଦ୍ଧରୂପରେ ପର୍ଯ୍ୟବେଶିତ ହୋଇଯାଏ । ପୁନଶ୍ଚ ଅଷ୍ଟମୀରେ ଚଉଷଠୀ ଯୋଗିନୀଙ୍କର ପୂଜା ହୋଇଥାଏ । ଏହାର ଅର୍ଥ ହେଲା ମନୁଷ୍ୟମାନଙ୍କ ମଧ୍ୟରେ ଅନନ୍ତ କୋଟି କାଳର କର୍ମ ସଂସ୍କାରଗୁଡ଼ିକ କୋଟି ଯୋଗିନୀରୂପରେ ଅଭିବ୍ୟକ୍ତ ହେବାର ପ୍ରୟାସ ସତ୍ତ୍ୱେ ଚଉଷଠି ରୂପରେ ସାଧକ ମଧ୍ୟରେ ଆବିର୍ଭୂତା ହୋଇଯାଏ । ଦୁର୍ଗା ମନ୍ତ୍ରରେ ଅଛି–

ଯା ଦେବୀ ସର୍ବଭୂତେଷୁ ବୃତ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

ଏହାହିଁ ଅଷ୍ଟମୀର ଅନ୍ତିମ ମୂହୁର୍ତ୍ତ । ଏହାହିଁ ଆଦର୍ଶ ଦୁର୍ଗାପୂଜାର ବେଦୀ । ଠିକ୍ ଏହି ପବିତ୍ର ବେଳାରେ ଆସେ ଅଷ୍ଟମୀର ଶେଷକ୍ଷଣ ଓ ନବମୀର ପ୍ରଥମକ୍ଷଣ । ଏହି ସମୟରେ ସଂଧିପୂଜା ହୁଏ । ଏଥିରେ ଦୁର୍ଗାଙ୍କ ମନୋହାରିଣୀ ମୂର୍ତ୍ତି ପରିବର୍ତ୍ତେ ତାହା ବିକଟ, ବିରସ, କଙ୍କାଳିନୀ ମୂର୍ତ୍ତି ରୂପରେ ରୂପାନ୍ତରିତ ହୁଏ । ଏହାହିଁ ଦୁର୍ଗା ସଂଧି । ସଂଧି ଅର୍ଥ ମିଳନ ଅର୍ଥାତ୍ ସାଧକ ହୋଇଯାଏ ଦୁର୍ଗା ଓ ଦୁର୍ଗା ହୋଇଯାଆନ୍ତି ସାଧକ । ଏହାହିଁ ପ୍ରକୃତରେ ବଳି । କାରଣ, ବଳିର ଅର୍ଥ ବୋଦା ବା ମହିଷ ହାଣିବା ନୁହେଁ । "ବଳଂ ବର୍ଦ୍ଧନଂ ଦଦାତି ଇତି ବଳି ।" ସାଧକ ନିଜେ ଦୁର୍ଗା ରୂପରେ ରୂପାନ୍ତରିତ ହୋଇଥିବାରୁ ଯେଉଁଠାରେ ତାଙ୍କର ଦୃଷ୍ଟି ପଡ଼େ ସେଠାରେ ଦୁର୍ଗାସ୍ଫୁରଣହୋଇ ବଳବର୍ଦ୍ଧନ ହୁଏ, ଏହି ଦୁର୍ଗା ଦର୍ଶନ ହେଉଛି ବଳି । ନବମୀ କ୍ଷେତ୍ରରେ ସାଧକ ଜୀବଭାବ ଦେଖି ପାରୁନଥିବାରୁ ସେହି ଦୃଷ୍ଟିର ରୂପାନ୍ତର ଭେଦ ହିଁ ବଳି । ନବମୀ ଦିନ୍‌ରେ ମହତୀପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ଯଜ୍ଞ ଅର୍ଥ 'ଯ' ଅର୍ଥାତ୍ ଯେ ଓ "ଜ୍ଞ" ଅର୍ଥ ଜାଣିବା । ଏହାର ଅର୍ଥ ଯେ ସେହି ବାକ୍, ପ୍ରାଣ, ମନ, ବୁଦ୍ଧିମୟୀ ଦୁର୍ଗାଙ୍କୁ ଜାଣନ୍ତି । ହୋମାଗ୍ନିରେ ଦୁର୍ଗା ଅଗ୍ନି ରୂପରେ ହିଁ ପ୍ରଜ୍ୱଳିତ । ସାଧକ ଏହି ଦୁର୍ଗାରୂପାକୁ ଅନ୍ତର୍ମଧ୍ୟରେ ଉପଲବ୍ଧି କରି ପାରନ୍ତି ।

ବିଜୟା ଦଶମୀ ଦିନରେ ଅପରାଜିତାର ପୂଜା ହୋଇଥାଏ ମାର୍କଣ୍ଡ ପୁରାଣରେ ବର୍ଣ୍ଣିତ ହୋଇଛି ମହିଷାସୁର ବଧ ପରେ ଦେବତାମାନେ ମହାମାୟା ଦେବୀଙ୍କୁ ବୀଜୟୋତ୍ସବ ପାଇଁ ନିମନ୍ତ୍ରଣ ସ୍ୱରୂପ ଭକ୍ତିଭରେ ଗାଇଥିଲେ–

ଯା ଶ୍ରୀଃ ସ୍ୱୟଂସୁକୃତିନାଂ ଭବନେଷ୍ୱ ଲକ୍ଷ୍ମୀଃ
ପାପାତ୍ମନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ
ଶ୍ରଦ୍ଧାସତ୍ୟଂ କୁଳଜନ ପ୍ରଭବସ୍ୟ ଲଜ୍ଜା
ରୂପଂ ଦେହି ଜୟଂ ଦେହି ଯଶୋଦେହି ଦ୍ୱିଷୋଜହି ।।"

ବିଶେଷ ଜୟର ଅର୍ଥ ହିଁ ବିଜୟା । ବିଜୟା ଦିନରେ ସାଧକ ଦୁର୍ଗାଙ୍କୁ ଉର୍ଦ୍ଧ୍ୱ, ଅଧଃ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଅନ୍ତରେ, ବାହ୍ୟେ ସର୍ବତ୍ର ଦେଖିବାକୁ ପାଇଲେ । "ଦୁର୍ଗାସିଦ୍ଧି" ହୁଏ । କିନ୍ତୁ ବର୍ତ୍ତମାନ ଆମେମାନେ ଦୁର୍ଗାପୂଜାକୁ ବାହ୍ୟ ଆଡ଼ମ୍ବର ନେଇ ତଦ୍‌ଗତ୍ ଓ ବିଭୋର ନ ହୋଇ ଭାଙ୍ଗସିଦ୍ଧି ପାନକରି ପରସ୍ପର ବ୍ୟାବହାରିକ ଆଲିଙ୍ଗନ ଦେଇ ତାହା ଶେଷ କରୁଛୁ । ଦୁର୍ଗାଙ୍କ ବିସର୍ଜନ ମନ୍ତ୍ରରେ ଥିବା ଗୋଟିଏ ଶ୍ଳୋକ ହେଲା "ଓ ଉତ୍ତରେ ଶିଖରେ ଦେବୀ, ଭୂମ୍ୟାଂ ପର୍ବତବାସିନୀ, ବ୍ରହ୍ମଯୋନି ସମୁତ୍ପନ୍ନେ ଗଚ୍ଛ ଦେବୀ ସମାହ୍ୱୟମ୍ ଓ ଗଚ୍ଛ ଗଚ୍ଛ ପରଂସ୍ଥାନଂ ସ୍ୱସ୍ଥାନଂ ପରମେଶ୍ୱରୀ, ସଂବତ୍ସରେ ବ୍ୟତୀତେ ତୁ ପୁନରାଗମନାୟଚ ।" ଏହାର ଅର୍ଥ ହେଲା–ହେ ଜଗଦ୍‌ମାତ, ତୁମ୍ଭକୁ ମୁଁ ଲଭକଲି । ତୁମେ ମୋ ଶିରସ୍ଥ ଉପର ଶିଖରର ସହସ୍ରଦଳ କମଳରେ, ମୋ ସୁଷୁମ୍ନାର ପର୍ବେ ପର୍ବେ ଓ ମୋ ଅନ୍ତରର ଊର୍ଦ୍ଧ୍ୱଦେଶରେ ଦୁର୍ଗାଭାବରେ ରହି ମୋତେ ବିଭୋର କର । ତୁମେ ମୋତେ ଆୟୁ, ଯଶ, ବଳ, ସୌଭାଗ୍ୟ ଓ ଚତୁର୍ବର୍ଗ

ଫଳ ପ୍ରଦାନ କର । ତାହା ଲଭକରି ଆଗାମୀ ବର୍ଷରେ ତୁମକୁ ପୁଣି ପୂଜା କରିପାରିବି ।

ଭାରତବର୍ଷର ସର୍ବତ୍ର ଶକ୍ତି ପୂଜାର ପ୍ରଚଳନ ଥିଲେ ହେଁ ଓଡ଼ିଶାର ପର୍ଣ୍ଣକୁଟୀରଠାରୁ ରାଜଗୃହ ପରିଯ୍ୟନ୍ତେ, ଚଣ୍ଡାଳଠାରୁ ବ୍ରାହ୍ମଣଯାଏ ସର୍ବତ୍ର ଏହି ଶୁଭ୍ର ହାସିନୀ, ଆନନ୍ଦମୟୀଙ୍କ ଶରତ୍‌କାଳୀନ ପାର୍ବଣୋତ୍ସବ ବିଭିନ୍ନରୂପ ତଥା ଶକ୍ତି ଅନୁସାରେ ପାଳିତ ହୋଇ ପରମ ବୈଷ୍ଣବ ପୀଠ ଶ୍ରୀ ଜଗନ୍ନାଥଙ୍କ ଦେବାଳୟରେ ସୁଦ୍ଧା ଦେବୀ ବିମଳା ପୂଜିତ ହେବାଉଛି ସର୍ବ ଧର୍ମ ସମନ୍ୱୟ ଓ ସହିଷ୍ଣୁତା ଅନ୍ୟତ୍ର ଦେଖିବାକୁ ମିଳେ ନହିଁ ।

ରାଜନାନାଂ ବ୍ରାହ୍ମଣାନାଂ ବିଶାଞ୍ଚ ଶୂଦ୍ରାଣା ବା ସର୍ବବର୍ଣ୍ଣାଙ୍ଗନାନାମ୍ ମ୍ଲେଚ୍ଛାନାଂ ବା ଭକ୍ତିଚର୍ଯ୍ୟା ବିଶେଷିଃ କର୍ମତ୍ୟସ୍ମିନ୍ ନିର୍ବିବାଦୋଧିକାରଃ।।

ବେଦରୁ ଆରମ୍ଭ କରି ତନ୍ତ୍ର, ପୁରାଣ ସବୁଥିରେ ସର୍ବଶକ୍ତି ସ୍ୱରୂପିଣୀ ମହାମାୟା ଭଗବତୀଙ୍କର ମାହାତ୍ମ୍ୟ କୀର୍ତ୍ତନହୋଇ ସର୍ବତ୍ର ଏହାର ଯଥା ରୀତି ପୂଜା-ଅର୍ଚ୍ଚନା ସ୍ମରଣାତୀତ କାଳରୁ ଚାଲିଆସିଛି । ଶରତ୍‌କାଳ ଅର୍ଥାତ୍ ସୂର୍ଯ୍ୟଙ୍କର ଦକ୍ଷିଣାୟନ ପରିକ୍ରମଣ ସମୟରେ ଶ୍ରୀରାମଚନ୍ଦ୍ର ମହାଶକ୍ତିଙ୍କୁ "ବୋଧନ" ପଦ୍ଧତିଦ୍ୱାରା ଜାଗ୍ରତକରାଇ ଶତ ଅଷ୍ଟୋତ୍ତର ନୀଳକମଳ ଅର୍ପଣ ପୂର୍ବକ ଆଶ୍ୱିନମାସର ପାର୍ବଣ ଦଶମୀରେ ଲଙ୍କା ଅଭିଯାନ ଆରମ୍ଭ କରିଥିଲେ । ଶ୍ରୀ ମଦ୍‌ଭାଗବତର ଦଶମ ସ୍କନ୍ଦରେ ଅଛି ମହାମାୟା, ନନ୍ଦଗୃହରେ ଯଶୋଦାଙ୍କ ଗର୍ଭରୁ ଜାତହୋଇ କଂସରାଜନର ମାରଣ ଯଜ୍ଞରେ ଗୋଲୋକ ବିହାରୀଙ୍କ ସହାୟକ ହୋଇଥିଲେ । ମହାରାଜା ଯୁଧିଷ୍ଠିର ବିରାଟ ନଗରରେ ପ୍ରବେଶ କରିବା ପୂର୍ବରୁ ମହାମାୟା ଆଦ୍ୟାଶକ୍ତିଙ୍କୁ ସ୍ତୁତିକରି ନିଜ ଭ୍ରାତାମାନଙ୍କ ଅଜ୍ଞାତବାସ ଗୋପନୀୟ ରଖିପାରି ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେରଣାରେ ମହାବୀର ପାର୍ଥ, ମହାଭାରତ ଯୁଦ୍ଧ ପ୍ରାରମ୍ଭରେ ଜଗନ୍ମାତାଙ୍କୁ ସ୍ତୁତି କରିଥିଲେ । ସୂର୍ଯ୍ୟପୁତ୍ର ସାବର୍ଣ୍ଣ ମହାମାୟାଙ୍କ କୃପାରେ ଅଷ୍ଟମ 'ମନୁ' ପଦ ପ୍ରାପ୍ତିହେବା ପ୍ରସଙ୍ଗରେ ସୁରଥ ଓ ସମାଧିଙ୍କର ମେଧାଋଷିଙ୍କଠାରୁ ଦେବୀଙ୍କ ମହିମା ଶୁଣିଲେ ଓ ତାଙ୍କରି ଆରାଧନା ବଳରେ ହୃତରାଜ୍ୟ ତଥା ମୋକ୍ଷଲାଭରେ ସମର୍ଥ ହେଲେ । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀ ମାହାତ୍ମ୍ୟ ଓ ଚଣ୍ଡୀପୁରାଣରେ ଦୁର୍ଗାଙ୍କର ଉତ୍ପତ୍ତି ଓ ଅସୁର ବିନାଶାର୍ଥ ଭିନ୍ନଭିନ୍ନ ଅବତାର ବର୍ଣ୍ଣନା ଅଛି । ବିଷ୍ଣୁ, ବ୍ରହ୍ମା, ମହେଶଙ୍କ ତେଜରୁ ସମ୍ଭୂତା ଓ ବିଷ୍ଣୁଙ୍କ ମାୟାରୁ ଜାତ ସେହି ମହାଶକ୍ତିଦାୟିନୀ ଜଗତଜନନୀ । ମା' ଦୁର୍ଗାଙ୍କର ବିଭିନ୍ନ ନାମ ସହିତ ତାଙ୍କର ଦେବୋପମ ଗୁଣ ଏବଂ ସଂସ୍କୃତିର ସମ୍ବନ୍ଧ ଅଛି । ଦୁର୍ଗନାମକ ଅସୁର ତଥା ଦୁର୍ଗ ବିପତ୍ତି ଓ ଦୁଃଖ ଏହାର ବିନାଶକାରିଣୀ ହେତୁ ଦେବୀ "ଦୁର୍ଗା" ନାମରେ ପରିଚିତ ଓ ମହିଷାସୁରକୁ ମର୍ଦ୍ଦନକରି ଦେବୀ "ମହିଷାମର୍ଦ୍ଦିନୀ" ନାମରେ ଖ୍ୟାତା ।

ତତ୍ରୈବ ଚ ବଧିଷ୍ୟାମି
ଦୁର୍ଗମାଖ୍ୟଂ ମହାସୁରମ୍
ଦୁର୍ଗା ଦେବୀତ ବିଖ୍ୟାତଂ
ତନ୍ମେ ନାମ ଭବିଷ୍ୟତ ।।

ଦେବୀଙ୍କ ମାହାତ୍ମ୍ୟ ଯଥା ସପ୍ତଶତୀ ଯେପରି ପ୍ରସିଦ୍ଧ, ଦେବୀ ଭାଗବତ ନାମକ ଉପ ପୁରାଣ ସେହିପରି ସୁବିଦିତ ଅଟେ । ଶ୍ରୀ ଚଣ୍ଡୀଙ୍କ ସପ୍ତଶତୀରେ ଥିବାଭଳି ଅସୁରବଧ ବୃତ୍ତାନ୍ତ ସହ ମହାକାଳୀ, ମହାସରସ୍ୱତୀ ଓ ମହାଲକ୍ଷ୍ମୀ ରୂପର ବର୍ଣ୍ଣନା ସହ ପୂଜା-ବନ୍ଦୀ ଆଦି ବିବିଧ ଉଲ୍ଲେଖନୀୟ ବୃତ୍ତାନ୍ତର ଅବତାରଣା ଘଟିଛି । ବୃତ୍ରବଧ ନିମନ୍ତେ ଇନ୍ଦ୍ରଙ୍କ ଶକ୍ତିଲାଭ, ଦେବୀଙ୍କ ଗୌରୀ, ରମା, ଉମା, କାଳୀ, ମନସା ଭେଦରେ ପୂଜା ଧ୍ୟାନ, ପ୍ରୟୋଗ ଓ ପ୍ରତ୍ୟାର୍ପଣ ସହ ଅରୁଣ ନାମକ ପ୍ରତାପୀ ଅସୁର ବଧ କଥା ଲିଖିତ । ଗରୁଡ଼ ପୁରାଣରେ ନ୍ୟୁନ ଭାବରେ ଗୌରୀ, କାଳୀ, ଉମାଙ୍କ ପୂଜା ସହିତ ମହାମାୟା କାଳୀ, ତାରାତାରିଣୀ, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା, ଦଶମହାବିଦ୍ୟା ଓ ଅଷ୍ଟାଦଶଭୁଜାଙ୍କର ଧ୍ୟାନଯୋଗ ରହିଛି ।

ସେଦିନ ଅଭିମାନିନୀ ସତୀଦେବୀଙ୍କର ମୃତ ଶରୀରକୁ କାନ୍ଧରେ ପକାଇ ମହାଯୋଗେଶ୍ୱର ରଚନା କଲେ ଉଦ୍ଦାମ ତାଣ୍ଡବ ନୃତ୍ୟ । ସେହି ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀଙ୍କର ବିଗଳିତ ଅବୟବ ପଡ଼ି ଭାରତ ବର୍ଷରେ ଚଉଷଠିଟି ଦେବୀ ପୀଠର ଉଦ୍ରେକ ହେଲା । ବସ୍ତୁତଃ ସମଗ୍ର ଭାରତ ବର୍ଷ ହିଁ ସେହି ତପସ୍ୱିନୀଙ୍କର ଶରୀର ମାତ୍ର । ଭାରତ ମାତାର ସେହି ଚତୁରସ୍ର ଶୋଭୀ ପ୍ରାକୃତିକ ଅବୟବକୁ ଆମେ ଉଦାର କଳ୍ପନାରେ ଉପାସନା ହିଁ କରି ଆସିଛୁ ।

ଆମ ଦେଶ ଯେଉଁଠି ଲକ୍ଷ୍ମୀ ସରସ୍ୱତୀ ଏକାଧାରାରେ ବିଳାସ କରନ୍ତି, ଯେଉଁଠାରେ ଧର୍ମ, ଅର୍ଥ, କାମ, ମୋକ୍ଷ—ଏହି ଚତୁର୍ବର୍ଗର ପ୍ରାପ୍ତି ସମ୍ଭବ ହୁଏ, ଯେଉଁଠି ମାନବ ସମାଜର ଅଭ୍ୟୁତ୍‌ଥାନ ପାଇଁ ସାଧୁସନ୍ଥଙ୍କୁ ପରିତ୍ରାଣ କରି ଦୁଷ୍କୃତମାନଙ୍କୁ ବିନାଶ କରାଯାଏ, ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା—ଏ ପାଞ୍ଚଗୋଟି ମାନବିକ ମଲ୍ୟ ବୋଧର ପରିପାଳନ, ପରିପ୍ରକାଶ ଘଟିଥାଏ।

ସର୍ବ ମଙ୍ଗଳେ ମଙ୍ଗଳ୍ୟେ, ଶିବେ ସର୍ବାର୍ଥ ସାଧିକେ ।
ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ, ନାରାୟଣୀ ନମୋସ୍ତୁତେ ।" (୭)

"ମା ଶବ୍ଦ ମମତାଯୁତ
କାନ୍ଦଲେ କୋଳେ କରେ ସୁତ
ଦେଖି ବ୍ରହ୍ମାଣ୍ଡେରି ଏଇ ରୀତି ମା,
ଆମି କି ଛାଡ଼ା ଜଗତ ? (୮)

ଏହି ଶୁଭକ୍ଷଣରେ ଭବାନୀଙ୍କୁ ଆହ୍ୱାନ କରିବା—ଆଗଛ ବରଦେ ଦେବୀ ସର୍ବ ସୌଭାଗ୍ୟ ଦାୟିନୀ ।" ହେ ଦେବୀ , ଦୀନ କୁଟୀରରେ ପଦାର୍ପଣ କରି ଦ୍ୱେଷ-ବିଦ୍ୱେଷର ଅମା ରାତ୍ରୀ ଅପସାରଣ କରି ସ୍ନେହ, ପ୍ରୀତି, ମୈତ୍ରୀର ପ୍ଲାବନ ଛୁଟାଇ ଦିଅ ମା।" ।

ମାତା ଭୀମେ, ସୌମ୍ୟା-ରୌଦ୍ର-ରୂପିଣୀ । ତୋର ଶକ୍ତ୍ୟଂଶ ଜାତ ଆମେ ଭକ୍ତଗଣ ତୋର ମନ୍ଦିରରେ ଆସୀନ । ଆମ୍ଭେମାନେ ହୋଇ ଉଠିବୁ ତୋର ଯନ୍ତ୍ର, ଅଶୁଭ ବିନାଶୀ ତରବାରୀ, ଅଜ୍ଞାନ ତିମିର ବିନାଶିନୀ ପ୍ରଦୀପ । ଯନ୍ତ୍ରୀ ହୋଇ ଯନ୍ତ୍ର ଚଳାଅ, ଅଶୁଭହନ୍ତ୍ରୀ ହୋଇ ତରବାରୀ ଘୁରାଅ, ଜ୍ଞାନଦୀପ୍ତ ପ୍ରକାଶିନୀ ହୋଇ ଆମ ମଧ୍ୟରେ ପ୍ରଦୀପ ଧର ଜଗଦମ୍ବେ । ତୋ' ପାଦରେ ମୋର ବିନମ୍ର ପ୍ରଣତି, ତାହା "ଭାରତଂ ପ୍ରତି ଗଛତି ।"

"ସାଇ ଭବନ", ପଲ୍ଲିଭ—୭୫୪୨୦୫
ଜିଲ୍ଲା—କଟକ

# ସ୍ୱାଧୀନତା

## ଏକ ଆଶୀର୍ବାଦ ଏବଂ ଏକ ସୁଯୋଗ


ସଇଁତିଶ ବର୍ଷ ତଳେ ଦାସତ୍ୱର ଶୃଙ୍ଖଳ ଛିଣ୍ଡି ଦେଇ ଆମେ ସ୍ୱାଧୀନ ଦେଶମାନଙ୍କର ସ୍ୱଷ୍ଟ ସୌଜନ୍ୟରେ ଯୋଗ ଦାନ କରିଥିଲୁ ।

ତାହା ପରଠାରୁ ଆମେ ଜୀବନର ସମସ୍ତ କ୍ଷେତ୍ରରେ ଉନ୍ନତି ସାଧନ କରି ଚାଲିଛୁ ।

- ଆଜି ଦେଶର ଚାହିଦା ପୂରଣ କରିବା ପାଇଁ ଆମ କୃଷକମାନେ ଯଥେଷ୍ଟ ପରିମାଣର ଖାଦ୍ୟଶସ୍ୟ ଉପୁଜାଉଛନ୍ତି ।
- ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ଆମେ ଏକ ଗୌରବୋଜ୍ଜ୍ୱଳ ସ୍ଥାନ ଅଧିକାର କରିଛୁ ।

ଶ୍ରମିକଙ୍କପାଇଁ ତଥା ଶିଳ୍ପୋଦ୍ୟୋଗୀଙ୍କପାଇଁ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ହାସଲ ଦିଗରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ହିଁ କ୍ରମାଗତ ପ୍ରୟାସର ପ୍ରେରଣାସ୍ରୋତ । ଏହି ଲକ୍ଷ୍ୟହାସଲ ଦିଗରେ କାର୍ଯ୍ୟ କରି ଚାଲିବା ଦ୍ୱାରା ହିଁ ଆମେ ଦେଶର ସ୍ୱାଧୀନତା ଓ ଅଖଣ୍ଡତାକୁ ଯେ କୌଣସି ଆଭ୍ୟନ୍ତରୀଣ କିମ୍ବା ବାହ୍ୟ ବିପଦ କବଳରୁ ବଞ୍ଚାଇ ରଖି ପାରିବା ।

ଆସନ୍ତୁ ସ୍ୱାଧୀନତାର ୩୮ ବର୍ଷରେ କଠୋର ପରିଶ୍ରମ ଓ ସଙ୍ଘବଦ୍ଧ ଉଦ୍ୟମ କରିବା ପାଇଁ ଶପଥ ନେବା । କେବଳ ଏହା ଦ୍ୱାରା ଆମେ ଆମର ଈପ୍ସିତ ଲକ୍ଷ୍ୟ ହାସଲ କରିପାରିବା ।




ପି ୫୪/93

IDCO Towers
Bhubaneswar

# ଦୁର୍ଗାପୂଜା

**ଶ୍ରୀ ପଙ୍କଜ ସାହୁ**

ସନାତନ ଧର୍ମରେ ସାକାର ନିରାକାର ଭେଦରେ ଯେଉଁ ଦ୍ୱିବିଧ ଉପାସନା ପଦ୍ଧତି ପ୍ରଚଳିତ ତନ୍ମଧ୍ୟରୁ ସାକାର ଉପାସନା ପଦ୍ଧତି ସାଧାରଣତଃ ପଞ୍ଚଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଓ ମନୁଷ୍ୟ ଶରୀର ପଞ୍ଚମହାଭୂତରେ ଗଠିତ ହୋଇଥିବାରୁ ସେମାନଙ୍କର ଅଧିପତି ଭାବେ ପଞ୍ଚଦେବ ଉପାସନା ହିନ୍ଦୁ ସଂସ୍କୃତିରେ ପ୍ରାଧାନ୍ୟ ଲାଭକରିଛି । ଉତ୍କଳୀୟ ଉପାସନା ପରଂପରାରେ ସମସ୍ତ ମାଙ୍ଗଲୋତ୍ସବରେ ନିମ୍ନ ପଞ୍ଚଦେବ ଉପାସନା ବିଧି ପ୍ରଚଳିତ ।

"ଆଦିତ୍ୟଂ ଗଣନାଥଂ ଚ ଦେବୀଂ ରୁଦ୍ରଂ ଚ କେଶବମ୍
ପଞ୍ଚଦୈବତ ମିତ୍ୟୁକ୍ତଂ ସର୍ବ କର୍ମେସୁ ପୂଜୟେତ୍ ।।"

ପୁନଶ୍ଚ ଆଗାମ ଶାସ୍ତ୍ରମାନଙ୍କରେ ପଞ୍ଚଦେବତାଙ୍କୁ ପଞ୍ଚମହାଭୂତର ଅଧିପତି ବୋଲି ଯେଉଁ ପ୍ରମାଣ ରହିଛି ତାହା ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ।

"ଆକାଶସ୍ୟାଧିପୋ ବିଷ୍ଣୁରଗ୍ନେଶ୍ଚୈବ ମାହେଶ୍ୱରୀ
ବାୟୋ ସୂର୍ଯଃ କ୍ଷିତେରୀଶୋ ଜୀବନସ୍ୟ ଗଣାଧିପାଃ ।"

ହିନ୍ଦୁ ସମାଜର ଆରାଧ୍ୟ ପଞ୍ଚଦେବତାଙ୍କ ଉପାସନା ନିମିତ୍ତ ଓଡ଼ିଶାରେ ଯେଉଁ ପାଞ୍ଚଗୋଟି କ୍ଷେତ୍ର ପ୍ରତିଷ୍ଠିତ ତାହା ଜନମାନସର ଆଧ୍ୟାତ୍ମିକ ଚେତନାରେ ପ୍ରସିଦ୍ଧି ଲାଭ କରିଛି । ଆକାଶ ମହାଭୂତର ଅଧିପତି ଶ୍ରୀଜଗନ୍ନାଥଙ୍କ ଉପାସନା ପାଇଁ ବିଷ୍ଣୁକ୍ଷେତ୍ର ପୁରୀ, ଅଗ୍ନି ମହାଭୂତର ଅଧିଷ୍ଠାତ୍ରୀ ଜ୍ୟୋତିର୍ମୟୀ ଦୁର୍ଗାଙ୍କ ଉପାସନା ପାଇଁ ଶକ୍ତିକ୍ଷେତ୍ର ଯାଜପୁର, ବାୟୁ ମହାଭୂତର ଅଧିପତି ସୂର୍ଯ୍ୟଦେବ ଉପାସନା ପାଇଁ ସୂର୍ଯ୍ୟକ୍ଷେତ୍ର କୋଣାର୍କ, ପୃଥ୍ୱୀ ମହାଭୂତର ଅଧିପତି ମହାଦେବଙ୍କ ଉପାସନା ପାଇଁ ଶିବକ୍ଷେତ୍ର ଭୁବନେଶ୍ୱର ଓ ଅପ୍ (ଜଳ) ମହାଭୂତର ଅଧିପତି ଗଣନାଥଙ୍କ ଉପାସନା ନିମିତ୍ତ ଗଣପତି କ୍ଷେତ୍ର ମହାବିନାୟକ ଦେଶ ବିଦେଶରେ ପ୍ରସିଦ୍ଧ । ସଂକ୍ଷେପତଃ କ୍ଷିତ୍ୟପ୍‌ତେଜ ମରୁତ୍ ବ୍ୟୋମ, ପଞ୍ଚମହାଭୂତର ଅଧିପତି ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର ପ୍ରଭୃତି ପଞ୍ଚଦେବ ଉପାସନା ନିମିତ୍ତ ପଞ୍ଚ କ୍ଷେତ୍ରର ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ଗାଣପତ୍ୟ, ବୈଷ୍ଣବ, ଶୈବ, ଶାକ୍ତ ଓ ସୌର ପ୍ରଭୃତି ଧାର୍ମିକ ସଂପ୍ରଦାୟ ଉଦ୍‌ଭବ ହୋଇଅଛି । କିନ୍ତୁ ଏମାନଙ୍କ ମଧ୍ୟରେ ଅମ୍ବିକା ଅର୍ଥାତ୍ ଦୁର୍ଗା ସର୍ବଶ୍ରେଷ୍ଠ ବୋଲି ବିବେଚିତ ହୁଅନ୍ତି । କାରଣ ସେ ଆଦ୍ୟାଶକ୍ତି ଏବଂ ସର୍ବୋତ୍ ଭାବେ ବିଶ୍ୱଶକ୍ତିର ମୂଳ ଉତ୍ସ ।

ଉପର୍ଯ୍ୟୁକ୍ତ ପଞ୍ଚଦେବ ଉପାସନା ପାଇଁ ଉତ୍କଳରେ ପାଞ୍ଚଟି କ୍ଷେତ୍ର ପ୍ରାଧାନ୍ୟ ଲାଭ କରିଥିଲେ ହେଁ ଉତ୍କଳରେ ସର୍ବତ୍ର ଅର୍ଥାତ୍ ଜାନପଦଠାରୁ ନଗର ପର୍ଯ୍ୟନ୍ତ ଓ ପାହାଡ଼ କନ୍ଦରାରୁ ଶ୍ୱାପଦସଙ୍କୁଳ ଅରଣ୍ୟାନୀ ପର୍ଯ୍ୟନ୍ତ ମହାମାୟା ଜ୍ୟୋତିର୍ମୟୀ ଦୁର୍ଗାଙ୍କର ସ୍ଥାୟୀ ପ୍ରତିମା ଗ୍ରାମଦେବୀ, ବନଦେବୀ ତଥା ଦୁର୍ଗ ରକ୍ଷାକର୍ତ୍ତ୍ରୀ ଗଡ଼ଦେବୀ ରୂପେ ଉପାସିତା ହୋଇ ଆସୁଛନ୍ତି । ଏହି ସବୁ ପ୍ରତିମା ଅଷ୍ଟବିଧ ଯଥା—ଶିଳାମୟୀ, କାଷ୍ଠମୟୀ, ଧାତୁମୟୀ, ଲେପମୟୀ, ଲେଖ୍ୟମୟୀ, ବାଲୁକାମୟୀ, ରତ୍ନମୟୀ ଓ ମନୋମୟୀ । ବିଶେଷତଃ ଓଡ଼ିଶାର ଅନେକ ସ୍ଥାନରେ ଦଶହରା ଅବସରରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ କରାଯାଇ ସ୍ୱତନ୍ତ୍ର ମହାପୂଜା ଅନୁଷ୍ଠିତ ହୋଇଥାଏ ।

ହିନ୍ଦୁ ସଂସ୍କୃତିରେ ଶକ୍ତିପୂଜାର ପ୍ରାଚୀନତା ଅଦ୍ୟାବଧି ଅନାବିଷ୍କୃତ ରହିଛି । ଶକ୍ତିବାଦ ଭାରତୀୟ ଧର୍ମ ଦର୍ଶନରେ ଏକ ଅପରିହାର୍ଯ୍ୟ ପରିକଳ୍ପନା । ସୃଷ୍ଟିତତ୍ତ୍ୱକୁ ଏହି ଶକ୍ତି ପରିକଳ୍ପନା ପୁଷ୍ଟ କରିଛି । ଦେବୀ ଆଦ୍ୟାଶକ୍ତିଙ୍କ ଉପାସନା ହିନ୍ଦୁ ସଂସ୍କୃତିରେ ସୁଦୂର ପ୍ରସାରୀ ।

"ସତ୍ୟଲୋକେ ନିରାକାରା ମହାଜ୍ୟୋତି ସ୍ୱରୂପିଣୀ
ମାୟା ବଲ୍‌କଳ ସୁତ୍ ସ୍ୱତ୍ୟ ଦ୍ୱିଧା ଭିନ୍ନା ଜଗନ୍ମୟୀ
ଶିବଶକ୍ତି ବିଭାଗେନ ଜାୟତେ ସୃଷ୍ଟି କଳ୍ପନା ।"

ଅର୍ଥାତ୍ ସତ୍ୟଲୋକରେ ନିରାକାରା ଜ୍ୟୋତିର୍ମୟୀ ଆଦ୍ୟାଶକ୍ତି ମାୟା ଆବରଣରେ ନିଜକୁ ଶିବ ଶକ୍ତି ରୂପେ ଦ୍ୱିଧା ବିଭକ୍ତ କରି ଆରମ୍ଭ କଲେ ସୃଷ୍ଟିଲୀଳା । ପୁନଶ୍ଚ ସୃଷ୍ଟିଇଚ୍ଛା ଜାଗ୍ରତ ହେବାରୁ ଜଗନ୍ମୟୀ ନିଜକୁ ବିନ୍ଦୁ ଓ ବୀର୍ଯ୍ୟରେ ଅଭିବ୍ୟକ୍ତ କଲେ ।

"ବିନ୍ଦୁଃ ଶିବାତ୍ମକ ଜ୍ଞେୟଃ ନାଦଶ୍ଚ ପରମେଶ୍ୱରୀ
ଚନ୍ଦ୍ର ସୂର୍ଯ୍ୟାତ୍ମକ ବିନ୍ଦୁଃ ନାଦଶ୍ଚ ତ୍ରିଗୁଣାତ୍ମକ ।"

ବିନ୍ଦୁ ଶିବ ଓ ବୀଜ ଶକ୍ତି ରୂପରେ ପରିକୀର୍ତ୍ତିତ । ଶିବ-ଶକ୍ତି ସମ୍ମିଳିତ ଅବସ୍ଥାନ ହିଁ ନାଦ ଅଟେ । ନାଦ ତ୍ରିଗୁଣାତ୍ମକ । ଦେବୀ-

ମଧ୍ୟ ସତ୍ତ୍ୱ-ରଜଃ-ତମୋମୟୀ ତ୍ରିଗୁଣାତ୍ମିକା । ଏ ପ୍ରସଙ୍ଗରେ ଅବତାରଣା କରାଯାଇ 'ସପ୍ତଶତି ଚଣ୍ଡୀ'ରେ କୁହାଯାଇଛି–

"ମହାଲକ୍ଷ୍ମୀ ମହାକାଳୀ ସୈବ ପ୍ରୋକ୍ତା ସରସ୍ୱତୀ
ଈଶ୍ୱରୀ ପୁଣ୍ୟପାପାନାଂ ସର୍ବଲୋକ ମାହେଶ୍ୱରୀ ।"

ସରସ୍ୱତୀ ସତ୍ତ୍ୱକର ମହାଲକ୍ଷ୍ମୀ ରଜଃର ଓ ମହାକାଳୀ ତମୋଗୁଣର ପ୍ରତୀକ ସ୍ୱରୂପିଣୀ । ଏହି ମହାକାଳୀହିଁ ଦୁର୍ଗତିନାଶିନୀ ଦୁର୍ଗା । ହିନ୍ଦୁ ସଂସ୍କୃତିରେ ବଳ, ବୈଭବ ଓ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀରୂପେ ଯଥାକ୍ରମେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ପ୍ରତିଷ୍ଠାକରି ଶକ୍ତିଉପାସନାର ଉଜ୍ଜ୍ୱଳ ପରଂପରା ସୃଷ୍ଟି କରାଯାଇଛି ।

ଏହି ଶକ୍ତିହିଁ ଜଗତର ପ୍ରାଣ । ପ୍ରାଣର ଏକ ପର୍ଯ୍ୟାୟବାଚକ ଶବ୍ଦ ହଂସଃ । ଯେହେତୁ ନିଃଶ୍ୱାସ ପ୍ରଶ୍ୱାସ ଦ୍ୱାରା ହିଁ ପ୍ରାଣ ମନୁଷ୍ୟର ଶରୀରରେ ରହିଛି । ଏ ପରିପ୍ରେକ୍ଷୀରେ 'ଧ୍ୟାନବିନ୍ଦୁ'ରେ କୁହାଯାଇଛି–"ହଂକାରେଣ ବହିର୍ଯାତି ସଃ କାରେଣ ବିଶେତ୍ ପୁନଃ" । ଉକ୍ତ ହଂସଃ ରୂପକ ପ୍ରାଣ (ଶକ୍ତି) ମନୁଷ୍ୟ ଶରୀର ତ୍ୟାଗକଲେ ମନୁଷ୍ୟ ଶବରେ ପରିଣତ ହୋଇଯାଏ । ଶିବାତ୍ମକ ବିନ୍ଦୁ ହଂସଃ ନାମରେ ଅଭିହିତ । ଅହଂ ଶିବରୂପୀ ପୁରୁଷ ଓ ସଃ ଶକ୍ତିରୂପା ନାରୀ ଅର୍ଥାତ୍ ପ୍ରକୃତି । ସେହି ଓଲଟ ହଂସଃ ମନୁଷ୍ୟର ଶ୍ୱାସ କ୍ରିୟାରେ ସର୍ବଦା ସୋହଂ ଧ୍ୱନି ସୃଷ୍ଟି କରୁଅଛି । ଅର୍ଥାତ୍ ମନୁଷ୍ୟର ପଞ୍ଚଭୂତାତ୍ମକ ଶରୀର ମଧ୍ୟରେ ସର୍ବଦା ଶିବଶକ୍ତିର ପୂଜା ସତତ ବିଦ୍ୟମାନ । ଶିବଶକ୍ତି ଅବିଚ୍ଛିନ୍ନ ହୋଇଥିବାରୁ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର କୁହାଯାଇଥାଏ । ଏଣୁ ଶିବଶକ୍ତି ପୂଜା ମାଧ୍ୟମରେ ପରଂବ୍ରହ୍ମଙ୍କୁ ଉପଲବ୍ଧି କରିହୁଏ ବୋଲି କେତେକ ମତ ପ୍ରଦାନ କରିଥାନ୍ତି । ପୁନଶ୍ଚ ବିନ୍ଦୁକୁ ବିଭାଗୀକରଣ କରି କୁହାଯାଇଛି–

"ସ ପୁନର୍ଦ୍ୱିବିଧୋ ବିନ୍ଦୁଃ ପାଣ୍ଡୁରୋ ଲୋହିତ ସ୍ତଥା
ପାଣ୍ଡୁର ଶୁକ୍ଳ ମିତ୍ୟାହୁ ଲୋହିତାଖ୍ୟୋ ମହାରଜଃ
ବିନ୍ଦୁ ଶିବୋ ରଜ ଶକ୍ତି ଶ୍ଚନ୍ଦ୍ରୋବିନ୍ଦୁ ରଜୋରବିଃ
ଅନୟୋ ସଙ୍ଗମା ଦେବ ପ୍ରାପ୍ୟତେ ପରମ ପଦମ୍ ।"

ଅର୍ଥାତ୍ ବିନ୍ଦୁକୁ ପାଣ୍ଡୁର ଓ ଲୋହିତ ଭେଦରେ ଦୁଇଭାଗ କରାଯାଇ ପାଣ୍ଡୁର ବିନ୍ଦୁକୁ ଶୁକ୍ଳ ଓ ଲୋହିତ ବିନ୍ଦୁକୁ ରଜ ନାମରେ ନାମିତ କରାଯାଇଛି । ପୁନଶ୍ଚ ରଜ ସୂର୍ଯ୍ୟାତ୍ମକ ଓ ବିନ୍ଦୁ ଚନ୍ଦ୍ରାତ୍ମକ ଅଟେ । ଏହି ବିନ୍ଦୁ ଓ ରଜର ସଙ୍ଗମରୁ ଅର୍ଥାତ୍ ଶିବ ଶକ୍ତିଙ୍କର ମିଳନରୁ ପରମପଦ ପ୍ରାପ୍ତହୁଏ । ଯେହେତୁ 'ଶିବପୁରାଣ' ଶିବଙ୍କୁ ବିଷୟ, ଶିବଙ୍କୁ ଭୋକ୍ତା ଶକ୍ତିଙ୍କୁ ଭୋଗ୍ୟା, ଶିବଙ୍କୁ ଦ୍ରଷ୍ଟା ଶକ୍ତିଙ୍କୁ ଦ୍ରଷ୍ଟବ୍ୟ ଓ ଶିବଙ୍କୁ ଆସ୍ୱାଦକ ଓ ଶକ୍ତିଙ୍କୁ ଆସ୍ୱାଦ୍ୟ ବୋଲି ଘୋଷଣା କରିଛି । ସର୍ବୋପରି 'ସାଂଖ୍ୟ ଦର୍ଶନ' ମତରେ ଶିବଶକ୍ତି ଉପାସନା ପ୍ରକୃତି ପୁରୁଷ ଉପାସନା ବ୍ୟତୀତ ଅନ୍ୟକିଛି ନୁହେଁ । ଏଣୁ 'ରୁଦ୍ରହୃଦୋୟୋପନିଷଦ' ବର୍ଣ୍ଣନାନୁସାରେ–

"ପୁଲିଙ୍ଗଂ ସର୍ବମୀଶାନଂ ସ୍ତ୍ରୀଲିଙ୍ଗ ଭଗବତ୍ୟୁମା
ଉମା ରୁଦ୍ରାତ୍ମିକା ସର୍ବା ପ୍ରଜା ସ୍ଥାବର ଜଙ୍ଗମା ।"

ଅର୍ଥାତ୍ ଶାକ୍ତବାଦୀମାନଙ୍କ ମତରେ ସୃଷ୍ଟିରେ ସ୍ଥାବର ଜଙ୍ଗମ ନିର୍ବିଶେଷରେ ଯେତେ ପୁଲିଙ୍ଗ ଶ୍ରେଣୀଭୁକ୍ତ ସେମାନେ ସମସ୍ତେ ଶିବଙ୍କର ଅଂଶ ବିଶେଷ ଓ ଯେତେ ସ୍ତ୍ରୀଲିଙ୍ଗ ପର୍ଯ୍ୟାୟଭୁକ୍ତ ସେମାନେ ସମସ୍ତେ ଶକ୍ତିଙ୍କର ଅଂଶମାତ୍ର । ସ୍କନ୍ଦ ପୁରାଣରେ ମଧ୍ୟ ବୈଷ୍ଣବମାନଙ୍କର ଏତାଦୃଶ ମତ ପ୍ରତିଫଳିତ ।

"ପୁଂ ନାମା ଭଗବାନ ବିଷ୍ଣୁ ସ୍ତ୍ରୀ ନାମା କମଳାଳୟା ।
ଦେବ ତିର୍ଯ୍ୟକ୍ ମନୁଷ୍ୟାଦୌ ବିଦ୍ୟତେ ନ ତୟୋପରଂ ।

ଅର୍ଥାତ୍ ବିଶ୍ୱରେ ଦେବମାନବ ନିର୍ବିଶେଷରେ ସମସ୍ତ ପୁଂଲିଙ୍ଗରେ ବିଷ୍ଣୁସତ୍ତା ଓ ସମସ୍ତ ସ୍ତ୍ରୀ ଲିଙ୍ଗରେ ମହାଲକ୍ଷ୍ମୀଙ୍କର ସତ୍ତା ବିଦ୍ୟମାନ । ପୁନଶ୍ଚ ନାରଦ ପଞ୍ଚରାତ୍ରରେ "ଚିଦ ଚିଲ୍ଲକ୍ଷଣ ସର୍ବଂ ରାଧାକୃଷ୍ଣମୟ ଜଗତ୍"ରୁ ସମସ୍ତ ପୁରୁଷ କୃଷ୍ଣ ଅଂଶୀ ଓ ସମସ୍ତ ସ୍ତ୍ରୀ ରାଧା ଅଂଶରେ ସମ୍ଭୂତା ବୋଲି ପ୍ରମାଣିତ । ସ୍ଥୂଳତଃ ସମଗ୍ର ସୃଷ୍ଟିରେ କେବଳ ଦୁଇଟି ତତ୍ତ୍ୱ ବିଦ୍ୟମାନ ଯଥା–ପୁରୁଷ ତତ୍ତ୍ୱ ଓ ପ୍ରକୃତି ତତ୍ତ୍ୱ । ହିନ୍ଦୁଦର୍ଶନ ପର୍ଯ୍ୟାଲୋଚନା କଲେ ଜଣାଯାଏ–ପ୍ରକୃତି-ପୁରୁଷ, ଶିବଶକ୍ତି, ବିଷ୍ଣୁଲକ୍ଷ୍ମୀ, ରାମ ସୀତା, କୃଷ୍ଣରାଧା ଏକ ଓ ଅଭିନ୍ନ । ଯୁଗଳ ବିଶ୍ୱାସ ହେଉଛି ହିନ୍ଦୁ ଧର୍ମ ବିଶ୍ୱାସର ମୂଳହେତୁ ।

ହିନ୍ଦୁ ସଂସ୍କୃତିରେ ସମସ୍ତ ଦେବତା ଓ ଉପଦେବତା ଶକ୍ତି ସମନ୍ୱିତ । ଖାଲି ସେତିକିନୁହେଁ ଏହି ପରିଦୃଶ୍ୟମାନ ଜଗତରେ ଯାହାକିଛି ବିଦ୍ୟମାନ ସବୁକିଛି ଶକ୍ତିଯୁକ୍ତ । ଏ ପ୍ରସଙ୍ଗରେ ଶାସ୍ତ୍ରୋକ୍ତ ପ୍ରମାଣ ଦିଆଯାଇ କୁହାଯାଇଛି–

"ମହାଦାବ୍ୟଣ୍ଡ ପର୍ଯ୍ୟନ୍ତଂ ଯଦେତତ୍ ସଚରାଚରମ୍
ତୟୈବୋପାଦିତଂ ଭଦ୍ରେ ତ୍ୱଦଧୀନ ମିଦଂ ଜଗତ୍ ।"

ତାନ୍ତ୍ରିକ ପୂଜା ପଦ୍ଧତିରେ ଆଦ୍ୟାଶକ୍ତି ପ୍ରତ୍ୟକ୍ଷ ଭାବେ ଅଗ୍ରଗଣ୍ୟା "ଏକ ବ୍ରହ୍ମତ୍ରୟଭାଗା ବ୍ରହ୍ମା ବିଷ୍ଣୁ ମହେଶ୍ୱରାଃ ।" ଜ୍ୟୋତିର୍ମୟ ବ୍ରହ୍ମଙ୍କ ଅଂଶ ରୂପେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କ ଆବିର୍ଭାବ । ବ୍ରହ୍ମପୁରୁଷ ସୃଷ୍ଟି-ସ୍ଥିତି-ଲୟ ପାଇଁ ତ୍ରିଧା ବିଭକ୍ତ ହେଲେ ମଧ୍ୟ ସେମାନେ ଏହି ଶକ୍ତି ସ୍ୱରୂପା ଆଦ୍ୟାଶକ୍ତିଙ୍କ ସହିତ ସମ୍ମିଳିତ ହେଲାପରେ ବ୍ରହ୍ମା ସୃଜନରେ ବିଷ୍ଣୁ ପାଳନରେ ଓ ଶିବ ସଂହାରରେ ସମର୍ଥ ହୋଇଥାନ୍ତି । ଶକ୍ତି ବ୍ୟତିରେକେ ଶିବ ଶବତୁଲ୍ୟ । ସେଥିପାଇଁ "ନିତ୍ୟଷୋଡଶିକାର୍ଣ୍ଣବ"ରେ କୁହାଯାଇଛି–

"ପରୋହି ଶକ୍ତିରହିତଃ ଶକ୍ତଃ କର୍ତ୍ତୁଂ ନ କିଞ୍ଚନ୍
ଶକ୍ତସ୍ତୁ ପରମେଶାନି ଶକ୍ତ୍ୟା ଯୁକ୍ତୋ ଯଦା ଭବେତ୍ ।"

ଅର୍ଥାତ୍ ପରମଶିବ ଶକ୍ତି ରହିତ ହେଲେ ନିଷ୍କ୍ରିୟ ମାତ୍ର ଶକ୍ତି ଯୁକ୍ତ ହେଲେ ଶକ୍ତ ବା ସମର୍ଥ ହୁଅନ୍ତି । ମହାଶକ୍ତି ସେଥିପାଇଁ ସ୍ୱୟଂ ଘୋଷଣା କରିଛନ୍ତି–

"ସୃଜାମି ବ୍ରହ୍ମା ରୂପେଣ ଜଗଦେତତ୍ ଚରାଚରମ୍
ସଂହାରାମି ମହାରୁଦ୍ରରୂପେଣାନ୍ତେ ନିଜେଚ୍ଛାୟା
ଦୁର୍ବୃତ୍ତଂ ଶମନାର୍ଥାୟ ବିଷ୍ଣୁ ପରମ ପୁରୁଷଃ
କୃତ୍ୟା ଜଗଦିଦଂ କୃତ୍ସ୍ନ ପାଳୟାମି ମହାମତେ ।"

ଅର୍ଥାତ୍ ଆଦ୍ୟାଶକ୍ତି ସ୍ୱେଚ୍ଛାରେ ବ୍ରହ୍ମାଣୀ ରୂପେ ସୃଷ୍ଟି କରନ୍ତି, ବୈଷ୍ଣବୀ ରୂପେ ପାଳନ କରନ୍ତି ଓ ରୁଦ୍ରାଣୀରୂପେ ସଂହାର କରନ୍ତି । ଚନ୍ଦ୍ରର ଚନ୍ଦ୍ରିକା, ସୂର୍ଯ୍ୟର ରଶ୍ମି, ପବନର ବଳ, ଜଳର ସ୍ୱାଦୁତା, ଅଗ୍ନିର ସ୍ଫୁଲିଙ୍ଗ ସବୁ ଏହି ମହାଶକ୍ତିର ପରିପ୍ରକାଶ ମାତ୍ର । ତେଣୁ ଏହି ମହାଶକ୍ତି ସର୍ବଦା ବ୍ରହ୍ମଠାରୁ ଅଭିନ୍ନ, ଅବିଚ୍ଛେଦ୍ୟ ।

ପ୍ରକୃତି ପୁରୁଷ ସଙ୍ଗେ ମିଳିତ ହୋଇ ନିର୍ଗୁଣ ବ୍ରହ୍ମ ସଗୁଣ ବ୍ରହ୍ମରେ ରୂପାନ୍ତରିତ ହୁଅନ୍ତି । ସଗୁଣ ଓ ନିର୍ଗୁଣ ଭେଦରେ ମହାମାୟାର ମଧ୍ୟ ଦୁଇଟି ବିଭବ ପରିଦୃଷ୍ଟ ହୁଏ । ଦେବୀ ନିର୍ଗୁଣାବସ୍ଥାରେ କୁଣ୍ଡଳିତା ଫଣୀ ସଦୃଶୀ ନିଷ୍କ୍ରିୟା ଏବଂ ସଗୁଣାବସ୍ଥାରେ ଜଗତର କାରଣ ରୂପେ ବିଦ୍ୟମାନା । ମହାଶକ୍ତିଙ୍କୁ ଆଶ୍ରୟ କରି (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) ପଞ୍ଚମହାଭୂତ, (ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ) ପଞ୍ଚତନ୍ମାତ୍ର, (ନେତ୍ର, ଜିହ୍ୱା, ନାସା, କର୍ଣ୍ଣ, ଚର୍ମ) ପଞ୍ଚଜ୍ଞାନେନ୍ଦ୍ରିୟ, (ପାଣି, ପାଦ, ବାକ୍, ପାୟୁ ଉପସ୍ଥ) ପଞ୍ଚକର୍ମେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ, ଅହଙ୍କାର ପ୍ରଭୃତି ୨୪ ବିଭାଗ ସହାୟତାରେ ସଗୁଣବ୍ରହ୍ମ ତତ୍ତ୍ୱତ୍ ଶକ୍ତିଯୁକ୍ତ ହୋଇ ସୃଜନ, ପାଳନ ଓ ସଂହାର ଶକ୍ତି ସଂପନ୍ନ ହୋଇଥାନ୍ତି । ସୁତରାଂ ମହାଶକ୍ତିଙ୍କର ଇଙ୍ଗିତରେ ସମଗ୍ର ବିଶ୍ୱ ପରିଚାଳିତ । ଏହି ପରିପ୍ରେକ୍ଷୀରେ ମାଟିର ମହାକବି ସାରଳାଦାସ 'ଚଣ୍ଡୀ ପୁରାଣ'ରେ କହନ୍ତି–

"ଜଳ ସ୍ଥଳ ଅନଳ ଯେ ବନ ଆଦିସ୍ଥିତ
ଦୁର୍ଗାର ପ୍ରସାଦେ ସର୍ବେ ହୁନ୍ତି ଆତଯାତ ।"

ମହାଦେବୀ ଏକ ହେଲେ ମଧ୍ୟ କର୍ତ୍ତବ୍ୟ ଅନୁରୋଧରେ ବିଭିନ୍ନ ରୂପେ ପରିଗ୍ରହ କରନ୍ତି । ଆକାଶ ଓ ପୃଥିବୀ ମଧ୍ୟରେ ପରିବ୍ୟାପ୍ତ ଏହି ମହାଶକ୍ତି 'ଦୁର୍ଗା' ଲୋକରକ୍ଷା ନିମନ୍ତେ ଯୁଦ୍ଧକାର୍ଯ୍ୟରେ ପ୍ରବୃତ୍ତା ହୋଇଥାନ୍ତି । 'ଜ୍ଞାନାର୍ଣ୍ଣବ ତନ୍ତ୍ର'ରେ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି–

"ଏକୈବ ଶକ୍ତି ପରମେଶ୍ୱରସ୍ୟ ଭିନ୍ନା ଚତୁର୍ଦ୍ଧା ବ୍ୟବହାରକାଳେ ପୁରୁଷେସୁ ବିଷ୍ଣୁ ଭୋଗେ ଭବାନୀ ସମରେ ଦୁର୍ଗା ପ୍ରଳୟେ ଚ କାଳୀ"

ମହାଶକ୍ତି ଦୁର୍ଗା ସମର କାଳରେ ଭୟଙ୍କର ରୂପ ଧାରଣ ପୂର୍ବକ ଶତ୍ରୁ ନିସୂଦନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି । ଏହି ପରିପ୍ରେକ୍ଷୀରେ 'ଶ୍ରୀ ଚଣ୍ଡୀ' ଆଲୋକ ପାତ କରେ–

"ସହସ୍ର ଶୀର୍ଷାଂ ତ୍ରିସହସ୍ର ନେତ୍ରାଂ
ସହସ୍ର ବାହ୍ୱୀ ଚ ସହସ୍ର ପାଦାମ୍ ।
ସହସ୍ର ଶକ୍ତ୍ୟା ପରିବେଷ୍ଟିତାଂ
ସହସ୍ର ଶସ୍ତ୍ରୈ ପରିପୂର୍ଣ୍ଣ ହସ୍ତାମ୍ ।"

ଦେବୀ ସଂହାର ମୂର୍ତ୍ତି ଧାରଣ କରି ସହସ୍ର ଶକ୍ତି ପରିବେଷ୍ଟିତା ହୋଇ ଦୁଷ୍ଟ ଦଳନ ପୂର୍ବକ ଭକ୍ତରକ୍ଷାକରି ଜଗତରେ ଶାନ୍ତି ପ୍ରତିଷ୍ଠା କରିଥାଆନ୍ତି ବୋଲି ମହାମାୟାଙ୍କୁ ଦୁର୍ଗତି ନାଶିନୀ 'ଦୁର୍ଗା' କୁହାଯାଇଥାଏ । ବହୁ ଶାସ୍ତ୍ରବେତ୍ତା ମତବ୍ୟକ୍ତ କରନ୍ତି ଯେ, ଦେହର ନାମାନ୍ତର ଦୁର୍ଗ । ତାର ଅନ୍ତଃ ବର୍ତ୍ତିନୀ ଶକ୍ତି 'ଦୁର୍ଗା' । ବ୍ରହ୍ମାଣ୍ଡାତ୍ମକ ପିଣ୍ଡ ଦୁର୍ଗରେ ଚିର ଦେଦିପ୍ୟମାନା ପ୍ରକାଶିକା ଶକ୍ତି 'ଦୁର୍ଗା' ସର୍ବଦା ବିଦ୍ୟମାନା । ସ୍ଥୂଳ, ସୂକ୍ଷ୍ମ ଓ କାରଣ ନାମକ ଶରୀର ତ୍ରୟରେ ଅବସ୍ଥିତ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ ପ୍ରଭୃତି ପଞ୍ଚକୋଶକୁ ଦୁର୍ଗ କୁହାଯାଏ । ତାହାଦ୍ୱାରା ଯେଉଁ ଆର୍ତ୍ତି ବା ଦୁଃଖ ସୃଷ୍ଟି ହୁଏ ତାହାକୁ ଦୁର୍ଗାର୍ତ୍ତି କୁହାଯାଏ । ଜ୍ୟୋତିର୍ମୟୀ ଆଦ୍ୟାଶକ୍ତି ସ୍ୱରୂପ ଭୂତା ହୋଇ ସେହି ଦୁର୍ଗାର୍ତ୍ତି ବିନାଶ କରି ଥିବାରୁ ଦେବୀ 'ଦୁର୍ଗା' ନାମରେ ଅଭିହିତା ।

'ଦୁର୍ଗା' ଶବ୍ଦ (ଦ୍+ଉ+ର+ଗ୍+ଆ) ପାଞ୍ଚଗୋଟି ବର୍ଣ୍ଣର ସମଷ୍ଟିରେ ଗଠିତ । ଦ୍–ଦୈତ୍ୟ ନାଶକ, ଉ–ବିଘ୍ନ ନାଶକ, ର–ରୋଗ ନାଶକ, ଗ–ପାପ ନାଶକ, ଆ–ଶତ୍ରୁ ଓ ବିପଦ ଜନିତ ଭୟ ନାଶକ । ଦୁର୍ଗା ଏକାଦି କ୍ରମେ ଏହି ସମସ୍ତର ନାଶକର୍ତ୍ରୀ ଅଟନ୍ତି । ଅର୍ଥାତ୍ ଦୁର୍ଗାପୂଜା ମାଧ୍ୟମରେ ମନୁଷ୍ୟର ଶତ୍ରୁ, ବିଘ୍ନ, ରୋଗ, ପାପ ଓ ଭୟ ଦୂରୀଭୂତ ହୋଇଥାଏ । ପୃଥ୍ୱୀ, ଜଳ, ତେଜ, ବାୟୁ ଓ ଆକାଶ ପ୍ରଭୃତି ପଞ୍ଚମହାଭୂତରେ ଗଠିତ ମନୁଷ୍ୟ ଶରୀର ଦୁର୍ଗ ବ୍ୟତୀତ ଅନ୍ୟ କିଛି ନୁହେଁ । ମନୁଷ୍ୟ ଶରୀରସ୍ଥ ଅସ୍ଥି, ଚର୍ମ, ଶିରା, ଲୋମ ଓ ମାଂସ ଏହି ପାଞ୍ଚଟି ପୃଥ୍ୱୀତତ୍ତ୍ୱର; ମଳ, ମୂତ୍ର, ଶୁକ୍ର, ସ୍ୱେଦ ଓ ରକ୍ତ ଏହି ପାଞ୍ଚଟି ଜଳତତ୍ତ୍ୱର; କ୍ଷୁଧା, ତୃଷା, ନିଦ୍ରା, ମୋହ ଓ କ୍ଲାନ୍ତି ଏହି ପାଞ୍ଚଟି ତେଜତତ୍ତ୍ୱର ; ବିରୋଧ, ଆକ୍ଷେପ, ଆକୁଞ୍ଚନ, ଧାରଣ ଓ ତୃପ୍ତି ଏହି ପାଞ୍ଚଟି ବାୟୁତତ୍ତ୍ୱର ଏବଂ ରାଗ, ଦ୍ୱେଷ, ହିଂସା, ଭୟ ଓ ଲଜ୍ୟା ଏହି ପାଞ୍ଚଟି ଆକାଶତତ୍ତ୍ୱର ଗୁଣ ଅଟନ୍ତି । ପୁନଶ୍ଚ ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ, ନାଗ, କୂର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ ଏହି ଦଶବାୟୁ ମନୁଷ୍ୟ ଶରୀରସ୍ଥିତ ପ୍ରାଣବାୟୁର ଦଶଟି ନାମାନ୍ତର ମାତ୍ର । ପଞ୍ଚଭୂତାତ୍ମକ ଶରୀର ମଧ୍ୟରେ ମହାଶକ୍ତି ଦୁର୍ଗାହିଁ ପ୍ରାଣବାୟୁ ବା ଜୀବନଶକ୍ତି ରୂପେ ବିଦ୍ୟମାନ ।

ଯୋଗ ଦର୍ଶନରେ ପିଣ୍ଡ ଓ ବ୍ରହ୍ମାଣ୍ଡକୁ ଏକାକାର ବୋଲି ବର୍ଣ୍ଣନାକରି କୁହାଯାଇଛି "ପିଣ୍ଡ ବ୍ରହ୍ମାଣ୍ଡୟୋରୈକ୍ୟଂ" । ଜଗନ୍ନାଥ ଦାସଙ୍କ ସାମଞ୍ଜସ୍ୟ ମତ ଭାଗବତରେ ପରିସ୍ଫୁଟ ଯଥା—

" ପିଣ୍ଡ ବ୍ରହ୍ମାଣ୍ଡ ଏକ ତତ୍ତ୍ୱ ।
ଜାଣନ୍ତି ସୁଜ୍ଞାନୀ ପଣ୍ଡିତ ।। "

ବ୍ରହ୍ମାଣ୍ଡର ସ୍ଥୂଳବସ୍ତୁ ପିଣ୍ଡମଧ୍ୟରେ ସୂକ୍ଷ୍ମାକୃତି ଅବସ୍ଥାରେ ବ୍ୟକ୍ତ ହୋଇଥାଏ । ପିଣ୍ଡ ବା ଦେହର ଶକ୍ତି ସମୂହ ନିମ୍ନ ଷଟଚକ୍ର ମାଧ୍ୟମରେ ବ୍ୟକ୍ତ ହୋଇଥାଏ ।

" ମୂଳଚକ୍ରଂ ମୂଳାଧାରଂ ଲିଙ୍ଗ ନାଭି ହୃଦୟ ଚ
କଣ୍ଠଦେଶ ଲଲଟଂ ଚ ଷଡ଼ଚକ୍ର ପ୍ରକାଶିତମ୍ ।।"

ବ୍ରହ୍ମାଣ୍ଡସ୍ଥ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ସଦୃଶ ମନୁଷ୍ୟ ଶରୀରକୁ ଶିରୋଭାଗ, ମଧ୍ୟଭାଗ ଓ ନିମ୍ନଭାଗ ଭେଦରେ ତ୍ରିଧା ବିଭକ୍ତ କରାଯାଇଛି ; ଯାହାକି ଶରୀରର ତିନିପୁର ଅଟେ । ମନୁଷ୍ୟର ଶରୀରରେ ମଧ୍ୟ ଚତୁର୍ଦ୍ଦଶ ଭୁବନ ପରିକଳ୍ପିତ । ଯଥା — ନାଭିରେ ଭୂର୍ଲୋକ, ହୃଦୟରେ ଭୁବର୍ଲୋକ, କଣ୍ଠରେ ସ୍ୱର୍ଲୋକ, ନେତ୍ରରେ ମହର୍ଲୋକ, ଭ୍ରୂଲତାରେ ଜନଲୋକ, ଲଲଟରେ ତପଲୋକ ଓ ମସ୍ତକରେ ସତ୍ୟଲୋକ । ପୁନଶ୍ଚ ତଳିପାରେ ଅତଳ, ପାଦରେ ବିତଳ, ଜାନୁରେ ସୁତଳ, ଜାନୁ ସନ୍ଧିରେ ତଳ, ଗୁଳ୍ଫ ଦେଶରେ ତଳାତଳ, ଲିଙ୍ଗମୂଳରେ ରସାତଳ ଓ କଟି ସନ୍ଧିରେ ପାତାଳର ପରିକଳ୍ପନା କରାଯାଇଛି । ଏତଦ୍ ବ୍ୟତୀତ ମନୁଷ୍ୟ ଶରୀରର ତ୍ରିକୋଣରେ ମେରୁ, ଊର୍ଦ୍ଧ୍ୱ କୋଣରେ ମନ୍ଦର, ଦକ୍ଷିଣରେ କୈଳାସ, ବାମରେ ହିମାଳୟ ଓ ଊର୍ଦ୍ଧ୍ୱ ଭାଗରେ ବିନ୍ଧ୍ୟ ପର୍ବତ ଅବସ୍ଥିତ ବୋଲି ପରିକଳ୍ପନା କରାଯାଇଛି । ମନୁଷ୍ୟର ଅସ୍ଥିରେ ଜମ୍ବୁଦ୍ୱୀପ, ମାଂସରେ କୁଶଦୀପ, ନାଡ଼ିରେ କ୍ରୌଞ୍ଚଦ୍ୱୀପ, ରକ୍ତରେ ଶାକଦ୍ୱୀପ, ସମସ୍ତ ସନ୍ଧିରେ ଶାଲ୍ମଳୀ ଦ୍ୱୀପ, ଲୋମରେ ଲକ୍ଷଦ୍ୱୀପ ଓ ନାଭିରେ ପୁଷ୍କର ଦ୍ୱୀପ ଥିବାର କଳ୍ପନା କରାଯାଇଛି । ମନୁଷ୍ୟର ମୂତ୍ରରେ ଲବଣ ସମୁଦ୍ର, ବୀର୍ଯ୍ୟରେ କ୍ଷୀର ସମୁଦ୍ର,

ମଜ୍ଜାରେ ଦଧିସମୁଦ୍ର, ଚର୍ମରେ ଘୃତ ସମୁଦ୍ର, ନାସାରେ ଜଳସମୁଦ୍ର, କଟିରେ ଇକ୍ଷୁସମୁଦ୍ର ଓ ରକ୍ତରେ ସୁରା ସମୁଦ୍ର ନାମରେ ସପ୍ତ ସମୁଦ୍ର ବିଦ୍ୟମାନ । ମନୁଷ୍ୟ ଶରୀରରେ ଗ୍ରହମଣ୍ଡଳ ବିରାଜମାନ କରନ୍ତି ବୋଲି ଜ୍ୟୋତିଷାସ୍ତ୍ରୀମାନେ ମତ ପ୍ରଦାନ କରିଥାଆନ୍ତି । ଯଥା — ନାଦଚକ୍ରରେ ସୂର୍ଯ୍ୟ, ବିନ୍ଦୁଚକ୍ରରେ ଚନ୍ଦ୍ର, ଚକ୍ଷୁରେ ମଙ୍ଗଳ, ହୃଦୟରେ ବୁଧ, ଉଦରରେ ବୃହସ୍ପତି, ବୀର୍ଯ୍ୟରେ ଶୁକ୍ର, ନାଭିଚକ୍ରେ ଶନି, ମୁଖରେ ରାହୁ ଓ ପାଦରେ କେତୁ ଅବସ୍ଥିତ । ସପ୍ତ ସ୍କନ୍ଧ ଅର୍ଥାତ୍ ଚଉରାଅଶୀ ଆଙ୍ଗୁଳ ପରିମିତ ମନୁଷ୍ୟ ଶରୀରରେ ଚଉରାଶୀ ନରକ ଅବସ୍ଥିତ ବୋଲି ଶାସ୍ତ୍ରବିତ୍‌ମାନେ ମତପ୍ରଦାନ କରିଥାଆନ୍ତି ।

ହିନ୍ଦୁର ଆଧ୍ୟାତ୍ମିକ ଶାସ୍ତ୍ର ପୁରାଣରେ ଦେହକୁ ଦେବାଳୟ ବୋଲି କୁହାଯାଇଛି । ଦେହସ୍ଥିତ ଦେବତାମାନଙ୍କ ସମ୍ବନ୍ଧରେ କଥିତ ଅଛି —"ସର୍ବାହ୍ୟସ୍ମିନ୍ ଦେବତା ଗାବୋଗୋଷ୍ଠ ଇବାସତେ" ଅର୍ଥାତ୍ ଗୋଶାଳାରେ ଗାଈମାନେ ଯେପରି ବାସ କରନ୍ତି ମନୁଷ୍ୟ ଶରୀରରେ ସେହିପରି ଦେବତାମାନେ ସ୍ୱସ୍ୱ ସ୍ଥାନ ନିର୍ବାଚନ କରି ଅବସ୍ଥାନ କରନ୍ତି, ବ୍ରହ୍ମାଣ୍ଡର ଅଗ୍ନି 'ବାଣୀ' ରୂପ ଧାରଣ କରି ମୁଖରେ, ସୂର୍ଯ୍ୟ ଦୃଷ୍ଟିଶକ୍ତିରୂପେ ଚକ୍ଷୁରେ, ଦିଗମାନେ ଶ୍ରୋତ୍ରରୂପେ କର୍ଣ୍ଣରେ, ଅଉଷଧ ବନସ୍ପତି ଲୋମ ରୂପରେ ଚର୍ମରେ ଓ ଚନ୍ଦ୍ର ମନରୂପେ ମାନବ ହୃଦୟରେ ଅବସ୍ଥାନ କରନ୍ତି, 'କଠୋପନିଷଦରେ କଥିତଅଛି–'ପୁରେ ଏକାଦଶଦ୍ୱାରଂ' । ଯଥା–ଦୁଇଚକ୍ଷୁ+ଦୁଇକର୍ଣ୍ଣ+ଦୁ ଇ ନ୍ରା ସା +ଏକ ମୁଖ ଗହ୍ୱର+ଏକ ବ୍ରହ୍ମଦ୍ୱାର+ଏକ ନାଭିଦ୍ୱାର+ଏକ ମୂତ୍ରଦ୍ୱାର+ଏକ ମଳଦ୍ୱାର=ଏକାଦଶଦ୍ୱାର ମାନବର ଦେହ ଦେବାଳୟରେ ଅଛି । ପୁନଶ୍ଚ 'ଅଥର୍ବ ବେଦ'ରେ କୁହାଯାଇଛି —

"ଅୟଂ ଲୋକଃ ପ୍ରିୟତମୋ ଦେବାନାମ ପରାଜିତଃ"

ଅର୍ଥାତ୍ ଏହି ଦେହ ଦେବତାମାନଙ୍କର ପ୍ରିୟସ୍ଥଳ । ଏହି ଦେହକୁ ଦୃଢ଼ ତଥା ଅଭେଦ୍ୟଭାବେ ନିର୍ମାଣକରି ଆଳସ୍ୟ, ରୋଗ, ଶୋକାଦିକୁ ପ୍ରବେଶ ସୁଯୋଗ ନ ଦେବାହିଁ ଦୁର୍ଗ (ଦୁଃ–ଗ) ଅଟେ । ଏହି ଦୁର୍ଗକୁ ସର୍ବଦା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟରୂପୀ ମହିଷାସୁରଠାରୁ ଅପରାଜେୟ ରଖିବାକୁ ଦୁର୍ଗାପୂଜା କୁହାଯାଏ । ପୁରାଣର ବାରସ୍ୱତୀ ପୁର ଯାହାକି ମହିଷାସୁରଦ୍ୱାରା ଆକ୍ରାନ୍ତ ତାହା ମନୁଷ୍ୟ ଶରୀରରୂପୀ ଦୁର୍ଗ ବ୍ୟତୀତ ଅନ୍ୟ କିଛି ନୁହେଁ । କାରଣ ମନୁଷ୍ୟର ଦଶଇନ୍ଦ୍ରିୟ, ମନ ଓ ବୁଦ୍ଧି ଇତ୍ୟାଦି ଦ୍ୱାଦଶ ତତ୍ତ୍ୱକୁ ଅବଲମ୍ବନ କରି ଶରୀର ଦୁର୍ଗ ବାରସ୍ୱତୀ ଭୁବନରେ ପରିଣତ ହୋଇଛି । ଏହି ବାରସ୍ୱତୀପୁର ସର୍ବଦା ଷଡ଼ରିପୁ ସଦୃଶ ମହିଷାସୁର ଦ୍ୱାରା ଉତ୍ପୀଡ଼ିତ । ହୃଦୟସ୍ଥ ଆସୁରିକ ପ୍ରବୃତ୍ତି ଚିରଦିନ ମାନବକୁ ଅଧୋଗତି କରାଇଥାଏ ଏବଂ ଦେବ ପ୍ରବୃତ୍ତି ସର୍ବଦା ମାନବ ପ୍ରାଣରେ ଦେବାବତରଣ କରି ପାରିଥାଏ । ଏହି ଦୁଇ ପ୍ରବୃତ୍ତିର ସଂଘର୍ଷଜନିତ ଦୁର୍ଗାପୂଜା ଆମର ପିଣ୍ଡ ବ୍ରହ୍ମାଣ୍ଡରେ ଅହୋରାତ୍ର ପାଳିତ ହେଉଅଛି ।

ବେଦ ବ୍ୟାଖ୍ୟାକାର ପ୍ରିୟବ୍ରତ ଦାସଙ୍କ ମତରେ ଆମର ଆରାଧ୍ୟା ଦୁର୍ଗାହିଁ ଶରୀରସ୍ଥ ବ୍ରହ୍ମଚର୍ଯ୍ୟ ଶକ୍ତି । ତାହାହିଁ ଦୁର୍ଗତି ନାଶିନୀ ଶକ୍ତି । "ବୀର୍ଯ୍ୟ ଧାରଣଂ ବ୍ରହ୍ମଚର୍ଯ୍ୟମ୍" । ବ୍ରହ୍ମଚର୍ଯ୍ୟର ସାଧାରଣ ଅର୍ଥ ବୀର୍ଯ୍ୟ ଧାରଣ । ମାନବ ଶରୀର ସପ୍ତଧାତୁରେ ନିର୍ମିତ । ଯଥା – ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର । ଏହି ସପ୍ତଧାତୁ ମଧ୍ୟରେ ଶୁକ୍ର ହିଁ ସବୁଠାରୁ ଶ୍ରେଷ୍ଠ । ଏହାକୁହିଁ ବୀର୍ଯ୍ୟ କୁହନ୍ତି । ସଂଯମତା ଅବଲମ୍ବନ ପୂର୍ବକ ଏହି ବୀର୍ଯ୍ୟକୁ ଶରୀର ମଧ୍ୟରେ ସୁଦୃଢ଼ ଭାବରେ ଧାରଣ କରିବାହିଁ କୁପ୍ରବୃତ୍ତିର ପ୍ରତିନିଧି ମହିଷାସୁର କବଳରୁ ଶରୀର ରୂପକ ଦୁର୍ଗକୁ ନିରଙ୍କୁଶ ଓ ନିରାପଦ ରଖିବା । "ଯେ ବ୍ୟକ୍ତି ଧୃତ ବୀର୍ଯ୍ୟ" ସେ ଉର୍ଦ୍ଧ୍ୱରେତା । ମନୁଷ୍ୟ ନୁହେଁ ଦେବତା । ଏ ପରିପ୍ରେକ୍ଷୀରେ କେତୋଟି ଉଦାହରଣ ଦେଲେ ଅପ୍ରାସଙ୍ଗିକ ହେବ ନାହିଁ । ରାମାନୁଜ ଲକ୍ଷ୍ମଣ ଚତୁର୍ଦ୍ଦଶବର୍ଷ ବୀର୍ଯ୍ୟଧାରଣ କରି ଇନ୍ଦ୍ରଜିତକୁ ବଧ କରିପାରିଥିଲେ । ଆଜୀବନ ବୀର୍ଯ୍ୟ ଧାରଣ ଫଳରେ ପିତାମହ ଭୀଷ୍ମଙ୍କ ଦ୍ୱାରା ଏକବିଂଶବାର କ୍ଷତ୍ରୀୟ ନିଧନକାରୀ ପରଶୁରାମ ପରାସ୍ତ ହୋଇଥିଲେ । ସେହି ଭୀମକର୍ମା ଭୀଷ୍ମଙ୍କର ମୃତ୍ୟୁ ଇଚ୍ଛାଧୀନ ଥିଲା । ଧୃତବୀର୍ଯ୍ୟ ହନୁମାନ ମଧ୍ୟ ଅସାଧ୍ୟ ସାଧନକରି ପାରିଥିଲେ । ବୀର୍ଯ୍ୟର ପ୍ରତିବିନ୍ଦୁରେ କୋଟି କୋଟି ବଜ୍ରଶକ୍ତି ନିହିତ । ବିନ୍ଦୁ ସାଧନାରେ ଯେଉଁ ବ୍ୟକ୍ତି ସିଦ୍ଧିଲାଭ କରିଛି, ଏ ପୃଥିବୀରେ ତାହାପାଇଁ ଅସମ୍ଭବ କିଛିନାହିଁ ।

ସମସ୍ତ ଜଗତର ବୀଜଭୂତା ମହାଶକ୍ତି ହିଁ ପୁରୁଷତ୍ୱ ଜାଗ୍ରତର କାରଣ ରୂପେ ପରିକଳ୍ପିତ । ସଂକ୍ଷେପତଃ ପୁରୁଷ ଓ ସ୍ତ୍ରୀ ନିର୍ବିଶେଷରେ ବ୍ରହ୍ମଚର୍ଯ୍ୟପାଳନ କଲେ ବିନ୍ଦୁ ଓ ରଜ ରୂପୀ ଶକ୍ତିର ପୂଜା ସମ୍ଭବ ହୋଇଥାଏ । ଯାହା ଫଳରେ ମନୁଷ୍ୟର ଶରୀର ରୂପକ ଦୁର୍ଗ ଅପରାଜେୟ ରହେ । 'ଗୋରକ୍ଷ ପଦ୍ଧତିରେ ବର୍ଣ୍ଣିତ ଅଛି – "ଯାବତ୍ ବିନ୍ଦୁ ସ୍ଥିତୋ ଦେହେ ତାବନ୍ମୃତ୍ୟୋର୍ଭୟଂ କୁତଃ" । ଯେତେଦିନ ପର୍ଯ୍ୟନ୍ତ ବିନ୍ଦୁ ସ୍ଖଳନ ନ ହୋଇ ଦେହରେ ଅଛି ସେତେଦିନ [illegible] ମୃତ୍ୟୁଭୟ କେଉଁଠୁ ଆସିବ ? ମହିଷାସୁର ମହା[illegible]ଙ୍କର ସମରକାଳୀନ ବିଶ୍ୱରୂପ ସନ୍ଦର୍ଶନ କରି ହୀନବୀର୍ଯ୍ୟ ହୋଇ ପଡ଼ିବାରୁ ମୃତ୍ୟୁ ବରଣ କଲା । ଏହି ପରିପ୍ରେକ୍ଷୀରେ ଉପନିଷଦ କହେ —

"ଦେହ ମଧ୍ୟ ଗତୋ ବହ୍ନି ବହ୍ନିମଧ୍ୟ ଗତା ଦ୍ୟୁତିଃ ।
ଦ୍ୟୁତିର୍ମଧ୍ୟ ଗତା ଦୀପ୍ତି ର୍ଦୀପ୍ତି ମଧ୍ୟ ଗତଃ ଶଶୀ ॥
ଶଶୀ ମଧ୍ୟ ଗତଂ ଦେବ୍ୟା ଶୁକ୍ର ପରମ ଶୋଭନମ୍ ।
ତନ୍ମଧ୍ୟେ ଚ ଗତୋ ବିନ୍ଦୁ ବିନ୍ଦୁ ମଧ୍ୟ ଗତଂ ମନଃ ॥
ମନୋ ମଧ୍ୟ ଗତୋ ନାଦୋ ନାଦର୍ମଧ୍ୟ ଗତଃ କଳାଃ ।
କଳାର୍ମଧ୍ୟେ ଗତୋ ଜୀବୋ ଜୀବ ମଧ୍ୟ ଗତା ପରା ॥
କଳାର୍ମଧ୍ୟେ ଗତୋ ଜୀବୋ ଜୀବମଧ୍ୟ ଗତା ପରା ।
ଜୀବଃ ପରଃ ପରୋଜୀବଃ ସର୍ବ ବ୍ରହ୍ମେତି ଭାବୟେତ୍ ॥

ଏହି ଦୁର୍ଗତି ନାଶିନୀ ମହାଶକ୍ତି ଦୁଇଟି ସ୍ୱତନ୍ତ୍ର ରୂପରେ ପରିକୀର୍ତ୍ତିତା । ଯଥା – ଗୁଣାତୀତା ସ୍ୱରୂପାଶକ୍ତି ଓ ଗୁଣାଶ୍ରୟା ଶକ୍ତି । ଯେଉଁ ଶକ୍ତି ବାକ୍ୟ ମନରୁ ଅତୀତ କେବଳ ଜ୍ଞାନୀଗଣଙ୍କ ଜ୍ଞାନଦ୍ୱାରାହିଁ ଅନୁଭୂତ, ସେ ହେଉଛନ୍ତି ସ୍ୱରୂପ ଭୂତା ପରାଶକ୍ତି । ପୁନଶ୍ଚ ସର୍ବଭୂତ ମଧ୍ୟରେ ଯେ ଗୁଣାଶ୍ରୟା ଶକ୍ତି ସେ ହେଉଛନ୍ତି ଅପରାଶକ୍ତି । ପରାଶକ୍ତି ସମନ୍ୱିତ ବ୍ରହ୍ମ ଓ ଅପରାଶକ୍ତି ଯୁକ୍ତ ବ୍ରହ୍ମ ହେଉଛନ୍ତି ଯଥାକ୍ରମେ ଅକ୍ଷରବ୍ରହ୍ମ ଓ

କ୍ଷର ବ୍ରହ୍ମ । ଏ ଅପରା ଶକ୍ତି ହିଁ ଦୁର୍ଗାପୂଜାର ଆରାଧ୍ୟା ଶକ୍ତି । ସେଥିପାଇଁ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରି କୁହାଯାଇଛି —

"ଯଥା ବିଶ୍ୱମେକଂ ରବେ ରଘରଘମ୍,
ପ୍ରତିଚ୍ଛାୟୟା ଯଦ୍ ବଦେବୋଦକେଷୁ ।
ସମୁଦ୍‌ଭାଷାତେ ଽନେକ ରୂପଂ,
ତଥାଚ ତ୍ୱମେକାଂ ପରଂବ୍ରହ୍ମ ରୂପେଣ ହିତ୍ୱା" ।

ଅର୍ଥାତ୍ ଯେପରି ନଭୋମଣ୍ଡଳସ୍ଥ ରବି ଭୂପୃଷ୍ଠର ବିଭିନ୍ନ ଜଳରେ ପ୍ରତି ବିମ୍ବିତ ହୁଏ ସେହିପରି ପରଂବ୍ରହ୍ମରୂପୀ ବ୍ରହ୍ମମୟୀ ଦୁର୍ଗା ହିଁ ଜୀବ ରୂପରେ ବହୁଧା ପ୍ରକାଶିତା ହୋଇଥାଆନ୍ତି । ଏହି ବ୍ରହ୍ମମୟୀ ଆଦ୍ୟାଶକ୍ତି, ବୈଷ୍ଣବମାନଙ୍କ ପାଇଁ ସେ ପରମ ବୈଷ୍ଣବୀ ଯୋଗମାୟା ତଥା ବିଷ୍ଣୁଙ୍କର ମାୟାଶକ୍ତି । ବୈଦିକମାନଙ୍କ ପାଇଁ ସେ ପ୍ରଣବ ଓଁକାରର ଅଧିଷ୍ଠାତ୍ରୀ ଦେବୀ ଗାୟତ୍ରୀ । ଶାକ୍ତମାନଙ୍କ ପାଇଁ ସେ ପରଂବ୍ରହ୍ମ ସ୍ୱରୂପିଣୀ ଆନନ୍ଦ ଦାୟିନୀ ଚିନ୍ମୟୀ ଶକ୍ତି ।

ସଂଶିତ ବ୍ରହ୍ମମୟୀ ଆଦ୍ୟାଶକ୍ତି ଦୁର୍ଗାଙ୍କର ଶରତକାଳୀନ ପୂଜା ଶାରଦୀୟ ଦୁର୍ଗାପୂଜା ଓ ବସନ୍ତକାଳୀନ ପୂଜା ବାସନ୍ତିକ ଦୁର୍ଗୋତ୍ସବ ନାମରେ ଅଭିହିତ । ଏ ପ୍ରସଙ୍ଗରେ କଥିତ ଅଛି—

" ତସ୍ମାଦତ୍ର ପ୍ରକର୍ତ୍ତବ୍ୟଂ ଚଣ୍ଡିକା ପୂଜନଂ ବୁଧୈଃ,
ଚୈତ୍ରାଶ୍ୱିନେ ଶୁଭେ ମାସେ ଭକ୍ତିପୂର୍ବଂ ନରାଧିପ" ।

ଶରତ ଓ ବସନ୍ତ ଉଭୟ ଋତୁ ପ୍ରାଣୀମାନଙ୍କ ପକ୍ଷେ ଦୁର୍ଗମ ହେତୁ ଚୈତ୍ର ଓ ଆଶ୍ୱିନ ମାସରେ ଦେବୀ ଦୁର୍ଗାଙ୍କର ମହାପୂଜା ଅନୁଷ୍ଠିତ ହୋଇଥାଏ । କିନ୍ତୁ ବାସନ୍ତିକ ଦୁର୍ଗୋତ୍ସବ ଅସୁର ସଭ୍ୟତାଠାରୁ ଦେବ ସଭ୍ୟତା ପର୍ଯ୍ୟନ୍ତ ପ୍ରଚଳିତ ଥିବାରୁ ଏହାକୁ 'ଦେବଦୁର୍ଗୋତ୍ସବ' ମଧ୍ୟ କୁହାଯାଇଥାଏ । ମାତ୍ର ଆଷାଢ଼ ଶୁକ୍ଳ ଏକାଦଶୀ (ଶୟନ ଏକାଦଶୀ) ଠାରୁ କାର୍ତ୍ତିକ ଶୁକ୍ଳ ଉତ୍ଥାପନ ଏକାଦଶୀ ପର୍ଯ୍ୟନ୍ତ ଉର୍ଦ୍ଦିଷ୍ଟ ଚାରିମାସ ଦେବ ଦେବୀଙ୍କ ପାଇଁ ରାତ୍ରୀ ସମୟ । ତେଣୁ ଏହି ସମୟରେ ବିବାହ ବ୍ରତ ଇତ୍ୟାଦି ଶୁଭକର୍ମ କରାଯାଇ ନ ଥାଏ । କାରଣ ଦେବ ଦେବୀଙ୍କୁ ଉକ୍ତ ସମୟରେ ଆବାହନ କଲେ ଯୋଗ ନିଦ୍ରାରେ ବ୍ୟାଘାତ ଜନ୍ମେ । ମାତ୍ର ରାମଚନ୍ଦ୍ର ଅକାଳରେ ଦେବୀଙ୍କୁ ବୋଧନ କରି ପୂଜାଦ୍ୱାରା ସନ୍ତୁଷ୍ଟ କରି ପାରି ଥିବାରୁ ଏହି ଶାରଦୀୟ ଦୁର୍ଗୋତ୍ସବକୁ ଅକାଳ ବୋଧନ କୁହାଯାଇଥାଏ ।

ଦେବୀ ଦୁର୍ଗା ଆଶ୍ୱିନ ଶୁକ୍ଳ ଦଶମୀ ଦିନ ମହିଷାସୁରର ଦଶପ୍ରାଣବାୟୁ ହରଣ କରି ତାକୁ ସଂହାର କରିବା ଦ୍ୱାରା ଦେବତାମାନଙ୍କର ଦଶା ହରଣ ହୋଇ ଥିବାରୁ ଏହି ପୂଜାର ଅନ୍ୟନାମ 'ଦଶହରା' ହୋଇଅଛି । ପୁନଶ୍ଚ 'ଦଶହରା' ସ୍ୱୟଂ ଦୁର୍ଗାଙ୍କର ନାମାନ୍ତର ଅଟେ । "ଦଶ ରାବଣ ମସ୍ତକାନି ହରତି ଯା ସା —ଦଶହରା" । "ଦଶ ବିଘ୍ନ ହୃତାଦେବୀ ଦୁର୍ଗା ଦୁର୍ଗତି ନାଶିନୀ" — ଏହା ଦୁର୍ଗୋତ୍ସବ ଚନ୍ଦ୍ରିକାରେ ବର୍ଣ୍ଣିତ । ନିମ୍ନ ଦଶ ବିଘ୍ନ ହରଣ କରିବା ପାଇଁ ପୂଜା ଅବସରରେ ଦେବୀଙ୍କୁ ପ୍ରାର୍ଥନା କରି କୁହା ଯାଇଥାଏ —

" ଆତ୍ମଗ୍ଲାନି ଅସୂୟା ଚ ଈର୍ଷାଦ୍ୱେଷ ପରୋକ୍ଷବାକ୍
ମିଥ୍ୟା କ୍ରୋଧାଭିମାନଶ୍ଚ ଅହଂତ୍ୱ ନାସ୍ତିକମତମ୍
ଦଶବାଧାମିତି ପ୍ରୋକ୍ତା ନଶ୍ୟନ୍ତୁ ମମ ସର୍ବଦା " ।।

ଦେବୀ ମନୁଷ୍ୟର ଉପର୍ଯ୍ୟୁକ୍ତ ଦଶବିଘ୍ନ ହରଣ କରିଥିବାରୁ ଦୁର୍ଗାପୂଜାକୁ ଦଶହରା କୁହାଯାଇଥାଏ । ମହିଷାସୁର ମୃତ୍ୟୁପରେ ଦେବତାମାନଙ୍କର ଦୁଃଖ ଦୂରୀଭୂତ ହୋଇଥିବାରୁ ଦଶହରା 'ଦୁଃଖହା ଦଶମୀ' ନାମରେ ବିଦିତ । ଅଷ୍ଟମୀ ନବମୀ ସନ୍ଧିକ୍ଷଣରେ ରାମଚନ୍ଦ୍ର ରାବଣଙ୍କୁ ନିହତ କରିଥିବାରୁ ଦଶମୀ ଦିନ 'ବିଜୟା ଦଶମୀ' ନାମରେ ପାଳିତ ହୋଇଥାଏ ।

ବର୍ଷ ମଧ୍ୟରେ ଦଶହରା ଦୁଇଥର ପାଳିତ ହୋଇଥାଏ । ଆଶ୍ୱିନ ଶୁକ୍ଳ ଦଶମୀ ବ୍ୟତୀତ. ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ମଧ୍ୟ ଦଶହରା ପାଳିତ ହୋଇଥାଏ । ଏହି ପବିତ୍ର ତିଥିରେ ଗଙ୍ଗାଦେବୀ ଧରାବତରଣ କରିଥିଲେ ବୋଲି ଏହିଦିନ ପାଳିତ ଉତ୍ସବ 'ଗଙ୍ଗା ଦଶହରା' ନାମରେ ପ୍ରସିଦ୍ଧି ଅର୍ଜନ କରିଛି । "ହରତେ ଦଶପାପାନି ତସ୍ମାଦ୍ଦଶହରା ସ୍ମୃତା" । ଜ୍ୟେଷ୍ଠ ଶୁକ୍ଳ ଦଶମୀରେ ଯେ କୌଣସି ନଦୀରେ ସ୍ନାନକରି ତିଳୋଦକ ଦାନକଲେ ମନୁଷ୍ୟର ନିମ୍ନ ଦଶପାପ ଦୂର ହୋଇଥାଏ । ଏ ସମ୍ବନ୍ଧରେ ବରାହ ପୁରାଣ ଆଲୋକପାତ କରେ —

" ଅଦତ୍ତାନାମୁପାଦାନଂ ହିଂସାଚୈବାବିଧାନତଃ
ପରଦାରୋପସେବା ଚ କାୟିକ ତ୍ରିବିଧଂ ସ୍ମୃତାଂ ।

ପାରୁଷ୍ୟ ମନୃତଂ ଚୈବ ପୈଶୁନ୍ୟଂ ଚାପି ସର୍ବଶଃ,
ଅସଂବଦ୍ଧ ପ୍ରଳାପଶ୍ଚ ବାଚିକ ସ୍ୟାଚ୍ଚତୁର୍ବିଧଂ ।।
ପରଦ୍ରବ୍ୟେଷ୍ୱଭିଧ୍ୟାନଂ ମନ ସାନିଷ୍ଟ ଚିନ୍ତନଂ,
ବିତ ଥାଭିନିବେଶଶ୍ଚ ତ୍ରିବିଧଂ କର୍ମ ମାନସଂ ।।"

ମନୁଷ୍ୟର କାୟିକ, ବାଚିକ ଓ ମାନସିକ ପ୍ରଭୃତି ଦଶବିଧ ପାପ 'ଗଙ୍ଗା ଦଶହରାରେ' ପାଳିତ ହୋଇଥାଏ ।

ଦେବୀ ପୂଜା ଫଳରେ ପୃଥିବୀ ଶସ୍ୟ ଶ୍ୟାମଳା ହୁଏ । ଏକଦା ଅନାବୃଷ୍ଟି କାଳରେ ଦେବୀ ଶାକମ୍ଭରୀଙ୍କ ସନ୍ତୋଷ ବିଧାନ ପାଇଁ ଯଜ୍ଞ କରାଯାଇଥିବାରୁ ପ୍ରଥମେ ଯେଉଁ ନଅଟି ପତ୍ର କର୍ଷିକି ପୃଥିବୀ ଶସ୍ୟ ଶ୍ୟାମଳା ହୋଇଥିଲା ସେହି ନଅଟି ପତ୍ର ଯଥା —

" ରମ୍ଭା କଚ୍ଚୀ ହରିଦ୍ରା ଚ ଜୟନ୍ତୀ ବିଲ୍ୱ ଦାଡ଼ିମୌ,
ଅଶୋକ ମାନକା ଶ୍ଚୈବ ଧାନ୍ୟ ଞ୍ଚ ନବମଲ୍ଲିକା ।"

ବର୍ତ୍ତମାନ ପୂର୍ବ ସ୍ମାରକୀ ବହନ କରି ଦେବୀ ଦୁର୍ଗାଙ୍କ ସହିତ ଉପର୍ଯ୍ୟୁକ୍ତ ନବପତ୍ର ପୂଜା ପାଇଥାଆନ୍ତି । ତେଣୁ ଆଧୁନିକ ନବରାତ୍ର ଦୁର୍ଗାପୂଜା 'ନବ ପତ୍ରିକା' ପୂଜାର ବିକଳ୍ପ ମାତ୍ର ।

ଶାରଦୀୟ ଦୁର୍ଗୋତ୍ସବରେ 'ସ୍ନପନ, ପୂଜନ, ବଳିଦାନ ହୋମରୂପା ସା' ଚତୁଷ୍କର୍ମମୟୀ ଦେବୀ ଦୁର୍ଗାଙ୍କର ମହାପୂଜା ଅନୁଷ୍ଠିତ ହୋଇଥାଏ । ଉତ୍ସବସରରେ ଦେବୀଙ୍କର ଦକ୍ଷିଣାଚାର ଓ ବାମାଚାର ଉଭୟ ପଦ୍ଧତିରେ ଉପାସନା କାର୍ଯ୍ୟ ସମାହିତ ହୋଇଥାଏ । ଦକ୍ଷିଣାଚାର ପଦ୍ଧତିରେ ସାତ୍ତ୍ୱିକ ଭାବରେ ଏବଂ ବାମାଚାର ପଦ୍ଧତିରେ ରାଜସ ଓ ତାମସ ଭାବର ଉଦ୍ରେକ ହୋଇଥାଏ । ବାମାଚାର ପଦ୍ଧତି ତନ୍ତ୍ର ଉପରେ ପର୍ଯ୍ୟବସିତ । ତାନ୍ତ୍ରିକମାନେ ପଞ୍ଚ 'ମ' କାରରେ

ଦେବୀପୂଜା କରିଥିବା ସ୍ଥଳେ ଦକ୍ଷିଣାଚାର ପଦ୍ଧତିରେ ବିକଳ୍ପ ପୂଜା ପଦ୍ଧତି ଅନୁସୃତ ହୋଇଥାଏ । ପଞ୍ଚମକାର ପୂଜା ପଦ୍ଧତି ନିର୍ଣ୍ଣୟ କରି ତନ୍ତ୍ର ଶାସ୍ତ୍ର କହେ —

" ମଦ୍ୟଂ ମାଂସ ତଥା ମତ୍ସ୍ୟଂ ମୁଦ୍ରା ମୈଥୁନ ମେବଚ
'ମ' କାର ପଞ୍ଚକଂ ଚୈବ ମହା ପାତକ ନାଶନମ୍ ।"

କିନ୍ତୁ ଦକ୍ଷିଣାଚାର ପଦ୍ଧତିରେ —

" ମତ୍ସ୍ୟ ରୂପା ମୀନଂ ଚୈବ ଆଳସ୍ୟ ମାଂସ ମେବଚ
କାମ କ୍ରୋଧ ଦ୍ୱୟଂ ମଦ୍ୟଂ ମନ୍ତ୍ରଂ ବୀଜାକ୍ଷର ତଥା ।
ଖେଚରୀ ପ୍ରକଟା ମୁଦ୍ରା ମୈଥୁନଂ ଆତ୍ମବୀକ୍ଷଣମ୍
ଏବଂ ପଞ୍ଚ ମ କାରଶ୍ଚ ସିଦ୍ଧିତନ୍ତ୍ରେ ନିରୂପଣମ୍ ।"

ଅର୍ଥାତ୍ ସଂସାର ବାରିଧିରେ ମନ ମୀନକୁ ନିଶ୍ଚଳ ରଖି ଅର୍ଥାତ୍ ବଳି ଦେଇ ଆଳସ୍ୟ ରୂପକ ମାଂସ ଭକ୍ଷଣ କରି, କାମ କ୍ରୋଧ ସଦୃଶ ମଦ୍ୟପାନ କରି ଖେଚରୀ ମୁଦ୍ରା ଦ୍ୱାରା ବିଶୁଦ୍ଧ ଚକ୍ରରେ ରମଣ କରି ପ୍ରଣବ ବା ବୀଜାକ୍ଷର ମନ୍ତ୍ର ଧ୍ୟାନକୁ ଦକ୍ଷିଣାଚାର ପଞ୍ଚ 'ମ' କାର କୁହାଯାଏ ।

ପୁନଶ୍ଚ ।ତାନ୍ତ୍ରିକ ପୂଜା ଦୁଇ ପ୍ରକାର । ଯଥା—ବହିର୍ଯାଗ ଓ ଅନ୍ତର୍ଯାଗ । ବହିର୍ଯାଗ ପୂଜାରେ ଦେବୀଙ୍କୁ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ପ୍ରଭୃତି ପ୍ରଦାନ ପୂର୍ବକ ପଞ୍ଚୋପଚାର ପୂଜା କରାଯାଇଥାଏ । ମାତ୍ର ଅନ୍ତର୍ଯାଗ ପୂଜାରେ ବାହ୍ୟବସ୍ତୁକୁ ପରି-ତ୍ୟାଗ କରି ମାନସ ଉପକରଣରେ ପୂଜା କରାଯାଇଥାଏ । ଏଥିରେ ପୃଥ୍ୱୀତତ୍ତ୍ୱକୁ ଗନ୍ଧ, ଆକାଶତତ୍ତ୍ୱକୁ ପୁଷ୍ପ, ବାୟୁତତ୍ତ୍ୱକୁ ଧୂପ, ତେଜ ତତ୍ତ୍ୱକୁ ଦୀପ ଓ ଜଳତତ୍ତ୍ୱକୁ ନୈବେଦ୍ୟ ରୂପେ ପରିକଳ୍ପନା କରି ପଞ୍ଚୋପଚାର ପୂଜା କରିବାକୁ ପଡ଼ିଥାଏ ।

ଏତଦ୍‌ବ୍ୟତୀତ ଦେବୀଦୁର୍ଗାଙ୍କୁ ମଧ୍ୟ ଷୋଡ଼ଶ ଉପଚାରରେ ପୂଜା କରାଯାଇଥାଏ । ମହାନିର୍ବାଣ ତନ୍ତ୍ରରେ ଷୋଡଶୋପଚାର ପୂଜା ସମ୍ବନ୍ଧରେ ଆଲୋକପାତ କରାଯାଇ କୁହାଯାଇଛି —

"ଆସନଂ ସ୍ୱାଗତଂ ପାଦ୍ୟମର୍ଘ୍ୟ ମାଚମନୀୟକଂ
ମଧୁପର୍କଂ ତଥା ଚମ୍ୟ ସ୍ନାନୀୟଂ ବସ୍ତ୍ର ଭୂଷଣୈଃ
ଗନ୍ଧପୁଷ୍ପେ, ଧୂପଦୀପେ ନୈବେଦ୍ୟଂ ବନ୍ଦନଂ ତଥା
ଦେବର୍ଚ୍ଚାନାସ୍ତୁ ନିର୍ଦ୍ଦିଷ୍ଟ ଉପଚାରଣଂ ଷୋଡ଼ଶ" ।

ଦେବୀଙ୍କର ପୂଜା ବିଧାନରେ ବର୍ଣ୍ଣିତ ଅଛିଯେ—ଶକ୍ତିଙ୍କର ଆବାହନ କଲେ ଏକଶତ ଯଜ୍ଞର ଫଳମିଳେ । ଦେବୀଙ୍କର ସ୍ଥିର ଆସନ (ସଂସ୍ଥାପନ) କଳ୍ପନା କଲେ ଦେବଲୋକ ପ୍ରାପ୍ତି ଘଟେ । ସନ୍ନିରୋଧ ଦ୍ୱାରା ପରମ ଆନନ୍ଦ ଲାଭ ହୁଏ । ଅବଗୁଣ୍ଠନ ଦ୍ୱାରା ଯଶ ଲାଭ ହୁଏ । ଅମୃତୀକରଣ ଦ୍ୱାରା ମୃତ୍ୟୁଭୟ ଦୂର ହୁଏ । ସକଳୀକରଣ ଦ୍ୱାରା ମିତ୍ରଲାଭ ହୁଏ । ଦେବୀଙ୍କୁ ପାଦ୍ୟ ଅର୍ପଣ କଲେ ପାପ ଦହନ ହୁଏ । ଅର୍ଘ୍ୟଦାନ କଲେ ଅମୂଲ୍ୟ ସଂପଦ ଲାଭ ହୁଏ । ସ୍ନାନଦ୍ୱାରା ତ୍ରିତାପ ଦୂରହୁଏ । ବସ୍ତ୍ର ଭୂଷଣ ଦାନଦ୍ୱାରା ଆୟୁ ବର୍ଦ୍ଧି ହୁଏ । ମଧୁପର୍କ (ପଞ୍ଚାମୃତ) ସମର୍ପଣ କଲେ ଜଗତ ଆପ୍ୟାୟିତ ହୁଏ । ଗନ୍ଧ ଦାନ କଲେ ଗନ୍ଧର୍ବ ପଦ ପ୍ରାପ୍ତି ହୁଏ । ଆଭରଣ ଦାନକଲେ ପୁଣ୍ୟ ବୃଦ୍ଧି ହୁଏ । ପୁଷ୍ପଦାନ କଲେ ବ୍ରହ୍ମଲୋକ ପ୍ରାପ୍ତି ଘଟେ । ଧୂପ-ଦାନ କଲେ ମୃତ୍ୟୁ ଖଣ୍ଡିତ ହୁଏ । ଆଚମନ ଦାନକଲେ ମହାସିଦ୍ଧି ଲଭହୁଏ । ନୈବେଦ୍ୟ ଦାନକଲେ ସମସ୍ତ କାମନା ସିଦ୍ଧି ହୁଏ । ତାଂବୁଳ ଦାନ କଲେ ପୁତ୍ରଲାଭ ହୁଏ । ଉକ୍ତ ବିଧାନରୁ ସୂଚିତ ହୁଏ ଯେ ଦେବୀ ପୂଜା ବହୁ ଦ୍ରବ୍ୟସାପେକ୍ଷ ।

ଦେବୀପୂଜା ଉପଲକ୍ଷେ ଯେଉଁ ବଳିପ୍ରଥା ପ୍ରଚଳିତ ତାହା ଆତ୍ମବଳି ବ୍ୟତୀତ ଅନ୍ୟ କିଛି ନୁହେଁ । ବଳିଦାନର ଅର୍ଥ ସମ୍ପୂର୍ଣ୍ଣ ସ୍ୱାର୍ଥତ୍ୟାଗ । ହୋମାଗ୍ନିର ଅର୍ଥ ଜ୍ଞାନାଲୋକର ପ୍ରଜ୍ୱଳିତ ଶିଖା ମଧ୍ୟରେ ମୋହାନ୍ଧତାକୁ ବିସର୍ଜନ ଦେବା । ଏହାହିଁ ହେଉଛି ଶକ୍ତିପୂଜାର ପୃଷ୍ଠଭୂମିରେ ନିହିତ ଥିବା ବଳିପ୍ରଥା ଓ ହୋମର ବୈଶିଷ୍ଟ୍ୟ । କିନ୍ତୁ ଏହା କ୍ରମେ ଜୀବହତ୍ୟା ରୂପକ ଏକ କୁତ୍ସିତ ଘୃଣ୍ୟ ପ୍ରଥାରେ ପରିଣତ ହୋଇଛି । 'ମହାଭାରତ'ରେ ବ୍ୟାସଦେବ ଏହି ପରିପ୍ରେକ୍ଷୀରେ ସ୍ୱୀୟ ମତଦେଇ କହିଛନ୍ତି—

"ସୁରା ମତ୍ସ୍ୟା ପଶୋର୍ମାଂସଂ ଆସନଂ କୃଶରୌ ଦନମ
ଧୂର୍ତ୍ତୈଃ ପ୍ରବର୍ତ୍ତିତଂ ଯଜ୍ଞେ ନୈତଦ୍‌ବେଦେଷୁ ବିଦ୍ୟତେ ।"

ଅର୍ଥାତ୍ ଧୂର୍ତ୍ତମାନେ ସୁରା ପଶୁମାଂସ ପ୍ରଭୃତିକୁ ଯଜ୍ଞରେ ମିଶାଇ ଦେଇଛନ୍ତି । ମାତ୍ର ବେଦରେ ଏପରି ବିଧାନ ନାହିଁ । ପୁନଶ୍ଚ

"ଯୂପଂ ଛିତ୍ୱା ପଶୂନ୍‌ହତ୍ୟା କୃତ୍ୱା ରୁଧିର କର୍ଦ୍ଦମମ୍
ଯଦ୍ୟେବଂ ଗମ୍ୟତେ ସ୍ୱର୍ଗ ନରକଂ କେନ ଗମ୍ୟତେ ।"

ଅର୍ଥାତ୍ ପଶୁମାରି ସେମାନଙ୍କ ରକ୍ତରେ ବସୁଧା କର୍ଦ୍ଦମାକ୍ତ କରି ଯଦି କେହି ସ୍ୱର୍ଗକୁ ଯାଏ ତେବେ ନରକକୁ ଯିବ କିଏ ?

ଅଗ୍ନି—ତତ୍ତ୍ୱର ଅଧିଷ୍ଠାତ୍ରୀ ହେତୁ ଦେବୀଦୁର୍ଗାଙ୍କୁ ଅଗ୍ନିକୁଣ୍ଡ ଅର୍ଥାତ୍ ଯଜ୍ଞ ମାଧ୍ୟମରେ ପୂଜା କରାଯାଇ ଥାଏ । ବେଦର ଭାଷାକାରମାନଙ୍କ ମତରେ "ଯଜ୍ଞୋ ବୈ ଶ୍ରେଷ୍ଠତମଂ କର୍ମଂ" ଅର୍ଥାତ୍ ଯଜ୍ଞହିଁ ଶ୍ରେଷ୍ଠତମ କର୍ମ ଅଟେ । କାରଣ ଶରୀରର ପୁଷ୍ଟି ସାଧନ ନିମନ୍ତେ ଉତ୍ତମ ସାତ୍ତ୍ୱିକ ଅନ୍ନ ଭକ୍ଷଣ ଉଚିତ । ସେହି ଅନ୍ନ ସୁବୃଷ୍ଟି ଦ୍ୱାରା ଉତ୍ପନ୍ନ ବିଧେୟ ଏବଂ ସୁବୃଷ୍ଟି ନିମନ୍ତେ ଦେବକାର୍ଯ୍ୟ ଯଜ୍ଞ କରଣୀୟ । ଏହି ପରିପ୍ରେକ୍ଷୀରେ କୁହାଯାଇଛି—

"ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜ୍ଜନ୍ୟାଦନ୍ନ ସମ୍ଭବ
ଯଜ୍ଞ ଭବତି ପର୍ଜ୍ଜନ୍ୟୋ ଯଜ୍ଞ କର୍ମ ସମୁଦ୍ଭବ ।"

ଅର୍ଥାତ୍ ପ୍ରାଣୀମାନେ ଅନ୍ନରୁ, ଅନ୍ନ ବୃଷ୍ଟିରୁ, ବୃଷ୍ଟି ଯଜ୍ଞରୁ ଓ ଯଜ୍ଞ କର୍ମରୁ ଉତ୍ପତି ହୋଇଥାଏ । ତେଣୁ 'ହୋମରୂପା ସା' ଚତୁର୍ବର୍ଗ-ମୟୀ ଦୁର୍ଗାପୂଜାରେ ହୋମକର୍ମ ବିଧି ପ୍ରଚଳିତ । ହୋମଅଗ୍ନି ମୁଖରେ ପ୍ରତ୍ୟେକ ଦେବତାଙ୍କ ଉଦ୍ଦେଶ୍ୟରେ ଆହାର୍ଯ୍ୟ ଅର୍ପିତ ହୋଇଥାଏ । ହୋମର ପ୍ରତ୍ୟେକ ଅଙ୍ଗ ମାତୃମୟ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ରୂପକ ଷଡ଼ରିପୁକୁ ଷଡ଼ ସମିଧ ରୂପେ ଏହି ହୋମାଗ୍ନିରେ ଇନ୍ଧନ ସଦୃଶ ଅର୍ପଣ କରିବାକୁ ହୋଇଥାଏ । 'ଶତପଥ ବ୍ରାହ୍ମଣ'ରେ ଅଷ୍ଟବିଧ ଅଗ୍ନିର ଉଲ୍ଲେଖ

ରହିଛି । ଯଥା—ରୁଦ୍ର, ସର୍ବ, ପଶୁପତି, ଉଗ୍ର, ଅଶନି, ଭବ, ମହାଦେବ ଓ ଈଶାନ । ବୈଦିକ ସାହିତ୍ୟରେ ଶକ୍ତି ରୂପକ ଦେବୀ ଓ ମହାଦେବ ରୂପକ ଅଗ୍ନିର କଳ୍ପନା ବାସ୍ତବିକ ବଡ଼ ତାତ୍ପର୍ଯ୍ୟ ପୂର୍ଣ୍ଣ । ପୁରାଣରେ ଯଜ୍ଞବେଦୀ ମହାଦେବଙ୍କ ପତ୍ନୀ ରୂପେ ଗୃହୀତ । ବୈଦିକ ଯଜ୍ଞବେଦୀର ଚତୁଃପାର୍ଶ୍ୱରେ ଯେଉଁ ଦେବତାମାନଙ୍କ ସ୍ଥାନ ସଂରକ୍ଷିତ ସେମାନେ ହେଲେ ସରସ୍ୱତୀ, ଲକ୍ଷ୍ମୀ, ଗଣେଶ ଓ କାର୍ତ୍ତିକେୟ । ସରସ୍ୱତୀ ଜ୍ଞାନଶକ୍ତି, ଲକ୍ଷ୍ମୀ ସମ୍ପଦଶକ୍ତି, ଗଣେଶ ସିଦ୍ଧିଶକ୍ତି ଓ କାର୍ତ୍ତିକେୟ ତେଜୋଶକ୍ତିର ପ୍ରତୀକ । ଏହି ଚତୁଃଶକ୍ତି ସଂଗଠିତ ଭାବେ ସର୍ବଶକ୍ତିର ଆଧାର ଦୁର୍ଗାଙ୍କ ନିକଟରେ ଏକୀଭୂତ ହୋଇଥାଏ । ଦେବୀ ଦୁର୍ଗା ସମସ୍ତ ଦେବଦେବୀଙ୍କ ସମନ୍ୱିତ ବିଗ୍ରହ । ଦେବୀଙ୍କର ଅପାର୍ଥିବ ଦିବ୍ୟ-ତନୁ ତେତ୍ରିଶ କୋଟି ଦେବତାର ତେଜୋପୁଞ୍ଜରେ ଗଠିତ । ବିଶ୍ୱର ଜ୍ଞାନ—ବିଜ୍ଞାନ, ସମର ସମ୍ଭାର, ଧନବଳ ଓ ଜନବଳ ଯଥାକ୍ରମେ ସରସ୍ୱତୀ, କାର୍ତ୍ତିକେୟ, ଲକ୍ଷ୍ମୀ ଓ ଗଣେଶରୂପେ ତାଙ୍କଠାରେ ସମନ୍ୱିତ । ତେଣୁ ଦୁର୍ଗାଙ୍କ ମହାପୂଜା ଅବସରରେ ଉପର୍ଯ୍ୟୁକ୍ତ ଦେବଦେବୀ ଚତୁଷ୍ଟୟଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କରାଯାଇ ସମନ୍ୱିତ ପୂଜା ଅନୁଷ୍ଠିତ ହେବା ବିଧି ସର୍ବତ୍ର ପ୍ରଚଳିତ ।

ମାତୃଶକ୍ତି ନିକଟରେ ସମସ୍ତଙ୍କର ସମାନ ଅଧିକାର । ମାତୃପୂଜାର ଏହି ଆଦର୍ଶ ଏହି ସାର୍ବଜନୀନତା ଶ୍ରୀଦୁର୍ଗା ସ୍ତବରେ ପରିସ୍ଫୁଟ । ଯଥା—

"ରାଜନ୍ୟାନାଂ ବ୍ରାହ୍ମଣାନାଂ ତଥାଞ୍ଚ
ଶୁଦ୍ରାଣାଂ ବା ସର୍ବାଙ୍ଗନାମ
ମ୍ଳେଚ୍ଛାନାଂ ବା ଭକ୍ତିର୍ଯୋ ବିଶେଷୈଃ
କର୍ମଣ୍ୟସ୍ମିନ ନିର୍ବିବାଦୋଽଧିକାରଃ ।"

ବ୍ରାହ୍ମଣମାନେ ଏହି ପୂଜାକୁ ଏକ ପବିତ୍ର ଯଜ୍ଞ ରୂପେ, କ୍ଷତ୍ରିୟମାନେ ପ୍ରଜାଙ୍କର ପ୍ରାଣରକ୍ଷା ନିମନ୍ତେ, ବୈଶ୍ୟମାନେ ଗୋ-ସମ୍ପଦ ତଥା ବାଣିଜ୍ୟ ବ୍ୟବସାୟରେ ଉନ୍ନତି ନିମନ୍ତେ, ଶୁଦ୍ରମାନେ ପୁତ୍ର ଓ ସୁଖ ପାଇଁ, ସ୍ତ୍ରୀ ଲୋକମାନେ ସଧବାବସ୍ଥାରେ ଦୀର୍ଘ-ଜୀବନ ଯାପନ ପାଇଁ ଏହି ପୂଜା କରିଥାନ୍ତି । ପୁନଶ୍ଚ ହରିବଂଶରେ ଦେବୀପୂଜାରେ ଅନାର୍ଯ୍ୟମାନଙ୍କର ଅଧିକାର ସାବ୍ୟସ୍ତ ହୋଇ ବର୍ଣ୍ଣିତ ଅଛି——

"ଶବରୈଃ ବର୍ବରୈଶ୍ଚୈବଃ ପୁଲିନ୍ଦୈଶ୍ଚ ସୁପୂଜିତା
ମୟୁର ପିଚ୍ଛ ଧ୍ୱଜିନ୍ୟା ଲୋକାନ କ୍ରମସି ସର୍ବଶଃ ।"

ଉପର୍ଯ୍ୟୁକ୍ତ ଉଦ୍ଧୃତିରୁ ମାତୃପୂଜାରେ ଜାତି, ଧର୍ମ, ସମ୍ପ୍ରଦାୟ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କର ଅଧିକାର ଥିବାରୁ ଏହାକୁ ସାର୍ବଜନୀନ ପୂଜା କୁହାଯାଇଥାଏ ।

ଦେବୀ ଦୁର୍ଗା ପୃଥିବୀର ଆଦ୍ୟାଶକ୍ତି । ସେ ଏକାଧାରାରେ ବିଶ୍ୱପ୍ରସବିନୀ, ବିଶ୍ୱ ପାଳୟିତ୍ରୀ ଓ ବିଶ୍ୱସଂହାରିଣୀ । ହିନ୍ଦୁ ଦର୍ଶନରେ ତାଙ୍କୁ କେତେବେଳେ ବିଶ୍ୱଜନୟିତ୍ରୀ କଲ୍ୟାଣୀ ଭୁବନେଶ୍ୱରୀ ରୂପରେ, କେତେବେଳେ ସମ୍ପଦର ଅଧିଷ୍ଠାତ୍ରୀ ମହାଲକ୍ଷ୍ମୀ ତଥା କେତେବେଳେ ଜ୍ଞାନ ପ୍ରଦାୟିନୀ ସରସ୍ୱତୀ ରୂପେ ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ଉପାସନା କରାଯାଇଥାଏ ।

ନୂଆଗାଁ, ଭୁବନେଶ୍ୱର—୨







ରାୟଗଡଠାରେ ନଡ଼ିଆ ଚାରା ବଣ୍ଟନ

# ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ

୧ । କ୍ଷୁଦ୍ରଶିଳ୍ପକୁ କଞ୍ଚାମାଲ୍ ଯୋଗାଇ ଦିଏ

୨ । କ୍ଷୁଦ୍ରଶିଳ୍ପଜାତ ଦ୍ରବ୍ୟର ଦେଶ ବିଦେଶରେ ବଜାର ସୃଷ୍ଟି କରେ

୩ । କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସଂପର୍କରେ ପରାମର୍ଶ ଦିଏ

୪ । କେତେକ ନୂତନ ଧରଣର କ୍ଷୁଦ୍ରଶିଳ୍ପର ପୁଞ୍ଜି ସୃଷ୍ଟି କରେ

ଏହି ସଂସ୍ଥା କ୍ଷୁଦ୍ରଶିଳ୍ପ ସ୍ଥାପନ ନିମନ୍ତେ ବୈଷୟିକ ପରାମର୍ଶଦାତାମାନଙ୍କ ଦ୍ୱାରା ୫୦୦ କ୍ଷୁଦ୍ରଶିଳ୍ପ ପାଇଁ "ପ୍ରୋଜେକ୍ଟ ପ୍ରୋଫାଇଲ୍" ବିକ୍ରୀ କରୁଛି । ଉତ୍ସୁକ କ୍ଷୁଦ୍ର-ଶିଳ୍ପୋଦ୍ୟୋଗୀ ପ୍ରତ୍ୟେକ ପ୍ରୋଫାଇଲ୍ ଟ ୫-୦୦ (ପାଞ୍ଚଟଙ୍କା) ମୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଥିବା ଆମ୍ଭ ମୁଖ୍ୟ କାର୍ଯ୍ୟାଳୟ, ଯେ କୌଣସି ଜିଲ୍ଲା ଶିଳ୍ପକେନ୍ଦ୍ର ଓ ଭୁବନେଶ୍ୱର ଇପିକଲ୍ ହାଉସରେ ଥିବା ଆମ୍ଭ ଶାଖା ଅଫିସରୁ କିଣି ପାରିବେ ।

କ୍ଷୁଦ୍ରଶିଳ୍ପୋଦ୍ୟୋଗୀମାନଙ୍କ ସେବାରେ ନିଜକୁ ନିୟୋଜିତ କରୁଛି

## ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ

ବାରବାଟୀ ଷ୍ଟାଡ଼ିୟମ୍, କଟକ-୭୫୩୦୦୫

ଶ୍ରୀ ଅଜିତ୍ କୁମାର ତ୍ରିପାଠୀ, ଆଇ. ଏ. ଏସ.
ପରିଚାଳନା ନିର୍ଦ୍ଦେଶକ

# ଓଡ଼ିଶାରେ ନାରୀ ଶିକ୍ଷା

ଶ୍ରୀ ନୃସିଂହ ପ୍ରସାଦ ଦେବ

ବିଶ୍ୱରେ ବୈଦିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଯୁଗେ ଯୁଗେ ଶିକ୍ଷାର ମହତ୍ତ୍ୱ ପ୍ରତିପାଦିତ ହୋଇ ଆସିଛି । ଶିକ୍ଷା ଲାଭ କରି ନଥିବା ମନୁଷ୍ୟ ଚକ୍ଷୁ ଥାଇ ଅନ୍ଧ ସଙ୍ଗେ ସମାନ । ଶିକ୍ଷା ମନୁଷ୍ୟକୁ ଜ୍ଞାନାଲୋକ ପ୍ରଦାନ କରିଥାଏ । ଶିକ୍ଷାହୀନ ମାନବ ପଶୁତୁଲ୍ୟ ଆଜୀବନ ଅଜ୍ଞାନ ଅନ୍ଧକାରରେ କାଳାତିପାତ କରେ । ତେଣୁ, ଶିକ୍ଷାର ମହତ୍ତ୍ୱ ଉପଲବ୍ଧି କରି ପୂର୍ବକାଳରେ ଗୁରୁକୁଳ ଆଶ୍ରମରେ ରହି ଶିଷ୍ୟମାନେ ଶିକ୍ଷା ଲାଭ କରୁଥିଲେ ।

ଶିଶୁଟି ପରିବାରରେ ଭୂମିଷ୍ଠ ହେବା ପରଠାରୁ ତା'ର ଲାଳନପାଳନର ଦାୟିତ୍ୱ ମୁଖ୍ୟତଃ ଜନ୍ମଦାତ୍ରୀ ଉପରେ ନ୍ୟସ୍ତଥାଏ । ଶିଶୁଟି ଟିକିଏ ବଡ଼ ହୋଇଗଲେ ପ୍ରଥମେ ପରିବାରରୁ ତା'ର ଶିକ୍ଷା ଆରମ୍ଭ ହୁଏ ଏବଂ ନିଜେ ମା' ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ପରିବାର ରୂପକ ବିଦ୍ୟାଳୟରେ ଜନ୍ମଦାତ୍ରୀ ମାତା ଶିକ୍ଷୟିତ୍ରୀ ରୂପେ ଶିଶୁକୁ ଶିକ୍ଷା ଦିଅନ୍ତି । ମା'ଙ୍କର ପ୍ରଭାବ ଶିଶୁ ଉପରେ ସବୁଠାରୁ ବେଶୀ ପଡ଼ିଥାଏ । ସେଥିପାଇଁ ଭକ୍ତ ପ୍ରହ୍ଲାଦ, ଭକ୍ତ ଧ୍ରୁବ, ଭକ୍ତ ସାଲବେଗ ଓ ଧର୍ମପଦ ପ୍ରଭୃତି ଅନେକ ଚରିତ୍ର ଅଦ୍ୟାବଧି ଜନମାନସରେ ଜୀବନ୍ତ ହୋଇ ରହିଛନ୍ତି । ତେଣୁ, ସମାଜରେ ନାରୀ ଶିକ୍ଷାର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଜଣେ ନାରୀ ଶିକ୍ଷିତା ହେଲେ ଗୋଟିଏ ପରିବାର ଶିକ୍ଷିତ ହୋଇଥାଏ ।

ଆମର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ପାଇଁ ସମାଜରେ ନାରୀ ଶିକ୍ଷାର ପ୍ରସାର ଘଟାଇବା ବିଶେଷ ପ୍ରୟୋଜନ ବୋଲି ଉପଲବ୍ଧି କରି ଚିନ୍ତାଶୀଳ ଜନନାୟକଗଣ ସ୍ୱାଧୀନୋତ୍ତର କାଳରୁ ଏ ଦିଗରେ ବିଭିନ୍ନ ଯୋଜନାମାନ ପ୍ରଣୟନ କରି ଆସିଛନ୍ତି । ସ୍ୱାଧୀନତାର ପ୍ରାକ୍‌କାଳରେ ଆମ ସମାଜରେ ନାରୀ ଶିକ୍ଷାର ପ୍ରସାର ଦିଗରେ କୌଣସି ଆଶାନୁରୂପ ପଦକ୍ଷେପ ନିଆଯାଇନଥିଲା । ଦେଶ ସ୍ୱାଧୀନତା ଲାଭ କରିବା ସମୟରେ ମହିଳା ଲୋକସଂଖ୍ୟାର ଶତକଡ଼ା ୧ ଭାଗ ମହିଳା ସ୍କୁଲ ଓ କଲେଜରେ ବିଦ୍ୟାଶିକ୍ଷା କରୁଥିଲେ ବୋଲି ହିସାବରୁ ଜଣାଯାଇଛି । ପ୍ରାଥମିକ ଶିକ୍ଷା ପ୍ରତି ବାଳିକାମାନଙ୍କୁ ଅଧିକ ଆକୃଷ୍ଟ କରିବାଲାଗି ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ କେତେକ ପ୍ରୋତ୍ସାହନକାରୀ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରେ ଉପସ୍ଥାନ ଛାତ୍ରବୃତ୍ତି, ଶିକ୍ଷୟିତ୍ରୀଙ୍କ ପାଇଁ ସରକାରୀ ବାସଗୃହ ଓ ଛାତ୍ରୀ ସଂଖ୍ୟା ବୃଦ୍ଧି ଅଭିଯାନ ଅନ୍ୟତମ । କିନ୍ତୁ ଏ ସମସ୍ତ ଉଦ୍ୟମ ସତ୍ତ୍ୱେ ଏ ଯୋଜନା ଏହି ଯୋଜନା କାଳରେ ମାତ୍ର ଶତକଡ଼ା ୪୭.୯ ବାଳିକା ସ୍କୁଲରେ ନାମ ଲେଖାଇଥିଲେ । ନାରୀଶିକ୍ଷାର ପ୍ରସାର ତଥା ବିକାଶ ଘଟାଇବା ସକାଶେ ବର୍ତ୍ତମାନର ସରକାର ବିଗତ ସ୍ୱଳ୍ପବର୍ଷ ମଧ୍ୟରେ ୧,୧୦୦ଟି ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ସଙ୍ଗେ ସଙ୍ଗେ ୧,୦୫୦ଟି ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରିଛନ୍ତି । ବିଶେଷ କରି, ଏ ସରକାରଙ୍କର ଲକ୍ଷ୍ୟ ହେଲା ୧୯୯୦ ମସିହା ସୁଦ୍ଧା ରାଜ୍ୟରେ ସାର୍ବଜନୀନ ଶିକ୍ଷାର ପ୍ରବର୍ତ୍ତନ କରିବା । ଏଥିରେ ବାଳିକାମାନେ ଯେପରି ବହୁସଂଖ୍ୟାରେ ଶିକ୍ଷାଲାଭ କରିବେ, ସେଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି । ସଂପ୍ରତି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୭୪ ଭାଗରୁ ଊର୍ଦ୍ଧ୍ୱ ସଂଖ୍ୟକ ବାଳିକା ଶିକ୍ଷାଲାଭ କରୁଥିବା ସଙ୍ଗେ ସଙ୍ଗେ ଶତକଡ଼ା ୨୫ ଭାଗରୁ ଊର୍ଦ୍ଧ୍ୱ ୧୧ରୁ ୧୪ ବର୍ଷର ବାଳିକାମାନେ ଅନ୍ୟାନ୍ୟ ସ୍କୁଲରେ ବିଦ୍ୟାଧ୍ୟୟନ କରୁଛନ୍ତି ।

ବାଳିକାମାନେ ବହୁସଂଖ୍ୟାରେ ଯେପରି ମାଧ୍ୟମିକ ଶିକ୍ଷା ଓ ହାଇସ୍କୁଲ ଶିକ୍ଷା ଲାଭ କରିପାରିବେ, ସେ ଦିଗରେ ଅବିରତ ଉଦ୍ୟମ ହୋଇ ଆସୁଛି । ମାଧ୍ୟମିକ ଓ ହାଇସ୍କୁଲରେ ଛାତ୍ରୀମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି । ବାଳିକାମାନଙ୍କ ପାଇଁ ବହୁସଂଖ୍ୟକ ମଧ୍ୟ ଇଂରାଜୀ ସ୍କୁଲ ଓ ହାଇସ୍କୁଲମାନ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ବିନା ଦରମାରେ ସ୍କୁଲ ଶିକ୍ଷାର ପ୍ରଚଳନ କରାଯାଇଛି । ପୂର୍ବରୁ ବହୁ ସଂଖ୍ୟକ ବାଳିକା ହାଇସ୍କୁଲ ଶିକ୍ଷା ଶେଷ କରିବା ପୂର୍ବରୁ ସ୍କୁଲ ଛାଡ଼ି ଚାଲି ଯାଉଥିଲେ । ତେଣୁ ବାଳିକାମାନଙ୍କ ଶିକ୍ଷାଲାଭ କରିବା କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ଥିଲା, ତାହାର ସବିଶେଷ ଅନୁଧ୍ୟାନ ତଥା ପରୀକ୍ଷା ନିରୀକ୍ଷା କରିବା ପାଇଁ ଜାତୀୟ ମହିଳା ଶିକ୍ଷା କମିଟି, ଜାତୀୟ ମହିଳା ଶିକ୍ଷା ପରିଷଦ ପ୍ରଭୃତି କମିଟିମାନ ଗଠନ କରାଯାଇଥିଲା । ଏହି କମିଟିଗୁଡ଼ିକର ରିପୋର୍ଟକୁ ଭିତ୍ତିକରି ରାଜ୍ୟରେ ବାଳିକାମାନଙ୍କ ଶିକ୍ଷାର ପ୍ରସାର ତଥା ବିକାଶ ଦିଗରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବା ସଙ୍ଗେ ସଙ୍ଗେ ବାଳିକା ହାଇସ୍କୁଲମାନ ପ୍ରତିଷ୍ଠା କରାଯାଇଛି । କୋଠାରୀ କମିଶନଙ୍କ ସୁପାରିଶ ଅନୁଯାୟୀ ବାଳିକାମାନେ ହାଇସ୍କୁଲ ଶିକ୍ଷାଲାଭ କରିବା ପାଇଁ ଦରମାଛାଡ଼ ମଧ୍ୟ କରାଯାଇଛି । କେନ୍ଦ୍ର ସରକାର ବାଳିକାମାନଙ୍କ ଶିକ୍ଷାର ପ୍ରସାର ଲାଗି ଓଡ଼ିଶାକୁ ପ୍ରଚୁର ଆର୍ଥିକ ସାହାଯ୍ୟ ଯୋଗାଇ ଆସୁଛନ୍ତି ।

ଭାରତ ସ୍ୱାଧୀନତା ଲାଭ କଲାବେଳକୁ ଓଡ଼ିଶାରେ ମହିଳାମାନଙ୍କ ଉଚ୍ଚଶିକ୍ଷା ପାଇଁ ମାତ୍ର ଗୋଟିଏ ମହାବିଦ୍ୟାଳୟ ଥିଲା । ୧୯୬୦ ମସିହାରେ ଏଦିଗରେ ବିଶେଷ ଜୋର ଦିଆଗଲା ଏବଂ ମହିଳାମାନଙ୍କପାଇଁ ଆଉ ୪ଟି ନୂତନ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ଏହାପରେ ୧୯୬୪ ମସିହାରେ ଆଉ ୩ଟି ମହିଳା ମହାବିଦ୍ୟାଳୟ ଓଡ଼ିଶାରେ ପ୍ରତିଷ୍ଠା କରାଗଲା । ମହିଳାମାନେ ଯେପରି ବହୁ ସଂଖ୍ୟାରେ ଉଚ୍ଚଶିକ୍ଷା ଲାଭକରିବେ, ସେଥିପାଇଁ ଚତୁର୍ଥ ଯୋଜନାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କଲେଜରେ ଛାତ୍ରୀମାନେ ଅଧା ଦରମା ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲା । ଏହାର ପରବର୍ତ୍ତୀ ଯୋଜନାକାଳରେ, ଅଭିଭାବକମାନେ ଝିଅମାନଙ୍କର ଉଚ୍ଚଶିକ୍ଷା ଲାଭପାଇଁ ଯେପରି ଅଧିକ ମନବଳାଇବେ, ସେ ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ସଚେତନ କରାଇବାପାଇଁ ବଳିଷ୍ଠ ପଦକ୍ଷେପମାନ ନିଆଗଲା ଏବଂ ଅନେକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ରାଜ୍ୟର ମନୋନୀତ ସ୍ଥାନଗୁଡ଼ିକରେ ବିଶେଷକରି ଅନଗ୍ରସର ଅଞ୍ଚଳଗୁଡ଼ିକରେ ମହିଳା ମହାବିଦ୍ୟାଳୟମାନ ପ୍ରତିଷ୍ଠା କରିବାପାଇଁ ଷଷ୍ଠ ଯୋଜନାକାଳରେ ନୀତି ନିର୍ଦ୍ଧାରଣ କରାଯାଇଥିଲା ।

ସ୍ୱାଧୀନୋତ୍ତରକାଳରୁ ବିଗତ ଛ'ଟି ପଞ୍ଚବାର୍ଷିକ ଯୋଜନା ଜରିଆରେ ଓଡ଼ିଶାରେ ନାରୀ ଶିକ୍ଷାର ବିକାଶପାଇଁ ଯେଉଁ ଉଦ୍ୟମ ହୋଇଆସୁଛି, ତହିଁରୁ ଅନେକ ସୁଫଳ ମିଳିଛି । ସ୍କୁଲ, କଲେଜ ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଛାତ୍ରୀମାନଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି । କିନ୍ତୁ ପ୍ରକୃତ ପକ୍ଷେ ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନଙ୍କ ସଂଖ୍ୟା ବୃଦ୍ଧି ପାଇନାହିଁ । ତେଣୁ, ବର୍ତ୍ତମାନର ସରକାର ନାରୀଶିକ୍ଷାର ପ୍ରସାର ଦିଗରେ ଅଧିକ ଧ୍ୟାନ ଦେଇଛନ୍ତି । ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ଯେ, ଶିକ୍ଷାର ପ୍ରତ୍ୟେକ ସ୍ତରରେ ଅର୍ଥାତ୍ ପ୍ରାଥମିକ, ମାଧ୍ୟମିକ, ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାସ୍ତରରେ ନାରୀଶିକ୍ଷାର ବିକାଶ ସାଧନପାଇଁ ସମସ୍ତପ୍ରକାର ସୁବିଧା ସୁଯୋଗ ଦିଆଯାଉଛି । ସୁଖର କଥା, ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ନାରୀ ଶିକ୍ଷାର ପ୍ରସାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଆମ ସମାଜରେ ପିତାମାତାମାନଙ୍କର ମନରେ ଗୋଟିଏ କୁସଂସ୍କାର ବସାବାନ୍ଧି ରହିଛି । ସେମାନେ କହନ୍ତି ଝିଅକୁ ବେଶୀ ପାଠପଢ଼ାଇବା କଣ ଦରକାର । ଝିଅ ଜନମ ପରଘରକୁ-ଚୁଲିମୁଣ୍ଡକୁ । ଯେତେ ପାଠପଢ଼ିଲେ ଝିଅ ଭାତ ରାନ୍ଧିବ । ଯଦି ବେଶୀ ପାଠ ପଢ଼ି ଚାକିରୀକଲା, ତେବେ ତା'ର ଶାଶୁଘର ଲୋକେ ସେଥିରେ ଉପକୃତ ହେବେ । ଆମର ଲାଭ କିଛିନାହିଁ । କିନ୍ତୁ ଏପରି ଧାରଣା ପିତାମାତାଙ୍କ ମନରେ ରହିଲେ ନାରୀଶିକ୍ଷାର ବିକାଶ ପରିବର୍ତ୍ତେ ଆମେ ବହୁତ ପଛେଇଯିବା । ତେଣୁ ପ୍ରତ୍ୟେକ ପିତାମାତା ଝିଅକୁ ପାଠ ପଢ଼ାଇବା କ୍ଷେତ୍ରରେ ଲାଭକ୍ଷତିର ହିସାବ ନକରି ସମାଜର ଲାଭକ୍ଷତିର ହିସାବ ଦୃଷ୍ଟିରେ ରଖିଲେ ନାରୀ ଶିକ୍ଷାର ପ୍ରଗତି ଅଚିରେ ସାଧିତହେବା ସଙ୍ଗେ ସଙ୍ଗେ ଆମ ରାଜ୍ୟ ନାରୀ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟସହ ସମକକ୍ଷ ହୋଇପାରିବ ।

କ୍ୱାର୍ଟର ନଂ ୨୧,
ଟାଇପ୍–ଇ, ୟୁନିଟ୍–୮
ଭୁବନେଶ୍ୱର



ବାରିପଦାରେ ଅନୁଷ୍ଠିତ ଦୁର୍ଗାମୂର୍ତ୍ତି

# ଦୁଇଟି ଅମର ଆତ୍ମାର ସ୍ମୃତି ତର୍ପଣ

ଶ୍ରୀ ରଘୁନାଥ ପାତ୍ର

"କର୍ମଣୈବହି ସଂସିଦ୍ଧ ମାସ୍ଥିତା ଜନକାଦୟଃ ।
ଲୋକ ସଂଗ୍ରହମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ॥
ଯଦ୍ୟଦାଚରତିଶ୍ରେଷ୍ଠ ସ୍ତତ ଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକ ସ୍ତଦନୁବର୍ତତେ ॥"

(ଶ୍ରୀମଦ୍ ଭଗବଦ୍ ଗୀତା)

ହେ କୌନ୍ତେୟ ! ଜନକାଦି ଋଷି ଓ ମହାପୁରୁଷଗଣ ବହୁ ଶୁଭକର୍ମ କରି ସିଦ୍ଧିଲାଭ କରିଛନ୍ତି । ତୁମେ ସେହି ପଥରେ ଗତି କଲେ ଅନ୍ୟମାନେ ତୁମର ଅନୁଗମନ କରିବେ । ମହାପୁରୁଷମାନଙ୍କର ଆଦର୍ଶ ଜୀବନ ମାନବ ସମାଜର ଏକାନ୍ତ ଅବଲମ୍ବନୀୟ ।

ଦକ୍ଷିଣ ଆଫ୍ରିକା । ଯାତ୍ରୀ ଟ୍ରେନ୍‌ଟି ଡରବାନ୍‌ରୁ ପ୍ରିଟୋରିଆ ଅଭିମୁଖେ ଛୁଟି ଚାଲିଥାଏ । ପାଶ୍ଚାତ୍ୟ ବେଶ ପରିପାଟୀରେ ସୁସଜ୍ଜିତ ଯୁବକଟି ପ୍ରଥମ ଶ୍ରେଣୀର ଯାତ୍ରୀ । ସେତେବେଳେ କେବଳ ଗୋରା ସାହେବମାନେ ପ୍ରଥମ ଶ୍ରେଣୀରେ ଯାତ୍ରା କରୁଥିଲେ । କୃଷ୍ଣକାୟ ଭାରତୀୟ ଓ ନିଗ୍ରୋମାନଙ୍କ ଉପରେ ବିଶେଷ କଟକଣା ଥିଲା । ଟ୍ରେନ୍‌ର ଗାର୍ଡ ତାଙ୍କୁ ପ୍ରଥମ ଶ୍ରେଣୀରେ ଯିବାପାଇଁ ବାରଣ କରିବାରୁ ଯୁବକ ପ୍ରତିବାଦ କଲେ । କିନ୍ତୁ ସମସ୍ତ ନିଷ୍ଫଳ । ପରିଶେଷରେ ଯୁବକଙ୍କୁ ପ୍ରିଟୋରିଆ ଷ୍ଟେସନ୍‌ରେ ଧକ୍କାମାରି ରେଳଡବାରୁ ବାହାର କରି ଦିଆଗଲା ।



ଶୀତ ରାତି । ସେ ଭୀଷଣଭାବେ ଆଘାତପ୍ରାପ୍ତ ହୋଇ ଷ୍ଟେସନ୍‌ରେ ଛିଡ଼ା ହେଲେ । ଗୋରା ଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟଙ୍ଗ ବିଦ୍ରୁପ କଲେ । କଳା ଯାତ୍ରୀମାନଙ୍କ ମଧ୍ୟରେ କେତେକ ଭାରତୀୟ ଓ କୃଷ୍ଣକାୟ ନିଗ୍ରୋ ଥିଲେ । ତାଙ୍କର ଏପରି ଦୟନୀୟ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ଛଡ଼ା ସେତେବେଳର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାହସ ସେମାନଙ୍କର ନଥିଲା । ଉକ୍ତ ଅମାନୁଷିକ ଅନୁଭୂତି ତାଙ୍କ ମଧ୍ୟରେ ଏକ ଅଭୂତପୂର୍ବ ପ୍ରାଣ ଚାଞ୍ଚଲ୍ୟ ସୃଷ୍ଟିକରି ଭବିଷ୍ୟତ ଜୀବନର ଗତିପଥ ସଂପୂର୍ଣ୍ଣଭାବେ ବଦଳାଇ ଦେଲା । ଏହି ଆଇନ୍‌ଜୀବୀ ଯୁବକ ହେଉଛନ୍ତି ବିଶ୍ୱବନ୍ଦିତ ମହାତ୍ମା ମୋହନଦାସ କରମଚାନ୍ଦ ଗାନ୍ଧୀ । ସେ ଅନୁଭବ କଲେ, ପରାଧୀନତାହିଁ ସମସ୍ତ ଦୁଃଖ ଓ ସ୍ୱାତନ୍ତ୍ର୍ୟ ବା ଆତ୍ମବଶହିଁ ସମସ୍ତ ସୁଖର ଆକର ।

"ସର୍ବଂ ପରବଶଂ ଦୁଃଖଂ ସର୍ବଂ ଆତ୍ମବଶ ସୁଖମ୍ ।
ଏତଦ୍ ବିଦ୍ୟାତ୍ ସମାସେନ ଲକ୍ଷଣଂ ସୁଖ-ଦୁଃଖୟୋଃ ॥"

(ମନୁଶାସନମ୍)

ଐଶ୍ୱର୍ଯ୍ୟମୟୀ ଯୁକ୍ତରାଷ୍ଟ୍ର ନଗରୀ । ଶ୍ୱେତାଙ୍ଗ ବାଳକମାନଙ୍କ ସହିତ କୃଷ୍ଣକାୟ ନିଗ୍ରୋ ବାଳକଟିର ଦିନଗୁଡ଼ିକ କ୍ରୀଡ଼ା କୌତୁକରେ କଟି ଯାଉଥାଏ । କ୍ରମେ ସେମାନେ ଷଷ୍ଠ ବର୍ଷରେ ପଦାର୍ପଣ କଲେ । ସାହେବ ବାଳକ ଦୁଇଟିଙ୍କୁ ନିକଟସ୍ଥ ସ୍କୁଲରେ ନାମ ଲେଖାଇବାକୁ ପଡ଼ିଲା । ସେମାନେ ଆଉ ନିଗ୍ରୋ ବାଳକ ସହିତ ଖେଳିବା ପାଇଁ ଆସିଲେ ନାହିଁ । ବହୁ ଦିନ ଧରି ସାଥିମାନଙ୍କୁ ନଦେଖି ନିଗ୍ରୋ ବାଳକଟି ଛଟପଟ

ହେଉଥାଏ । ପରିଶେଷରେ ସେମାନଙ୍କ ଘରକୁ ଯାଇ ପଚାରିଲା "ଭାଇ ତୁମର କଣ ଆଉ ଦେଖା ନାହିଁ ? ଏଠି ନଥିଲ କି ?" ସାହେବ ବାଳକ ଦୁଇଟି କହିଲେ "ଆମେ ଆଉ ତୋ ସଙ୍ଗରେ ଖେଳିବୁନି । ତୁ କଳା, ଆମେ ଗୋରା । ଆମକୁ ମନା କରାଯାଇଛି ।" ବନ୍ଧୁମାନଙ୍କ କଥା ନିଗ୍ରୋ ବାଳକଟିର ମନରେ ଅସୀମ ଆଘାତ ଦେଲା । ସେ ମୁହଁ ଶୁଖାଇ ଅଶ୍ରୁସିକ୍ତ ନୟନରେ ପ୍ରତ୍ୟାବର୍ତ୍ତନ କଲା । କିନ୍ତୁ ଏତାଦୃଶ ଅନୁଭୂତିରେ ନିଗ୍ରୋ ବାଳକଟିର ଜୀବନର ମୋଡ଼ ସଂପୂର୍ଣ୍ଣ ଭାବେ ବଦଳିଗଲା । ପରବର୍ତ୍ତୀ କାଳରେ ସେ ବିଶ୍ୱବନ୍ଦିତ ନିଗ୍ରୋ ଲିଡର ଡକ୍ଟର ମାର୍ଟିନ ଲୁଥର କିଙ୍ଗ୍ (Dr. Martin Luther King) ନାମରେ ପ୍ରସିଦ୍ଧ ଲାଭ କଲେ ।



ହେଓ୍ୱାର୍ଡ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ଡକ୍ଟର ମରଦେକାଇ ଜନ୍‌ସନ୍ ଏକ ରବିବାସରୀୟ ମଧ୍ୟାହ୍ନ ସଭାରେ ମୁଖ୍ୟବକ୍ତା ଆଥାନ୍ତି । ସମଗ୍ର ଶ୍ରୋତୃମଣ୍ଡଳୀ ତାଙ୍କଠାରୁ ମହାତ୍ମାଗାନ୍ଧୀଙ୍କର ଅମୀୟ ଜୀବନ ଚରିତ ଓ ଉପଦେଶାବଳୀ ଶ୍ରବଣ କରି ବିସ୍ମୟାଭିଭୂତ ହେଲେ । ମାର୍ଟିନ୍ ଲୁଥର ସେମାନଙ୍କ ମଧ୍ୟରେ ଜଣେକ ଶ୍ରୋତା ଥିଲେ । ସେ ପାଗଳ ପରି ସଭାଗୃହରୁ ଆସି ମହାତ୍ମାଗାନ୍ଧୀଙ୍କ ଜୀବନ ଚରିତ ଓ ରଚନାବଳୀ ସମ୍ବନ୍ଧୀୟ ପାଞ୍ଚ, ସାତଟି ପୁସ୍ତକ କିଣିଲେ । ଗାନ୍ଧୀଜୀଙ୍କ ଲବଣ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ପାଠ କରି ଉଲ୍ଲସିତ ହେଲେ । ସେ କହିଥିଲେ "ଯୀଶୁଙ୍କର ଉପଦେଶାବଳୀର ପ୍ରୟୋଗ କେବଳ ବ୍ୟକ୍ତିବିଶେଷ ମଧ୍ୟରେ ସମ୍ଭବ ବୋଲି ପୂର୍ବରୁ ମୋର ବଦ୍ଧ ଧାରଣା ଥିଲା କିନ୍ତୁ ଗାନ୍ଧୀଜୀ ହେଉଛନ୍ତି ପୃଥିବୀର ଏକମାତ୍ର ମହାମାନବ ଯେ କି ଯୀଶୁଙ୍କ ପ୍ରୀତିମୈତ୍ରୀ ବାଣୀକୁ ଏକ ବିଶାଳ ସାମାଜିକ ଶକ୍ତି ରୂପେ ବ୍ୟବହାର କରି କୃତକାର୍ଯ୍ୟ ହୋଇ ପାରିଛନ୍ତି । ମୁଁ ବେନ୍ଥମ୍, ମିଲ୍, ମାର୍କ୍ସ, ଲେନିନ୍ ଓ ରୁସୋଙ୍କ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଛି ସତ କିନ୍ତୁ ଏ ସମସ୍ତଙ୍କଠାରୁ ଗାନ୍ଧୀଜୀଙ୍କର ଅହିଂସା ଆନ୍ଦୋଳନ ବା ସତ୍ୟାଗ୍ରହ ଅଧିକ ପ୍ରଶଂସାର୍ହ ଓ ଫଳପ୍ରଦ ।

"From my back ground, I gained my regulating Christian ideals, From Gandhi, I learned my operational technique."—Martin Luther King.

ଡକ୍ଟର କିଙ୍ଗ୍ ମହାତ୍ମାଗାନ୍ଧୀଙ୍କ ଉପଦେଶାବଳୀକୁ ଜୀବନର ଆଦର୍ଶରୂପେ ଗ୍ରହଣ କରିଥିଲେ । ଗାନ୍ଧୀଜୀଙ୍କ ପରି ନିଜ ଜୀବନକୁ ସମାଜର ଦଳିତ ଓ ନିଷ୍ପେଷିତଙ୍କ ପାଇଁ ଉତ୍ସର୍ଗ କରିଥିଲେ । ଭଗବାନ ବୁଦ୍ଧ କହିଛନ୍ତି "ଜିହ୍ୱା ଯେପରି ଝୋଳର ସ୍ୱାଦ ଶୀଘ୍ର ସଂଗ୍ରହ କରିପାରେ, ବୁଦ୍ଧିମାନ ବ୍ୟକ୍ତି ଜ୍ଞାନୀ ସଂସର୍ଗରେ ଆସି ମୁହୂର୍ତ୍ତକ ମଧ୍ୟରେ ଜ୍ଞାନ ଲାଭ କରେ । କୂପ ଖନନକାରୀ ଅକ୍ଳେଶରେ ଜଳର ସ୍ତର ଜାଣିପାରେ । କାଷ୍ଠକୁ ବକ୍ର କରିବାର ପ୍ରଣାଳୀ ବର୍ଦ୍ଧକୀମାନଙ୍କୁ ଜଣା । ବିଜ୍ଞ ବ୍ୟକ୍ତିଗଣ ସ୍ୱୀୟ କ୍ରମବିକାଶ ସମ୍ବନ୍ଧରେ ସର୍ବଦା ସଚେତନ ।"

୧୯୪୮ ମସିହାରେ ଡକ୍ଟର କିଙ୍ଗ୍ ପିତାଙ୍କ ବାପ୍ଟିଷ୍ଟ ଚର୍ଚ୍ଚରେ ଆସିଷ୍ଟାଣ୍ଟ ପାଷ୍ଟର (ଧର୍ମ ଯାଜକ) ରୂପେ ନିଯୁକ୍ତ ହୋଇଥିଲେ । ଗୋରାକଳା ନିର୍ବିଶେଷରେ ଦୀନଦଳିତଙ୍କ ଦୁଃଖ ଦୁର୍ଦ୍ଦଶାର ଲାଘବ ପାଇଁ ସଦର୍ଣ୍ଣ କ୍ରୀଶ୍ଚିୟାନ୍ ଲିଡ଼ରସିପ୍ କନ୍‌ଫେରନ୍‌ସ (Southern Christian Leadership Conference) ସ୍ଥାପନ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ ।

୧୯୫୬ ମସିହାରେ ନିଗ୍ରୋମାନଙ୍କ ପ୍ରତି ବସ୍ ଯାତ୍ରା-କାଳୀନ ଅନ୍ୟାୟମୂଳକ କଟକଣାର ପ୍ରତିବାଦ ସ୍ୱରୂପ ମଣ୍ଟଗୋମେରୀରେ ଦୀର୍ଘ ୩୮୨ ଦିନ ବ୍ୟାପୀ' ନିଗ୍ରୋ ବୟକଟ୍' ବା ନିଗ୍ରୋ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପରିଶେଷରେ ଯୁକ୍ତରାଷ୍ଟ୍ର ସୁପ୍ରୀମକୋର୍ଟ ଡକ୍ଟର କିଙ୍ଗଙ୍କ ଦାବୀକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ।

୧୯୫୯ ମସିହାରେ କିଙ୍ଗ୍ ଦଂପତି ଏକମାସ ଗସ୍ତରେ ଭାରତକୁ ଆସିଥିଲେ । ଉଭୟ ରାଜଘାଟସ୍ଥିତ ଗାନ୍ଧୀଙ୍କ ସମାଧିମଣ୍ଡପରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ସେ କହିଥିଲେ "ମୁଁ ଅନ୍ୟଦେଶକୁ ଜଣେ ଭ୍ରମଣକାରୀ ରୂପେ ଯାଇପାରେ କିନ୍ତୁ ଭାରତକୁ ଜଣେ ତୀର୍ଥଯାତ୍ରୀ ରୂପେ ଆସିଛି ।

୧୯୬୦ ମସିହାରେ ନିଗ୍ରୋ ଛାତ୍ରଛାତ୍ରୀଗଣ ଡକ୍ଟର କିଙ୍ଗ୍‌ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଏକ ସ୍ୱତନ୍ତ୍ର ଲଞ୍ଚ୍ କାଉଣ୍ଟର (Lunch—Counter) ଉନ୍ମୋଚନ ପାଇଁ ଆନ୍ଦୋଳନ ଚଳାଇଥିଲେ । ଶତାଧିକ ଛାତ୍ରଛାତ୍ରୀ କାରାବରଣ କଲେ ସତ କିନ୍ତୁ ପରିଶେଷରେ ସେମାନଙ୍କ ଦାବୀ ପୂରଣ ହୋଇଥିଲା ।

୧୯୬୧ ମସିହାରେ ପୃଥିବୀ ଏକ ପରମାଣୁ ସଙ୍କଟର ସମ୍ମୁଖୀନ ହେଲା । ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତେ ବ୍ୟାକୁଳ ହୋଇ ପଡ଼ିଲେ । ଏପରି ସନ୍ଧିସନ୍ଧି ସମୟରେ ସେ ସମସ୍ତ ରାଜ୍ୟ ସରକାରଙ୍କୁ ଗାନ୍ଧୀଜୀଙ୍କ ଅହିଂସାନୀତି ଅବଲମ୍ବନ କରି ନିରସ୍ତୀକରଣ କରିବାକୁ ଉପଦେଶ ଦେଇଥିଲେ ।

ବହୁ ଘାତ, ପ୍ରତିଘାତ ଓ ନିର୍ଯାତନା ସତ୍ତ୍ୱେ ସେ ତାଙ୍କର କର୍ତ୍ତବ୍ୟ ପଥରେ ଅବିଚଳିତ ଥିଲେ । ବହୁ ନିନ୍ଦାପବାଦ ଓ କାରାବରଣ କରିବାକୁ ପଡ଼ିଥିଲା । ଭଗବାନ ବୁଦ୍ଧ କହିଛନ୍ତି

"ପ୍ରବଳ ବାତ୍ୟାରେ ପର୍ବତଶ୍ରେଣୀ ଅଟଳ ଓ ଅଟଳ ରହିବାପରି ନିନ୍ଦା ବା ପ୍ରଶଂସାରେ ସତ୍ୟାନୁରାଗୀ ବ୍ୟକ୍ତି ଅବିଚଳିତ ରହେ" ।

୧୯୬୪ ମସିହାରେ ମାର୍ଟିନ୍ ଲୁଥର ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ହେଲେ । ସେ ପୁରସ୍କାର ଗ୍ରହଣ ସମୟରେ ଗାନ୍ଧୀଜୀଙ୍କ ଅହିଂସା ଆନ୍ଦୋଳନ ବା ସତ୍ୟାଗ୍ରହ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ "ମୋ ପୂର୍ବସୂରୀ ମହାତ୍ମାଗାନ୍ଧୀ ଏହି ଅହିଂସାନୀତି ପାଳନକରି ଏକ ଶକ୍ତିଶାଳୀ ବ୍ରିଟୀଶ ସରକାରଙ୍କ କବଳରୁ ଭାରତପରି ଏକ ବିଶାଳ ଉପମହାଦେଶକୁ ରକ୍ଷା କରିଛନ୍ତି । ମୁଁ ତାଙ୍କର ପଦାଙ୍କ ଅନୁସରଣ କରିଛି ମାତ୍ର ।"

"କିଂ ତେନ ହେମଗିରିଣା ରଜତାଦ୍ରିଣା ବା
ଯତ୍ରଶ୍ରିତାଶ୍ଚ ତରବସ୍ତରବସ୍ତ ଏବ ।
ମନ୍ୟାମହେ ମଳୟମେବ ଯଦାଶ୍ରୟେଣ
କଂକୋଳ ନିମ୍ବ କୁଟଜା ଅପି ଚନ୍ଦନାଃସ୍ୟୁ ॥"

(ଭର୍ତ୍ତୃହରି)

ବିଶାଳ ମେରୁ ବା କୈଳାସ ପର୍ବତାଶ୍ରିତ ବୃକ୍ଷମାନେ କେବଳ ବୃକ୍ଷ ହୋଇ ରହନ୍ତି କିନ୍ତୁ ମଳୟ ପର୍ବତାଶ୍ରିତ କଂକୋଳ, ନିମ୍ବ ଓ କୋରୁଆଦି ତିକ୍ତ ବୃକ୍ଷ ଚନ୍ଦନରେ ରୂପାନ୍ତରିତ ହୋଇ ମୂଲ୍ୟବାନ ଓ ଆକର୍ଷଣୀୟ ହୋଇଥାଆନ୍ତି । ମହତ ବ୍ୟକ୍ତିର ସଂଗ ଲାଭ ବା ଜୀବନାଦର୍ଶହିଁ ଆଶ୍ରିତ ବ୍ୟକ୍ତିକୁ ମହତ କରିଦିଏ ।

ଉଭୟ ମହାପୁରୁଷଙ୍କ ଜୀବନ ଚରିତ୍ର କେତେକାଂଶରେ ସମାନ୍ତରାଳପରି ମନେ ହୁଏ । ଉଭୟ ମଧ୍ୟବିତ୍ତ ପରିବାରରେ ଜନ୍ମ ଓ ଉଭୟ ଉଚ୍ଚଶିକ୍ଷିତ । ଉଭୟଙ୍କର ଚାରୋଟି ସନ୍ତାନ ଥିଲେ (ଗାନ୍ଧୀଙ୍କର ଚାରୋଟି ପୁତ୍ର ସନ୍ତାନ ଓ ଡକ୍ଟର କିଙ୍ଗ୍‌ଙ୍କର ସମସଂଖ୍ୟକ ପୁତ୍ର ଓ କନ୍ୟା) । ଉଭୟ ସତ୍ୟାଗ୍ରହ ରୂପକ ଅସାଧାରଣକରି ଅହିଂସା ଆନ୍ଦୋଳନ ଚଳାଇଥିଲେ । ଗୋରା ସାହେବଙ୍କ ଦୃଷ୍ଟିରେ ଉଭୟ କଳାଲୋକ (Coloured people) ନିଯତିର ବିଧାନରେ ଉଭୟ ଆତତାୟୀଙ୍କ ଗୁଳିରେ ପ୍ରାଣତ୍ୟାଗ କରିଥିଲେ । ଉଭୟ କାୟ ମନ ବାକ୍ୟରେ ସଂଯମବ୍ରତ ଅବଲମ୍ବନ କରୁଥିଲେ ।

"ଦର୍ଶନ, ଶ୍ରବଣ, ଆଘ୍ରାଣ, ରସନା, ଶରୀର, ବାକ୍ୟ ଓ ଚିନ୍ତାରେ ସଂଯମହିଁ ସର୍ବୋତ୍କୃଷ୍ଟ । ସଂଯତ ବ୍ୟକ୍ତି ଦୁଃଖ ଭୋଗ କରେ ନାହିଁ ।"—ବୁଦ୍ଧଦେବ

ସରକାରୀ ସ୍ତରରେ ଉଭୟ ଉଚ୍ଚପଦବୀରେ ନଥିଲେ ସତ କିନ୍ତୁ ପୃଥିବୀର ବିଶିଷ୍ଟ ଜନନାୟକଙ୍କ ଉପରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲେ ।

"ଗୁଣୈରୁତ୍ତମତାଂ ଯାନ୍ତି ନୋଚ୍ଚୈରାସନ ସଂସ୍ଥିତାଃ ।
ପ୍ରସାଦ ଶିଖରସ୍ୟୋପି କିଂ କାକଃ ଗରୁଡ଼ାୟତେ ?
ଗୁଣାଃ ସର୍ବତ୍ର ପୂଜ୍ୟନ୍ତେ ନ ମହତ୍ୟୋଽପି ସଂପଦଃ ।
ପୂର୍ଣ୍ଣେନ୍ଦୁଃ କିଂ ତଥାବନ୍ଦ୍ୟୋ ନିଷ୍କଳଂକୋ ଯଥାକୃଶଃ ॥"

ମନୁଷ୍ୟ ଗୁଣଦ୍ୱାରା ଉତ୍ତମତା ପ୍ରାପ୍ତ ହୁଏ କିନ୍ତୁ ଉଚ୍ଚ ଆସନସ୍ଥିତ ହେଲେ ନୁହେଁ । କୌଣସି ବିଶାଳ ଭବନ ଉପରେ ବସିଥିବା କାକ ପକ୍ଷୀଟି ଗରୁଡ ହୋଇଯାଏ କି ? ସର୍ବତ୍ର ଗୁଣର ପୂଜନ ହୁଏ, ବୈଭବର ନୁହେଁ । ଦ୍ୱିତୀୟାଚନ୍ଦ୍ର କ୍ଷୀଣ ହେଲେ ମଧ୍ୟ ପୂର୍ଣ୍ଣିମାଚନ୍ଦ୍ରଠାରୁ ଅଧିକପୂଜ୍ୟ, ବନ୍ଦନୀୟ ।



ବୁଦ୍ଧ ଓ ଯୀଶୁଙ୍କ ନିମ୍ନୋକ୍ତ ଉପଦେଶାବଳୀ ଉଭୟଙ୍କର ଜୀବନରେ ପ୍ରତିଫଳିତ ହୋଇଛି । ଉଭୟ ଶତ୍ରୁକୁ ଘୃଣା ପରିବର୍ତ୍ତେ ପ୍ରେମ କରୁଥିଲେ ।

"ଆଘାତ ପରିବର୍ତ୍ତେ ଆଘାତକଲେ ତାହା ପ୍ରତିକାର ନୁହେଁ, ତାହା ପାପ ବୃଦ୍ଧିକୁହିଁ ଜନ୍ମ ଦିଏ ।"—ଭଗବାନ ବୁଦ୍ଧ

"ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର । ଯେଉଁମାନେ ତୁମମାନଙ୍କୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର । ଯେଉଁମାନେ ତୁମମାନଙ୍କୁ ଅପମାନ କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର ।"—ଯୀଶୁ ଖ୍ରୀଷ୍ଟ

ଏସବୁ ସତ୍ତ୍ୱେ ଉଭୟଙ୍କ ଜୀବନରେ କେତେକ ବୈଷମ୍ୟ ପରିଲକ୍ଷିତ ହୁଏ । ଉଭୟ ସମସାମୟିକଭାବେ ଦୀର୍ଘ କୋଡ଼ିଏ ବର୍ଷ ଅବସ୍ଥାନ କରିଥିଲେ ମଧ୍ୟ ପରସ୍ପର ମଧ୍ୟରେ ଦେଖା ସାକ୍ଷାତ ବା ପତ୍ରାଳାପ ନଥିଲା । ଗାନ୍ଧୀଜୀଙ୍କ ଆବିର୍ଭାବ ଊନବିଂଶ ଶତାବ୍ଦୀରେ ଓ ଡକ୍ଟର କିଙ୍ଗ୍‌ଙ୍କ ଆବିର୍ଭାବ ଓ ତିରୋଭାବ ବିଂଶ ଶତାବ୍ଦୀରେ (୧୯୨୯–୧୯୬୮) । ଗାନ୍ଧୀଜୀ ୭୮ ବର୍ଷ ଜୀବିତ ଥିବାବେଳେ ମାର୍ଟିନଲୁଥର କିଙ୍ଗ୍ ମାତ୍ର ୩୯ ବର୍ଷରେ ଇହଲୀଳା ସମ୍ବରଣ କରିଥିଲେ । ଗାନ୍ଧୀଜୀ ଏକ ବିଶାଳ ଉପମହାଦେଶର ଅଧିନାୟକତ୍ୱ କରିବା



ସମୟରେ କିଙ୍ଗ୍ ଏକ କ୍ଷୁଦ୍ର ସଂପ୍ରଦାୟର ଅଧିନାୟକ ଥିଲେ । ମହାତ୍ମାଗାନ୍ଧୀ ଜଣେ ବିଶ୍ୱମାନବ ଓ ଡକ୍ଟର କିଙ୍ଗ୍ ବିଶ୍ୱଦରବାରରୁ ପୃଥିବୀର ସର୍ବଶ୍ରେଷ୍ଠ ନୋବେଲ୍ ଶାନ୍ତି ପୁରସ୍କାର ପ୍ରାପ୍ତ ହୋଇଥିଲେ ।

ମହାତ୍ମାଗାନ୍ଧୀ ଭଗବାନ ବୁଦ୍ଧ ଓ ଯୀଶୁଙ୍କ ଅମୀୟ ଉପଦେଶାବଳୀ ଅନୁସରଣ କରି ସମାଜର ସର୍ବନିମ୍ନ ବ୍ୟକ୍ତିପରି ଆଡମ୍ବରଶୂନ୍ୟ ଜୀବନ ଯାପନ କରୁଥିଲେ । ଗାନ୍ଧୀଜୀ ସଂସାର କରିଥିଲେ ସତ କିନ୍ତୁ ଜ୍ଞାନ, ବୈରାଗ୍ୟ ଓ ସଦାଚାରରେ ଯେ କୌଣସି ବୀତରାଗୀ ସନ୍ୟାସୀଠାରୁ ଊର୍ଦ୍ଧ୍ୱରେ ଥିଲେ ।

ସେ ଉତ୍ତଭାବେ ହୃଦୟଙ୍ଗମ କରିଥିଲେ—"ଆମୋଦହିଁ ଦୁଃଖ ଓ ଭୟର କାରଣ । ଆମୋଦଠାରୁ ଦୂରରେ ରହିଥିବା ବ୍ୟକ୍ତି ଦୁଃଖ ଓ ଭୟକୁ ଜୟ କରେ" ।—ଭଗବାନ ବୁଦ୍ଧ

"It is easier for a Camel to go through the eye of a needle, than for a richman to enter into the Kingdom of God—Jesus Christ (St. Mark-10)

ଈଶ୍ୱରଙ୍କ ରାଜ୍ୟରେ ଧନୀଲୋକର ପ୍ରବେଶଠାରୁ ସୂଚୀର ରନ୍ଧ୍ରଦେଇ ଓଟର ପ୍ରବେଶ ସହଜ । କିନ୍ତୁ ଡକ୍ଟର କିଙ୍ଗ୍ ସମାଜର ସର୍ବନିମ୍ନ ବ୍ୟକ୍ତିପରି ଜୀବନ ଯାପନ ନକରି ସାଧାରଣ ବ୍ରତିକର ଜୀବନ ଯାପନ କରୁଥିଲେ ।

୧୯୪୮ ମସିହା ଜାନୁଆରୀ ୩୦ ତାରିଖ । ବିରଳା ଭବନରୁ ପ୍ରାର୍ଥନା ସଭାକୁ ଯିବା ସମୟରେ ନାଥୁରାମ ଗଡ୍‌ସେ ନାମକ ଜନୈକ ଆତତାୟୀଙ୍କ ଗୁଳିରେ ଗାନ୍ଧିଜୀଙ୍କ ମହାପ୍ରୟାଣ ହୋଇଥିଲା । ମହାତ୍ମାଙ୍କ ମହତବାଣୀ ସତ୍ୟରେ ପରିଣତ ହେଲା ।

" In non violence, the bravery consists in dying, not in killing"....."Jesus Christ, Daniel and Socrates represented the purest form of passive resistance or soul-force. All these teachers counted their bodies as nothing in comparson to their soul. Tolstoy was the best and brightest (modern) exponent of the doctrine." Mahatma Gandhi.

୧୮ଘଣ୍ଟାକାଳ ମହାମାନବଙ୍କ ଶବକୁ ସୁରକ୍ଷା କରାଯାଇଥିଲା ଓ ପନ୍ଦର ଲକ୍ଷରୁ ଊର୍ଦ୍ଧ୍ୱ ନରନାରୀ, ଦୀର୍ଘ ୭ମାଇଲ ବିଶିଷ୍ଟ ଏକ ଶୋଭାଯାତ୍ରାରେ ବିରଳାଭବନରୁ ବାହାରି ସମାଧି ମଣ୍ଡପ 'ରାଜଘାଟ'କୁ ଯାତ୍ରା କରିଥିଲେ । ଶବାଧାରକୁ ଦୁଇଶତ ପଦାତିକ, ଆକାଶ ଓ ନୌବାହିନୀର ଉଚ୍ଚପଦସ୍ଥ କର୍ମଚାରୀଗଣ ଆକର୍ଷଣ କରିଥିଲେ । ସର୍ବଶ୍ରେଷ୍ଠ ଜାତୀୟ ସମ୍ମାନ ସହିତ ଶେଷ କୃତ୍ୟ ସମାପନ ହୋଇଥିଲା । ରାସ୍ତାକଡ଼ରୁ ପ୍ରାୟ ୧୦ଲକ୍ଷ ନରନାରୀ ମହାମାନବଙ୍କ ଶେଷ ଦର୍ଶନ କରିଥିଲେ । ଗାନ୍ଧିଜୀଙ୍କ ମହାପ୍ରୟାଣରେ ସମଗ୍ର ବିଶ୍ୱ ଦୁଃଖାଭିଭୂତ ହୋଇପଡ଼ିଲା । ପ୍ରଖ୍ୟାତ ଆମେରିକୀୟ କବି ଓ ସମାଲୋଚକ Wiliam Rose Benet ଓ Herrymon Maurer ଙ୍କ ନିମ୍ନୋକ୍ତ ଧାଡ଼ିଗୁଡ଼ିକ ଦ୍ରଷ୍ଟବ୍ୟ ।

Violence killed Good.
But Violence dies.
The pure, the martyred blood
Speaks to the Skies.

Violence slew peace.
And through all ages hence
Men shall not cease.
To mourn this Violence.

The Silence knows
The Sacred river flows
The light that was the Savior
Grows and grows and grows......

(GANDHI—William Rose Benet 1886—1950)

The greatness of Mahatma Gandhi was not simply that he freed India, but that he himself grew towards Truth.

His soul was not always great. When young,
he fell into perplexity and shame,
and he was kept alive
only by a hidden sense of Truth.

(GREAT SOUL: THE GROWTH OF GANDHI—Herrymon Maurer)

ପ୍ରାୟ କୋଡ଼ିଏ ବର୍ଷପରେ, ୧୯୬୮ ମସିହା ଏପ୍ରିଲ ମାସ ୪ ତାରିଖ । ମିଶିସିପି ନଦୀର ଅନତିଦୂରରେ ଅବସ୍ଥିତ ମେମ୍ଫିସ ( Memphis ) ନଗରୀରେ ଏକ ଆତତାୟୀର ଗୁଳିରେ ଆହତ ହୋଇ ଡକ୍ଟର କିଙ୍ଗ ସେଣ୍ଟ ଜୋସେଫ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲାବେଳେ ଇହଲୀଳା ସମ୍ବରଣ କରିଥିଲେ । ମହାପୁରୁଷଙ୍କ ସ୍ୱୀୟ ମହତବାଣୀ ନିଜ ଜୀବନରେ ପ୍ରତିଫଳିତ ହେଲା-

" If some one pushes you, don't push back .......We must have the courage to refuse to hit back XXXX I believe in my soul that

unmerited suffering is redemptive and if something happened to me, may be something else would come of it."—Dr. King.

ମୃତ୍ୟୁର ୧୮ ଘଣ୍ଟା ମଧ୍ୟରେ ତାଙ୍କ ଶବ ଏକ ଘରୋଇ ବିମାନ-ଯୋଗେ ଜନ୍ମଭୂମି ଆଟ୍‌ଲାଣ୍ଟାକୁ ପଠାଇ ଦିଆଯାଇଥିଲା । ସେଲ୍‌ମାନ କଲେଜ ଓ ବ୍ୟାପ୍‌ଟିଷ୍ଟ ଚର୍ଚ୍ଚରେ ମହାମାନବଙ୍କ ଶେଷ ଦର୍ଶନ ପାଇଁ ଶବକୁ ବହୁଦିନଧରି ସୁରକ୍ଷା କରାଯାଇଥିଲା । ଶବାଧାର ସହିତ ତିନିଲକ୍ଷ ଲୋକ ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଯୁକ୍ତରାଷ୍ଟ୍ରର ପ୍ରାୟ କୋଟିକରୁ ଉର୍ଦ୍ଧ୍ୱ ନରନାରୀ ଟେଲିଭିଜନ୍‌ରେ ତାଙ୍କ ଶେଷ କୃତ୍ୟ ଦର୍ଶନ କରିଥିଲେ । ଚଳଚଞ୍ଚଳ ଯୁକ୍ତରାଷ୍ଟ୍ରର ଜୀବନଯାତ୍ରା ଦିନକପାଇଁ ସଂପୂର୍ଣ୍ଣରୂପେ ବ୍ୟାହତ ହୋଇଥିଲା ।

ଗାନ୍ଧିଜୀଙ୍କ ମୃତ୍ୟୁରେ ସମଗ୍ର ବିଶ୍ୱବ୍ୟାପୀ ଚହଳ ପଡ଼ିଗଲା । ନବଗଠିତ ଭାରତ ସରକାରଙ୍କ ନିକଟକୁ ପ୍ରାୟ ୩ ଲକ୍ଷ ଶୋକବାର୍ତ୍ତା ସହ ବହୁ ଜନନାୟକଙ୍କର ଶ୍ରଦ୍ଧାଞ୍ଜଳି ଆସିଥିଲା । ସେମାନଙ୍କ ମଧ୍ୟରେ ପ୍ରଧାନ ମନ୍ତ୍ରୀ ଅଟ୍‌ଲୀ, ପ୍ରେସିଡେଣ୍ଟ ଟ୍ରୁମାନ୍, ମହମ୍ମଦ ଅଲ୍ଲି ଜିନା, ଆଲବର୍ଟ ଆଇନ୍‌ଷ୍ଟାଇନ୍ ଓ ସମ୍ରାଟ ଷଷ୍ଠ ଜର୍ଜ ଥିଲେ ଅନ୍ୟତମ । ସେହିପରି ମାର୍ଟିନ୍ ଲୁଥର କିଙ୍ଗ୍‌ଙ୍କ ମୃତ୍ୟୁରେ ଅଗଣିତ ଶୋକବାର୍ତ୍ତା ଓ ବହୁ ଜନନାୟକଙ୍କର ଶ୍ରଦ୍ଧାଞ୍ଜଳି ଆସିଥିଲା । ସେମାନଙ୍କ ମଧ୍ୟରେ ପୋପ୍ ପଲ୍—୬, ମିଳିତ ଜାତିସଂଘର ଜେନେରାଲ୍ ସେକ୍ରେଟେରୀ ଉ ଥାଣ୍ଟ, କମ୍ୟୁନିଷ୍ଟ ଓ ପାଶ୍ଚାତ୍ୟ ଗୋଷ୍ଠୀର ବହୁ ନେତୃସ୍ଥାନୀୟ ବ୍ୟକ୍ତି । ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ପାର୍ଲିଆମେଣ୍ଟ ଭବନରେ ଏକ ଶୋକସଭା ଅନୁଷ୍ଠାନ କରି ଡକ୍ଟର କିଙ୍ଗଙ୍କ ଜୀବନ ଚରିତ ବିଶ୍ଳେଷଣ କରିଥିଲେ । ସମସ୍ତ ପାର୍ଲିଆମେଣ୍ଟ ସଦସ୍ୟ ଛିଡ଼ା ହୋଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

ଉଭୟ ମହାମାନବ ଭଗବାନ ବୁଦ୍ଧ ଓ ମହାତ୍ମା ଯୀଶୁଙ୍କ ଅମୀୟ ଉପଦେଶାବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ଓ ସେଥିପାଇଁ ଉଭୟଙ୍କୁ ଆତ୍ମାହୁତି ଦେବାକୁ ପଡ଼ିଥିଲା ।

"ବରଂ ପ୍ରାଣ ପରିତ୍ୟାଗୋ ମାନ ଭଂଗେନ ଜୀବନାତ୍ ।
ପ୍ରାଣତ୍ୟାଗେ କ୍ଷଣଂ ଦୁଃଖଂ ମାନଭଂଗେ ଦିନେ ଦିନେ ॥"

ମାନ ବା ଆଦର୍ଶ ରହିତ ଜୀବନ ଅପେକ୍ଷା ମୃତ୍ୟୁ ଶ୍ରେୟ । କାରଣ ମୃତ୍ୟୁର ଦୁଃଖ କ୍ଷଣସ୍ଥାୟୀ କିନ୍ତୁ ଆଦର୍ଶଭଂଗ—ଦୁଃଖ ପ୍ରତିନିତ୍ୟ ହୋଇଥାଏ ।

ଜୀବିତାବସ୍ଥାରେ ଉଭୟଙ୍କର ପରିଚୟ ବା ପତ୍ରାଳାପ ହୋଇ-ନଥିଲା ସତ କିନ୍ତୁ ମୃତ୍ୟୁପରେ ଉଭୟ ସ୍ୱର୍ଗରାଜ୍ୟର ଅଧିକାରୀ ହୋଇଥିଲେ ।

" Blessed are they which are persecuted for righteousness' sake; for there is the Kingdom of heaven."—Jesus Christ.

"ପୁଣ୍ୟବାନ ବ୍ୟକ୍ତି ଇହଲୋକରେ ଆନନ୍ଦିତ ହୁଏ, ମୃତ୍ୟୁପରେ ଆନନ୍ଦିତ ହୁଏ—ଉଭୟ ଲୋକରେ ଆନନ୍ଦିତ ହୁଏ । ସେ ନିଜର ବିଶୁଦ୍ଧ ବା ପୁଣ୍ୟକର୍ମ ଦେଖି ଆନନ୍ଦରୁ ଅଧିକ ଆନନ୍ଦ ଲାଭ କରେ"

—ଭଗବାନ ବୁଦ୍ଧ

ଆଜିର ଏହି ପାପତାପ କ୍ଲିଷ୍ଟ ସଂସାରରେ ସେହି ଅମର ଆତ୍ମାର ଅମୀୟ ଉପଦେଶାବଳୀ ହିଁ ମାନବ ସମାଜର ଆଲମ୍ବ ।

We will return good for evil. We will love our enemies. Christ showed us the way, and Gandhi showed us it could work,

—Martin Luthrng.

Violence is bred by inequality, non-violence by equality—Mahatma Gandhi.

I have a dream that my four little children will one day live in a nation where they will not be judged by the colour of their skin but by the Content of their Character.—Martin Luther King.

A Citizen is to be judged by its treatment of the minorities—Mahatma Gandhi.


ବୃନ୍ଦାବନ ଧାମ
ମେଘନାଥ ରୋଡ୍, ପୁରୀ—୭୫୨୦୦୧




ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ଅନୁଷ୍ଠିତ ଶ୍ରୀଶ୍ରୀ ବିଶ୍ୱକର୍ମା ପ୍ରତିମୂର୍ତ୍ତି ୧୯୮୪

# ପ୍ରଜାର ସଂକଳ୍ପ

## ମାଛଚାଷ ଜରିଆରେ ଗାଁର ସମୃଦ୍ଧି

ମାଛଚାଷ ବିକାଶର ଦୁଇଟି ଦିଗ । ଗୋଟିଏ ଉତ୍କୃଷ୍ଟ ଜାଆଁଳ ଉତ୍ପାଦନ ଏବଂ ଅନ୍ୟଟି—ଆମ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି । ଦୁଇଟି ଯାକ କାର୍ଯ୍ୟକ୍ରମରେ ମିଳିଛି ସଫଳତା ।

- ଚଳିତ ବର୍ଷ ସାଢେ ୩୩ କୋଟି ଗୁଣ୍ଡ ଜାଆଁଳ ଉତ୍ପାଦନ ହୋଇ ସାରିଛି । ମାଛଚାଷୀମାନଙ୍କ ଚାହିଦା ଅନୁଯାୟୀ ୫ କୋଟି ୩୪ ଲକ୍ଷ ଜାଆଁଳ ଯୋଗାଇ ଦିଆ ସରିଲାଣି ।
- ୧୯୮୩-୮୪ ମସିହାରେ ମାଛ ଉତ୍ପାଦନ ୫୦,୫୬୦ ଟନ ହେବା ସ୍ଥଳେ ଚଳିତ ବର୍ଷ ୫୪,୦୦୦ ଟନ ଉତ୍ପାଦନ ଧାର୍ଯ୍ୟ ହୋଇଛି ।
- ମଧୁର ପାଣି ମାଛଚାଷ ସହିତ ଲୁଣି ପାଣି ଚିଙ୍ଗୁଡ଼ି ଚାଷରୁ ୯୩,୫୩୩ କିଲୋଗ୍ରାମ ଉତ୍ପାଦନରୁ ଟ ୨.୫୦ ଲକ୍ଷ ଆୟ ମିଳିଛି ।
- ଏହାଛଡ଼ା ମଧୁର ପାଣି ମାଛଚାଷ କରି 'ଗ୍ରାମାଞ୍ଚଳ ଦରିଦ୍ରତମ ବ୍ୟକ୍ତିମାନଙ୍କ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମ'ରେ ୭,୮୬୮ ପରିବାର ଓ ଲୁଣିପାଣି ମାଛଚାଷ କରି ୨,୧୦୦ ପରିବାର ଉପକୃତ ହେଉଛନ୍ତି ।
- ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଜରିଆରେ ୯୬୫୩.୩୮ ହେକ୍ଟର ପୋଖରୀରେ ମିଶ୍ରିତ ମାଛଚାଷ କରଯାଇଛି । ଏହାଦ୍ୱାରା ୨୫,୪୨୯ ଜଣ ମାଛଚାଷୀ ଉପକୃତ ହୋଇଛନ୍ତି ଏବଂ ଏ ବାବଦରେ ୩୭.୧୬ ଲକ୍ଷ ଟଙ୍କା ରିହାତି ଦିଆଯାଇଛି ।

ଆପଣ ମାଛଚାଷ କରିବାକୁ ଆଗେଇ ଆସନ୍ତୁ ନା । ଏଥିରେ ଆପଣଙ୍କର ମଙ୍ଗଳ । ଗାଁର ବି ।



ମାଛଚାଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସବୁପ୍ରକାର ସାହାଯ୍ୟ ମିଳୁଛି ।

ଖାଲି କଥାରେ ନୁହେଁ, କାର୍ଯ୍ୟତଃ ସମସ୍ତଙ୍କର ଉପଲବ୍ଧି ହେଲାଣି, ମାଛଚାଷହିଁ ଆଜିର ଆଶା ଭରସା ।

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା
କଟକ-୭୫୩୦୦୭



# ଓଡ଼ିଆ ଚଳଚ୍ଚିତ୍ରରେ ପଚାଶ ବର୍ଷ

ଶ୍ରୀ ରଣଧୀର ଦାସ



ତପତି ଓ ରବୀନ୍ଦ୍ର ଶ୍ରୀକୃଷ୍ଣ ରାସଲୀଳାରେ

ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଜୟନ୍ତୀ ବର୍ଷ ୧୯୮୪ ମସିହା । ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ମୁକ୍ତି ପାଇଥିଲା ୧୯୩୪ରେ ଏବଂ ତାହାର ନିର୍ଦ୍ଦେଶକ ଓ ପ୍ରଯୋଜକ ଥିଲେ ପୁରୀର ଶ୍ରୀ ମୋହନ ସୁନ୍ଦର ଦେବ ଗୋସ୍ୱାମୀ । ପଚାଶ ବର୍ଷ ତଳେ ଏହି ଓଡ଼ିଆ ଚଳଚ୍ଚିତ୍ରର ବଜେଟ୍ ଥିଲା ମାତ୍ର ୪୦ ହଜାର ଟଙ୍କା । ବର୍ତ୍ତମାନ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାପାଇଁ ଅନ୍ୟୁନ ବ୍ଲାକ ଏଣ୍ଡ ହ୍ୱାଇଟ ସର୍ବାଧିକ ପାଞ୍ଚଲକ୍ଷ ଓ ରଙ୍ଗୀନ ଚିତ୍ର ସର୍ବାଧିକ ୬ରୁ ୮ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ସେତେବେଳେ ବର୍ତ୍ତମାନ ପରି ସେନ୍‌ସର ଅଫିସର କେହି ନ ଥିଲେ । ପୂର୍ବାଞ୍ଚଳ ଅର୍ଥାତ୍ ଓଡ଼ିଶା, ବଙ୍ଗଳା, ବିହାର ଓ ଆସାମର ଚିତ୍ର-ଗୁଡ଼ିକ କଲିକତାର ଲାଲବଜାର ପୋଲିସ ଷ୍ଟେସନରେ ପ୍ରଦର୍ଶନ କରାଯାଇ ଯାଞ୍ଚ କରାଯାଉଥିଲା । ପରେ ଭାରତ ସରକାରଙ୍କ ଦ୍ୱାରା ତାହା ପ୍ରଦର୍ଶନ ପାଇଁ ସାର୍ଟିଫିକେଟ ଦିଆଯାଉଥିଲା । ଗତ ୫୦ ବର୍ଷ ମଧ୍ୟରେ ମୋଟ ୧୩୦ଟି ଓଡ଼ିଆ ଚଳଚ୍ଚିତ୍ର ଅଗଷ୍ଟ ଶେଷସୁଦ୍ଧା ମୁକ୍ତିଲାଭ କରିଛି । ଏହା ବ୍ୟତୀତ 'ଶୀତରାତି' 'ନୀରବ ଝଡ଼' ଏବଂ 'ମାୟା ମିରିଗ' ଫିଲିମ୍ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲେ ମଧ୍ୟ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିନାହିଁ । ଏହା ବ୍ୟତୀତ ବିଭିନ୍ନ ଭାଷାର ୮ଟି ଚଳଚ୍ଚିତ୍ର ଓଡ଼ିଆ ଭାଷାରେ ଡବିଂ କରାଯାଇଛି ।

ବିଗତ ୫୦ ବର୍ଷର ଓଡ଼ିଆ ଚଳଚ୍ଚିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ୧୩୦ଟି ଚିତ୍ର ମଧ୍ୟରୁ ନୀରଦ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ମାୟା ମିରିଗ' ଏକ ପ୍ରତିନିଧିମୂଳକ ଓଡ଼ିଆ ଚଳଚ୍ଚିତ୍ର ଭାବରେ ଯେ କୌଣସି ଓଡ଼ିଆ ବ୍ୟକ୍ତିକୁ ମନ୍ତ୍ରମୁଗ୍ଧ କରେ । କାରଣ ଚିତ୍ରଟି ପ୍ରତ୍ୟେକ ପରିବାରର କାହାଣୀ । ଦର୍ଶକ ଅନୁଭବ କରିବ ସେ ନିଜେ ଯେପରି ଚଳଚ୍ଚିତ୍ର କାହାଣୀର ଗୋଟିଏ ଚରିତ୍ର । ଏହି ଚିତ୍ରର କାହାଣୀ ରଚନା କରିଛନ୍ତି ପ୍ରଖ୍ୟାତ ଔପନ୍ୟାସିକ ଶ୍ରୀ ବିଭୂତି ପଟ୍ଟନାୟକ । ଶ୍ରୀ ପଟ୍ଟନାୟକଙ୍କ ମତରେ "ଗୋଟିଏ ଉପନ୍ୟାସ ଲେଖିବା ବେଶ ସହଜ କିନ୍ତୁ ନିର୍ଦ୍ଦେଶକର ଆବଶ୍ୟକତା ଅନୁସାରେ ଏକ ଚଳଚ୍ଚିତ୍ର ଉପଯୋଗୀ କାହାଣୀ ଲେଖିବା ବେଶ୍ ଶ୍ରମ ସାପେକ୍ଷ ।" 'ମାୟା ମିରିଗ' ଚିତ୍ରଟି ୧୯୮୩ ସାଲର ଦ୍ୱିତୀୟ ଶ୍ରେଷ୍ଠ ଭାରତୀୟ ପୂର୍ଣ୍ଣାଙ୍ଗ ଚିତ୍ର ଭାବରେ ପୁରସ୍କୃତ ହୋଇଛି । ପୁରସ୍କାର ପାଇବା ପୂର୍ବରୁ ଏହି ଚିତ୍ରଟି ସମାଲୋଚକ ଓ ଚଳଚ୍ଚିତ୍ର ଶିଳ୍ପ ସହିତ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ପ୍ରବନ୍ଧର ଲେଖକ ଜାନୁୟାରୀ ୧୬ ତାରିଖ ଆକାଶବାଣୀ ପ୍ରେକ୍ଷାଳୟରେ ମ୍ୟାଟିନ ଶେଷ ହେବାପରେ ନିର୍ଦ୍ଦେଶକ ନିରଦ ମହାପାତ୍ରଙ୍କୁ ଦୃଢ଼ କଣ୍ଠରେ କହିଥିଲେ,



ଏମ୍ ଏମ୍ ପ୍ରଡକ୍ସନ୍‌ସର ଜନନୀ ଚିତ୍ରରେ ବନଜା

"ନିରଦ ବାବୁ; ମୋର ଦୃଢ଼ ବିଶ୍ୱାସ ଏହି ଚିତ୍ରଟି ଭାରତ ସରକାରଙ୍କ ଦ୍ୱାରା ସ୍ୱର୍ଣ୍ଣ କମଳ ପୁରସ୍କାର ଲାଭ କରିବ । ଏକଥା ଶୁଣି ନିର୍ଦ୍ଦେଶକ ମହାପାତ୍ରଙ୍କ ଓଠରେ ହସର ଝରଣାଟିଏ ଖେଳି ପଡିଥିଲା । ଚିତ୍ରଟିର ସମାଲୋଚନା ପ୍ରଖ୍ୟାତ ପାକ୍ଷିକ 'ଅନ୍‌ଲୁକର'ର ମାର୍ଚ୍ଚ ୨୨ ତାରିଖ ସଂଖ୍ୟାରେ ଉଲ୍ଲେଖ ଥିଲା —

"After satyajeet Roy 'pather pan cheli' one has rarely seen a film of such classic dimensions told with grace and charm as this 'Maya Miriga' by Mohapatra (only the music by Bhaskar Chandarvarkar seems to go out of hand couple of times or so). By the time ends one feels that one has understood the house, with its various rooms, Staircases and terraces as well as the people who live there, with some degree of intimacy."

ଓଡ଼ିଆରେ ଅବଶ୍ୟ ବହୁ ସଚିନିଚିତ୍ରମୂଳକ ସଫଳଚିତ୍ର ଗତ ପଚିଶ ବର୍ଷ ମଧ୍ୟରେ ପ୍ରଯୋଜିତ ହୋଇଛି । ୧୯୬୪ରେ ଅମଡ଼ାବାଟ, ୧୯୬୫ରେ ମଲ୍ଲଜହ୍ନ, ୧୯୬୬ରେ କା, ୧୯୬୭ରେ ଭାଇ ଭାଉଜ, ମାଟିର ମଣିଷ, ଗୋଟିଏ ଗୋଟିଏ ସଫଳ ଚିତ୍ର । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ ଉପରେ ଆଧାରିତ 'ମାଟିର ମଣିଷ' ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ୧୯୬୮ ମସିହାରେ ନିର୍ମିତ ଚିତ୍ର 'ସ୍ତ୍ରୀ' ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ଶ୍ରୀ ଘନଶ୍ୟାମ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନନ୍ଦ କିଶୋର ବଳଙ୍କ କାହାଣୀ ଉପରେ ଆଧାରିତ 'କନକଲତା' ୧୯୭୪ ମସିହାରେ ମୁକ୍ତି ପାଇଥିଲା । ଏହି ଚିତ୍ରଟି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପୁରସ୍କାର ପାଇବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଥିଲା । ୧୯୭୫ରେ ବ୍ୟୋମକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମମତା' ଚିତ୍ରଟି ଓଡ଼ିଶାର ଦର୍ଶକମାନଙ୍କ ମନରେ ବିଶେଷ ଚହଳ ସୃଷ୍ଟି କରିଥିଲା । ସବୁ ଦୃଷ୍ଟିରୁ ଏହି ଚିତ୍ରଟି ଏକ ସଫଳ ବ୍ୟବସାୟିକ ଚିତ୍ର ଭାବରେ ସ୍ୱତନ୍ତ୍ରତା ଦାବୀ କରେ । ଶ୍ରୀ ନଗେନ ରାୟଙ୍କ ନିର୍ଦ୍ଦେଶିତ ରଙ୍ଗୀନ ଚିତ୍ର 'ଗପ ହେଲେବି ସତ' ପ୍ରଥମ ଓଡ଼ିଆ ରଙ୍ଗୀନ ଚିତ୍ର । ୧୯୭୬ ସାଲ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଗୋଟିଏ ସ୍ମରଣୀୟ ବର୍ଷ । 'ଗପ ହେଲେବି ସତ' ରଙ୍ଗୀନ ଓଡ଼ିଆ ଚିତ୍ରଟି ସବୁ ଭାଷାଭାଷୀ ବ୍ୟକ୍ତିମାନଙ୍କୁ ମଧ୍ୟ ଆକୃଷ୍ଟ କରିପାରିଥିଲା । ୧୯୭୬ ସାଲରେ ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ 'ସିନ୍ଦୁର ବିନ୍ଦୁ'ଓ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ଶେଷ ଶ୍ରାବଣ' ଦୁଇଟି ଲୋକପ୍ରିୟ ଚଳଚ୍ଚିତ୍ର । 'ଶେଷ ଶ୍ରାବଣ' ଚିତ୍ରଟି ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟ ପୁରସ୍କାର ଲାଭ କରିଥିଲା ।

'ଜନନୀ' ଚିତ୍ରରେ ଉତ୍ତମ ଓ ଅପରାଜିତା





**'ଟିକେ ହସ, ଟିକେ ଲୁହ' ଛବିରେ ମହାଶ୍ୱେତା**

ଶ୍ରୀ ସାଧୁ ମେହେରଙ୍କ ନିର୍ଦ୍ଦେଶନାରେ ୧୯୭୭ ମସିହାରେ ମୁକ୍ତି ପାଇଥିବା 'ଅଭିମାନ' ଚିତ୍ରଟି ମଧ୍ୟ ଏକ ପାରିବାରିକ ସଫଳ ଓଡ଼ିଆ ଚଳଚ୍ଚିତ୍ର । ଶ୍ରୀ ବିପ୍ଳବ ରାୟଚୌଧୁରୀଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ନୋଳିଆଙ୍କ ପାରିବାରିକ କାହାଣୀ ତଥା ଜୀବିକା ଉପରେ 'ଚିଲିକାତୀରେ' ୧୯୭୭ ସାଲରେ ଜାତୀୟ ପୁରସ୍କାର ଲଭକଲା । କ୍ଷୁଦ୍ରଗଳ୍ପକାର ଓଷା ଉପରେ ଆଧାରିତ 'ତଅପୋଇ' ୧୯୭୮ରେ ମୁକ୍ତି ପାଇଥିଲା । ନିର୍ଦ୍ଦେଶକ ଥିଲେ ଅଭିନେତା ଶ୍ରୀ ଶରତ ପୂଜାରୀ । ଶ୍ରୀ ଗଣେଶ ମହାପାତ୍ରଙ୍କ ନିର୍ଦ୍ଦେଶିତ ୧୯୭୮ରେ ମୁକ୍ତି ପାଇଥିବା 'ସାକ୍ଷୀ ଗୋପୀନାଥ' ଚିତ୍ରଟି ସାମାଜିକ କାହାଣୀ ଉପରେ ଆଧାରିତ ପୌରାଣିକ ଚିତ୍ର । ଏହି ଚିତ୍ରଟି ଏକ ନୃତ୍ୟଗୀତଭରା ଚଳଚ୍ଚିତ୍ର । ଶ୍ରୀ ସୋନା ମୁଖାର୍ଜିଙ୍କ ନିର୍ଦ୍ଦେଶନାରେ ୧୯୭୯ରେ ମୁକ୍ତି ପାଇଥିବା ଶ୍ରୀକୃଷ୍ଣଙ୍କ ରାସଲୀଳା' ଏକ ପ୍ରତିନିଧିମୂଳକ ଚିତ୍ର ଚଳଚ୍ଚିତ୍ର । ଏହି ଚିତ୍ରଟି ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା । ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଉପରେ ଆଧାରିତ ଏହି ଚିତ୍ରଟି ବହୁଚିତ୍ର ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ବଳିଷ୍ଠ କାହାଣୀ ଉପରେ ଆଧାରିତ ଡକ୍ଟର ପ୍ରତିଭା ରାୟଙ୍କ 'ଅପରିଚିତା' ଓ ଶ୍ରୀମତୀ ବିଜୟିନୀ ଦାସଙ୍କ 'ଟିକେ ହସ ଟିକେ ଲୁହ' ଦୁଇଟି ସାର୍ଥକ ଓଡ଼ିଆ ଚିତ୍ର । 'ଶେଷ ଶ୍ରାବଣ' ଚଳଚ୍ଚିତ୍ର ପରେ ଶ୍ରୀ ପ୍ରଶାନ୍ତ ନନ୍ଦ ନିଜ କାହାଣୀକୁ ନେଇ ନିର୍ଦ୍ଦେଶନା ଦେଇଥିଲେ 'ମା ଓ ମମତା', 'ବଳିଦାନ', 'ହିସାବ ନିକାଶ', 'ସ୍ୱପ୍ନ ସାଗର', ଓ 'ଡୋରା' । ବୈଷୟିକ ଦୃଷ୍ଟି କୋଣରୁ ଏବଂ ବ୍ୟବସାୟିକ ଦୃଷ୍ଟିରୁ ଏହି ଚିତ୍ରଗୁଡ଼ିକ ମନୋରଞ୍ଜନ ଧର୍ମୀ ସଫଳ ଓଡ଼ିଆ ଚିତ୍ର । ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶନାରେ ୧୯୮୨ରେ 'ଫୁଲଚନ୍ଦନ' ଚିତ୍ରଟି ଗୋଟିଏ ସାର୍ଥକ ଓଡ଼ିଆ ଚିତ୍ର । ଏହି ଚିତ୍ରଟି ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ।

ପୌରାଣିକ ଚିତ୍ର ମଧ୍ୟରେ 'ସତୀ ଅନୁସୂୟା', 'ଶ୍ରୀଜଗନ୍ନାଥ', 'ମଥୁରାବିଜୟ', 'ରାମାୟଣ', 'ଜୟ ମା ମଙ୍ଗଳା', 'ସୀତା ଲବ କୁଶ', 'ମହାସତୀ ସାବିତ୍ରୀ',' ଭକ୍ତ ସାଲବେଗ' ବିଗତ ୬ ବର୍ଷ ମଧ୍ୟରେ ମୁକ୍ତିଲାଭ କରିଛି । ଶ୍ରୀ ବାବୁଲାଲ ଯୋଶୀଙ୍କ ପ୍ରଯୋଜିତ 'ମଥୁରା ବିଜୟ' ଚିତ୍ରଟି ଗୋଟିଏ ରାଜ୍ୟ ସରକାରଙ୍କ ପୁରସ୍କାର ପାଇଥିଲା । 'ଶ୍ରୀ ଜଗନ୍ନାଥ' ଚିତ୍ରଟି ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବିଶେଷ ଆଦୃତ ହୋଇଥିଲା । ଓଡ଼ିଶାରେ ହିନ୍ଦୁ ଓ ମୁସଲମାନଙ୍କ ଘରେ ଘରେ ଜଣାଶୁଣା କାହାଣୀ ଉପରେ ଆଧାରିତ 'ଭକ୍ତ ସାଲବେଗ'

**ଶ୍ରୀରାମ ପଣ୍ଡା, ଧୀରେନ୍ ଦାସ ଏବଂ ବନଜା 'ନାଗଫାସ'ରେ**





'ଦଣ୍ଡାବାଳୁଙ୍ଗା'ରେ ଉତ୍ତମ, ଅପରାଜିତା

ଏକ ସଫଳ ପୌରାଣିକ ଚିତ୍ର । ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ ଏବଂ ବସନ୍ତ ନାୟକଙ୍କ ନିର୍ଦ୍ଦେଶିତ 'ଦଣ୍ଡାବାଳୁଙ୍ଗା' ଚିତ୍ରଟି କଟକର ବିଭିନ୍ନ ପ୍ରେକ୍ଷାଳୟରେ ଏକାଧିକ୍ରମେ ୨୫ ସପ୍ତାହ ଧରି ଚାଲି ୫୦ ବର୍ଷର ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏକ ରେକର୍ଡ ସୃଷ୍ଟି କରିପାରିଛି ।

'ଢେଉ' ଚିତ୍ରରେ ପ୍ରଶାନ୍ତ ଓ ମହାଶ୍ୱେତା



ପ୍ରଯୋଜକ ଶ୍ରୀ ବାବୁଲାଲ ଦୋଷୀ ସର୍ବାପେକ୍ଷା ଅଧିକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ସେ 'ଅମଡ଼ାବାଟ' 'ଅଭିନେତ୍ରୀ', 'ମାଟିର ମଣିଷ', 'ଅଦିନ ମେଘ', 'ମଥୁରା ବିଜୟ', 'ଅକ୍ଷିତୃତୀୟା', ପ୍ରଯୋଜନା କରିଛନ୍ତି । ଓଡ଼ିଆରେ ବୟସ୍କଙ୍କ ପାଇଁ 'ଅଲିଭା ଦାଗ' ଓ 'ଜୀବନ ସଂଗ୍ରାମ' ନିର୍ମିତ ହୋଇଛି । ରହସ୍ୟଭରା ଚିତ୍ର ଭାବରେ 'ନାଗଫାଶ,' 'ନିଝୁମ ରାତିର ସାଥୀ' 'ସମୟ ବଡ଼ ବଳବାନ', 'ଦେଖ୍ ଖବର ରଖ୍ ନଜର'ର ନାମ ଉଲ୍ଲେଖ ଯୋଗ୍ୟ । ହାସ୍ୟରସଭରା ଚିତ୍ର ଭାବରେ ଶ୍ରୀ ଜୟନ୍ତ କୁମାରଙ୍କ ପ୍ରଯୋଜିତ 'ମାନସୀ' ୧୯୮୧ ରେ ମୁକ୍ତିଲାଭ କରିଥିଲା । ୧୯୮୨ ରେ ଦୀନେନ ଗୁପ୍ତାଙ୍କ ନିର୍ଦ୍ଦେଶିତ 'ଜୋଇଁ ପୁଅ' ମଧ୍ୟ ଗୋଟିଏ ହାସ୍ୟ ରସାତ୍ମକ ଓଡ଼ିଆ ଚିତ୍ର । ଓଡ଼ିଶାର ଦର୍ଶକମାନଙ୍କ ମଧ୍ୟରେ ପୌରାଣିକ ଓ ସାମାଜିକ ଚିତ୍ରର ବିଶେଷ ଆଦର ରହିଛି । ଶ୍ରୀ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶୀତରାତି' ଓ 'ନୀରବଝଡ଼' ୧୯୮୨ ଓ ୧୯୮୩ ବର୍ଷ ପାଇଁ ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟ ପୁରସ୍କାର ଲାଭ କରିଛି । ଶୀତରାତି ଦିଲ୍ଲୀଠାରେ ୧୯୮୨ ମସିହାରେ ଆନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲର ଇଣ୍ଡିୟାନ ପାନୋରମାରେ ପ୍ରଦର୍ଶିତ ହୋଇଥିଲା । ଶ୍ରୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ମୁହୂର୍ତ୍ତ, କାଠୁରିଆ, କୁହୁଡି ମୁକ୍ତି ପ୍ରତିକ୍ଷାରେ ।

ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ୩୧ତମ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଶାର ଶ୍ରୀ ବିଧୁଶ୍ରୀ ବିଜ୍ଞାଣୀ ଓ ଶ୍ରୀ ରାଜ ଶେଖର 'ନୀରବଝଡ଼' ଚିତ୍ରର ଶ୍ରେଷ୍ଠ କ୍ୟାମେରାମ୍ୟାନ ଭାବରେ (Black & White) ପୁରସ୍କୃତ ହୋଇଛନ୍ତି ।

ଅର୍ଦ୍ଧ ଶତାବ୍ଦୀର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଏକ ଉଲ୍ଲେଖ-ଯୋଗ୍ୟ ଘଟଣା ଓଡ଼ିଶାରେ ଭୁବନେଶ୍ୱର ଖଣ୍ଡଗିରି ନିକଟରେ 'କଳିଙ୍ଗ ଷ୍ଟୁଡିଓ' ୧୯୮୨ ମସିହା ମେ ୫ତାରିଖରେ ସ୍ଥାପିତ ହୋଇଛି । ଏହି ଷ୍ଟୁଡିଓରେ କ୍ୟାମେରା, ଇନ୍ଡୋର ଷ୍ଟୁଡିଓ, ରେକର୍ଡିଂ, ଡବିଂ, ଏଡିଟିଂ, ହୋଇପାରୁଛି । ଦୁଇବର୍ଷ ମଧ୍ୟରେ ପ୍ରାୟ ୨୮ଟି ଓଡ଼ିଆ, ହିନ୍ଦି, ଓ ବଙ୍ଗଳାଚିତ୍ର ଏହି



ଶରତ ପୂଜାରୀ ଏବଂ ଅନୀତା ଦାସ "ଅଶାନ୍ତଗ୍ରହ"ରେ

ଷ୍ଟୁଡିଓର ବିବିଧ ବ୍ୟବସ୍ଥାର ସଦୁପଯୋଗ କରି ପାରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜନାକୁ ଏକ ଶିଳ୍ପ ଭାବରେ ସମଗ୍ର ଭାରତରେ ସର୍ବପ୍ରଥମେ ଓଡ଼ିଶାରେ ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ ପ୍ରଚେଷ୍ଟାରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ୪୦ ଜଣ ପ୍ରଯୋଜକଙ୍କୁ ଚିତ୍ର ନିର୍ମାଣ ପାଇଁ ଶତକଡ଼ା ୧ ହାର ସୁଧରେ ୧ ଲକ୍ଷ ଟଙ୍କା ଋଣ ଦେଇଛନ୍ତି । ୨୩ଟି ଚିତ୍ରକୁ ସବ୍‌ସିଡ଼ି ଦିଆଯାଇଛି । ଓଡ଼ିଶାରେ ପ୍ରେକ୍ଷାଳୟର ସଂଖ୍ୟା ଜନସଂଖ୍ୟା ଅନୁପାତରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍ । ୧୯୭୯ ସୁଦ୍ଧା ଓଡ଼ିଶାର ମୋଟ ପ୍ରେକ୍ଷାଳୟର ସଂଖ୍ୟା ୧୧୭ ଥିଲା । ବର୍ତ୍ତମାନ ୧୯୮୪ ସୁଦ୍ଧା ୧୯୦ ଟି ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଛି । ଏହା ବ୍ୟତୀତ ବହୁ ଭ୍ରାମ୍ୟମାଣ ପ୍ରେକ୍ଷାଳୟ ରହିଛି । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ୪୪ ଟି ପ୍ରେକ୍ଷାଳୟ ପାଇଁ ଋଣ ମଞ୍ଜୁର କରିଛନ୍ତି ଏବଂ ଷଷ୍ଠ ଯୋଜନାରେ ଅଧିକ ପ୍ରେକ୍ଷାଳୟକୁ ଋଣ ମଞ୍ଜୁର କରିବା ପାଇଁ ବ୍ୟବସ୍ଥା ରହିଛି ।

ଓଡ଼ିଶାରେ ଦର୍ଶକଙ୍କର ରୁଚି ଧୀରେ ଧୀରେ ପରିବର୍ତ୍ତନ ହେଉଛି । ଦର୍ଶକଙ୍କର ରୁଚିକୁ ଦୃଷ୍ଟି ରଖି ଚିତ୍ର ନିର୍ମାତା ଚିତ୍ର ନିର୍ମାଣ କଲେ ସଫଳତା ହାସଲ କରିବେ ।

ବର୍ତ୍ତମାନ ଓଡ଼ିଶାରେ ଚିତ୍ର ନିର୍ମାଣ କ୍ଷେତ୍ରରେ ଏକ ନବଚେତନା ସୃଷ୍ଟି ହୋଇଛି । ପୁନା ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରେ ବହୁ କୁଶଳୀ ଯୁବକ କୃତିତ୍ୱର ସହ ପାସ୍ କରି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଅଭିଜ୍ଞ ପ୍ରଯୋଜକ ଓ କଳା କୁଶଳୀଙ୍କ ମିଳିତ ପ୍ରଚେଷ୍ଟାରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପ୍ରଗତି ଅବଶ୍ୟମ୍ଭାବୀ ।

ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପ ସହ ସମ୍ପୃକ୍ତ ସଂସ୍ଥା, ପ୍ରଯୋଜକ, ବିତରକ ଓ ପ୍ରେକ୍ଷାଳୟମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପର ସର୍ବାଙ୍ଗୀନ ଉନ୍ନତି ହୋଇ ପାରିବ ଏଥିରେ ସନ୍ଦେହ ନାହିଁ ।

ମୁଖ୍ୟ ସଂପାଦକ 'ଜୀବନରଙ୍ଗ'
ଷ୍ଟୋନିରୋଡ୍
କଟକ—୭୫୩୦୦୨

ପଛ ଲୋକକୁ ଆଗ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ହେଲେ ଦୌଡ଼ିବାକୁ ପଡ଼ିବ । ସେହିପରି ଅର୍ଥନୀତି କ୍ଷେତ୍ରରେ ଓଡ଼ିଶାକୁ ଯଦି ଦୌଡ଼ିବା ପାଇଁ ପଡ଼େ, ତା' ହେଲେ କେବଳ ସେ ଆଗେଇ ଯାଇ ପାରିବ । ତା' ନ ହେଲେ ପଛରେ ପଡ଼ି ରହିଥିବ ।

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଘିମିରି ଠାରୁ ଆରାମ ପାଇଁ ଟାଲ୍‌କମ ପାଉଡର ନୁହେଁ, ନାଇସିଲ ଆବଶ୍ୟକ ।




## ନାଇସିଲ ବ୍ୟବହାର କରନ୍ତୁ, ଘିମିରି କଷ୍ଟରୁ ଚଞ୍ଚଳ ଆରାମ ପାଆନ୍ତୁ ।



ନାଇସିଲ ଏକ ଔଷଧଯୁକ୍ତ ପାଉଡର, ଯାହା ସଂକ୍ରମଣଦ୍ୱାରା ପ୍ରତିରୋଧ କରେ ଓ ଅବସ୍ଥା ଗୁରୁତର ହେବାରୁ ନିବର୍ତ୍ତାଏ, ସାଧାରଣ ଟାଲ୍‌କମ ପାଉଡର କରେନା । ବିଶେଷ ଭାବେ ପ୍ରସ୍ତୁତ ନାଇସିଲ ଘିମିରିକୁ ଚାରି ପ୍ରକାରେ ପ୍ରତିରୋଧ କରେ ।

୧. ବେଶୀ ଝାଳ ହେବାକୁ ଦିଏ ନାହିଁ ।
୨. ଝାଳ ଶୋଷି ନିଏ ।
୩. ଦୁର୍ଗନ୍ଧକାରୀ ଜୀବାଣୁଙ୍କୁ ନଷ୍ଟ କରିଦିଏ ।
୪. ତ୍ୱକ୍‌ରେ ଆରାମ ଆଣିଦିଏ ।




୨ ଟି ପ୍ୟାକ୍‌ରେ ମିଳୁଛି—'ନୀଳ' ଓ 'ଚନ୍ଦନ' ସୁଗନ୍ଧ ।

ଉତ୍ତମ ସ୍ୱାସ୍ଥ୍ୟର ଉତ୍ସ
**ଗ୍ଲାକ୍ସୋ**

GLL-1120

# ପ୍ରକୃତ ଜ୍ଞାନ

ମୂଳ ରଚନା : ସୁମନ ଦତ୍ତ
ଅନୁବାଦ—ଅଞ୍ଜଳି ଦାଶ

ପ୍ରାଚୀନ କାଳ କଥା । ଚିତ୍ରକେତୁ ନାମରେ ଜଣେ ରାଜା ଥିଲେ । ତାଙ୍କ ରାଜ୍ୟରେ ପ୍ରଜାମାନେ ବଡ଼ ସୁଖରେ ଥିଲେ । ରାଜ୍ୟରେ ନ୍ୟାୟ ବିଚାର ଏମିତି ଥିଲା ଯେ ବାଘ ଛେଳି ବି ଗୋଟିଏ ଘାଟରୁ ପାଣି ପିଉଥିଲେ । ଗରିବ କେହି ନଥିଲେ କି ଭୋଗବିଳାସରେ ବି କେହି ବୁଡ଼ି ରହୁ ନ ଥିଲେ । ରୋଗ ଆଉ ଶୋକର ଚିହ୍ନ ବି ନ ଥିଲା । ଧର୍ମକୁ ମାନି ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନ କରି ସମସ୍ତଙ୍କ ସହିତ ସ୍ନେହଭାବ ରଖି ସୁଖରେ ଜୀବନ ବିତାଉ ଥିଲେ ।

ପ୍ରଜାମାନେ ତ ଆନନ୍ଦ କରୁଥିଲେ କିନ୍ତୁ ରାଜା ଦୁଃଖୀ ଥିଲେ । ମନେ ମନେ ବ୍ୟାକୁଳ ରହୁଥିଲେ । ତାଙ୍କୁ ଚନ୍ଦନର ପଲଙ୍କ ଆଉ ରେଶମର ଶେଜ ଉପରେ ବି ନିଦ ଆସୁ ନ ଥିଲା । ସ୍ୱାଦିଷ୍ଟ ଏବଂ ମଧୁର ଭୋଜନ ତାଙ୍କୁ ଭଲ ଲଗୁ ନ ଥିଲା । ରାଜମହଲ ତାଙ୍କୁ ଖାଁ ଖାଁ ଗୋଡ଼ାଉଥିଲା । ଚନ୍ଦନ ମହଲରେ ତାଙ୍କୁ ଗରମ ଲଗୁ ଥିଲା । କଥା କ'ଣ କି, ରାଜାଙ୍କର କେହି ପୁଅ ନ ଥିଲେ । ରାଣୀ ତ କେତେଜଣ ଥିଲେ କିନ୍ତୁ ସମସ୍ତଙ୍କର କୋଳ ଖାଲି ଥିଲା ।

ରାଜା ଭାବୁଥିଲେ ମୋ ପରେ ଏହି ବିଶାଳ ରାଜ୍ୟ କିଏ ସମ୍ଭାଳିବ ? ପ୍ରଜାମାନଙ୍କର ସୁଖଦୁଃଖ କଥା କିଏ ଚିନ୍ତା କରିବ ? ଏଇ ସମସ୍ତ ଧନସଂପତ୍ତି କାହା କାମରେ ଆସିବ ? ରାଣୀମାନେ ଭାବୁଥିଲେ—ହାୟ, ନାରୀ ଜୀବନ ବେକାର ହୋଇଗଲା । ଦୁନିଆର ବ୍ୟବହାର ଗଲା । ସ୍ୱାମୀଙ୍କ ପ୍ରେମ ବି ଗଲା । ବଞ୍ଚି ଥାଉଁ ଥାଉଁ ବିଧାତା ଆମକୁ ମାରି ପକାଇଲା । ଆମେ କ'ଣ କରିବୁ ? ଏଇ ସୁଖ ଭରା ଦୁନିଆରେ କେମିତି ଧୈର୍ଯ୍ୟ ଧରିବୁ ?

ସନ୍ତାନ ନ ହେବା ଚିନ୍ତାରେ ରାଜାଙ୍କ ଦେହ ଦିନୁଦିନ କ୍ଷୀଣ ହେବାକୁ ଲାଗିଲା । ରାଣୀମାନଙ୍କ ଦେହରୁ ଉଜ୍ଜ୍ୱଳତା ଚାଲିଗଲା । ସେମାନେ ହସନ୍ତିନାହିଁ କି ଆନନ୍ଦ ଉତ୍ସବ, ପୁନିଅଁ ପରବ ଭଲ ଭାବରେ ପାଳନ କରନ୍ତିନି । "ହାୟ ସନ୍ତାନ ହାୟ୍ ସନ୍ତାନ' ଭାବ ତାଙ୍କୁ ସଦାବେଳେ ବିକଳ କରୁଥିଲା ।

ଭାଗ୍ୟର କଥା ଦିନେ ମହର୍ଷି ଅଙ୍ଗିରା ରାଜା ଚିତ୍ରକେତୁଙ୍କ ମହଲକୁ ଆସିଥିଲେ । ରାଜା ତାଙ୍କୁ ଭଲକରି ଅଭ୍ୟର୍ଥନା କଲେ ବହୁତ ସେବା ଯତ୍ନ କଲେ । ପୁଣି ଦିନେ ଋଷିଙ୍କ ଚରଣରେ ମୁଣ୍ଡ ନୁଆଁଇ ସନ୍ତାନ ହେବାପାଇଁ ବର ମାଗିଲେ । ଅଙ୍ଗିରା ରାଜାଙ୍କର ଦେହ ପରୀକ୍ଷା କଲେ । ରାଣୀମାନଙ୍କର ହାତ ଦେଖିଲେ । ତାପରେ ଗଭୀର ଭାବେ ବିଚାର କରି କହିଲେ—ରାଜା, ପୁଅ ତ ହୋଇପାରେ । କିନ୍ତୁ ପୁଅ ପାଇଁ ତୁମେ ସୁଖ ପାଇବ ଆଉ ବହୁତ ଦୁଃଖ ବି ପାଇବ । ସନ୍ତାନ ସୁଖ ବି ଦିଏ ଆଉ ମହା ଦୁଃଖର ବି କାରଣ ହୁଏ । ଭଲ ପାଳନ ପୋଷଣ କଲେ, ଭଲ ଶିକ୍ଷା ଦେଲେ, ଭଲ ବାତାବରଣରେ ବଢ଼ିଲେ ଆଉ ଆୟୁଷ ବହୁତ ହେଲେ ସନ୍ତାନ ସୁଖ ଦିଏ, ନ ହେଲେ ଏଇ ଜୀବନରେ ହିଁ ନରକ ଭଳି କଷ୍ଟ ଭୋଗିବାକୁ ପଡ଼େ । ଏମିତି କର, ମୁଁ ଗୋଟାଏ ଔଷଧ ଦେଉଛି । ତୁମେ ତାକୁ ଠିକ୍ ଭାବରେ ନିୟମରେ ବଡ଼ ରାଣୀଙ୍କୁ ଖୁଆଉଥାଅ । ଭଗବାନ ଚାହିଁଲେ ଠିକ୍ ସମୟରେ ସନ୍ତାନ ହେବ ।

ଅନ୍ଧକୁ କ'ଣ ଦରକାର । ଯୋଡ଼ିଏ ଆଖି । ରାଜା ଚିତ୍ରକେତୁ ଋଷିଙ୍କଠାରୁ ଔଷଧ ନେଲେ । ବଡ଼ରାଣୀଙ୍କୁ ଖାଇବାକୁ ଦେଲେ । ତାପରେ ରାଜାରାଣୀ ସନ୍ତାନ ପାଇଁ ପ୍ରତୀକ୍ଷା କରିବାକୁ ଲାଗିଲେ ।

ବିଧାତାର ଦୟା ହେଲା । ସମୟ ପୂର୍ବକ ରାଣୀ ଗର୍ଭବତୀ ହେଲେ । ରାଜା ଆଉ ବଡ଼ରାଣୀଙ୍କର ଖୁସିର ଠିକଣା ରହିଲାନି । ସେ ଖୁସିହୋଇ ଅକାତରେ କେତେ ସୁନାରୂପା, ହାତୀ, ଘୋଡ଼ା, ବସ୍ତ୍ର, ପାତ୍ର, ଦାନ କଲେ । କାରାଗାରରୁ ବନ୍ଦୀମାନଙ୍କୁ ଖୋଲି ଦେଲେ । ପିଞ୍ଜରାରୁ ପକ୍ଷୀମାନଙ୍କୁ ଉଡ଼ାଇଦେଲେ । ମନରୁ ଉଦାସ ଭାବ ଦୂର କରିଦେଇ ହସ ଖୁସିରେ ମାତିଲେ । ଏଣିକି ରାଜଉଆସରେ ସଦାବେଳେ ଆନନ୍ଦ ଉଲ୍ଲାସରେ ମାତି ରହିଲା । ରାଜା ଏବଂ ବଡ଼ରାଣୀଙ୍କୁ ସବୁ ପ୍ରକାରର ଭୋଜନ ଭଲ ଲାଗିଲା । ଏଣିକି ରୋଷେଇଶାଳରେ ରାନ୍ଧୁଣିଆ ପୁଷ୍ଟିକର ଓ ସ୍ୱାଦିଷ୍ଟ ଭୋଜନ ତିଆରି କଲା । ରାଜା ଏବଂ ବଡ଼ରାଣୀ ଏଭଳି ଭାବରେ ଖୁସି ରହୁଥିଲେ । କିନ୍ତୁ ଅନ୍ୟ ରାଣୀମାନଙ୍କର ମନରେ ଶାନ୍ତି ନଥିଲା । ସେମାନଙ୍କୁ ଭୋଜନ ପିତା ଲାଗୁଥିଲା ଏବଂ

ମନ ଈର୍ଷାରେ ଜଳୁଥିଲା । ସେମାନେ ଭାବୁଥିଲେ ଆମର ସନ୍ତାନ ନ ହେବାରୁ ରାଜା ଆମକୁ ଚାହୁଁ ନାହାନ୍ତି । ବଡ଼ ରାଣୀଙ୍କୁ ବେଶି ଭଲ ପାଉଛନ୍ତି । ଯଦି ବଡ଼ରାଣୀ ଗର୍ଭବତୀ ନ ହୋଇଥାନ୍ତେ ତ ରାଜା ଆମ ସମସ୍ତଙ୍କୁ ସମାନ ଭାବେ ଭଲ ପାଉଥାଆନ୍ତେ । ଭଗବାନ କରନ୍ତୁ, ବଡ଼ରାଣୀଙ୍କର ସନ୍ତାନ ନଷ୍ଟ ହୋଇଯାଉ କିମ୍ବା ଜନ୍ମ ହେଉ ହେଉ ପିଲା ମରିଯାଉ । ରାଜମହଲରେ କଳି ଆଉ ଈର୍ଷାର ମଞ୍ଜି ବୁଣି ହୋଇଗଲା । ସେ ମଞ୍ଜି ବଢ଼ିବାକୁ ଲାଗିଲା । ମଞ୍ଜିରୁ ଅଙ୍କୁର ହେଲା ।

ସମୟ ବିତିବାକୁ ଲାଗିଲା । ବଡ଼ରାଣୀ ଚନ୍ଦ୍ରମାଠାରୁ ବଳି ସୁନ୍ଦର ଏବଂ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ପୁଅ ଜନ୍ମ କଲେ । ରାଜମହଲ ଏବଂ ସାରା ରାଜ୍ୟରେ ଉତ୍ସବ କରାଗଲା । ମିଠାଇ ବଣ୍ଟା ହେଲା । କିନ୍ତୁ ଅନ୍ୟ ରାଣୀମାନେ ସହି ପାରିଲେନି । ତାଙ୍କ ମନ ଜଳିଲା । ବଡ଼ରାଣୀଙ୍କ ପୁଅକୁ ସେମାନେ ଆଉ ଆଖିରେ ଦେଖି ପାରୁନଥିଲେ । ବଡ଼ରାଣୀଙ୍କ ପୁଅକୁ ଦେଖିଲେ ସେମାନଙ୍କୁ ଆଖିରେ କଣ୍ଟାଗେଞ୍ଜି ହୋଇଗଲା ପରି ଲାଗେ । ଶେଷକୁ ସେମାନେ ସହି ନପାରି ଗୋଟିଏ ଘୋର ପାପ କଲେ । ଦିନେ ମଉକା ପାଇ ଟିକି ପିଲାଟିକୁ ବିଷ ଖୁଆଇ ଦେଲେ । ବିଚରା ପିଲାଟି ଝୁଲଣରେ ଶୋଇଚିତ ଶୋଇଚି । ବଡ଼ରାଣୀ ଯେତେବେଳେ ପିଲାଟିକୁ କୋଳକୁ ନେଲେ ତ ମରିଯାଇଛି ଦେଖି ତଳେ କଚାଡ଼ି ହୋଇ ପଡ଼ିଲେ । କରୁଣ ସ୍ୱରରେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ । ଲୁହର ନଈ ବୋହିଗଲା । ବିଚାରୀ ରାଣୀଙ୍କର ତ ସବୁ କିଛି ସରିଗଲା । ରାଜା ଚିତ୍ରକେତୁଙ୍କୁ ଯେତେବେଳେ ଏହି ଖବର ମିଳିଲା ତ ସେ ଖାଲି ପାଦରେ ଦୌଡ଼ିକରି ଆସିଲେ । ପୁଅର ମୃତଦେହ ଦେଖି ହାହାକାର କରି ଉଠିଲେ । ତାଙ୍କ ଛାତି ଫାଟି ଯାଉଥିଲା । ଆଖିରୁ ଲୁହ ଝରୁଥିଲା । ଦାସଦାସୀ ବନ୍ଧୁବାନ୍ଧବ ବି କାନ୍ଦୁଥିଲେ ।

କେତେଦିନ ବିତିଗଲା । କିନ୍ତୁ ରାଜାରାଣୀ ନ ଖାଇ ନ ପିଇ ନିଜ ପୁଅର ମୃତଦେହକୁ ଧରି ବାହୁନି କାନ୍ଦୁଥିଲେ । ସମସ୍ତେ ତାଙ୍କୁ ବୁଝାଇ ବୁଝାଇ ଥକି ଗଲେ । ସେମାନଙ୍କୁ ଧୈର୍ଯ୍ୟ ଦେବାର ସବୁ ଚେଷ୍ଟା ବୃଥା ହେଲା । ସାରା ରାଜମହଲ ଶୋକସାଗରରେ ବୁଡ଼ି ରହିଲା ।

ମହର୍ଷି ଅଙ୍ଗିରାଙ୍କୁ ଯେତେବେଳେ ଏହି ଦୁଃଖପୂର୍ଣ୍ଣ ଘଟଣା ଜ୍ଞାତ ହେଲା ସେତେବେଳେ ସେ ନାରଦଙ୍କୁ ସାଙ୍ଗରେ ଧରି ସେଠି ପହଞ୍ଚିଲେ । ସେମାନେ ରାଜାଙ୍କୁ ବୁଝାଇ କହିଲେ–ରାଜା, ବିଧାତାଙ୍କ ବିଧାନକୁ କିଏ ଟାଳି ପାରିବ ? ଯଦି ସନ୍ତାନ ସୁଖ ଭାଗ୍ୟରେ ଥାଆନ୍ତା, ତାହାହେଲେ ଏହି ଗୋଟିକ ପୁଅ ବି ଲମ୍ବା ଆୟୁଷ ନେଇ ଆସିଥାଆନ୍ତା । କିନ୍ତୁ ଏହାର ଆୟୁ କେବଳ ଏତିକି । ତୁମ ସମସ୍ତଙ୍କ ସାଙ୍ଗରେ ତାହାର ଏତିକି ଦିନର ସମ୍ବନ୍ଧ ଥିଲା । ସମୟ ପୂରିଗଲାରୁ ସେ ତୁମ୍ଭମାନଙ୍କୁ ଛାଡ଼ି ଚାଲିଗଲା । ସଂସାରର ମାୟାଜାଲରେ ଜ୍ଞାନୀ ଲୋକେ ପଡ଼ିବା ଉଚିତ୍ ନୁହେଁ । ଆଉ ଦୁଃଖୀ କରନି । ସତ କହିବାକୁ ଗଲେ ଏ ପିଲା ତୁମର କେହି ନଥିଲା କି ତୁମେ ତାହାର କେହି ନ ଥିଲ ।

ମହର୍ଷିଙ୍କ କଥା ରାଜାରାଣୀଙ୍କୁ ଧୈର୍ଯ୍ୟ ଦେଇ ପାରି ନ ଥିଲା, କି ତାଙ୍କର ଉପଦେଶ ସେମାନେ ବୁଝି ପାରି ନଥିଲେ । ବରଂ କାନ୍ଦିକରି ସେମାନେ କହିଲେ–ମୁନିବର, ଆପଣ ତ ସଂସାର ତ୍ୟାଗ କରିସାରିଲେଣି । କିନ୍ତୁ ଆମଦୁହିଁଙ୍କ ପାଇଁ ତ ପୁଅ ବିନା ସାରା ସଂସାର ଅସାର ହୋଇଗଲା । ଆଖିର ପିତୁଳା ହରାଇ ଏବେ ଏ ଦୁନିଆକୁ କେମିତି ଦେଖିବୁ । କାହାପାଇଁ ବଞ୍ଚିବୁ ? ଯଦି ଆପଣମାନେ ଆମର କଲ୍ୟାଣ ଚାହାନ୍ତି, ତାହାହେଲେ ଆମ ପୁଅକୁ ଆମକୁ ଫେରାଇ ଦିଅନ୍ତୁ ।

ରାଜାଙ୍କ ହଠ ଏବଂ ରାଣୀଙ୍କ ପଥରକୁ ତରଳାଇ ଦେବା ପରି କାନ୍ଦ ଶୁଣି ନାରଦମୁନି ବାଧ୍ୟ ହୋଇ ନିଜର ଯୋଗଦ୍ୱାରା ପିଲାଟିର ମୃତଦେହରେ ପ୍ରାଣ ଢାଳି ଦେଲେ ।

ପିଲାଟି ବଞ୍ଚି ଉଠିବାରୁ ରାଜାରାଣୀ "ପୁଅରେ ଆମକୁ ଛାଡ଼ି ତୁ କୁଆଡେ ଚାଲି ଯାଇଥିଲୁ ? "କହି ତାକୁ କୁଣ୍ଢାଇ ପକାଇଲେ" କିନ୍ତୁ ପିଲାଟି ସେମାନଙ୍କୁ ଛାଟିଦେଇ କହିଲା–କାହାର ପୁଅ, କେମିତି ପୁଅ? ତୁମେମାନେ କିଏ ସବୁ? ମତେ କାହିଁ ବାନ୍ଧି ରଖିଛ ? ମତେ ଏଠିକି ଫେର୍ କାହିଁକି ଡାକିଲ ? ମୁଁ ତ ଅନେକଥର ଜନ୍ମ ନେଇ ସାରିଲିଣି । କେଜାଣି କେତେଥର ତୁମେମାନେ ମୋର ପୁଅ ଝିଅ ହୋଇଛ! ଇଏ ତ ସଂସାରର ଖେଳ । ଯେତେଦିନ ସଂସାର ଥିବ ସେତେଦିନ ଯାଏ ଏ ଖେଳ ଚାଲିଥିବ । ଏଠି ବଞ୍ଚିକରି କିଏ ରହିବ ? କେବଳ ଆତ୍ମା ହିଁ ଅମର । ଭଲ କାମ ଅମର ରହେ । ତାହା ଦ୍ୱାରା ହିଁ ମଣିଷ ଅମର ହୁଏ । ପ୍ରକୃତ ସୁଖ, ଯଶ କମାଇବାରେ ଏବଂ ଅନ୍ୟର ଉପକାର କରିବା ଦ୍ୱାରାହିଁ ମଣିଷ ଅମର ହୁଏ । ଶରୀର ତ ନଷ୍ଟ ହୋଇଯାଏ । ତାହାହେଲେ ଶରୀର ପାଇଁ ଏତେ ମୋହ କାହିଁକି ?

ଏତିକି କହି ପିଲାଟିର ଆତ୍ମା ସ୍ୱର୍ଗକୁ ଚାଲିଗଲା । ମୃତଦେହ ସେଇଠି ପଡ଼ିରହିଲା । ରାଜା ଚିତ୍ରକେତୁ ଓ ରାଣୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । କିନ୍ତୁ ସେମାନଙ୍କୁ ପ୍ରକୃତ ଜ୍ଞାନ ମିଳିସାରିଥିଲା । ସଂସାରଚକ୍ର ବିଷୟ ସେମାନେ ବୁଝି ପାରିଥିଲେ ।

ପ୍ରୌଢ଼ ଶିକ୍ଷା କେନ୍ଦ୍ର
ଅନୁଗୋଳ, ଜି: ଢେଙ୍କାନାଳ

ଓଡ଼ିଶାର ନବଯୁବକମାନେ ଓଡ଼ିଶାର ବିକାଶକୁ ଏକ ଗଣ ଆନ୍ଦୋଳନରେ ପରିଣତ କରି ପାରିଲେ ଓଡ଼ିଶା ଅଳ୍ପ ସମୟ ଭିତରେ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇ ପାରିବ ।


ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

CHIEF MINISTER SRI PATTNAIK .
REVENUE MINISTER SRI MOHAPATRA
VISIT FLOOD AFFECTED AREA












ମୁଖ୍ୟମନ୍ତ୍ରୀ
ଶ୍ରୀ ପଟ୍ଟନାୟକ
ରାଜସ୍ୱ ମନ୍ତ୍ରୀ
ଶ୍ରୀ ମହାପାତ୍ର
ବନ୍ୟାଞ୍ଚଳରେ


ସ୍ପଞ୍ଜ ଆଇରନ୍
କାରଖାନା
SPONGE IRON
FACTORY
ଆତ୍ମନିଯୁକ୍ତି
ସୁବିଧା
HELP FOR
BLACKSMITH
ଲଙ୍ଗଳ ସାହାଯ୍ୟ
PLOUGH AID



ବାଣୀବିହାର
VANIVIHAR
O.U.A.T.
କୃଷି ବିଶ୍ୱବିଦ୍ୟା
ଭଞ୍ଜବିହାର
BHANJAVIHAR
ଜ୍ୟୋତିବିହାର
JYOTIVIHAR



TEACHERS AWARDED



INDO-YUGOSLAV TRADE PACT

# ଓଡ଼ିଶାର ସଂସ୍କୃତି ଓ ସାହିତ୍ୟରେ କଳାହାଣ୍ଡିର ସ୍ଥାନ

ଶ୍ରୀ ମହେନ୍ଦ୍ର କୁମାର ମିଶ୍ର

କଳାହାଣ୍ଡି ଶବ୍ଦର ଅଭିଧାର୍ଥ କଳା ରଙ୍ଗର ହାଣ୍ଡି । 'କଳା' କହିଲେ ସାହିତ୍ୟ, ସଙ୍ଗୀତ ନାଟକ, ଚିତ୍ରଶିଳ୍ପ, ସ୍ଥାପତ୍ୟ ଆଦିକୁ ବୁଝାଏ । ତେଣୁ କଳାହାଣ୍ଡିର ଅଭିଧାର୍ଥ କଳାରଙ୍ଗର ଏକ ମାଟିପାତ୍ରକୁ ବୁଝାଇଲେ ହେଁ ବ୍ୟଞ୍ଜନା ଅର୍ଥରେ ଏହି ଶବ୍ଦ କଳା, ସଂସ୍କୃତି, ସାହିତ୍ୟ ଓ ସ୍ଥାପତ୍ୟର ଭଣ୍ଡାରଘର ! ଏହାର ପ୍ରମାଣ ସ୍ୱରୂପ ଏହି ଅଞ୍ଚଳରେ ପ୍ରାଗୈତିହାସିକ ଯୁଗଠାରୁ ଐତିହାସିକ ଯୁଗର କ୍ରମବିକାଶର ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ତଥ୍ୟ ଉପଲବ୍ଧ । ଦୀର୍ଘ ଦିନ ଧରି ଓଡ଼ିଶାର ଏକ ବନ ପର୍ବତ ବେଷ୍ଟିତ ଆଟବିକ ଅଞ୍ଚଳରୂପେ ବିଦିତ ଥିବା ଏହି ଅଞ୍ଚଳ ଯେ, ଅତୀତରୁ ବର୍ତ୍ତମାନଯାଏ ଏକ ଉଜ୍ଜ୍ୱଳ ସାଂସ୍କୃତିକ ଐତିହ୍ୟର ଅଧିକାରୀ ; ଯୁଦ୍ଧ, ବିଗ୍ରହ, ପ୍ରାକୃତିକ ବିପର୍ଯ୍ୟୟ ଓ ଶତ ଉତ୍ଥାନ ପତନ ମଧ୍ୟ ଦେଇ ଏହି ଅଞ୍ଚଳ ନିଜ ସଂସ୍କୃତି, ପରଂପରା ଓ ଐତିହ୍ୟକୁ ଉଜ୍ଜୀବିତ କରି ରଖିଛି ଓ ଉତ୍କଳୀୟ ଚେତନାରେ ନିଜ ଚେତନାକୁ ସମାହିତ କରାଇ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଉତ୍ତରଣ ଦିଗରେ ଏକ ଉଲ୍ଲେଖଯୋଗ୍ୟ ଆସନ ଗ୍ରହଣ କରିଛି, କହିବା ବାହୁଲ୍ୟ ମାତ୍ର ।

ପ୍ଲିଷ୍ଟୋସିନ୍ ଯୁଗରେ ଏହି ଅଞ୍ଚଳରେ ଥିବା 'ଗୁଡ଼ହାଣ୍ଡି' ପାହାଡ଼ରେ ଆଦିମାନବମାନଙ୍କଦ୍ୱାରା ଖୋଦିତ ଗୁମ୍ଫାଚିତ୍ର ସେକାଳରେ ପ୍ରାଗୈତିହାସିକମାନଙ୍କର ସଭ୍ୟତାର ପ୍ରମାଣ ଦିଏ । ପର୍ବତ ଗୁମ୍ଫାରେ ଖୋଦିତ ଚିତ୍ରମଧ୍ୟରୁ ଅନେକ ବର୍ଗାକାର, ଆୟତାକାର, ଜ୍ୟାମିତିକ ଚିତ୍ର ସହିତ ଏକ ପଳାୟମାନ ହରିଣ ଉପରକୁ ଶିକାରୀର ପ୍ରସ୍ତର ନିକ୍ଷେପ ଦୃଶ୍ୟ ଏହି ମାନବମାନଙ୍କର ଖାଦ୍ୟ ଅନ୍ୱେଷଣ ମନୋବୃତ୍ତିର ସୂଚନା ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ପ୍ରାଥମିକ କଳାବୋଧର ସୂଚନା ଦିଏ । ଖଡ଼ିଆଳ ନିକଟସ୍ଥ 'ଯୋଗୀମଠ' ପାହାଡ଼ର ଗୁମ୍ଫା ଚିତ୍ରରୁ ତଦ୍ରୂପ ମଧ୍ୟ-ପ୍ରସ୍ତର ଯୁଗର ଆଦିମାନବଙ୍କ କୃଷି ତଥା ଜୀବନ-ଯାପନ ଓ ଶିଳ୍ପ କଳାବୋଧର ସୂଚନା ସ୍ୱରୂପ ଗୃହପାଳିତ ପଶୁ, ଡମ୍ବରୁ, ବାଦ୍ୟଯନ୍ତ୍ର, ଛଅଟି ପାଖୁଡ଼ା ବିଶିଷ୍ଟ ଫୁଲ, ବୃତ୍ତାକାର ଚିତ୍ର ଆଦି ଉପଲବ୍ଧ । ତେଲ ଓ ଇନ୍ଦ୍ରାବତୀ ନଦୀ ଅବବାହିକାରେ ଅଷ୍ଟ୍ରିକ୍ ଓ ପ୍ରୋଟୋ ଅଷ୍ଟ୍ରୋଲୟଡ୍ ତଥା ଦ୍ରାବିଡ଼ମାନଙ୍କର ବିକାଶର ଚିହ୍ନସ୍ୱରୂପ ହସ୍ତକୁଠାର, କ୍ଲିଭର, ଛେଦକ, ରିଙ୍ଗ୍ଷ୍ଟୋନ୍ ଉପଲବ୍ଧ । ଅଧୁନା ମାରାଗୁଡ଼ାରୁ ଆବିଷ୍କୃତ 'ଯୋନି' ପ୍ରସ୍ତର ଚିତ୍ର ସମକାଳୀନ ଶକ୍ତି ପୂଜା ପରଂପରାକୁ ସୂଚିତ କରୁଛି ।

ଇତିହାସରେ କଳାହାଣ୍ଡି ଜିଲ୍ଲାର ପଶ୍ଚିମାଞ୍ଚଳ ଦକ୍ଷିଣ କୋଶଳ ଅନ୍ତର୍ଭୁକ୍ତ ଥିଲା ଓ ପୂର୍ବ କଳାହାଣ୍ଡି ମହାକାନ୍ତାର ରୂପେ ପରିଚିତ ଥିଲା । ସମ୍ରାଟ ଅଶୋକ ଏହି ଅଞ୍ଚଳକୁ ଆଟାବିକ ଅଞ୍ଚଳ କହିଛନ୍ତି । ଖାରବେଳଙ୍କ ପୂର୍ବ ବଂଶଧର 'ମେଘ'ବଂଶ ଦକ୍ଷିଣ କୋଶଳର ଅଟନ୍ତି । ଖ୍ରୀ : ୧ମ ଶତାବ୍ଦୀରେ ଏହି ଦକ୍ଷିଣ କୋଶଳର ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନ ପରିମଳଗିରି (ଆଧୁନିକ ସମ୍ବଲପୁର ଜିଲ୍ଲାର ଗନ୍ଧମାର୍ଦ୍ଦନ ପର୍ବତ, ନୃସିଂହନାଥ) ଠାରେ ବୌଦ୍ଧ ମହାଯାନ ଶୂନ୍ୟବାଦର ପ୍ରବର୍ତ୍ତନ କରିଥିଲେ । ତେଣୁ ଦକ୍ଷିଣ କୋଶଳ ଦେଇ ବୌଦ୍ଧ ଧର୍ମ ତଥା ଆର୍ଯ୍ୟ ସଭ୍ୟତା ଉତ୍କଳକୁ ପ୍ରବେଶ କରିଛି ।

ଖ୍ରୀ. ଚତୁର୍ଥ ଶତାବ୍ଦୀରେ ଗୁପ୍ତରାଜା ସମୁଦ୍ରଗୁପ୍ତ ଦକ୍ଷିଣଭାରତ ଦିଗ୍‌ବିଜୟ କଲାବେଳେ ମହାକାନ୍ତାରର ରାଜା ବ୍ୟାଘ୍ରରାଜ ତଥା ଦକ୍ଷିଣ କୋଶଳର ରାଜା ମହେନ୍ଦ୍ରକୁ ପରାସ୍ତ କରିଥିଲେ । ମହାକାନ୍ତାର କଳାହାଣ୍ଡି, କୋରାପୁଟ ତଥା କୋଶଳ ପଶ୍ଚିମ କଳାହାଣ୍ଡି ଓ ସମ୍ବଲପୁର ଛତିଶଗଡ଼ ଅଞ୍ଚଳକୁ ବୁଝାଏ । ଖ୍ରୀ.: ତୃତୀୟ ଶତାବ୍ଦୀ ବେଳକୁ ଅସୁରଗଡ଼ରେ କୌଣସି ସ୍ଥାନୀୟ ରାଜା କଳାହାଣ୍ଡି ରାଜତ୍ୱ କରୁଥିଲେ । ଖ୍ରୀ.: ଚତୁର୍ଥ-ପଞ୍ଚମ ଶତାବ୍ଦୀ ବେଳକୁ ଏହି ଅଞ୍ଚଳ ନଳବଂଶୀ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଏହିମାନଙ୍କ ସମୟରେ ମାରାଗୁଡ଼ା ଉପତ୍ୟକାରେ ଏକ ସମୃଦ୍ଧ ନଗର ଥିବାର ପ୍ରମାଣ ମିଳିଅଛି । ପୁଣି ଏଠାରେ ଶୈବ ଓ ଶାକ୍ତ ଧର୍ମର ପ୍ରାଣକେନ୍ଦ୍ର ସ୍ୱରୂପ ଅନେକ ଭଗ୍ନାବଶେଷ ଆବିଷ୍କୃତ ହୋଇଅଛି । ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଉପତ୍ୟକାର ଖୋଦନ ହୋଇ ଏହିଠାରୁ ଏକ ଶକ୍ତି ପୀଠ, ଭଟାମନ୍ଦିର, ସିଂହବାହିନୀ ଦୁର୍ଗା, ୫ଟି ଯୋଗିନୀ ମୂର୍ତ୍ତି, ମୃଦଙ୍ଗ ବାଦକ, ବଂଶୀବାଦକ ଓ ନର୍ତ୍ତକୀ, ଶିବ ମୂର୍ତ୍ତି, ବୁଦ୍ଧ ମୂର୍ତ୍ତି, ଫଣୀମୁକୁଟ, ରାଣୀମହଲ, ଦରବାରମହଲ ଆଦି ଆବିଷ୍କୃତ ହୋଇ ଅଛି । ଏହି ଉପତ୍ୟକା ନିକଟରେ ମାଣିକଗଡ଼ ଅବସ୍ଥିତ ଯାହାକି ବର୍ତ୍ତମାନ ସୁଦ୍ଧା ପ୍ରତ୍ନତାତ୍ତ୍ୱିକ ଖୋଦନର ଅପେକ୍ଷା-ରତରେ । ଏହି ସ୍ଥାନ ଖ୍ରୀ. ୪ର୍ଥରୁ ଖ୍ରୀ: ୧୩୦୦ ପର୍ଯ୍ୟନ୍ତ କ୍ରମାନ୍ୱୟରେ ବିଭିନ୍ନ ରାଜବଂଶଦ୍ୱାରା ଅଧିକୃତ ଓ ଶାସିତ ହୋଇଥିବାର ପ୍ରମାଣ ମିଳୁଛି । ଭାରତର ପ୍ରଥମ ହିନ୍ଦୁ

ଶୈବ ରାଜସଂପ୍ରଦାୟର ବିକାଶ ଏହିଠାରେ ହିଁ ବୋଲି ଡ଼ଃ ନବୀନ କୁମାର ସାହୁ ମତ ଦେଇଛନ୍ତି ।

ଖ୍ରୀ : ଷଷ୍ଠ ଶତାବ୍ଦୀ ବେଳକୁ କଳାହାଣ୍ଡିରେ ସ୍ଥାନୀୟ ରାଜବଂଶ 'ପର୍ବତ ଦ୍ୱାରକାର ଉଦ୍‌ଭବ ଓ ବିକାଶ ଶାକ୍ତ ଧର୍ମର ବିକାଶ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ରାଜ ବଂଶଦ୍ୱାରା 'ସ୍ତମ୍ଭେଶ୍ୱରୀ' ଦେବୀଙ୍କର ପୂଜନ ହେଉଥିଲା । ଏହି ସ୍ତମ୍ଭେଶ୍ୱରୀ ଓଡ଼ିଶାର ସର୍ବ ପ୍ରାଚୀନ ଶାକ୍ତ ଦେବୀ ବୋଲି ଡ଼ଃ ନବୀନ କୁମାର ସାହୁ ମନ୍ତବ୍ୟ ପ୍ରକାଶ କରିଛନ୍ତି ।

ଖ୍ରୀ : ୭-୮ମ ଶତାବ୍ଦୀରେ ଶରଭପୁରୀୟ ରାଜାମାନେ ଦକ୍ଷିଣ କୋଶଳ ରାଜତ୍ୱ କରୁଥିଲେ । ଏହି ବଂଶର ରାଜା ମହାଜୟ ରାଜଙ୍କର ଓ ମହାସୁଦେବଙ୍କର ତାମ୍ରପତ୍ର ଖଡ଼ିଆଳ ଅଞ୍ଚଳରୁ ଉପଲବ୍‌ଧ ହୋଇଅଛି । ଏହାଛଡ଼ା ରାଜା ପ୍ରସନ୍ନ ମାତ୍ର, ମହେନ୍ଦ୍ରାଦିତ୍ୟ ଓ କ୍ରମାଦିତ୍ୟଙ୍କ ସୁବର୍ଣ୍ଣ ମୁଦ୍ରା ଖଡ଼ିଆଳ ଓ ମାରାଗୁଡ଼ା ଉପତ୍ୟକାରୁ ଆବିଷ୍କୃତ ହୋଇଅଛି । ଏହି ରାଜାମାନେ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ । 'ଶ୍ରୀ' ବା 'ଲକ୍ଷ୍ମୀ' ଏହାଙ୍କର ଇଷ୍ଟଦେବୀ ଥିଲେ । ତେଣୁ ଏମାନଙ୍କର ରାଜଧାନୀର ନାମ 'ଶ୍ରୀପୁର' ଥିଲା ।

ଖ୍ରୀ: ୯-୧୦ମ ଶତାବ୍ଦୀ ବେଳକୁ ଦକ୍ଷିଣ କୋଶଳରେ ପାଣ୍ଡୁବଂଶୀ ବା ସୋମବଂଶୀ ରାଜାମାନେ ରାଜତ୍ୱ କଲେ । ଏ ବଂଶର ରାଜା ମହାଶିବଗୁପ୍ତ ବାଲାର୍ଜ୍ଜୁନଙ୍କ ସମୟରେ ମରମୟୁର ଶୈବ ସଂପ୍ରଦାୟ ଏହି ଅଞ୍ଚଳରେ ପ୍ରସାର ଲାଭ କଲା । ଘଣାପୁର ଝରିଆଲ୍‌ର ସୋମେଶ୍ୱର ଶିବ ମନ୍ଦିର ଏହି ରାଜାଙ୍କ କୃତିତ୍ୱ । ଏହି ରାଜାଙ୍କ ସମୟର ଶୈବାଚାର୍ଯ୍ୟ ଶ୍ରୀ ଶୂଳପାଣିଙ୍କ ଅନୁରୋଧରେ ବାଲର୍ଜ୍ଜୁନ ତାଙ୍କ ଶାସନର ୫୭ତମ ବର୍ଷରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ତାଙ୍କ ରାଜ୍ୟର 'ଖଦିର ପଦ୍ରକ'ଠାରେ ପ୍ରତିଷ୍ଠିତ 'ଇଶାନେଶ୍ୱର ଭଟ୍ଟାରକ'ଙ୍କ ପୂଜା ନିମନ୍ତେ 'ବୈଦ୍ୟପଦ୍ରକ' ଗ୍ରାମ ଦାନ କରିଥିଲେ । ଏହି ଗ୍ରାମ ଦୁଇଟି ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାର 'ଖଇରପଦର' ଓ 'ବେଜିପାଦର' ଅଟେ । ଏହାଙ୍କ ସମୟରେ କଳାହାଣ୍ଡିର ବେଲଖଣ୍ଡିରେ ଶିବମନ୍ଦିର, ଚଣ୍ଡୀମନ୍ଦିର, ସପ୍ତମାତୃକା-ହରିହର, ଉମାମହେଶ୍ୱରାଦି ମନ୍ଦିର ଓ ମୂର୍ତ୍ତି ନିର୍ମିତ ହୋଇ ସମଗ୍ର ଦକ୍ଷିଣ କୋଶଳରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ଏକ ମିଶ୍ରିତ ( Synchronisation ) ପରଂପରା ସୃଷ୍ଟି ହୋଇଥିଲା ।

ଏ ଅଞ୍ଚଳକୁ କିଛିଦିନ ଚକ୍ରକୋଟର ଛିନ୍ଦକନାଗମାନେ ଶାସନକଲାପରେ ଗଙ୍ଗ ଓ କଳଚୁରୀମାନଙ୍କ ଦ୍ୱାରା ଶାସିତ ହେଲା । ଛିନ୍ଦକନାଗମାନଙ୍କ ସମୟରେ ମାଣିକେଶ୍ୱରୀ ଦେବୀ କଳାହାଣ୍ଡିରେ ପ୍ରତିଷ୍ଠିତ ହେଲେ । ଗଙ୍ଗମାନେ କଳାହାଣ୍ଡିକୁ ପ୍ରାୟ ଖ୍ରୀ: ୧୨୫୨ ପର୍ଯ୍ୟନ୍ତ ଶାସନ କଲାପରେ ନାଗମାନଙ୍କ ଦ୍ୱାରା ଅଧିକୃତ ହେଲା । ତଦ୍ରୂପ ଖଡ଼ିଆଳ ଅଞ୍ଚଳ ମଧ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ଚୌହାନମାନଙ୍କ ଦ୍ୱାରା ଶାସିତ ହେଲା । ଚୌହାନମାନଙ୍କ ଇଷ୍ଟଦେବୀ ସମଲେଶ୍ୱରୀ ତଥା ଭଗ୍ନାନରୀ ଏହି ଅଞ୍ଚଳରେ ସେ କାଳରୁ ପୂଜିତା ହୋଇ ଆସୁଅଛନ୍ତି ।

କଳାହାଣ୍ଡିର ପ୍ରାଗୈତିହାସିକ ପ୍ରିଷ୍ଟୋସିନ ଯୁଗର କଳା ଓ ସ୍ଥାପତ୍ୟର ଆଦି ନିଦର୍ଶନ ସ୍ୱରୂପ 'ଗୁଡ଼ହାଣ୍ଡି' ଓ 'ଯୋଗୀ ମଠ' ପାହାଡ଼ର ଗୁମ୍ଫା ଚିତ୍ର ଉଲ୍ଲେଖନୀୟ । ଏହା ପରେ ଏହି ଅଞ୍ଚଳରେ ପ୍ରାକ୍ ମଧ୍ୟ ଯୁଗର ଯେଉଁ କଳା ଓ ସ୍ଥାପତ୍ୟ ଦୃଷ୍ଟିଗୋଚର ହୁଏ ତହିଁରୁ ଜଣାଯାଏ ଯେ, ଏହି ଅଞ୍ଚଳରେ ସ୍ତ୍ରୀ ଓ ପୁରୁଷ ଉଭୟେ ଲମ୍ବାବାଳ ରଖୁଥିଲେ ଓ ଉଭୟେ ଖୋସା ବାନ୍ଧୁ ଥିଲେ । ସେମାନେ ବାହୁରେ ବାହୁଟି, ହାତରେ କଙ୍କଣ ମଧ୍ୟ ପିନ୍ଧୁଥିଲେ । ସ୍ତ୍ରୀମାନେ ମନୋରମ କେଶ ବିନ୍ୟାସ, ତିନିସରିଆ ମଲ୍ଲୀକଢ ହାର, କର୍ଣ୍ଣରେ ଗୋଲାକୃତି ପୁଷ୍ପାକାରର କର୍ଣ୍ଣଫୁଲ , ମଥାରେ ସିନ୍ଦୂର, କଟୀରେ କାରୁକାର୍ଯ୍ୟଯୁକ୍ତ ତିନି ଧାଡ଼ି ସରିଆ କିଙ୍କିଣୀର ବ୍ୟବହାର ତଥା ନୀବିବନ୍ଧଠାରୁ ଲୁଗାଗଣ୍ଠି ପଡ଼ି ତଳକୁ ଝୁଲି ଓହଳି ଥିବା ଜଣାଯାଏ । ପୁରୁଷମାନେ କର୍ଣ୍ଣରେ ଲମ୍ବ କୁଣ୍ଡଳ, କଣ୍ଠରେ ଚେପ୍‌ଟା ହାର ତଥା କଣ୍ଠରେ ଏକ ପ୍ରକାର କବଚ, ପାଦରେ ବଳା, ଓ ଆପାଦ ଆବୃତ ଧୋତି ବ୍ୟବହାର କରୁଥିଲେ । ଏହି ଅଞ୍ଚଳର ସ୍ଥାପତ୍ୟର ବିଶେଷତ୍ୱ ଏହା ଯେ, ପୁରୁଷ ଓ ସ୍ତ୍ରୀ ଉଭୟ ମୂର୍ତ୍ତିର ପାଦଗୁଡ଼ିକ ଅପେକ୍ଷାକୃତ ବଡ଼ । ଉତ୍ତର ମଧ୍ୟ ଯୁଗୀୟ ଶିଳ୍ପ ଓ ସ୍ଥାପତ୍ୟର ସୂକ୍ଷ୍ମ ଶିଳ୍ପ କଳାର ନିଦର୍ଶନ ସ୍ୱରୂପ ଫଣୀମୁକୁଟ, ଚେପ୍‌ଟା ନାଗ ଭାସ୍କର୍ଯ୍ୟ, ଚେପ୍‌ଟା ହରିହର ମୂର୍ତ୍ତି ଓ ଚେପ୍‌ଟା 'ଆମ୍ରାଦେବୀ' ଜୈନମୂର୍ତ୍ତି ଉପଲବ୍‌ଧ । ବିଶେଷତଃ କଳା ଗ୍ରାନାଇଟ୍ ପଥରରେ ଓ ଚିକ୍‌କଣ ମୁଗୁନି ପଥରରେ ନିର୍ମିତ ଚେପ୍‌ଟା ଭାସ୍କର୍ଯ୍ୟ ଏହି ଅଞ୍ଚଳର କଳା ଓ ସ୍ଥାପତ୍ୟର ବିଶେଷତ୍ୱ ।

ମାରାଗୁଡ଼ା ଉପତ୍ୟକାରୁ ପ୍ରାପ୍ତ କେତୋଟି ନୃତ୍ୟମୁଦ୍ରାଯୁକ୍ତ ନାୟିକା ଓ ବାଦକଙ୍କ ସୂକ୍ଷ୍ମ ପ୍ରସ୍ତର ସ୍ଥାପତ୍ୟ ଖଡ଼ିଆଳର ଗବେଷକ ଶ୍ରୀ ଜିତାମିତ୍ର ପ୍ରସାଦ ସିଂହଦେଓଙ୍କ ସଂଗ୍ରହାଳୟରେ ସୁରକ୍ଷିତ । ଗୋଟିଏ ପ୍ରସ୍ତର ମୂର୍ତ୍ତିରେ ଜଣେ ବଂଶୀ ବାଦକ ବଂଶୀ ବଜାଉଅଛି ଓ ନର୍ତ୍ତକୀ ନୃତ୍ୟ କରୁଅଛି । ଅନ୍ୟ ଏକ ସ୍ଥାପତ୍ୟରେ ଜଣେ ନର୍ତ୍ତକୀ ପାଦରେ ନୂପୁର ବାନ୍ଧୁ ଅଛି ଓ ମୃଦଙ୍ଗ ବାଦକ ମୃଦଙ୍ଗରେ ଦୁଇହାତ ଦେଇ ନର୍ତ୍ତକୀକୁ ଅପେକ୍ଷା କରିବା ଭଙ୍ଗୀରେ ଦଣ୍ଡାୟମାନ । ତଦ୍ରୂପ ନଟରାଜ ଶିବଙ୍କ ତାଣ୍ଡବ ନୃତ୍ୟ ଭଙ୍ଗୀ ଓ ରାନୀପୁର ଝରିଆଲର ଶିବ ପାର୍ବତୀଙ୍କ ତାଣ୍ଡବ ଓ ଲାସ୍ୟ ମୁଦ୍ରା ତଥା ଚଉଷଠୀ ଯୋଗିନୀଙ୍କ ନୃତ୍ୟ ମୁଦ୍ରା ଏହି ଅଞ୍ଚଳରେ ନୃତ୍ୟ କଳା ଓ ଗୀତ ବାଦ୍ୟର ଉତ୍କର୍ଷ ସଂପର୍କରେ ସୂଚନା ଦିଏ । ମଧ୍ୟ ଯୁଗରେ ଏହି ଅଞ୍ଚଳରେ ନୃତ୍ୟ ଗୀତ ବାଦ୍ୟର ତଥା ସୂକ୍ଷ୍ମ ପ୍ରସ୍ତର ଶିଳ୍ପ ସ୍ଥାପତ୍ୟର ଏବଂବିଧ ବିକାଶ ଏହି ଅଞ୍ଚଳର ସଂସ୍କୃତି ଓ କଳା ପ୍ରୀତିର ଚରମ ନିଦର୍ଶନ ଅଟେ ।

ମାରାଗୁଡ଼ା ଉପତ୍ୟକା ଖୋଳିତ ହୋଇ ସେଠାକାର ନିର୍ମିତ ଶିବ ମନ୍ଦିରର ଗର୍ଭଗୃହ ଓ ପ୍ରଦକ୍ଷିଣ ପଥ ତଥା ମନ୍ଦିର ନିର୍ମାଣ ଶୈଳୀରୁ ଜଣାଯାଏ ଯେ ଖ୍ରୀ: ୪ର୍ଥ ଶତାବ୍ଦୀର ଉତ୍ତର ଭାରତର ମନ୍ଦିର ନିର୍ମାଣ ପଦ୍ଧତି ସହିତ ଏହାର ସାମଞ୍ଜସ୍ୟ ଅଛି । ଦକ୍ଷିଣ କୋଶଳ ମନ୍ଦିର ନିର୍ମାଣ ପଦ୍ଧତି ଉତ୍କଳର ମନ୍ଦିର ନିର୍ମାଣ ପଦ୍ଧତିଠାରୁ ଭିନ୍ନ । ବୁଢୀକୋମନାର ପ୍ରସିଦ୍ଧ ଇଟା ମନ୍ଦିର (ଶିବ ମନ୍ଦିର) କାରୁକାର୍ଯ୍ୟପୂର୍ଣ୍ଣ ଓ ଏହା ମଧ୍ୟ ଯୁଗର ପ୍ରଥମ ଭାଗର । କୋମନାର ଇଟା ମନ୍ଦିର ତ୍ରିରଥ ମନ୍ଦିର ଅଟେ । ଏହି ମନ୍ଦିରର ତୀକ୍ଷ୍ଣ କୋଣ ଥିବା ଭୂମି, ଆମଳକ ଓ ତ୍ରିରଥ ନକ୍‌ସା ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର ସହିତ ତୁଳନୀୟ । ପୁଣି ଦାଦପୁରର ନୀଳକଣ୍ଠେଶ୍ୱର ମନ୍ଦିର, ମୋହନ ଗିରି, ବେଲଖଣ୍ଡିର ଶିବ ମନ୍ଦିର ତଥା ଏ ଅଞ୍ଚଳର ଅନେକ ମନ୍ଦିର କଳା ଓ ସ୍ଥାପତ୍ୟ ଦୃଷ୍ଟିରୁ କୋଶଳୀ ପଦ୍ଧତିରେ ନିର୍ମିତ ।

ଓଡ଼ିଶାକୁ ମଗଧ ଓ କୋଶଳ ଦେଇ ଆର୍ଯ୍ୟ ସଭ୍ୟତା ପ୍ରବେଶ କରିବା ସଙ୍ଗେ ସଙ୍ଗେ 'ପ୍ରାଚ୍ୟ ପ୍ରାକୃତ' ରୂପେ 'ମାଗଧୀ ପ୍ରାକୃତ' ଓ 'କୋଶଳୀ'ର ଏକ ମିଶ୍ରିତ ରୂପହିଁ ଓଡ଼ିଆ ଭାଷା ରୂପ ପରିଗ୍ରହ କରିଛି । ପ୍ରାଚ୍ୟ ପ୍ରାକୃତର ଏହି ଦୁଇଟି ଧାରାରୁ ଓଡ଼ିଆ ଭାଷାର ସୃଷ୍ଟି ହେଲା ପରେ ମାଗଧୀ ପ୍ରାକୃତ ପ୍ରଭାବିତ ଓଡ଼ିଆ ଭାଷାରେ କ୍ରମଶଃ ସାହିତ୍ୟ ସୃଷ୍ଟି ହେଲା ଓ କୋଶଳ ଅଞ୍ଚଳର ପ୍ରାକୃତର କଥିତ ଭାଷା ଲୋକ ମୁଖରେ ରହିଲା । ଏହାର ସାହିତ୍ୟ ସୃଷ୍ଟି ହୋଇ ପାରିଲା ନାହିଁ । ଫଳରେ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି ହେଲା ପରେ ପଶ୍ଚିମ ଓଡ଼ିଶାର ବ୍ୟବହୃତ ଲୋକ ମୁଖର କୋଶଳୀ ଭାଷା ଅନାଦୃତ ଓ ଅବିକଶିତ ହୋଇ ରହିଗଲା । ମାତ୍ର ଲୋକ ମୁଖରେ ଏହି ଭାଷା ଓ ଲୋକ ସାହିତ୍ୟ ଅଦ୍ୟାପି ଜୀବିତ । ବର୍ତ୍ତମାନ ଏହି ଭାଷାର ବ୍ୟାକରଣ ଓ ସାହିତ୍ୟ ରଚନା ଦିଗରେ ଅନେକ ବ୍ୟକ୍ତି ଅଗ୍ରସର ହେଲେଣି । ଏହି ଅଞ୍ଚଳର ଭାଷା ତାତ୍ତ୍ୱିକ, ସାମାଜିକ ଅଧ୍ୟୟନ କରାଗଲେ ଏହା ସଂସ୍କୃତ ଓ ପ୍ରାକୃତର କେତେ ନିକଟବର୍ତ୍ତୀ ତଥା ଓଡ଼ିଆ ଭାଷାକୁ ଏହାର ଅବଦାନ କେତେ ତାହା ଆକଳନ କରିହେବ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ କଳାହାଣ୍ଡିର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ । ସପ୍ତଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସାହିତ୍ୟ ସୃଷ୍ଟି ଓ ସାଧନାର ଯେଉଁ ଅପ୍ରତିହତ ଧାରା ଅଦ୍ୟାବଧି ରହି ଆସୁଅଛି ତାହା ବାସ୍ତବିକ ବିସ୍ମୟକର । ଓଡ଼ିଆ ସାହିତ୍ୟର ଇତିହାସରେ ଖଡ଼ିଆଳ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଏକ ନିରବଚ୍ଛିନ୍ନ ସାହିତ୍ୟ ସାଧନାର ସ୍ରୋତ ଏହି ଅଞ୍ଚଳରେ ଉପଲବ୍ଧ । ଏହି ଅଞ୍ଚଳର ଅଷ୍ଟାଦଶ ଶତାବ୍ଦୀର କବି ଶ୍ରୀ ଚୈତନ୍ୟ ଦାସ 'ବିଷ୍ଣୁଗର୍ଭ ପୁରାଣ' 'ଦେବଦର୍ଶନ ପୁରାଣ' ଓ ନିର୍ଗୁଣ ମହାତ୍ମ୍ୟ' ଲେଖି ଓଡ଼ିଆ ଧର୍ମ ଓ ଅଲେଖ ସାହିତ୍ୟକୁ ଯେଉଁ ଅବଦାନ ଦେଇ ଯାଇଛନ୍ତି ତାହା ଅବିସ୍ମରଣୀୟ । ବୈଦିକ ଅପଗ୍ରହ ବିରୁଦ୍ଧରେ ବୁଦ୍ଧଙ୍କର ସାମାଜିକ ଭିତ୍ତିରେ ଧର୍ମୀୟ ସଂସ୍କାର ଓ ଧର୍ମର ପୁନଃ ପ୍ରବର୍ତ୍ତନ ଓ ମୂଲ୍ୟାୟନ, ମୂର୍ତ୍ତି ପୂଜନ ବିରୁଦ୍ଧରେ ତଥା ଭକ୍ତିବାଦୀ ଯାଜ୍ଞୀୟ ଉପଗ୍ରହର କୁସଂସ୍କାର ବିରୁଦ୍ଧରେ ତାଙ୍କ ବିଶ୍ୱରଧାରାର ସୁସଂହତ ପ୍ରକାଶର ନିର୍ଯ୍ୟାସ ହିଁ କବି ଚୈତନ୍ୟ ଦାସଙ୍କ ରଚନା ବଳୀର ପୃଷ୍ଠଭୂମି ଓ ଆଭିମୁଖ୍ୟ । ମହାଯାନୀ ଶୂନ୍ୟ ବାଦର ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଶରୀର ତତ୍ତ୍ୱ ମଧ୍ୟରେ ପିଣ୍ଡ ବ୍ରହ୍ମାଣ୍ଡର ପରିକଳ୍ପନା, ଏଥି ସହିତ ଭାଗବତର ଉପଦେଶାବଳୀ, ବେଦ ବେଦାନ୍ତର ପ୍ରକୃତ ସ୍ୱରୂପ ଓ ସତ୍ୟ , କର୍ମଫଳ, ଆତ୍ମଜ୍ଞାନ, ମୋକ୍ଷ ମାର୍ଗ ଯୋଗ ସାଧନା, ଅବତାର ବାଦ ଓ ଅଷ୍ଟାଙ୍ଗ ଯୋଗ ସାଧନା ଆଦିର ଅବତାରଣା କରି ସେ ବ୍ରହ୍ମ ଜ୍ଞାନର ପ୍ରକୃତ ସ୍ୱରୂପ ନିର୍ଦ୍ଦେଶ କରିଛନ୍ତି ।

ଖଡ଼ିଆଳର ରାଜା ବ୍ରଜରାଜ ସିଂ ଦେବ (୧୮୫୧–୧୯୦୭)ଙ୍କୁ କବି ଗଙ୍ଗାଧର ମେହେର ତାଙ୍କ 'ଉତ୍କଳ ଲକ୍ଷ୍ମୀ' କାବ୍ୟରେ ଦ୍ୱିତୀୟ କବି ସମ୍ରାଟ ରୂପେ ଅଭିହିତ କରିଛନ୍ତି । ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ପ୍ରାରମ୍ଭରେ ବ୍ରଜରାଜ , ରାଧାନାଥ, ଗଙ୍ଗାଧର, ମଧୁସୂଦନ, ଫକୀରମୋହନଙ୍କ ସମସାମୟିକ ହେଲେ ହେଁ ତାଙ୍କ କାବ୍ୟର ଆଭିମୁଖ୍ୟ ଓ ରଚନାଦର୍ଶ ସଂପୂର୍ଣ୍ଣ ରୂପେ ଭଞ୍ଜୀୟ ଶୈଳୀର ଅନୁବର୍ତ୍ତୀ । ତେଣୁ ତାଙ୍କୁ ରୀତିଯୁଗୀୟ ଅସ୍ତ ରାଗର କବି କହିବାକୁ ହେବ । ଏହି ରାଜ କବିଙ୍କ ଦ୍ୱାରା ଖ୍ରୀ: ୧୮୮୩ରେ 'ଖଡ଼ିଆଳ ସାହିତ୍ୟ ସମିତି' ପ୍ରତିଷ୍ଠା ହୋଇଥିଲା । ଏହି କବିଙ୍କ 'ବ୍ରଜବଧୂ ବିଳାସ' ଆଙ୍ଗିକ ଦିଗରୁ ଭଞ୍ଜଙ୍କ 'ବୈଦେହୀଶ ବିଳାସ' ପରି ଓ ଆତ୍ମା ଦୃଷ୍ଟିରୁ ଏହା ମଥୁରା ମଙ୍ଗଳ ଓ ରସ-କଲ୍ଲୋଳର' ପ୍ରଭାବରେ ପ୍ରଭାବିତ । ଏହା କୃଷ୍ଣ ଲୀଳାତ୍ମକ ପରକୀୟା ପ୍ରୀତି ତତ୍ତ୍ୱ ସମ୍ବଳିତ କାବ୍ୟ । ଏ କାବ୍ୟରେ ତାଙ୍କ ଭାବ ସଂକ୍ଷିପତା ଓ ଭାଷା ସାବଲୀଳତା ବିଶିଷ୍ଟ ଗୁଣ । ସେ ସ୍ୱକୀୟା ପ୍ରୀତି ଯୁକ୍ତ ବିପ୍ରଲମ୍ଭ ଶୃଙ୍ଗାର ରସାତ୍ମକ କାବ୍ୟଗୁଡ଼ିକ ରଚନା କରିଛନ୍ତି । ସେଗୁଡ଼ିକ ହେଉଛି 'ରତ୍ନ ପ୍ରଭା', 'ଶୋଭା ବଲ୍ଲରୀ' ଓ 'ରୂପମଞ୍ଜରୀ' । ଭଞ୍ଜୀୟ ଅଳଙ୍କାର ପରିବେଷଣ ଦୃଷ୍ଟିରୁ ଓ କାବ୍ୟଶାସ୍ତ୍ର ଦୃଷ୍ଟିରୁ 'ରୂପ ମଞ୍ଜରୀ' ଏକ ସାର୍ଥକ ରୀତି କାବ୍ୟ ଅଟେ । କବି ସମ୍ରାଟ ଭଞ୍ଜଙ୍କ ଚିତ୍ରକାବ୍ୟ 'ବନ୍ଧୋଦୟ' ପରେ କବି ବ୍ରଜରାଜଙ୍କ 'ପ୍ରବନ୍ଧ ଚିତ୍ରକାବ୍ୟ' ଓଡ଼ିଶାର ଦ୍ୱିତୀୟ ବନ୍ଧ କାବ୍ୟ । ଏଥିରେ ୭୨ଟି ବନ୍ଧ ଯୁକ୍ତ କବିତା ସଚିତ୍ର ସଂଯୋଜିତ ହୋଇ କବିଙ୍କ ନିପୁଣତା ପ୍ରକାଶ କରୁଅଛି । କବିଙ୍କ 'ବଳାହକ ଚଉତିଶା', 'ମାନଭଙ୍ଗ ଚଉତିଶା' ଓ 'କ୍ଷମା ନିଧି ଚଉତିଶା' ଓ ଅନେକ ଚଉପଦୀ ତାଙ୍କ କବିତ୍ୱର ନିଦର୍ଶନ । ସଂସ୍କୃତରୁ ସତ୍ୟନାରାୟଣ ବ୍ରତ କଥା ଅନୁବାଦ କରି ସେ ଓଡ଼ିଶାର ଘରେ ଘରେ ଚିର ପରିଚିତ । ସୁଖର କଥା ଖ୍ରୀ: ୧୮୮୩ ମସିହାରେ ଏହି ରାଜ କବିଙ୍କ ଦ୍ୱାରା ଖଡ଼ିଆଳରେ ପ୍ରତିଷ୍ଠିତ ଖଡ଼ିଆଳ ସାହିତ୍ୟ ସମିତି ଖ୍ରୀ: ୧୯୮୩ ଡ଼ିସେମ୍ବର ୧୦ ତାରିଖରେ ଏହାର ଶତବାର୍ଷିକୀ ଉତ୍ସବ ପାଳନ କରିଥିଲା । ଏଥିରେ ସଂସ୍କୃତିବନ୍ତ ସାହିତ୍ୟିକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ-ବଲ୍ଲଭ ପଟ୍ଟନାୟକ ପୌରହିତ୍ୟ କରିଥିଲେ ଓ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର କମିଶନର ଶ୍ରୀ ଅଓ୍ୱଧ ନାରାୟଣ ତିଓ୍ୱାରୀ ସଭାପତିତ୍ୱ କରିଥିଲେ ।

ବ୍ରଜରାଜଙ୍କ ପରେ ତାଙ୍କ ସୁଯୋଗ୍ୟ ଦାୟାଦ ନାଟ୍ୟକାର ବୀରବିକ୍ରମଙ୍କ ଆବିର୍ଭାବ ଓଡ଼ିଆ ନାଟକର ଉନ୍ମେଷ କାଳରେ । ସେ ସାମାଜିକ ସଂସ୍କାର ମୂଳକ, ଜାତୀୟବାଦୀ ଐତିହାସିକ ନାଟକ ଆଦି ରଚନା କରି ସ୍ୱ ନିର୍ମିତ 'ବିକ୍ରମ ଥିଏଟର'ରେ ଅଭିନୀତ କରାଇ ଏହି ଅଞ୍ଚଳରେ ୧୮୯୫ଠାରୁ ୧୯୧୧ ମସିହା ପର୍ଯ୍ୟନ୍ତ ମଞ୍ଚ ମାଧ୍ୟମରେ ଅଗଣିତ ଜନସାଧାରଣଙ୍କ ଚେତନାରେ ଯେଉଁ ପ୍ରଭାବ ପକାଇଥିଲେ ତାହା ଭୁଲିବାର ନୁହେଁ । ଖ୍ରୀ: ୧୯୦୩ରେ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧି-ବେଶନରେ ସେ ତାଙ୍କ ରଚିତ "ଉତ୍କଳ ଦୁର୍ଦ୍ଦଶା" ନାଟକର ୬୦୦ କପି ବଣ୍ଟନ କରାଇ ଥିଲେ । ଉତ୍କଳ ଦୁର୍ଦ୍ଦଶା ନାଟକରେ ବଙ୍ଗ, ବିହାର, ମାନ୍ଦ୍ରାଜ, ଓ ମଧ୍ୟପ୍ରଦେଶ ସରକାରର ପ୍ରତୀକ "ଉତ୍କଳ ଦୁର୍ଦ୍ଦୈବ" ଚରିତ୍ର ଦ୍ୱାରା 'ଉତ୍କଳ ମାତା'ର ଦୁର୍ଦ୍ଦଶା ପ୍ରଖ୍ୟାପନ କରିବା ସଙ୍ଗେ ସଙ୍ଗେ ସମସାମୟିକ ରାଜ-ନୈତିକ ଓ ସାମାଜିକ କୁସଂସ୍କାରକୁ ଚିତ୍ରଣ କରିଛନ୍ତି । ତାଙ୍କ ରଚନାଗୁଡ଼ିକ ହେଉଛି 'ଉତ୍କଳ ଦୁର୍ଦ୍ଦଶା', 'ବୃଦ୍ଧ ବିବାହ', 'ବାଲ୍ୟ ବିବାହ',' ଭ୍ରାତୃ ସ୍ନେହ', 'କୁସୁମ ସୁନ୍ଦରୀ', 'ଅମ୍ବିକା ଦେବୀ', 'ପ୍ରେମଲତା', 'ହରିଶ୍ଚନ୍ଦ୍ର', ଓ 'ସୁହାସିନୀ ପ୍ରହସନ" । ଏତଦ୍‌ଭିନ୍ନ ନାଟ୍ୟ ଓ ନୃତ୍ୟତତ୍ତ୍ୱ ଉପରେ "ନାଟକର ରଚନା ପ୍ରଣାଳୀ" ତଥା "ଅଭିନୟ ପ୍ରକାଶିକା" ଓଡ଼ିଆ ଭାଷାରେ ନାଟ୍ୟ ଓ ନୃତ୍ୟ ଆଲୋଚନାତ୍ମକ ପ୍ରଥମ ପୁସ୍ତକ । ଏହା ଛଡ଼ା ସେ କପର୍ଦ୍ଦି ଜଣାଣ, ଗଜ ଶାସ୍ତ୍ର, ଅଶ୍ୱ ଶାସ୍ତ୍ର, ବୀରବିକ୍ରମ ରାମାୟଣ ଆଦି ରଚନା କରିଥିଲେ । ଓଡ଼ିଆ ନାଟକର ଆଦ୍ୟ ଉନ୍ମେଷ କାଳରେ ସେ ଓଡ଼ିଶାର ପ୍ରାଣକେନ୍ଦ୍ର ରାଜଧାନୀ, କଟକଠାରୁ ବହୁ ଦୂରରେ ଅରଣ୍ୟ ବେଷ୍ଟିତ ହିନ୍ଦୀଭାଷୀ ଅଞ୍ଚଳରେ ଥାଇ ସୁଦ୍ଧା

ଓଡ଼ିଆର ଜାତୀୟତା ପାଇଁ ସେ ନାଟକକୁ ଗଣ ଚେତନା-ଜାଗରଣର ମାଧ୍ୟମ ରୂପେ ଗ୍ରହଣ କରି ଯେଉଁ ତ୍ୟାଗ ଓ ଏକନିଷ୍ଠ ପରାକାଷ୍ଠା ଦେଖାଇଛନ୍ତି ତାହା ଓଡ଼ିଆ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ତଥା ଓଡ଼ିଆ ଜାତି ପକ୍ଷରେ ଗୌରବର ବିଷୟ । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ କଳାହାଣ୍ଡି ଜିଲ୍ଲାର ମଦନପୁର-ରାମପୁରର ଜମିଦାର ଦୁର୍ଗାମାଧବ ପ୍ରସାଦ ସିଂହଦେଓ ତାଙ୍କ ସ୍ୱଦୁର୍ଗରେ ମଞ୍ଚ ନିର୍ମାଣ କରି ଅନେକ ନାଟକ ମଞ୍ଚସ୍ଥ କରାଇଥିଲେ ।

ବୀରବିକ୍ରମଙ୍କ ଭାଇ ଶିବ ନାରାୟଣ ଦେବ ଏକ ସୁସାହିତ୍ୟିକ ଓ ସାହିତ୍ୟିକଙ୍କର ପୃଷ୍ଠପୋଷକ ଥିଲେ । ସେ ରାଧାନାଥ ଗ୍ରନ୍ଥାବଳୀର ପ୍ରଥମ ପ୍ରକାଶକ ଥିଲେ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଣୟନ ପାଇଁ ଭାଷା ସଂଗ୍ରହ ତଥା ଅର୍ଥ ସଂଗ୍ରହ ତାଙ୍କ ସାହିତ୍ୟ ପ୍ରୀତିର ନିଦର୍ଶନ । ସେ ଅନେକ ଗୀତି କବିତା ରଚନା କରିଛନ୍ତି । 'କୋଶଳୀ' ଭାଷାରେ ସେ 'ରାବଣଙ୍କଦୋବାସ୍' ନାମକ ନାଟକ ଲେଖିଥିଲେ । ତାହା ରାଜ୍ୟ ସଂଗ୍ରହାଳୟରେ ସୁରକ୍ଷିତ । ଶିବନାରାୟଣଙ୍କର ସମ-ସାମୟିକ କବି ସାଥୀ ଶିବ ପ୍ରସାଦ ପ୍ରହରାଜ ମଧ୍ୟ ଏକ ବିଶିଷ୍ଟ କବି ଭାବରେ 'ବସନ୍ତ କୋଇଲି' ଓ 'ମହାଲକ୍ଷ୍ମୀ ଜଣାଣ' ତଥା ଅନେକ ସଙ୍ଗୀତ ଓ ଚଉପଦୀ ରଚନା କରି ତାଙ୍କ ସାହିତ୍ୟ ସାଧନାର ଅମର କୃତୀ ରୂପେ ଛାଡ଼ି ଯାଇଛନ୍ତି ।

କଳାହାଣ୍ଡିର ମହାରାଜା ଉଦିତପ୍ରତାପ ଦେଓ ସଂସ୍କୃତ ଭାଗବତର ଓଡ଼ିଆ ଚତୁର୍ଦ୍ଦଶାକ୍ଷରୀ ଅନୁବାଦ କରିଛନ୍ତି । ତାଙ୍କ ରାଣୀ ଆଶାକୁମାରୀ ଦେବୀ 'ସୂର୍ଯ୍ୟ ବନ୍ଦନା' ରଚନା କରିଛନ୍ତି । ଖଡ଼ିଆଳର ଲାଲ ରୁଦ୍ରମାଧବ ଦେଓ ଏକ ସାର୍ଥକ ଅନୁବାଦକ । ସେ ଓମାର ରୁବାୟତ୍ ଅନୁବାଦ କରିଛନ୍ତି । ବଙ୍ଗଳା ନାଟକ କର୍ଣ୍ଣାର୍ଜୁନ, ନରନାରାୟଣର ଓଡ଼ିଆ ଅନୁବାଦ କରି ସେ ନିଜ ନିର୍ଦ୍ଦେଶନାରେ ବିକ୍ରମ ଥିଏଟରରେ ମଞ୍ଚସ୍ଥ କରାଇଛନ୍ତି । କଳାହାଣ୍ଡିର ତଥା ଖଡ଼ିଆଳ ଦରବାରର କବି ରାମଚନ୍ଦ୍ର ରାୟଗୁରୁ 'କଳାମେଘ ଚଉତିଶା', 'କାମକଳା ଚଉତିଶା, ମୋହନ ଚଉତିଶା, ସୀତା ବିଳାପ, 'ରାମ ବିଳାପ' ଆଦି ରଚନା କରିଛନ୍ତି । ରାଜା ଆର୍ତ୍ତତ୍ରାଣ ଦେବ ମୁଖ୍ୟତଃ ଜଣେ କବି ହେଲେ ହେଁ ତାଙ୍କ ସମୟରେ ଖଡ଼ିଆଳରେ କାବ୍ୟ ନାଟକର ସୃଷ୍ଟି ଓ ସାଧନାଧାରା ବହୁଳ ଭାବେ ପ୍ରସାରିତ ହେଲା ।

ସାମ୍ପ୍ରତିକ କବିମାନଙ୍କ ମଧ୍ୟରେ କବି ଶ୍ରୀ ଗଦାଧର ମିଶ୍ର, କୋମନା, 'ମହାନଦୀ' "ଯୌତୁକ", "ସତୀଶ୍ରୀ" ତଥା ଅନେକ କାବ୍ୟ ରଚନା କରିଛନ୍ତି । ତାଙ୍କ ରଚନାରେ ଏକ ଉତ୍କଳୀୟ ଜାତୀୟତା ଓ ପରିବେଶ ବର୍ଣ୍ଣନା ପ୍ରାଚୁର୍ଯ୍ୟତା ରହିଛି । ଏକ ଏକନିଷ୍ଠ ସାରସ୍ୱତ ସାଧକ ହିସାବରେ ତାଙ୍କ କାବ୍ୟପୁରୁଷ ଦୀପ୍ତିମନ୍ତ ।

କଳାହାଣ୍ଡିର ଲୋକକବି ହିସାବରେ କବି ମନୋହର ମେହେରଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ନିଜ ଜୀବଦ୍ଦଶା ମଧ୍ୟରେ ସେ ଏତେ ଲୋକପ୍ରିୟ ହୋଇ ପାରିଥିଲେ ଯେ, ତାଙ୍କୁ କଳାହାଣ୍ଡିର ଗଣକବି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାୟ ଶତାଧିକ ପୁସ୍ତକର ସେ ରଚୟିତା । ତନ୍ମଧ୍ୟରୁ ଗୋବିନ୍ଦଚନ୍ଦ୍ର-ଲୀଳା, ହାରବତୀ ସୁଆଙ୍ଗ, ମନୋହର ଜାଇଫୁଲ ରାମାୟଣ, କପଟପାଶା, ଅହଲ୍ୟା ସ୍ତବ, ବୃଷ୍ଟି ବିଜ୍ଞାନ, ସୀତା ବାର୍ତ୍ତା ଗୀତ, ଦାତାକର୍ଣ୍ଣ ଚରିତଆଦି ପ୍ରଧାନ ।

ଏକାଧାରରେ କବି, ଗାଳ୍ପିକ ଔପନ୍ୟାସିକ ହିସାବରେ ଶ୍ରୀ ପରଶୁରାମ ମୁଣ୍ଡ ଅଗ୍ରଗଣ୍ୟ । ତାଙ୍କ ରଚିତ "ମୁଲିଆପିଲ୍ଲା" ଉପନ୍ୟାସ କଳାହାଣ୍ଡିର ଗ୍ରାମ୍ୟ ଜୀବନର ଛଳନାହୀନ ଆତ୍ମ-ପ୍ରକାଶ ଅଟେ । ଏ ଉପନ୍ୟାସରେ ଗ୍ରାମର ମହାଜନର ଶୋଷଣ ଓ ଶୋଷିତର ଜୀବନୀ ରୂପ ଲାଭ କରିଛି ଏବଂ ତାଙ୍କ ଅନ୍ୟ ଏକ ଉପନ୍ୟାସ 'ମୁକ୍ତି ପଥର ଦୁଇଟି ଯାତ୍ରୀ' ଓ ଗଳ୍ପ ସଙ୍କଳନ 'ମିରାନିନା' ତଥା ଉତ୍କଳଙ୍କେ ଶାରଳା ଓ ବ୍ରଜ ମୋହନ ଦେଓ (କାବ୍ୟ) ପ୍ରକାଶିତ ।

ରୋମାଣ୍ଟିକ କାବ୍ୟଧାରାରେ ଅନୁପ୍ରେରିତ ପ୍ରେମ ଓ ଯୌବନ ବନ୍ଦନାର 'କବି-ସୌରଭ' ଅନୁପସିଂହ ଦେଓଙ୍କ କାବ୍ୟ ଚେତନାର ଅମଳିନ ସ୍ୱାକ୍ଷର ମୂର୍ଚ୍ଛନା, ଉର୍ମି, ଲତିକା, ଆରତି ଆଦି କବିତା ସଙ୍କଳନରେ ରୂପ ପରିଗ୍ରହ କରିଛି । ଏକ ଭାବବାଦୀ, ରହସ୍ୟବାଦୀ, ପ୍ରକୃତି ପ୍ରେମୀ ତଥା ବାସ୍ତବବାଦୀ କବି ହିସାବରେ ଉପରୋକ୍ତ କବିତା ସଙ୍କଳନରୁ ତାଙ୍କ କାବ୍ୟ ଚେତନାର ଆକଳନ କରାଯାଇପାରେ । ସମ୍ପ୍ରତି ତାଙ୍କ ପ୍ରଣୀତ 'ସମୁଚ୍ଚୟ' ଓ 'ତ୍ରିପଦୀ' କବିତା ସଙ୍କଳନ ଆତ୍ମା ଦୃଷ୍ଟିରୁ ଆଧୁନିକ ଯୁଗଯନ୍ତ୍ରଣାର ଭାବ ବହ) କରିଛି ।

ଡଃ ସୋମେଶ୍ୱର ବେହେରା କଳାହାଣ୍ଡିର ପ୍ରଖ୍ୟାତ କବିଭାବେ ସୁପରିଚିତ । ତାଙ୍କର 'ଜାତିର ଜନକ' 'ପୁଷ୍ପ ପରାଗ' 'ଯୁଗଜ୍ୟୋତି ଜବାହର' 'ସରୋଜ ସୁନ୍ଦରୀ' 'ବାଲ୍ମିକୀ ରାମାୟଣ' ତଥା ଏକ ଉପନ୍ୟାସ 'ଅନ୍ଧାରି ଘରର କଥା' ପ୍ରକାଶିତ ଓ ଉଚ୍ଚ ପ୍ରଶଂସିତ ।

ପ୍ରଫେସର ଡଃ ଭୁବନେଶ୍ୱର ବେହେରା କଳାହାଣ୍ଡିର ଜଣେ କୃତି ସନ୍ତାନ । ତାଙ୍କ ସାହିତ୍ୟିକ ଜୀବନର ଆରମ୍ଭ "ସପ୍ତର୍ଷି" ପତ୍ରିକାରୁ ଆରମ୍ଭ ହୋଇଥିଲେ ହେଁ ସେ ଏକ ପ୍ରଖ୍ୟାତ କଥାକାର ଓ ରମ୍ୟ ରଚକ ହିସାବରେ ଓଡ଼ିଆ-ସାହିତ୍ୟ କ୍ଷେତ୍ରରେ ସମ୍ମାନିତ । ତାଙ୍କ ରଚନାରେ ଗଭୀର ଅନୁଭୂତିର ଛାପ ତଥା ସମସାମୟିକ ସମାଜର ନିଛକ ଚିତ୍ର ରୂପାୟିତ । ଏକ ସମ୍ବେଦନଶୀଳ ଜୀବନ ବାଦୀ କଥାକାର ରୂପେ ସେ ନିଜ ଅନୁଭୂତି ଓ ସମାଜର ପ୍ରତ୍ୟକ୍ଷ ଘଟଣାକୁ ସମାଜ ତାତ୍ତ୍ୱିକ ଦୃଷ୍ଟିରୁ ଅନୁଧ୍ୟାନ କରି ତା'ର କଳାତ୍ମକ ରୂପ ଦାନ କରି ଗଳ୍ପ ରଚନା କ୍ଷେତ୍ରରେ ଏକ ନିଜସ୍ୱ ଶୈଳୀର ପ୍ରବର୍ତ୍ତନ କରିଛନ୍ତି । ତାଙ୍କ ରଚନାବଳୀ ହେଉଛି ସହାବସ୍ଥାନ, ଶୁଣ ପରୀକ୍ଷିତ, କଥା ଓ ଲଥା, ଫେର ଫେର ଉଡ଼େ ପନତ କାନି, ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡ଼େଙ୍ଗ । ବର୍ତ୍ତମାନ ବିଭିନ୍ନ ପତ୍ର ପତ୍ରିକାରେ ତାଙ୍କ ଗଳ୍ପଗୁଡ଼ିକର ପ୍ରକାଶ ତାଙ୍କ ଅବିରତ ସାହିତ୍ୟ ସାଧନାର ପ୍ରମାଣ ଦିଏ ।

ଓଡିଶାରେ ନବ ନାଟ୍ୟ ଆନ୍ଦୋଳନର ଏକ ସାର୍ଥକ ନାଟ୍ୟକାର ରୂପେ ନାଟ୍ୟରଶ୍ମି ପ୍ରଫୁଲ୍ଲ କୁମାର ରଥ ସ୍ମରଣୀୟ । ତାଙ୍କ ନାଟକ ସମସାମୟିକ ସମାଜର ଅବକ୍ଷୟ, ସାଂପ୍ରତିକ ରାଜନୈତିକ ବ୍ୟର୍ଥତା, ଜନମାନସରେ ଓ ଦେଶରେ ଏକ ସ୍ଥିର

ଲକ୍ଷ୍ୟ ବୋଧର ଅଭାବ, ଶୋଷଣ, ଦୁର୍ନୀତି, ଲାଞ୍ଚଖୋରୀ, ବିରୁଦ୍ଧରେ ଏକ ମୁକ୍ତ ପ୍ରତିବାଦ । ତାଙ୍କ ନାଟକ ମୁଖ୍ୟତଃ ବ୍ୟଙ୍ଗ ଓ ଶ୍ଳେଷଧର୍ମୀ । ନାନା ଆଙ୍ଗିକ ଓ ପରୀକ୍ଷା ନିରୀକ୍ଷା ଦେଇ ସେ ତାଙ୍କ ନାଟକ ମଞ୍ଚସ୍ଥ କରାଉଥାଆନ୍ତି । ଆଜୀବନ ନାଟ୍ୟ ସାଧନାରତ ଏହି ନାଟ୍ୟକାରଙ୍କ ଗଭୀର ଦୂରଦୃଷ୍ଟି, ଏକ ସାମ୍ୟବାଦୀ ଦୃଷ୍ଟିକୋଣ, ଦେଶରେ ଶୋଷଣ ହୀନ ସମାଜ ପ୍ରତିଷ୍ଠା ପାଇଁ ଆକୁଳତା ତଥା ସର୍ବୋପରି ତାଙ୍କ ପ୍ରତ୍ୟେକ ନାଟକରେ ମାନବ ପ୍ରତି ଗଭୀର ସମ୍ବେଦନ ତାଙ୍କ ନାଟ୍ୟ ସାଧନାର ନିର୍ଯ୍ୟାସ ଓ ମର୍ମବାଣୀ । ତାଙ୍କ ବଳିଷ୍ଠ, ନିର୍ଭିକ ଲେଖନୀରୁ ନିଃସୃତ 'ଗ୍ରହିଛକ, ଆଜି ଓ କାଲି, ରାତି କୁକୁର, ପି. ଡ଼ବଲ୍ୟୁ. ଡି., ସ୍ୱର୍ଗକୁ ଯାଅ ହେ ପାପୀମାନେ, ଶବ ପଡ଼ିଛି, ପଳାତକ, ସ୍ୱର୍ଣ୍ଣ ଚମ୍ପା, ଦେବଯାନୀ, ଦିର୍ପଚ ଚୁଡ଼ି, ଶୂନ୍ୟ ଆକାଶ, ଅମର ଆଖି, ଧରମ ପୁଅ, ଆଦି ଉଲ୍ଲେଖ-ଯୋଗ୍ୟ । ପ୍ରଖ୍ୟାତ ହିନ୍ଦି ଲେଖକ ଓଁକାର ଶରଦଙ୍କ "ଡ୍ରାଃ ଲୋହିଆ" ପୁସ୍ତକର ସାର୍ଥକ ଓଡ଼ିଆ ଅନୁବାଦ ସେ କରିଛନ୍ତି । ଏହାଛଡ଼ା ଓଡ଼ିଆ ଚଳଚିତ୍ର ଜଗତକୁ ତାଙ୍କ ଅବଦାନ "ସମର୍ପଣ" ଓ ପଳାତକ' ।

ଏହାଛଡ଼ା ଶ୍ରୀ ରାହାସ ବିହାରୀ ବେହେରାଙ୍କ 'ବିଜୟୀ' ଉପନ୍ୟାସ, ରାମକୃଷ୍ଣ ରଥଙ୍କର ବିବିଧ ଭାବନା, ମହମ୍ମଦ ସିଦ୍ଧିକ୍‌ଙ୍କର "କଳାହାଣ୍ଡି", ଯୁଗଳ କିଶୋର ଯୋଷୀଙ୍କ କବିତା ଗୁଚ୍ଛ, ବିପିନ ବିହାରୀ ଖମାରୀଙ୍କ ମାନସୀ, ସହଯୋଗୀର ଚିଠି, ରାମନାଥ ପଣ୍ଡାଙ୍କ ଦରବ ଦଗଡ଼ି, ପଦ୍ମବନର ପ୍ରତିରକ୍ଷା, ଦେଶିଆ ଚୋକି ଆଦି ଉଲ୍ଲେଖଯୋଗ୍ୟ । ଡ଼ଃ ଅର୍ଜ୍ଜୁନ ଯୋଶୀଙ୍କ ଲିଖିତ "ଅସୀମର ଆହ୍ୱାନ" ଓଡ଼ିଶାର ଐତିହାସିକ ଓ ସଂସ୍କୃତି Sculpture of khinjilik kotta ତାଙ୍କ ଜ୍ଞାନଅନୁଭୂତିର ଏକ ଏକ ସାର୍ଥକ କଳାତ୍ମକ ରୂପାୟନ । ଖଡ଼ିଆଳର କବିରାଜ ପ୍ରୟାଗଦତ୍ତ ଯୋଷୀ ସଂହତି "କୋଶଳୀଭାଷା" ଉପରେ ବ୍ୟାକରଣ ତଥା ଭାଷାତାତ୍ତ୍ୱିକ ଓ ତୁଳନାତ୍ମକ ଅଧ୍ୟୟନ କରୁଛନ୍ତି ।

କଳାହାଣ୍ଡିର ଲୋକନୃତ୍ୟ 'ଘୁମୁରା' ପୌରାଣିକ ଯୁଗରୁ ରହି ଆସିଥିବା ନୃତ୍ୟ । ଚଣ୍ଡୀ ପୁରାଣରେ ଉଲ୍ଲେଖ ଅଛି ଯେ ମହିଷାସୁର ସହିତ ଯୁଦ୍ଧ କରିବା ପାଇଁ ଦୁର୍ଗାଙ୍କ ଅସ୍ତ୍ର ଓ ଯୁଦ୍ଧ ବାଦ୍ୟର ଆବଶ୍ୟକ ହେଲା । ଶିବଙ୍କ ଡମ୍ବରୁ ଓ ସରସ୍ୱତୀଙ୍କ ବୀଣା ଦୁମିର ମିଶ୍ରଣରେ ଏକ ଅପୂର୍ବ ବାଦ୍ୟଯନ୍ତ୍ର ଘୁମୁରାର ସୃଷ୍ଟି ହେଲା । ଘୁମୁରାର ଚଉଷଠି ପ୍ରକାର ନୃତ୍ୟମୁଦ୍ରା ଦୁର୍ଗାଙ୍କର ଚଉଷଠି ଯୋଗିନୀଙ୍କ ନୃତ୍ୟର ମୁଦ୍ରା ଅଟେ । ଏହା ଏକ ବୀର ବାଦ୍ୟ ଓ ଏହାର ନୃତ୍ୟ ଭଙ୍ଗୀ କେମିତା ନୃତ୍ୟର ଅନୁରୂପ । କୋଣାର୍କ ମନ୍ଦିର ଗାତ୍ରରେ ଏକ ନର୍ତ୍ତକ ଘୁମୁରା ବାଦ୍ୟ ଧରି ନୃତ୍ୟ କରୁଥିବା ଭଙ୍ଗୀ ଖୋଦିତ ହୋଇଅଛି । ଏଣୁ ଏହି ଅଞ୍ଚଳର ଲୋକ-ନୃତ୍ୟର ଲୋକପ୍ରିୟତା ସୁଦୂର ପ୍ରସାରୀ ତଥା ଏହାର ଦୀର୍ଘ ଦୁଇ ସହସ୍ର ବର୍ଷର ପୌରାଣିକତା ରହିଛି । ଏହି ଘୁମୁରା ନୃତ୍ୟ ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଏସିଆଡ୍ ୧୯୮୨ ପାଇଁ ଦିଲ୍ଲୀ ଯାଇ ନୃତ୍ୟ ପରିବେଷଣ କରି ଏହି ଅଞ୍ଚଳର ସଂସ୍କୃତି ବିଶ୍ୱସ୍ତରରେ ପ୍ରଦର୍ଶନ କରି ଆସି ପାରିଛି—ଏହା କମ୍ ଗୌରବର କଥା ନୁହେଁ । ଘୁମୁରା ନୃତ୍ୟ ପରି କଳାହାଣ୍ଡିର 'ଢ଼ାପ୍ ନୃତ୍ୟ', ମାଦଳ ନୃତ୍ୟ, ଧାଙ୍ଗଡ଼ା ଧାଙ୍ଗଡ଼ୀ ନୃତ୍ୟ, ଶିଙ୍ଗବାଜା ନୃତ୍ୟ, ଗଉଡ଼ବାଡ଼ି ନୃତ୍ୟ, ପରଜା ଓ କନ୍ଧଙ୍କର ଚଇତି ପରବ କାଳୀନ ନୃତ୍ୟ ମନମୁଗ୍ଧକର । ଭଲ ଫସଲ ପାଇଁ କନ୍ଧଙ୍କର ପୋଡ଼ପୂଜା, (ବଳି), ବର୍ଷା ପାଇଁ ଭୀମା ଦେବତାର ନିମନ୍ତ୍ରଣ, ବିବାହ, ଯାନିଯାତ୍ରା, ପୌଷ ପୂର୍ଣ୍ଣିମା, ହୋଲି ରାତ୍ରିରେ ଗାଁ ଗହଳିରେ ଧାଙ୍ଗଡ଼ା ଧାଙ୍ଗଡ଼ୀ-ମାନଙ୍କର ସଜନୀ, ଡ଼ାଲଖାଇ, ଗୀତ ଓ ନୃତ୍ୟ, ଶିଙ୍ଗବାଜାର ଓ ନିଶାଣର ବାଦ୍ୟ, 'ମୁହୁରୀର' ସ୍ୱର ପ୍ରାଣରେ ଉନ୍ମାଦନା ଆଣିଦିଏ । ବଣ ଜାଙ୍ଗାର ଘେରା ଏହି ଅଞ୍ଚଳର ଲୋକ ନୃତ୍ୟର ପରମ୍ପରା ବିଶେଷ ଭାବେ ଆକର୍ଷଣୀୟ ଓ ମନମୁଗ୍ଧକର ।

କଳାହାଣ୍ଡିର ସାହିତ୍ୟ ଓ ସଂସ୍କୃତିର ପରିପୁଷ୍ଟି ଓ ପ୍ରସାର ପାଇଁ ଏ ଅଞ୍ଚଳର 'ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଖଡ଼ିଆଳ ସାହିତ୍ୟ ସମିତି, ବ୍ରଜମୋହନ ସାହିତ୍ୟ ସମିତି,କଳାହଣ୍ଡି ଲେଖକ କଳା ପରିଷଦ, ଭାରତୀ ସଙ୍ଗୀତ ନାଟକ ଅନୁଷ୍ଠାନ, ଯାତ୍ରୀ ସଙ୍ଗୀତ ଅନୁଷ୍ଠାନ, ଜଗନ୍ନାଥ ସାଂସ୍କୃତିକ ଅନୁଷ୍ଠାନ, ମଧୁର ମୂର୍ଚ୍ଛନା ସଙ୍ଗୀତ ଅନୁଷ୍ଠାନ, ବୀଣାପାଣି କଳାମନ୍ଦିର ଆଦି ସକ୍ରିୟ ଅଛନ୍ତି । ୧୯୮୩ ଡିସେମ୍ବର ୧୦ ତାରିଖରେ ଖଡ଼ିଆଳ ସାହିତ୍ୟ ସମିତି ତାର ଶତବାର୍ଷିକୀ ଉତ୍ସବ ପାଳନ କଲା । ଓଡ଼ିଶାର ପ୍ରଥମ ସାହିତ୍ୟ ସମିତି ହିସାବରେ ଏ ସମିତିର ଓଡ଼ିଆ ସାହିତ୍ୟ ପ୍ରତି ଯଥେଷ୍ଟ ଅବଦାନ ରହିଛି । ୧୯୮୪ ମସିହା ଫେବୃୟାରୀ ମାସରେ ଭବାନୀପାଟଣାଠାରେ 'ମହାବୀର' ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆୟୋଜିତ "ସର୍ବ ଭାରତୀୟ କବି ସମ୍ମିଳନୀ" ସଫଳ ହୋଇଥିଲା । ଭାରତର ପ୍ରତ୍ୟେକ ପ୍ରାନ୍ତରରୁ କବି ଓ ସାହିତ୍ୟିକଙ୍କ ସମାବେଶରେ ଏହି ସମ୍ମିଳନୀ ଜାତୀୟ ସଂହତି ଓ ଐକ୍ୟର ସୂତ୍ରପାତ କରିଛି ତଥା ସର୍ବ ଭାରତୀୟ କ୍ଷେତ୍ରରେ ଏକ ପ୍ରସାରଣଶୀଳ ଦୃଷ୍ଟି-ଭଙ୍ଗୀର ପରିଚୟ ଦେଇଅଛି ।

ଆର୍ଯ୍ୟ ଓ ଆର୍ଯ୍ୟେତରର ସଂସ୍କୃତି ଓ ସାହିତ୍ୟର ବାହକ ଏହି ଅଞ୍ଚଳ ଯେ ସଂସ୍କୃତି, ସାହିତ୍ୟ, ସଙ୍ଗୀତ, କଳା ତଥା ସର୍ବୋପରି ଏକ ଚେତନାଶୀଳ ସଂସ୍କୃତିବନ୍ତ ଜାତିରୂପେ ତା'ର ଇତିହାସ ଗଢ଼ିବାରେ ଅଗ୍ରସର ହୋଇ ଆସୁଅଛି ଓ ସେଥିପାଇଁ ଏ ମାଟିର କୃତି ସନ୍ତାନମାନେ ଅବିରତ ସାଧନା କରି ଆସୁଅଛନ୍ତି ତାହା ବାସ୍ତବରେ ଗୌରବର କଥା । ଭବିଷ୍ୟତରେ 'କଳାହାଣ୍ଡି' ତାର ନାମର ସାର୍ଥକତା ରକ୍ଷି ଓଡ଼ିଶାର ସଂସ୍କୃତି, କଳା ଓ ସାହିତ୍ୟ କ୍ଷେତ୍ରରେ ଯେ ଏକ ବିଶିଷ୍ଟ ଆସନର ଅଧିକାରୀ ହେବ, ଏଥିରେ ସନ୍ଦେହ ନାହିଁ ।

ଡକ୍ଟ ଜଗନ୍ନାଥ

ଆଞ୍ଚଳିକ ସମ୍ପାଦକ
କଳାହାଣ୍ଡି ଲେଖକ କଳା ପରିଷଦ
ଗ୍ରା: / ପୋ: ଅ:-ସିନାପାଲି
ଜିଲ୍ଲା –କଳାହାଣ୍ଡି, ପିନ୍-୭୬୬୧୦୮

# ଜଳରେ ଚାଷ

ଶ୍ରୀ ବନ୍ଦାସ ରାୟ

ଜନସଂଖ୍ୟାର ବିସ୍ଫୋରଣ ସଙ୍ଗେ ସଙ୍ଗେ ଖାଦ୍ୟ ଉତ୍ପାଦନ ନିମିତ୍ତ ବିଭିନ୍ନ ପଦକ୍ଷେପ ଅପରିହାର୍ଯ୍ୟ । କୃଷିକ୍ଷେତ୍ରରେ ନୂତନ ଜ୍ଞାନ କୌଶଳକୁ ଭାରତୀୟ କୃଷକ ସ୍ୱାଗତ କରିଛି । ଏକଦା ଯାହା ଉର୍ବର ଭୂମି ଥିଲା, ଆଜି ସେଥିରେ ସବୁଜିମା ଢେଉ ତୋଳୁଛି । ମନରେ ନୂତନ ଆଶାର ସଂଚାର ଘଟୁଛି ।

## କ୍ଷୁଧା ବିରୁଦ୍ଧରେ ଆନ୍ଦୋଳନ

କ୍ଷୁଧା ବିରୁଦ୍ଧରେ ଆନ୍ଦୋଳନର ନୂଆ ସ୍ୱର ରୂପେ ମଣିଷ କୃଷି ସହିତ ଅନ୍ୟାନ୍ୟ ଅର୍ଥକାରୀ ଧନ୍ଦାକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଛି । କାରଣ ସୁନାଗରିକ ଗଠନ ଦିଗରେ ଖାଦ୍ୟ, ବିଶେଷତଃ ପ୍ରୋଟିନ ଖାଦ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ଉପାଦେୟ ପ୍ରୋଟିନ ଖାଦ୍ୟ ହିସାବରେ ମାଂସ, ଅଣ୍ଡା ଓ ମାଛକୁ ଗ୍ରହଣ କରାଯାଇପାରେ । ମାଛରେ ଏହି ପ୍ରୋଟିନର ଅନୁପାତ ଶତକଡ଼ା ୨୫ ଭାଗ । ତାପରେ ମାଛ ପ୍ରୋଟିନ୍‌ରେ ଯେଉଁ ଆମିନୋ ଏସିଡ୍ ଥାଏ, ତାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ଆମଦେଶରେ ଆଜି ପ୍ରୋଟିନ ଅଭାବ ଦୂରୀକରଣରେ ମାଛହିଁ ଗ୍ରାମାଞ୍ଚଳର ମଣିଷମାନଙ୍କୁ ସବୁ ମତେ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ ।

## ସମସ୍ୟାର ସମାଧାନ

ଖାଦ୍ୟ ସମସ୍ୟା ସମାଧାନର ସହାୟତା ଆଶାରେ ମଣିଷ ଧାଇଁ ଆସିଛି ଜଳ ପାଖକୁ । ଜଳ–ଅନ୍ୟ ନାମ ଜୀବନ । ଏଇ ଜଳ ପୁଷ୍କରିଣୀ, ହ୍ରଦ, ନଦୀ ଓ ସାଗର ବୁକୁରେ ତାହାର ସ୍ଥିତି ସୁଦୃଢ଼ କରି ଯୁଗେ ଯୁଗେ ମଣିଷକୁ ଶୁଣାଇ ଆସିଛି ତା' ବୁକୁର ଅସରନ୍ତି ସଂପଦ କଥା । ଯାହା ପୁଷ୍ଟିକର ଖାଦ୍ୟ ବୁଭୁକ୍ଷୁ ମଣିଷମାନଙ୍କୁ ବଞ୍ଚାଇବାରେ ସାହାଯ୍ୟ କରିବ । ଜାତୀୟ ଆୟ ବୃଦ୍ଧି ଘଟାଇବ । କୃଷି ଶ୍ରମିକ, କ୍ଷୁଦ୍ରଚାଷୀ, ନାମମାତ୍ରଚାଷୀ, ଶିକ୍ଷିତ ବେକାରମାନଙ୍କ କର୍ମସଂସ୍ଥାନରେ ସାହାଯ୍ୟ କରିବ । ଜଳରେ ଚାଷ—ଇଂରେଜୀରେ ଯାହାକୁ (Aquaculture) କୁହାଯାଏ । ପୋଖରୀ ଗଡ଼ିଆରେ ଜାତିଆ ମାଛଚାଷ, ପୋଖରୀରେ ଲୁଣି ପାଣି ମାଛ, ପୋଖରୀରେ ମଧୁର ପାଣି ଚିଙ୍ଗୁଡ଼ି ଚାଷ, ଜାଆଁଳ ଉତ୍ପାଦନ–ଏ ସକଳ କାର୍ଯ୍ୟକ୍ରମ 'ଜଳରେ ଚାଷ' ଅନ୍ତର୍ଭୁକ୍ତ । ଜଳରେ ଚାଷ ମୁଖ୍ୟତଃ ମତ୍ସ୍ୟଚାଷ ।

## ସମ୍ବଳ

ଭାରତରେ ବହୁ ଶତାବ୍ଦୀ ହେଲା ମତ୍ସ୍ୟଚାଷ ଚାଲିଛି । ତେବେ ବୈଜ୍ଞାନିକ ଭିତ୍ତିରେ ମତ୍ସ୍ୟଚାଷ କରୁଥିବା ରାଜ୍ୟଗୁଡ଼ିକ ହେଲା—ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶା, ମଧ୍ୟ ପ୍ରଦେଶ ଏବଂ ଉତ୍ତର ପ୍ରଦେଶ । ଓଡ଼ିଶାରେ ମତ୍ସ୍ୟଚାଷ ବିକାଶ ନିମିତ୍ତ ପର୍ଯ୍ୟାପ୍ତ ସମ୍ବଳ ରହିଛି । ସେଗୁଡ଼ିକ ହେଲା–୩୨, ୩୮୦ ହେକ୍ଟର ଆୟତନ ବିଶିଷ୍ଟ ପୋଖରୀ, ୨ ଲକ୍ଷ ୫୬ ହଜାର ହେକ୍ଟର ଜଳଭଣ୍ଡାର, ହ୍ରଦ ଓ ପାଟ ୧ ଲକ୍ଷ ୮୦ ହଜାର ହେକ୍ଟର । ନଦୀ ଓ ନାଳ ୧ ଲକ୍ଷ ୫୫ ହଜାର ୪୦୦ ହେକ୍ଟର ଏତଦ୍ ବ୍ୟତୀତ ୨୦ ହଜାର ହେକ୍ଟର ଲୁଣିପାଣି ମାଛଚାଷ କ୍ଷେତ୍ର । ସେମଧ୍ୟରୁ ୧୬ ହଜାର ୬୧୪ ହେକ୍ଟର କ୍ଷେତ୍ର କରାଯାଇ ତହିଁରୁ ୧୨ ହଜାର ୬୧୪ ହେକ୍ଟର ଉପଯୁକ୍ତ ବିବେଚିତ ହୋଇଛି ।

## ଲାଭଜନକ ମତ୍ସ୍ୟଚାଷ

ଏହି ସମ୍ବଳକୁ ଆଖି ଆଗରେ ରଖି ଆମକୁ ଅଗ୍ରସର ହେବାକୁ ପଡ଼ିବ । ଯଥା ସମ୍ଭବ ଏଗୁଡ଼ିକର ପୁଞ୍ଜିନିୟୋଗରେ ଯତ୍ନବାନ ହେବାର ସମୟ ଉପଗତ । କାରଣ ତୁଳନାତ୍ମକ ସମୀକ୍ଷାରୁ ଯାହା ଜଣା ପଡ଼ିଲାଣି, ବୈଜ୍ଞାନିକ ଭିତ୍ତିରେ ମତ୍ସ୍ୟ ଚାଷରୁ ଲାଭ ଅଧିକ । ବର୍ଷକୁ ହେକ୍ଟର ପ୍ରତି ଧାନ ଉତ୍ପାଦନ ୧୦ କୁଇଣ୍ଟାଲ । ଆୟ ମିଳୁଛି ମାତ୍ର ଟ୧,୫୦୦ଙ୍କା । ବର୍ଷକୁ ରୋହି, ଭାକୁର, ମିରିକାଳି ପ୍ରଭୃତି ଜାତିଆ ମାଛ ଉତ୍ପାଦନରୁ ମିଳୁଛି ୨ ହଜାର କିଲୋଗ୍ରାମ ମାଛ । କିଲୋପ୍ରତି ଅତି କମ୍‌ରେ ଟ୧୨ଙ୍କା ହିସାବରେ ବିକ୍ରି କଲେ ମୋଟ ଆୟ ମିଳୁଛି ୨୪,୦୦୦ ଟଙ୍କା । ବର୍ଷକୁ ଲୁଣିପାଣି ଚିଙ୍ଗୁଡ଼ି ଚାଷରୁ ହେକ୍ଟର ପିଛା ଉତ୍ପାଦନ ମିଳୁଛି ୨୫୦ କିଲୋଗ୍ରାମ । ଅତି କମ୍‌ରେ କିଲୋପ୍ରତି ଟ୫୦ଙ୍କା ହିସାବରେ ବିକ୍ରି କଲେ ଆୟ ମିଳୁଛି ଟ୧୨,୫୦୦ଙ୍କା ।

ଏହି ଉତ୍ପାଦନକୁ ଲୋକଲୋଚନକୁ ଆଣିବା ଦିଗରେ ନୂତନ ଜ୍ଞାନକୌଶଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜ୍ଞାନକୌଶଳର ପ୍ରୟୋଗ ଦୃଷ୍ଟିରୁ କ୍ଷେତ୍ର ପ୍ରସ୍ତୁତି, ବିଶୁଦ୍ଧ ଜାଆଁଳ ଓ ପୋଖରୀ ପରିଚାଳନା ସଂପର୍କୀୟ ସମ୍ୟକ୍ ଧାରଣା ମତ୍ସ୍ୟଚାଷୀ ନିକଟରେ

ପହଞ୍ଚାଇବା ସଂପ୍ରସାରଣର ଧର୍ମ । କାର୍ଯ୍ୟକ୍ରମକୁ ବ୍ୟାପକ ରୂପରେଖ ଦେବାକୁ ହେଲେ ସଂପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ।

## ଜ୍ଞାନ କୌଶଳର ଉପଯୋଗ

ଯେଉଁ ଜ୍ଞାନ-କୌଶଳ ଏକଦା ଗବେଷଣାଗାରର ଗୃହିକାଙ୍କ ମଧ୍ୟରେ ସୀମିତ ଥିଲ, ଆଜି ତାହା ମତ୍ସ୍ୟଜୀବୀ ନିକଟରେ ପହଞ୍ଚି ସାରିଅଛି । ତଥାପି ତାହାକୁ ଆହୁରି କ୍ଷିପ୍ରତର କରିବାକୁ ପଡ଼ିବ, ଯାଦ୍ୱାରା ମତ୍ସ୍ୟଜୀବୀଙ୍କୁ ଭରସା କରିଥିବା ମତ୍ସ୍ୟଜୀବୀର ଆର୍ଥିକ ଦୁର୍ବଳତା ତୁରନ୍ତ ଆସିପାରିବ ଏବଂ ଦେଶର ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଏହା ସାହାଯ୍ୟ କରିବ ।

## ଜଳଚର ଚାଷ ଆଲୋଚନା ଚକ୍ର

ଏହି ବାର୍ତ୍ତାକୁ ପରିବ୍ୟାପ୍ତ କରିବା ପାଇଁ ଓଡ଼ିଶା ମତ୍ସ୍ୟ-ବିଭାଗ ଆନୁକୂଲ୍ୟରେ କଟକ ବାରବାଟି ଷ୍ଟାଡ଼ିୟମରେ ଜଳଚର ଚାଷ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ । ଏହି ଜାତୀୟ ସେମିନାରକୁ ଉଦ୍‌ଘାଟନ କରିଥିଲେ ଭାରତର ବିଶିଷ୍ଟ ମତ୍ସ୍ୟ ବିଶେଷଜ୍ଞ ଶ୍ରୀ ଭଜେନ୍ଦ୍ର ନାଥ ମିତ୍ର ।

ଜଳଚାଷର ପ୍ରକୃତ ଉପାଦେୟତା ତଥା ଲୋକ ସଂପୃକ୍ତି ସଂପର୍କରେ ଆଲୋକପାତ କରି ଶ୍ରୀ ମିତ୍ର କହିଥିଲେ ଯେ ନୂତନ ଜ୍ଞାନ କୌଶଳ ଏ କ୍ଷେତ୍ରରେ ପଥପ୍ରଦର୍ଶକ ହେବ ଏବଂ ଅଧିକ ଉତ୍ପାଦନ ମିଳିବାରେ ଏହା ସାହାଯ୍ୟ କରିବ । ଉତ୍ସବ ଆରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରସଙ୍ଗରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଲିଡିନସ୍ କିଣ୍ଡୋ କହିଥିଲେ, ଜଳଚାଷର ଆବଶ୍ୟକତା ଅପରିହାର୍ଯ୍ୟ ଏବଂ ନୂତନ ଜ୍ଞାନକୌଶଳର ବାର୍ତ୍ତା ନେଇ ଏହାକୁ ଗ୍ରାମାଞ୍ଚଳରେ ଆଗେଇ ନିଆଯାଇ ପାରିବ ।

ଏହି ଆଲୋଚନା ଚକ୍ରରେ ପୋଖରୀରେ ଜାତିଆ ମାଛ ଚାଷ, ମଧୁର ପାଣି ଚିଙ୍ଗୁଡ଼ି ଚାଷ, ପୋଖରୀରେ ଲୁଣିପାଣି ଚିଙ୍ଗୁଡ଼ି ଚାଷ, ମାଛଚାଷ ପାଇଁ ଆବଶ୍ୟକୀୟ ଚାରା ଉପରେ ଆଲୋଚନା ଓ ଗବେଷଣାତ୍ମକ ସନ୍ଦର୍ଭପାଠ କରାଯାଇଥିଲ । ବିଭିନ୍ନ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଭାରତର ମତ୍ସ୍ୟ ବିଶାରଦ ଡକ୍ଟର କେ. ଏଚ୍. ଆଲିକୁନୀ, ଶ୍ରୀ ବି. ଏନ୍. ମିତ୍ର, ଡକ୍ଟର ଭି. ଆର. ପି. ସିହ୍ନା, ଡକ୍ଟର ବି. ଏସ୍. ସାକସେନା, ଡକ୍ଟର ଟି. ରାଜ୍ୟଲକ୍ଷ୍ମୀ, ଡକ୍ଟର ଏସ୍. ଡି. ତ୍ରିପାଠୀ ଏବଂ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଏଲ. କିଣ୍ଡୋ । ଉଦ୍‌ଘାଟନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଡକ୍ଟର କେ. ଏଚ୍. ଆଲିକୁନୀ । ଏହି ସେମିନାରରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବଗୁଡ଼ିକ ହେଲ: କେନ୍ଦ୍ରୀୟ ଆଭ୍ୟନ୍ତରୀଣ ମତ୍ସ୍ୟ ଅନୁସନ୍ଧାନ ପରିଷଦ ଓ ରାଜ୍ୟ ମତ୍ସ୍ୟ ବିଭାଗର ସୁସମନ୍ୱୟରେ ଗବେଷଣା ଲବ୍ଧ ଜ୍ଞାନ-କୌଶଳ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ଓ ଗବେଷଣାଲବ୍ଧ ନୂତନ ଜ୍ଞାନକୌଶଳକୁ ଫଳପ୍ରଦଭାବେ ମତ୍ସ୍ୟଜୀବୀ ନିକଟରେ ପହଞ୍ଚାଇବା ପାଇଁ ସଂପ୍ରସାରଣ ସେବାକୁ ଅଧିକ କ୍ଷିପ୍ରତର କରାଯିବ । ଏକ ଆଞ୍ଚଳିକ ପ୍ରକଳ୍ପଭାବେ ଲୁଣିପାଣି ଚିଙ୍ଗୁଡ଼ି ଓ ମାଛଚାଷର ପରିପ୍ରସାର କରାଯିବ ଏବଂ ଏଥିପାଇଁ ଆବଶ୍ୟକୀୟ ଆନୁଷଙ୍ଗିକ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ହ୍ୟାଚେରୀ ମାଧ୍ୟମରେ ଚିଙ୍ଗୁଡ଼ି ଚାରାର ଉତ୍ପାଦନ ଉପରେ ଗୁରୁତ୍ୱ ଆରୋପ କରାଯିବ । ଚିଲିକା ଅଞ୍ଚଳରେ ଚିଙ୍ଗୁଡ଼ି ଚାଷର ବ୍ୟାପକ ପ୍ରସାର ଦୃଷ୍ଟିରୁ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶର ଯେପରି କୌଣସି ଅଙ୍ଗହାନି ନ ଘଟେ ସେଦିଗରେ ବିଶେଷ ସତର୍କତା ଅବଲମ୍ବନ ଉପରେ ସର୍ବସମ୍ମତ ମତପ୍ରକାଶ ପାଇଥିଲ ।

ରଚନା ଅଧିକାରୀ,
ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ



ମଙ୍ଗଳାବାଗ ଦୁର୍ଗାମୂର୍ତ୍ତି

# ଆପଣ ଜାଣନ୍ତି କି ?

ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଗର୍ଭନିରୋଧ ପଦ୍ଧତି ଗ୍ରହଣ କରୁଥିବା ଲୋକ ଓ ସେମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଇ ଥିବା ବ୍ୟକ୍ତିଙ୍କୁ ନିମ୍ନଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା କରିଛନ୍ତି ।

| | ଅସ୍ତ୍ରୋପଚାର ପାଇଁ ସାହାଯ୍ୟ | ଖାଦ୍ୟ ବାବଦକୁ ସାହାଯ୍ୟ | ଯାତାୟାତ ବାବଦକୁ | ସର୍ବମୋଟ |
|---|---|---|---|---|
| ପୁରୁଷମାନଙ୍କର ଅସ୍ତ୍ରୋପଚାର (ଭସାକ୍‌ଟୋମୀ) । | ଟ ୧୦୦ | ଟ ୧୦ | ଟ ୫ | ଟ ୧୧୫ |
| ନାରୀମାନଙ୍କର ଅସ୍ତ୍ରୋପଚାର (ଟ୍ୟୁବେକ୍‌ଟୋମୀ) । | ଟ ୧୦୦ | ଟ ୩୦ | ଟ ୫ | ଟ ୧୩୫ |
| | ଆର୍ଥିକ ସାହାଯ୍ୟ | | | |
| ନାରୀମାନଙ୍କର ଅନ୍ତଃଗର୍ଭାଶୟ ପଦ୍ଧତି (ଲୁପ୍ କିମ୍ବା କପର'ଟି') । | ଟ ୯ | — | .. | ଟ ୯ |

ଉପରୋକ୍ତ ପଦ୍ଧତି ଗ୍ରହଣ ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିଙ୍କୁ ସାହାଯ୍ୟ ପରିମାଣ—

| | | |
|---|---|---|
| ଭାସେକ୍‌ଟୋମୀ ପାଇଁ | .. | ଟ ୭ |
| ଟ୍ୟୁବେକ୍‌ଟୋମୀ ପାଇଁ | .. | ଟ ୬ |
| ଲୁପ୍ ବା କପର'ଟି' ପାଇଁ | .. | ଟ ୧ |

ଅସ୍ତ୍ରୋପଚାର ପରେ କିମ୍ବା ଲୁପ୍ ବା କପର'ଟି' ନେଇ ସାରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏହି ଆର୍ଥିକ ସାହାଯ୍ୟ ଦିଆଯାଉଛି ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ
ଭୁବନେଶ୍ୱର

# ପଞ୍ଚାୟତରାଜ
# ରୌପ୍ୟଜୟନ୍ତୀ

**ଶ୍ରୀ ଜଗନ୍ନାଥ ଷଡ଼ଙ୍ଗୀ**

ସାରା ଭାରତ ବର୍ଷରେ ୨-୧୦-୧୯୮୩ ରୁ ୨-୧୦-୮୪ ପର୍ଯ୍ୟନ୍ତ ପଞ୍ଚାୟତରାଜର ରୌପ୍ୟ ଜୟନ୍ତୀ ପାଳନ କରାଯାଉଅଛି । ଏହି ଅବସରରେ ଆମ ରାଜ୍ୟରେ ୧୫-୮-୧୯୮୪ ଦିନ ସ୍ୱାଧୀନତା ଦିବସ ପରି ଏକ ମହାନ ପବିତ୍ର ଦିବସରେ ଏହି ଉତ୍ସବ ଜିଲ୍ଲା, ସବ୍‌ଡ଼ିଭିଜନ, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତମାନଙ୍କର ସଦର ମହକୁମାରେ ପଞ୍ଚାୟତ ରାଜ ମାଧ୍ୟମରେ ଗଠିତ ସମସ୍ତ ଅନୁଷ୍ଠାନ ଓ ସଂଗଠନମାନଙ୍କ ସହିତ ପାଳନ କରାଯିବା ପାଇଁ ଆମର ଜନପ୍ରିୟ ସରକାର ସିଦ୍ଧାନ୍ତ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖ କରିବା ବାହୁଲ୍ୟ ଆମ ଦେଶ ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ପଞ୍ଚାୟତ ବ୍ୟବସ୍ଥା ଗ୍ରାମମାନଙ୍କରେ ପ୍ରଚଳିତ ଥିଲା । ମାତ୍ର ପଚିଶ ବର୍ଷ ପୂର୍ବେ ୧୯୫୯ ମସିହା ଅକ୍‌ଟୋବର ଦୁଇ ତାରିଖରେ ଆମ ଦେଶର ମହାନ ଜନନାୟକ ସ୍ୱର୍ଗତ ପଣ୍ଡିତ ଜବାହାରଲାଲ ନେହେରୁ ପଞ୍ଚାୟତରାଜ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗଣତନ୍ତ୍ରକୁ ସୁପ୍ରତିଷ୍ଠିତ କରିବାକୁ ହେଲେ ଦେଶର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାର ତଳେ ବସବାସ କରୁଥିବା ଅଗଣିତ ଦାରିଦ୍ର୍ୟ ପ୍ରପୀଡ଼ିତ ଜନସାଧାରଣଙ୍କଠାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଲୋକମତ ସଂଗ୍ରହ କରାନଗଲେ ସେ ସବୁ କାର୍ଯ୍ୟକ୍ରମ ଖାଲି ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ସୀମାବଦ୍ଧ ହୋଇ ରହିଯିବ। ମାତ୍ର ଅଗଣିତ ଜନସାଧାରଣଙ୍କର ଦୁଃଖ ଓ ଦାରିଦ୍ର୍ୟ ଦୂରୀଭୂତ ହୋଇପାରିବ ନାହିଁ । ସମଗ୍ର ଭାରତବର୍ଷରେ ଅନ୍ୟ ରାଜ୍ୟ ତୁଳନାରେ ଆମ ପ୍ରଦେଶ ଦାରିଦ୍ର୍ୟ ସୀମାରେଖାର ତଳେ ଓ ଏହାର ଲୋକସଂଖ୍ୟାର ଶତକଡ଼ା ୪୦ ଭାଗ ଅନୁନ୍ନତ ଆଦିବାସୀ ଓ ହରିଜନ ସଂପ୍ରଦାୟର ଅଟନ୍ତି । ଏହି ଦାରିଦ୍ର୍ୟ ସୀମାରେଖାର ତଳେ ଥିବା ଅଗଣିତ ଜନସାଧାରଣଙ୍କର ଉନ୍ନତି କଲେ ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯିବା ପୂର୍ବରୁ ଲୋକମତ ଅନୁସାରେ ପ୍ରତ୍ୟେକ ପୁରପଲ୍ଲୀ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ । ଜନମତ ସଂଗ୍ରହ ନକରି କୌଣସି ଯୋଜନା କରି ବସିଲେ ପ୍ରକୃତ ଅଭାବ ଅସୁବିଧାର ଦୂରୀକରଣ କରାନଯାଇ ଅପେକ୍ଷାକୃତ ଗୌଣ ଅସୁବିଧାକୁ ଅଗ୍ରାଧିକାର ଦିଆଗଲେ ଖାଲି ଯେ ସୀମିତ ସମ୍ବଳର ସଦୁପଯୋଗ ହୋଇ ନପାରିବ ତାହା ନୁହେଁ, ପ୍ରତ୍ୟେକ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତିର ସୂତ୍ରପାତ ହେବ ଓ ସମୟ ଆସିଲେ ସେମାନେ ଜନମତ ନିର୍ବିଶେଷରେ ବିଦ୍ରୋହ କରିବାକୁ ପଶ୍ଚାତ୍‌ପଦ ହେବେନାହିଁ । ତେଣୁ ପଞ୍ଚାୟତ ରାଜର ମୂଳ ଲକ୍ଷ୍ୟ ହେଲା, ଯେ କୌଣସି ଯୋଜନା ସରକାରୀ ସ୍ତରରେ ପ୍ରସ୍ତୁତ କରି ତାହା କାର୍ଯ୍ୟକାରୀ କରିବା ପୂର୍ବରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଲୋକମତ ସଂଗ୍ରହ କରି ଯୋଜନା ଚୂଡ଼ାନ୍ତ କଲେ ଗଣତାନ୍ତ୍ରିକ ବ୍ୟବସ୍ଥା ସମାଜରେ ଦୃଢ଼ ଓ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ସ୍ତରରେ ଜନସାଧାରଣଙ୍କ ଦ୍ୱାରା ବିଶେଷଭାବେ ଆଦୃତ ହେବ ।

ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ନେହେରୁଙ୍କର ଏହି ସ୍ୱପ୍ନକୁ ସଫଳ ରୂପାୟନ ଦେବାର ଦାୟିତ୍ୱ କେବଳ ବ୍ଲକସ୍ତରରେ, ପଞ୍ଚାୟତ ସମିତି ବା ଗ୍ରାମାଞ୍ଚଳରେ ଗ୍ରାମ ପଞ୍ଚାୟତର ବୋଲି ଭାବିବା ସମୀଚିନ ନୁହେଁ, ଅପର ପକ୍ଷରେ ପ୍ରତ୍ୟେକ ଜନସାଧାରଣ ଏଥିରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ଉଚିତ ।

ପଞ୍ଚାୟତରାଜର ରୌପ୍ୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଯେତିକି ସାଫଲ୍ୟ ହାସଲ କରାଯାଇଛି, ତାହାକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ଯାହା କିଛି ଦୋଷ ତ୍ରୁଟି ପରିଲକ୍ଷିତ ହେଉଅଛି, ତା'ର ଦ୍ରୁତ ନିରାକରଣ ନିମିତ୍ତ ବିଧିବଦ୍ଧ ପଦକ୍ଷେପ ନେବା ପାଇଁ ଓଡ଼ିଶା ସରକାର ପବିତ୍ର ସ୍ୱାଧୀନତା ଦିବସକୁ ପଞ୍ଚାୟତରାଜ ଦିବସ ରୂପେ ପାଳନ କରିବା ପାଇଁ ସିଦ୍ଧାନ୍ତ ନେଇଅଛନ୍ତି । ସ୍ୱାଧୀନତା ଉତ୍ସବ ପାଳନ କରିବା ସଙ୍ଗେ ସଙ୍ଗେ ବ୍ଲକ ତଥା ପଞ୍ଚାୟତ ସ୍ତରରେ ପଞ୍ଚାୟତରାଜର ମୂଳ ଲକ୍ଷ୍ୟ ଓ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ଜନସାଧାରଣଙ୍କୁ ଆହୁରି ସକ୍ରିୟ ଓ ଘନିଷ୍ଠ କରିବା ପାଇଁ ବିଭିନ୍ନ ସଭା ସମିତି ମାଧ୍ୟମରେ ସମ୍ପୂର୍ଣ୍ଣ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଆଲୋଚନା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ସମିତିର ସଭାପତିଙ୍କୁ ମାନ୍ୟବର ଗୋସ୍ୱାମୀ ଉନ୍ନୟନ ଉପମନ୍ତ୍ରୀ ଅନୁରୋଧ କରିଅଛନ୍ତି । "ଆଜିର ଦିବସ ସ୍ୱାଧୀନତା ଦିବସ ରୂପେ ଦେଶର ପ୍ରତ୍ୟେକ ପୁରପଲ୍ଲୀରେ ପାଳିତ ହେଉଥିଲେ ହେଁ ଜନମତ ଅନୁସାରେ ପରିକଳ୍ପିତ ତଥା ଜନ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମର ସାଫଲ୍ୟ ହିଁ ରାଜନୈତିକ ସ୍ୱାଧୀନତାକୁ ବାସ୍ତବ ରୂପ ଦେଇପାରିବ ।" ଏହି ବାଣୀ ପ୍ରତ୍ୟେକ ଗାଁ ଗହଳିର ଜନସାଧାରଣଙ୍କ କର୍ଣ୍ଣରେ ପ୍ରତିଧ୍ୱନିତ କରାଇବା ପାଇଁ ମାନ୍ୟବର ମନ୍ତ୍ରୀ ନିବେଦନ କରିଅଛନ୍ତି ।

ପଞ୍ଚାୟତରାଜର ମୂଳ ଲକ୍ଷ୍ୟ ଓ ଅଧିକତର କାର୍ଯ୍ୟକ୍ଷମ ହେବାର ଉପାୟ ଆଲୋଚନା କରିବା ସଙ୍ଗେ ସଙ୍ଗେ ନିମ୍ନଲିଖିତ ପ୍ରସଙ୍ଗମାନଙ୍କର ଆଲୋଚନା ଆଜିର ପରିପ୍ରେକ୍ଷୀରେ ଏକାନ୍ତ ପ୍ରୟୋଜନୀୟ ଅଟେ । ଆମ ଦେଶ ଏବେ ବହୁ ବାଧାବିଘ୍ନ ଝଡ଼ ଝଞ୍ଜା ଦେଇ ଗତି କରୁଥିବା ସଙ୍ଗେ ସଙ୍ଗେ ଅନେକ ସମସ୍ୟାର ସମ୍ମୁଖୀନ । ସେ ସବୁର ସମାଧାନ ଲାଗି ଆଜି ଆମର ସର୍ବାପେକ୍ଷା ଆବଶ୍ୟକ ଏକତା । ଆମ ପ୍ରଦେଶରେ ବହୁତ ଗୋଷ୍ଠୀ ଓ ବିଭିନ୍ନ ମତବାଦର ଦଳ ରହିଛି । ସେମାନଙ୍କର ଏକତାକୁ ଆଦୌ ଖର୍ବ କରିବା ଉଚିତ ନୁହେଁ । ଏକ ଉଦ୍ୟାନର ସୌନ୍ଦର୍ଯ୍ୟ ଝଲକି ଉଠେ ଯଦି ସେଥିରେ ନାନାବିଧ ପୁଷ୍ପ ଓ ବୃକ୍ଷ ରୋପଣ କରାଯାଇ ତାର ସୁଯତ୍ନ ଓ ପ୍ରତ୍ୟକ୍ଷ ରକ୍ଷଣାବେକ୍ଷଣ କରାଯାଇଥାଏ । ସେହିପରି ଗୋଟିଏ ପରିବାରରେ ଅନେକ ବ୍ୟକ୍ତି ଥାଆନ୍ତି ଓ ସେମାନଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହୋଇଥାଏ କେବଳ ବ୍ୟକ୍ତିଗତ ସହାନୁଭୂତି ଓ ପ୍ରେମ ଦ୍ୱାରା । ଆମର ଜନସାଧାରଣଙ୍କ ମଧ୍ୟରେ ଥିବା ବିଭେଦ ଓ ମତୈକ୍ୟ ସେହିପରି ଭାବରେ ଦୂର ହେବା ଉଚିତ । ଏହା କେବଳ ସମ୍ଭବ ହେବ, ଯେତେବେଳେ ଜଣେ ଅନ୍ୟ ଜଣଙ୍କର ଦୁଃଖ, କଷ୍ଟ, ସୁବିଧା ଅସୁବିଧା ବୁଝିବାକୁ ସମର୍ଥ ହେବ ଓ ତାର ସୁଖ ଦୁଃଖରେ ସମଭାଗୀ ହେବ । ଜଣେ ନାଗରିକ ଅନ୍ୟ ଜଣକଠାରୁ ତାର ସମସ୍ତ ବ୍ୟକ୍ତିଗତ ସମ୍ପର୍କ ଛିନ୍ନ କରିବାକୁ ବ୍ୟକ୍ତି ସ୍ୱାତନ୍ତ୍ର୍ୟ କୁହାଯିବ ନାହିଁ ତେଣୁ ଯଦି ଏହାର ବ୍ୟତିକ୍ରମ ଘଟି ବ୍ୟକ୍ତି ସ୍ୱାତନ୍ତ୍ର୍ୟ ନାମରେ ଘୃଣା ଓ ହିଂସାକୁ ପ୍ରଶ୍ରୟ ଦିଆଯାଏ, ତେବେ ଏହି ବ୍ୟକ୍ତି ସ୍ୱାତନ୍ତ୍ର୍ୟ ନାମରେ ହିଁ ଦେଶକୁ ଖଣ୍ଡ ବିଖଣ୍ଡ କରିଦେବ ଏବଂ ଆମର ସଂସ୍କୃତି ହେବ ବିପଦାପନ୍ନ ।

ପ୍ରାଚୀନ କାଳରୁ ଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଭ୍ରାତୃଭାବର ବନ୍ଧନ ରହିଆସିଛି । ଅତୀତରେ ମାତ୍ର ଖୁବ୍ ସୀମିତ ସମୟ ପାଇଁ ସମଗ୍ର ଭାରତ ରାଜନୈତିକ ଏକତା ଲଭ କରିଥିଲେ ହେଁ ବାସ୍ତବ କ୍ଷେତ୍ରରେ ସମସ୍ତ ଦେଶବାସୀ ନିଜକୁ ଅଖଣ୍ଡ ଭାରତର ନାଗରିକ ବୋଲି ମନେକରି ଆସିଛନ୍ତି ।

ବିଗତ ଶତାବ୍ଦୀର ସ୍ୱପ୍ନକୁ ଉପଲବ୍ଧି କରି ଆଜି ଯେତେବେଳେ ଆମ ଦେଶ ଜନ ସମର୍ଥନ କ୍ରମେ ଦେଶବ୍ୟାପୀ ରାଜନୈତିକ ଏକତା ହାସଲ କରିଛି, କେତେକ ବ୍ୟକ୍ତି ବା ଗୋଷ୍ଠୀ ନିଜ ନିଜର କ୍ଷୁଦ୍ର ସ୍ୱାର୍ଥାନ୍ୱେଷୀ ମତବାଦ ଜାହିର କରି ହିଂସାତ୍ମକ କାଣ୍ଡ କରିବାକୁ କୁଣ୍ଠିତ ନୁହଁନ୍ତି । ଇଂରେଜମାନେ ଆମକୁ ଦୁର୍ବଳ ଓ ଦମନ କରି ରଖିବା ପାଇଁ ଯେଉଁ ପନ୍ଥା ଅବଲମ୍ବନ କରିଥିଲେ, ଆମ ସମାଜର ତଥା-କଥିତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀମାନେ ସଂକୀର୍ଣ୍ଣ ସାମ୍ପ୍ରଦାୟିକ ବା ଭାଷାଗତ ବିଷର ଧାରାରେ ଅନୁପ୍ରାଣିତହୋଇ ଦେଶର ଅଖଣ୍ଡତାପ୍ରତି ଓ ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଜାତୀୟ ଜୀବନ ପ୍ରତି ବିଦ୍ରୋହ ସୃଷ୍ଟି କରୁଛନ୍ତି । ଶତାବ୍ଦୀ ଶତାବ୍ଦୀ ଧରି ଆମର ନେତୃବର୍ଗ ଆମ୍ଭମାନଙ୍କ ପାଇଁ ଶାନ୍ତି ଓ ସ୍ଥିତିର ଐକ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ ହେଁ କେତେକ ଗୋଷ୍ଠୀ ବହୁ ଧର୍ମ ଓ ବହୁ ଭାଷା ଦ୍ୱାରା ସମୃଦ୍ଧ ଆମର ପରମ୍ପରାର ଭିତ୍ତି ଭାଙ୍ଗିଦେବାକୁ ଆଗଭର ହୋଇଛନ୍ତି । ଏଠାରେ ଉଲ୍ଲେଖ କରିବା ବାହୁଲ୍ୟ ଯେ, ସେମାନେ ସକ୍ରିୟ ହେଲେ ଆମ ଦେଶର ଅଖଣ୍ଡତା ଓ ସ୍ୱାଧୀନତା ବିପନ୍ନ ହୋଇପଡ଼ିବ । ଅପର ପକ୍ଷରେ ଯଦି ଆମର ମୌଳିକ ଐକ୍ୟ ଅତୁଟ ରହେ ଓ ଆମେ ଯଦି ପରସ୍ପର ପ୍ରତି ସହାନୁଭୂତି ବଜାୟ ରଖି ଚାଲି ପାରିବା, ତେବେ ଏ ସବୁ ବିବାଦୀୟ ବିଷୟ କ୍ରମଶଃ ଅପସରି ଯିବ । ଏହି ଭାରତରେ ଜାତିର ଜନକ ପୂଜ୍ୟ ମହାତ୍ମା ଗାନ୍ଧୀ ସର୍ବ ଧର୍ମର ସାରତତ୍ତ୍ୱ ଗ୍ରହଣକରି ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭ୍ରାତୃତ୍ୱ ବଜାୟ ରଖି ସ୍ୱାଧୀନତା ପାଇଁ ସାରାଜୀବନ ରାଷ୍ଟ୍ରର ଉଚ୍ଚ ଆଦର୍ଶ ଓ ଅନ୍ତର୍ନିହିତ ଶକ୍ତିର ବିକାଶନିମିତ୍ତ ବିଭିନ୍ନ ଉପାୟରେ ପ୍ରଚେଷ୍ଟା କରିଥିଲେ । ଆଜି ଠିକ୍ ସେହି ସମୟ ପୁଣି ଆସି ଆମ୍ଭମାନଙ୍କର ଦ୍ୱାର ଦେଶରେ କରାଘାତ କରୁଛି । ଦେଶର ସଂହତି ଓ ଜାତୀୟତା ରକ୍ଷା କରିବାପାଇଁ ଦେଶର ପ୍ରତ୍ୟେକ କୋଣରେ ଏହି ଦୁଷ୍ଟ ଶକ୍ତିମାନଙ୍କୁ ସମୂଳେ ଧ୍ୱଂସ କରିବାପାଇଁ କେବଳ ପଞ୍ଚାୟତରାଜ ସଂସ୍ଥା ବା ତା'ର ପ୍ରତ୍ୟେକ କର୍ମୀଙ୍କ ବ୍ୟତୀତ ପୁରପଲ୍ଲୀର ପ୍ରତ୍ୟେକ ନାଗରିକଙ୍କର ପ୍ରବଳ ଓ ଦୃଢ଼ପ୍ରତିଜ୍ଞା ମନୋଭାବର ଜାଗରଣ ସୃଷ୍ଟି ହେବା ଉଚିତ । କାରଣ, ଯେଉଁମାନେ ଧନ, ଭାଷା, ଜାତି ଓ ପ୍ରାଦେଶିକତା ଆଦି ସଂକୀର୍ଣ୍ଣ ମନୋଭାବକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଚାହାଁନ୍ତି, ସେମାନଙ୍କ ହୃଦୟରେ ଜାତୀୟ କଲ୍ୟାଣ ଓ ସଂହତି ପ୍ରତି ଆଦୌ ସ୍ଥାନ ନାହିଁ ।

ଆମ ପ୍ରଦେଶରେ ପ୍ରାଚୀନ ପରମ୍ପରା ହେଉଛି ଶାନ୍ତି ଓ ସହନଶୀଳତା । କାରଣ ଏହି ମାଟିରେ ଦିନେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । କେବଳ ନିଜ ଲୋକଙ୍କ ପାଇଁ ଜନସାଧାରଣ ସହନଶୀଳତା ପ୍ରକାଶ କରିବାର ଉଲ୍ଲେଖ କରିବା ହୁଏତ ଅପ୍ରାସଙ୍ଗିକ ମନେ ହେବ । କାରଣ ପ୍ରାଣୀ ଓ ଉଦ୍ଭିଦ ଜଗତ ପ୍ରତି ମଧ୍ୟ ଆମ୍ଭେମାନେ ସହନଶୀଳତା ପ୍ରକାଶକରି ଆସିଅଛୁ । ଏହା ଆମର ମୌଳିକ ପରମ୍ପରା ହୋଇଥିଲେ ହେଁ ଆଜି ଯେପରି କ୍ରମାଗତ-ଭାବରେ ଆମର ଅରଣ୍ୟ ସମ୍ପଦ ହ୍ରାସ ପାଉଛି, ତାହା ଅତି ଉଦ୍‌ବେଗର କାରଣ ହୋଇପଡ଼ିଛି । ଜନସଂଖ୍ୟାର ବୃଦ୍ଧି ସହ ଉଦ୍ଭିଦ ରାଜ୍ୟର ସମୃଦ୍ଧି ଏକାନ୍ତ ଆବଶ୍ୟକ । ନଚେତ ଜନସ୍ୱାସ୍ଥ୍ୟପ୍ରତି ପ୍ରତିକୂଳ ଅବସ୍ଥା ସୃଷ୍ଟି ହେବ । ଏହି ପରିପ୍ରେକ୍ଷୀରେ ଆମର ଜନପ୍ରିୟ ନେତ୍ରୀ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ପରିବାର ନିୟନ୍ତ୍ରଣକୁ ସ୍ୱେଚ୍ଛାମୂଳକ ଭିତ୍ତିରେ ଏକ ଗଣ ଆନ୍ଦୋଳନରେ ପରିଣତ କରିବା କାର୍ଯ୍ୟବିଧି ଅବଲମ୍ବନ କରିବା ସଙ୍ଗେ ସଙ୍ଗେ ନୂତନ ବନ ସୃଷ୍ଟି ତଥା ଉଦ୍ୟାନ ଓ ବାଡ଼ି ବଗିଚା ସ୍ଥାପନ ନିମନ୍ତେ ଗୃହୀତ କାର୍ଯ୍ୟକ୍ରମରେ ସଘନ ସମ୍ପାଦନ ଏବଂ ଜୈବ ବାଷ୍ପ ତଥା ବିକଳ୍ପ ଶକ୍ତି ଉତ୍ସର ବିକାଶ ସାଧନ ନିମନ୍ତେ ଗୁରୁତ୍ୱ ଆରୋପ କରିଛନ୍ତି । ବନ ସମ୍ପଦର ସୁରକ୍ଷା ଓ ଉତ୍ତମ ରକ୍ଷଣାବେକ୍ଷଣ ନ ହେଲେ ଜାଳେଣି କାଠ କ୍ରମଶଃ ଦୁଷ୍ପ୍ରାପ୍ୟ ହେବା ସଙ୍ଗେ ସଙ୍ଗେ କୃଷି ଉପକରଣ ପ୍ରସ୍ତୁତ ନିମିତ୍ତ କାଠର ଅଭାବ ପଡ଼ିବ ଓ ଗାଈ ଗୋରୁଙ୍କୁ ଯଥେଷ୍ଟ ଖାଦ୍ୟ ମିଳିବନାହିଁ । ସରକାରଙ୍କର ଗ୍ରାମା-ଞ୍ଚଳରେ ବନିକରଣ ଏକ ଅଗ୍ରାଧିକାର ପ୍ରାପ୍ତ ଜାତୀୟ ଯୋଜନା ହୋଇଥିବାରୁ ପଞ୍ଚାୟତରାଜ ଦିବସ ପରି ଏହି ପବିତ୍ର ଓ ମହାନ୍ ଦିବସରେ ପ୍ରତ୍ୟେକ ଦେଶବାସୀ ଐକ୍ୟବଦ୍ଧ

ହୋଇ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ ।

କଥାରେ ଅଛି, "ଗାଁ ପରିମଳ ଧୋବା ଡୁଠରୁ" । ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଗ୍ରାମାଞ୍ଚଳର ଶିଶୁ ଓ ଦୁଃସ୍ଥ ନରନାରୀ ରୋଗାକ୍ରାନ୍ତ ହୋଇ ପଡୁଛନ୍ତି ଏବଂ ଦୁର୍ବଳତା ତଥା ଅସାମୟିକ ମୃତ୍ୟୁ ବରଣ କରୁଛନ୍ତି । ସେମାନଙ୍କୁ ଏକ ସୁସ୍ଥ ଓ ନିରୋଗ ଜୀବନ ଯାପନ କରିବାର ସୁଯୋଗ ଦେବା ଖାଲି ଆମର ସମାଜ କାହିଁକି, ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ହେବା ଉଚିତ । ଗ୍ରାମାଞ୍ଚଳର ଅଗଣିତ ଶିଶୁ ଓ ନରନାରୀଙ୍କୁ ସାର୍ବଜନୀନ ପ୍ରାଥମିକ ଚିକିତ୍ସା ସୁବିଧାର ବ୍ୟାପକ ପ୍ରସାର ଏବଂ କୁଷ୍ଠ, ଯକ୍ଷ୍ମା ଓ ଦୃଷ୍ଟିହୀନତାର ନିୟନ୍ତ୍ରଣ ପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତଦ୍‌ଭିନ୍ନ ମହିଳା ଓ ଶିଶୁ-ମାନଙ୍କ ଲାଗି ଉଦ୍ଦିଷ୍ଟ କଲ୍ୟାଣକର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଗର୍ଭବତୀ ଓ ସ୍ତନ୍ୟପାନ କରଉଥିବା ମହିଳା ତଥା ପାଞ୍ଚବର୍ଷରୁ କମ କୋମଳ ଶିଶୁମାନଙ୍କ ଲାଗି ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ, ବିଶେଷକରି ଆଦିବାସୀ, ପାହାଡ଼ିଆ ଓ ଅନୁନ୍ନତ ଅଞ୍ଚଳରେ ପ୍ରଚଳନ କରାଯାଉଅଛି । ଏହି କାର୍ଯ୍ୟକ୍ରମ ପଞ୍ଚାୟତରାଜ ମାଧ୍ୟମରେ ପ୍ରତ୍ୟେକ ବ୍ଲକ ସ୍ତରରେ ବିଭିନ୍ନ ମହିଳା ସମିତି ଓ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଖୋଲ-ଯାଇଅଛି । ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାପାଇଁ ଗ୍ରାମାଞ୍ଚଳର ପ୍ରତ୍ୟେକ ନାଗରିକଙ୍କର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ।

ସାଧାରଣ ବିକାଶ କାର୍ଯ୍ୟକ୍ରମ ସହିତ ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ଅର୍ଥନୈତିକ ଉନ୍ନତିକଳ୍ପେ ଓ ସାଧାରଣ ଜୀବନର ମାନଦଣ୍ଡ ଅଭିବୃଦ୍ଧି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୧୯୭୫ ମସିହାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପେ ଆରମ୍ଭ କରାଯାଇଥିଲା । ବହୁ ବିଷୟ ଯତ୍ନର ସହିତ ବିଚାରକୁ ନିଆଯାଇ ତଥା ସରକାରୀ ସ୍ତରରେ ବିଭିନ୍ନ ପର୍ଯ୍ୟାଲୋଚନା ପରେ ସମ୍ପ୍ରତି ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ୧୯୮୨ ମସିହା ଜାନୁୟାରୀ ମାସ ୧୪ ତାରିଖ ଦିନ ଜାତି ଉଦ୍ଦେଶ୍ୟରେ ପ୍ରସାରିତ ବେତାର ଭାଷଣରେ ତାହା ଦେଶ-ବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ।

ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ପରେ ଆଜି ଆମ ଦେଶ ବିଶ୍ୱର ଶିଳ୍ପ ସମୃଦ୍ଧ ରାଷ୍ଟ୍ରମଣ୍ଡଳୀରେ ଅନ୍ୟତମ ରାଷ୍ଟ୍ରରୂପେ ପରିଚିତ । ଏହାର ଶିଳ୍ପ ଓ କୃଷି କ୍ଷେତ୍ରରେ ବୈପ୍ଳବିକ ବିବର୍ତ୍ତନ ପଞ୍ଚବାର୍ଷିକ ଯୋଜନା ଫଳରେ ଘଟିଛି । ଆଜି ଦେଶରେ ତାଲିମ ପ୍ରାପ୍ତ ଲୋକ ଶକ୍ତିର ଅଭାବ ନାହିଁ । ହାରାହାରି ସ୍ୱାବଲମ୍ବନ ପଥରେ ଏହାର ପ୍ରଗତି ସୁସ୍ପଷ୍ଟ । ହାରାହାରି ମୁଣ୍ଡପିଛା ଆୟର ବିଶେଷ ବୃଦ୍ଧି ନ ହୋଇଥିଲେ ମଧ୍ୟ ଦେଶ ବର୍ତ୍ତମାନ ନିଜର ପୁରାତନ ସମସ୍ୟା ତଥା ଉନ୍ନୟନ ପ୍ରକ୍ରିୟା ଫଳରେ ଉଦ୍‌ଭବ ନୂତନ ସମସ୍ୟାବଳୀର ସମାଧାନ ଲାଗି ଦୃଢ଼ ପରିକର । ଏହି କାର୍ଯ୍ୟକ୍ରମର ସମସ୍ତ ଲକ୍ଷ୍ୟ ପ୍ରାୟ ପୂରଣ ହୋଇପାରିଛି । ଗୋଟି ପ୍ରଥା ଲୋପକରି ଶ୍ରମିକ-ମାନଙ୍କର ଅଭ୍ୟୁତ୍ଥାନ ନିମନ୍ତେ ୧୯୭୬ ମସିହାରେ ଆଇନ ପ୍ରଣୟନ କରାଯାଇ ଗୃହୀତ ହୋଇଅଛି । ତସ୍କର, ମହଜୁଦ୍‌କାରୀ ଏବଂ ଟିକସ ଓ କରଫାଙ୍କିବାଜ ମୁନାଫାଖୋରଙ୍କ ବିରୁଦ୍ଧରେ ଦୃଢ଼ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅବ୍ୟାହତ ରଖାଯାଇ କଳାଧନ କାରବାରର ନିୟନ୍ତ୍ରଣ କରାଯାଇଅଛି । ତଥାପି ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯାଇ ଦେଶକୁ ଜାତି, ଧର୍ମ, ନିର୍ବିଶେଷରେ ସୁସଂଗଠିତ ଓ ସୁପ୍ରତିଷ୍ଠିତ କରିବା ପାଇଁ ପ୍ରତ୍ୟେକ ନାଗରିକ ଆଗଭର ହେବା ବାଞ୍ଛନୀୟ ।

ଚାଷ ଜମିର ସର୍ବୋଚ୍ଚ ସୀମା ଆଇନ ବିଭିନ୍ନ ତହସିଲ ମାଧ୍ୟମରେ ସବ୍‌ଡିଭିଜନ ଓ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରାଯାଇ ଭୂମିହୀନମାନଙ୍କ ମଧ୍ୟରେ ବଳକା ଜମିର ବଣ୍ଟନ କରାଯାଉଅଛି । ଏହି କାର୍ଯ୍ୟକ୍ରମରେ ପ୍ରତିବନ୍ଧକ ସୃଷ୍ଟି-କରୁଥିବା ସମସ୍ତ ପ୍ରଶାସନିକ ତଥା ଆଇନଗତ ବାଧାବିଘ୍ନକୁ ଦୂରକରି ଜମିଜମା ବନ୍ଦୋବସ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ସମ୍ପାଦନ କରିବାପାଇଁ ଆମ ସରକାର ବଳିଷ୍ଠ ପଦକ୍ଷେପ ନେଇଅଛନ୍ତି । ଏତଦ୍‌ଭିନ୍ନ କୃଷିର ଉନ୍ନତି ଓ ଉତ୍ପାଦନ ବୃଦ୍ଧିନିମନ୍ତେ ଭୂମି ମାଲିକମାନଙ୍କୁ ଚକବନ୍ଦୀ ଯୋଜନା ମାଧ୍ୟମରେ ସମସ୍ତ ଚାଷଜମିକୁ ଏକତ୍ରୀକରଣ କରି ଏକ, ଦୁଇ ବା ତିନି ସ୍ଥାନରେ ଜମିର ପୁନର୍ବଣ୍ଟନ କରିବାର ପ୍ରୟାସ ରଖି ୧୯୭୩ ମସିହାଠାରୁ ଆମ ରାଜ୍ୟରେ ଚକବନ୍ଦୀ ଆଇନ ପ୍ରଣୟନ କରିଛନ୍ତି ।

ଆମମାନଙ୍କର ଦେଶ ଓ ରାଜ୍ୟ ଏକ କୃଷକ ବହୁଳ ରାଜ୍ୟ । କୃଷି ଆମର ମୁଖ୍ୟ ଜୀବିକା ହୋଇଥିବାରୁ ଜଳସେଚନ ସୁବିଧାର ଅଧିକ ଉନ୍ନତି ବିଧାନ ଏବଂ ଶୁଷ୍କ ଓ ନିପାଣିଆ ଜମିରେ କୃଷିର ବିକାଶ ଲାଗି ବିଭିନ୍ନ ବୈଷୟିକ ଓ ବୈଜ୍ଞାନିକ ପଦ୍ଧତିର ବ୍ୟାପକ ପ୍ରୟୋଗ ସାଧନ ନିମନ୍ତେ ସରକାରଙ୍କ ତରଫରୁ ବିହିତ ପଦକ୍ଷେପମାନ ନିଆଯାଇଅଛି । ଉଠା ଜଳସେଚନ ପମ୍ପ ଓ କ୍ଷୁଦ୍ର ଜଳସେଚନ ଯୋଜନାମାନ ରାଜ୍ୟରେ ବହୁଳ ଭାବରେ କାର୍ଯ୍ୟକାରୀ ହେବା ଫଳରେ କୃଷିର ସର୍ବାଙ୍ଗୀନ ଉନ୍ନତି କରାଯାଇ, ଡାଲି ଓ ବନସ୍ପତି ଏବଂ ତୈଳବୀଜ ଉତ୍ପାଦନ ବୃଦ୍ଧି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗ୍ରହଣ କରାଯାଇଅଛି ।

କୃଷି ଓ ଶିଳ୍ପର ଅଭିବୃଦ୍ଧିନିମନ୍ତେ ସର୍ବାଧିକ ସ୍ତରରେ ବିଦ୍ୟୁତ ଶକ୍ତି ଉତ୍ପାଦନର ପରିବର୍ଦ୍ଧନ, ବିଦ୍ୟୁତ ଶକ୍ତି ସଂସ୍ଥାଗୁଡ଼ିକର କାର୍ଯ୍ୟଧାରାରେ ଉନ୍ନତି ସାଧନ ଓ ପ୍ରତ୍ୟେକ ଗ୍ରାମାଞ୍ଚଳଗୁଡ଼ିକର ବିଦ୍ୟୁତିକରଣ ପାଇଁ ବିଶେଷ ଧ୍ୟାନ ଦିଆଯାଇଅଛି । ଏହା ଦ୍ୱାରା ପ୍ରତ୍ୟେକ ଗ୍ରାମାଞ୍ଚଳର ଉଠା ଜଳସେଚନ ପମ୍ପ, ଧାନକଳ, ଅଟାକଳ ପ୍ରଭୃତି ବିଦ୍ୟୁତକରଣର ସଦୁପଯୋଗ ପାଇବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ପୁରପଲ୍ଲୀର ଗୃହମାନଙ୍କରେ ବିଜୁଳି ଆଲୋକର ବ୍ୟବସ୍ଥା କରାଯାଇ ପାରିଛି । କୃଷିର ବହୁଳ ଉନ୍ନତି ସାଧନ ହୋଇ ପାରିବ, କେବଳ କୃଷି କାର୍ଯ୍ୟରେ ନିଯୁକ୍ତି ମୂଲିଆ ଓ କୃଷି ଶ୍ରମିକ ମାନଙ୍କଦ୍ୱାରା । ତେଣୁ ସେମାନଙ୍କର ନ୍ୟାୟୋଚିତ ପାଉଣା ଦେବାଲାଗି ଗୃହୀତ ସର୍ବନିମ୍ନ ମଜୁରୀ ଆଇନର ସମୀକ୍ଷା କଡ଼ାକଡ଼ି ଭାବରେ କରାଯାଇ ଆବଶ୍ୟକ ସ୍ଥଳେ ସେମାନଙ୍କୁ ନ୍ୟାଯ୍ୟ ପାଉଣା ଦେବାରୁ କେହି ବଞ୍ଚିତ କଲେ, ସଂପୃକ୍ତ ବ୍ୟକ୍ତି-ମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ କରାଯାଉଅଛି ।

ଆମ ରାଜ୍ୟରେ କେତୋଟି ଜିଲ୍ଲାକୁ ବାଦ ଦେଲେ ଗ୍ରୀଷ୍ମ କାଳରେ ପାନୀୟ ଜଳ ସମସ୍ୟା ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଯାଇଥାଏ । ଏହି ସମସ୍ୟାର ଦୂରୀକରଣ ନିମନ୍ତେ ଜଳକଷ୍ଟ ଭୋଗୁଥିବା ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସ୍ଥାନ ପାଇଛି । ପ୍ରାୟ ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ସମସ୍ୟାର ଦୂରୀକରଣ ନିମନ୍ତେ ସରକାରଙ୍କ ତରଫରୁ ନଳକୂପର ବ୍ୟବସ୍ଥା କରାଯାଇଛି । ସ୍ଥଳ ବିଶେଷରେ ଜନସାଧାରଣ ଏହି ନଳକୂପର ଅପବ୍ୟବହାର କରୁଥିବାରୁ ଏହା ଅଳ୍ପ ଦିନପରେ ଅଚଳ ଅବସ୍ଥାକୁ ଆସିଯାଇଥାଏ । ତେଣୁ ପ୍ରତ୍ୟେକ ଜନସାଧାରଣ ନଳକୂପ ଗୁଡ଼ିକ ନିଜର ବ୍ୟକ୍ତିଗତ ସଂପତ୍ତି ମନେ କରି ଉତ୍ତମ ରୂପେ ବ୍ୟବହାର କରିବାକୁ ବିଭାଗୀୟ କର୍ମକର୍ତ୍ତାଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥାଏ । ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେଲେ ବହୁ ଅର୍ଥର ବ୍ୟୟ ବରାଦ କମିଯାଇପାରନ୍ତା ।

ଗ୍ରାମାଞ୍ଚଳର ପ୍ରତ୍ୟେକ ବାସହୀନ ପରିବାର ମଧ୍ୟରେ ଘରଡ଼ିହ ବଣ୍ଟନ ଓ ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସାହାଯ୍ୟ ତଥା ଗୃହଉପକରଣ ଯୋଗାଣ କାର୍ଯ୍ୟକ୍ରମର ସଂପ୍ରସାରଣ ପ୍ରତି ବ୍ଲକ ଜରିଆରେ କରାଯାଉଅଛି । ଗ୍ରାମାଞ୍ଚଳର ବାସହୀନ ପରିବାରକୁ ପନ୍ଦର ଶହ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇ ଦିଆଯାଉ-ଅଛି । ଏତଦ୍‌ବ୍ୟତୀତ ସହରାଞ୍ଚଳ ବସ୍ତିଗୁଡ଼ିକରେ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ବିଧାନ କରାଯିବା ସଙ୍ଗେ ସଙ୍ଗେ ଦୁର୍ବଳ ଶ୍ରେଣୀର ଲୋକଙ୍କ ଲାଗି ଗୃହ ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉ ଅଛି । ଜମିର ଅସ୍ୱାଭାବିକ ଦରବୃଦ୍ଧି ରୋକିବା ଲାଗି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଅଛି । ସମଗ୍ର ଦେଶରେ ୬ ରୁ ୧୪ ବର୍ଷ ବୟସର ଶିଶୁ ବିଶେଷତଃ ବାଳିକାମାନଙ୍କ ଶିକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ସାର୍ବଜନୀନ ମୌଳିକ ଶିକ୍ଷା ବ୍ୟବସ୍ଥାର ସଂପ୍ରସାରଣ କରାଯାଉଅଛି । ଏହା ବ୍ୟତୀତ ପ୍ରୌଢ଼ ନିରକ୍ଷରତା ଦୂରୀକରଣ ଲାଗି ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ସହିତ ଛାତ୍ର ତଥା ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ସଂଶ୍ଳିଷ୍ଟ କରାଯାଇ ଏହାର ଉନ୍ନତିକଳ୍ପେ ବିଭିବଦ୍ଧ ପଦକ୍ଷେପ ନିଆଯାଉଅଛି ।

ଅଧିକ ଓ ଉଚିତ ଦାମରେ ଦୋକାନ ତଥା ଦୂର ଦୂରାନ୍ତ ଅଞ୍ଚଳରେ ସମବାୟ ଖାଉଟି ଭଣ୍ଡାର ଜରିଆରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସଂପ୍ରସାରଣ କରାଯାଉଅଛି । କଳ କାରଖାନାର ଶ୍ରମିକ ଓ ଛାତ୍ରାବାସର ଛାତ୍ରଛାତ୍ରୀମାନଙ୍କ ସୁବିଧାଲାଗି ଭଣ୍ଡାର ନିର୍ମାଣ କରାଯିବାର ଆଶୁ ପଦକ୍ଷେପ ନିଆଯାଉଅଛି । ଛାତ୍ରଛାତ୍ରୀମାନଙ୍କୁ ଗାର ପଡ଼ା ଖାତା ଓ ପାଠ୍ୟ ପୁସ୍ତକ ଅଗ୍ରାଧିକାର ଭିତ୍ତିରେ ଯୋଗାଇଦେବାର ବ୍ୟବସ୍ଥା କରାଯାଉଥିବା ସଙ୍ଗେ ଏକ ଦୃଢ଼ ଖାଉଟି ସୁରକ୍ଷା ଆନ୍ଦୋଳନର ପ୍ରସାର ନିମିତ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

ଉଦାର ପୁଂଜିଲଗାଣ ପଦ୍ଧତିର ଅନୁସରଣ କରାଯାଇ ନିର୍ଦ୍ଦିଷ୍ଟ ସମୟରେ ପ୍ରକଳ୍ପ ସଂପୂର୍ଣ୍ଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଶିଳ୍ପ ନୀତିର ଉନ୍ନତି ସାଧନ କରାଯାଉଅଛି । ହସ୍ତତନ୍ତ, କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପର ସମୃଦ୍ଧି ସାଧନ ନିମନ୍ତେ ସର୍ବବିଧ ସୁବିଧା ଯୋଗାଇ ଦେବା ଓ ସେଗୁଡ଼ିକରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସୁନିଶ୍ଚିତ କରିବା ଲାଗି ଉପଯୁକ୍ତ ବ୍ୟବସ୍ଥାମାନ ଗ୍ରହଣ କରାଯାଉଅଛି ।

କାର୍ଯ୍ୟଦକ୍ଷତା ବୃଦ୍ଧି, ଉତ୍ପାଦନ କ୍ଷମତାର ବିନିଯୋଗ ଏବ ଆଭ୍ୟନ୍ତରୀଣ ସଂପଦ ସୃଷ୍ଟିଦ୍ୱାରା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ କାର୍ଯ୍ୟଧାରାର ଉନ୍ନତିବିଧାନ ଲାଗି ବିହିତ ପଦକ୍ଷେପ ନିଆ ଯାଇଅଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମମାଧ୍ୟମରେ ସମନ୍ୱିତ ଗ୍ରାମ ଉନ୍ନୟନ ଓ ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମର ବ୍ୟାପକ ସଂପ୍ରସାରଣ ଓ ସୁଦୃଢ଼ୀକରଣ ଆମର ପ୍ରଧାନ ମନ୍ତ୍ରୀଙ୍କର ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ଦେଶର ଶତକଡ଼ା ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଓ ସେମାନଙ୍କ ଉନ୍ନତି ଉପରେ ଦେଶର ଉନ୍ନତି ନିର୍ଭର କରେ । ଗୋଟିଏ ପରିବାରର ଜମିଜମା ଓ ଅନ୍ୟାନ୍ୟ ଆୟ ମିଶି ବାର୍ଷିକ ଟ୩,୫୦୦.୦୦ ଅଥବା ମୁଣ୍ଡ ପିଛା ବାର୍ଷିକ ଆୟ ଟ୭,୦୦.୦୦ ରୁ କମ୍ ହେଲେ ସେ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛି ବୋଲି ଧରାଯିବ । କୃଷି, ପଶୁପାଳନ, ମତ୍ସ୍ୟଚାଷ ଏବଂ ଏହା ସହିତ ଗ୍ରାମ୍ୟ ଶିଳ୍ପ ପ୍ରଭୃତି ମାଧ୍ୟମରେ ଉତ୍ପାଦନ ଓ କର୍ମ ନିଯୁକ୍ତି ଦ୍ୱାରା ସେମାନଙ୍କର ଆୟର ଅଭି-ବୃଦ୍ଧି କରାଇ ସ୍ଥାୟୀଭାବେ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା ସମନ୍ୱିତ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଟେ । ଏହି କାର୍ଯ୍ୟକ୍ରମରେ କୃଷି ଶ୍ରମିକ, ଅଣକୃଷି ଶ୍ରମିକ, ଗ୍ରାମାଞ୍ଚଳ କାରିଗର, ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀ ପ୍ରଭୃତି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ଉପକୃତ ହେଉଅଛନ୍ତି । ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ (ଆଇ. ଆର. ଡି. ପି.) ବ୍ଲକ୍ ଉନ୍ନୟନ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେଉଅଛି । ବ୍ଲକସ୍ତରରେ ବି. ଡି. ଓ. ଓ ଜିଲ୍ଲା ସ୍ତରରେ ଜିଲ୍ଲା ଗ୍ରାମାଞ୍ଚଳ ବିକାଶ ସଂସ୍ଥା (ଡି. ଆର. ଡି. ଏ.) ଏହି ଯୋଜନା ଦାୟିତ୍ୱରେ ରହିଛନ୍ତି । ଦାରିଦ୍ର୍ୟ ଦୂରୀକରଣ ଯୋଜନା ଉପରେ କେନ୍ଦ୍ର ତଥା ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏହାର ସଫଳତା ଜନସାଧାରଣ ଓ ଏଥିରେ ସଂପୃକ୍ତଥିବା ବିଭିନ୍ନ ସ୍ତରର କର୍ମଚାରୀମାନଙ୍କର ଆନ୍ତରିକତା, କର୍ତ୍ତବ୍ୟନିଷ୍ଠା, ସହଯୋଗ ମନୋଭାବ, କାର୍ଯ୍ୟଦକ୍ଷତା ତଥା ତତ୍ପରତା ଉପରେ ହିଁ ନିର୍ଭର କରେ ।

ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗ୍ରାମରେ ପଞ୍ଚାୟତ ସମିତି ଜରିଆରେ ରାସ୍ତା ତିଆରି, କୂପ ଓ ଜଳାଶୟ ଖନନ, ପ୍ରାଥମିକ ସ୍କୁଲର ନିର୍ମାଣ ଓ ମରାମତି ଇତ୍ୟାଦି କାର୍ଯ୍ୟ ଗ୍ରାମ୍ୟ କମିଟି ଜରିଆରେ କରା-ଯାଉଅଛି । ଏହି କାର୍ଯ୍ୟକ୍ରମଦ୍ୱାରା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବହୁ ଜନସାଧାରଣ ନିଜର ଜୀବିକା ନିର୍ବାହ କରିବାର ସୁବିଧା ପାଇବା ସଙ୍ଗେ ସଙ୍ଗେ ଗ୍ରାମ୍ୟ କମିଟି ଜରିଆରେ ସୁଷ୍ଠୁରୂପେ କାର୍ଯ୍ୟ ସଂପାଦନ କରାଯାଇଅଛି । ଅନେକ କ୍ଷେତ୍ରରେ ଗ୍ରାମ ମଧ୍ୟରେ ବିବାଦ ଦଳୀୟ ମନୋଭାବ ଯୋଗୁ କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ନାନା ଘାତ ପ୍ରତିଘାତ ସୃଷ୍ଟି କରୁଥିଲେ ମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ସଦିଚ୍ଛା ଓ ସହଯୋଗ ରହିଲେ, ଏହି କାର୍ଯ୍ୟକ୍ରମ ବିଶେଷ ଭାବରେ ଆଦୃତ ହେବ ବୋଲି ଆଶା କରାଯାଏ ।

ତପସିଲଭୁକ୍ତ ଜାତି ଓ ଉପଜାତିମାନଙ୍କର ବିକାଶ ନିମନ୍ତେ ଗୃହୀତ କାର୍ଯ୍ୟକ୍ରମର ତ୍ୱରିତ ସଂପାଦନ ଲାଗି ଆମ ସରକାର

ପୂର୍ଣ୍ଣ ପ୍ରାଣରେ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି । ହରିଜନ ଓ ଆଦିବାସୀମାନଙ୍କପାଇଁ ଥିବା ସାମ୍ବିଧାନିକ ଓ ସରକାରୀ ସୁବିଧା ସୁଯୋଗ ବ୍ୟତୀତ ସେମାନଙ୍କ ଲାଗି ଆଉ କେତେକ ସ୍ୱତନ୍ତ୍ର ବିକାଶମୂଳକ ଯୋଜନା ପ୍ରସ୍ତୁତ କରାଯାଇ ଅଛି । ତନ୍ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ହେଉଛି ଅନ୍ୟତମ । ଆଦିବାସୀ ଓ ହରିଜନମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଏହା ଏକ ସୁପରିକଳ୍ପିତ ବିଧିବଦ୍ଧ ଯୋଜନା । ସ୍ୱାଧୀନତାର ଅବ୍ୟବହିତପରେ ବିଭିନ୍ନ ଅର୍ଥନୈତିକ ଯୋଜନାର ପ୍ରବର୍ତ୍ତନ କରାଯାଇଥିଲେ ସୁଦ୍ଧା ହରିଜନ ଓ ଆଦିବାସୀମାନଙ୍କର ଅର୍ଥନୈତିକ ମାନଦଣ୍ଡର ଉନ୍ନତି ବିଶେଷ ଭାବରେ ପରିଲକ୍ଷିତ ହୋଇପାରିନାହିଁ ।


ସେଥିନିମିତ୍ତ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବହେଳିତ ଓ ଦାରିଦ୍ର୍ୟ ସୀମାରେଖା ତଳେଥିବା ଆଦିବାସୀମାନଙ୍କର ସମୂହ କଲ୍ୟାଣନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଅଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜାତୀୟକରଣ ବ୍ୟାଙ୍କ ସହାୟତାରେ ବିଭିନ୍ନ ଅର୍ଥ ଉତ୍ପାଦନକାରୀ ପ୍ରକଳ୍ପନିମିତ୍ତ ଆଦିବାସୀ ଓ ହରିଜନମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ସାଧନ ନିମନ୍ତେ ଋଣ ଦାନ କରିବା । ଏହି ଋଣର ଅର୍ଦ୍ଧେକ ଭାଗ ରିହାତି ଆକାରରେ ଛାଡ଼ି ଦିଆଯିବାର ବ୍ୟବସ୍ଥା ଅଛି ।

ଏହି ଯୋଜନା ମାଧ୍ୟମରେ ପରିବାର ଚିହ୍ନଟ କରିବା ପ୍ରକ୍ରିୟା ଆଇ. ଆର୍. ଡି. ପି. ଅପେକ୍ଷା ସାମାନ୍ୟ ପୃଥକ ଅଟେ । ଯେଉଁ ଆଦିବାସୀ ପରିବାରର ବାର୍ଷିକ ଆୟ ଟ୩,୫୦୦'୦୦ ବା ତା'ଠାରୁ କମ ଓ ଜମିର ପରିମାଣ ୧୦ ଏକର ବା ତା' ଠାରୁ କମ୍ ଥିବ, ସେହି ପରିବାର ଏହି ଯୋଜନା ମାଧ୍ୟମରେ ଉପକୃତ ହୋଇପାରିବେ ।

ଆମର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ନିଜ ଭାଷାରେ, "ଆମର ଜାତୀୟ ଆଦର୍ଶ ଓ ଧ୍ୱନି ହେଉଛି ସତ୍ୟମେବ ଜୟତେ" ଅର୍ଥାତ୍ ସତ୍ୟର ହିଁ ବିଜୟ । ଆମର ବ୍ୟକ୍ତିଗତ ଦୈନନ୍ଦିନ ଜୀବନରେ ଆମକୁ ଆଉ ଏକ ଆଦର୍ଶ ଓ ଧ୍ୱନିର ଆଶ୍ରୟ ନେବାକୁ ହେବ । ତାହା ହେଉଛି 'ଶ୍ରମ ଏବ ଜୟତେ' ଅର୍ଥାତ୍ ଶ୍ରମର ହିଁ ବିଜୟ । ସତ୍ୟନିଷ୍ଠା ଓ ହାଡ଼ ଭଙ୍ଗା ପରିଶ୍ରମ ହିଁ କେବଳ ପ୍ରତିଷ୍ଠା, ପ୍ରଗତି ଓ ସମୃଦ୍ଧିର ଶୀର୍ଷ ସୀମାରେ ପହଞ୍ଚାଇବାକୁ ଆମର ସହାୟକ ହେବ । ଆମର କୋଟି କୋଟି ଦେଶବାସୀଙ୍କର ଦୁଃଖ କଷ୍ଟର ଭାର ଲାଘବ କରିବା ନିମନ୍ତେ ବିଭିନ୍ନ ଉନ୍ନତିମୂଳକ ସୋପାନକୁ ବଜାୟ ରଖିବା ଆମ୍ଭ ସମସ୍ତଙ୍କ ଉପରେ ନିର୍ଭର କରେ । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଉଦ୍ଦିଷ୍ଟ ଏବଂ ଆମର ପ୍ରିୟତମ ରାଷ୍ଟ୍ର ଲାଗି ଉଦ୍ଦିଷ୍ଟ, ଯେଉଁ ରାଷ୍ଟ୍ରର ସେବା ଆମର ବ୍ରତ । ଯାହାକୁ ମହନୀୟ ଓ କମନୀୟ କରି ଗଢ଼ି ତୋଳିବାକୁ ଆମେ ସମସ୍ତେ ଉତ୍ସର୍ଗିତ । ଆମେ ସମସ୍ତେ ଭାରତର ନାଗରିକ । ତେଣୁ ପ୍ରାଚୀନ ଭାରତର ବୈଶିଷ୍ଟ୍ୟକୁ ଦୃଢ଼ୀଭୂତ କରିବାକୁ ହେବ । ପଞ୍ଚାୟତ ଦିବସ ପରି ଏହି ପବିତ୍ର ଦିବସରେ ପ୍ରତ୍ୟେକ ନାଗରିକ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନନିମନ୍ତେ ପୂର୍ଣ୍ଣପ୍ରାଣରେ ଅପୂରନ୍ତ ସହଯୋଗ କରିବାପାଇଁ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ଆମ୍ଭେମାନେ ଏପରି କିଛି କରିବା ନାହିଁ, କହିବା ନାହିଁ ଅଥବା ଚିନ୍ତା କରିବା ନାହିଁ, ଯାହାଦ୍ୱାରା ଭାରତମାତାର ଗୌରବ ଓ ସମ୍ମାନ କ୍ଷୁଣ୍ଣ ହେବ ।

ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମା କଶ୍ଚିତ ଦୁଃଖଭାଗ ଭବେତ୍ ।"

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ରାସଗୋବିନ୍ଦପୁର,
ଜିଲ୍ଲା ମୟୂରଭଞ୍ଜ



ଦୁର୍ଗାପୂଜାରେ ନିର୍ମିତ ହୋଇଥିବା କଟକ ମାଲଗୋଦାମର ତୋରଣ ।

ଓଡ଼ିଶା ସରକାରଙ୍କ ସଂସ୍ଥା

# ସର୍ବଦା ଆପଣଙ୍କ ସେବାରେ

## ନିତ୍ୟ ବ୍ୟବହାର ନିମନ୍ତେ

ସପୁରୀ, କମଳା, ଲେମ୍ବୁ ଓ ଆମ୍ବରୁ ପ୍ରସ୍ତୁତ ସୁଖ ପାନୀୟ, ସ୍କ୍ୱାସ୍, ଜେଲି, ଜାମ, ଆଚାର, ସସ୍ ପ୍ରଭୃତି ବ୍ୟବହାର କରନ୍ତୁ ।

ବିକ୍ରୟ କେନ୍ଦ୍ର:

ଭୁବନେଶ୍ୱରସ୍ଥ ଓ. ଆର. ଟି. ବସଷ୍ଟାଣ୍ଡରେ ଥିବା ବିଭାଗୀୟ ବିକ୍ରୟ କେନ୍ଦ୍ର

ସଦାସର୍ବଦା ଆପଣଙ୍କ ସେବାରେ—

ଉପକୃଷି ନିର୍ଦ୍ଦେଶକ
(ଫଳ ସଂରକ୍ଷଣ)
**ଉଦ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା**
ଭୁବନେଶ୍ୱର-୯
ଫୋନ—୫୦୬୯୩

# ମାଛ ଜାଆଁଳ: ସମସ୍ୟା ଓ ସମାଧାନ

ଶ୍ରୀ ହରଶଙ୍କର ବଡ଼ପଣ୍ଡା

ସଫଳ ମାଛଚାଷ ପାଇଁ ଖାଣ୍ଟି ଚାଷୋପଯୋଗୀ ମାଛ ଜାଆଁଳ ଅତ୍ୟାବଶ୍ୟକ । ମାଛ ପୋଖରୀରୁ ଆଶାନୁରୂପ ଆଦାୟ ପାଇଁ ଏହା ଅପରିହାର୍ଯ୍ୟ । ତେଣୁ, ମାଛ ଜାଆଁଳର ପ୍ରକୃତ ଚାହିଦା ଅଟକଳ କରିବା ଏବଂ ଠିକ୍ ସମୟରେ ଜାଆଁଳ ବଣ୍ଟନ କରିବା ଦ୍ୱାରା ଚାଷୋପଯୋଗୀ ଜଳ ସମ୍ପଦର ସଦୁପଯୋଗ ହୋଇ ପାରିବ ।

ସର୍ଭେ ଦ୍ୱାରା ଜଣାପାଇଛି ଯେ ଗଞ୍ଜାମ ଜିଲ୍ଲାର ଜଳାୟତନର ପରିମାଣ ୨୪,୦୦୦ ଏକର । ଏଥିମଧ୍ୟରୁ ୨,୧୦୦ ଏକରରେ ସଘନ ମାଛ ଚାଷ କରାଯାଏ ଏବଂ ବାକି ଜଳାଂଶରେ ସାଧାରଣ ଭାବରେ ମାଛଚାଷ କରାଯାଏ । ସଘନ ମାଛଚାଷ ପାଇଁ ଏକର ପିଛା ୨,୦୦୦ ଜାଆଁଳ ଏବଂ ସାଧାରଣ ମାଛ ଚାଷ ପାଇଁ ଏକର ପିଛା ୧,୦୦୦ ଜାଆଁଳ ଦରକାର ହେଉ ଥିବାରୁ ଏ ଜିଲ୍ଲାର ହାରାହାରି ଜାଆଁଳର ଚାହିଦା ପ୍ରାୟ ୨୬୧ ଲକ୍ଷ । ଏ ଜିଲ୍ଲାର ପ୍ରାୟ ଅଧିକାଂଶ ଲୋକ ମାଛ ଖାଆନ୍ତି । ତେଣୁ ଜଳାଶୟ ମାଛଚାଷ ପାଇଁ ଉପଯୁକ୍ତ ଥାଉ ବା ନ ଥାଉ ସେମାନେ ମାଛ ଜାଆଁଳ ଛାଡ଼ନ୍ତି ଯଦିଓ କେତେକ ସ୍ଥଳରେ ଆଶାନୁରୂପ ଆଦାୟ ହୋଇ ପାରେ ନାହିଁ । ଅନ୍ୟ ପକ୍ଷରେ ଏ ଜିଲ୍ଲାରେ ୨୬୧ ଲକ୍ଷ ମାଛ ଜାଆଁଳ ସରବରାହର ବ୍ୟବସାୟିକ ଭିତ୍ତି ତଥା କିପରି ସଂପୂର୍ଣ୍ଣ ଚାହିଦା ମେଣ୍ଟାଇ ହେବ ଏହା ଯେ କୌଣସି ପ୍ରଗତିଶୀଳ ମାଛଚାଷୀ ତଥା ବିଭାଗୀୟ କର୍ମକର୍ତ୍ତାଙ୍କର ସର୍ବାଦୌ ବିଚାରଯୋଗ୍ୟ ।

## ଜାଆଁଳ ସରବରାହର ବର୍ତ୍ତମାନ ବ୍ୟବସ୍ଥା

ପ୍ରଶ୍ନ ଉଠେ ଯେ, ଏ ଜିଲ୍ଲାରେ ଆବଶ୍ୟକ ହେଉଥିବା ୨୬୧ ଲକ୍ଷ ଜାଆଁଳ, ମାଛଚାଷୀମାନଙ୍କୁ କିପରି ଯୋଗାଇ ଦିଆଯାଏ ? ଅଟକଳରୁ ଜଣାଯାଇଅଛି ଯେ, ଏ ଚାହିଦାରୁ କେବଳ ୧୫୦ ଲକ୍ଷ ଜାଆଁଳ ମାଛଚାଷୀମାନେ ପାଆନ୍ତି ଏବଂ ପ୍ରାୟ ୧୧୦ ଲକ୍ଷ ଜାଆଁଳ ଚାଷୀମାନଙ୍କୁ ଯୋଗାଇ ଦିଆଯାଇ ପାରେ ନାହିଁ । ଏହି ୧୫୦ ଲକ୍ଷ ଜାଆଁଳରୁ ବିଭାଗୀୟ ମତ୍ସ୍ୟଚାଷ କେନ୍ଦ୍ରମାନଙ୍କରୁ ୫୦ ଲକ୍ଷ, ବ୍ୟକ୍ତିଗତ ମାଛ ବିହନ କେନ୍ଦ୍ରମାନଙ୍କରୁ ୬୦ ଲକ୍ଷ ଏବଂ ସିଧାସଳଖ କଲିକତା ମାଛ ଜାଆଁଳ ବଜାରରୁ ପ୍ରାୟ ୪୦ ଲକ୍ଷ ଯୋଗାଇ ଦିଆଯାଏ । ଏଥିରୁ ଅନୁମାନ କରାଯିବ ଜିଲ୍ଲାରେ ଥିବା ମାଛ ଜାଆଁଳ ଉତ୍ପାଦନ ପାଇଁ ବିଭାଗୀୟ ମାଛ ଚାଷ କେନ୍ଦ୍ର ତଥା ବ୍ୟକ୍ତିଗତ ମାଛ ଜାଆଁଳ ଚାଷୀମାନଙ୍କର ଚାଷ କେନ୍ଦ୍ରରୁ କେବଳ ୧୧୦ ଲକ୍ଷ ଜାଆଁଳ ଉତ୍ପାଦନ ହୋଇ ପାରୁଛି । ଏ ମଧ୍ୟରୁ ବିଭାଗୀୟ ଜାଆଁଳ ୫୦ ଲକ୍ଷ ଖାଣ୍ଟି ଚାଷୋପଯୋଗୀ ଯାହା ମାଛଚାଷୀମାନଙ୍କୁ ସରବରାହ କରାଯାଏ । ଅନ୍ୟପକ୍ଷରେ ବ୍ୟକ୍ତିଗତ ମାଛଜାଆଁଳ ଚାଷୀମାନଙ୍କର ଜାଆଁଳ ମୁଖ୍ୟତଃ ନଦୀରୁ ସଂଗୃହୀତ ହୋଇଥାଏ । ଏଥିପାଇଁ ସେମାନେ କୃଷ୍ଣ ଜାଆଁଳକୁ କଲିକତାରୁ ଆଣିଥାଆନ୍ତି । ବାକି ୪୦ ଲକ୍ଷ ଜାଆଁଳ କଲିକତା ଜାଆଁଳ ବଜାରରୁ ଅଣାଯାଇ ମାଛ ଚାଷୀକୁ ସିଧାସଳଖ ବଣ୍ଟନ କରାଯାଏ ।

ଜାଆଁଳର ଆକାର ଦୃଷ୍ଟିରୁ ମାଛ ବିଭାଗରୁ ୩୦ ମିଲିମିଟରରୁ ଊର୍ଦ୍ଧ୍ୱ ଆକାରର ଜାଆଁଳ ଯୋଗାଇ ଦିଆଯାଏ । କିନ୍ତୁ ମାଛ ଜାଆଁଳ ଚାଷୀମାନେ ଏବଂ ବ୍ୟବସାୟୀମାନେ ପ୍ରାୟ ୨୦ ମିଲିମିଟରରୁ ଛୋଟ ଜାଆଁଳ ମାଛଚାଷୀମାନଙ୍କୁ ଯୋଗାଇ ଥାଆନ୍ତି । ବିଭାଗରୁ ଯୋଗାଇ ଦିଆଯାଉଥିବା ମାଛ ଜାଆଁଳକୁ ଠିକ୍ ଭାବରେ ବଛା ବଛି କରି, ପୋଲିଥିନ ବ୍ୟାଗରେ ଅକ୍ସିଜେନ୍ ଦେଇ ଅତି ଯତ୍ନ ସହକାରେ ଯୋଗାଇ ଦିଆଯାଇଥାଏ । କିନ୍ତୁ ବ୍ୟକ୍ତିଗତ ବ୍ୟବସାୟୀ ଏହା ଦୃଷ୍ଟିକୁ ନିଅନ୍ତି ନାହିଁ ଯଦ୍ୱାରା ବିଭାଗୀୟ କେନ୍ଦ୍ରମାନଙ୍କରୁ ଜାଆଁଳର ବଞ୍ଚିବା ସଂଖ୍ୟା ମାଛ ଚାଷ ପୋଖରୀରେ ଅଧିକ ହୁଏ । ଅନ୍ୟ ପକ୍ଷରେ ବ୍ୟବସାୟୀମାନେ ଜାଆଁଳ ବଣ୍ଟନର ବୈଜ୍ଞାନିକ ଭିତ୍ତି ଜାଣିନଥିବାରୁ ମାଛ ଚାଷ ପୋଖରୀରେ ଜାଆଁଳ ବଞ୍ଚିବା ପରିମାଣ କମ୍ ହୋଇଥାଏ ।

## ଗଞ୍ଜାମ ଜିଲ୍ଲାରେ ସରକାରୀ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର

ଏହି ଜିଲ୍ଲାରେ ଏଗାରଟି ସରକାରୀ ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର ରହିଛି, ଯାହାର ନର୍ସରୀ ପରିମାଣ ୧୪୮ଟି ଏବଂ ଜଳାୟତନ ୨୬.୫୨ ଏକର । ଅଟକଳରୁ ଜଣାଯାଇଅଛି ଯେ, ବର୍ତ୍ତମାନ ଅବସ୍ଥାରେ ଏ ମଧ୍ୟରୁ କେବଳ ୪୨ଟି ଜାଆଁଳ ପାଳନ ପୋଖରୀ ଜାଆଁଳ ପାଳନ ପାଇଁ ଉପଯୁକ୍ତ, ଯାହାର ଜଳାୟତନ କେବଳ ୪.୬୬ ଏକର ।

ବାକି ୨୦୮୬ ଏକର ଜାଆଁଳ ପାଳନ ପୋଖରୀ ନିମ୍ନଲିଖିତ କାରଣଯୋଗୁଁ ଅନୁପଯୁକ୍ତ ବୋଲି ଅନୁମାନ କରାଯାଏ—

(କ) ଏଥିରୁ ଅଧିକାଂଶ ଜାଆଁଳ ପାଳନ ପୋଖରୀ ସଂପୂର୍ଣ୍ଣ ଭଙ୍ଗା ବା ବଳପୂର୍ଣ୍ଣ ବା ପଙ୍କଯୁକ୍ତ । ଏହି ଜାଆଁଳ ପାଳନ କେନ୍ଦ୍ରଗୁଡିକ ୨୦ରୁ ୩୦ ବର୍ଷ ଆଗରୁ ଖୋଳା ଯାଇଥିଲା ଏବଂ ଏହାର ପୁନଃସଂସ୍କାର ପାଇଁ ଆଜି ପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ ।

(ଖ) ବ୍ରହ୍ମପୁର ସବଡିଭିଜନରେ ଥିବା ୨ଟି ମାଛ ଜାଆଁଳ ଚାଷ କେନ୍ଦ୍ରର ଜାଆଁଳ ପାଳନ ପୋଖରୀ ଗୁଡ଼ିଏଟେ ସହରର ନାଳ ପାଣି ଭର୍ତ୍ତି ଯାଉଥିବାରୁ ଜାଆଁଳ ପାଳନ ପୋଖରୀକୁ ଏହାର କେତେକାଂଶ ଗଳିଯାଏ ଫଳରେ ଜାଆଁଳ ମରିଯାଆନ୍ତି ।

(ଗ) ଏ ଜିଲ୍ଲାରେ ବର୍ଷାର ପରିମାଣ ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ସଂପୂର୍ଣ୍ଣ ଅନ୍ୟ ଧରଣର । ମୌସୁମୀ ବାୟୁ ପ୍ରବାହିତ ହେଲେ ଗୋଟାଏ ଓ ଦୁଇଟା ବର୍ଷାପରେ ପ୍ରାୟ ଜୁଲାଇ ମାସର ୧୫ ତାରିଖରୁ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବର୍ଷା ହୁଏ ନାହିଁ । ଯଦିଓ ମଝିରେ ମଝିରେ ବର୍ଷା ହୁଏ, ତେବେ ସମୟ ଗଳିଯିବ ବୋଲି ଗୁଣ୍ଡ ଜାଆଁଳ ଉତ୍ପାଦନ କରାଯାଏ ଏବଂ ଜାଆଁଳ ପାଳନ ପୋଖରୀଗୁଡ଼ିକରେ ବାଧ୍ୟତାମୂଳକ ଛଡାଯାଏ । ବର୍ଷା ନହେବା ଫଳରେ ଜାଆଁଳ ପାଳନ ପୋଖରୀରୁ ପାଣିର ଗଭୀରତା ମଧ୍ୟ କମିଯାଏ ଫଳରେ ଜାଆଁଳ ମରିଯାଆନ୍ତି । ଏବେ ଅଧିକ ଉତ୍ପାଦନ ପାଇଁ ସଘନ ଉପାୟରେ ଜାଆଁଳ ଚାଷ କରାଯାଉଅଛି । ବର୍ଷା ନହେବା ଫଳରେ, ଅଧିକ ଖତସାର ପ୍ରୟୋଗ ହେଉଥିବା ଜାଆଁଳ ପାଳନ ପୋଖରୀଗୁଡ଼ିକରେ ଜୈବିକ ସାର ମାତ୍ରା ବଢ଼ିଯାଏ ଯଦ୍ୱାରା ପାଣିରୁ ଦ୍ରବିଭୂତ ଅମ୍ଳଜାନ କମିଯିବା ଫଳରେ ଜାଆଁଳ ମରିଯାଆନ୍ତି । ଅନ୍ୟ ପକ୍ଷରେ, ଦିନର ଉତ୍ତାପରୁ, ରାତିର ଉତ୍ତାପ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ହୁଏ ଏବଂ ଏତାଦୃଶ ତାପ ବ୍ୟବଧାନ ଦ୍ୱାରା ଜାଆଁଳ ମରିଯାଆନ୍ତି ।

ବର୍ଷା ଆରମ୍ଭ ହେଲେ ଅଗଷ୍ଟ ମାସର ଦ୍ୱିତୀୟ ପକ୍ଷରୁ ଅନେକ ଜାଆଁଳ ପାଳନ ପୋଖରୀ ପାଣିରେ ବୁଡ଼ିଯାଏ ଏବଂ ଜାଆଁଳ ଉସାର ନିଏ । ଏ ସବୁ ଦୃଷ୍ଟିରୁ ବିଭାଗୀୟ ଜାଆଁଳ ପାଳନ କେନ୍ଦ୍ରଗୁଡ଼ିକରେ ଜାଆଁଳ ଉତ୍ପାଦନ ଆବଶ୍ୟକ ପରିମାଣର ହୋଇପାରେ ନାହିଁ ।

## ବ୍ୟକ୍ତିଗତ ମାଛ ଜାଆଁଳ ସରବରାହ

ଅନୁଭବରୁ ଜଣାପଡ଼ିଛି ଯେ, ଏ ଜିଲ୍ଲାରେ ପ୍ରାୟ ୧୫ ଏକର ଜାଆଁଳ ପାଳନ ପୋଖରୀ ବ୍ୟକ୍ତିଗତ ଚାଷୀଙ୍କର ଅଛି । ଏମାନଙ୍କ ମଧ୍ୟରୁ ଅନେକ ଅଶିକ୍ଷିତ ତଥା ଜାଆଁଳ ପାଳନ ପଦ୍ଧତି ଜାଣି ନଥିବାରୁ ଜାଆଁଳର ଗୁଣଗ୍ରାମ ନଜାଣି ମାଛ ଚାଷୀଙ୍କୁ ଯୋଗାଇ ଥାଆନ୍ତି । ଅନ୍ୟପକ୍ଷରେ କଲିକତାରୁ ଅସ୍ୱୀକୃତ ଗୁଣ୍ଡଜାଆଁଳ ନଦୀରୁ ସଂଗୃହୀତ ହେଉ ଥିବାରୁ କେବେ କେବେ ସେ ଜାଆଁଳ ଛାଡ଼ିବା ଦ୍ୱାରା ମାଛଚାଷୀ କ୍ଷତିଗ୍ରସ୍ତ ହୁଏ ।

ମାଛ ଜାଆଁଳର ଚାହିଦାରୁ ଯେହେତୁ ଯୋଗାଣ ସ... ତଳରେ ରହେ, ମାଛ ବ୍ୟବସାୟୀମାନେ ଏହାର ସୁଯୋ... ନେଇ ୨୦ ମି. ମି.ରୁ ଛୋଟ ଥିବା ଜାଆଁଳଗୁଡ଼ିକୁ ବେଳେ ବେ... ଅଧିକ ଦାମ୍‌ରେ ବିକ୍ରୀକରି ଥାଆନ୍ତି । କଲିକତାରୁ ୪୦ ... ଜାଆଁଳ ସରବରାହ ହେଉଥିବା ବେଳେ ଜାଆଁଳକୁ ହାଓ... ଷ୍ଟେସନରୁ ମାଛଚାଷ ପୋଖରୀ ପର୍ଯ୍ୟନ୍ତ ପ୍ରାୟ ୩୦ ଘ... ପରେ ପହଞ୍ଚାଇ ଦିଆଯାଏ । ଏହାର ଅକ୍ସିଜେନ ଅମ୍ଳଜାନ ... ଆଉଥରେ ପ୍ୟାକ୍ କରାଯାଉନଥିବାରୁ ବେଳେ ବେଳେ ... ଜାଆଁଳ ଏବଂ ମାଛ ଚାଷ ପୋଖରୀରେ ଅଧିକ ପରିମାଣରେ ମରିଯିବାର ଦେଖାଯାଏ ଏବଂ ମାଛଚାଷୀ କ୍ଷତିଗ୍ରସ୍ତ ହୁଏ ।

## ସମସ୍ୟା ଓ ସମାଧାନ

ଗଂଜାମ ଜିଲ୍ଲାରେ ଗ୍ରାମାଞ୍ଚଳରେ ମାଛଚାଷ ଦ୍ୱାରା ପ୍ରଚୁର ଲାଭ ମିଳିଥାଏ ଯେହେତୁ, ଏହାର ପାଣି ଓ ମାଟି ମାଛଚାଷ ପାଇଁ ଉପଯୁକ୍ତ । ମାଛଚାଷୀଙ୍କୁ ଚାହିଦା ମୁତାବକ ସମୟ ଅନୁସାରେ ଜାଆଁଳ ଯୋଗାଇ ଦେବା ପାଇଁ ସରକାରୀ ମାଛଚାଷ କେନ୍ଦ୍ରମାନଙ୍କୁ ପୁନଃ ସଂସ୍କାର କରିବା ଦ୍ୱାରା ପ୍ରାୟ ୧୫୦ ଲକ୍ଷ ଜାଆଁଳ ଉତ୍ପାଦନ କରାଯାଇ ପାରିବ । ବ୍ୟକ୍ତିଗତ ମାଛ ଜାଆଁଳ ଚାଷୀମାନେ ଉପଯୁକ୍ତ ତାଲିମ ପାଇଲେ ବ୍ୟକ୍ତିଗତ ହିସାବରେ ୧୫ ଏକର ଜାଆଁଳ ପାଳନ ପୋଖରୀରୁ କମ୍ ପକ୍ଷରେ ୮୦ ଲକ୍ଷ ଜାଆଁଳ ଉତ୍ପାଦନ କରିପାରିବେ । ଅନ୍ୟପକ୍ଷରେ, ମାଛଚାଷୀମାନଙ୍କୁ ମଧ୍ୟ ସଘନ ମାଛଚାଷ ପାଇଁ ଏବଂ ଅଧିକ ଉତ୍ପାଦନ ପାଇଁ ପୋଖରୀର ରକ୍ଷଣାବେକ୍ଷଣ ବିଷୟରେ ତାଲିମ୍ ଦେବା ପ୍ରୟୋଜନ । ଯଦ୍ୱାରା ସେମାନେ ମାଛଚାଷ ପାଇଁ କେବଳ ଏକର ପିଛା ୨,୦୦୦ ଖାଣ୍ଡି ଚାଷୋପଯୋଗୀ ଜାଆଁଳ ଛାଡ଼ିବେ । ଅନ୍ୟ ପକ୍ଷରେ ଦେଖାଯାଇଛି ଯେ, ଏମାନେ ଏକର ପିଛା ୮,୦୦୦ରୁ ୧୦,୦୦୦ ଜାଆଁଳ ଛାଡ଼ିଥାଆନ୍ତି । ଏହା ବନ୍ଦ ହେବା ଆବଶ୍ୟକ । ମାଛ ଜାଆଁଳ ଚାଷ ପାଇଁ ଏଫ୍. ଏଫ୍. ଡି. ଏ. ଜରିଆରେ ଋଣ ଦାନର ବ୍ୟବସ୍ଥା କରିବା ଆବଶ୍ୟକ ।

ଯଦି ଏ ଜିଲ୍ଲାରେ ୨୬୧ ଲକ୍ଷ ଜାଆଁଳ ଉତ୍ପାଦନର ଅଟକଳ ରଖାଯାଏ, ଏଥିପାଇଁ ପ୍ରାୟ ୧୩ କୋଟି ଗୁଣ୍ଡ ଜାଆଁଳ ଆବଶ୍ୟକ ହେବ । ବର୍ତ୍ତମାନ ବ୍ୟବସ୍ଥାରେ ସରକାରୀ କେନ୍ଦ୍ରରୁ କୃତ୍ରିମ ପ୍ରଜନନ ଦ୍ୱାରା କେବଳ ଦୁଇକୋଟି ଗୁଣ୍ଡଜାଆଁଳ ଉତ୍ପାଦନ ହୁଏ । ଠିକ୍ ଭାବରେ ଯଦି ଏ ଜିଲ୍ଲାର ଦିଗପହଣ୍ଡି ଓ ପାରଲାଖେମୁଣ୍ଡିରେ ଥିବା ପ୍ରଜନନ କେନ୍ଦ୍ରଗୁଡ଼ିକର ପୋଖରୀଗୁଡ଼ିକୁ ପୁନଃ ସଂସ୍କାର କରାଯାଏ ଏବଂ ପ୍ରଜନନକ୍ଷମ ପାଇଁ ଆବଶ୍ୟକ ବଡ଼ମାଛ ବଢ଼ାଯାଏ ତେବେ ଏହି ଦୁଇ କେନ୍ଦ୍ରରୁ ପ୍ରାୟ ୫ କୋଟି ଗୁଣ୍ଡ ଜାଆଁଳ ଉତ୍ପାଦନ ହୋଇପାରିବ ।

ବର୍ତ୍ତମାନ ଏଫ୍. ଏଫ୍. ଡି. ଏ.ର ମିନିକିଟ୍ ଯୋଜନା ତଥା ବିଭାଗୀୟ ଏମ୍. ଏଫ୍. ବି. ଏସ୍. ଯୋଜନା ଜରିଆରେ ମାଛଚାଷୀମାନଙ୍କୁ କୃତ୍ରିମ ପ୍ରଜନନ ପାଇଁ ତାଲିମ୍ ଦିଆଯାଉଅଛି । ଏ ଜିଲ୍ଲାର ଉଦ୍ୟମୀ ପ୍ରଗତିଶୀଳ ମାଛଚାଷୀ ଥିବାରୁ ଉପଯୁକ୍ତ ତାଲିମ୍ ବ୍ୟବସ୍ଥା ପରେ ବ୍ୟକ୍ତିଗତ ସ୍ତରରେ ୮ କୋଟି ଗୁଣ୍ଡ ଜାଆଁଳ ଉତ୍ପାଦନ ସମ୍ଭବ ହୋଇପାରିବ । ଫଳରେ ଏ ଜିଲ୍ଲା ଚାହିଦା ମୁତାବକ ଗୁଣ୍ଡ ଜାଆଁଳ ଉତ୍ପାଦନ କରି ତାର ଜାଆଁଳର ଆବଶ୍ୟକତା ପୂରଣ କରି ପାରିବ ।

ଏହି ପ୍ରବନ୍ଧରେ, ଉପସ୍ଥାପିତ ସମସ୍ୟାଗୁଡ଼ିକ ନିହାତି ସତ ଏବଂ ଏସବୁ ମାଛଚାଷ ବିଶେଷଜ୍ଞ, ପ୍ରଶାସକ, ଜାଆଁଳ ଉତ୍ପାଦନ ଓ ସରବରାହପାଇଁ ଦାୟିତ୍ୱ ନେଇଥିବା ବିଭାଗୀୟ କର୍ମଚାରୀ ତଥା ସଂପ୍ରସାରଣ କର୍ମଚାରୀମାନଙ୍କର ବିଚାର ସାପେକ୍ଷ । ଏ ଜିଲ୍ଲାରେ ୨୬୧ ଲକ୍ଷ ଜାଆଁଳ ଉତ୍ପାଦନ ଏବଂ ସରବରାହ ପ୍ରଥମ ଅବସ୍ଥାରେ ଆଶ୍ଚର୍ଯ୍ୟଜନକବୋଧ ହୋଇପାରେ କିନ୍ତୁ ଦୃଢ଼ ମନୋବଳ ନେଇ ବର୍ତ୍ତମାନ ଅବସ୍ଥାର ଉନ୍ନତି କରିବା ଦ୍ୱାରା ଏହା ଆଦୌ ଅସମ୍ଭବ ହେବ ନାହିଁ । ଏଥିପାଇଁ ଗଭୀର ଆତ୍ମ ବିଶ୍ଳେଷଣ ତଥା ସଂଗଠନମୂଳକ ପଦକ୍ଷେପ ନିଆଯିବା ଆବଶ୍ୟକ ଯଦ୍ଦ୍ୱାରା, ଗ୍ରାମାଞ୍ଚଳରେ ମାଛଚାଷଦ୍ୱାରା ଚାଷୀମାନେ ବିଶେଷ ସ୍ୱଚ୍ଛଳ ହେବେ ।

ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ, ମତ୍ସ୍ୟ ବିଭାଗ,
ଗଞ୍ଜାମ ।

## ନନ୍ଦଲାଲ୍‌ର ସଂସାର

ନନ୍ଦଲାଲ ବାଗ ହେଉଛି ଜାତିରେ ଗଉଡ଼ । ତାଙ୍କ ଘର କଳାହାଣ୍ଡି ଜିଲ୍ଲା କୋମନା ବ୍ଲକର ଟିକ୍ରାପଡ଼ା ଗାଁ । ଏହି ଗାଁରେ ପ୍ରାୟ ଶହେ ଘର ଗଉଡ ବସବାସ କରନ୍ତି । ତା' ମଧ୍ୟରୁ କେତେକଙ୍କ ଜମିବାଡ଼ି ଅଛି ତ ଆଉ କେତେକଙ୍କ କିଛି ନାହିଁ । କିଛି ନଥିଲା ବାଲଙ୍କ ମଧ୍ୟରେ ହେଉଛନ୍ତି ନନ୍ଦଲାଲ ବାଗ ଜଣେ । ସେ ଦୁଇ ବର୍ଷ ପୂର୍ବେ ହଳିଆ ମୂଲିଆ ହୋଇ, କେତେବେଳେ ଜଙ୍ଗଲରୁ ଜାଳେଣି କାଠ ଆଣି ବିକ୍ରୟ କରି ନିଜର ପାଞ୍ଚପ୍ରାଣୀ କୁଟୁମ୍ବ ବହୁ କଷ୍ଟରେ ଚଳାଉଥିଲେ । ଦିନେ ଖାଇଲେ ତ ଦିନେ ନାହିଁ । ନନ୍ଦଲାଲ ବାଗଙ୍କ ଘରେ ତାଙ୍କ ମା, ସ୍ତ୍ରୀ ଏବଂ ଦୁଇଟି ଛୋଟ ଛୋଟ ପୁଅ ଅଛନ୍ତି । ଦିନେ ତାଙ୍କ ଗାଁରେ ସମବାୟ ସମିତିର ଜଣେ ବାବୁ ଆସି ଗରୀବ ଲୋକମାନଙ୍କ ନାମ .ସଂଗ୍ରହ କରି E. R. R. P. I. R. D, ଆଦି ଯୋଜନା ସଂପର୍କରେ ବୁଝାଇ ଥିଲେ । ନନ୍ଦଲାଲ ବାଗ ଆଗୁଆ ହୋଇ ଆସି ବ୍ୟାଙ୍କରୁ ଋଣ ଆଣି ଛେଳି ପାଳିବା ପାଇଁ ନିଜ ନାମ ଲେଖାଇଲେ । କିଛି ଦିନ ପରେ ବ୍ୟାଙ୍କ ତରଫରୁ E. R. R. P. ଯୋଜନାରେ ଋଣ ଯୋଗାଇ ଦିଆଯାଇ ତାଙ୍କୁ ଦଶଟି ଛେଳି ଯୋଗାଇ ଦିଆଗଲା । ଏହା ଦୁଇବର୍ଷ ତଳର କଥା । ନନ୍ଦଲାଲ ଅତି ଯତ୍ନରେ ଛେଳିଙ୍କୁ ପାଳିବାରେ ଲାଗିଲେ । ଦୁଇ ବର୍ଷ ମଧ୍ୟରେ ତାଙ୍କର ଷାଠିଏ ପଟ ଛେଳି ହେଲେଣି । ସେଥିରୁ ସେ ୨୦ ପଟ ଛେଳି ୧୦୦ ଟଙ୍କାରୁ ୧୪୦ ଟଙ୍କା ଲେଖାଏ ବିକ୍ରୟ କରି ବେଶ ସ୍ୱଚ୍ଛଳ ହୋଇଛନ୍ତି । ସେ କହନ୍ତି ତାଙ୍କର ଆଉ ଅଭାବ ନାହିଁ ଏବଂ ବର୍ତ୍ତମାନ ସେ ଟ ୫,୦୦୦ଙ୍କାର ମାଲିକ । ତା' ପାଖରେ ୪୦ ପଟ ଛେଳି ଅଛନ୍ତି । ଏହାଛଡ଼ା ନନ୍ଦଲାଲ ବାହାର ଲୋକଙ୍କଠାରୁ ମଧ୍ୟ ଆଦି ଭାଗରେ ଛେଳି ଆଣି ପାଳନ କରି ସ୍ୱଚ୍ଛଳ ହେଉଛନ୍ତି । ବର୍ତ୍ତମାନ ତାଙ୍କ ମନରେ ଆନନ୍ଦ କହିଲେ ନସରେ । ସେ ବ୍ୟାଙ୍କ ଋଣରୁ ଯାହା ଛାଡ଼ ପାଇବା କଥା ଛାଡ଼ ପାଇଲେ ଏବଂ ଯାହା ଋଣ ପରିଶୋଧ କରିବା କଥା ତାହା ସଂପୂର୍ଣ୍ଣ ପରିଶୋଧ କରି ଦେଇଛନ୍ତି । ନନ୍ଦଲାଲ ବାଗଙ୍କ ପୂର୍ବର ଗରିବ ଅବସ୍ଥା ଆଉ ନାହିଁ ।

# ପ୍ରାକୃତିକ ନନ୍ଦନବନ ନୃସିଂହନାଥ

ଶ୍ରୀ ବିରଞ୍ଚି ମିଶ୍ର

ଏକ ଧର୍ମପୀଠରୂପେ ପରିଚିତ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ପ୍ରପାତମାଳିନୀ ନୃସିଂହନାଥ ମାନବ ସମାଜକୁ ପ୍ରକୃତିର ଏକ ଅଯାଚିତ ଦାନ । ଗନ୍ଧଗିରି ନାମରେ ଖ୍ୟାତ ଗନ୍ଧମାର୍ଦ୍ଦନ ପର୍ବତମାଳାର ପୂର୍ବ ଉପକଣ୍ଠରେ ଅବସ୍ଥିତ ଏହି ନୃସିଂହନାଥର ପ୍ରାକୃତିକ ସୌନ୍ଦର୍ଯ୍ୟ ବାସ୍ତବରେ ଅବର୍ଣ୍ଣନୀୟ । ପର୍ବତର ଶିଖର ଦେଶରୁ ଏକାଧିକ ପ୍ରପାତ ସୃଷ୍ଟିକରି କୁଳୁକୁଳୁ ନାଦରେ ବହି ଆସିଛି ଏକ ଚିରସ୍ରୋତା ଝରଣା । 'କପିଳଧାର' ଠାରେ ଏହାର ସୁବିସ୍ତୃତ ରୂପ ଦେଖିଲେ ମନରେ ସ୍ୱତଃ ଶଙ୍କା ଜାତ ହୁଏ । 'ଭୀମଧାର'ଠାରେ ଏହାର ସଂକୁଚିତ ଅଥଚ ତୀବ୍ର ଗତି ଯେ କୌଣସି ଦର୍ଶକର ହୃତ୍‌ସ୍ପନ୍ଦନ ବଢ଼ାଇ ଦେଇ-ପାରେ । ମାତ୍ର ସେହି ଝରଣା 'ଚଳଧାର'ଠାରେ କେତେ ଶାନ୍ତ! କେତେ କମନୀୟ!! ଶେଷରେ 'ଗୋକୁଣ୍ଡ' ଦେଇ ସେଇ ସ୍ୱଚ୍ଛ ସଲୀଳା ନିର୍ଝରିଣୀ ଧୀର ମନ୍ଥର ଗତିରେ ବହି ଯାଉଛି ସମତଳ ଭୂଇଁ ଆଡ଼କୁ—ସତେ ଯେପରି ସେ ଏକ କ୍ରୀଡ଼ାବତୀ କୁଳ ବଧୂଟିଏ ଯିଏ ଦିନେ ଏକ ଚଳ ଚଞ୍ଚଳା ମୁଖରା କୁମାରୀ ଥିଲା ।

ନୃସିଂହନାଥର ଏହି ନିର୍ଝରିଣୀ ସକଳପାପ ହରଣ କରିପାରେ ବୋଲି ଲୋକଙ୍କର ଗଭୀର ବିଶ୍ୱାସ ଥିବାରୁ ଏହା 'ପାପହରଣ ନାଳ' ନାମରେ ସୁଖ୍ୟାତି ଲାଭ କରିଛି । ବିଶେଷକରି ଗୋକୁଣ୍ଡରେ ସ୍ନାନ କଲେ ଗୋହତ୍ୟା ଓ ଗୋମାରଣ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ କରାଯାଏ । ପୁରାଣରେ ବର୍ଣ୍ଣିତ ଅଛି ଯେ ସ୍ୱୟଂ ଶିବ ମଧ୍ୟ ଗୋହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଏହି କୁଣ୍ଡରେ ସ୍ନାନ କରିବାକୁ ଆସିଥିଲେ ଏବଂ ମୁକ୍ତ ହୋଇ ଥିଲେ । ମଧ୍ୟପ୍ରଦେଶର ଛତିଶଗଡ଼ ଅଞ୍ଚଳର ଅଧିବାସୀମାନେ ଏବେ ବି ଏହାକୁ ସେମାନଙ୍କର ଗଙ୍ଗା ମନେ କରନ୍ତି । ସେ ଯାହା ହେଉ, ଏହାର ହିମ ଶୀତଳ ଜଳରେ, ବିଶେଷକରି ଚଳଧାରଠାରେ, ସ୍ନାନ କରିବା ଯେ କି ଆମୋଦଦାୟକ, ତାହା ଅନୁଭବି ମାତ୍ରେ ଜାଣନ୍ତି ।

ଏହି ପୁଣ୍ୟତୋୟା ଝରଣା ଯେଉଁଠାରେ ପାର୍ବତ୍ୟଭୂମି ତ୍ୟାଗ କରି ସମତଳ ଭୂମି ସ୍ପର୍ଶ କରିବାକୁ ଉଦ୍ୟମ କରିଛି, ତାରି କୂଳରେ ଅବସ୍ଥିତ 'ନୃସିଂହନାଥ' ମନ୍ଦିର ହଜାର ହଜାର ଧର୍ମପ୍ରାଣ ବ୍ୟକ୍ତିଙ୍କୁ ଆକୃଷ୍ଟ କରେ । ମନ୍ଦିର ଗାତ୍ରରେ ଥିବା ଏକ ଓଡ଼ିଆ ଅଭିଲେଖରୁ ଜଣାଯାଏ ଯେ ପାଟଣା ରାଜ୍ୟର ଚୌହାଣ ରାଜା ବୈଜଳଦେବଙ୍କ ଦ୍ୱାରା ବିକାରୀ ନାମକ ସମ୍ବତ୍ସରରେ ହସ୍ତା ନକ୍ଷତ୍ର ଚୈତ୍ର ପୂର୍ଣ୍ଣମୀ ଶୁକ୍ରବାରଦିନ ଏହା ନିର୍ମିତ ହୋଇଥିଲା । ଏହି ଶିଳାଲେଖରେ ସୂଚିତ ସମୟ ସଂପର୍କରେ ନାନା ମତଭେଦ ରହିଛି । କେତେକଙ୍କ ମତରେ ଏହା ୧୪୧୩ ଖ୍ରୀଷ୍ଟାବ୍ଦ ଗଣନା କରାଯାଇଥିବା ସ୍ଥଳେ, ଆଉ କେତେକଙ୍କ ମତରେ ଏହା ୧୪୭୮ ଖ୍ରୀ: । ଅନ୍ୟ କେତେକଙ୍କ ମତରେ ଏହା ୧୩୫୯ ଖ୍ରୀ: । ଏହି ମନ୍ଦିର ଓ ତା'ର ଶିଳାଲେଖ ସଂପର୍କରେ ଗବେଷଣା କରିବାପାଇଁ ପ୍ରଥମକରି ଆସନ୍ତି ପ୍ରସିଦ୍ଧ ଐତିହାସିକ ବେଗ୍‌ଲର ୧୮୮୧ ଖ୍ରୀ: ରେ । ମାତ୍ର ସେ ହିନ୍ଦୁ ନ ଥିବାରୁ ତାଙ୍କୁ ମନ୍ଦିର ପ୍ରବେଶ ଅନୁମତି ମିଳି ନ ଥିଲା । ତେବେ ମନ୍ଦିରର ବାହ୍ୟ କାରୁକାର୍ଯ୍ୟ ଦେଖି ଏହା ଖଜୁରାହୋ ମନ୍ଦିରର ସମକାଳୀନ ବୋଲି ସେ ମତ ଦେଇଥିଲେ । ମାତ୍ର ଅନ୍ୟତମ ପ୍ରସିଦ୍ଧ ଐତିହାସିକ ଶ୍ରୀ ଡି. ଆର. ଭଣ୍ଡାରକର ଏହାକୁ କୋଣାର୍କ ମନ୍ଦିରର ସମକାଳୀନ ବୋଲି ମତ ଦିଅନ୍ତି ।

ମନ୍ଦିରର ନିର୍ମାଣ କାଳ ଯାହା ହେଉନା କାହିଁକି, ଏହାର ବିଭିନ୍ନ କାରୁକାର୍ଯ୍ୟ ବାସ୍ତବିକ ସୂକ୍ଷ୍ମ କଳାର ପରିଚୟ ଦିଏ । ଏହାର ଦ୍ୱାର ଦେଶରେ ଖୋଦିତ ହୋଇଥିବା ଦେବାଦେବୀ ଓ ଲତାପୁଷ୍ପର ଭାସ୍କର୍ଯ୍ୟ, କୋଣାର୍କ ମନ୍ଦିରର ଦ୍ୱାରଦେଶର ଉତ୍କର୍ଷଠାରୁ ନ୍ୟୂନ ନୁହେଁ । ମନ୍ଦିରର ବାହ୍ୟ ଗାତ୍ରରେ ଥିବା କାରୁକାର୍ଯ୍ୟ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ଉତ୍କୃଷ୍ଟ କଳାର ସ୍ୱାକ୍ଷର ବହନ କରେ । ପୁଣି ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପର୍ବତ ଦେହରେ ଖୋଦିତ ଦୁର୍ଗା, ଗଣେଶ, ଦ୍ୱାରପାଳ ଆଦି ମୂର୍ତ୍ତି ଏବଂ ପଞ୍ଚପାଣ୍ଡବ ଘାଟ ନିକଟରେ ଥିବା ବ୍ରହ୍ମା, ବିଷ୍ଣୁ ମହେଶ୍ୱରଙ୍କ ମୂର୍ତ୍ତି ଯେ କୌଣସି ପରିଦର୍ଶକର ଦୃଷ୍ଟି ଆକର୍ଷଣ କରେ ।

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପରି ଏହି ମନ୍ଦିର ମଧ୍ୟ ସୂକ୍ଷ୍ମ କାରୁକାର୍ଯ୍ୟ ଚୂନ ପଲସ୍ତରାର ବହଳ ଆବରଣ ତଳେ ଅନେକ ଦିନ ଧରି ଲୁଚି ଯାଇଥିଲା । ନିକଟ ଅତୀତରେ ସେହି ଚୂନ ପଲସ୍ତରା ଛଡ଼ାଇ ଦେବାରୁ ତାହା ଏବେ ଲୋକ

ଚେତନକୁ ଆସିଛି । ଓଡ଼ିଶାର ମନ୍ଦିର କଳା ଇତିହାସରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ଚୌହାଣ ରାଜତ୍ୱକାଳରେ ଗଢ଼ି ଉଠିଥିବା ସ୍ୱତନ୍ତ୍ର ଶୈଳୀରେ, ନୃସିଂହନାଥ ମନ୍ଦିର ଯେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରେ, ଏଥିରେ ସନ୍ଦେହ ନାହିଁ । ସେହିପରି, ଏହାର ଶିଳାଲେଖ, ଓଡ଼ିଆ ଭାଷା ଓ ଲିପିର ଏକ ପ୍ରାଚୀନ ନିଦର୍ଶନ ।

ମନ୍ଦିରର ଉପାସ୍ୟ ଦେବତା ହେଉଛନ୍ତି 'ମାର୍ଜାର କେଶରୀ' । ଏହାଙ୍କୁ 'ବିଡାଳ ନୃସିଂହ' ବୋଲି ମଧ୍ୟ କୁହାଯାଏ । ଏହାଙ୍କର ମୁହଁଟି ବିରାଡ଼ି ମୁହଁ ସଦୃଶ ଏବଂ ଦେହର ଅବଶିଷ୍ଟ ଅଂଶ ସିଂହ ପରି । ଅବତାରୀ ବିଷ୍ଣୁଙ୍କର ଏ ଏକ ଅପୂର୍ବ ଓ ଅଦ୍ଭୁତ ଅବତାର ଯାହା ଭାରତର ଅନ୍ୟତ୍ର ଦୁର୍ଲଭ । ବାବା ଯୁଗ ଦାସଙ୍କ ରଚିତ 'ନୃସିଂହ ଚରିତ' ଅନୁସାରେ ଲଙ୍କାର ରାଜା ରାବଣ ଓ ଗଣପତିଙ୍କ ବାହନ ଇନ୍ଦୁରର ଯୁଗ୍ମ ଔରସରେ ଉତ୍ତଙ୍କମୁନିଙ୍କ କନ୍ୟା ମାଳତୀ ଗର୍ଭରୁ 'ମୂଷିକ ଦୈତ୍ୟ' ନାମରେ ଜନ୍ମଗ୍ରହଣ କରେ ଏକ ଅସୁର । ମହାଦେବଙ୍କ ବର ପ୍ରସାଦରୁ ଅମରହୋଇ କେବଳ ନୃସିଂହଙ୍କ ବ୍ୟତୀତ ଅନ୍ୟ କାହାକୁ ଭୟ ନ କରିବାର ଅଭୟ ପାଇଥିବାରୁ ସେ ଧରାପୃଷ୍ଠରେ ଉତ୍ପାତ ଆରମ୍ଭ କରିଦିଏ । ତା'ର ଅତ୍ୟାଚାର ଯେତେବେଳେ ଚରମ ସୀମା ସ୍ପର୍ଶକଲେ ସେତେବେଳେ ଦେବତାମାନେ ଶ୍ରୀବିଷ୍ଣୁଙ୍କ ଶରଣଭିକ୍ଷା କରନ୍ତି । ଦୁଷ୍ଟ ନିବାରି ସନ୍ଥପାଳନ କରିବା ପାଇଁ ଯୁଗେ ଯୁଗେ ଅବତାର ଗ୍ରହଣ କରୁଥିବା ଭଗବାନ ବିଷ୍ଣୁ ନୃସିଂହ ରୂପରେ ମୂଷିକ ଦୈତ୍ୟକୁ ସଂହାର କରିବାକୁ ଆସିବାରୁ ସେ ଏକ କ୍ଷୁଦ୍ର ମୂଷା ରୂପଧରି ଆତ୍ମରକ୍ଷାପାଇଁ ପଳାୟନ କରେ । ଏହା ଦେଖି ଭଗବାନ ଏକ ବିରାଡ଼ି ରୂପଧରି ତାକୁ ଗୋଡାନ୍ତି । ପ୍ରାଣବିକଳରେ ମୂଷିକ ଦୈତ୍ୟ ଗନ୍ଧଗିରି ଗର୍ତ୍ତରେ ଥିବା ଏକ ଗର୍ତ୍ତ ମଧ୍ୟରେ ଆତ୍ମଗୋପନ କରେ । ବିଡ଼ାଳ ନୃସିଂହ ସେ ଗର୍ତ୍ତ ଭିତରକୁ ପଶିବାର ଉପକ୍ରମ କରିବାରୁ ଗନ୍ଧଗିରି ତା' କୋଳରେ ଆଶ୍ରୟ ନେଇଥିବା ଶରଣାଗତର ପ୍ରାଣଭିକ୍ଷା କରେ । ଦୟାର ସାଗର ଶରଣବତ୍ସଳ ଜନାର୍ଦ୍ଦନ ଧର୍ମସଂକଟରେ ପଡ଼ିଯାନ୍ତି—ଏଣେ ଦୈତ୍ୟର ଅତ୍ୟାଚାରରୁ ବିଶ୍ୱ ବ୍ରହ୍ମାଣ୍ଡକୁ ରକ୍ଷା କରିବାକୁ ହେବ, ତେଣେ ଶରଣାଗତର ମାନ ରକ୍ଷା କରିବାକୁ ହେବ—କ'ଣ କରିବେ ସେ? ଏତିକିବେଳେ ଲକ୍ଷ୍ମୀ ସେଠାରେ ଉପସ୍ଥିତ ହୋଇ ପ୍ରସ୍ତାବ ଦିଅନ୍ତି ଯେ ଦୈତ୍ୟ ତ ଭଗବାନଙ୍କ ଭୟରେ ଗର୍ତ୍ତମଧ୍ୟରେ ଲୁଚିଛି, ତେବେ ଭଗବାନ ତାକୁ ଗର୍ତ୍ତବାହାରେ ଜଗି ରହନ୍ତୁ । ଭୟରେ ଦୈତ୍ୟ ବାହାରିବ ନାହିଁ, ଫଳରେ ତାର ଅତ୍ୟାଚାରରୁ ପୃଥିବୀରକ୍ଷା ପାଇବ । ପୁଣି ଶରଣାଗତରମାନ ରକ୍ଷା ମଧ୍ୟ ହେବ । ଭଗବାନ ଏ ନୂତନ ଅବତାର ସେଠାରେ ପ୍ରତିଷ୍ଠା ସ୍ଥିର କରନ୍ତୁ । ଲକ୍ଷ୍ମୀର ଏ ପ୍ରସ୍ତାବରେ ରାଜି ହୁଅନ୍ତି ଓ ସେହିଦିନଠାରୁ ଭଗବାନ ଏ ପ୍ରସ୍ତାବରେ ରାଜି ହୁଅନ୍ତି ଓ ସେହିଦିନଠାରୁ ସେଠାରେ ତାଙ୍କର ବିଡ଼ାଳ-ନୃସିଂହ ରୂପ ପ୍ରତିଷ୍ଠା ସ୍ଥିର କରେ ।

ଏହାର ସତ୍ୟାସତ୍ୟ ଯାହାହେଉ, ଯେଉଁ ଗର୍ତ୍ତରେ ମୂଷିକ ଦୈତ୍ୟ ଲୁଚି ରହିଥିବାର ବର୍ଣ୍ଣିତ ହୋଇଛି, ମନ୍ଦିରର ପଶ୍ଚିମ ପଟ ପର୍ବତ ଗାତ୍ରରେ ସେହିପରି ଏକ ଗର୍ତ୍ତ ଅଦ୍ୟାବଧି ଦୃଷ୍ଟି-ଗୋଚର ହେଉଥିଲା । ମାତ୍ର ସେଥିରେ କାଳକ୍ରମେ ପାଣି ଝରିବା ଆରମ୍ଭ ହେବାରୁ, ପର୍ବତ ଦେହରୁ ଅତଡା ଖସି ଜାଳେ ମନ୍ଦିରର କ୍ଷତି ସାଧନ କରିବ, ଏହି ଆଶଙ୍କାରେ ସିମେଣ୍ଟ କଂକ୍ରିଟ୍ ଦ୍ୱାରା, ତାକୁ ଏବେ ବନ୍ଦକରି ଦିଆଯାଇଛି ।

ମନ୍ଦିର ନିର୍ମାଣ ଓ ତହିଁରେ ବିଡାଳ ନୃସିଂହଙ୍କ ବିଗ୍ରହ ସ୍ଥାପନ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ଲୋକ ମୁଖରେ ଶୁଣାଯାଏ । ଯମୁନା ନାମକ ଏକ ଉଦ୍ଧ ରମଣୀ କନ୍ଦ ଖୋଳୁଥିବା ସମୟରେ ମାଟି ତଳେ ଥିବା ଏକ ପଥର ଦେହରେ ତା'ର ଖଣତି ସ୍ୱେଚ୍ଛ ବାଜି ଖିଁ ମିଁ ଶବ୍ଦ ହେଲା । ଏହା କୌଣସି ଭୂତ ପ୍ରେତର କାଣ୍ଡ ବୋଲି ଭୟ କରି ଯମୁନା ଯେତେବେଳେ ପଳାଇ ଯାଉଥିଲା, ସେତେବେଳେ ଶୂନ୍ୟବାଣୀ ହେଲା, "ଲୋ ଯମୁନା ଭୟ କରନା । ଆମ୍ଭେ ଶ୍ରୀବିଷ୍ଣୁ ଏଠାରେ ବିଡାଳ ନୃସିଂହ ରୂପରେ ଗୋପ୍ୟ-ହୋଇ ରହିଥିଲୁ । ତୋର ଖଣତି ସ୍ୱେଚ୍ଛ ବାଜି ଏବେ ପ୍ରକାଶ୍ୟ ହେଲୁ । ରାଜାଙ୍କୁ କହି ଏଠାରେ ଆମ ପାଇଁ ଏକ ଦେଉଳ ତୋଳାଇ ଦେ" । ପାଟଣାର ରାଜା ବୈଜଳ ଦେବଙ୍କ ନିକଟରେ ଯମୁନା ଏ ବୃତ୍ତାନ୍ତ ବର୍ଣ୍ଣନା କରନ୍ତେ, ସେ ଆନନ୍ଦରେ ବର୍ତ୍ତମାନର ମନ୍ଦିର ତୋଳାଇ ଶ୍ରୀ ବିଡାଳ ନୃସିଂହଙ୍କ ବିଗ୍ରହ ସ୍ଥାପନ କଲେ ଓ ତାଙ୍କର ସେବାପୂଜା ପାଇଁ ଯଥାରୀତି ବ୍ୟବସ୍ଥା କରିଦେଲେ । କଳା ମୁଗୁନି ପଥରରେ ନିର୍ମିତ ଏହି ଛୋଟ ଅଥଚ ସୁନ୍ଦର ବିଗ୍ରହର କପୋଳ ଦେଶରେ ଏବେ ବି ଏକ ଚିହ୍ନ ରହିଛି ଯାହା ଯମୁନା କନ୍ଧୁଣୀର ଖଣତି ସ୍ୱେଚ୍ଛ ସ୍ପର୍ଶ ହୋଇଥିବାର ବିଶ୍ୱାସ କରାଯାଏ ।

ମନ୍ଦିରର ଦୈନିକ ରୀତିନୀତି ମଧ୍ୟରେ ଏକ ଆକର୍ଷଣୀୟ ରୀତି ହେଉଛି ଏହାର ଭୋଗ ବ୍ୟବସ୍ଥା । ପ୍ରତିଦିନ ଠାକୁରଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଯେଉଁ ସଂଶୁଦ୍ଧି ଭୋଗ ଲାଗେ ପରେ ତାହା ଉପସ୍ଥିତ ସମସ୍ତ ଭକ୍ତଙ୍କ ମଧ୍ୟରେ ସମଭାବରେ ମାଗଣାରେ ବାଣ୍ଟି ଦିଆଯାଏ ଓ ସେମାନେ ପଂକ୍ତି ଭୋଜନରେ ହିଁ ପ୍ରସାଦ ସେବା କରନ୍ତି । ଏହି ପଂକ୍ତି ଭୋଜନକୁ 'ହରିହର ପଙ୍ଗତ' କୁହାଯାଏ । ଏହି ପଙ୍ଗତରେ ଭୋଜନ କରିବା ଧର୍ମାର୍ଜନର ଏକ ସୁଯୋଗ ବୋଲି ମନେ କରାଯାଉଥିଲେ ମଧ୍ୟ, ପରୋକ୍ଷ ଭାବରେ ଏହା ମାନବ ସମାଜରେ ଭ୍ରାତୃଭାବର ବାର୍ତ୍ତା ପ୍ରଚାର କରେ ।

ଦ୍ୱିତୀୟ ଶତାବ୍ଦୀର ପ୍ରାରମ୍ଭରେ ନୃସିଂହନାଥ ବୌଦ୍ଧ ଧର୍ମ ଓ ଦର୍ଶନର ଏକ ଉନ୍ନତ ପୀଠଥିଲା । ଏଠାରେ ପ୍ରତିଷ୍ଠିତ ପରିମଳ ଗିରି ବୌଦ୍ଧ ବିହାରରେ ନାଗାର୍ଜ୍ଜୁନ ଓ ଆର୍ଯ୍ୟଦେବ ପ୍ରମୁଖ ପ୍ରସିଦ୍ଧ ବୌଦ୍ଧ ପଣ୍ଡିତମାନେ ମାଧ୍ୟମିକ ଦର୍ଶନ ଗଢ଼ି ମହାଯାନ ବୌଦ୍ଧ ଧର୍ମର ଭିତ୍ତି ସୁଦୃଢ଼ କରାଇଥିଲେ । ଗନ୍ଧମାର୍ଦ୍ଦନ ପର୍ବତର ଶିଖର ଦେଶରେ ଥିବା ପ୍ରାୟ ୧୦ ମାଇଲ୍ ବ୍ୟାପୀ ସମତଳ ସ୍ଥାନରେ ଏହି ବୌଦ୍ଧ ବିହାର ପ୍ରତିଷ୍ଠିତ ହୋଇଥିବାର ସଙ୍କେତ ମିଳେ । ଖ୍ରୀ: ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣରେ ଆସିଥିବା ଚୀନା ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ ମଧ୍ୟ ଏହାର ବର୍ଣ୍ଣନା ଅଛି । ସେ ଏହାକୁ ପୋ–ଲୋ–ମୋ–ଲୋ–କି–ଲି ବୋଲି ଉଲ୍ଲେଖ କରିଛନ୍ତି । ଆନ୍ଧ୍ରର ସାତବାହାନ ରାଜା ଗୌତମୀ ପୁତ୍ର ଶ୍ରୀ ସାତକର୍ଣ୍ଣୀ ଏଠାରେ ନାଗାର୍ଜ୍ଜୁନଙ୍କ ପାଇଁ ଏକ ବିରାଟ ସଂଘାରାମ ନିର୍ମାଣ କରାଇଥିବାର ମଧ୍ୟ ସୂଚନା ମିଳେ । ନୃସିଂହନାଥଠାରୁ ଅନତିଦୂର ମେଲଛାମୁଣ୍ଡା ନିକଟସ୍ଥ ରଣିଆପାଲି ଗ୍ରାମରେ ଥିବା ଦୁଇଟି ମୁଚଲିନ୍ଦ ବୁଦ୍ଧମୂର୍ତ୍ତି, ଏ ଅଞ୍ଚଳରେ ଏକଦା ବୌଦ୍ଧଧର୍ମର ପ୍ରଭାବ ସଂପର୍କରେ ଆଜି ମଧ୍ୟ ସମ୍ୟକ୍ ପ୍ରମାଣ ଦେଉଥାଏ ।

ବହୁ ଯୁଗରୁ ନୃସିଂହନାଥର ଅବସ୍ଥିତି ପ୍ରତିଷ୍ଠିତ ହୋଇ ଆସିଥିବାର ଜଣାଯାଏ । କଥିତ ଅଛି ଯେ ଦ୍ୱାପର ଯୁଗରେ

ପାଣ୍ଡବମାନେ ସେମାନଙ୍କ ବନବାସ କାଳରେ କିଛିଦିନ ପାଇଁ ଏଠାରେ ଅବସ୍ଥାନ କରିଥିଲେ । ପର୍ବତ ଶିଖରରେ ଥିବା 'ଭୀମ ମଡୁଆ', ମଧ୍ୟ ଭାଗରେ ଥିବା ପଞ୍ଚପାଣ୍ଡବ ଘାଟ ଓ ତା' ତଳକୁ ଥିବା ଜଳପ୍ରପାତ 'ଭୀମଧାର' ଏହାର ସଂକେତ ଦିଅନ୍ତି । ଆହୁରି ମଧ୍ୟ କଥିତ ଅଛି ଯେ ଏହି ପର୍ବତ ତ୍ରେତୟା ଯୁଗରେ ଲକ୍ଷ୍ମଣଙ୍କ ଶରାଘାତ ଉପଶମ ପାଇଁ ରାମଭକ୍ତ ହନୁମାନ ଟେକି ଆଣିଥିବା ଗନ୍ଧମାର୍ଦ୍ଦନ ପର୍ବତର ଏକ ଅଂଶ ବିଶେଷ । ଏହାର ସତ୍ୟାସତ୍ୟ ଯାହା ଥାଉନା କାହିଁକି ନୃସିଂହନାଥର ପର୍ବତ ଆଜି ମଧ୍ୟ ବିଭିନ୍ନ ପ୍ରକାର ଔଷଧି ବୃକ୍ଷରେ ପରିପୂର୍ଣ୍ଣ । ଏହାର ସଦୁପଯୋଗ ପାଇଁ ନିକଟ ଅତୀତରେ ଏଠାରେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଉଦ୍ଭିଦ ବିଜ୍ଞାନ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହା ଏକ ଶିକ୍ଷଣୀୟ ଅଞ୍ଚଳ ।

ବଣଭୋଜି କରିବା ପାଇଁ ନୃସିଂହନାଥ ଏକ ଉପଯୁକ୍ତ ସ୍ଥାନ । ମନ୍ଦିର ପରିସର ମଧ୍ୟରେ କେବଳ ନିରାମିଷ ଭୋଜନ ବ୍ୟବସ୍ଥା ଥିଲେ ମଧ୍ୟ ପରିସର ବାହାରେ ଆମିଷ ଭୋଜନ ପାଇଁ କୌଣସି ନିଷେଧ ନାହିଁ । ତେଣୁ ବିଭିନ୍ନ ସମୟରେ, ବିଶେଷ କରି ଶୀତଦିନରେ, ଏଠାକୁ ଆଖପାଖ ଅଞ୍ଚଳରୁ ବହୁ ବଣଭୋଜି ଦଳ ଆସନ୍ତି ।

ନୃସିଂହନାଥ ମନ୍ଦିରର ପ୍ରଧାନ ପର୍ବ ହେଉଛି ନୃସିଂହନାଥ ମେଳା । ଏହା ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ପାଳିତ ହୋଇଥାଏ । ଏହି ମେଳାରେ ପ୍ରତିବର୍ଷ ପ୍ରାୟ ପଚିଶ ହଜାର ଯାତ୍ରୀ ସମାଗମ ହୁଅନ୍ତି ।

ସମ୍ବଲପୁରଠାରୁ ପ୍ରାୟ ୧୬୫ କି. ମି. ପଶ୍ଚିମରେ ତଥା ଏହି ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନ ଅନ୍ତର୍ଗତ ପାଇକମାଳ ବ୍ଲକ ସଦର ମହକୁମାଠାରୁ ୫ କି. ମି. ଦୂରରେ ନୃସିଂହନାଥ ଅବସ୍ଥିତ । ଏହା ବରଗଡଠାରୁ ପ୍ରାୟ ୧୦୫ କି. ମି., ନୂଆପଡାଠାରୁ ୪୦ କି. ମି. ଓ ଖରିଆରରୋଡ଼ଠାରୁ ୫୦ କି. ମି. ଦୂର । ବରଗଡଠାରୁ ଖରିଆରରୋଡ଼, ଖରିଆର ଓ ଡ଼ଙ୍ଗା ଯାଉଥିବା ସମସ୍ତ ସରକାରୀ ବସ୍ ନୃସିଂହନାଥ ବାଟଦେଇ ଏବଂ ସମ୍ବଲପୁର ଓ ଭୁବନେଶ୍ୱରରୁ ଖରିଆରରୋଡ ଯାଉଥିବା ସମସ୍ତ ସରକାରୀ ବସ୍ ପାଇକମାଳ ବାଟ ଦେଇ ଯାଏ ।

ନୃସିଂହନାଥଠାରେ ରହିବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ପରିଚାଳିତ ୧୬ ଶଯ୍ୟା ବିଶିଷ୍ଟ ଏକ ପାନ୍ଥନିବାସ ରହିଛି । ଏଥିରେ ଚାରିଗୋଟି ଦୁଇଶଯ୍ୟା ବିଶିଷ୍ଟ ଓ ଗୋଟିଏ ଆଠଶଯ୍ୟା ବିଶିଷ୍ଟ କୋଠରୀ ଅଛି । ଅନ୍ତେବାସୀମାନଙ୍କ ପାଇଁ ଖାଦ୍ୟପେୟର ମଧ୍ୟ ସୁବ୍ୟବସ୍ଥା ରହିଛି । ସେମାନଙ୍କ ବ୍ୟବହାର ପାଇଁ ପାପହାରିଣୀ ନାଳରୁ ସିଧା ସଳଖ ଜଳ ଯୋଗାଇ ଦିଆଯାଇଛି । ଏତଦ୍‌ବ୍ୟତୀତ ଏଠାରେ ନୃସିଂହନାଥ ମନ୍ଦିର ପରିଚାଳିତ ଏକ ଧର୍ମଶାଳା ମଧ୍ୟ ରହିଛି ।

ଗନ୍ଧମାର୍ଦ୍ଦନ ପର୍ବତର ପୂର୍ବ ଉପକଣ୍ଠରେ ନୃସିଂହନାଥ ଥିବାବେଳେ ପଶ୍ଚିମ ଉପକଣ୍ଠରେ ଅନ୍ୟ ଏକ ଅନୁରୂପ ପ୍ରସିଦ୍ଧ କ୍ଷେତ୍ର ହରିଶଙ୍କର ଅବସ୍ଥିତ । ଏ ଉଭୟ କ୍ଷେତ୍ର ପ୍ରାୟ ୧୬ କି. ମି. ଦୀର୍ଘ ଏକ ପାର୍ବତ୍ୟ ରାସ୍ତା ଦ୍ୱାରା ସଂଯୁକ୍ତ । ମାତ୍ର ଏହା କେବଳ ପାଦଚଲା ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ତା' ପୁଣି ପାହାଡ଼ିଆ ରାସ୍ତା ହୋଇଥିବାରୁ ସହଜ ଓ ସୁବିଧାଜନକ ନୁହେଁ । ତଥାପି ଧର୍ମପ୍ରାଣ ବ୍ୟକ୍ତିମାନେ ନୃସିଂହନାଥ ମେଳା ପରଦିନ ପ୍ରତ୍ୟୁଷରୁ ପାପହାରିଣୀ ନାଳରେ ସ୍ନାନ କରି ଏହି ରାସ୍ତାରେ ହରିଶଙ୍କ ଦର୍ଶନ କରିବାକୁ ଯାଇଥାନ୍ତି । ଏପରି କଲେ ବହୁ ପୁଣ୍ୟଲା ହୁଏ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଅନ୍ୟଦିନମାନଙ୍କ ମଧ୍ୟ ବଣଭୋଜି କରିବାକୁ ଆସୁଥିବା ଯୁବକଯୁବତୀମାନ ମଧ୍ୟରୁ ଅନେକ ଏହି ରାସ୍ତାରେ ହରିଶଙ୍କର ପର୍ଯ୍ୟନ୍ତ ଯାଇ ଫେ ଆସନ୍ତି । କେତେଜଣ କେବଳ କପିଳଧାର ପର୍ଯ୍ୟନ୍ତ ଯା ଫେରନ୍ତି । ଯୁବକଯୁବତୀମାନଙ୍କ ପକ୍ଷରେ ଏହି ଯାତ୍ର ପ୍ରକୃତରେ ଉତ୍ତେଜନା ପୂର୍ଣ୍ଣ (Adventureous) । ଆଧୁନିକ ଭାଷାରେ ଟ୍ରେକିଂ (Trekking) ପାଇଁ ଏହା ଏକାନ୍ତ ଉପଯୁକ୍ତ । ସଂପ୍ରତି ଏ ଉଭୟ ସ୍ଥାନକୁ ଯାନବାହନ ଚଳାଚଳ ଉପଯୋଗୀ ଏକ ସବୁଦିନିଆ ପାର୍ବତ୍ୟରାସ୍ତା ଦ୍ୱାର ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ତୀର୍ଥଯାତ୍ରାଠାରୁ ଆରମ୍ଭ କରି ଐତିହାସିକ ଗବେଷଣା ପର୍ଯ୍ୟନ୍ତ—ବହୁଦିଗରୁ ନୃସିଂହନାଥ ଏକ ଗୁରୁତ୍ୱପୂର୍ଣ୍ଣ ରମଣୀୟ ତଥା ଦର୍ଶନୀୟ ସ୍ଥାନ । ବିଶେଷ କରି ଆଜିର ଯନ୍ତ୍ରଜଗତର କୋଳାହଳମୟ ଦୂଷିତ ବାତାବରଣରେ ଅନେକ ସମୟରେ ଶ୍ୱାସରୁଦ୍ଧ ହେଲପରି ଅନୁଭବ କରି ଯେଉଁମାନେ କିଛିସମୟ ପାଇଁ ଅନ୍ତତଃ ଟିକିଏ ମୁକ୍ତ ବାୟୁ ସେବନର ଅଭିଳାଷ ପୋଷଣ କରନ୍ତି, ପ୍ରକୃତିର ପ୍ରଶାନ୍ତ କୋଳରେ ଝରଝଙ୍କୃତ ନୃସିଂହନାଥ ସେମାନଙ୍କୁ ସାଦର ସ୍ୱାଗତ ଜଣାଏ । ଆସନ୍ତୁ, ନୃସିଂହନାଥର ଶାନ୍ତକାନ୍ତ କମନୀୟ କୋଳରେ ନୈସର୍ଗିକ ସୁଷମା ଉପଭୋଗ କରି କିଛି ସମୟ ପାଇଁ ହେଲେ ମଧ୍ୟ ରୁଟିନ ବନ୍ଧା ଜୀବନର କଟୁତିକ୍ତ କଷାୟ ଅନୁଭୂତିର ବ୍ୟସ୍ତତା ଭୁଲିଯାଆନ୍ତୁ ।

ନୃସିଂହନାଥ ତଥା ସମ୍ବଲପୁର ଜିଲ୍ଲାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ପରିଭ୍ରମଣରେ ଯିବା ପାଇଁ ଇଚ୍ଛୁକ ପରିଦର୍ଶକମାନେ ସବିଶେଷ ବିବରଣୀ ପାଇଁ ସମ୍ବଲପୁରଠାରେ ପର୍ଯ୍ୟଟନ ଅଧିକାରୀଙ୍କ ସହିତ ଯୋଗାଯୋଗ ସ୍ଥାପନ କରିପାରନ୍ତି ।

## ନୃସିଂହନାଥ ମନ୍ଦିରର ଶିଳାଫଳକ

"ଓଁ ନମଃ ଶ୍ରୀ ନୃସିଂହାୟ ସ୍ୱସ୍ତି ସ୍ୱସ୍ତି
ଶ୍ରୀ ବିକାରୀ ନାମ ସମ୍ବତ୍ସରେ ଚୈତ୍ର ପୂର୍ଣ୍ଣମୀ ଶୁକ୍ରବାରେ
ହସ୍ତା ନକ୍ଷତ୍ରେ ପାଟଣା ନଗର ସ୍ଥିତେ ବଛରାଜ
ଦେବରାଜଙ୍କର ପୁତ୍ର ବୈଜଳ ଦେବରାଜଙ୍କର
ପାପହରଣ ତୀର୍ଥେ ଗନ୍ଧମାର୍ଦ୍ଦନ ପର୍ବତେ
ବିଡ଼ାଳ ନରସିଂହନାଥ ସ୍ୱାମୀଙ୍କର ଦେଉଳ
ତୋଳାଇଲେ । ପ୍ରତ୍ନୁଷଣ ରତ୍ନମାଳା ଗାଣ୍ଠ
ଶତେକ ଲୋଉସିଙ୍ଗା ଗ୍ରାମଦର । ଆଦିତ୍ୟ
ଚନ୍ଦ୍ରାବନିଳାନଳୌ ଚ ଦ୍ୟୋର୍ଭୂମିରାପେ ହୃଦୟଂ
ହୃଦୟଂ ଯମଶ୍ଚ ଅହ୍ୟଶ୍ଚ ରାତ୍ରିଶ୍ଚ ଉଭେଚ
ସନ୍ଧ୍ୟେ ଧର୍ମୋହି ଜାନାତି ଜନସ୍ୟ ବୃତ୍ତଂ
ଶାଳଗ୍ରାମ ପୁରାଣ ............ଦେବପ୍ରଶସ୍ତି
କାରୟାମାସ ନରସିଂହସ୍ୟ ପ୍ରୀତୟେ" ।



ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର

# ଓଳାସୁଣୀର ଅରକ୍ଷିତ ଦାସ

**ଶ୍ରୀ ଉଦ୍ଧବ ଚରଣ ମହାନ୍ତ**

ପବିତ୍ର ଉତ୍କଳ ଭୂମି ବହୁ ସନ୍ଥ ସାଧକ, ମହାତ୍ମା, ମହାପୁରୁଷମାନଙ୍କର ଜନ୍ମପୀଠ ତଥା ଲୀଳାକ୍ଷେତ୍ର ଭାବରେ ସୁପ୍ରସିଦ୍ଧ । ଉତ୍କଳ ଭୂମିର ସନ୍ଥ ସାଧକମାନଙ୍କ ମଧ୍ୟରେ ଅଷ୍ଟାଦଶ ଶତାବ୍ଦୀର ସାଧକ ଅରକ୍ଷିତ ଦାସଙ୍କ 'ଭକ୍ତି ସାଧନା' ସମଗ୍ର ଭାରତବର୍ଷର ଅଗଣିତ ଧର୍ମପ୍ରାଣ ଜନଗଣଙ୍କ ମନରେ ନୂତନ ଚେତନା ଉଦ୍ରେକ କରାଏ । ସପ୍ତଦଶ ଶତାବ୍ଦୀର ଚନ୍ଦ୍ରମଣି ଦାସ ଓ ଚୈତନ୍ୟ ଦାସ, ଅଷ୍ଟାଦଶ ଶତାବ୍ଦୀର ଅରକ୍ଷିତ ଦାସ ଓ ଊନବିଂଶ ଶତାବ୍ଦୀର ଭୀମ ଭୋଇ ଆଦି ଉତ୍କଳୀୟ ସନ୍ଥ ସାଧକଗଣ ସମଦର୍ଶୀ ଭାବରେ ବିବେଚିତ । ଏ ସମସ୍ତ ସନ୍ଥ ସାଧକଗଣ ବ୍ରାହ୍ମଣ୍ୟ ଧର୍ମ ଓ ପ୍ରତିମା ପୂଜାର ବିରୋଧୀ ତଥା ଅବ୍ୟକ୍ତ ପରଂବ୍ରହ୍ମଙ୍କ ଉପାସକ ଥିଲେ । 'ମହୀମଣ୍ଡଳ ଗୀତା' ଅରକ୍ଷିତ ଦାସଙ୍କ ପରିପ୍ରସ୍ତୁରିତ ଭକ୍ତି ସାଧନା ମାର୍ଗ ସମ୍ବଳିତ ଏକ ମହାନ୍ ଓଡ଼ିଆ ତାତ୍ତ୍ୱିକ ଧର୍ମଗ୍ରନ୍ଥ । ଅରକ୍ଷିତ ଦାସ ଏଥିରେ ସ୍ୱଧର୍ମ ତତ୍ତ୍ୱ ତଥା ନିଜ ଜୀବନର ବୈଚିତ୍ର୍ୟମୟ କାହାଣୀକୁ ନିପୁଣ ଭାବରେ ଅତି ସରଳ ସାବଲୀଳ ଭାଷାରେ ବୟାନ କରିଛନ୍ତି ।

୧୭୭୨ ଖ୍ରୀଷ୍ଟାବ୍ଦର ଏକ ପୁଣ୍ୟ ତିଥିରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବଡ଼ଖେମୁଣ୍ଡି ରାଜପରିବାରରେ ଅରକ୍ଷିତ ଦାସ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ତତ୍କାଳୀନ ବଡ଼ଖେମୁଣ୍ଡି ରାଜାଙ୍କର ସାନଭାଇ । କେତେକ କହନ୍ତି ସେ ଥିଲେ ବଡ଼ଖେମୁଣ୍ଡିର ଯୁବରାଜ । ଜୀବନର ଦୀର୍ଘ ସତରବର୍ଷ ପର୍ଯ୍ୟନ୍ତ ଯୁବରାଜ ଅରକ୍ଷିତ ଦେହରେ ସୁଗନ୍ଧ ଅତର ମାଖି,ମସ୍ତକରେ ନାନା ବର୍ଣ୍ଣର ପୁଷ୍ପ ଖଚିତକରି, କ୍ଷୀରୀପୁରି, ଖେଚିଡ଼ି ପଲାଉ ଆଦି ବ୍ୟଞ୍ଜନ ଗ୍ରହଣ ରାଜକୀୟ ପାଟବସ୍ତ୍ର ପରିଧାନ ଅଶ୍ୱାରୋହଣ ପୂର୍ବକ ତରୁଣ ବୟସ ଉପଭୋଗ କରୁଥିବା ସମୟରେ ହଠାତ୍ ତାଙ୍କ ମନରେ ପରିବର୍ତ୍ତନ ପରିଲକ୍ଷିତ ହେଲା । ତାଙ୍କ ହୃଦୟ ଭଗବତ୍ ପ୍ରେମ ପ୍ରାପ୍ତି ନିମନ୍ତେ ବିହ୍ୱଳିତ ହୋଇ ଉଠିଲା । ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟାଙ୍କ ପରିଚୟ ପ୍ରାପ୍ତି ନିମନ୍ତେ ତାଙ୍କ ମନ ଆକୁଳିତ ହେଲା । ସେ ଶେଷରେ ଉପନୀତ ହେଲେ ଯେ, ବିଳାସମୟ ରାଜ ଉଆସ ତ୍ୟାଗକରି ଅରଣ୍ୟ ବାସୀ ଭାବରେ ଜୀବନ ଅତିବାହିତ କଲେ ଯାଇଁ ଭଗବାନଙ୍କ କରୁଣା ନିଶ୍ଚିତ ଭାବରେ ପ୍ରାପ୍ତି ହେବ । ଏକଥା ସେ ସ୍ୱରଚିତ ମହୀମଣ୍ଡଳ ଗୀତାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି—

ସତର ବରଷ ଯେଠାରୁ । ସୁବୁଦ୍ଧି ହେଲା ମୋ ହୃଦରୁ ।।
ଦୁଇ ବରଷ ଘର ଠାରେ । ରହିଲି ତୁମ ଭାବନାରେ ।।
ତୁମର ଭାବେ ତିର ଦେଲି । ରାତ୍ର ଦିବସ ନଜାଣିଲି ।।
ଭାବିଲି ଘରେ କାର୍ଯ୍ୟ ନାହିଁ । ଅରଣ୍ୟେ ପସିବିଟି ମୁହିଁ ।।

ଗୃହତ୍ୟାଗ କରିବା ପାଇଁ ଦୃଢ଼ଭାବ ତାଙ୍କ ଠାରେ ଦେଖାଦେଲା । ତାଙ୍କୁ କେହି ନଖୋଜିବ ପାଇଁ ତଥା ଖୋଜିଲେ ଆଉ ପାଇବେ ନାହିଁ ଇତ୍ୟାଦି କଥା ସ୍ୱପରିବାରବର୍ଗଙ୍କ ପାଖକୁ ଲେଖିଦେଇ ରାଜକୀୟ ବସ୍ତ୍ର ପରିହାରପୂର୍ବକ କୌପୀନ ପରିଧାନ କରି ସେ ରାଜ ଉଆସ ପରିତ୍ୟାଗ କଲେ । ତାଙ୍କର ଏହିଭାବ କପିଳବସ୍ତୁର ରାଜପୁତ୍ର ଶାକ୍ୟ ସିଦ୍ଧାର୍ଥଙ୍କ ଜୀବନ ଚରିତକୁ ପଦେ ପଦେ ସ୍ମରଣ କରାଇ ଦିଏ ।

ଅର୍ଦ୍ଧରାତ୍ରିରେ ଉଆସ ତ୍ୟାଗକଲେ ଯୁବରାଜ ଅରକ୍ଷିତ । ସେଦିନ ଥିଲା ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି । ଅଷ୍ଟମୀ ଚନ୍ଦ୍ର ଅସ୍ତମିତ ହୋଇ ପୃଥିବୀ ନିଶାର ଅନ୍ଧକାର ମଧ୍ୟରେ ରହିଛି । ତାସାଙ୍କୁ ଆକାଶରେ ମେଘ, ପବନ, ବିଜୁଳୀର ଚମକ । ଏସବୁ ଦୃଶ୍ୟକୁ ସେ ଭଗବାନଙ୍କ ମାୟାଭାବରେ ଗ୍ରହଣକରି ସତ୍ୟର ଅନୁସନ୍ଧାନ ନିମନ୍ତେ ଅରଣ୍ୟାଭିମୁଖୀ ହେଲେ । ବିଜୁଳୀ ଆଲୁଅରେ ଦେଖିଲେ ନିବିଡ଼ ଅରଣ୍ୟ ପଥ ମଧ୍ୟରେ ଏକ ବନ୍ୟ ହିଂସ୍ରଜୀବ "ଭାଲୁ" ରାସ୍ତା ଅବରୋଧ କରି ବସିଛି । ସେ ମନରେ ଭଗବାନଙ୍କୁ ସ୍ମରଣ କଲେ । ନିମିଷକ ମଧ୍ୟରେ ଭାଲୁଟି କେଉଁ ଆଡ଼େ ଗଲିଗଲା । ସେ ଆଉ ଜାଣି ପାରିଲେ ନାହିଁ । ରାତ୍ରିର ଶେଷଯାମରେ ସେ କେରାଣ୍ଡିମାଳ ପାହାଡ଼ରେ ଉପନୀତ ହେଲେ । ମନେ ମନେ ଠିକ୍ କଲେ ଏହି କେରାଣ୍ଡିମାଳ ପାହାଡ଼ ହିଁ ତାଙ୍କ ପକ୍ଷରେ 'ଭକ୍ତିସାଧନା' ନିମନ୍ତେ ଶ୍ରେୟସ୍କର । ପ୍ରଭାତ ହେଲା, ମାୟାବୀ ପୁରୁଷ ମାୟା ରଚନା କଲେ । ତାଙ୍କୁ ପ୍ରବଳ ଭୋକ ଓ ଶୋଷ ଲାଗିଲା । ବାଧ୍ୟ ହୋଇ ସେ ପାହାଡ଼ରୁ ଓହ୍ଲାଇ ଭୋକ ଶୋଷ ଉପଶମିତ କରିବା ପାଇଁ ଗ୍ରାମ ଦେଶର ସନ୍ଧାନ କଲେ । ଯାଉ ଯାଉଁ ଗୋଟିଏ ଗାଁ ମୁଣ୍ଡରେ ପହଞ୍ଚିଲେ ! ଦେଖିଲେ ଗ୍ରାମର ବାଳକମାନେ ଏକାଠି ହୋଇ ଆନନ୍ଦରେ ଗୀତ ଗାଇ କ୍ରୀଡ଼ା କରୁଛନ୍ତି । ସେ ସେମାନଙ୍କ ପାଖରେ ଠିଆ ହେଲେ । ପିଲାମାନେ ଯେତେବେଳେ ବୋଲୁଥିବା ଗୀତର ପଦ ଭୁଲି ଗଲେ ସେ ସେମାନଙ୍କୁ ଠିକ୍ ଭାବରେ ବତାଇ ଦେଲେ । ପିଲାମାନେ ଯାଇ ସେମାନଙ୍କ ପିତାମାତାଙ୍କୁ ଅରକ୍ଷିତ

ଦାସଙ୍କ ଆଗମନ ବିଷୟ କହିଲେ । ଗାଁରୁ ପାଞ୍ଚସାତଜଣ
ଲୋକ ଆସି ଅରକ୍ଷିତ ଦାସଙ୍କୁ କହିଲେ 'ତୁମେ ଏ'ଇ ଗାଁରେ
ରହି ଆମର ପିଲାମାନଙ୍କୁ ପାଠପଢ଼ାଅ' ଅରକ୍ଷିତ ଦାସ କହିଲେ
ମୁଁ ଯାଉଛି ପୁରୀ ସେଠାରୁ ଫେରିଲେ ଏଠି ରହି ତୁମର ପିଲା-
ମାନଙ୍କୁ ପାଠ ପଢ଼ାଇବି । ସେହିଗ୍ରାମର ଲୋକମାନେ କହିଲେ
ଆମେ ତୁମକୁ ଖାଦ୍ୟସାମଗ୍ରୀ ଦେଉଛୁ, ତୁମେ ରୋଷାଇ କରି
ପ୍ରଥମେ କିଛି ଖାଅ ତାପରେ ତୁମର ଗନ୍ତବ୍ୟ ପଥରେ ଯିବ ।
ସେ ରାଜପୁତ୍ର ରୋଷାଇ କଣ ଜାଣନ୍ତି ନାହିଁ ଏଣୁ କହିଲେ
ତୁମେମାନେ ମୋତେ ରନ୍ଧା ଅନ୍ନ ଭୋଜନ ନିମନ୍ତେ ଦିଅ ।
ଏକଥା ଶୁଣି ଗ୍ରାମ ଲୋକେ କହିଲେ, ଆମେ ଆଦିବାସୀ ଶବର
ଜାତି, ତୁମେ କିପରି ଆମ ଘରୁ ଅନ୍ନ ଖାଇବ । ଅରକ୍ଷିତ ଦାସ
କହିଲେ ମୁଁ ଜାତି ପାତି କିଛି ଜାଣେ ନାହିଁ । ସବୁ ମଣିଷ ସମାନ
ଗାଁଲୋକେ ତାଙ୍କ ପାଇଁ ଛେଲୁଆରେ ଭାତଥାଳି ଆସିଲେ ।
ଡାଲି ତର୍କାରୀ କିଛି ନାହିଁ କେବଳ ଅନ୍ନ ସାଙ୍ଗକୁ ମାତ୍ର ଦୁଇଟି
କଞ୍ଚା ଆମ୍ବ । ଅରକ୍ଷିତ ଦାସଙ୍କୁ ଏସବୁ ରୁଚିଲା ନାହିଁ । ଦୁଇ
ତିନିଗୁଣ୍ଡା ଭାତଖାଇ ଛେଲୁଆକୁ ଫୋପାଡ଼ି ଦେଇ । ସେ
ଚାଲିଲେ ଆଗକୁ ।

ଯାଇ ଯାଇଁ ସଂଧ୍ୟା ସମୟରେ ଆଉ ଗୋଟିଏ ଗାଁରେ
ଅରକ୍ଷିତ ଦାସ ପହଞ୍ଚିଲେ । ଗାଁମୁଣ୍ଡରେ ପିଲମାନେ ଖେଳୁଥିଲେ
ତାଙ୍କୁ ଦେଖି 'ପାଗଳା ଆସିଲା' କହି ନିଘୁଞ୍ଚ ଟେକା ମାରିଲେ ।
ସେ ପ୍ରାଣ ବିକଳରେ ଗାଁମୁଣ୍ଡରେ ଥିବା ଗ୍ରାମଦେବତୀ ମନ୍ଦିର
ପଛ ଆଡ଼େ ନିଜକୁ ଲୁଚାଇ ରଖିଲେ । ଏସବୁ ଘଟଣା ସେହି
ଗ୍ରାମର ଜଣେ ବ୍ରାହ୍ମଣ ଦେଖିଥିଲେ । ରାତ୍ରୀ ଅର୍ଦ୍ଧ ସମୟରେ
ବ୍ରାହ୍ମଣ ଅରକ୍ଷିତ ଦାସଙ୍କ ପାଖରେ ପହଞ୍ଚି ତାଙ୍କୁ ନିଜ ଘରକୁ
ନେଇ ଗଲେ । ତାଙ୍କୁ ଘରେ ଛାଡ଼ିଦେଇ ନିଜ ଝିଅକୁ କହିଲେ
ଯା'କୁ ଶିଘ୍ର ଖାଇବାକୁ ଦେବ୍ ମୁଁ ଟିକିଏ ବାହାରୁ ଆସୁଛି ।
ବ୍ରାହ୍ମଣ କନ୍ୟା ଥାଳୀରେ ଖୀରି, ପୁରି, ପିଠା ଆଦି ବହୁ ରକମର
ଖାଦ୍ୟ ସାମଗ୍ରୀ ଆଣି ଅରକ୍ଷିତ ଦାସଙ୍କୁ ଖାଇବାକୁ ଦେଲା ।
ବ୍ରାହ୍ମଣ କନ୍ୟା ଷୋଡ଼ଶୀ, ରୂପବତୀ, ପୂର୍ଣ୍ଣ ଯୌବନ ପ୍ରାପ୍ତା ।
ହେଲେ ବିଧବା । ଖାଇବାକୁ ଦେଇ କନ୍ୟା ଅରକ୍ଷିତ ଦାସଙ୍କୁ
କହିଲା, ମୋ ଭାଗ୍ୟର ବିଡ଼ମ୍ବନା ହେତୁ ମୁଁ ବୈଧବ୍ୟ ଭୋଗକରି
ଚିରଦିନପାଇଁ ସ୍ୱାମୀ ସୁଖରୁ ବଞ୍ଚିତା ହେଲେ ତୁମେ କିଏ ?
ତୁମେ ବିବାହ କରିଛ କି ନାହିଁ ? ଯଦି ବିବାହ କରି ନାହଁ
ତେବେ ଘରକୁ ଫେରିଯାଇ ସ୍ତ୍ରୀ ସୁଖସହ ଘର ସଂସାର କର ।
ଯେଉଁ ଲୋକ ସ୍ତ୍ରୀ ସୁଖରୁ ବଞ୍ଚିତ ସେ ଏ ସଂସାରରେ ମୂର୍ଖ
ଭାବରେ ବିବେଚିତ । ବ୍ରାହ୍ମଣ କନ୍ୟା ଏହିପରି ନାନା କଥା
କହି ଅରକ୍ଷିତଙ୍କ ମନଭୁଲାଇବା ପାଇଁ ଚେଷ୍ଟା କଲା । ଅରକ୍ଷିତଙ୍କ
ମନରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଲା । ସେ ରାତ୍ରି ସାରା
ଶୋଇ ରହି କେବଳ ବ୍ରାହ୍ମଣ କନ୍ୟା କଥା ଚିନ୍ତା କରିବାକୁ
ଲାଗିଲେ । ହେଲେ ତାଙ୍କର ବିବେକ ଦ୍ୱାରା ମନର ପରିବର୍ତ୍ତନ
ଏଡ଼ାଇ ହୋଇଗଲା । ତାଙ୍କୁ ବିବେକ ଦଂଶନ କରି କହିଲା—
ରେ ମନ ! ଯେଉଁ ଘର ତ୍ୟାଗ କରି ଆସିଛୁ ସେ ଘରକୁ ପୁନରାୟ
ଫେରିଯିବା ଅତ୍ୟନ୍ତ ଅନ୍ୟାୟ । ବରଂ ବୁଲି ବୁଲି ପ୍ରାଣ ଚାଲିଯାଉ
ହେଲେ ଆଉ ଘରକୁ ଫେରି ଯାଆ ନାହିଁ । ଯେମିତି ରାତ୍ରି ଶେଷ
ହୋଇ ପ୍ରଭାତ ହୋଇଛି, ସେ କାହାକୁ କିଛି ନକହି ଅନ୍ୟସ୍ଥାନକୁ
ବାହାରି ପଡ଼ିଲେ । ଏହି ସମୟରେ ତାଙ୍କ ମନରେ ଦୃଢ଼ ଜାତ
ହେଲା । ସେ ଚିନ୍ତାକଲେ କୌଣସି ଗ୍ରାମ ଭିତରେ ପଶିବି
ନାହିଁ । ଗାଁରେ ପଶିଲେ ମୋତେ 'ବାୟା' 'ପାଗଳା' କହି
ମାରି ଗୋଡ଼ାଉଛନ୍ତି କେବଳ ଅରଣ୍ୟ ଓ ପାହାଡ଼ ଅତିକ୍ରମ କରି
ଚାଲିବି । ଏକଥା ସେ ସ୍ୱଷ୍ଟଭାବରେ ସ୍ୱରଚିତ 'ମହୀମଣ୍ଡଳ
ଗୀତା' ରେ ଉଲ୍ଲେଖ କରିଛନ୍ତି—

ଡୋରଲି ମୁଁ ଗ୍ରାମେ ପଶିଲେ । ମାଡ଼ ମାରିବେ ମୋତେଗଲେ ॥
କାହିଁ ମୁଁ କିସ ଯେ ଖାଇବି । ଏ ଭୋକ କେମନ୍ତେ ସହିବି ॥
ମାଗିତ ମୋତେ ନଆସଇ । ଗ୍ରାମେତ ପଶି ନପାରଇ ॥
ଯାଚି ମୋତେ କିଛି ନଦେଲେ । ଗ୍ରାମେ ପଶନ୍ତେ ଘଉଡ଼ିଲେ ॥
ଘରକୁ ମୁହିଁ ଯେବେ ଯିବି । ପ୍ରଭୁଙ୍କୁ ନିନ୍ଦା ଶୁଣାଇବି ॥

ତାପରେ ସେ ଖଲ୍ଲିକୋଟ ଓ ବାଣପୁର ଆଦି ବହୁ ଗ୍ରାମ
ଅତିକ୍ରମ କରି ଆଠ ଦଶଦିନ ପରେ ଅନ୍ୟ ଏକ ଗ୍ରାମରେ ସଂଧ୍ୟାରେ
ଆସି ପହଁଞ୍ଚିଲେ । ସେହିଗ୍ରାମର ଜଣେ ବ୍ରାହ୍ମଣ ତାଙ୍କୁ ଖାଇବାକୁ
ଦେଇ କହିଲା, ଶିଘ୍ର ଏ ଗାଁରୁ ବାହାରି ଯା, ଏଉ ଗାଁରେ ବାଘ
ମାତିଛି । ବାଧ୍ୟହୋଇ ଅରକ୍ଷିତ ଦାସ ଅରଣ୍ୟ ଭିତରକୁ ପଳାଇ
ଆସି ବୁଲି ବୁଲି ରାତି କଟାଇ ଦେବା ପାଇଁ ଭାବିଲେ । କିଛି
ସମୟ ପରେ ତାଙ୍କୁ ନିଦ ମାଡ଼ିବାରୁ ସେ ଗୋଟିଏ ଗଛମୂଳେ
ଶୋଇଲେ । ହେଲେ ମଶାମାନଙ୍କ ଉପଦ୍ରବରେ ସେ ଶୋଇ
ନପାରି ଉଠିବସି ବସି କେବଳ କାନ୍ଦିବାକୁ ଲାଗିଲେ । ବ୍ରାହ୍ମଣୀ
କଥା ତାଙ୍କର ମନେ ପଡ଼ିଲା । ରାତ୍ରୀ କିଛି ବାକି ଅଛି ସେ ଜଙ୍ଗଲ
ପଥ ଅତିକ୍ରମ କରି ଚାଲି ଆସି ଅନ୍ୟ ଗୋଟିଏ ଗ୍ରାମରେ ପ୍ରଭାତ
ସମୟରେ ପହଞ୍ଚିଲେ । ତାଙ୍କୁ ମହାବାହୁ ଶ୍ରୀଶ୍ରୀ ଜଗନ୍ନାଥ-
ଙ୍କର ବଡ଼ଦେଉଳ ଦୃଶ୍ୟ ହେଲା । ଆନନ୍ଦରେ ସେ ଅଧୀର
ହୋଇପଡ଼ିଲେ । ଭାବିଲେ ତାଙ୍କ ଦୁଃଖ ଦୂର ହେଲା । ସେହି
ମହାବାହୁ ନିଶ୍ଚେ ତାଙ୍କୁ ଆଦର କରି ତାଙ୍କ ଦୁଃଖ ଦୂରିଭୂତ କରିବେ ।
ବଡ଼ଦେଉଳକୁ ଲକ୍ଷ୍ୟ କରି ସେ ଚାଲିଲେ । ବାଟରେ ଅଠରନଳା
ପଡ଼ିଲା । ତାଙ୍କୁ ବେତମାରି ଘଉଡ଼ାଇ ଦେଲେ ସେ ଆଉ
ଅଠରନଳା ଅତିକ୍ରମ କରି ଯାଇ ନପାରି ସେଠାରେ ଏକ ବଉଳ
ଗଛମୂଳରେ ପାଞ୍ଚଦିନ ପର୍ଯ୍ୟନ୍ତ ଭୋକ ଉପାସରେ ପଡ଼ି ରହିଲେ ।
କିନ୍ତୁ ବଡ଼ ଦେଉଳ ଆଡ଼କୁ ଯାଇ ପାରିଲେ ନାହିଁ ପୁଣି ବାଧ୍ୟ
ହୋଇ ଫେରିଲେ । ସତ୍ୟବାଦୀରେ କିଛିଦିନ କଟାଇ ଯାଉ
ଯାଉ ବାଟବଣା ହୋଇ ପୁଣି ସେଇ ଅଠରନଳା ନିକଟରେ
ଆସି ପହଞ୍ଚିଲେ । ଭୋକ ଉପାସରେ ପଡ଼ି ସେଠାରେ କିଛିଦିନ
ରହିଲେ । ତାଙ୍କ ଦୃଷ୍ଟିରେ ଗୋଟିଏ ପୋଖରୀ ପଡ଼ିଲା,
ଭାବିଲେ ଏଇ ପୋଖରୀ ରୁ ପାଣିପିଇ ଭୋକ ଶୋଷ ଉପଶମ
କରିବେ । ପୋଖରୀ ଭିତରକୁ ଯେମିତି ପଶିଛନ୍ତି ଗୋଟିଏ
ବାଉରୀ କେଉଁଠି ଥିଲା ଦୌଡ଼ି ଆସି ତାଙ୍କୁ ବିଧା, ଚାପୁଡ଼ା, ଗୋଇଠା
ମାରି କହିଲା, ଶଳା ଶ୍ରେଣ ସବୁଦିନ ଆସି ବଗିଚାରୁ ନଡ଼ିଆ ଚୋରି
କରି ନେଉଛୁ, ଆଜି ତୋତେ ଜୀବନରେ ମାରି ଦେବି । ଅରକ୍ଷିତ
ଦାସ ତଳେ ପଡ଼ି ଥାଆନ୍ତି ବାଉରୀ ତାଙ୍କୁ ନିଘୁଞ୍ଚ ମାଡ଼ ମାରୁଥାଏ
ଏହି ସମୟରେ ଗୋଟିଏ ବୁଢ଼ୀ ସେଠାରେ ପହଞ୍ଚି ବାଉରୀକୁ
କହିଲା, ଏ ଲୋକଟି ପାଞ୍ଚସାତଦିନ ହେବ ଏଠି ଅଖିଆ ଅପିଆ
ପଡ଼ିଛି ସେ କାହିଁକି ବଗିଚାରୁ ନଡ଼ିଆ ଚୋରି କରିବ । ବୁଢ଼ୀ
କଥାଶୁଣି ବାଉରୀ ଅରକ୍ଷିତ ଦାସଙ୍କୁ ଛାଡ଼ିଦେଇ ଚାଲିଗଲା ।
ଅଠରନଳାର ସେଇ ବଉଳ ଗଛମୂଳରେ ପଡ଼ିଛନ୍ତି ତାଙ୍କର ସେଇ
ବ୍ରାହ୍ମଣୀ କଥା ପୁଣି ମନେ ପଡ଼ିଲା । ମନେ ମନେ ସେଭାବିଲେ
ସେ ଯଦି ଘରେ ଥାଆନ୍ତେ ତାଙ୍କୁ କିଏ ମାରନ୍ତା । କେତେବେଳେ
ତାଙ୍କୁ ନିଦ ଆସି ଯାଇଛି ଜଣାନାହିଁ । ସକାଳୁ ଉଠିଲାବେଳକୁ

ତାଙ୍କ ଦେହରେ ଆଉ ପିଡ଼ା ପରାସ କିଛି ନାହିଁ । ସେ ଅଠରନଳା ପାରହୋଇ ଯାଇ ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି କେବଳ ସିଂହ ଦ୍ୱାର ଆଡ଼କୁ ଚାହିଁ ରହିଲେ । ବେତ ବାଡ଼ି ମାଡ଼ରେ ମନ୍ଦିର ପ୍ରକମ୍ପିତ ହେଉଥାଏ । ସେ ଭୟରେ ଆଉ ମନ୍ଦିରଭିତରକୁ ନଯାଇ ଅରୁଣସ୍ତମ୍ଭ ନିକଟରେ ପାଞ୍ଚଦିନ କଟାଇଲେ । ମନେ ମନେ ଭାବିଲେ ଏଠାରେ ଆଉ ରହିବା ଉଚିତ ନୁହେଁ ମୁଁ ଯାହାପାଇଁ ଏଠାରେ ଅପେକ୍ଷା କରି ପଡ଼ିଛି ସେ ବ୍ରହ୍ମାଣ୍ଡଯାକ ପୂରିଥାଡ଼େ ପୂରି ରହିଛି ।—

ବୋଇଲି ଏଥି କାର୍ଯ୍ୟ ନାହିଁ । ବ୍ରହ୍ମାଣ୍ଡେ ପୁରିଅଛି ସେହି ॥

କିଛିଦିନ ପରେ ଆସି ଖଣ୍ଡଗିରିରେ ପହଁଞ୍ଚିଲେ । ଆଉ କେଉଁଆଡ଼େ ନଯାଇ ଖଣ୍ଡଗିରିରେ ରହି 'ଭକ୍ତିସାଧନା' କରିବା ନିମନ୍ତେ ସ୍ଥିର କଲେ । କିନ୍ତୁ ତାଙ୍କ ମନସ୍କାମନା ପୁରଣ ହୋଇ ପାରିଲା ନାହିଁ । ସେ କେତେକ ଲୋକଙ୍କ ସହିତ ସାକ୍ଷାତ ହୋଇ 'ନୀଳମାଧବ' ର ମାହାତ୍ମ୍ୟ ଶ୍ରବଣ କରି କଣ୍ଟିଲୋ ଅଭିମୁଖେ ଯାତ୍ରା କଲେ । କଣ୍ଟିଲୋ ରେ କିଛିଦିନ ରହି ବାଙ୍କୀ, ବୈଦେଶ୍ୱର, ତୁଳସୀପୁର, ଡ଼ମପଡ଼ା ଦେଇ ପୁଣି ଖଣ୍ଡଗିରି ଫେରି ଆସିଲେ । ଖଣ୍ଡଗିରିରେ କୁଟିକରି ବାରଦିନ ପର୍ଯ୍ୟନ୍ତ ରହି ବାଳକାଟିକୁ ଆସିଲେ ଏହି ସମୟକୁ ତାଙ୍କର ଗୃହତ୍ୟାଗ କରିବାର ଏକବର୍ଷ ସଂପୂର୍ଣ୍ଣ ହୋଇ ଯାଇଥିଲା । ସମୁଦ୍ର ଦର୍ଶନ ନିମନ୍ତେ ତାଙ୍କର ଇଚ୍ଛା ହେଲା । ସେ ଆସି ଝଙ୍କଡ଼ରେ ପହଞ୍ଚି ଶାରଳାଙ୍କ ବନ୍ଦନା ଆରମ୍ଭ କଲେ । ଶାରଳାଙ୍କୁ ଜଣାଇଲେ ମୋର ଶେଷ ଜୀବନ ପାରାଦ୍ୱୀପରେ ଅତିବାହିତ ହେବାକୁ ଆଜ୍ଞା ପ୍ରଦାନ କର । ଏକୋଇଶିଦିନ ପର୍ଯ୍ୟନ୍ତ ସେଠାରେ ରହି କିଛି ଫଳ ନହେବାରୁ ସେ ମୂର୍ତ୍ତିପୂଜା ପ୍ରତି ବୀତଶ୍ରଦ୍ଧ ହୋଇ ନିଜେ ରାଜାଙ୍କୁ ଭେଟିବାକୁ ବାହାରିଲେ । ରାଜା ତାଙ୍କୁ କୌଣସି ବିଷୟ ପଚାରିଲେ ନାହିଁ ବା ତାଙ୍କ ଆବେଦନ ପ୍ରତି କର୍ଣ୍ଣପାତ କଲେ ନାହିଁ ; ସେ ରାଜା ଖଣ୍ଡରାଜା ଭାବରେ ଖ୍ୟାତିଲାଭ କରିଥିଲେ । କେବଳ ରାଜାଙ୍କ ବ୍ୟବହାର ତାଙ୍କ ମନରେ ରେଖାପାତ କରିନଥିଲା ସେ ଅଞ୍ଚଳର ଲୋକମାନଙ୍କ ବ୍ୟବହାରରେ ମଧ୍ୟ ସେ ଅସନ୍ତୁଷ୍ଟ ଥିବାପରି ମନେ ହୁଏ । ସେ ପାରାଦ୍ୱୀପର ରାଜା ଓ ସେ ଅଞ୍ଚଳର ଲୋକମାନଙ୍କ ସଂପର୍କରେ ସ୍ୱରଚନାରେ ଉଲ୍ଲେଖ କରିଛନ୍ତି—

ରାଜାତ ଦେଖି ପଚାରିଲା । କିଛି ହିଁ ଶାନ୍ତି ସେ ନଦେଲା ॥
ମୁହିଁ କହନ୍ତେ ମନାକଲେ । ଦୂରେ ଯା ବୋଲିଣ ବୋଇଲେ ॥
ଏ ଗ୍ରାମେ ଯେତେ ଜନଛନ୍ତି । ମୂର୍ଖ ସ୍ୱଭାବ ମୂଢ଼ ମତି ॥
ଏ ରାଜା ମୂର୍ଖ ଯେ ଅଟଇ । ସ୍ୱଭାବେ ଖଣ୍ଡ ନାମ ବହି ॥
ଗୋରୁ କି ଜ୍ଞାନ ଜାଣେ ଶୁଣ । ଆମ୍ଭକୁ ଚିହ୍ନିବ ଏ ପୁଣ ॥
ଏ ଥାନ ମୁହିଁ ଛାଡ଼ି ଯିବି । କନିକା ରାଜାଙ୍କୁ କହିବି ॥
ସେ ରାଜା ଭକତି ଅଟଇ । ଚିହ୍ନି ରଖିବ ଥିବା ସେହି ॥
ଏ ଥାନୁ କେଉଁ ଆଡ଼େ ଯିବି । କାହାକୁ ମୁହିଁ ଯେ ପୁଛିବି ।
ଏମନ୍ତେ ବିଚାରିଲି ଶୁଣ । ପାରାଦ୍ୱୀପକୁ ମୁଁ ଛାଡ଼ିଣ ॥
ବାଇଶିଦିନ ତହିଁ ରହି । ସେ ସ୍ଥାନ ଛାଡ଼ି ମୁଁ ଆସଇ ॥

ପୁନରାୟ କେହି ପାରାଦ୍ୱୀପକୁ ନଯିବା ପାଇଁ ଆହ୍ୱାନ କରିଛନ୍ତି—

ଆହେ ସୁଜନ ମାନେ କହି । ପାରାଦ୍ୱୀପ ନଯିବ କେହି ।
ତହିଁ ରେ ଦୟାଧର୍ମ ନାହିଁ । ଏ ଘେନି ତୁମ୍ଭକୁ କହଇ ॥

ପାରାଦ୍ୱୀପ ତ୍ୟାଗ କରି ଯଦୁପୁର ଗ୍ରାମରେ ଏକୋଇଶି ଦିନ ପର୍ଯ୍ୟନ୍ତ ଆନନ୍ଦରେ ଅତିବାହିତ କରି କେନ୍ଦ୍ରାପଡ଼ାକୁ ଫେରି ଆସିଥିଲେ । କେନ୍ଦ୍ରାପଡ଼ାରେ ଚାରିମାସ ଅବସ୍ଥାନକରି ଭାଦ୍ରବ ମାସ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର ଦିନ ଓଳାଶୁଣୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଆଶ୍ୱିନମାସ ପ୍ରଥମ ଦିବସରେ ସେ ଓଳାଶୁଣୀ ଗୁମ୍ଫାରେ ଅବତରଣ କରି ଏଠାରେ ଚିରଦିନ ପାଇଁ ରହିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ଶେଷରେ ସେଇଆହିଁ ଘଟିଲା । କାହାକୁ ଗୁରୁ ନକରି କେବଳ ଶୂନ୍ୟ ବ୍ରହ୍ମଙ୍କ ଠାରେ ଶରଣ ପଶି 'ଭକ୍ତି ସାଧନ' ପଥରେ ବ୍ରତୀ ହେଲେ । ଓଡ଼ିଶାର ବହୁସ୍ଥାନ ଭ୍ରମଣ କରି ବିଭିନ୍ନ ଦେବଦେବୀଙ୍କ ଆରାଧନା କରି ସେ ଜ୍ଞାତ ହୋଇ ଥିଲେ ଯେ, ପ୍ରତିମା ପୂଜା ଅଳିକ । ଏହା ପରବର୍ତ୍ତୀ ସମୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କଠାରେ ପରିଲକ୍ଷିତ ହୋଇ ଥିଲା ।

ଓଳାଶୁଣୀଠାରେ ଅବସ୍ଥାନକରି ସେ ଯେଉଁ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ ତାହା ନିରାକାର ଧର୍ମତତ୍ତ୍ୱ ଭାବରେ ପରିଚିତ । ଓଳାଶୁଣୀ ଗୁମ୍ଫାଠାରେ ଅରକ୍ଷିତ ଦାସଙ୍କ ଆବିର୍ଭାବ ଘଟିବ ଏହାର ସୂଚନା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ଦେଇଥିଲେ—

ଓଳାଶୁଣୀ ପର୍ବତରେ ସାଧୁସେବା ହେବ ।
ଏକାକ୍ଷର ପରୀକ୍ଷା ଯେ ଅକ୍ଷିତ କରିବ ॥
କେତେ କେତେ ଭକ୍ତ ଆସି ସେଠାରେ ମିଳିବେ ।
ଅରକ୍ଷିତ ଦାସ ଅଟେ ମୋର ଗେହ୍ଲାପୁଅ ॥
ମୋ ଆଗରେ ଚର୍ଚ୍ଚିବ ସେ ମାଳିକା ନିର୍ଣ୍ଣୟ ॥

ଅରକ୍ଷିତ ଦାସ ଜାତିଭେଦ ପରିହାର କରି ଚଣ୍ଡାଳଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ଖାଦ୍ୟ ଗ୍ରହଣ କରିଛନ୍ତି । ତାଙ୍କ ମତରେ ବ୍ରହ୍ମ ସମସ୍ତଙ୍କଠାରେ ବିରାଜିତ । ଗାଭୀ ନାନା ବର୍ଣ୍ଣର ହେଲେ ମଧ୍ୟ ସମସ୍ତଙ୍କର କ୍ଷୀର ଶ୍ୱେତ ବର୍ଣ୍ଣର ।

ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, କାହାରିକୁ ଛୁଆଁ ଅଛୁଆଁ ନକହିବା, ପବିତ୍ର ଅପବିତ୍ରକୁ ସମାନ ଭାବିବା ଅରକ୍ଷିତ ଦାସ ଙ୍କ ଧର୍ମର ନିର୍ଦ୍ଦେଶ । ତାଙ୍କର ଧର୍ମ ମାର୍ଗ ଭକ୍ତିମାର୍ଗର ବୋଲି ସେ ପ୍ରଚାର କରିଛନ୍ତି । ଯାଗ, ଯଜ୍ଞ, ହୋମ, ମାଳା, ତିଳକ ଧାରଣ ମିଥ୍ୟା । ଛୁଆଁ ଅଛୁଆଁ ଭେଦଭାବ ଅସାର । ସମସ୍ତେ ନାମର ଆଶ୍ରୟ କରିବା ଶ୍ରେୟସ୍କର ବୋଲି ସେ ବାରମ୍ବାର କହୁଥିଲେ ।

ଏହି ମହାପୁରୁଷ ସିଦ୍ଧ ସାଧକ ଓଳାଶୁଣୀ ଗୁମ୍ଫାଠାରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇହଲୀଳା ସମ୍ବରଣ କରି ଯାଇଛନ୍ତି । ତାଙ୍କର ସମାଧି ମନ୍ଦିର ଏବେ ସେଠାରେ ପୂଜା ପାଉଅଛି ।

ମୁଦ୍ରିକା ସଂରକ୍ଷଣ ନିର୍ଦ୍ଦେଶାଳୟ
ଭୁବନେଶ୍ୱର—୧

# ପ୍ରଗତିର ପଚଂମ ବର୍ଷରେ

ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅନୁପ୍ରେରଣା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମର୍ପିତ କର୍ମ-ତତ୍ପରତା ଯୋଗୁଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଆମେ ଉଲ୍ଲେଖଯୋଗ୍ୟ ପ୍ରଗତି ହାସଲ କରିଛୁ । ଓଡ଼ିଶାକୁ ଦାରିଦ୍ର୍ୟ, ନିଷ୍କ୍ରିୟତା ଓ ଅବହେଳିତ ଅବସ୍ଥାରୁ ମୁକ୍ତ କରି ଅନ୍ୟାନ୍ୟ ପ୍ରଗତିଶୀଳ ରାଜ୍ୟମାନଙ୍କ ସଙ୍ଗେ ସମକକ୍ଷ କରାଇବା ପାଇଁ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ ।

- ବିଭିନ୍ନ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ଅନୁଯାୟୀ ୬ ଲକ୍ଷ ଆଦିବାସୀ ଓ ହରିଜନ ପରିବାରଙ୍କ ସମେତ ୧୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି ।
- ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସାମାଜିକ ନ୍ୟାୟ ଦେବା ଲକ୍ଷ୍ୟରେ ସରକାର ବଳକା ଜମି ବଣ୍ଟନ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୩-୮୪ ମସିହା ମଧ୍ୟରେ ୧୦,୮୫୭ ଏକର ଉଦ୍‌ବୃତ୍ତ ଜମି ବଣ୍ଟନ କରାଯାଇଛି ।
- ପାଂଚ ବର୍ଷରୁ ଊର୍ଦ୍ଧ୍ୱ ସଂପୂର୍ଣ୍ଣ ଅକର୍ମଣ୍ୟ ଅଂଧ ଓ ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ମାସିକ ୪୦ ଟଙ୍କା ହାରରେ ଭତ୍ତା ପ୍ରଦାନ ନିମନ୍ତେ ଏକ ନୂତନ ଯୋଜନା ପ୍ରବର୍ତ୍ତିତ ହୋଇଛି । ଚଳିତ ବର୍ଷ ଏହି ଯୋଜନା ଅନୁସାରେ ଦଶ ହଜାର ବ୍ୟକ୍ତିଙ୍କୁ ଏହି ଭତ୍ତା ପ୍ରଦାନ କରାଯିବ ।
- ସମନ୍ୱିତ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଘରଡ଼ିହ ନ ଥିବା ଶ୍ରମିକମାନଙ୍କ ପାଇଁ ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ୧,୫୦୦ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।
- ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ବ୍ଲକରେ ୫୦୦ ରୁ ୧,୦୦୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ପରଠାରୁ ବର୍ତ୍ତମାନ ସୁଦ୍ଧା ୨୬୮ ଟି ବ୍ଲକରେ ୩,୪୪୫ ଟି ଉଠାଜଳସେଚନ ପଏଣ୍ଟ ପ୍ରତିଷ୍ଠା କରିବାକୁ ଚିହ୍ନଟ କରାଯାଇ ସାରିଛି ।
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪ ଟି କ୍ରୀଡ଼ା ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।
- ୧୯୮୦ ସୁଦ୍ଧା ୯;୧୦୦ ଟି କ୍ଷୁଦ୍ରଶିଳ୍ପ ସ୍ଥାପିତ ହୋଇଥିବା ସ୍ଥଳେ ଗତ ୪ ବର୍ଷରେ ୧୧,୦୦୦ ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଶିଳ୍ପ ଓ ୨ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ କାରିଗରୀଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଇଛି ।
- ବହୁ ପ୍ରତୀକ୍ଷିତ ସମ୍ବଲପୁର-ତାଳଚେର ରେଳପଥ ନିର୍ମାଣ ପାଇଁ ଶୁଭ ଦିଆଯାଇଛି ।
- ୬ ରୁ ୧୪ ବର୍ଷ ବୟସର ପିଲାଙ୍କ ନାମ ଲେଖା ୧୯୮୦ ରେ ଶତକଡ଼ା ୬୩.୫ ଥିବା ସ୍ଥଳେ ବର୍ତ୍ତମାନ ଏହା ଶତକଡ଼ା ୭୦.୪ କୁ ବୃଦ୍ଧି ପାଇଛି ।
- ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବୁ କ୍ଷେତ୍ରରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇଛି ।

**ସାମୂହିକ ଉଦ୍ୟମହିଁ ସମୃଦ୍ଧିର ଚାବିକାଠି**

**ଓଡ଼ିଶା ସରକାର**
**ସୂଚନା ଓ ଲୋକସମ୍ପର୍କ ବିଭାଗ**

# ପିଲାମାନେ ପୁଣି ଟେଲିଭିଜନ୍ ଦେଖିବେ

ଶ୍ରୀ ସଂଜୟ କୁମାର ପ୍ରଧାନ

ସାମ୍ନାରେ ଗୋଟିଏ କଳାପଟା, ସେଥିରେ 'ଅ' 'ଆ' ଲେଖାଥିବ । ଆଉ ବୁଢ଼ାମାଷ୍ଟ୍ରେ ଦି ହାତ ଲମ୍ବର ଏକ ବେତ ଧରି ଚୋକାଉଥିବେ । ମାଷ୍ଟ୍ରଙ୍କ ଆଖିରେ ସିନା ନିଦ, ହେଲେ ବେତ ଖଣ୍ଡିକ ପିଲଙ୍କ ଆଡ଼କୁ ଯମଭଳି ଘୂରିବୁଲିଥିବ । ପ୍ରାଣ ବିକଳ-ରେ ପିଲାମାନେ 'ଅ' 'ଆ' ଚିତ୍କାର ସାଙ୍ଗକୁ ଭଙ୍ଗା ସିଲଟରେ ଘୋଷି ହେଉଥିବେ । ସିଲଟ ଓ ପେନ୍‌ସିଲର ଖସ୍ ଖସ୍ ଶବ୍ଦରେ ସ୍କୁଲ ପରିସର ଗହଳିଆ ଜଣା ପଡୁଥିବ । ବେତଟା ସତେ ଯେମିତି ପିଲଙ୍କ ମୁଣ୍ଡରେ ଠାଉକରି ବାଡ଼ି ଯାଉଥାଏ । ଏଇଥିଲା ସେଦିନର ପାଠପଢ଼ା ପ୍ରଣାଳୀ । ଏଥିରେ ପିଲାମାନଙ୍କ ମାନସିକ ବିକାଶ ଘଟିବା ତ ଦୂରର କଥା, ଅହେତୁକ ଭୟରେ ସେମାନଙ୍କ କଲିଜା ଥରି ଯାଉଥାଏ ।

ତାପରେ ଆସିଲା ଆଉ ଟିକିଏ ଉନ୍ନତ ଶିକ୍ଷା ପ୍ରଣାଳୀ । ଛବି 'ଅ' 'ଆ' ସ୍ଥାନରେ 'ମା'–'ଶଗଡ଼'–'ମଟର' ପାଠ । ଛବି ସାଙ୍ଗକୁ ଲେଖା, ଏହା ବୁଝିବା ପାଇଁ ଅପେକ୍ଷାକୃତ ସହଜହେଲା । ପିଲାମାନଙ୍କ ମନରୁ ସଂଶୟ କେତେକ ମାତ୍ରାରେ ଦୂରହେଲା । ଆଜିକାଲିର ବିଜ୍ଞାନ କିନ୍ତୁ ଶିକ୍ଷାଦାନ ପ୍ରଣାଳୀକୁ ବହୁ ପରିମାଣରେ ସହଜ ଓ ସରଳ କରି ଦେଇ । କଳାପଟା ସ୍ଥାନରେ ସ୍କୁଲରେ ରହିଛି ଏକ ଟେଲିଭିଜନ । ଶିକ୍ଷାଦାନ କରୁଛନ୍ତି ଅଭିଜ୍ଞ ଶିକ୍ଷକ । ପିଲାମାନଙ୍କ ମନସ୍ତାତ୍ତ୍ୱିକ ବିକାଶ ଘଟାଇବା ପାଇଁ ଶିକ୍ଷକଙ୍କ ଶିକ୍ଷାଦାନ ପଦ୍ଧତିକୁ ରେକର୍ଡ଼ କରାଯାଇ ଟେଲିଭିଜନରେ ଦେଖାଇ ଦିଆଯାଇ ପାରୁଛି । ପିଲାମାନଙ୍କ ମନରେ ଥିବା ଅବଚେତନ ଭାବର ବିକାଶ ଘଟୁଛି । ଏହା ହେଉଛି ଅତ୍ୟନ୍ତ ଆକର୍ଷଣୀୟ ଶିକ୍ଷାଦାନ ପଦ୍ଧତି । ଆଗେତ ପିଲାମାନେ ସ୍କୁଲକୁ ଯିବା ପାଇଁ ଡରୁଥିଲେ ଓ ମାଆମାନଙ୍କ ନିକଟରୁ ଅଲଗୁବାଣୀ ଓ ଲାଞ୍ଛ ପାଇବାପରେ ସ୍କୁଲକୁ ଯାଉଥିଲେ । ଆଜିକିନ୍ତୁ ସ୍କୁଲକୁ ଯିବାପାଇଁ ସେମାନଙ୍କୁ ଡର ଅଣୁନି । ଶାଗ ମୁଗ କଣ ଦିଟା ପାଟିରେ ପକେଇ ଦେଇ ସ୍କୁଲକୁ ଦୌଡ଼ିବା ଆରମ୍ଭ କଲେଣି ସେମାନେ । ଆଜିର ଶିଶୁମାନେ ସେ ଦିନର ଶିଶୁମାନଙ୍କ ଅପେକ୍ଷା ଅଧିକ ଚତୁର ଓ ବୁଦ୍ଧିମାନ ଜଣାପଡୁଛନ୍ତି । ତାର ପ୍ରଧାନ କାରଣ ହେଲା ଶିକ୍ଷାଦାନର ଉନ୍ନତ ପରିବେଶ । ଏବେକାର ପିଲାମାନଙ୍କର କେତେକ ପ୍ରଶ୍ନର ଉତ୍ତର ଦେବା ଜଣେ ସାଧାରଣ ଶିକ୍ଷକଙ୍କ ପକ୍ଷେ ବେଳେବେଳେ କଷ୍ଟକର ହୋଇପଡୁଛି ।

ଏଇ ଟେଲିଭିଜନ ସଂପର୍କରେ ମଧ୍ୟ ପିଲାମାନେ ବେଶ ସଚେତନ, ପାଠପଢ଼ା ସାଙ୍ଗକୁ ଖେଳକୁଦ, ଗୀତଗାଇବା, ନାଚିବା ପ୍ରଭୃତି କେତେକକଥା । ଟେଲିଭିଜନ ଛବିରେ ସେମାନେ ସବୁ ଦେଖୁଛନ୍ତି ଓ ଅନୁକରଣ ମଧ୍ୟ କରୁଛନ୍ତି । ପିଲାମାନଙ୍କର ଏହି ଅନୁକରଣ ଅଭ୍ୟାସ ସେମାନଙ୍କୁ ବହୁ ଉପକାର ଦେଉଥାଏ । ଇନସାଟ୍–୧ (ଖ) ଜରିଆରେ ଦେଶର ଯେଉଁ କେତେକ ଅଞ୍ଚଳରେ ଟେଲିଭିଜନ ଛବି ଦେଖିବାକୁ ମିଳୁଛି ସେଥିମଧ୍ୟରେ ଆମ ରାଜ୍ୟର ତିନି ଗୋଟି ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଛି ।

ଟେଲିଭିଜନ ହେଉଛି ବର୍ତ୍ତମାନର ସବୁଠାରୁ ଅଧିକ ଶକ୍ତି-ଶାଳୀ ଗଣମାଧ୍ୟମ । ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭକରି କୃଷୀମାନଙ୍କୁ ଉନ୍ନତ କୃଷି ପ୍ରଣାଳୀ ସଂପର୍କରେ ଶିକ୍ଷାଦେବା କାର୍ଯ୍ୟ ଦୂରଦର୍ଶନ ମାଧ୍ୟମରେ ବେଶ ଲୋକପ୍ରିୟ ହୋଇ ପାରୁଛି । ଏହିପୂର୍ବରୁ ୧୯୭୫–୭୬ ମସିହାରେ ସାଇଟ୍ କାର୍ଯ୍ୟକ୍ରମ ଜରିଆରେ ଏହାର ଉପଯୋଗିତା ସଂପର୍କରେ ଲୋକମାନେ ସଚେତନ ଥିଲେ । ସେତେବେଳେ ଓଡ଼ିଶାର ସମ୍ବଲପୁର, ଢ଼େଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲାରେ ଟେଲିଭିଜନ ସେଟ ଯୋଗାଇ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରିତ ଓ ତାହା କୃଷୀ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିପାରିଥିଲା । ସାଇଟ କାର୍ଯ୍ୟକ୍ରମ ବନ୍ଦ ହୋଇଯିବା ପରେ ସମ୍ବଲପୁରଠାରେ ଏକ ଆଞ୍ଚଳିକ ଭୂପୃଷ୍ଠ ଟେଲିଭିଜନ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳରେ ୨୬୦ଟି ଟେଲିଭିଜନ ଜରିଆରେ ଏହି କାର୍ଯ୍ୟକ୍ରମକୁ ଚାଲୁ କରାଗଲା । ବର୍ତ୍ତମାନ ଇନସାଟ୍–୧ (ଖ) ଛଡ଼ାଯିବା ପରେ ସମ୍ବଲପୁର ଜିଲ୍ଲାର ୨୬୦ଟି ଟେଲିଭିଜନ ସାଙ୍ଗକୁ ଢ଼େଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲାରେ ଦୁଇଶହଟି ଲେଖାଏଁ ଟେଲିଭିଜନ ଯୋଗାଇ ଦିଆଯାଇ କୃଷି ଓ ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲୁକରିବା ପାଇଁ ଚୂଡ଼ାନ୍ତ ରୂପରେଖ ଦିଆଗଲାଣି । ଏହି ଟେଲି-ଭିଜନ ସେଟଗୁଡ଼ିକୁ ପ୍ରତ୍ୟକ୍ଷ ଗ୍ରହଣକ୍ଷମ ଟେଲିଭିଜନ ସେଟ (ଡ଼ି- ଆର. ଏସ୍-) କୁହାଯାଉଛି ।

ଏହି ଟେଲିଭିଜନ କାର୍ଯ୍ୟକ୍ରମ ପାଇଁ ଲୋକମାନଙ୍କର କିପରି ଆଗ୍ରହ ରହିଛି ସେ ସଂପର୍କରେ ଗୋଟିଏ ଘଟଣାର ଅବତାରଣ କରିବା ଆବଶ୍ୟକ ମନେ କରୁଛି ।

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ । ହାତୁରା ଗ୍ରାମପଞ୍ଚାୟତ ଅଫିସ ନିକଟରେ ଗୋଟିଏ ମାଇନର ସ୍କୁଲ ଓ ଆଉ ଗୋଟିଏ ଉଚ୍ଚପ୍ରାଥମିକ ସ୍କୁଲ ଖୁବ୍ ପାଖାପାଖି ଅବସ୍ଥିତ । ମଝିରେ ପୁରୁଣା କଟକ ସମ୍ବଲପୁର ରାସ୍ତା । ତାରିଖଟା ମନେ ପଡୁନି ଭଲ ଭାବରେ କିନ୍ତୁ ସେଦିନ ଗୋଟିଏ ମିନିଟ୍ରକ ଆସି ଜନମଙ୍ଗଳ ମାଇନର ସ୍କୁଲ ପାଖରେ ଛିଡାହେଲା । ସେଥିରେ ଟେଲିଭିଜନ ସେଟଟିଏ ଆସିଥାଏ । ସ୍କୁଲ ପାଖରେ ଛିଡାହୋଇଥିବା ଚାରି ପାଞ୍ଚଜଣ ଯୁବକ ଗାଡ଼ିରେ ଆସିଥିବା ବାବୁମାନଙ୍କ ନିକଟରୁ ଜାଣିବାକୁ ପାଇଲେ ଯେ ସ୍କୁଲରେ ଟେଲିଭିଜନ ଲଗାଯିବାପାଇଁ ଆସିଛି । କି ଆନନ୍ଦ, ସଙ୍ଗେ ସଙ୍ଗେ ଏ ଖବର ପ୍ରଚାରିତ ହୋଇଗଲା ଓ ଶହ ଶହ ଲୋକ ଟେଲିଭିଜନ ଦେଖିବାକୁ ଧାଇଁ ଆସିଲେ । ଏହା ପୂର୍ବରୁ ସାଇଟ କାର୍ଯ୍ୟକ୍ରମ ଦେଖିବାକୁ ସେମାନେ ଆଉ ଗୋଟିଏ ସ୍କୁଲକୁ ଯାଉଥିଲେ । ତାହା ବନ୍ଦ ହୋଇଯିବା ପରଠା
ସେମାନଙ୍କ ମନ ଫିକା ପଡିଯାଇଥିଲା । ଆଜି ପୁଣି ସେ
ଫିକାମନ ଜୀବନ୍ତ ଓ ସତେଜ । ସେମାନେ ପୁଣି ଟେଲିଭିଜ
ଦେଖିବେ । ସ୍କୁଲ ପିଲାମାନେ ବିଦ୍ୟାଳୟ କାର୍ଯ୍ୟକ୍ରମ ଦେଖିବେ
ଓ ଚାଷୀମାନେ ଚାଷ ସଂପର୍କରେ ଜାଣିବେ । ଗାଁର ଶ୍ରୀ ଆ
ଜେନା ଆନନ୍ଦରେ ଏତେ ବିଭୋର ହୋଇ ପଡ଼ିଲେ ଯେ ସେ ଧାର
କରି ପିଲାମାନଙ୍କୁ ମିଠେଇ ବାଣ୍ଟି ପକାଇଲେ । ଏବେ ସମସ୍ତେ
ପ୍ରତୀକ୍ଷା କରିଛନ୍ତି ସେହି ଶୁଭ ମୁହୂର୍ତ୍ତକୁ । ଯେତେବେଳେ ଟେଲିଭିଜନ ପର୍ଦ୍ଦାରେ ଗତିଶୀଳ ଫଟୋଚିତ୍ର ଗୁଡ଼ିକ ନାଚି ଉଠିବ ।

କ୍ୱାଟର ନଂ—ଡ଼ି—୫/୮, ୟୁନିଟ୍—୮
ଭୁବନେଶ୍ୱର—୭୫୧୦୧୨



**ବୁଢ଼ି ଠାକୁରାଣୀ ଦୁର୍ଗା ମୂର୍ତ୍ତି**

# ପ୍ରଗତି ପ୍ରସଙ୍ଗ

## ବନ୍ୟା କ୍ଷତଗ୍ରସ୍ତ ଅଞ୍ଚଳରେ ରିଲିଫ୍ ଓ ପୁନଃନିର୍ମାଣ କାର୍ଯ୍ୟ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ସବ୍-କମିଟିର ଏକ ବୈଠକ ଗତ ଅଗଷ୍ଟ ୨୩ ତାରିଖରେ ଅନୁଷ୍ଠିତ ହୋଇ ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର, ଶିକ୍ଷା ମନ୍ତ୍ରୀ ଶ୍ରୀ ଗଙ୍ଗାଧର ମହାପାତ୍ର, ଅର୍ଥ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକ ଓ କୃଷି ମନ୍ତ୍ରୀ ଶ୍ରୀ ସୋମନାଥ ରଥଙ୍କ ସମେତ ପୂର୍ତ୍ତ, ଜଳସେଚନ ଏବଂ ଖାଦ୍ୟ ଓ ଯୋଗାଣ ବିଭାଗଗୁଡ଼ିକର ରାଷ୍ଟ୍ରମନ୍ତ୍ରୀମାନେ ଯୋଗ ଦେଇଥିଲେ । ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସମେତ ଅନ୍ୟାନ୍ୟ ସଂପୃକ୍ତ ଉଚ୍ଚସ୍ତରୀୟ ଅଫିସରମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିପନ୍ନ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବିଶେଷତଃ ଘରଭଙ୍ଗା ସାହାଯ୍ୟ ବଣ୍ଟନ ଓ ମୃତ ବ୍ୟକ୍ତିମାନଙ୍କର ପରିବାରମାନଙ୍କୁ ସାହାଯ୍ୟ ପ୍ରଦାନ କାର୍ଯ୍ୟ ସେପ୍ଟେମ୍ବର ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନଦୀ ମୁହାଣ ଓ ଶଯ୍ୟାରେ ନିର୍ମିତ ବେଆଇନ୍ ବନ୍ଧବାଡ଼ଗୁଡ଼ିକୁ ତୁରନ୍ତ ଉଠାଇ ଦିଆଯାଇ ବନ୍ୟାଜଳ ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଚଳିତ ବନ୍ୟାରେ ଟେଷ୍ଟ ରିଲିଫ୍ ବନ୍ଧଗୁଡ଼ିକରେ ବହୁ ସ୍ଥାନରେ ଘାଇ ହୋଇଥିବାରୁ ସେଗୁଡ଼ିକର ଶୀଘ୍ର ପୁନଃନିର୍ମାଣ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ନିଷ୍ପତ୍ତି କରାଯାଇଥିଲା । ବନ୍ୟାଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ସକାଶେ ପ୍ରତି ଜିଲ୍ଲାକୁ କ୍ଷତିଗ୍ରସ୍ତ ବ୍ଲକ ପିଛା ହାରାହାରି ୧ ଲକ୍ଷ ଟଙ୍କା ଯୋଗାଇ ଦେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଗଲା । ଏହା ବ୍ୟତୀତ କଟକ ଓ ଆଠଗଡ଼ ନଗରାଞ୍ଚଳର ବିଶେଷ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ପାଇଁ ଯଥାକ୍ରମେ ୧୦ଲକ୍ଷ ଟଙ୍କା ଓ ୨ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ସ୍ଥିର କରାଗଲା । ବନ୍ୟାଯୋଗୁଁ ନଷ୍ଟ ହୋଇଥିବା ଜମିଗୁଡ଼ିକରେ ବିକଳ୍ପ ଫସଲ କରିବା ପାଇଁ ଆବଶ୍ୟକୀୟ ବିହନ, ଚାରା, ସାର ଓ କୀଟନାଶକ ଔଷଧ ଶୀଘ୍ର ଯୋଗାଇ ଦେବା ସକାଶେ କୃଷି ବିଭାଗକୁ କୁହା-ଯାଇଥିଲା । ବନ୍ୟା ବିପନ୍ନ ଅଞ୍ଚଳରେ ସାଧାରଣ ସଂପତ୍ତିଗୁଡ଼ିକର କ୍ଷୟକ୍ଷତି ବିଷୟରେ ସଂପୃକ୍ତ ବିଭାଗଗୁଡ଼ିକ ଦ୍ୱାରା କଳନା କରାଯାଇ ରାଜସ୍ୱ ବିଭାଗକୁ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ସୀମିତ ସମ୍ବଳ ମଧ୍ୟରେ କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରୁ ନ ଥିବା ଯୋଗୁ କେନ୍ଦ୍ରୀୟ ସାହାଯ୍ୟର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା ଏବଂ ସେଥିପାଇଁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଇବା ସକାଶେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବାକୁ ବୈଠକରେ ସ୍ଥିର କରାଗଲା ।

---

## ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ଧରପଗଡ଼

ଖାଦ୍ୟ ଓ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସମ୍ପ୍ରତି ରାଜ୍ୟର କେତେକ ପାଇକାରୀ ଓ ଖୁଚୁରା କଣ୍ଟ୍ରୋଲ ଦୋକାନ ଯାଞ୍ଚ କରି ବେଆଇନ ଭାବରେ ମହଜୁଦ ଥିବା କଣ୍ଟ୍ରୋଲ ଜିନିଷ ଜବତ କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ମୋକଦ୍ଦମା ରୁଜୁ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ପୋଲସରା ବିଜ୍ଞାପିତ ଅଂଚଳର ରିଟେଲର ଶ୍ରୀ ବୃନ୍ଦାବନ ବେହେରାଙ୍କ ରିଟେଲ୍ ଦୋକାନ ଯାଞ୍ଚ କରାଯାଇ ସେଠାରୁ ଟ୧,୪୩୦'୫୪ ପଇସା ମୂଲ୍ୟର ଚିନି, ଖାଇବା ତେଲ, କିରୋସିନି ଏବଂ ଗହମ ଜବତ କରାଯାଇଛି । ଏହି ସବୁ ଖାଉଟି ଦ୍ରବ୍ୟ ଆବଶ୍ୟକ ମହଜୁଦ ପରିମାଣ ଅପେକ୍ଷା ଅଧିକ ଥିବା ଏବଂ ଦୋକାନରେ ଦର ତାଲିକା ନଥିବା ହେତୁ ଉପରୋକ୍ତ ଦ୍ରବ୍ୟ ଜବତ କରାଯାଇଛି । ମୋହନା ବ୍ଲକ୍‌ର ଷ୍ଟୋରେଜ୍ ଏଜେଣ୍ଟ ଶ୍ରୀ ଦୟାନିଧି ବହିଆରସିଂହଙ୍କ ଗୋଦାମ ଯାଞ୍ଚ ବେଳେ ୨୦୧'୩୩କୁଇଣ୍ଟାଲ ଗହମ, ୧୧'୪୫ କ୍ୱିଣ୍ଟାଲ ସାଧାରଣ ଚାଉଳ ଆବଶ୍ୟକ ପରିମାଣଠାରୁ କମ୍ ଥିବା ଏବଂ ୩୦ କ୍ୱିଣ୍ଟାଲ ଲେଭି ଚିନି ଅଧିକା ଥିବା ପରିଦର୍ଶିତ ହୋଇଥିଲା । ୧,୨୦୦ ଟଙ୍କା ମୂଲ୍ୟର ଏହି ୩୦ କ୍ୱିଣ୍ଟାଲ ଚିନି ଜବତ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ସେହି ଦାବୀ କରୁ ନ ଥିବା ୧୪ କ୍ୱିଣ୍ଟାଲ ଚିନି ମୋହନା ବଜାରରୁ ଜବତ କରାଯାଇ, ଏହାକୁ ବାଜ୍ୟାପ୍ତି କରିବା ପାଇଁ ପଦକ୍ଷେପ ନିଆଯାଉଛି ।

---

## ନଳକୂପ ଖନନ ପାଇଁ ବ୍ୟୟ ବରାଦ

ରାଜ୍ୟରେ ଜଳକ୍ଳିଷ୍ଟ ରୂପେ ଚିହ୍ନିତ ଗ୍ରାମ ଓ ସହରାଞ୍ଚଳ-ମାନଙ୍କରେ ନଳକୂପ ଖନନ କରିବା ପାଇଁ ଚଳିତ ଆର୍ଥିକ ବର୍ଷ ସମୁଦାୟ ୧୭ କୋଟି ୬୨ ଲକ୍ଷ ୮୮ ହଜାର ଟଙ୍କାର ବ୍ୟୟ ବରାଦ କରାଯାଉଛି । ତନ୍ମଧ୍ୟରେ କେନ୍ଦ୍ର ସରକାରଙ୍କ ସହାୟତାରେ

କାର୍ଯ୍ୟକାରୀ ହେଉଥିବା 'ତ୍ୱରାନ୍ୱିତ ଗ୍ରାମ ଜଳଯୋଗାଣ ପ୍ରକଳ୍ପ' ଅନୁଯାୟୀ ବ୍ୟୟ ବରାଦ ହୋଇଥିବା ୧୦ କୋଟି ୬୨ ଲକ୍ଷ ୩୮ ହଜାର ଟଙ୍କା ଅନ୍ତର୍ଭୁକ୍ତ । ସେହିପରି 'ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ' ବାବଦରେ ୪ କୋଟି ୬୮ ଲକ୍ଷ ୫୦ ହଜାର ଟଙ୍କା, 'ସ୍ୱତନ୍ତ୍ର କେନ୍ଦ୍ରୀୟ ଯୋଜନା' ବାବଦରେ ୩୦ ଲକ୍ଷ ଟଙ୍କା, ଅଣ ଚିହ୍ନିତ ଜଳକ୍ଲିଷ୍ଟ ଗ୍ରାମଗୁଡ଼ିକ ପାଇଁ ୭୫ ଲକ୍ଷ ଟଙ୍କା ଏବଂ ପାନୀୟ ଜଳାଭାବ ଥିବା କେତେକ ସହରାଞ୍ଚଳ ପାଇଁ ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହିସବୁ ଅର୍ଥ ଯୋଜନା ସମ୍ବଳରୁ ବ୍ୟୟ କରାଯିବ । ଏହା ବ୍ୟତୀତ ଅଣ-ଚିହ୍ନିତ ଗ୍ରାମ-ଗୁଡ଼ିକରେ ନଳକୂପ ଖନନ ପାଇଁ ଅଣ-ଯୋଜନା ସମ୍ବଳରୁ (ମାର୍ଜିନ୍ ମନି) ୧ କୋଟି ଟଙ୍କା ବ୍ୟୟ କରାଯିବ ।

ଏହିସବୁ ଅର୍ଥର ବିନିଯୋଗରେ ଚଳିତବର୍ଷ ୬,୮୧୦ଟି ନଳକୂପ ଖନନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହା ବ୍ୟତୀତ ଗତ ଆର୍ଥିକ ବର୍ଷରୁ ଅସଂପୂର୍ଣ୍ଣ ରହିଥିବା ୨,୦୧୬ଟି ନଳକୂପ ମଧ୍ୟ ଚଳିତ ବର୍ଷ ମଧ୍ୟରେ ବସାଯିବ ବୋଲି ନିଷ୍ପତ୍ତି ହୋଇଛି ।

ବ୍ୟୟ ବରାଦ ହୋଇଥିବା ଉକ୍ତ ଅର୍ଥ ମଧ୍ୟରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଅଗଷ୍ଟ ସୁଦ୍ଧା ସମୁଦାୟ ୧୩ କୋଟି ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସରକାର ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂସ୍ଥାର ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

## ଭୁବନେଶ୍ୱର ପୌରାଞ୍ଚଳରେ ଉନ୍ନୟନ ପ୍ରକଳ୍ପ

ଭୁବନେଶ୍ୱର ପୌର ସଂସ୍ଥାର ଉଦ୍ୟମରେ ବିଭିନ୍ନ ସ୍ଥାନରେ ନିର୍ମିତ ୭ଟି ଉନ୍ନୟନ ପ୍ରକଳ୍ପ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତକୁମାର ବିଶ୍ୱାଳ ଗତ ଅଗଷ୍ଟ ୩୧ ତାରିଖରେ ଆୟୋଜିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଉତ୍ସବ ଉପଲକ୍ଷେ ଉଦ୍‌ଘାଟନ କରିଛନ୍ତି । ସେଗୁଡ଼ିକର ନିର୍ମାଣ ବାବଦରେ ସମୁଦାୟ ୨୦ଲକ୍ଷ ୯୨ ହଜାର ୬୩୯ ଟଙ୍କା ବିନିଯୋଗ କରାଯାଇଛି । ସେଗୁଡ଼ିକ ମଧ୍ୟରେ ୪ ଲକ୍ଷ ୨୧ ହଜାର ୯୦୦ ଟଙ୍କା ବ୍ୟୟରେ ୧ ନମ୍ବର ୟୁନିଟ ହାଟ ନିକଟରେ ନିର୍ମିତ ଏକ ସୁଲଭ ଶୌଚାଳୟ, ୭ ଲକ୍ଷ ୫୮ ହଜାର ଟଙ୍କାରେ କେଦାରପଲ୍ଲୀଠାରେ ଝାଡ଼ୁଦାରମାନଙ୍କ ପାଇଁ ନିର୍ମିତ ୪୦ଟି ବାସ ଗୃହ, ୧ଲକ୍ଷ ୩୩ ହଜାର ଟଙ୍କାରେ ୩ ନମ୍ବର ୟୁନିଟରେ ନିର୍ମିତ ଏକ ଉ. ପ୍ରା. ବିଦ୍ୟାଳୟ ଏବଂ ୨ ଲକ୍ଷ ୮୧ ହଜାର ୬୧୨ ଟଙ୍କାରେ ଗୌତମ ନଗରଠାରେ ନିର୍ମିତ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ପୁରୁଣା ଭୁବନେଶ୍ୱରର ପୌର ଡାକ୍ତରଖାନାରେ ଏକ କଲେରା ୱାର୍ଡ଼୍, ଗଡ଼ ଗୋପୀନାଥ ପ୍ରସାଦରେ ଏକ ପୌର ଚିକିତ୍ସାଳୟ ଏବଂ ଧଉଳି ନିକଟସ୍ଥ ନୂଆଗାଁରେ ଏକ ହୋମିଓପ୍ୟାଥିକ୍ ଚିକିତ୍ସାଳୟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା । ଏହି ତିନୋଟି ଚିକିତ୍ସାଳୟ ନିର୍ମାଣ ବାବଦରେ ଯଥାକ୍ରମେ ୨ ଲକ୍ଷ ୫୭ ହଜାର ୮୦୦ ଟଙ୍କା, ୧ ଲକ୍ଷ ୪୭ ହଜାର ୩୨୭ ଟଙ୍କା ଏବଂ ୯୮ ହଜାର ଟଙ୍କା ବିନିଯୋଗ କରାଯାଇଛି ।

---

## ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା

ଚଳିତ ବର୍ଷ କୋରାପୁଟଠାରେ ଏକ ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି କରିଛନ୍ତି ବୋଲି କେନ୍ଦ୍ର ତଥ୍ୟ ଓ ବେତାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଏଚ୍. କେ. ଏଲ୍. ଭଗତ ଏକ ପତ୍ରରେ ରାଜ୍ୟ ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ଏକ ଚିଠିର ଉତ୍ତରରେ ଜଣାଇଛନ୍ତି ।

କେନ୍ଦ୍ର ସରକାରଙ୍କ ସମୟୋପଯୋଗୀ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ଜିଲ୍ଲା ଆଦିବାସୀମାନଙ୍କ ତରଫରୁ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ କେନ୍ଦ୍ରର ଆନୁସଙ୍ଗିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ତୁରନ୍ତ ପ୍ରଶାସନିକ ଓ ଅଭିଜ୍ଞ ଅଫିସରମାନଙ୍କ ନିଯୁକ୍ତି ପାଇଁ ଅନୁରୋଧ କରି ଆଉ ଏକ ପତ୍ର ଲେଖିଛନ୍ତି ।

---

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

ଚଳିତ ଆର୍ଥିକ ବର୍ଷର ଜୁଲାଇ ଶେଷସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ୨୫,୨୦୬ ପରିବାର ଉପକୃତ ହୋଇଛନ୍ତି । ଏଥି ମଧ୍ୟରେ ୫,୩୩୨ଟି ତଫସିଲଭୁକ୍ତ ଜାତି ଓ ୭,୨୬୭ଟି ତଫସିଲଭୁକ୍ତ ସଂପ୍ରଦାୟ ପରିବାର ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ୧,୬୯୩ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯିବା ସଙ୍ଗେ ସଙ୍ଗେ ଜାତୀୟ ଗ୍ରାମ୍ୟ କର୍ମ ସଂସ୍ଥାନ କାର୍ଯ୍ୟକ୍ରମ ଅନୁଯାୟୀ ୨୧ ଲକ୍ଷ ୮୨ ହଜାର ଶ୍ରମଦିବସ ସୃଷ୍ଟି କରାଯାଇ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ ଉପାର୍ଜନ ସୁବିଧା ଯୋଗାଇ ଦିଆଯାଇଛି ।

ଜୁଲାଇ ଶେଷସୁଦ୍ଧା ମୋଟ୍ ୧୦,୫୨୦ ଟି ତଫସିଲଭୁକ୍ତ ଜାତି ଓ ୧୨,୨୪୨ ଟି ତଫସିଲଭୁକ୍ତ ସଂପ୍ରଦାୟ ପରିବାରଙ୍କୁ ଆର୍ଥିକ ସହାୟତା ଦିଆଯାଇଛି ।

---

## ନଡ଼ିଆ ଚାଷ ପାଇଁ କେନ୍ଦ୍ରୀୟ ଯୋଜନା

ଆମ ରାଜ୍ୟରେ ନଡ଼ିଆ ଚାଷ ପାଇଁ ଲୋକମାନଙ୍କୁ ସାହାଯ୍ୟ ଦେବା ସକାଶେ ଏକ ଯୋଜନା କେନ୍ଦ୍ର ନଡ଼ିଆ ଉନ୍ନୟନ ସଂସ୍ଥା ତରଫରୁ ମଞ୍ଜୁର କରାଯାଇ ଏ ସଂପର୍କରେ ଏହି ଉନ୍ନୟନ ସଂସ୍ଥାର ପ୍ରତିନିଧି କୃଷିମନ୍ତ୍ରୀ ଶ୍ରୀ ସୋମନାଥ ରଥଙ୍କ ସହ ରାଜ୍ୟ ସଚିବାଳୟଠାରେ ଆଲୋଚନା କରିଛନ୍ତି ।

ଆଲୋଚନାରୁ ପ୍ରକାଶ ଯେ ଏହି ଯୋଜନା ଅନୁଯାୟୀ ପ୍ରାୟ ୨୮୫ ହେକ୍ଟର ଜମିରେ ନଡ଼ିଆ ଚାଷ କରାଯିବ ଏବଂ ଏ ବାବଦରେ ଚାଷୀମାନଙ୍କୁ ହେକ୍ଟର ପ୍ରତି ୩ ହଜାର ଟଙ୍କା ସାହାଯ୍ୟ ଦିଆଯିବ । ଜଣ ପ୍ରତି ୧୫ ସେଣ୍ଟଠାରୁ ୨ ହେକ୍ଟର ଜମିରେ ନଡ଼ିଆ ଗଛ ଲଗାଇବା ପାଇଁ ସାହାଯ୍ୟ ମିଳିବ । ଚାଷୀମାନଙ୍କୁ ଖର୍ଚ୍ଚର ଶତକଡ଼ା ୪୫ ଭାଗ ଗଛ ଲଗାଇବା ବେଳେ ମିଳିବ ଏବଂ ଅବଶିଷ୍ଟ ଅର୍ଥ ୪ ବର୍ଷ ମଧ୍ୟରେ ୪ଟି କିସ୍ତିରେ ଦିଆଯିବ ।

ଉତ୍କଳ ଚାଷୀମାନେ ଏ ସମ୍ପର୍କରେ ରାଜ୍ୟ ଫଳ ଉଦ୍ୟାନ ନିର୍ଦ୍ଦେଶକ ଓ ଜିଲ୍ଲା ତଥା ସବ୍‌ଡିଭିଜନମାନଙ୍କରେ ଥିବା ଏହି ସଂସ୍ଥାର କର୍ମକର୍ତ୍ତାଙ୍କ ସହ ସହଯୋଗ ସ୍ଥାପନ କରିବା ଆବଶ୍ୟକ ।

ଆଲୋଚନାରୁ ଆହୁରି ପ୍ରକାଶ ଯେ ଏହି ସଂସ୍ଥା ଆନୁକୂଲ୍ୟରେ କୋଣାର୍କଠାରେ ୧୦୦ ଏକର ଜମିରେ ଏକ ନଡ଼ିଆ ଫାର୍ମ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ଜମି ଯୋଗାଇ ଦେବାକୁ କେନ୍ଦ୍ର ନଡ଼ିଆ ଉନ୍ନୟନ ସଂସ୍ଥା ଅନୁରୋଧ କରିଛନ୍ତି ।

ଏହି ଫାର୍ମରେ ଦେଶ ଓ ବିଦେଶରୁ ନଡ଼ିଆ ଚାରା ଅଣାଯାଇ ଲଗାଯିବ । ୫ ବର୍ଷ ମଧ୍ୟରେ ଏହି ଫାର୍ମରୁ ରାଜ୍ୟର ଅନ୍ୟସବୁ ଅଞ୍ଚଳକୁ ନଡ଼ିଆଚାରା ଯୋଗାଇ ଦିଆଯିବ । ଏହି ଫାର୍ମରେ ନଡ଼ିଆ ଚାଷର ପରିଚାଳନା, ପ୍ରୋସେସିଂ ଓ ମାର୍କେଟିଂ ଇତ୍ୟାଦି ସଂପର୍କରେ ଲୋକଙ୍କୁ ଶିକ୍ଷା ଦିଆଯିବ ।

---

## ରୋଗମୁକ୍ତ କୁଷ୍ଠରୋଗୀଙ୍କ ଥଇଥାନ ବ୍ୟବସ୍ଥା

ଅକ୍ଷମ ଓ ରୋଗମୁକ୍ତ କୁଷ୍ଠରୋଗୀଙ୍କ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ୫୩ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳରେ ପୁରୀଠାରେ ଏକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୮ ଲକ୍ଷ ୫୦ ହଜାର ଟଙ୍କା ସାହାଯ୍ୟ କରିବାକୁ ସମ୍ମତ ହୋଇଛନ୍ତି । ଏ ଦିଗରେ ସରକାର ଅନ୍ୟ ଏକ ଉଲ୍ଲେଖନୀୟ ତଥା ପ୍ରଗତିଶୀଳ ପଦକ୍ଷେପ ମଧ୍ୟ ନେଇଛନ୍ତି । ଏପରି ରୋଗୀଙ୍କୁ ବାର୍ଦ୍ଧକ୍ୟକାଳୀନ ଭତ୍ତା ପ୍ରଦାନ ଯୋଜନାର ପରିସରଭୁକ୍ତ କରିବା ନିମନ୍ତେ ମଧ୍ୟ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

ଗତବର୍ଷ ରାଜ୍ୟର ମୋଟ୍ ୩୮,୨୯୮ ଜଣ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ୩୭,୬୮୮ ଜଣ ରୋଗୀଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ଏହି ସମୟ ମଧ୍ୟରେ ୧୨,୧୭୫ ଜଣ ରୋଗୀଙ୍କୁ ବିଭିନ୍ନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିବା ପରେ ଛାଡ଼ିଦିଆଯାଇଥିଲା ।

କୁଷ୍ଠରୋଗର ନିରାକରଣ ଓ ରୋଗଗ୍ରସ୍ତ ଲୋକଙ୍କୁ ଅଧିକ ଚିକିତ୍ସା ସୁବିଧା ଦେବା ନିମନ୍ତେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ୧୯୮୩-୮୪ ସୁଦ୍ଧା ଆହୁରି ଗୋଟିଏ କୁଷ୍ଠ ନିୟନ୍ତ୍ରଣ ୟୁନିଟ୍, ୬ଟି ସହରାଞ୍ଚଳ କୁଷ୍ଠ କେନ୍ଦ୍ର, ୬ଟି ଅସ୍ଥାୟୀ ଓ୍ୱାର୍ଡ, ୫ଟି ଏସ୍. ଇ.ଟି. କେନ୍ଦ୍ର ଓ ୬ଟି ଜିଲ୍ଲା କୁଷ୍ଠ ୟୁନିଟ୍ ଖୋଲାଯାଇଛି । ଏହା ବ୍ୟତୀତ ଗୋଟିଏ କୁଷ୍ଠ ନିୟନ୍ତ୍ରଣ ୟୁନିଟ୍, ୨ଟି ସହରାଞ୍ଚଳ କୁଷ୍ଠ କେନ୍ଦ୍ର ଓ ଗୋଟିଏ କୁଷ୍ଠ ୟୁନିଟ୍ ଅପଗ୍ରେଡ୍ କରାଯିବା ସଙ୍ଗେ ସଙ୍ଗେ ୧୫ ଜଣ ଅଣ-ଡାକ୍ତରୀ ତତ୍ତ୍ୱାବଧାରକଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି ।

---

## ଫୁଲବାଣୀରେ ବ୍ୟାପକ ଘାସଚାଷ

ମରୁଡ଼ିଗ୍ରସ୍ତ ଫୁଲବାଣୀ ଜିଲ୍ଲାରେ କ୍ରମାଗତଭାବେ ଫସଲହାନୀ ହେଉଥିବାରୁ ଗାଁ ଗହଳର ଆଦିବାସୀ, ହରିଜନଙ୍କ ସମେତ ଗରିବ ଚାଷୀମାନଙ୍କୁ ଗୋ ପାଳନ ଭଳି ଲାଭଜନକ ଜୀବିକାରେ ଥଇଥାନ କରିବା ନିମନ୍ତେ 'ମରୁଡ଼ିଗ୍ରସ୍ତ ଅଞ୍ଚଳ କାର୍ଯ୍ୟକ୍ରମ' (ଡି. ପି. ଏ. ପି.) ଜରିଆରେ ଉଦ୍ୟମ କରାଯାଉଛି । ଗୋ ପାଳନ ନିମନ୍ତେ ଏହି ଚାଷୀମାନେ ଯେପରି ସୁବିଧାରେ ଗୋ ଖାଦ୍ୟ ପାଇପାରିବେ, ସେଥିପାଇଁ ଘାସଚାଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାର ୬୩୦ ଜଣ ଚାଷୀ ଉପକୃତ ହୋଇଛନ୍ତି । ଏହି ଚାଷୀମାନଙ୍କୁ ପଶୁପାଳନ ବିଭାଗ ତରଫରୁ ପ୍ରାୟ ୨୩ ହଜାର ଟଙ୍କା ମୂଲ୍ୟର ୨,୦୮୦ କେ: ଜି: ଉନ୍ନତ ଘାସ ମଞ୍ଜି ସମେତ ୮ ହଜାରରୁ ଅଧିକ ସୁବାବୁଲ ଓ ଅଗସ୍ତି ଚାରା ଯୋଗାଇ ଦିଆଯାଇ ୧୨୩ ଏକର ଜମିରେ ଉନ୍ନତ କିସମ ଘାସଚାଷ କରାଯାଉଛି । ଏହାଛଡ଼ା ଉନ୍ନତ ଗାଈ ରଖିଥିବା ପ୍ରାୟ ୧୩୭ ଜଣ ଗରିବ ଚାଷୀଙ୍କୁ ନିଜ ନିଜ ଜମିରେ ଘାସଚାଷ ନିମନ୍ତେ ୩ ହଜାର ଟଙ୍କା ମୂଲ୍ୟର ଆବଶ୍ୟକୀୟ ଘାସମଞ୍ଜି, ସାର ଏବଂ ଅନ୍ୟାନ୍ୟ ଉପାଦାନ ଯୋଗାଇ ଦିଆଯାଇଛି ।

ପଶୁପାଳନ ବିଭାଗର ଉଦ୍ୟମ ଫଳରେ ଗ୍ରାମାଞ୍ଚଳରେ ଘାସଚାଷ ପ୍ରତି ଲୋକମାନଙ୍କ ଆଗ୍ରହ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ କ୍ରମଶଃ ଅଧିକରୁ ଅଧିକ ଲୋକ ନିଜ ନିଜ ଜମିରେ ଘାସଚାଷ କରୁଛନ୍ତି ।

---

## ଫୁଲବାଣୀ ଜିଲ୍‌ରେ ଉନ୍ନୟନ କାର୍ଯ୍ୟକ୍ରମ ସମୀକ୍ଷା

ଫୁଲବାଣୀ ଜିଲ୍ଲା ଉନ୍ନୟନ କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ବିପିନ ବିହାରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗତ ଅଗଷ୍ଟ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇ ଖରିଫ୍ ସମେତ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷାରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ୧୯ ହଜାର ହେକ୍ଟର ଜମିରେ ଖରିଫ୍ କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତ ଜୁଲାଇ ସୁଦ୍ଧା ୧ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଖରିଫ୍ ଫସଲ କରାଯାଇଛି । ବର୍ତ୍ତମାନ ୮୪ ହଜାର ହେକ୍ଟର ଜମିରେ ଧାନ, ୨୯ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୬ ହଜାର ହେକ୍ଟର ଜମିରେ ତୈଳବୀଜ, ୧୦ ହଜାର ହେକ୍ଟର ଜମିରେ ପନିପରିବା ଏବଂ ୨ ହଜାର ହେକ୍ଟର ଜମିରେ ମସଲା ଜାତୀୟ ଫସଲ କରାଯାଉଛି । ପ୍ରଧାନ ମନ୍ତ୍ରୀଙ୍କ ବହୁଳ ଚାଷ କାର୍ଯ୍ୟକ୍ରମ ଏବଂ କେନ୍ଦ୍ରୀୟ ସହାୟତାରେ ଧାନ, ତୈଳବୀଜ ଓ ଡାଲି ଜାତୀୟ ଫସଲର ବହୁଳ ଚାଷ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରାୟ ୧୦ ହଜାରରୁ ଅଧିକ ଉନ୍ନତ ବିହନ ପ୍ୟାକେଟ୍ ଚାଷୀମାନଙ୍କ ମଧ୍ୟରେ ବଣ୍ଟାଯାଇଛି । ବିଭିନ୍ନ ଗ୍ରାମାଞ୍ଚଳରେ

୩୩୦ ହେକ୍ଟର ଜମିରେ ଧାନତଳି ପକାଯାଇ ଚାଷୀମାନଙ୍କୁ ଉନ୍ନତ ତଳି ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ଯୋଜନା ସମେତ ୮,୯୮ ଟି ସେଚକୂପ ଜରିଆରେ ୪୦ ହଜାର ହେକ୍ଟର ଖରିଫ୍ ଫସଲକୁ ଜଳସେଚନର ବ୍ୟବସ୍ଥା କରାଯାଇ ପାରିଛି । ଏଥି ମଧ୍ୟରୁ ଦୁଇଟି ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ୨୨ ହଜାର ହେକ୍ଟର ଏବଂ ୮୪ଟି କ୍ଷୁଦ୍ର ଜଳସେଚନ ଯୋଜନା ଦ୍ୱାରା ପ୍ରାୟ ୧୨ ହଜାର ହେକ୍ଟର ଖରିଫ୍ ଫସଲକୁ ଜଳ ଯୋଗାଇ ଦିଆଯାଇଛି । ଖରିଫ୍ କାର୍ଯ୍ୟକ୍ରମ ନିମନ୍ତେ ଗତ ବର୍ଷ ୧,୩୦ ଲକ୍ଷ ଟଙ୍କା କୃଷି ଋଣ ଦିଆଯାଇଥିବା ସ୍ଥଳେ ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ୧,୮୦ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ଚଳିତ ବର୍ଷ ଖରିଫ୍ କର୍ଯ୍ୟକ୍ରମ ପାଇଁ ୨,୫୦ ଲକ୍ଷ ଟଙ୍କା ଋଣ ପ୍ରଦାନ ଲକ୍ଷ୍ୟ ରହିଛି ।

ଶିଳ୍ପ ପ୍ରସାର କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ବର୍ଷ ୫ଟି କ୍ଷୁଦ୍ର ଶିଳ୍ପ ଓ ୮୨୪ଟି କାରିଗରୀଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରା-ଯାଇଛି । ପଲ୍ଲୀବସ୍ତ୍ର କାର୍ଯ୍ୟକ୍ରମ ଅନୁଯାୟୀ ଶଙ୍କରାଖୋଲ, ବାଲିଗୁଡ଼ା, ଟିକାବାଲି, ତୁମୁଡ଼ିବନ୍ଧ ଓ କଣ୍ଟାମାଳରେ ବ୍ୟାଙ୍କ ସହାୟତାରେ ଆଉ ୫ଟି ଏଭଳି କେନ୍ଦ୍ର ଚଳିତ ବର୍ଷ ଖୋଲା-ଯାଇ ଗାଁଗହଳର ମହିଳାମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯିବ । ଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୩-୮୪ରେ ୨୦୫ ଜଣଙ୍କୁ ୪୯ ଲକ୍ଷ ୯୪ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇଛି । ୧୯୮୪ ଜୁଲାଇ ସୁଦ୍ଧା ୧୬୨ ଜଣଙ୍କୁ ୨୨ଲକ୍ଷ ୯୧ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । ଗ୍ରାମ୍ୟ ବିଦ୍ୟୁତକରଣ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୬୬୬ଟି ଗ୍ରାମକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆ-ଯାଇଛି ଏବଂ ଚଳିତ ବର୍ଷ ୮୦ ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯିବ । ମାଛଚାଷ ଏକ ଲାଭଜନକ ଧନ୍ଦା ହୋଇଥିବାରୁ ଗରିବ ପରିବାରଗୁଡ଼ିକକୁ ଏ ଦିଗରେ ଥଇଥାନ ନିମନ୍ତେ ଉଦ୍ୟମ କରାଯାଉଛି । ଗତ ବର୍ଷ ୧୧୧ ଏକର ଆୟତନର ୧୨୮ ଟି ପୋଖରୀରେ ମାଛଚାଷ କରା-ଯାଇ ୨୧୮ଟି ଗରିବ ପରିବାରଙ୍କୁ ଥଇଥାନ କରାଯାଇଥିଲା । ଚଳିତ ବର୍ଷର ଧାର୍ଯ୍ୟ ଲକ୍ଷ୍ୟ ୩୨୭ଟି ପରିବାରଙ୍କ ମଧ୍ୟରୁ ୧୧୭ଟି ପରିବାରଙ୍କୁ ମାଛଚାଷରେ ଥଇଥାନ କରାଯାଇଛି । ଜଳସେଚନ ଯୋଜନାଗୁଡ଼ିକର ଜଳଭଣ୍ଡାରମାନଙ୍କରେ ମାଛଚାଷ କରାଯାଇ ଗରିବ ପରିବାରଙ୍କ ଥଇଥାନ ଦିଗରେ ଏବର୍ଷ ପ୍ରଥମ କରି ଉଦ୍ୟମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୮ଟି ଜଳସେଚନ ଯୋଜନା ଜଳ ଭଣ୍ଡାରରେ ୧୨୨ଟି ପରିବାରଙ୍କୁ ଥଇଥାନ କରାଯିବ । ମୃତ୍ତିକାକ୍ଷୟ ରୋକିବା ଉଦ୍ଦେଶ୍ୟରେ ହାତକୁ ନିଆ ଯାଉଥିବା ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ୬୦ ହେକ୍ଟର ଜମିରେ ବୃକ୍ଷ ରୋପଣ ସମେତ ଦରିଦ୍ରତମ ପରିବାରଙ୍କ ଥଇଥାନ ଉଦ୍ଦେଶ୍ୟରେ ୨୫୦ ହେକ୍ଟର ଜମି ଆବାଦ କରାଯାଇଛି । ଏହାଛଡ଼ା ୫,୨୦୦ ହେକ୍ଟର ଜମିର ମୃତ୍ତିକା ସର୍ଭେ ଏବଂ ୨୦୦ ହେକ୍ଟର ଜମିରେ ଆନ୍ତଃଚାଷ (ଇଣ୍ଟର କ୍ରପ୍) କରାଯାଇଛି ।

## ଅସବର୍ଣ୍ଣ ବିବାହ

ବର୍ଣ୍ଣବିଦ୍ୱେଷ ଭଳି ସାମାଜିକ କୁ-ସଂସ୍କାର ବିଲୋପ ଉଦ୍ଦେଶ୍ୟରେ ଅସବର୍ଣ୍ଣ ବିବାହକୁ ଉତ୍ସାହିତ କରାଯିବା ସଙ୍ଗେ ସଙ୍ଗେ ଅସବର୍ଣ୍ଣ ବିବାହ କରିଥିବା ପ୍ରତ୍ୟେକ ନବଦମ୍ପତିଙ୍କୁ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ତରଫରୁ ୩ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଉଛି । ୧୯୮୩-୮୪ ମସିହାରେ ନବବିବାହିତ ଏଭଳି ୪ଟି ଦଂପତିଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆର୍ଥିକ ସାହାଯ୍ୟ ପାଇଁ ଚଳିତ ବର୍ଷ ଏଭଳି ଏକ ଦଂପତିଙ୍କଠାରୁ ମିଳିଥିବା ଦରଖାସ୍ତ ବର୍ତ୍ତମାନ ବିଚାରାଧୀନ ଅଛି । ସମାଜରୁ ଜାତିଗତ ଭେଦାଭେଦ ଦୂର କରିବା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ କ୍ରମଶଃ ଲୋକପ୍ରିୟ ହେବାର ଲକ୍ଷ୍ୟ କରାଯାଉଛି ।

---

## ଓଡ଼ିଶା ସମୃଦ୍ଧିର ପାହାଚରେ

କେନ୍ଦ୍ରୀୟ ପରିସଂଖ୍ୟାନ ସଂଗଠନର ଏକ ସଂକଳନରୁ ଜଣା ଯାଇଛି ଯେ ଓଡ଼ିଶାର ନୀଟ୍ ଜାତୀୟ ଉତ୍ପାଦନ ୧୯୭୯-୮୦ ରେ ୨,୧୭୪ କୋଟି ଥିବା ସ୍ଥଳେ ୧୯୮୧-୮୨ରେ ଏହା ୩,୪୮୨ କୋଟିକୁ ଆଶାତୀତ ଭାବେ ବୃଦ୍ଧି ଲାଭ କରି ରେକର୍ଡ ସୃଷ୍ଟି କରିଛି । ଏହି ସମୟ ମଧ୍ୟରେ ଓଡ଼ିଶାର ମୁଣ୍ଡ ପିଛା ଆୟ ୮୪୭.୫ରୁ ୧,୩୦୮.୨ ଟଙ୍କାକୁ ମଧ୍ୟ ବୃଦ୍ଧି ଲାଭ କରିଛି ।

୧୯୭୮-୭୯ ଓ ୧୯୭୯-୮୦ ମଧ୍ୟରେ ଉଭୟ ନୀଟ୍ ଦେଶୀୟ ଉତ୍ପାଦନ ଓ ମୁଣ୍ଡପିଛା ଆୟ ହ୍ରାସ ପାଇଥିବା ସ୍ଥଳେ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟିଛି । ୧୯୭୮-୭୯ରେ ନୀଟ୍ ଦେଶୀୟ ଉପାଦନ ୨,୧୯୮ କୋଟି ଥିବା ସ୍ଥଳେ ୧୯୭୯-୮୦ରେ ଏହା ୨,୧୭୪କୁ ହ୍ରାସ ପାଇ-ଥିଲା । ଏହି ସମୟ ମଧ୍ୟରେ ମୁଣ୍ଡ ପିଛା ଆୟ ମଧ୍ୟ ୮୭୨.୯ରୁ ୮୪୭.୫ କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

କେନ୍ଦ୍ରୀୟ ପରିସଂଖ୍ୟାନ ସଂଗଠନର ହିସାବ ଅନୁଯାୟୀ ୧୯୭୯-୮୦ ଓ ୧୯୮୧-୮୨ରେ କୃଷି ଉତ୍ପାଦନ ଯଥାକ୍ରମେ ୧,୦୯୫ କୋଟିରୁ ୨,୦୨୩ କୋଟି ଟଙ୍କାକୁ ବୃଦ୍ଧି ଲାଭ କରିଛି ।

୧୯୮୦ରେ ଆନ୍ତର୍ଜାତିକ ପର୍ଯ୍ୟଟକ ସଂଖ୍ୟା ୨୩,୯୪୧ ଥିବା ସ୍ଥଳେ ୧୯୮୩ ସୁଦ୍ଧା ପର୍ଯ୍ୟଟକ ସଂଖ୍ୟା ପ୍ରାୟ ୩୦,୦୦୦କୁ ବୃଦ୍ଧି ପାଇଛି । ଅନ୍ୟାନ୍ୟ ରାଜ୍ୟଗୁଡ଼ିକରୁ ଆସିଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୧୯୮୦ରେ ୧.୯ ଲକ୍ଷ ଥିଲା ଏବଂ ଏହା ପ୍ରାୟ ୭.୫ ଲକ୍ଷକୁ ବୃଦ୍ଧି ପାଇଛି ।

# ବିକାଶ କାହାଣୀ ...

# ଗରିବର ସାହା

ଶ୍ରୀ ତାଜୁଦ୍ଦିନ ଅହେମ୍ମଦ

ଭୁବନେଶ୍ୱରଠାରୁ ଅଳ୍ପ ଦୂରରେ ମେଣ୍ଢାଶାଳ ଗାଁରେ ରହେ ବିଭୁଧେନ୍ଦ୍ର ଦାସ । ବୟସ ତାର ଅଠତିରିଶ । ଛୋଟ ପରିବାରଟିରେ ସ୍ତ୍ରୀ ଲକ୍ଷ୍ମୀଦେଈ ଓ ବୁଢୀ ମା'ଟିଏ । ପୈତୃକ ସଂପତ୍ତି ତା'ର ନିହାତି ଅଳ୍ପ–କିଛି ଦିପ ଜମି ମାତ୍ର । ଚଳଣି ଭାରି ଅଭାବ । ତା'ରି ଉପରେ ଆଉ ଦୁଇପ୍ରାଣୀ କୁଟୁମ୍ବ ବନ୍ଧା । ସିଏ ରୋଜଗାର କରି ଆଣିଲେ–ଘରେ ଚୁଲି ଜଳିବ ନହେଲେ ସମସ୍ତେ ଉପାସ ।

ସକାଳୁ ଉଠି ବିଭୁ କାମ ଖୋଜେ । ମୂଲ ଲଗି କିଛି ଆଣିଲେ ସେ ଦିନର ଅନ୍ନଚିନ୍ତା ଦୂର ହେବ । ସକାଳ ପହରରୁ ସଂଧ୍ୟା ହେବା ଯାଏ ମୁଣ୍ଡ ଝାଳ ତୁଣ୍ଡରେ ମାରେ । କି ବର୍ଷା, କି ଶୀତ, କି ଗ୍ରୀଷ୍ମ ସବୁ ଋତୁରେ ତା'ର ହାଡ଼ଭଙ୍ଗା ଖଟଣୀ, କଠିନ ପରିଶ୍ରମ । ଅବିଶ୍ରାନ୍ତ ଖଟଣୀ ପରେ କଂସାଏ ପଖାଳ ଖାଇଦେଇ ରାତିରେ ସେ ଶୋଇପଡ଼େ । ବାହାର ଦୁନିଆ କଥା, ମଉଜ ମଜଲିସ୍ କଥା ଜାଣିବା ପାଇଁ କି ବୁଝିବା ପାଇଁ ତା'ର ଫୁରସତ କାହିଁ ? ଜୀବନରେ ନା'ଗ ସୁଖ ସରାଗ କ'ଣ, ଟିକିଏ ହେଲେ ଜାଣି ପାରେ ନାହିଁ । ସିଏ ଭାବେ, ଜୀବନଟା କ'ଣ ଏମିତି କଟିଯିବ ? ଆମର ଦୁଃଖ ଘୁଞ୍ଚାଇବା ପାଇଁ କଣ କେହି ଟିକିଏ ସାହା ଭରସା ନାହାନ୍ତି ?

ତା'ରି ଏଇ ଦୁଃଖ ଦେଖି, ଗାଁର ଜଣେ ଦୟାଳୁ ଭଦ୍ରବ୍ୟକ୍ତି ତା'କୁ ସମ୍ବଲପୁର ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ରାନ୍ଧୁଣିଆ କରି ରଖିଦେଲେ । ମାତ୍ର ସେ ଚାକିରୀ ମଧ୍ୟ ଅଳ୍ପଦିନ ପରେ ଚାଲିଗଲା । ବିଭୁ ଫେରି ଆସିଲା ଗାଁକୁ । କିଛି ଦିନ ପରେ ଭୁବନେଶ୍ୱରର ନିକଟ ଶିଶୁପୁରରେ ଗୋଟିଏ ହୋଟେଲରେ ରୋଷେୟା ହୋଇ ରହିଲା । ନିଜର ଅର୍ଜିତ ଧନରୁ କିଛି କିଛି ସଞ୍ଚୟ କରି ରଖିଲା । ସେଠାରେ ତା'ର ଶରୀର ଅସୁସ୍ଥ ହେବାରୁ ଅଳ୍ପ ଦିନ ପରେ ଚାକିରି ଛାଡ଼ି ଗାଁକୁ ଚାଲି ଆସିଲା । ଗାଁରେ ରୋଗର ଚିକିତ୍ସା କରାଇଲା ଏବଂ କିଛିଦିନ ପରେ ସୁସ୍ଥ ହେଲା । ଏଥରକ ବିଭୁ ଏକବାର ହତାଶ ହୋଇ ପଡ଼ିଲା । ଗାଁ'ରେ ପୁଣି ସେହି ଅନ୍ନଚିନ୍ତା, ଅଭାବ ଓ ହତାଶା ତା'କୁ ଘେରିଗଲା । ଶାଶୁଙ୍କ ପରାମର୍ଶରେ ବିଭୁ ଛୋଟ ଠେଲାଗାଡ଼ିଟିଏ କରି ବୁଟଚଣା, ଚିନାବାଦାମ ଓ ବାରମଜା ବିକ୍ରି କରିବାକୁ ଲାଗିଲା । ସ୍କୁଲ ସମୟରେ ସ୍କୁଲ ପିଲାଙ୍କୁ ବିକ୍ରୟ କରେ ଏବଂ ଅନ୍ୟ ସମୟରେ ବଜାରରେ ବିକ୍ରି କରେ ।

ଏହିଭଳିଭାବରେ ଅକ୍ଳାନ୍ତ ପରିଶ୍ରମ କରି ବିଭୁ ଦିନକୁ ମାତ୍ର ଦଶଟଙ୍କା ରୋଜଗାର କରେ । ଦୁଃଖକଷ୍ଟରେ ନିଜର ସୀମିତ ଆୟରେ ଛୋଟ ପରିବାରଟିକୁ ଚଳାଏ । ତା'ର ଦିନେ ଯେ ଅଧିକ ରୋଜଗାର ହେବ ଓ ଆର୍ଥିକ ଅବସ୍ଥା ବଦଳିଯିବ; ଏକଥା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ।

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଆଇ: ଆର୍ : ଡି : ପି : କାର୍ଯ୍ୟକ୍ରମରେ ତାକୁ ସାହାଯ୍ୟ କରିବା ପାଇଁ ବଛାଗଲା । ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବାର୍ଷିକ ଆୟ ତିନିହଜାର ସେମାନଙ୍କୁ ଆଇ. ଆର. ଡି. ପି. କାର୍ଯ୍ୟକ୍ରମ ଜରିଆରେ ଋଣ ଯୋଗାଇ ଦଆଯାଇଥାଏ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଷ୍ଟେଟ୍‌ବ୍ୟାଙ୍କ ତରଫରୁ ବିଭୁକୁ ୧୯୮୧ ମସିହାରେ ପ୍ରଥମେ ତିନିହଜାର ଟଙ୍କା ଋଣ ମଞ୍ଜୁର କରାଯାଇ, ତା'କୁ ଗୋଟିଏ ଜର୍ସିଗାଈ ଯୋଗାଇ ଦିଆଗଲା । ଏହି ଋଣରୁ ସବ୍‌ସିଡି ବାବଦରେ ଥିବା ଅର୍ଥ ବିଭୁଧେନ୍ଦ୍ରକୁ ସୁଝିବାକୁ ପଡ଼ିଲା ନାହିଁ । ଏହାର ପରିମାଣ ପ୍ରାୟ ଏଗାର ଶହ ଟଙ୍କା ।

ବର୍ତ୍ତମାନ ବିଭୁ ମହାଖୁସି । ତା'ର ସ୍ତ୍ରୀ ଓ ଶାଶୁ ଗାଈର ସେବା ଯତ୍ନରେ ଲାଗି ପଡ଼ିଲେ; ପ୍ରତିଦିନ ବଜାରରେ କ୍ଷୀର ବିକ୍ରି କରି ବିଭୁ ଭଲ ଦୁଇପଇସା ଲାଭ କଲା । ଲାଭ ପଇସାରୁ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ କିଛି କିଛି ଭବିଷ୍ୟତ ପାଇଁ ସଞ୍ଚୟ କଲା । ଏମିତି ଦିନଗଡ଼ି ଚାଲିଲା । ବିଭୁର ଜର୍ସି ଗାଈଟି ପୁଣି ଫଳବତୀ ହୋଇ ମାଈ ବାଛୁରୀଟିଏ ଜନ୍ମକଲା । ବର୍ତ୍ତମାନ ସୁଦ୍ଧା ବିଭୁ ପାଞ୍ଚଟି ଜର୍ସିଗାଈର ମାଲିକ ଏବଂ ଏଥିରୁ ସେ ବେଶ୍ ସୁଖସ୍ୱଚ୍ଛନ୍ଦରେ ଚଳିଯାଉଛି । ତା'ର ପୂର୍ବର ନିରାଶ ଓ ହତାଶାଭାବ ଆଉ ମନରେ ନାହିଁ ।

ବିଭୁ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ମେଢ଼ାଂଶାଳ ବଜାରରେ ଛୋଟ ହୋଟେଲଟିଏ ମଧ୍ୟ କରିଛି । ଯେଉଁ ବିଭୁ ଦିନେ ନିଜର ଅନ୍ନ ଗଣ୍ଡାକ ପାଇଁ ବ୍ୟସ୍ତ ହେଉଥିଲା ସରକାରଙ୍କ ଫଳପ୍ରଦ ବଦାନ୍ୟ ସାହାଯ୍ୟ ଫଳରେ, ଆଜି ସେ ଅନ୍ୟକୁ ତା' ହୋଟେଲରେ ଅନ୍ନ-ବ୍ୟଞ୍ଜନ ଯୋଗାଉଛି । ବର୍ତ୍ତମାନ ହୋଟେଲରେ ସେ ଆଉ ଗୋଟିଏ ଲୋକକୁ ମଧ୍ୟ ନିଯୁକ୍ତି ଦେଇଛି । ନିଜର ଗାଈ ଓ ହୋଟେଲ ବ୍ୟବସାୟ ଦୁଇଟିକୁ ସେ ସଫଳତାର ସହ ପରିଚାଳନା କରିଛି । ଭବିଷ୍ୟତରେ ସେ ତା'ର ବ୍ୟବସାୟରେ ଆହୁରି ଉନ୍ନତି କରିବ, ଏହି ଦୃଢ଼ ମନୋବଳ ଓ ଆତ୍ମ ବିଶ୍ୱାସ ତା'ର ରହିଛି । ବିଭୁ ଜୀବନରେ ଆସିଛି ଲକ୍ଷ୍ମଗତି ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଖୋର୍ଦ୍ଧା, ଜି. ପୁରୀ

# ଜୀବନ ସଂଗ୍ରାମ

ଶ୍ରୀ ଦାମୋଦର ପାଢ଼ୀ

ନନ୍ଦପୁର ବ୍ଲକ୍ ବିଲପୁଟ୍ ଗ୍ରାମପଞ୍ଚାୟତର କଲପୁଟ ଗାଁରେ ୩୫ ବର୍ଷ ବୟସ୍କ ଯୁବକ ବିପଲସେଲି ଆଜକୁ ୨୦ ବର୍ଷ ହେଲା ଭଣ୍ଡାରୀ ବୃତିକରି ବହୁ କଷ୍ଟରେ ଜୀବନଯାପନ କରି ଆସୁଥିଲା । ସଦାବେଳେ ଅଭାବ । ଦାଣ୍ଡ ଦ୍ୱାର ବୁଲି ବୁଲି ବାଳ କାଟି ଯାହା କିଛି ରୋଜଗାର କରୁଥିଲା, ସେଥିରେ ପରିବାର ଚଳାଏ । ଘରଦ୍ୱାର କି ଜମିବାଡ଼ି କିଛି ନାହିଁ । ଆନ୍ଧ୍ର ଛାଡ଼ି ଓଡ଼ିଶାରେ ବସବାସ କରିବା ୨୦ ବର୍ଷ ହେଲା । ଏମିତି ଦିନ ବିତାଇ ଆସୁଥିଲା । ସେଲୁନ୍‌ଟିଏ କରିବାକୁ ତାର ସମ୍ବଳ ନଥିଲା । ଗୋଟିଏ ବୋଲି ପୁଅ । ବର୍ତ୍ତମାନ ସ୍ତ୍ରୀ ଓ ପୁଅସହ ସେଠାରେ ଗୋଟିଏ ଯୋଜନାର ଅସ୍ଥାୟୀ ଘରେ ରହୁଛି । ଇତି ମଧ୍ୟରେ ସରକାରଙ୍କ ନୂତନ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମ ସୁଦୂର ପଲ୍ଲୀକୁ ବ୍ଲକ୍ ମାଧ୍ୟମରେ ସଂପ୍ରସାରିତ ହେବାରୁ ଗ୍ରାମବାସୀଙ୍କଦ୍ୱାରା ତାକୁ ବଛାଗଲା । କୋରାପୁଟ ଗ୍ରାମଉନ୍ନୟନ ସଂସ୍ଥାର ଅର୍ଥ ଲଗାଣ ଦ୍ୱାରା କଲପୁଟ ପଞ୍ଚବଟୀ ଗ୍ରାମ୍ୟ ବ୍ୟାଙ୍କ୍, ବିପଲସେଲିକୁ ୩,୦୦୦ ଟଙ୍କାର ଆର୍ଥିକ ଋଣ ପ୍ରଦାନ କଲେ । ଏ ଟଙ୍କାରେ ସେଲୁନ୍ କରିବାକୁ ତାକୁ ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରପାତି ଯୋଗାଇ ଦିଆଗଲା । ୧୯୮୩ ଜୁନ୍ ୨୫ ତାରିଖଠାରୁ ତା' ସେଲୁନ୍‌କୁ ଲୋକମାନଙ୍କର ଭିଡ଼ ଲାଗିଲା । ଏବେ ସେ ଦୈନିକ ହାରାହାରି ୧୦ଟଙ୍କା ରୋଜଗାର କରୁଛି ।

ପ୍ରତି ମାସରେ ଏକତୃତୀୟାଂଶ ଋଣ ବାବଦକୁ ଟଙ୍କା ପଇଠ କରିବାକୁ ପଞ୍ଚବଟୀ ଗ୍ରାମ୍ୟବ୍ୟାଙ୍କ୍‌କୁ ଯାଉଛି । ତାକୁ ୩,୦୦୦ ଟଙ୍କା ଋଣ ପାଇଁ ଇ. ଆର୍. ଆର୍. ପି. ଯୋଜନାରେ କେବଳ ୭୫୦ ଟଙ୍କା ଋଣ ସୁଧସହ ଶୁଝିବାକୁ ପଡ଼ିବ ଓ ୨,୨୫୦ଟଙ୍କା ରିହାତି ବାବଦକୁ କଟିଯିବ । ଏ ମଧ୍ୟରେ ସେ ଅଧେ ଟଙ୍କା ପରିଶୋଧ କରି ଦେଲାଣି । ସେଲୁନର ଆଦାୟ ସହ ନିଜର ଏକମାତ୍ର ପୁଅକୁ ପାଠ ପଢ଼ାଇବାରେ ସେ ମନ ବଳାଇଛି ଓ ଏ ବର୍ଷ ତା ପୁଅ ନବମ ଶ୍ରେଣୀରେ ପଢୁଛି । ରୋଜଗାର କରି ସୁଖରେ ଚଳୁଛନ୍ତି । ରେଡ଼ିଓଟି କିଣି ସେଲୁନ୍‌ରେ ରଖିଛି ଓ ଭଲ ଲୁଗା, ପଟା ପିନ୍ଧି ଦିନ କଟାଉଛି ।

ଅନୁବିଭାଗୀୟ ସୂଚନା ଓ ଲୋକସଂପର୍କ
ଅଧିକାରୀ (ସଦର)
କୋରାପୁଟ

# ରାୟଗଡ଼ାଠାରେ ଫଳବୃକ୍ଷ ରୋପଣ

ଚଳିତ ବର୍ଷ ରାୟଗଡ଼ା ଉଦ୍ୟାନ ବିଭାଗ ଦ୍ୱାରା ବ୍ୟାପକ ଫଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରଧାନ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫଳବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଯାୟୀ ସବ୍‌ଡ଼ିଭିଜନର ୪ଟି ପଞ୍ଚାୟତ ସମିତି ଅଞ୍ଚଳରେ ଛୋଟ ଚାଷୀ, ନାମମାତ୍ର ଚାଷୀ, ଗରିବ ଆଦିବାସୀ ଓ ହରିଜନମାନଙ୍କୁ ୨୫ ଡେସିମିଲ୍ ଜମିରେ ବଗିଚା କରିବା ପାଇଁ ବିଭିନ୍ନ ଫଳବୃକ୍ଷର କଲମୀ ଚାରା, ସାର ଓ ଔଷଧ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି । ପ୍ରତ୍ୟେକ ବ୍ଲକରୁ ୪୦ଟି ପରିବାରଙ୍କୁ ଏହି ସାହାଯ୍ୟ ଦେବା ପାଇଁ ସ୍ଥିର ହୋଇଛି । ଗତ ୨ ମାସ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ହୋଇ ପାରିଛି । ବର୍ତ୍ତମାନ ସୁଦ୍ଧା ୧୬୦ ଟି ପରିବାର ଏହି ସାହାଯ୍ୟ ପାଇଛନ୍ତି । ଏଥିପାଇଁ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ( କୋରାପୁଟ ଡି. ଆର. ଡି. ଏ. ) ଟ୪୦,୦୦୦ଙ୍କା ଆର୍ଥିକ ସାହାଯ୍ୟ ଯୋଗାଇଛନ୍ତି । ସେହିପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ ମୋଟ ୭୦୦ ଗରିବ ଆଦିବାସୀଙ୍କ ଜମିରେ ପ୍ରତ୍ୟେକେ ୨୫ ଡେସିମିଲ ଜମିରେ ଫଳ ବଗିଚା କରିବା ପାଇଁ ଲକ୍ଷ୍ୟ ରଖାଯାଇ ଅଦ୍ୟାବଧି ୬୫୪ ଜଣ ଆଦିବାସୀଙ୍କ ଜମିରେ ଫଳବୃକ୍ଷ ରୋପଣ କରାଯାଇଛି । ଚାରା, ସାର ଓ ଔଷଧ ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି । ଏଥିପାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ମୋଟ ଟ୩,୫୦,୦୦୦ଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟାରମ୍ଭ ହୋଇଛି ।

ଏହା ବ୍ୟତୀତ ଘର ବାଡ଼ିରେ ଫଳବୃକ୍ଷ ରୋପଣ ଯୋଜନାରେ ଗରିବ ଆଦିବାସୀମାନଙ୍କୁ ପ୍ରତ୍ୟେକେ ୫ଟି କରି ଫଳବୃକ୍ଷ ଚାରା ଯଥା: ଲେମ୍ବୁ, ନଡ଼ିଆ, ପଣସ, କମଳା, ଆମ୍ବ ଇତ୍ୟାଦି ସହ ସାର ଓ ଔଷଧ ଯୋଗାଇ ଦିଆଯାଇଛି । ଲକ୍ଷ୍ୟ ରଖା ଯାଇଥିବା ୪୦୦ଟି ପରିବାର ମଧ୍ୟରୁ ୨୮୦ ଜଣଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ ଚାରାଗଛ ଓ ସାର ଇତ୍ୟାଦି ଯୋଗାଇ ଦିଆଯାଇଛି । ଏଥିପାଇଁ ୪୦ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

ଏ ଅଞ୍ଚଳରେ ବିଭିନ୍ନ ପରିକଳ୍ପନା ଅନୁଯାୟୀ ଆମ୍ବ ଚାରା ୨,୫୦୦ଟି, ନଡ଼ିଆ ୫,୦୦୦ଟି, ଲେମ୍ବୁ ୨,୫୦୦ଟି କମଳା ୮,୦୦୦ ଟି, ପିଜୁଳି ୧,୦୦୦ ଟି ଓ ଅନ୍ୟାନ୍ୟ ଫଳଚାରା ୫,୦୦୦ଟି, ମୋଟ ୧୬,୮୦୦ଟି ଚାରା ରୋପଣ କରାଯାଇଛି । ଫଳବୃକ୍ଷ ରୋପଣ ପାଇଁ ଆଦିବାସୀଙ୍କ ମଧ୍ୟରେ ସଂପ୍ରତି ଖୁବ୍ ଆଗ୍ରହ ପ୍ରକାଶ ପାଇଛି । କାରଣ ଆଦିବାସୀମାନେ ଫଳବୃକ୍ଷ ନଷ୍ଟ କରନ୍ତି ନାହିଁ ।

---

OGP—MP.VI (I. & P. R.) 60—50,000—25-9-1984



P.M. WITH
MOROCCO INDUSTRY
MINISTER


NDIA ISLAMIC CULTURAL CENTRE
FOUNDATION STONE LAID BY
HON'BLE SHRIMATI INDIRA GANDHI
PRIME MINISTER OF INDIA
ON
FRIDAY, AUGUST 24, 1984.

Vol. XLI No. 2 & 3 UTKAL PRASANGA Regd. No. O-05 84
Licence No. C. R. N. P. 5—Licensed to post without Pre-Payment

P.M. ADDRESSING NATION ON AUG-15







CAUSTIC SODA FACTORY INAUGURATION

ADDRESSING NATIONAL AWARDWINNER TEACHERS

